

ଆର୍ଯ୍ୟନଙ୍କ ମାଷ୍ଟର୍ ପ୍ଲାନ୍

▶ପୃଷ୍ଠା ୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-137 ♦THURSDAY ♦13 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୭ ♦ଗୁରୁବାର ♦୧୩ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


**୧୦/୧୧ ବିସ୍ଫୋରଣ**

# ୩୭ ଦିନର ଷଡ଼ଯନ୍ତ୍ର

## ବିବାହ କାର୍ଯ୍ୟକ୍ରମରେ ଗଠନ ହୋଇଥିଲା ଆତଙ୍କୀ ଗ୍ରୁପ୍





ଏଲ୍ଏନ୍‌ଜେପି ହସ୍ପିଟାଲ୍‌ରେ ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## ବିସ୍ଫୋରଣକୁ ନିନ୍ଦା କରି କେନ୍ଦ୍ର କ୍ୟାବିନେଟରେ ପ୍ରସ୍ତାବ ଗୃହୀତ

- ଘଟଣା ସହ ଜଡ଼ିତ ଥିଲେ ପାକିସ୍ତାନୀ ହ୍ୟାଣ୍ଡଲର୍
- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା କମିଟି ବୈଠକ
- ଘଟଣାକୁ 'ଆତଙ୍କୀ ଆକ୍ରମଣ' ଘୋଷଣା କଲା କେନ୍ଦ୍ର

■ **ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି):** ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ (୧୦/୧୧) ଘଟଣାକୁ 'ଆତଙ୍କୀ ଆକ୍ରମଣ' ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର। ଏହି ଘଟଣା ପଛରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ)ର 'ନୂଆ ହ୍ୱାଇଟ କଲାର ଟେରର ମଡ୍ୟୁଲୋ'ର ପର୍ଦ୍ଦାଫାସ ହୋଇଛି। ଏହି ମଡ୍ୟୁଲ୍‌ରେ ପେଶାଦାର ଡାକ୍ତର ସାମିଲ ଥିବା ସହ ପାକିସ୍ତାନୀ ହ୍ୟାଣ୍ଡଲର୍ସ ସହ ଯୋଗାଯୋଗରେ ଥିଲେ। ହରିୟାଣାର ଫରିଦାବାଦ, ଜମ୍ମୁ-କଶ୍ମୀରର ପୁଲୱାମା ଏବଂ ଉତ୍ତର ପ୍ରଦେଶର ସହାରନପୁର ସହିତ ଅନେକ ଅଞ୍ଚଳରେ ଏହି ମଡ୍ୟୁଲ୍ କାମ କରୁଥିଲା।

ବୁଧବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୦/୧୧ ବିସ୍ଫୋରଣକୁ ନିନ୍ଦା କରାଯାଇ ପ୍ରସ୍ତାବ ଗୃହିତ ହୋଇଛି। ଏହି ବିସ୍ଫୋରଣକୁ ଅତ୍ୟନ୍ତ ଘୃଣ୍ୟ ଏବଂ କାପୁରୁଷତାପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯିବା ସହ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଆପଣାଇବାର ନୀତି ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ପୁଣି ଦୋହରାଇଛନ୍ତି ସରକାର। ଆକ୍ରମଣକୁ ବିଶ୍ୱର ଅନେକ ସରକାରଙ୍କ ନିନ୍ଦା ଏବଂ ସମର୍ଥନପୂର୍ଣ୍ଣ ବିବୃତିକୁ କ୍ୟାବିନେଟ୍ ମଧ୍ୟ ପ୍ରଶଂସା କରିଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ଏବଂ ସେମାନଙ୍କ ପ୍ରାୟୋଜକମାନଙ୍କୁ ଚିହ୍ନଟ କରାଯାଇ ଅବିଳମ୍ବେ ଦଣ୍ଡ ଦେବାକୁ ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

ଦିଲ୍ଲୀ ବିସ୍ଫୋରଣର ୩୭ ଦିନ ପୂର୍ବରୁ ଅକ୍ଟୋବର ୪ରେ ଏଥିସହିତ ସମ୍ପୃକ୍ତ ଗୋଷ୍ଠୀ ସକ୍ରିୟ ହୋଇଥିଲା। ସାହରନପୁରର ଏକ ବିବାହରେ ସବୁ ଆତଙ୍କୀ ଏକତ୍ରିତ ହୋଇ ଟେଲିଗ୍ରାମ୍ ଆପ୍‌ରେ ଏକ ଗ୍ରୁପ୍ ଆରମ୍ଭ କରିଥିଲେ। ଏହା ପରେ ସେନାକୁ ଧମକାଉଥିବା ପୋଷ୍ଟର, ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ପାଣ୍ଠି ସଂଗ୍ରହ ପାଇଁ ନେଟୱର୍କ ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ଥର ପାଇଁ ଅକ୍ଟୋବର ▶ପୃଷ୍ଠା-୭

## ଟାର୍ଗେଟ୍ ଥିଲା ଡିସେମ୍ବର ୬

**ବାହାରିଲା ତୁର୍କୀ, ଆଫଗାନିସ୍ତାନ ସହ ଉମର୍‌ର ଲିଙ୍କ୍**

ଦିଲ୍ଲୀ ବିସ୍ଫୋରଣ ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ବିସ୍ଫୋରକ ଭର୍ତ୍ତି କାର୍ ଚଲାଇ ନିଜକୁ ଲାଲକିଲ୍ଲା ନିକଟରେ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ଡ. ଉମର ନବି ଲିଙ୍କ ଆଫଗାନିସ୍ତାନ ଏବଂ ତୁର୍କୀକୁ ଲମ୍ବିଛି। ସେହିପରି ସେ ଡିସେମ୍ବର ୬ରେ ସିରିଜ୍ ବିସ୍ଫୋରଣ କରିବାକୁ ଚାହୁଁଥିଲା; କାରଣ ଏହି ଦିନ ବାବ୍ରୀ ମସ୍‌ଜିଦ ଧ୍ୱଂସ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସେ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଥିଲା। କିନ୍ତୁ ୩ ଡାକ୍ତରଙ୍କ ସହ ବିସ୍ଫୋରକ ଜବତ ହେବା ପରେ ବିଚଳିତ ହୋଇ ସେ ଲାଲ୍‌କିଲ୍ଲାରେ ବିସ୍ଫୋରଣ ଘଟାଇଥିବା କୁହାଯାଉଛି। ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ ଉମର୍‌ର ବିଦେଶୀ ଲିଙ୍କ୍ ସାମ୍ନାକୁ ଆସିଛି। ତୁର୍କୀ ଏବଂ ଆଫଗାନିସ୍ତାନର ନଙ୍ଗରହାରରେ ଥିବା ହ୍ୟାଣ୍ଡଲରଙ୍କ ସହ ନବି ଯୋଗାଯୋଗରେ ଥିଲା। ଡ. ମୁଜାମିଲ ଏବଂ ଡ. ଉମର୍‌ର ପାସପୋର୍ଟରୁ ଏହି ଦୁଇଜଣ ତୁର୍କୀ ଗସ୍ତ କରିଥିବାର ପ୍ରମାଣ ମିଳିଛି। ତୁର୍କୀ ଏବଂ ନଙ୍ଗରହାରରେ ବସିଥିବା ଆତଙ୍କବାଦୀଙ୍କ ସଙ୍କେତରେ ଏହି ଆକ୍ରମଣ ହୋଇଥିଲା ବୋଲି କୁହାଯାଉଛି। ଏହି ହ୍ୟାଣ୍ଡଲରମାନେ କ୍ରମାଗତ ଭାବେ ଉମର୍ ସହ ଯୋଗାଯୋଗରେ ଥିଲେ। ଏହି ଡାକ୍ତର ମଡ୍ୟୁଲୋ ବିଷୟରେ ଉଭୟେ ତାଙ୍କ ହ୍ୟାଣ୍ଡଲରଙ୍କୁ ସୂଚନା ଦେଉଥିଲେ। ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ହ୍ୟାଣ୍ଡଲର୍‌ମାନଙ୍କ ସହ ଯୋଗାଯୋଗ କରାଯାଉଥିଲା।

**ବିହାର ନିର୍ବାଚନ ଏକ୍‌ଜିଟ୍ ପୋଲ୍‌କୁ ନେଇ ସଂଶୟ**

# ୭ ନିର୍ବାଚନ; ୬ଟିରେ ଆକଳନ ଭୁଲ୍



**ବିହାରରେ ୪ଟି ନିର୍ବାଚନରେ ସଠିକ ହୋଇନାହିଁ ଏକଜିଟ୍ ପୋଲ୍**

**ଏନ୍‌ଡିଏ ଜିତିଲେ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ନୀତୀଶ କୁମାର!**

■ **ନୂଆଦିଲ୍ଲୀ, ୧୨।୧୧ (ସମିସ):** ଗତକାଲି ବିହାରରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ପ୍ରାୟ ସମସ୍ତ ଏକଜିଟ୍ ପୋଲ ଏନ୍‌ଡ଼ିଏ ସପକ୍ଷରେ ମତ ଦେଇଛନ୍ତି। ସମସ୍ତ ଏକ୍‌ଜିଟ୍ ପୋଲକୁ ନେଇ କରାଯାଇଥିବା ପୋଲ୍ ଅଫ୍ ଦି ପୋଲରେ ଏନ୍‌ଡ଼ିଏ ୧୪୮ ଓ ମହାଗଠବନ୍ଧନକୁ ୮୮ ଆସନ ମିଳିପାରେ ବୋଲି କୁହାଯାଇଛି। ଅନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଖାତାରେ ୭ଟି ଆସନ ପଡ଼ିପାରେ ବୋଲି ଏଥିରେ ଉଲ୍ଲେଖ ରହିଛି । ସେହିପରି ମୋଟ ଭୋଟର ସର୍ବାଧିକ ୪୩% ଏନ୍‌ଡ଼ିଏ ସପକ୍ଷରେ ଓ ୪୧% ମହାଗଠବନ୍ଧନ ସପକ୍ଷରେ ଆସିପାରେ ବୋଲି ଏଥିରେ କୁହାଯାଇଛି। ଯାହାକୁ ନେଇ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ବେଶ୍ ଉତ୍ସାହିତ ହୋଇଥିବାବେଳେ ମହାଗଠନବନ୍ଧନ ଏହି ଏକ୍‌ଜିଟ୍ ପୋଲକୁ 'ଫେକ୍‌ଜିଟ୍ ପୋଲ୍' ବୋଲି ଅଭିହିତ କରିଛି। ମାତ୍ର ଏକଜିଟ୍ ପୋଲର ଇତିହାସ ଦେଖିଲେ ଗତ ୧୮ ମାସ ମଧ୍ୟରେ ଦେଶରେ ଅନୁଷ୍ଠିତ ୭ଟି ନିର୍ବାଚନ ମଧ୍ୟରୁ ୬ଟି ଭୁଲ ସାବ୍ୟସ୍ତ ହୋଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ବିହାରରେ ଗତ ୪ଟି ନିର୍ବାଚନରେ ଏକଜିଟ୍ ପୋଲ ମଧ୍ୟରୁ ୩ଟି ସମ୍ପୂର୍ଣ୍ଣ ଭୁଲ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୪ ତାରିଖରେ ଭୋଟଗଣନା ଉପରେ ସମସ୍ତଙ୍କର ନଜର ରହିଛି। ଯଦି ଏନ୍‌ଡ଼ିଏ ବିଜୟୀ ହୁଏ ନୀତୀଶ ପୁନର୍ବାର ଅର୍ଥାତ୍ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇ ପାରନ୍ତି। ଏକ୍‌ଜିଟ୍ ପୋଲ ଆସିବା ପରେ ବିହାରରେ ଏବେ 'ପଚିଶ୍ ସେ ତିଶ୍, ଫିର ସେ ନୀତିଶ' ସ୍ଲୋଗାନ ▶ପୃଷ୍ଠା-୭

# ନୂଆପଡ଼ାରେ ରେକର୍ଡ ୮୩.୪୫% ମତଦାନ

**ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ: ସିଇଓ**

■ **ଭୁବନେଶ୍ୱର, ୧୨।୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଐତିହାସିକ ୮୩.୪୫ ପ୍ରତିଶତ ମତଦାନ ହୋଇଛି। ଯାହା ପୂର୍ବ ନିର୍ବାଚନ ତୁଳନାରେ ପାଖାପାଖି ୧୦ ପ୍ରତିଶତ ଅଧିକ ଅଟେ। ବିଶେଷକରି ମହିଳା ମତଦାତାଙ୍କ ଅଂଶଗ୍ରହଣ ପୁରୁଷଙ୍କୁ ଅତିକ୍ରମ କରିଛି, ଯାହା ଏକ ସୁସ୍ଥ ସମାଜ ଓ ଉତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ମତଦାନ ଦିନ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ବୋଲି କହିଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ କହିଛନ୍ତି ଯେ ଦେଶର ଅନ୍ୟ ୮ଟି ବିଧାନସଭା ମଣ୍ଡଳୀରେ ସମାନ ସମୟରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା ବେଳେ ନୂଆପଡ଼ାରେ ଅନ୍ୟ ଉପନିର୍ବାଚନ ତୁଳନାରେ ସର୍ବାଧିକ ମତଦାନ ରେକର୍ଡ କରାଯାଇଛି। ଯାହା ଏଠାକାର ମତଦାତାମାନଙ୍କ ଲୋକତନ୍ତ୍ର ପ୍ରତି ଥିବା ଅହେତୁକ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣ କରୁଛି। ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳାଫଳ ପାଇଁ ଭୋଟ ଗଣନା ହେବ ଓ ଏଥିପାଇଁ ମତଗଣନା ଟେବୁଲ, ପର୍ଯ୍ୟବେକ୍ଷକ ନିଯୁକ୍ତି, ସିସିଟିଭି ନିରୀକ୍ଷଣର ବ୍ୟବସ୍ଥା ଓ ଷ୍ଟ୍ରଙ୍ଗରୁମର ପର୍ଯ୍ୟବେକ୍ଷଣ କରାଯାଇସାରିଛି । ସେହିପରି ମତଦାନ ବେଳେ ଆସିଥିବା ବିଭିନ୍ନ ଅଭିଯୋଗ ଉପରେ ମଧ୍ୟ ସେ ସ୍ପଷ୍ଟୀକରଣ ରଖିଛନ୍ତି। କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧ ସିଙ୍ଗାରି ▶ପୃଷ୍ଠା-୭

**ଖସୁଛି ପାରଦ**

## ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ଥଣ୍ଡା



■ **ଭୁବନେଶ୍ୱର, ୧୨।୧୧ (ସମିସ):** ତାପମାତ୍ରା ଖସୁଛି ଥଣ୍ଡା ବଢୁଛି। ସଞ୍ଜ ନଇଁଲେ ଆସୁଛି ଶୀତ। ରାତି ୧୦ ପରେ ସାରା ରାଜ୍ୟରେ ଆରମ୍ଭ ହୋଇଯାଉଛି ଶୀତର ପ୍ରଭାବ। ଅନେକ ସ୍ଥାନରେ ତାପମାତ୍ରା ତଳମୁହାଁ ହେତୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଏହି ଧାରା ଆହୁରି ପ୍ରାୟ ୬ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅନେକ ସ୍ଥାନରେ ଶୀତ ଜାରିରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଶୀତର ପ୍ରଭାବ ପ୍ରବଳ ଅନୁଭୂତ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀକୁ ଖସିଛି। ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଜି.ଉଦୟଗିରିରେ ୮.୭ ଡିଗ୍ରୀ, ▶ପୃଷ୍ଠା-୭

**ଏଜେନ୍ସିର ସ୍ୱଚ୍ଛତା ଉପରେ ସନ୍ଦେହ**

## ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ରଦ୍ଦ

**ନିଯୁକ୍ତି ବିଭ୍ରାଟରେ ଯୋଡ଼ିହେଲା ଆଉ ଏକ ପରୀକ୍ଷା**

■ **ଭୁବନେଶ୍ୱର, ୧୨।୧୧ (ସମିସ):** ପୁଣି ରଦ୍ଦ ହୋଇଛି ଆଉ ଏକ ନିଯୁକ୍ତି ପରୀକ୍ଷା। ହାଇକୋର୍ଟରେ ଏଏସ୍‌ଓ ନିଯୁକ୍ତି ପାଇଁ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାକୁ ରଦ୍ଦ କରାଯାଇଛି। ପରୀକ୍ଷା ପରିଚାଳନାରେ ନିୟୋଜିତ ଏଜେନ୍ସିର ପ୍ରକ୍ରିୟା ଓ ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକାଶ କରି ହାଇକୋର୍ଟ ଏହାକୁ ରଦ୍ଦ କରିଛନ୍ତି। ଫଳରେ ରାଜ୍ୟରେ ନିଯୁକ୍ତି ପରୀକ୍ଷା ବିଭ୍ରାଟରେ ଆଉ ଏକ ପରୀକ୍ଷା ସାମିଲ୍ ହୋଇଛି।

ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ପାଇଁ ଏହି ପରୀକ୍ଷା ପରିଚାଳନା କରାଯାଉଥିଲା। ଏଥିପାଇଁ ମେ ୪ ତାରିଖରେ ପ୍ରିଲିମିନାରୀ ପରୀକ୍ଷା ହୋଇଥିଲା। ତହିଁରେ ୭୧୧୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବା ସହ ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେମାନଙ୍କୁ ନେଇ ଗତ ଜୁଲାଇ ୧୩ ତାରିଖରେ ମୁଖ୍ୟ ଲିଖିତ ପରୀକ୍ଷା ହୋଇଥିଲା। ପରୀକ୍ଷାରେ ବ୍ୟାପକ ଅସଂଗତି ଏବଂ ସ୍ୱଚ୍ଛତା ନ ଥିବା ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ଯାହାର ଶୁଣାଣି କରି ଏହି ମୁଖ୍ୟ ଲିଖିତ ପରୀକ୍ଷାକୁ କୋର୍ଟ ରଦ୍ଦ କରିଛନ୍ତି। ଏନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକଟ କରି ପରୀକ୍ଷାକୁ ରଦ୍ଦ କରାଯାଇଥିବା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଏଜେନ୍ସି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିଲା, ତାହା ସ୍ପଷ୍ଟ ହୋଇ ନାହିଁ।

ପରୀକ୍ଷା ରଦ୍ଦ ହେବା ପରେ ପୁଣିଥରେ ମୁଖ୍ୟ ଲିଖିତ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୭ ତାରିଖରେ ମୋଟ୍ ତିନୋଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ସକାଳ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ସିଫ୍ଟରେ ଇଂରାଜୀ ପରୀକ୍ଷା ହେବାକୁ ଥିବାବେଳେ ମଧ୍ୟାହ୍ନ ୧୨ରୁ ୧ଟା ଏବଂ ସାଢ଼େ ୨ ରୁ ସାଢ଼େ ୪ ପର୍ଯ୍ୟନ୍ତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସିଫ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ଆସନ୍ତା ୧୭ ତାରିଖରୁ ପ୍ରିଲିମିନାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି କୁହାଯାଇଛି।

## ଜେମିନି ଏଆଇ ବିବାଦରେ ଗୁଗଲ୍

**ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ଅଭିଯୋଗ**




■ **ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି):** ସର୍ଚ୍ଚ ଇଞ୍ଜିନ୍ ଗୁଗଲ୍ ବିରୋଧରେ ହୋଇଛି ବଡ଼ ଅଭିଯୋଗ। କମ୍ପାନୀ ବିରୋଧରେ ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ନେଇ ଅଭିଯୋଗ ଆସିଛି। ଏଥିରେ ଗୁଗୁଲ୍ ଏହାର ଜେମିନି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ଆସିଷ୍ଟାଣ୍ଟ ବ୍ୟବହାର କରି ଜି-ମେଲ୍, ଚାଟ୍ ଏବଂ ମିଟ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଯୋଗାଯୋଗକୁ ସେମାନଙ୍କ ସମ୍ମତି ବିନା ଟ୍ରାକ୍ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ, ବ୍ୟବହାରକାରୀମାନଙ୍କୁ ଗୁଗୁଲ୍‌ର ଏଆଇ ବୈଶିଷ୍ଟ୍ୟକୁ ଚାଲୁ କିମ୍ବା ବନ୍ଦ କରିବାର ବିକଳ୍ପ ଦିଆଯାଇଥିଲା। ତଥାପି, ଅକ୍ଟୋବରରେ ଆଲଫାବେଟ୍ ଇନକର୍ପୋରେଟେଡ୍ ୟୁନିଟ୍ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏହି ବୈଶିଷ୍ଟ୍ୟକୁ ସ୍ୱୟଂଚାଳିତ ଭାବରେ ଆକ୍ଟିଭ୍ କରିଦେଇଥିବା ▶ପୃଷ୍ଠା-୭

**ସହଜ ହେବ ବନ୍ଦୋବସ୍ତ ପୂର୍ବ ଦଲିଲ୍‌ର ପଟ୍ଟା ପାଇବା**

## ତହସିଲ୍‌ରେ ଜମି ପଟ୍ଟା ସଂଶୋଧନ

**ନିୟମର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

■ **ଭୁବନେଶ୍ୱର, ୧୨।୧୧ (ସମିସ):** ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଏହି ଅନୁମୋଦନ ପରେ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ପଡ଼ିରହିଥିବା ଅନେକ ମାମଲା ତହସିଲ୍ ଅଫିସରେ ସମାଧାନ ହେବାର ବାଟ ଫିଟିଛି। ଏଣିକି ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣାଯାଇଥିବା ଜମିର ପଟ୍ଟା ତହସିଲ ଅଫିସ୍‌ରେ ମିଳିପାରିବ। ତହସିଲମାନେ କ୍ରେତାଙ୍କ ଉପଯୁକ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଏହି ପଟ୍ଟା ପ୍ରଦାନ କରିପାରିବେ। ଏହାଦ୍ୱାରା ରାଜ୍ୟର ଅନେକ ପୁରୁଣା ଜମିର ମାଲିକମାନେ ପଟ୍ଟା ପାଇପାରିବେ।

ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି। କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନ ଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି। ଏହି ଅପିଲଗୁଡ଼ିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହିଥାଏ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବନାହିଁ।

# ଅନିଶ୍ଚିତତା ଘେରରେ ଓଡ଼ିଶା କ୍ରିକେଟ

## ଦଳ ପ୍ଲେଟ୍ ଗ୍ରୁପ୍‌କୁ ଖସିବାର ଡର ଘାରିଲା







**ଚିନ୍ତା ବଢ଼ାଉଛି ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣ**

**ପ୍ରଶ୍ନ ଘେରରେ ଓସିଏର କାର୍ଯ୍ୟଖସଡ଼ା, ପ୍ରଶିକ୍ଷକଙ୍କ ଭୂମିକା**

■ **କଟକ, ୧୨।୧୧ (ସମିସ):** ଜାତୀୟ କ୍ରିକେଟରେ ଓଡ଼ିଶାର ପ୍ରଦର୍ଶନ କ୍ରମାଗତ ଭାବେ ନିରାଶାଜନକ ହୋଇଛି। ଚଳିତ ରଣଜୀ ସିଜନରେ ଓଡ଼ିଶା ଦଳ ପ୍ରଥମ ୪ଟି ମ୍ୟାଚ୍‌ରୁ ୩ଟି ପରାଜୟ ବରଣ କରିବା ପରେ ମାତ୍ର ଗୋଟିଏ ପଏଣ୍ଟ ପାଇଛି। ଦଳରେ ସ୍ଥାନ ପାଇଥିବା ବରିଷ୍ଠ ଓ ଅଭିଜ୍ଞ ଖେଳାଳିମାନେ ସଙ୍କଟ ସମୟରେ ଦଳକୁ ସାହା ହେବାରେ ବିଫଳ ହେଉଛନ୍ତି। ସେମାନଙ୍କ ସ୍ଥାନରେ ନବାଗତଙ୍କୁ ସୁଯୋଗ ଦେଲେ ମଧ୍ୟ ପ୍ରଦର୍ଶନରେ ଉନ୍ନତି ହେଉନାହିଁ। ଏପରିସ୍ଥଳେ ଏକାଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଓଡ଼ିଶା କ୍ରିକେଟର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି।

ଏକଦା ରଣଜୀ ଏଲିଟ୍ ଗ୍ରୁପ୍‌ରେ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଦଳର ନିରାଶାଜନକ ପ୍ରଦର୍ଶନ ଏବେ ଚିନ୍ତାର କାରଣ ପାଲଟିଛି। ଏପରିକି ଦଳର ଭବିଷ୍ୟତକୁ ନେଇ କୌଣସି ଆଶାର କିରଣ ଦେଖାଯାଉନାହିଁ। ଦଳ ପ୍ଲେଟ୍ ଲିଗ୍‌କୁ ଖସିଯିବାର ସ୍ଥିତି ଉପୁଜିଥିବାବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କାର୍ଯ୍ୟ ଖସଡ଼ା ଓ ପ୍ରଶିକ୍ଷକଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଦଳର ପ୍ରଦର୍ଶନ ଦୁଃଖଦାୟକ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି।

ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ପ୍ରଶିକ୍ଷଣ ବ୍ୟବସ୍ଥା ଉପଲବ୍ଧ କରାଯାଇଛି ବୋଲି ଓସିଏ ପକ୍ଷରୁ ବାରମ୍ବାର କୁହାଯାଉଛି। କିନ୍ତୁ ଚଳିତ ସିଜିନ୍‌ରେ ଦଳର ବ୍ୟାଟିଂ ଓ ବୋଲିଂ ବିପର୍ଯ୍ୟୟ ଏହିପରିପ୍ରେକ୍ଷୀରେ ଅଧିକ ଚିନ୍ତା ବଢ଼ାଇଛି। ଓଡ଼ିଶା ଏଯାଏଁ ୪ଟି ରଣଜୀ ମ୍ୟାଚ୍ ଖେଳିସାରିଥିଲେ ହେଁ ଜଣେ ହେଲେ ବ୍ୟାଟର ଶତକ ହାସଲ କରିପାରିନାହାନ୍ତି। ଦଳ ମଧ୍ୟ ବଡ଼ ସ୍କୋର୍ କରିବାରେ ସମର୍ଥ ହୋଇପାରିନାହିଁ। ସେହିପରି ବୋଲର୍‌ଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବଶାଳୀ ହୋଇପାରି ନଥିବାରୁ ପ୍ରତିପକ୍ଷ ଦଳର ସମସ୍ତ ୨୦ଟି ୱିକେଟ ଅକ୍ତିଆର କରିବାରେ ଦଳକୁ ସଫଳତା ମିଳିନାହିଁ।

ଜିଲ୍ଲାୱାରୀ କ୍ରିକେଟ୍ ଭିତ୍ତିଭୂମିର ବିକାଶ କରାଯାଇଛି ବୋଲି ଓସିଏ ପକ୍ଷରୁ ▶ପୃଷ୍ଠା-୭

## ଓଡ଼ିଶାରେ ପଶ୍ଚିମବଙ୍ଗ ଯାଆଁଳ ମାଫିଆଙ୍କ ଦୌରାତ୍ମ୍ୟ

# ଦେବୀ ନାସିରୁ ଧରାହେଲେ ୮ ଯାଆଁଳ ବେପାରୀ




**ଅସ୍ତରଙ୍ଗ,୧୨।୧୧(ସମିସ):** ଦିନକୁ ଦିନ ଅସ୍ତରଙ୍ଗ ଉପକୂଳରଦେବୀନଦୀମୁହାଁଣଠାରୁ କେଲୁଣି ମୁହାଁଣ ଭିତରେ ବଢୁଛି ଚିଙ୍ଗୁଡ଼ି, ଖଇଙ୍ଗା, ପୋଟେଇ ଯାଆଁଳ ମାଫିଆଙ୍କ ଦୌରାତ୍ମ୍ୟ। ସୁଦୂର ପଶ୍ଚିମବଙ୍ଗରୁ ଏମାନେ ଆସି ମୁହାଁଣ ଟାପୁରେ ଅସ୍ଥାୟୀ ଶିବିର କରି ଯାଆଁଳ କୁଣ୍ଡ ଖନନ କରି ସେଠାରେ ଯାଆଁଳ ଧରି ବାହାର ରାଜ୍ୟକୁ ଚୋରା ଚାଲାଣ କରୁଥିଲେ। ଯେଉଁଥିପାଇଁ ନଦୀ, ସମୁଦ୍ରରୁ ମାଛ ସଂଖ୍ୟା ହ୍ରାସ ପାଉଥିବାରୁ ଉପକୂଳ ମତ୍ସ୍ୟଜୀବୀମାନେ ଅନେକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଖଇଙ୍ଗା, ପୋଟେଇ ଏବଂ ଅନେକ ଦାମୀ ମାଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି ଚଢ଼ଉ କରାଯାଉ ନ ଥିଲା। ଏବେ ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ଓ ନୂଆଗଡ଼ ମେରାଇନ୍ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୮ ଜଣ ପଶ୍ଚିମବଙ୍ଗ ବେପାରୀଙ୍କୁ ଅଟକ ରଖାଯାଇଛି।

ଯେତେବେଳେ ଜଣେ ମତ୍ସ୍ୟଜୀବୀ ଅନେକ ଅର୍ଥ ବ୍ୟୟ କରି ନଦୀ ପଥରେ ସମୁଦ୍ରକୁ ମାଛ ମାରିବାକୁ ଯାଉଛନ୍ତି କିନ୍ତୁ ଏହି ଯାଆଁଳ ଚୋରା ଚାଲାଣ ପାଇଁ ସେହି ଅନୁସାରେ ମାଛ ଧରିପାରୁ ନାହାନ୍ତି। ଯାହାକୁ ନେଇ ପ୍ରାୟ ୨୦ ହଜାର ମତ୍ସ୍ୟଜୀବୀ ଏବେ ଚିନ୍ତାରେ। ଆଗରୁ ବାରମ୍ବାର ଅଭିଯୋଗ ପରେ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ମାତ୍ର ମା’ ତାରିଣୀ ପ୍ରାଇମେରୀ ମେରାଇନ୍ ଫିସର ମ୍ୟାନ୍ କୋ. ସୋସାଇଟି, ନଗରଙ୍କଠାରୁ ଖବର ପାଇ ଅସ୍ତରଙ୍ଗ ବ୍ଲକ୍ ମତ୍ସ୍ୟ ବିଭାଗ ଓ ନୂଆଗଡ଼ ମେରାଇନ ପୁଲିସର ମିଳିତ ସହାୟତାରେ ଦେବୀ ନାସି ନିକଟ ଟାପୁରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୮ ଜଣ ପଶ୍ଚିମବଙ୍ଗ ଯାଆଁଳ ବେପାରୀଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ପ୍ରାୟ ୧୨ ହଜାର ୫୦୦ ଯାଆଁଳ ଜବତ କରାଯାଇ ମୁହାଁଣରେ ଛଡ଼ାଯାଇଛି। ସେମାନଙ୍କୁ ବିଭାଗ ତାଙ୍କର ମୁଖ୍ୟ ସହଯୋଗୀ ବଳଭଦ୍ରପୁର ଗ୍ରାମର ସୁନାକର ବିଶ୍ୱାଳଙ୍କ ନିକଟରେ ଅଟକ ରଖି ସେମାନଙ୍କ ଆଧାର କାର୍ଡ ଯାଞ୍ଚ କରି ତଦନ୍ତ ଜାରି ରହିଛି ବୋଲି ବ୍ଲକ୍ ମତ୍ସ୍ୟ ଅଧିକାରୀ ସତ୍ୟଜିତ୍ ଦାସ ସୂଚନା ଦେଇଛନ୍ତି।

**● ମୁହାଁଣରେ କରିଥିଲେ ଅସ୍ଥାୟୀ ଶିବିର, ଖୋଳିଥିଲେ ଯାଆଁଳ କୁଣ୍ଡ**

# ବଜାରରେ ମିଳୁଥିବା ପାଚିଲା ଫଳ କେତେ ସୁରକ୍ଷିତ



**ନିରାକାରପୁର,୧୨।୧୧(ସମିସ):** ଋତୁ ଅନୁସାରେ ତଥା ଅନ୍ୟ ସମୟରେ ପାଚିଲା ଫଳ କେତେ ସୁରକ୍ଷିତ, ସ୍ୱାସ୍ଥ୍ୟ ଉପଯୋଗୀ। ପାଚିଲା ଫଳ କଦଳୀ, ସପୁରି, ଅମୃତଭଣ୍ଡା ସହିତ ଅନ୍ୟାନ୍ୟ ଫଳର ରଙ୍ଗ ନାଲି, ହଳଦିଆ, ନରମ ଟାଣ ଦେଖି ଖାଉଟି କିଣି ନେଇଥା’ନ୍ତି। ଦେଖିବାକୁ ଗଲେ ପାଚିଲା ପରି ଦେଖାଯାଉଥିବା ଏହି ଫଳ ପ୍ରାକୃତିକ ପାଚିଲା କି ଅପରିପକ୍ୱ ଫଳକୁ ଆଣି କୃତ୍ରିମ ଉପାୟରେ ପଚାଯାଇଛି ଯାହା ଦେଖିବାକୁ ସମୟ ନାହିଁ। ଫଳରେ ଠକାମୀର ଶିକାର ହେଉଛନ୍ତି ଖାଉଟି। ଅପରିପକ୍ୱ ଫଳ ଆଣି ତାକୁ କୃତ୍ରିମ ଉପାୟରେ ରାସାୟନିକ ପଦାର୍ଥ ପ୍ରୟୋଗ କରି ପଚାଯାଏ ଯାହା ଅବିକଳ ପ୍ରାକୃତିକ ଉପାୟରେ ପାଚିଲା ଫଳ ପରି ଦେଖାଯାଏ ବୋଲି ଆଲୋଚନା ଅଭିଯୋଗ ହୋଇଥାଏ। ଏହି ରାସାୟନିକ ପଦାର୍ଥ ମଧ୍ୟରେ କାର୍‌ବାଇଡ୍ ଅନ୍ୟତମ। ବିଭିନ୍ନ ପର୍ବପର୍ବାଣୀ ସହିତ ସବୁ ସମୟରେ ଅପରିପକ୍ୱ ଫଳକୁ କୃତ୍ରିମ ଉପାୟରେ ବ୍ୟାପକ କାର୍‌ବାଇଡ୍ ପ୍ରୟୋଗ କରାଯାଇ ଅବିକଳ ପାଚିଲା ଫଳ ପରି କରାଯାଉଛି। ଏହି ରାସାୟନିକ ପଦାର୍ଥ କାର୍‌ବାଇଡ୍‌ରେ ପ୍ରଚୁର ପରିମାଣରେ ଫସ୍‌ଫରସ୍ ଓ ଆର୍ସେନିକ୍ ରହିଥାଏ, ଯାହାକି ତାପମାତ୍ରା ବୃଦ୍ଧିକରି ଫଳଗୁଡ଼ିକୁ ସ୍ୱଳ୍ପ ସମୟ ମଧ୍ୟରେ ପଚାଇ ଦେଇଥାଏ। ଏହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି କାର୍‌ବାଇଡ୍‌ଯୁକ୍ତ ଫଳ ଖାଇବା ଦ୍ୱାରା ଶରୀର ଦୁର୍ବଳ ହେବା ସହିତ ନିମ୍ନ ରକ୍ତଚାପ ଚର୍ମରୋଗ ଏପରିକି କିଡ୍‌ନୀ, ହୃତ୍‌ପିଣ୍ଡ ଉପରେ ମଧ୍ୟ ଏହାର ପ୍ରଭାବ ଦେଖାଦିଏ ବୋଲି ବିଶେଷଜ୍ଞ ଡାକ୍ତର କହୁଛନ୍ତି। ସହର ଓ ଗ୍ରାମାଞ୍ଚଳ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାର ଫଳରୁ ଅଧିକାଂଶ ଏହି ରାସାୟନିକ ପଦାର୍ଥ କାର୍‌ବାଇଡ୍‌ଯୁକ୍ତ। ଉପରକୁ ପାଚିଲା ଦେଖାଯାଉଥିଲେ ବି ଏହି କାର୍‌ବାଇଡ୍‌ଯୁକ୍ତ ଫଳ କେତେଯେ କ୍ଷତିକାରକ ତାହା ସାଧାରଣ ଖାଉଟି ଜାଣିପାରେ ନାହିଁ। ଆହୁରି ପ୍ରଶାସନ ପକ୍ଷରୁ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ନିୟମିତ ବଜାରରେ ବିକ୍ରି ହେଉଥିବା ଫଳର ମାନ ଯାଞ୍ଚ କରନ୍ତି ନାହିଁ ବୋଲି ସାଧାରଣରେ ଅଭିଯୋଗ ହୁଏ। ତେଣୁ ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ

**ନିମାପଡ଼ା,୧୨।୧୧(ସମିସ):** ପୁରୀ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ନିମାପଡ଼ାଠାରେ ଏକ ଯୁବ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସତ୍ରରେ ମୁଖ୍ୟ ଅତିଥିଭାବେ ଯୁବ ଉଦ୍ୟୋଗୀ ଓ ସମାଜସେବୀ ବିକ୍ରମ କେଶରୀ ସାମଲ, ସମ୍ମାନିତ ଅତିଥିଭାବେ ନିମାପଡ଼ା ଖଣ୍ଡ ସଂଘ ଚାଳକ ଡ. ଅମୂଲ୍ୟ ପ୍ରସାଦ ଦାଶ, ମୁଖ୍ୟବକ୍ତାଭାବେ ସଂଘର ପୁରୀ ଜିଲ୍ଲା ସହ କାର୍ଯ୍ୟବାହ ତପନ ସାମଲ ଯୋଗଦେଇ ଉପସ୍ଥିତ ଯୁବବର୍ଗଙ୍କୁ ଭାରତର ଗୌରବମୟ ଇତିହାସ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଦ୍ୱିତୀୟ ସତ୍ରରେ ଯୁବପିଢ଼ିମାନଙ୍କୁ ନେଇ ଏକ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମାଜସେବାରେ କାର୍ଯ୍ୟରତ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସତ୍ରରେ ପୁରୀ ବିଭାଗ ସହ କାର୍ଯ୍ୟବାହ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ସଂଘ ପ୍ରତିଷ୍ଠାର ପୃଷ୍ଠଭୂମି, ସଂଘ ୧୦୦ ବର୍ଷର ଯାତ୍ରା ଓ ଶତାବ୍ଦୀ ବର୍ଷରେ ପଞ୍ଚ ପରିବର୍ତ୍ତନର ଲକ୍ଷ୍ୟ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ବିସ୍ମୟକାନ୍ତ ସାହୁ ପରିଚୟ ପ୍ରଦାନ କରିଥିବାବେଳେ, ଜିଲ୍ଲା ପ୍ରଚାରକ ରଞ୍ଜନ ନାୟକ ସ୍ୱାଗତ ବୌଦ୍ଧିକ ପ୍ରଦାନ କରିଥିଲେ। ନିମାପଡ଼ା ଖଣ୍ଡ କାର୍ଯ୍ୟବାହ ଭାଗିରଥି ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଯୁବ ବର୍ଗ ସାମିଲ୍ ହୋଇଥିଲେ।

# ‘ନିଃସ୍ୱାର୍ଥପର ଭାବେ କର୍ମ କରିବା ହିଁ ସତ୍ ଉପଲବ୍ଧି’




**ସାକ୍ଷୀଗୋପାଳ,୧୨।୧୧(ସମିସ):** ରାମକୃଷ୍ଣ ଆଶ୍ରମ, ପୁରୀ ଓ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ “ସ୍ୱାମୀ ବିବେକାନନ୍ଦଙ୍କ ଯୁବ ସମାଜକୁ ବାର୍ତ୍ତା’ ବିଷୟକୁ ଆଧାର କରି ଏକ ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାର ଅଧ୍ୟକ୍ଷ ସ୍ୱାମୀ ଗୋପଲାତ୍ମାନନ୍ଦ ମହାରାଜ ଆନୁଷ୍ଠାନିକ ଭାବରେ ଏହାକୁ ଉଦ୍‌ଘାଟନ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରୋତ୍ସାହିତ କରିଥିଲେ। ପ୍ରଥମ ବର୍ଷର ଛାତ୍ରୀ କୁମାରୀ ଅନ୍ନପୂର୍ଣ୍ଣା ରଥ ଓ ପ୍ରାଧ୍ୟାପିକା ଡ. ଲିପିକା ନାୟକ ନିଜ ନିଜ ବକ୍ତ୍ୟବରେ ସ୍ୱାମୀଜୀଙ୍କର ଚିନ୍ତା, ଚେତନା ଓ ଆଦର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିଭାବେ ସୁକାନ୍ତ କୁମାର ମହାନ୍ତି ସଙ୍ଗୀତ, ବାଦ୍ୟ ଓ ଭାଷଣର ଅପୂର୍ବ ସମନ୍ୱୟରେ ଏକ ନିଆରା ଢଙ୍ଗରେ ସ୍ୱାମୀଜୀଙ୍କର ଜୀବନାଦର୍ଶ ତଥା ଭାରତୀୟ ଏକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଶତ୍ରୁଘ୍ନ ପାଣିଗ୍ରାହୀ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ନିଃସ୍ୱାର୍ଥପର ଭାବେ କର୍ମ କରିବା ହିଁ ସତ୍ ଉପଲବ୍ଧି। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ପ୍ରାଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**● ରୋଗୀ କଲ୍ୟାଣ ସମିତି ବୈଠକ**

# ଡାକ୍ତରଖାନାକୁ ବିଶେଷଜ୍ଞ ଯୋଗାଇଦେବାକୁ ଦାବି



**ଡେଲାଙ୍ଗ,୧୨।୧୧(ସମିସ):** ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈ÷ଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ବ୍ଲକ୍ ଉନ୍ନୟନ ଅଧିକାରୀ କ୍ଷୀତିଶଚନ୍ଦ୍ର ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଜାପାନୀ କୁମାରୀ ମିତ୍ର, ବ୍ଲକ୍ ସହ ଶିକ୍ଷାଧିକାରିଣୀ ସୁଷମା ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶାନ୍ତନୁ କୁମାର ଜେନା, ଡାକ୍ତର ସୋନି ସାମନ୍ତରାୟ, ବ୍ଲକ୍ ପ୍ରକଳ୍ପ ପରିଚାଳକ ଦିଲ୍ଲୀପ କୁମାର ପରିଡ଼ାଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକାଧିକ ବିଶେଷଜ୍ଞଙ୍କ ପଦ ଖାଲି ପଡ଼ିଥିବାବେଳେ ଆମ୍ବୁଲାନ୍ସଟିଏ ନ ଥିବା ଯୋଗୁଁ ରୋଗୀମାନେ ଅନେକ ସମସ୍ୟା ଭୋଗୁଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତୁରନ୍ତ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ପଟ୍ଟନାୟକ ବୈଠକରେ ଆଶ୍ୱାସନା ଦେଇଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀରେ ଚାଲିଛି ପାଠପଢ଼ା

## ପଢ଼ିବାକୁ ନାହିଁ ଶ୍ରେଣୀଗୃହ; ତଥାପି ମନରେ ଦୃଢ଼ ସଂକଳ୍ପ



**ଡେଲାଙ୍ଗ,୧୨।୧୧(ସମିସ):** ଡେଲାଙ୍ଗ ବ୍ଲକ୍ ଅଭୟମୁଖି ପଞ୍ଚାୟତ ଅଧୀନ ଇନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଜରାଜୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳରେ ପାଠ ପଢୁଛନ୍ତି। ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକମାନେ ନୂତନ ବିଦ୍ୟାଳୟଟିଏ ନିର୍ମାଣ କରିବାକୁ ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ବିଦ୍ୟାଳୟର ୯୭ ଜଣ ଛାତ୍ରଛାତ୍ରୀ ବାତ୍ୟା ଆଶ୍ରୟସ୍ଥଳରେ ପାଠପଢୁଥିଲେ ମଧ୍ୟ ସେମାନେ ମନରେ ଦୃଢ଼ ସଂକଳ୍ପ ବାନ୍ଧି ରଖିଛନ୍ତି। ପୁରୀ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତମ ପ୍ରଦର୍ଶନ କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି।

ଛାତ୍ରଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅକ୍ତିଆର କରିବା ସହିତ ବିଦ୍ୟାଳୟ ଓ ବ୍ଲକ୍ ଶିକ୍ଷା ବିଭାଗକୁ ଗୌରବ ମଣ୍ଡିତ କରିଛନ୍ତି। ସେହିପରି ଏହି ପ୍ରତିଯୋଗିତାରେ ପ୍ରବନ୍ଧରେ ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚିତ୍ରାଙ୍କନରେ ଅମାଲଙ୍ଗ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ବେରବୋଇ, ସଂଗୀତରେ ରେଞ୍ଚ ବିଦ୍ୟାଳୟ ଓ ନୃତ୍ୟରେ ଇନ୍ଦିପୁର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଆଜକୁ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି ଇନ୍ଦିପୁର ବିଦ୍ୟାଳୟର ଛାତ୍ରଛାତ୍ରୀ ବିଦ୍ୟାଳୟ ପରିବର୍ତ୍ତେ ବାତ୍ୟା ଆଶ୍ରୟସ୍ଥଳୀରେ ପାଠପଢୁଥିବାର କରୁଣ ଚିତ୍ର ଦେଖିବାକୁ ମିଳୁଛି। ଏନେଇ ଅଭିଯୋଗ ହେବାପରେ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲେ ମଧ୍ୟ ବିଦ୍ୟାଳୟର ଭିତ୍ତିଭୂମି ନ ଥିବାରୁ ବିଦ୍ୟାଳୟ ନିର୍ମାଣ ହୋଇପାରୁ ନାହିଁ। ଅଭିଭାବକମାନେ ନିକଟରେ ଥିବା ଏକ ସରକାରୀ ଜମିରେ ନୂତନ ବିଦ୍ୟାଳୟ ନିର୍ମାଣ କରିବାକୁ ଦାବି କରିଆସୁଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

# ରାଜନୈତିକ ବିବାଦରୁ ରାସ୍ତା କାମ ବନ୍ଦ



**ନୟାହାଟ,୧୨।୧୧(ସମିସ):** ସାଧାରଣ ଲୋକ ଗମନାଗମନ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଯେଉଁଠି ରାସ୍ତା ନାହିଁ ସେଠାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବ୍ଲକ୍ ପ୍ରଶାସନ ଅନୁମତି ଦେଉଥିଲାବେଳେ ଦେସ୍ଥଳୀ ପଞ୍ଚାୟତରେ ରାଜନୀତି ବିବାଦ ଯୋଗୁଁ ରାସ୍ତା କାମ ନ ହେବା ଫଳରେ ଗ୍ରାମବାସୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ମାଇନର କେନାଲ ବନ୍ଧ ମାଟି ଥିବାରୁ ଗାଁ ଲୋକମାନେ ବର୍ଷା ଦିନରେ କାଦୁଅରେ ଯାତାୟାତ କରନ୍ତି। ଗୋପ ବ୍ଲକ୍ ପ୍ରଶାସନ ପକ୍ଷରୁ କେନାଲ ବନ୍ଧକୁ କଂକ୍ରିଟ ରାସ୍ତାରେ ପରିଣତ କରିବା ପାଇଁ ଦୀର୍ଘ ବର୍ଷେ ହେଲା ଦେସ୍ଥଳି ପଞ୍ଚାୟତ ଅଫିସ୍ ସାମ୍ନାରେ ବାଲି, ଗୋଡ଼ି ଗଦା ହୋଇଛି କିନ୍ତୁ କାମ ହୋଇପାରୁ ନାହିଁ। ଏ ସମ୍ପର୍କରେ ଗ୍ରାମର ସୁବଳ ନାୟକଙ୍କୁ ପଚାରିବାରେ ସେ କହିଥିଲେ, ରାସ୍ତା ଯିଏ କରୁ ଆମର ଯାତାୟାତ ପାଇଁ ରାସ୍ତା କାମ ହେବା ଦରକାର। ଏ ସମ୍ପର୍କରେ ସରପଞ୍ଚ ରିସ୍ନା ସ୍ୱାଇଁ ଓ ସମାଜସେବୀ ମକରଧ୍ୱଜ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରେ ସେ କହିଥିଲେ, ବ୍ଲକ୍ ପ୍ରଶାସନ ଜାଣିଥିବେ କ’ଣ ପାଇଁ କାମ ହୋଇପାରୁ ନାହିଁ। ଏ ଦିଗରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ବନ୍ଦ ଥିବାରୁ ତାଙ୍କ ମତାମତ ନିଆଯାଇପାରି ନାହିଁ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା



**ପିପିଲି,୧୨।୧୧(ସମିସ):** ମଙ୍ଗଳବାର ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସମନ୍ୱିତ ବିଜ୍ଞାନ ମେଳା ସ୍ୱେକ୍ଷ୍ରାମ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିଭୂତିଭୂଷଣ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ପିପିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପିପିଲି ମହାବିଦ୍ୟାଳୟ ଅଧ୍ୟାପକ ସତ୍ୟନାରାୟଣ ସାମନ୍ତରାୟ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବ୍ରତ ଜେନା, ପିପିଲି ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ଅନ୍ତର୍ଜାତୀୟ କ୍ଷେତ୍ରରେ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ମୋଟ୍ ୧୨୮ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ, ସୁଚରିତା ସାହୁ, ମହେନ୍ଦ୍ର ଡାଙ୍ଗୁଆ, ରାମକୃଷ୍ଣ ବାରିକ, ମହାତ୍ମା ମହାରଣା, ଜୟନ୍ତ ମଲିକ ଯୋଗଦେଇଥିଲେ। ଏହି ମେଳାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିବାବେଳେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀଧର ସାର୍‌ଙ୍କ ସ୍ମୃତିରେ ଗୀତା ଯଜ୍ଞ ଓ ବେଦପାଠ

**କାକଟପୁର,୧୨।୧୧(ସମିସ):** କାକଟପୁର ବ୍ଲକ୍ କଣ୍ଟାପଡ଼ା ଗ୍ରାମ ପଞ୍ଚାୟତ ଗମ୍ଭାରିପଦା ଗ୍ରାମର ଆଦର୍ଶ ଶିକ୍ଷକ ଲକ୍ଷ୍ମୀଧର ସାର୍‌ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାର୍‌ଙ୍କ ଫଟୋଚିତ୍ରରେ ବରିଷ୍ଠ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ନାୟକ, ଇଂ ଗତିକୃଷ୍ଣ ପ୍ରସାଦ, ସୁପର ଟେଡିଂ ଇଂ ନିରୋଜ କୁମାର ଦାଶ, ସମରେନ୍ଦ୍ର ଦୀକ୍ଷିତ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ବାସନ୍ତୀ ନାୟକ, ନଳିନୀକାନ୍ତ ଦୀକ୍ଷିତ, ବିଶ୍ୱଜିତ୍ ଦାଶ, ଦୀପକ ଶତପଥି, ଜଳନ୍ଧର ନାୟକ, ଅଭୟ ଖୁଣ୍ଟିଆ, ଅରକ୍ଷିତ କାଣ୍ଡି, ଅବଧୁତ ସ୍ୱାଇଁ, ଯଶୋବନ୍ତ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଲକ୍ଷ୍ମୀଧର ସାର୍‌ଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅଣାକ୍ଷର ସତ୍‌ସଙ୍ଗ ମେଳା ଶୁକପୋଖରୀ ପକ୍ଷରୁ ଶରତ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଗୀତା ଯଜ୍ଞ, ବେଦଧ୍ୱନି, ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଗ୍ରାମବାସୀଙ୍କ ସମେତ ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପଢୁଆଁ ହେଲେ ଶ୍ରୀସାକ୍ଷୀଗୋପାଳ, ଶ୍ରୀରାଧା

**ସାକ୍ଷୀଗୋପାଳ,୧୨।୧୧(ସମିସ):** ସାକ୍ଷୀଗୋପାଳ ମନ୍ଦିରରେ ବୁଧବାର ପ୍ରଥମାଷ୍ଟମୀ ଅବସରରେ ପ୍ରଥମାଷ୍ଟମୀ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ଠାକୁର ଶ୍ରୀସାକ୍ଷୀଗୋପାଳ ଓ ଠାକୁରାଣୀ ଶ୍ରୀରାଧାରାଣୀଙ୍କୁ ନୂତନ ବସ୍ତ୍ର, ଫୁଲହାର, ଚନ୍ଦନ ଲାଗି କରାଯାଇଥିଲା। ଜାତଭୋଗ, ଆଳତି, ଉପଚାର ଓ ବନ୍ଦାପନା କରାଯାଇ ଠାକୁରଙ୍କ ପଢୁଆଁ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଛତ୍ରୀ, ତ୍ରାସ, ବିଜେକାହାଳୀ, ଘଣ୍ଟ, ତେଲିଙ୍ଗି ବାଦ୍ୟ, ମହୁରୀ ସେବା କରାଯାଇଥିଲା। ପୂଜାପଣ୍ଡା ଶିବ ସୁନ୍ଦର ମହାପାତ୍ର, ପାଳିଆ ପତ୍ରୀ ଚନ୍ଦ୍ରମଣି ନନ୍ଦ, ସିଂହାରୀ ଅଶୋକ ଖୁଣ୍ଟିଆ, ଭଣ୍ଡାର ମେକାପ ପ୍ରଶାନ୍ତ କୁମାର ମେକାପଙ୍କ ସହିତ ବିଭିନ୍ନ ବର୍ଗର ସେବାୟତ ସାମିଲ୍ ହୋଇଥିଲେ। ବିଶେଷକରି ପଢୁଆଁ ହୋଇଥିବା ପୁଅ ଓ ଝିଅମାନେ ପରିବାର ସହ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ।

# ସିଦ୍ଧ ମହାବୀର ମନ୍ଦିର ଦାନବାକ୍ସ ଲୁଟିନେଲେ ଦୁର୍ବୃତ୍ତ



**ସାକ୍ଷୀଗୋପାଳ,୧୨।୧୧(ସମିସ):** ଐତିହାସିକ ବକୁଳବନସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବଳରାମଦେବ ପୀଠ ନିକଟରେ ପ୍ରତିଷ୍ଠିତ ଶ୍ରୀଶ୍ରୀ ସିଦ୍ଧ ମହାବୀର ଠାକୁରଙ୍କ ଦାନବାକ୍ସକୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଏ ନେଇ ମନ୍ଦିର କମିଟି ସଦସ୍ୟ ରବିନାରାୟଣ ପତ୍ରି ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଛନ୍ତି। ଠାକୁରଙ୍କ ଏହି ଦାନବାକ୍ସ ବର୍ଷକୁ ଗୋଟିଏ ଥର ଖୋଲାଯିବା ସହ ସେଥିରୁ ଲକ୍ଷାଧିକ ଟଙ୍କା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ବାହାରିଥାଏ। ତେଣୁ ଆଉ ମାତ୍ର କିଛି ଦିନ ମଧ୍ୟରେ ଏହି ଦାନବାକ୍ସ ଖୋଲାଯିବାର ବ୍ୟବସ୍ଥା କରାଯାଉଥିଲା। ଏଥିରେ ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷର ଅଧିକ ଦାନ ଅର୍ଥ ମିଳିବା ସମ୍ଭାବନା ରହିଥିଲା, ଯାହା ଠାକୁରଙ୍କ ବିକାଶ କାର୍ଯ୍ୟରେ ବିନିଯୋଗ ହୋଇଥା’ନ୍ତା ବୋଲି ଅଭିଯୋଗକାରୀ ଶ୍ରୀ ପତ୍ରି କହିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ସତ୍ୟବାଦୀ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ଲୁଟେରାମାନେ ଖୁବ୍‌ଶୀଘ୍ର ଧାରାପଡ଼ିବେ ବୋଲି ଥାନା ଅଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

# ନୂଆ ଜଗନ୍ନାଥ ସଡ଼କରେ ଟୋଲ୍ ପ୍ଲାଜା ହେବା ଆଶଙ୍କା

**ନିରାକାରପୁର,୧୨।୧୧(ସମିସ):** ଦେଶରେ ବର୍ତ୍ତମାନ ଏନ୍‌ଏଚ୍‌ଏଆଇ ଦ୍ୱାରା ନିର୍ମାଣ କରାଯାଉଥିବା ସମସ୍ତ ଗ୍ରୀନ୍‌ଫିଲ୍‌ଡ ସଡ଼କରେ ପାଶ୍ୱବର୍ତ୍ତୀ ପାରାଲାଲ୍ ରାଜ୍ୟ ସଡ଼କ ଅଥବା ଜାତୀୟ ରାଜପଥଗୁଡ଼ିକ ଉପରେ ମଧ୍ୟ ଏନ୍‌ଏଚ୍‌ଏଆଇ ଟୋଲ୍ ପ୍ଲାଜା ବସାଇବ ଏବଂ ଟୋଲ୍ ଫି’ ଆଦାୟ କରିବ ବୋଲି ଶୁଣିବାକୁ ମିଳୁଥିବାବେଳେ ନୂଆ ଜଗନ୍ନାଥ ସଡ଼କ ଉପରେ ଟୋଲ୍ ପ୍ଲାଜା ହେବା ଆଶଙ୍କା ବଢ଼ିଛି। ଏହି ସବୁ ପାରାଲାଲ୍ ସଡ଼କ ଦେଇ ଅନେକ ଯାନବାହନ ବିନା ଟୋଲ୍ ଫି’ରେ ଖସିଯାଉଛନ୍ତି। ସେମାନେ ନୂତନ ଗ୍ରୀନ୍‌ଫିଲ୍‌ଡ ସଡ଼କରେ ଅଧିକ ଟୋଲ୍ ଫି’ ଦେବାକୁ ପଡ଼ିବ ବୋଲି ଏହି ପାରାଲାଲ୍ ରୋଡ୍ ଦେଇ ଯାଉଛନ୍ତି। ତେଣୁ ନିର୍ମାଣକାରୀ କମ୍ପାନୀ ଏବଂ ଏନ୍‌ଏଚ୍‌ଏଆଇର ବହୁତ କ୍ଷତି ହେଉଛି। ନିର୍ମାଣକାରୀ କମ୍ପାନୀ ଲାଭ ତ ଦୂରର କଥା ନିଜର ମୂଳ ପଇସା ଉଠେଇବାରେ ମଧ୍ୟ ଅସୁବିଧା ଦେଖାଦେଉଛି। ତେଣୁ ସରକାରଙ୍କ ଉପରେ ଚାପ ପଡୁଛି। ନୂତନ ଗ୍ରୀନ୍‌ଫିଲ୍‌ଡ ସଡ଼କଗୁଡ଼ିକରେ ମଧ୍ୟ ଟ୍ରାଫିକ୍ ହ୍ରାସ ପାଉଛି। ତେଣୁ ସରକାର ଚିନ୍ତା କରୁଛନ୍ତି ଯେ ଏନ୍‌ଏଚ୍‌ଏଆଇ ଗ୍ରୀନ୍‌ଫିଲ୍‌ଡ ସଡ଼କରେ ଟୋଲ୍ ଫି’ ଆଦାୟ କରିବା ସହ ଏହାର ପାଶ୍ୱବର୍ତ୍ତୀ ପାରାଲାଲ୍ ସଡ଼କଗୁଡ଼ିକରେ ମଧ୍ୟ ଟୋଲ୍ ଫି’ ଆଦାୟ କରିବ। ଯେଉଁଳି କୌଣସି ଯାନବାହନ ଆଉ ଖସି ଯାଇପାରିବେ ନାହିଁ।

ଯଦି ଉପକୂଳ ରାଜପଥ ଏକ ଗ୍ରୀନ୍‌ଫିଲ୍‌ଡ ସଡ଼କ ଅଟେ, ଏଥିରେ ତା’ ଟୋଲ୍ ପ୍ଲାଜା ବସାଇବ ଏନ୍‌ଏଚ୍‌ଏଆଇ। ଏହା ସହ ଉପକୂଳ ରାଜପଥର ପାଶ୍ୱବର୍ତ୍ତୀ ପାରାଲାଲ୍ ସଡ଼କ ଯଥା- ରାମେଶ୍ୱର-ପୁରୀ ନୂଆ ଜଗନ୍ନାଥ ସଡ଼କ, ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍, କୋଣାର୍କ-କାକଟପୁର ରାସ୍ତାରେ ମଧ୍ୟ ଟୋଲ୍ ପ୍ଲାଜା ବସାଇବ ଏନ୍‌ଏଚ୍‌ଏଆଇ ଏବଂ ଟୋଲ୍ ଆଦାୟ କରିବ ଯେଉଁଳି କୌଣସି ଗାଡ଼ି ଆଉ ଖସି ନ ଯାଆନ୍ତି। ଏବେ ଦେଖିବାକୁ ବାକି ରହିଲା ଯଦି ସରକାର ଏହାକୁ ଲାଗୁ କରନ୍ତି, ତାହେଲେ ସାଧାରଣ ଲୋକ ଏବଂ ବିରୋଧୀ ଦଳଗୁଡ଼ିକ ଏହାକୁ କିପରି ନେଉଛନ୍ତି। କ୍ୟାପିଟାଲ ରିଜିଅନ ରିଂ ରୋଡ୍ ମଧ୍ୟ ଏକ ଗ୍ରୀନ୍‌ଫିଲ୍‌ଡ ପ୍ରୋଜେକ୍ଟ ହୋଇଥିଲେ ମଧ୍ୟ ଏହାର ଅଲାଇନ୍‌ମେଣ୍ଟ ଡିଜାଇନ୍‌ଟିକୁ ଏତେ ନିପୁଣତାର ସହ କରାଯାଇଛି ଯେ ଏହାର ପାରାଲାଲ୍‌ରେ ପାଶ୍ୱର୍ବର୍ତ୍ତୀ ଅନ୍ୟ କୌଣସି ସଡ଼କ ନାହିଁ। ତେଣୁ ଏହି ପ୍ରୋଜେକ୍ଟରେ ଟ୍ରାଫିକ୍ ସଂଖ୍ୟାକୁ ନେଇ ସମସ୍ୟା ନାହିଁ। ଯାହା ଯୋଗୁଁ ଏହା ଖୁବ୍‌ଶୀଘ୍ର କ୍ୟାବିନେଟ୍ ଅନୁମୋଦନ ପାଇପାରିଛି। ଏହାର ଡିପିଆର୍ ଏବଂ ଅଲାଇନ୍‌ମେଣ୍ଟ ଡିଜାଇନ୍ ଗୁଜରାଟର ଜିଓ ଡିଜାଇନ୍ ଆଣ୍ଡ ରିସର୍ଚ୍ଚ କନ୍ସଲଟାନ୍ସି କମ୍ପାନୀ ପ୍ରସ୍ତୁତ କରିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



### ଐତିହାସିକ କଟକ ବାଲିଯାତ୍ରାର ଅଷ୍ଟମ ସନ୍ଧ୍ୟା

# ରିଷିଙ୍କ ଜଲ୍‌ୱାରେ ଝୁମିଲେ ଦର୍ଶକ









**କଟକ,୧୨।୧୧(ସମିସ):** ଇଣ୍ଡିଆନ୍ ଆଇଡଲ୍ ବିଜେତା ରିଷି ସିଂହଙ୍କ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଗୀତ ବାଲିଯାତ୍ରାର ୮ମ ସନ୍ଧ୍ୟାକୁ ପୁଲକିତ କରିଥିଲା। ଗଣକବି ବୈଷ୍ଣବ ପାଣି ମଞ୍ଚରେ ରିଷି ନିଜ ମ୍ୟୁଜିକାଲ ଟିମ୍ ସହିତ ବଲିଉଡ୍‌ର ସୁପରହିଟ୍ ଗୀତ ଗାନ କରିଥିଲେ। ଜରା ସି ଦିଲ୍ ମେ ଜଗା ତୁ, ଯୋ ଭେଜି ଥି ଦୁଆ, ହମ୍ ତେରେ ବିନ୍ ଅବ ରେହ ନେହିଁ ସକତେ, ତୁ ଇତନା ଜରୁରି କେସେ ହୁଆ ଗୀତରେ ଦର୍ଶକ ଏକଜୁଟ୍ ହୋଇ ନୃତ୍ୟ ପରିବେଷଣ କରିବାକୁ ଲାଗିଥିଲେ। ରିଷିଙ୍କ କିଛି ଘଣ୍ଟାର କାର୍ଯ୍ୟକ୍ରମ ଏହି ଐତିହାସିକ ଯାତ୍ରାର ଦେଖଣାହାରୀଙ୍କୁ ଘଡିଏ ଛିଡ଼ା ରହିବାକୁ ବାଧ କରି ଦେଇଥିଲା।

ବୁଧବାର ଥିବାରୁ ବାଲିଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା। ସାଂସ୍କୃତିକ ମଞ୍ଚରେ ଦେଖିବାକୁ ମିଳିଥିଲା ଉତ୍କଳୀୟ କଳା ଓ ସଂସ୍କୃତିର ବିଚିତ୍ର ସମ୍ମିଳନ। ଶିବାନୀ ମୁଣ୍ଡା ଓ ବିଶ୍ୱଜିତ ଜେନା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଆରଜେ ମାଳୟା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଅପରାହ୍ଣରେ ନାଦ ବ୍ରହ୍ମ କଳାଶ୍ରୀ ପରିଷଦର କଳାକାର ଗାୟତ୍ରୀ ନାୟକଙ୍କ ସୁମଧୁର ଭଜନ ପରିବେଷଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ତ୍ରିନେତ୍ର କଳା କୁଞ୍ଜର ରାମାକାନ୍ତ ସାହୁଙ୍କ ଦ୍ୱାରା ଆକର୍ଷଣୀୟ କାଳୀ ନୃତ୍ୟ ପରିବେଷିତ ହୋଇଥିଲା। ସରସ୍ୱତୀ କଳା କେନ୍ଦ୍ରରୁ ମାନସ ପାଣି ସେମି କ୍ଲାସିକାଲ୍ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀ ଗୋପାଳ ଜୁଏଲ୍ କଳା ନିକେତନର ସୁନନ୍ଦା ମହାନ୍ତିଙ୍କ ଶିବ ତାଣ୍ଡବ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଆଇ.ଏମ୍. ଭି.ଏସ୍‌ର ବିଶ୍ୱମ୍ବର ସାହୁ ଲୋକନୃତ୍ୟ ପରିବେଷଣ କରିଥିଲେ। କୋଶଲ୍ ଫୋକ୍ ଏକାଡେମୀର ନବଘନ ଦାଶଙ୍କ ଡାଲଖାଇ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଜନତାଙ୍କୁ ଝୁମାଇ ଦେଇଥିଲା। ନୃତ୍ୟମ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବନ୍ଦିତା ଧୱନଙ୍କ ଦ୍ୱାରା "କୃଷ୍ଣ ରସ ଲୀଳା" ପରିବେଷିତ ହୋଇଥିଲା। ସ୍କାଇଲାର୍କ ଏକାଡେମୀର ସୌଦାମିନୀ ପଟ୍ଟନାୟକ ଏବଂ ବୃନ୍ଦାବନ ସଂସ୍କୃତି ଅନୁଷ୍ଠାନର ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ଯଥାକ୍ରମେ ସମ୍ବଲପୁରୀ ନୃତ୍ୟ ଓ "ସମ୍ବଲପୁରୀ ବାଜାସାଲ ପରିବେଷିତ ହୋଇଥିଲା। ଦ ଭଏସ୍ ଅଫ୍ ଲଭ୍‌ର ରାଜ କୁମାର ଶତପଥୀ ଲୋକସଙ୍ଗୀତ ଗାନ କରିଥିବା ବେଳେ ପାୟଲ ମ୍ୟୁଜିକ୍ ସ୍କୁଲର ଦେବାଶିଷ ସାମଲ ସମ୍ବଲପୁରୀ ସଙ୍ଗୀତରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିପରି ଅକ୍ଷୟ ମହାନ୍ତି ମଞ୍ଚର ଓଲିଉଡ୍ ନାଇଟ୍‌ରେ ମୁଖ୍ୟ ଆକର୍ଷଣ ଥିଲେ ମଣ୍ଟୁ ଛୁରିଆ। ରଙ୍ଗବତୀ ଗୀତରୁ ମଣ୍ଟୁ ମଞ୍ଚ ପ୍ରବେଶ କରିଥିଲେ। ଝଲମଲ, ଲାଲ ଟହଟହ, ରସିଆ, ସେଲ୍ଫି ବେବୋ ଭଳି ଗୀତ ସବୁ ମଣ୍ଟୁଙ୍କ କାର୍ଯ୍ୟକ୍ରମର ଆକର୍ଷଣ ଥିଲା।





## ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଗୋଟିଏ ଦିନ ପାଇଁ ବଢ଼ିଛି। ମହାନଦୀ କୂଳରେ ୮ ଦିନ ହେବ ଚାଲିଥିବା ଏହି ମୁକ୍ତାକାଶ ବାଣିଜ୍ୟ ମହାମେଳା ଗୁରୁବାର ଶେଷ ହେବ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି। ୧୨ ତାରିଖ ପରିବର୍ତ୍ତେ ଆସନ୍ତାକାଲି ତଥା ୧୩ ତାରିଖ ଦିନ ବାଲିଯାତ୍ରା ଉଦ୍‌ଯାପିତ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଦିଲ୍ଲୀ ବିସ୍ଫୋରଣ ପରେ ହାଇଆଲର୍ଟରେ ରହିଛି ଐତିହାସିକ କଟକ ବାଲିଯାତ୍ରା। ବାଲିଯାତ୍ରା ପଡିଆରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ କଡାକଡି କରାଯାଉଥିବା ବେଳେ ମେଳା ପଡିଆରେ ୭୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପଡିଆକୁ ବିଭିନ୍ନ ସେକ୍ଟରରେ ଭାଗ କରାଯାଇ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ବାଣ୍ଟି ଦିଆଯାଇଛି। ଏହାସହ ବୋମା ନିଷ୍କ୍ରିୟକାରୀ ଦଳ, ସନ୍ଧାନୀ କୁକୁର, କୁଇକ ଆକ୍ସନ ଟିମ, ସ୍ୱତନ୍ତ୍ର ବନ୍ଧୁକଧାରୀ ପୁଲିସଙ୍କୁ ମଧ୍ୟ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି।







# ଖେଳରେ ଟଙ୍କା; ଟଙ୍କାରେ ଖେଳ

**ବାଲିଯାତ୍ରା କାହା ପାଇଁ କେମିତି। କିଛି ଆସନ୍ତି ପରିବାର ଧରି ଆମୋଦପ୍ରମୋଦ ପାଇଁ ଆଉ କିଛି କିଣାକିଣି କରିବାକୁ। ହେଲେ ଏମିତି କିଛି ଜଣ ଆସନ୍ତି ଯେଉଁମାନେ ଖୋଜିଖୋଜି ପହଞ୍ଚିଯାନ୍ତି ମେଳା ପଡ଼ିଆରେ ହେଉଥିବା ବିଭିନ୍ନ ପ୍ରକାରର ଖେଳ ନିକଟରେ। ଏସବୁ ଖେଳିବା ପାଇଁ ଟଙ୍କା ଦେବାକୁ ପଡେ। ଆଉ ଖେଳରେ ଜିତିଲେ ଟଙ୍କା ବି ମିଳେ। ମୋଟାମୋଟି ଭାବେ କହିବାକୁ ଗଲେ ମେଳା ପଡ଼ିଆରେ ଚାଲିଛି ଟଙ୍କାର ଖେଳ....**

**କଟକ,୧୨।୧୧(ସମିସ):** ଜୁଆ ଖେଳ ନୁହେଁ, ହେଲେ ଜୁଆ ଭଳି। ଲୋଭରେ ପଡି ଅନେକ ଲୋକ ପକେଟ୍ ଫାଙ୍କା କରି ଯାଉଛନ୍ତି। ଆଉ କେହିକେହି ୨୦ଟଙ୍କା ଦେଇ ଜିତି ଯାଉଛନ୍ତି ନଗଦ ୧୦୦ଟଙ୍କା କି ତା'ଠୁ ଅଧିକ ଟଙ୍କାର ସାମଗ୍ରୀ। ପ୍ରଶାସନ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ଖେଳ ଉପରେ କଟକଣା ଲାଗିଛି। ତଥାପି ତଳପଡ଼ିଆର ନଦୀକୂଳରେ ଲମ୍ବିଛି ଏଭଳି ଖେଳର ଆସର।

## ଡଟ୍ ପଏଣ୍ଟ ଆଉ ଲକି-୭

ଏକ ବୋର୍ଡ ଉପରେ ଛୋଟଛୋଟ ଅକ୍ଷରେ ଲେଖାଯାଇଥାଏ ୧ରୁ ୭ ଭିତରେ ସବୁ ସଂଖ୍ୟା। ୩ଟି ଥ୍ରୋ- ପିନ୍ ମିଳେ। ୩ଟି ଉପାୟରେ ଟଙ୍କା ଲଗାଇବାକୁ ପଡେ। ୭ ତଳକୁ, ୭ ଏବଂ ୭ ଉପରକୁ। ଯେତିକି ଟଙ୍କା ବାଜିରେ ଲଗେଇବ ଟାର୍ଗେଟ ପୂରଣ କଲେ ଏହାଠାରୁ ଦୁଇ ଗୁଣା ଟଙ୍କା ମିଳିବ। ଯେପରିକି ଜଣେ ବ୍ୟକ୍ତି ୭ ତଳକୁ ଥିବା ୫ ଓ ୬ରେ ୫୦ଟଙ୍କା ଲଗାଏ। ୩ଟି ଥ୍ରୋ-ପିନରେ ଯଦି ସେ ଏହି ସଂଖ୍ୟା ହାସଲ କରେ ତାହେଲେ ୧୦୦ଟଙ୍କା ଦେବ ବ୍ୟବସାୟୀ। ନଚେତ୍ ୨୦ଟଙ୍କା ବି ହରାଇବାକୁ ପଡ଼ିବ। ଏ ଖେଳ ବେଶ୍ ଜମୁଛି ବାଲିଯାତ୍ରା ପଡ଼ିଆରେ।

## ଗ୍ଲାସ ଖସିଲେ ମିଳିବ ଶହେ

୫ଟି ଗ୍ଲାସକୁ ଥାକରେ ଥୁଆ ହୋଇଥାଏ। ୩ଟି ତଳେ, ତା' ଉପରେ ଦୁଇଟି। ଗୋଟିଏ ଫୁଟବଲ ଫୋପାଡ଼ି ୫ଟି ଯାକ ଗ୍ଲାସକୁ ଏକ ସଙ୍ଗରେ ଖସାଇ ପାରିଲେ ମିଳିବ ଶହେ ଟଙ୍କା। ଏଭଳି ହାତଗଣତି ଖେଳ ଚାଲିଛି ମେଳା ପଡ଼ିଆରେ। ଥରେ ବଲ୍ ଫିଙ୍ଗିବା ପାଇଁ ବ୍ୟବସାୟୀ ୨୦ଟଙ୍କା ନେଉଛନ୍ତି। ହେଲେ ଦେଖାଯାଉଛି ଅଧିକାଂଶ ଲୋକେ କେବଳ ଟଙ୍କା ଦେଇ ଫେରୁଛନ୍ତି। ୧୦୦ଟଙ୍କା ଜିତୁଥିବା ଲୋକେ ଖୁବ୍ କମ୍।



## ଏବେବି ରହିଛି ରିଙ୍ଗ୍ ଖେଳ

ରିଙ୍ଗ ଖେଳ ବହୁତ ପୁରୁଣା। ଏବେବି ବାଲିଯାତ୍ରାରେ ରିଙ୍ଗ ଖେଳ ଦେଖିବାକୁ ମିଳୁଛି। ଅନେକ ଯାନିଯାତରାରେ ଏହି ଖେଳ ହୁଏ। ଏଥର ମଧ୍ୟ ବାଲିଯାତ୍ରାରେ ଚାଲିଛି ରଙ୍ଗ ଖେଳ। ୨୦ଟଙ୍କାରେ ୫ଟି ରିଙ୍ଗ୍ ଦିଆଯାଉଛି। ତଳେ ରହିଛି ଟଙ୍କା ଆଉ ବିଭିନ୍ନ ପ୍ରକାରର ସାମଗ୍ରୀ। ରିଙ୍ଗ ଯେଉଁଥିରେ ଗଲେଇବ ତାହା ତୁମେ ଜିତିବ। ୨୦ଟଙ୍କା, ୫୦ଟଙ୍କା, ୧୦୦ଟଙ୍କା, ସାବୁନ୍ ଭଳି ସାମଗ୍ରୀ ବାଜି ଲାଗୁଛି। ହେଲେ ଏଠାରେ ମଧ୍ୟ ଜିତୁଥିବା ଲୋକଙ୍କ ସଂଖ୍ୟା ହାତଗଣତି।



## ବେଲୁନ୍ ଫୁଟାଇବାର ଖୁସି

ବନ୍ଧୁକ ଗୁଳିରେ ବେଲୁନ ଫୁଟାଇବାର ଖୁସି ସାଉଁଟୁଛନ୍ତି ସବୁ ବୟସବର୍ଗର ଲୋକେ। ଛୋଟ ପିଲା ହୁଅନ୍ତୁ କି ବୟସ୍କ, ସବୁ ଏଭଳି ଷ୍ଟଲ ପାଖରେ ଭିଡ଼ ଜମାଉଛନ୍ତି। ୨୦ଟଙ୍କାରେ ୫ଟି ଗୁଳି ଦିଆଯାଉଛି। ଗୁଳି ନୁହେଁତ ଏହା ଛୋଟଛୋଟ ଲୁହାଖଣ୍ଡ ଭଳି। କିଛି ବେଲୁନ ସ୍ଥିର ହୋଇ ରହିଥାଏ। କିଛି ଝୁଲିଥାଏ ତ ଆଉ କିଛି ଇଲେକ୍ଟ୍ରିରୋପ୍‌ରେ ବୁଲୁଥାଏ। ଏହି ଖେଳରେ କୌଣସି ବାଜି ଲାଗେନି। ତଥାପି ବେଲୁନ ଫୁଟାଇବା ଏକ ଖୁସି ଦେଉଛି ମେଳା ବୁଲିବାକୁ ଆସୁଥିବା ଲୋକଙ୍କୁ।



# ସ୍ୱର୍ଗଧାମ ପକ୍ଷରୁ ପ୍ରୟାଗରାଜରେ ସମୂହ ଚିତାଭସ୍ମ କାର୍ଯ୍ୟକ୍ରମ

**କଟକ,୧୨।୧୧(ସମିସ):** ସ୍ୱର୍ଗଧାମ ତରଫରୁ ଆଜି ଏକ ମର୍ମସ୍ପର୍ଶୀ କାର୍ଯ୍ୟକ୍ରମରେ ଗତ ଦୁଇ ଦଶନ୍ଧି ମଧ୍ୟରେ ସଂସ୍କାର ହୋଇଥିବା ୬ ହଜାରରୁ ଉର୍ଦ୍ଧ୍ୱ ଦିବଙ୍ଗତ ବ୍ୟକ୍ତିବିଶେଷଙ୍କ ଚିତାଭସ୍ମକୁ ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରେ ବିସର୍ଜନ ନିମନ୍ତେ ପଠାଯାଇଛି। ଆଜି ସକାଳ ୬.୩୦ରେ ଶବଦାହ ପିଣ୍ଡିଠାରେ ଏକତ୍ରିତ ହୋଇଥିବା ଏହି ସମସ୍ତ ଭସ୍ମକୁ ଗୋମୟ, କ୍ଷୀର, ପୁଷ୍ପ ଏବଂ ତୁଳସୀ ଅର୍ପଣ କରାଯାଇଥିଲା। ମହାମନ୍ତ୍ର ଜପ କରାଯିବା ସହ ସେବକ ପ୍ରଶାନ୍ତ ଆଚାର୍ଯ୍ୟଙ୍କ ଦ୍ୱାରା ଏହାକୁ ଏକ ପବିତ୍ର ତମ୍ବା ପାତ୍ରରେ ସଂଗ୍ରହ କରାଯାଇଥିଲା। ସକାଳ ୮ ଘଣ୍ଟା ସମୟରେ ଏହି ଚିତାଭସ୍ମ ପାତ୍ରକୁ ଧରି ସ୍ୱର୍ଗଧାମରୁ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାଟି କଟକ ସହରର ଗୁରୁତ୍ୱପୂର୍ଣ୍ଣ ଦେବାଦେବୀ ପୀଠ, ଯଥା ରଣା ମା' ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, କଟକ ଚଣ୍ଡୀ ମନ୍ଦିର ଏବଂ ଗଡ଼ଚଣ୍ଡୀ ମନ୍ଦିର ଆଦି ପରିକ୍ରମା କରିଥିଲା। ଏହି ମହତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ଼. ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଶିଷ୍ଟ ସାହିତ୍ୟିକ ଶୈଳଜ ରବୀନ୍ଦ୍ର ସାହୁ ଏବଂ ବରିଷ୍ଠ ସାମ୍ବାଦିକ ସଚିକାନ୍ତ ନାଥ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶରତ କୁମାର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମଶାଲ ଶୋଭାଯାତ୍ରା ସ୍ୱର୍ଗଧାମକୁ ଫେରିବା ପରେ, ପ୍ରେସ୍ ଛକରୁ କିଛି ବାଟ ପଦଯାତ୍ରାରେ ମହାମନ୍ତ୍ର ଜପ କରି ଅପରାହ୍ଣ ୧୨.୫୫ରେ ଦଳ କଟକ ରେଳ ଷ୍ଟେସନରୁ ପ୍ରୟାଗରାଜ ଅଭିମୁଖେ ଯାତ୍ରା ଆରମ୍ଭ କରିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ସର୍ଗିଡିହି ପ୍ରାର୍ଥନା ସଭାକୁ ବନ୍ଦ କଲା ପୁଲିସ

ବଣାଇଁ, ୧୨।୧୧(ସମିସ): ବଣାଇଁ ବ୍ଲକ ଅନ୍ତର୍ଗତ ସରସରା ବଲାଙ୍ଗ ସ୍ଥିତ ସର୍ଗିଡିହି ଠାରେ ହେବାକୁ ଥିବା 'ହୋପ୍ ଆଣ୍ଡ ପ୍ରେୟାର ଫେଷ୍ଟିଭାଲ' ସଭାକୁ ସ୍ଥାନୀୟ ପୁଲିସ ବନ୍ଦ କରିଛି। ଏହି କାର୍ଯ୍ୟକ୍ରମକୁ ଯିଶସ୍ ହେଭେନଲି ଲେଡର୍ ପକ୍ଷରୁ ଆୟୋଜନ କରାଯିବାର ବ୍ୟବସ୍ଥା କରାଯାଇଥିଲା। କିଛିଦିନ ପୂର୍ବରୁ ଉକ୍ତ ପ୍ରାର୍ଥନା ସଭା ଆୟୋଜନର ଖବର ଲୋକଲୋଚନକୁ ଆସିବା ପରେ ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ମହଲରେ ବିରୋଧ ଭାବ ପ୍ରକାଶ ପାଇଥିଲା। ଚଳିତ ମାସ ୧ ତାରିଖରେ ସରସରା ବଲାଙ୍ଗ ଅଞ୍ଚଳର କିଛି ଲୋକ ଟିକାୟତପାଲି ଥାନାରେ ଏହାକୁ ବିରୋଧ କରି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପ୍ରାର୍ଥନା ସଭାଟିକୁ ପୁଲିସ ଦ୍ୱାରା ବନ୍ଦ କରାଯାଇଥିବା ସୂଚନା ମିଳିଛି।

## ପୁଣି ବନ୍ଧମୁଣ୍ଡାରେ ପହଞ୍ଚିଲା ଦନ୍ତା

ରାଉରକେଲା, ୧୨।୧୧(ସମିସ): ବନ୍ଧମୁଣ୍ଡା ଅଞ୍ଚଳରେ ଥମିବାର ନାଁ ଧରୁନି ହାତୀ ଭୟ। ଆଜି ପୁନର୍ବାର ବନ୍ଧମୁଣ୍ଡା ସ୍ଥିତ ଆର କ୍ୟାବିନଠାରେ ଗୋଟିଏ ଦନ୍ତା ହାତୀ ଦେଖିବାକୁ ମିଳିଥିଲା। ଖବରପାଇ ବନ ବିଭାଗ ପହଞ୍ଚି ହାତୀକୁ ଜଙ୍ଗଲ ଆଡକୁ ଘଉଡାଇ ଦେଇଥିଲେ। ସୂଚନାମୁତାବକ, ବୁଧବାର ସକାଳ ପ୍ରାୟ ୫ଟା ବେଳେ ଉକ୍ତ ଅଞ୍ଚଳରେ ଦନ୍ତା ପଶି ଆସିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହଠାତ୍ ହାତୀକୁ ଦେଖି ଲୋକେ ଭୟଭୀତ ହୋଇ ଜୀବନ ବିକଳରେ ଦୌଡି ପଳାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ବନ ବିଭାଗ ହାତୀକୁ ଶାନ୍ତି ପୂର୍ବକ ଘଉଡାଇବାକୁ ଅଭିଯାନ ଆରମ୍ଭ କରିଥିଲା। ବହୁ କସରତ ପରେ ପ୍ରେମ ନଗର ଉପର ବାହାଲ ଗ୍ରାମ ଦେଇ ସୋନା ପର୍ବତ ଆଡ଼କୁ ଘଉଡାଇ ଦିଆଯାଇଥିଲା। ତେବେ କାହାରି କିଛି କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି। ଗତ କିଛି ଦିନରୁ ଆଖପାଖ ଜଙ୍ଗଲରୁ ହାତୀ ସହର ଭିତରକୁ ପଶି ଆସୁଛନ୍ତି। ଫଳରେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଦିଗରେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

## ୧୪ରେ ଆକାଶବାଣୀର ଫୋନ୍ ଇନ୍ କାର୍ଯ୍ୟକ୍ରମ

ରାଉରକେଲା, ୧୨।୧୧(ସମିସ): ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ 'ମଧୁମେହ ରୋଗ ଓ ଏହାର ପ୍ରତିକାର' ବିଷୟରେ ଏକ ବିଶେଷ ଫୋନ୍ ଇନ୍ କାର୍ଯ୍ୟକ୍ରମ ୧୦୨.୬ ଏଫ୍ଏମ୍ ଆକାଶବାଣୀ ରାଉରକେଲା କେନ୍ଦ୍ରରୁ ଚଳିତମାସ ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୧ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରସାର କରାଯିବ। ଏଥିପାଇଁ ଚଳିତ ନଭେମ୍ବର ୧୩ ତାରିଖ ଅପରାହ୍ନ ୨ଟା ରୁ ୩ ଟା ପର୍ଯ୍ୟନ୍ତ ଷ୍ଟୁଡିଓରେ ଉପସ୍ଥିତ ରହି ଶ୍ରୋତାମାନଙ୍କ ପ୍ରଶ୍ନର ଉତ୍ତର ଦେବେ ମଧୁମେହ ରୋଗ ବିଶେଷଜ୍ଞ ଡାକ୍ତର ଅଂଶୁମାନ ନାଏକ। ଆଗ୍ରହୀ ଶ୍ରୋତାମାନେ ନିର୍ଦ୍ଦିଷ୍ଟ ସମୟରେ ୦୬୬୧-୨୪୭୦୧୫୪ ନମ୍ବରରେ ଫୋନ୍ କରି ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି ଆକାଶବାଣୀ ପକ୍ଷରୁ ସୂଚାଯାଇଛି।

## ସର୍ଟସର୍କିଟରୁ ନିଆଁ ଲାଗି ଜଳିଗଲା ଘର

ବଣାଇଁ, ୧୨।୧୧(ସମିସ): ବଣାଇଁ ବ୍ଲକ ଅନ୍ତର୍ଗତ କଷଡା ପଞ୍ଚାୟତ ଅଧିନସ୍ଥ କଷଡ଼ା ଗ୍ରାମର ବିରେନ ସିଂଙ୍କ ଘରେ ନିଆଁ ଲାଗି ଘରଟି ସମ୍ପୂର୍ଣ୍ଣ ଜଳିଯିବା ସହିତ ଘର



ଭିତରେ ଥିବା ନଗଦ ୫୦ହଜାର ଟଙ୍କା, ସୁନା, ଆସବାବପତ୍ର, ଆବଶ୍ୟକୀୟ ସରକାରୀ କାଗଜ ପତ୍ର ଓ ଅନ୍ୟାନ୍ୟ ଘର ଉପଯୋଗୀ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ସୂଚନାନୁଯାୟୀ, ଘରେ କେହି ନଥିବା ସମୟରେ ହଠାତ୍ ବିରେନ ସିଂଙ୍କ ଘରୁ ଧୂଆଁ ଉଠୁଥିବା ପାଖପଡୋଶୀ ଦେଖିବାକୁ ପାଇଥିଲେ। ପାଖପଡ଼ିଶା ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଘର ଭିତରେ ଥିବା ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇସାରିଥିଲା। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ବିରେନ ବର୍ତ୍ତମାନ ନିଃସହାୟ ହୋଇପଡ଼ିଛନ୍ତି। ସରକାରୀ ସହାୟତା ପାଇଁ ସରପଞ୍ଚ, ତହସିଲ, ଥାନା ଏବଂ ଅନ୍ୟାନ୍ୟ ସରକାରୀ ବିଭାଗକୁ ଜଣାଇଛନ୍ତି।

## ଦତ୍ତୋମନ୍ତ ଠେଙ୍ଗେଡୀଙ୍କ ଜୟନ୍ତୀ




ରାଉରକେଲା, ୧୨।୧୧(ସମିସ): ଭାରତୀୟ ମଜଦୁର ସଂଘ, ଭାରତୀୟ କିଶାନ ସଂଘ ପକ୍ଷରୁ ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରତିଷ୍ଠାତା ରାଷ୍ଟ୍ରଋଷି ଦତ୍ତୋମନ୍ତ ଠେଙ୍ଗେଡୀଙ୍କ ଜୟନ୍ତୀକୁ ସ୍ୱଦେଶୀ ଦିବସ ଭାବେ ପାଳନ କରାଯାଇଛି। ଭାରତୀୟ ମଜଦୁର ସଂଘ ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର ନାଥ ମହାନ୍ତ ଦତ୍ତୋମନ୍ତ ଠେଙ୍ଗେଡୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରାନ୍ତ ସଂଯୋଜକ ରମାକାନ୍ତ ପାତ୍ର ସମସ୍ତେ ଦତ୍ତୋମନ୍ତ ଠେଙ୍ଗେଡୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱଦେଶୀ ଗ୍ରହଣ କଲେ ଭାରତ ପୁନର୍ବାର ବିଶ୍ୱଗୁରୁ ହୋଇପାରିବ ବୋଲି କହିଥିଲେ। ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ହିମାଂଶୁ ବଳ, ବିଏମ୍ଏସ୍ କାର୍ଯ୍ୟକର୍ତ୍ତା କବିଚନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ। ମଞ୍ଚର ବିଭାଗ ସଂଯୋଜକ ଭୀମସେନ ନାଏକ ସ୍ୱଦେଶୀ ସଂକଳ୍ପ କରାଇଥିଲେ। ପ୍ରାନ୍ତ ମହିଳା ପ୍ରମୁଖ ଚନ୍ଦ୍ରିକା ଲାକ୍ରା ମଞ୍ଚ ପରିଚାଳନା କରିଥିଲେ।

## ନୂଆଗାଁ ପଞ୍ଚାୟତ ସମିତି ବୈଠକ

# ବାଲିର ଉତ୍କଟ ଅଭାବକୁ ନେଇ ଜନପ୍ରତିନିଧିଙ୍କ ହଟ୍ଟଗୋଳ

ରାଉରକେଲା, ୧୨।୧୧(ସମିସ)




### ସମସ୍ୟାର ସମାଧାନ ନ ହେଲେ ବୈଠକ ବର୍ଜନ ଚେତାବନୀ

ବାଲିର ଉତ୍କଟ ଅଭାବ ଯୋଗୁଁ ନୂଆଗାଁ ବ୍ଲକରେ ସମସ୍ତ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ବିଡିଓଙ୍କ ନୀରବଦ୍ରଷ୍ଟାକୁ ନେଇ ନୂଆଗାଁ ପଞ୍ଚାୟତ ସମିତି ବୈଠକରେ ଆଜି ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ସମସ୍ତ ପ୍ରତିନିଧି ପଞ୍ଚାୟତ ସମିତି ବୈଠକକୁ ବର୍ଜନ କରିଥିବା ନଜରକୁ ଆସିଥିଲା। ପରେ ବିଡିଓଙ୍କ ଅନୁରୋଧ କ୍ରମେ ବୈଠକ ବସିଥିଲେ ସୁଦ୍ଧା ମାତ୍ର ୪୫ ମିନିଟ ଭିତରେ ବୈଠକ ପ୍ରବଳ ହଟ୍ଟଗୋଳ ମଧ୍ୟରେ ସମାପ୍ତ ହୋଇଯାଇଥିଲା। ତେବେ ବାଲି ସମସ୍ୟାକୁ ତୁରନ୍ତ ସମାଧାନ ନ କରାଗଲେ ଆସନ୍ତା ବୈଠକକୁ ସମ୍ପୂର୍ଣ୍ଣ ବର୍ଜନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କୋଏଲ ନଦୀରୁ ବିଭିନ୍ନ ବାଲିଘାଟରେ ବାଲି ଉଠାଣ ପାଇଁ ଟେଣ୍ଡର କରାଯାଉଥିବାରୁ ଦୈନିକ ଲକ୍ଷ ଲକ୍ଷ ଟନର ବାଲି ଚୋରା ଚାଲାଣ ହେଉଥିବା ଓ ଏଥିପାଇଁ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଛି। ଖଣି ବିଭାଗ ଓ ପୁଲିସର ବାଲି ମାଫିଆଙ୍କ ସହ ମିଳିତ ମଧୁଚନ୍ଦ୍ରିକାରେ ଦୀର୍ଘ ବର୍ଷେ ହେବ ଏହି ଖଣି ଚୋରା କାରବାର ଚାଲି ଆସୁଥିବା ବେଳେ ମାଫିଆମାନେ ବାଲିର ମୂଲ୍ୟ ଆକାଶଛୁଆଁ କରି ଦେଇଛନ୍ତି। ମାଫିଆଙ୍କ ଦ୍ୱାରା ବିଳମ୍ବିତ ରାତିରେ କୋଏଲ ନଦୀର ତେତେରକେଲା ଗୋପୁର ବାଲିଘାଟରୁ ଜେସିବି, ଲୋଡର ଦ୍ୱାରା ଉତ୍ତୋଳିତ ଏହି ଚୋରା ବାଲି ମଧ୍ୟରୁ ଅଧିକାଂଶ ବାଲି ବିହାର, ଝାଡଖଣ୍ଡକୁ ଚାଲାଣ କରାଯାଉଛି। ସେପଟେ ବାଲିର ସଙ୍କଟ ପାଇଁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଠିକାଦାର ପର୍ଯ୍ୟନ୍ତ ସମସ୍ତେ ହନ୍ତସନ୍ତ ହେଉଛନ୍ତି। ସାଧାରଣ ଜନତା ସେମାନଙ୍କ ନିଜ ଘରଦ୍ୱାର ନିର୍ମାଣ କରି ପାରୁନଥିବା ବେଳେ ସରକାରଙ୍କ ପ୍ରଧାନମନ୍ତ୍ରୀ ଯୋଜନାର କୌଣସି କାର୍ଯ୍ୟ ହୋଇପାରୁ ନାହିଁ। ଫଳରେ ନୂଆଗାଁ ବ୍ଲକରେ ବହୁ ସରକାରୀ ଉନ୍ନୟନ କାର୍ଯ୍ୟ ହୋଇ ନପାରିବା ତଥା ବିଳମ୍ବ ହେବା ଯୋଗୁଁ ଆଜି ନୂଆଗାଁ ପଞ୍ଚାୟତ ସମିତି ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ନିକଟ ଅତୀତରେ ନୂଆଗାଁ ବ୍ଲକ ପ୍ରଶାସନ ମନୋମୁଖୀ କାର୍ଯ୍ୟ, ଉନ୍ନୟନମୂଳକ କାର୍ଯ୍ୟରେ ଜନ ପ୍ରତିନିଧିମାନଙ୍କୁ ଉପେକ୍ଷା ଯୋଗୁଁ ବ୍ଲକର ସମସ୍ତ ୨୦ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ବ୍ଲକ ପକ୍ଷରୁ ଅୟୋଜିତ ବିକାଶ ବାହନ ଯାତ୍ରାକୁ ବର୍ଜନ କରିଥିଲେ। କୌଣସି ସମସ୍ୟା ସମାଧାନ ହେଉନଥିବାରୁ ବୁଧବାର ଦିନ ନୂଆଗାଁ ପଞ୍ଚାୟତ ସମିତିର ୮ମ ବୈଠକ ହେବା ପୂର୍ବରୁ ହିଁ ବ୍ଲକର ସମସ୍ତ ସମିତି ସଭ୍ୟ, ସରପଞ୍ଚମାନେ ବୈଠକକୁ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଥିଲେ। ସମସ୍ୟା ଭିତରୁ ବାଲି ସମସ୍ୟା ପ୍ରମୁଖ ରହିଥିଲା। ଏଥିପାଇଁ ସେମାନେ ବାରମ୍ବାର ବ୍ଲକ ପ୍ରଶାସନ ଜରିଆରେ ସମସ୍ୟାର ସମାଧାନ ପାଇଁ ଦାବି କରି ଆସୁଥିଲେ ହେଁ ବ୍ଲକ ପ୍ରଶାସନ ଏଥିପ୍ରତି ଆଦୌ କର୍ଣ୍ଣପାତ କରୁନଥିବା ସେମାନେ ଅଭିଯୋଗ କରିଥିଲେ। ତେବେ ନୂଆଗାଁ ବ୍ଲକ ଉନ୍ନୟନ ଅଧିକାରୀ ଜ୍ୟୋତି ବିକାଶ ଦାସ ଲୋକ ପ୍ରତିନିଧିମାନଙ୍କୁ ବୈଠକରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିବା ସହ ବୈଠକରେ ଆଲୋଚନା ମାଧ୍ୟମରେ ଘଟଣାର ସମାଧାନ କରାଯିବ ବୋଲି କହିବା ପରେ ସମସ୍ତ ଲୋକ ପ୍ରତିନିଧି ବୈଠକ ସ୍ଥଳକୁ ଆସିଥିଲେ। ନୂଆଗାଁ ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ବିଶ୍ୱାସୀ ଟପ୍ପୋଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ବୀରମିତ୍ରପୁର ବିଧାୟକ ରୋହିତ ଜୋଶେଫ ତିର୍କୀ, ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତି ଦଲସରା ଟେଟେ, ଜିଲ୍ଲା ପରିଷଦ ସଞ୍ଜିତା କିସପଟା, ନୂଆଗାଁ ସରପଞ୍ଚ ମାଇକେଲ ମିଞ୍ଜ, ଖୁଟଗାଁ ସରପଞ୍ଚ ସୁମିତ୍ରା ଓରାମ୍, ବଡ ଯୋଜଦା ସରପଞ୍ଚ ବିଶ୍ରା ଭେଙ୍ଗରା, ସରୋଡା ସରପଞ୍ଚ ଅନୁଗ୍ରହ ଯୋଜ, ଅଙ୍କୁର ପାଲି ସରପଞ୍ଚ ସୁଶିଲ ଟପ୍ପୋ, ହାତୀବାରୀ ସରପଞ୍ଚ ଆଶ୍ରିତା ଏକା, ହାତୀବାରୀ ସମିତି ସଭ୍ୟ ଦିଗମ୍ବର ଦାସ, କର୍କଟ ନାସା ସମିତି ସଭ୍ୟ ଇନ୍ଦ୍ର ପ୍ରଧାନ, ଲୁକୁମ ବେଡା ସମିତି ସଭ୍ୟ ଦିନେଶ୍ ଗଂଜୁଙ୍କ ସମେତ ୨୦ଟି ପଞ୍ଚାୟତର ଅଧିକାଂଶ ସମିତି ସଭ୍ୟ ଓ ସରପଞ୍ଚ ମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭ ହେବା କ୍ଷଣି ପ୍ରଥମେ ନୂଆଗାଁ ସରପଞ୍ଚ ମାଇକେଲ ମିଞ୍ଜଙ୍କ ସହ ଅନେକ ସରପଞ୍ଚ ଓ ସମିତି ସଭ୍ୟ ନୂଆଗାଁ ବ୍ଲକରେ ବାଲି ସମସ୍ୟା ପ୍ରସଙ୍ଗକୁ ଉଠାଇ ଥିଲେ। ଆଜିକୁ ପ୍ରାୟ ଏକ ବର୍ଷ ହେବ ବାଲି ସମସ୍ୟାର ସମାଧାନ କାହିଁକି କରାଯାଉ ନାହିଁ ବୋଲି ଯୁକ୍ତି କରିଥିଲେ। ଦୀର୍ଘ ୧ ବର୍ଷ ହେବ ବାଲିଘାଟ ଗୁଡିକର ଟେଣ୍ଡର କରା ନଯିବା ଯୋଗୁଁ ବୈଧ ଉପାୟରେ ନଦୀରୁ ବାଲି ଉଠି ପାରୁନି। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଯଦି ବି କେହି ବାଲି ନଦୀରୁ ଆଣୁଛି, ତେବେ ପୁଲିସ ଓ ଖଣି ବିଭାଗ ଅଧିକାରୀମାନେ ଲକ୍ଷେ ଟଙ୍କା ଜରିମାନା କରିବା ସହ ଟ୍ରାକ୍ଟର ଜବତ କରାଯାଉଛି। ସେହିଭଳି ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଓରାମ୍ କହିଲେ ବାଲି ସମସ୍ୟା ନେଇ ଆମ୍ଭେ ବାରମ୍ବାର ବ୍ଲକରେ ଉତଥାପନ କଲାପରେ ମଧ୍ୟ ବ୍ଲକ ପ୍ରଶାସନ ନୀରବ ରହିବା କେତେଦୂର ଯୁକ୍ତିଯୁକ୍ତ। ଫଳରେ ବ୍ଲକ କିମ୍ବା ପଞ୍ଚାୟତ ଗୁଡିକୁ ଆସୁଥିବା କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରୁନି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମସ୍ତ କାର୍ଯ୍ୟ ବାଲି ପାଇଁ ବନ୍ଦ ପଡ଼ିଛି। ଯଦି ବି କୌଣସି ପରିସ୍ଥିତିରେ ବାଲି କିଛି ମିଳୁଛି ତା' ପୁଣି ୩ ଗୁଣା ଦରରେ, ଏପରି ସ୍ଥଳେ କିପରି ବିକାଶମୂଳକ କାର୍ଯ୍ୟ କିପରି ହେବ ବୋଲି ବୈଠକରେ ପ୍ରଶ୍ନ ଉଠିଥିଲା। ଏଥିସହ ବୈଠକରେ ତହସିଲ, ବିଦ୍ୟୁତ୍ ବିଭାଗ, ଉଦ୍ୟାନ ବିଭାଗର କର୍ମଚାରୀ ଅନୁପସ୍ଥିତ ଥିବାରୁ ମଧ୍ୟ କ୍ଷୋଭ ପ୍ରକାଶ ପାଇଥିଲା।

## ରାଜଗାଙ୍ଗପୁରରେ ସାଇବର ସୁରକ୍ଷା ସଚେତନତା

ରାଉରକେଲା, ୧୨।୧୧(ସମିସ): ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ରାଜଗାଙ୍ଗପୁର ସହରରେ ରାଜଗାଙ୍ଗପୁର ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଏକ ବିଶାଳ ୱାକାଥନ ଆୟୋଜିତ ହୋଇଥିଲା। ଏହାସହ ସାଇବର ରଥ ଓ ସାଇବର ଅପରାଧ ସଚେତନତା ପାଇଁ ଉଦ୍ଦିଷ୍ଟ ମାସକଟ୍ 'ସାଇରା'କୁ ବିପୁଳ ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି ସାଇବର



ଅପରାଧ ସଚେତନତା ରଥ ରାଜଗାଙ୍ଗପୁର ସହରର ବୀର ବିର୍ସା ଷ୍ଟାଡିୟମ, ଡିସିବିଏଲ କ୍ୟାମ୍ପସରୁ ଆରମ୍ଭ ହୋଇଥିଲା। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର ଏହି ସାଇବର ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ରାଜଗାଙ୍ଗପୁର ସହର ପରିକ୍ରମା କରି ଶେଷରେ ରାଜଗାଙ୍ଗପୁର ଥାନା ନିକଟରେ ଶେଷ ହୋଇଥିଲା। ଏହି ଅବସରରେ ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ସେଥିରେ ଏସ୍ପି ଶ୍ରୀମତୀ କୌର ମୁଖ୍ୟଅତିଥି ଭାବେ ଯୋଗଦେଇ ସାଇବର ଠକଙ୍କ ଠାରୁ ସତର୍କ ରହିବା, କୌଣସି ଅଜଣା ଲୋକ ସହ ଓଟିପି ତଥା ବ୍ୟକ୍ତିଗତ ତଥ୍ୟ ଯେମିତିକି ଆଧାର, ପାନ୍ କାର୍ଡ ନମ୍ବର ଆଦି ସେୟାର ନ କରିବା, ଅନଲାଇନ୍‌ରେ କୌଣସି ଅଜ୍ଞାତ ଲିଙ୍କକୁ କ୍ଲିକ୍ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବା, ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଇଣ୍ଟରନେଟ୍ ବ୍ୟବହାର ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଦିବାସୀ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଦ୍ରି ଭାଷାରେ ସଙ୍ଗୀତ ମାଧ୍ୟମରେ ସଚେତନ କରାଯାଇଥିଲା। ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୁଲିସ ଅଧୀକ୍ଷକ ଶାନ୍ତା ନୂତନ ସାମଦ, ମହେନ୍ଦ୍ର ମୁର୍ମୁଙ୍କ ସମେତ ବିଭିନ୍ନ ପୁଲିସ ଅଧିକାରୀ, କର୍ମଚାରୀଙ୍କ ସହିତ ଛାତ୍ର, ଶିକ୍ଷକ, ଏନସିସି କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ।

## ଆର୍ଏସ୍‌ପିରେ ସୁରକ୍ଷା ପୁରସ୍କାର ସମାରୋହ

ରାଉରକେଲା, ୧୨।୧୧(ସମିସ): ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନର ଏକ ଅଂଶ ସ୍ୱରୂପ ସୁରକ୍ଷା କୁଇଜର ବିଜେତାମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ଆରଏସପିର ନୂତନ ସିସିଡି ସମ୍ମିଳନୀ କକ୍ଷରେ ଏକ ସୁରକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ସିଓ ଏଣ୍ଡ ସିସିଡି ବିଭାଗର ସିଜିଏମ, ରାକେଶ ଜୋଶୀ, ସିସିଡି ବିଭାଗର ଜିଏମ୍ ଇନ୍‌ଚାର୍ଜ ବିକେ ତିୱାରୀ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର



ପ୍ରଦାନ କରିଥିଲେ। ଏହି କୁଇଜ କାର୍ଯ୍ୟକ୍ରମରେ ମୋଟ ୪୬ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଠିକା ଶ୍ରମିକ, ସାଇଟ୍ ସୁପରଭାଇଜର ଏବଂ ସୁରକ୍ଷା ସୁପରଭାଇଜରଙ୍କ ସମେତ ଛଅ ଜଣ କୁଇଜ ବିଜେତାଙ୍କ ସହ ଛଅ ଜଣ ସୁରକ୍ଷା-ସଚେତନ ଶ୍ରମିକଙ୍କୁ ସେମାନଙ୍କ ନିରାପଦ କାର୍ଯ୍ୟ ଅଭ୍ୟାସ ପ୍ରତି ପ୍ରତିବଦ୍ଧତା ନିମନ୍ତେ ସମ୍ମାନିତ କରାଯାଇଥିଲା। ହୀରାଲାଲ ମହାପାତ୍ର ବିଷାକ୍ତ ଗ୍ୟାସ ସୁରକ୍ଷା, ବିପଦ ଚିହ୍ନଟ, ନିବାରଣ, ପୃଥକୀକରଣ, ଭେଣ୍ଟିଂ ଏବଂ କାର୍ଯ୍ୟ କରିବା ପ୍ରଣାଳୀ ଉପରେ କହିଥିଲେ। ରାକେଶ ଜୋଶୀ ଭୋପାଳ ଏବଂ ଚେର୍ନୋବିଲ୍ ଭଳି ଅତୀତର ଶିଳ୍ପ ବିପର୍ଯ୍ୟୟରୁ ଶିକ୍ଷା ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରି ପ୍ରତିରୋଧ ସର୍ବଦା ଚିକିତ୍ସା ଅପେକ୍ଷା ଉତ୍ତମ ବୋଲି କହିଥିଲେ। ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ୟାସ୍, ଏଲଡି ଗ୍ୟାସ୍ ଏବଂ କୋକ୍ ଓଭେନ୍ ଗ୍ୟାସ୍‌ର ଜରୁରୀକାଳୀନ ପ୍ରସ୍ତୁତି ଏବଂ ନିରାପଦ ପରିଚାଳନା ବିଷୟରେ ସୂଚନା ଦେଇଥିଲେ। ସିସିଡି ବିଭାଗର ଏଜିଏମ ଏମ୍‌କେ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିସିଡି ବିଭାଗର ଡିଜିଏମ ଏବଂ ଡିଏସଓ ଶୁଭେନ୍ଦୁ ପଟ୍ଟନାୟକଙ୍କ ସମେତ ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ଆର୍ଏନ୍ ପାଣିଗ୍ରାହୀ ସଂଯୋଜନା କରିଥିଲେ।

## ଗଣୁଆଁ ନକ୍ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ନାଇଣ୍ଟିନ୍ ଟ୍ୱେଣ୍ଟି ବୁଥ୍ ବାଙ୍ଗଲା ଟିମ୍ ଚାମ୍ପିଅନ୍




କୋଇଡା, ୧୨।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ମାଲଦା ପଞ୍ଚାୟତର ଗଣୁଆଁ ମିନି ଷ୍ଟାଡିୟମଠାରେ ସ୍ପୋର୍ଟିଂ କ୍ଲବ୍ ଗଣୁଆଁ ପକ୍ଷରୁ ଆୟୋଜିତ ୩ ଦିନିଆ ୧୬ ତମ ନକ୍ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ମୋଟ ୩୨ ଗୋଟି ଦଳ ଭାଗ ନେଇଥିବା ବେଳେ ଏହାର ଫାଇନାଲ ମ୍ୟାଚ୍ ଏସ୍ଏସ୍ ନାଇନ୍ ଷ୍ଟାର୍ ବନାମ ନାଇଣ୍ଟିନ୍ ଟ୍ୱେଣ୍ଟି ବୁଥ୍ ବାଙ୍ଗଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଇଣ୍ଟିନ୍ ଟ୍ୱେଣ୍ଟି ବୁଥ୍ ବାଙ୍ଗଲା ଦଳ ବିପକ୍ଷ ଦଳକୁ ପେନାଲ୍ଟି ସୁଟଆଉଟ୍‌ରେ ୫-୪ ଗୋଲରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ସେହିପରି ୨ ଗୋଟି ମହିଳା ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଜେଏସ୍‌ଡବ୍ଲ୍ୟୁ ଜଜାଙ୍ଗ ମହିଳା ଦଳ ଟାଟାଷ୍ଟିଲ ଜୋଡା ମହିଳା ଦଳକୁ ୧-୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ପରିଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ୍ ଦଳକୁ ୧, ୮୦, ୦୦୦ ନଗଦ ସହ ଟ୍ରଫି ପ୍ରଦାନ କରାଯାଇଥିଲା ବେଳେ ରନର୍ସଅପ ଦଳକୁ ୧, ୨୦, ୦୦୦ ନଗଦ ସହ ଟ୍ରଫି ଏବଂ ସେମି ଫାଇନାଲ ଉଭୟ କେକେଏଫ୍ସି ଓ ସିଆଇଟିୟୁ ବଣାଇଁ ଦଳକୁ ୬୦ ହଜାର ନଗଦ ପ୍ରଦାନ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ସହିତ ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ସ୍କୋରର, ଡିଫେଣ୍ଡର, ଗୋଲକିପରଙ୍କୁ ନଗଦ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମହିଳା ଦଳକୁ ୧୦ ହଜାର ନଗଦ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ପୋର୍ଟିଂ କ୍ଲବ ଗଣୁଆ ପକ୍ଷରୁ ସଭାପତି ତପନ କୁମାର ପାତ୍ର, ଉପସଭାପତି ଦିବାକର ନାଏକ, ସମ୍ପାଦକ ରଞ୍ଜିତ ନାଏକଙ୍କ ସମେତ କ୍ଲବର ଅନ୍ୟାନ୍ୟ ସଦସ୍ୟ ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିଥିଲେ। ମୁଖ୍ୟ ଆକର୍ଷଣ ଭାବେ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ରାଜନେତ୍ରୀ ବିଦୁସ୍ମିତା ଦାଶ, କମେଡି ୟୁଟୁବର୍ ସୁଭେନ୍ଦୁ ଗିରି (କାକା ନାଇଡୁ) ଯୋଗ ଦେଇଥିଲେ।

# ୧୩ରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ରାଉରକେଲା, ୧୨।୧୧(ସମିସ)




### ୨୦ ଜଣଙ୍କୁ ସ୍ୱର୍ଣ୍ଣ ଓ ୩୮ ଜଣଙ୍କୁ ପିଏଚଡି ପଦକ

ଓଡ଼ିଶାର ବୈଷୟିକ ଶିକ୍ଷାର ପ୍ରମୁଖ କେନ୍ଦ୍ର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବ ନଭେମ୍ବର ୧୩ ତାରିଖରେ ରାଉରକେଲା ସ୍ଥିତ ବିପିୟୁଟି ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହେବ। ଏଥିରେ ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ହରିବାବୁ କମ୍ଭମପତି ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବୁଧବାର ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚାଇଛନ୍ତି। ବେଙ୍ଗାଲୁରର ଜାତୀୟ ମୂଲ୍ୟାଙ୍କନ ଓ ଅନୁମୋଦନ ପରିଷଦ(ଏନ୍ଏସିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏସ୍.ସି. ଶର୍ମା ଏହି ଦ୍ୱାଦଶତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୨୦୨୪-୨୫ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ବି.ଟେକ୍ ଛାତ୍ରଙ୍କୁ ଅର୍ଜୁନ ଭୂୟାଁ ସ୍ୱର୍ଣ୍ଣ ପଦକ, ଶ୍ରେଷ୍ଠ ଏମ୍ ଟେକ୍ ଛାତ୍ରଙ୍କୁ ଭୁବନାନନ୍ଦ ଦାସ ସ୍ୱର୍ଣ୍ଣ ପଦକ ଏବଂ ଶ୍ରେଷ୍ଠ ବି. ଫାର୍ମା ଛାତ୍ରଙ୍କୁ ଦିଲ୍ଲିପ କୁମାର ସାନତ୍ରା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏଥିସହ ଏହି ସମାବର୍ତ୍ତନ ଉତ୍ସବରେ ମୋଟ ୩୦, ୮୯୪ ଜଣଙ୍କୁ ବିଭିନ୍ନ ବିଷୟରେ ଡିଗ୍ରୀ ପ୍ରଦାନ କରାଯିବ। ମୋଟ ୨୦ ଜଣଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ୩୮ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯିବ। ସେହିପରି ଇଂଜିନିୟରିଂ କ୍ଷେତ୍ରରେ ୧୭, ୧୫୯ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଏଗ୍ରିକଲଚରରେ ୧୧୯, ଫାର୍ମାସୀରେ ୨୮୭୩, ମ୍ୟାନେଜମେଣ୍ଟରେ ୬୨୬୯, କମ୍ପ୍ୟୁଟର ଆପ୍ଲିକେସନ ଏବଂ ବିଜ୍ଞାନରେ ୪୪୭୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ସ୍ୱତନ୍ତ୍ର ସମ୍ମାନ ଏବଂ ସ୍ୱର୍ଣ୍ଣ ପଦକକୁ ଛାଡ଼ି ଅନ୍ୟ ସମସ୍ତ ଡିଗ୍ରୀକୁ ରାଜ୍ୟପାଳଙ୍କ ଅନୁମୋଦନ ପରେ ସେହି ଡିଗ୍ରୀ ସାର୍ଟିଫିକେଟଗୁଡିକୁ ଛାତ୍ରଛାତ୍ରୀଙ୍କୁ ବଣ୍ଟନ ପାଇଁ ଅନୁବନ୍ଧିତ ଓ ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକୁ ପଠାଇ ଦିଆଯିବ ବୋଲି କୁଳପତି ପ୍ରଫେସର ଅମିୟ କୁମାର ରଥ ସୂଚନା ଦେଇଥିଲେ। ଓଡ଼ିଶା ବିଧାନସଭାର ଏକ ଅଧିନିୟମ ବଳରେ ୨୦୦୨ ମସିହାରେ ପ୍ରତିଷ୍ଠିତ ବିପିୟୁଟି, ବର୍ତ୍ତମାନ ଭୌଗୋଳିକ ପରିସୀମା ଦୃଷ୍ଟିରୁ ରାଜ୍ୟର ସର୍ବବୃହତ୍ତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ବର୍ତ୍ତମାନ ଏହା ଅଧୀନରେ ୧୦ଟି ସରକାରୀ ମହାବିଦ୍ୟାଳୟ, ୨ଟି ସହବନ୍ଧିତ ମହାବିଦ୍ୟାଳୟ ଏବଂ ରାଉରକେଲାଠାରେ ଏକ ସ୍ନାତକ ଓ ସ୍ନାତକୋତ୍ତର ଅଧ୍ୟୟନ କେନ୍ଦ୍ରକୁ ମିଶାଇ ମୋଟ ୧୪୫ଟି ମହାବିଦ୍ୟାଳୟ ରହିଛି। ଏହି ବିଶ୍ୱବିଦ୍ୟାଳୟ ରାଜ୍ୟରେ ଇ-ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଏହି ବ୍ୟବସ୍ଥା ଅନୁଯାୟୀ, ପ୍ରଶ୍ନପତ୍ରଗୁଡ଼ିକ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ପଠାଯାଏ, ଉତ୍ତର ଖାତାଗୁଡ଼ିକୁ ଡିଜିଟାଲ୍ ଭାବେ ସ୍କାନ୍ କରାଯାଇ ମୂଲ୍ୟାୟନ କରାଯାଏ ଏବଂ ପରୀକ୍ଷା ସରିବାର ଏକ ସପ୍ତାହ ମଧ୍ୟରେ ଫଳାଫଳ ଘୋଷଣା କରାଯାଏ ଓ ଛାତ୍ରଛାତ୍ରୀମାନେ ୩ ଦିନ ମଧ୍ୟରେ ଅନଲାଇନରେ ସେମାନଙ୍କର ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଏବଂ ଗ୍ରେଡ୍ ସିଟ୍ ମଧ୍ୟ ଡାଉନଲୋଡ଼ କରିପାରିବାର ବ୍ୟବସ୍ଥା ରହିଛି। ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁସାରେ, ବିପିୟୁଟି ପରିଣାମ-ଆଧାରିତ ଶିକ୍ଷା ଏବଂ ପ୍ରାୟୋଗିକ, ପ୍ରକଳ୍ପ-ଆଧାରିତ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ସଂଶୋଧିତ ପାଠ୍ୟକ୍ରମ ପୂର୍ବରୁ ହିଁ ଲାଗୁ କରିସାରିଛି। ବିଶ୍ୱବିଦ୍ୟାଳୟ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମିଳନୀ, ଆଲୋଚନାଚକ୍ର ଏବଂ ଏକ ସ୍ୱତନ୍ତ୍ର ଗବେଷଣା ଓ ବିକାଶ ସେଲ୍‌ଫ ସହିତ ୧୯ଟି ଅନୁବନ୍ଧିତ ସଂସ୍ଥାରେ ନୋଡାଲ୍ ଗବେଷଣା କେନ୍ଦ୍ର ମାଧ୍ୟମରେ ଶିକ୍ଷକ ବିକାଶ ଏବଂ ଗବେଷଣାକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ବିପିୟୁଟିର କୁଳସଚିବ ନିଶି ପୁନମ ମିଞ୍ଜ, ଡିନ୍ ମ୍ୟାନେଜମେଣ୍ଟ ପ୍ରଫେସର ମିହିର ରଞ୍ଜନ ନାୟକ, ପରୀକ୍ଷା ନିର୍ଦ୍ଦେଶକ ପ୍ରଫେସର ବି ବି ମଙ୍ଗରାଜ, କରିକୁଲମ ନିର୍ଦ୍ଦେଶକ ପ୍ରଫେସର ଏସ୍. ଖୁଣ୍ଟିଆ, ନିଯୁକ୍ତି ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ର, ପ୍ରଫେସର ବିକ୍ରମାଦିତ୍ୟ ଦାସ, ଡ. ଡି. ଚନ୍ଦ୍ର ଶେଖର ରାଓ, ଡ. ଶୁଭେନ୍ଦୁ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଜାଡ଼ରେ ଥରୁଛି ରାଉରକେଲା

● ଯାତାୟାତରେ ବାଧକ ସାଜୁଛି ଘନ କୁହୁଡ଼ି



ରାଉରକେଲା, ୧୨।୧୧(ସମିସ): ରାଉରକେଲା ସହର ଏବେ ଜାଡ଼ରେ ଥରୁଛି। ସହରରେ ଗତ କିଛି ଦିନ ହେବ ତାପମାତ୍ରା ହ୍ରାସ ପାଇବା ଫଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ଶୀତ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ବୁଧବାର ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଦିନରେ ସର୍ବାଧିକ ତାପମାତ୍ରା ୨୬ ଡିଗ୍ରି ସେଲସିୟସ୍ ରହିଛି। ଦିନ ସାରା ଖରା ହେଉଥିଲେ ମଧ ଥଣ୍ଡା କୋହଲା ପବନ ହେତୁ ତାପମାତ୍ରାରେ ଯଥେଷ୍ଟ ହ୍ରାସ ଘଟିଛି। ସହରରେ ସକାଳ ଓ ରାତି ୭ଟା ପରେ ଘନ କୁହୁଡି ଦେଖିବାକୁ ମିଳୁଛି। ସକାଳ ୮ଟା ପର୍ଯ୍ୟନ୍ତ ରାଉରକେଲା ସହର କୁହୁଡ଼ିରେ ଆବଦ୍ଧ ହୋଇ ରହୁଥିବାରୁ ଯାନବାହାନ ଯାତାୟାତ କଷ୍ଟକର ହେଉଛି। ଘନ କୁହୁଡି ଯୋଗୁଁ ରାସ୍ତା ଦେଖାଯାଉ ନଥିବା ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ। ପ୍ରବଳ ଶୀତ ସାଧାରଣ ଲୋକଙ୍କ ସମସ୍ୟା ପାଲଟିଛି। ବିଶେଷ କରି ଗରିବ ଏବଂ ଦିନ ମଜୁରିଆଙ୍କ ସମସ୍ୟା ବଢ଼ାଇଛି। ହଠାତ୍ ଶୀତ ବୃଦ୍ଧି ଯୋଗୁଁ ଶୀତ ବସ୍ତ୍ରର ବ୍ୟବସାୟ ମଧ ବୃଦ୍ଧି ପାଇଥିବା ଜଣାପଡ଼ିଛି। ପ୍ରବଳ ଶୀତ ଯୋଗୁଁ ଶିଶୁ ଏବଂ ବରିଷ୍ଠ ନାଗରିକ ଅଧିକ ପ୍ରଭାବିତ ହେଉଥିବା କୁହାଯାଇଛି। ଲୋକେ ଅତି ଆବଶ୍ୟକ କାର୍ଯ୍ୟ ପଡ଼ିଲେ ଘରୁ ବାହାରକୁ ବାହାରୁଥିବା ଦେଖିବାକୁ ମିଳିଛି। କାର୍ତ୍ତିକ ପୂର୍ଣ୍ଣିମା ପରଠୁ ହଠାତ୍ ଶୀତ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଆହୁରି ଶୀତର ପ୍ରକୋପ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି।

# ବିଶାଲ ମେଗା ମାର୍ଟରୁ ଲକ୍ଷାଧିକ ଟଙ୍କା ଚୋରି ଅଭିଯୋଗ

ଜଗତସିଂହପୁର, ୧୨।୧୧(ସମିସ)




ଜଗତସିଂହପୁର ସହରର ସେଣ୍ଟ୍ରାଲ ମାର୍କେଟ ଦଶନମ୍ବର କେନାଲ ପାର୍ଶ୍ୱରେ ଥିବା ବିଶାଲ ମେଗା ମାର୍ଟ ବ୍ୟବସାୟ ପ୍ରତିଷ୍ଠାନରୁ ଗତ ୧୧ ତାରିଖ ବିଳମ୍ବିତ

## ପୁଲିସ ତଦନ୍ତ ଜାରି

ରାତିରେ ଚୋରି ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ପ୍ରଥମାଷ୍ଟମୀ ରାତି ପର୍ଯ୍ୟନ୍ତ ପ୍ରତିଷ୍ଠାନରେ ଭିଡ଼ ଲାଗି ରହିଥିବା ବେଳେ ଭଲ ବିକ୍ରି ମଧ୍ୟ ହୋଇଥିଲା। ତେବେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲୁହା ଗ୍ରିଲ୍ ଭାଙ୍ଗି ଭିତରେ ପ୍ରବେଶ କରିବା ସହିତ ୬ ଲକ୍ଷ ଟଙ୍କାରୁ ଅଧିକ ଚୋରି କରି ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ କରାଯାଇଛି। ବୁଧବାର ସକାଳେ ଚୋରି ସମ୍ପର୍କରେ ଜଣାପଡ଼ିବା ପରେ ପ୍ରତିଷ୍ଠାନର ପରିଚାଳକ ପୁଲିସକୁ ଅବଗତ କରିଥିଲେ। ରିପୋର୍ଟ ପାଇବା ପରେ ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେ ଏବଂ ସଦର ଥାନା ଆଇଆଇସି ସରୋଜ କୁମାର ସାମଲ ପୁଲିସ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ସେହିପରି ଡଗ୍ ସ୍କ୍ୱାଡ ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତା ନିଆଯାଇଥିବା ବେଳେ ରିପୋର୍ଟ ଲେଖାହେଲା ବେଳକୁ କାହାରିକୁ ଗିରଫ କରାଯାଇ ନଥିବା ଥାନା ସୂତ୍ରରୁ ସୂଚନା ମିଳିଛି। ବ୍ୟବସାୟ ପ୍ରତିଷ୍ଠାନର କିଛି କର୍ମଚାରୀଙ୍କ ସହ ଅନ୍ୟମାନଙ୍କୁ ପଚରାଉଚରା ଚାଲିଥିବା ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି। ତେବେ ସଦର ଥାନାଠାରୁ ମାତ୍ର ୫୦୦ ମିଟର ଭିତରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନରୁ ବଡ଼ଧରଣର ଚୋରି ହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

## ସାଇବର ସୁରକ୍ଷା ସଚେତନତା ପଦଯାତ୍ରା ୧୪ରେ

ଜଗତସିଂହପୁର, ୧୨।୧୧(ସମିସ): ସାଇବର ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ଜଗତସିଂହପୁର ଜିଲ୍ଲାରେ ଆସନ୍ତା ୧୪ ତାରିଖ ସକାଳ ୭ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆଠାରୁ ଆରମ୍ଭ କରି ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅୟୋଜନ କରାଯିବ। ଏହି ପଦଯାତ୍ରାରେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ପୁଲିସ୍ ବିଭାଗ ଆଦି ଅନ୍ତର୍ଭୁକ୍ତ ରହିବେ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ପଦଯାତ୍ରାରେ ଯୋଗ ଦେବେ। ଏହି ପଦଯାତ୍ରାରେ ଜିଲ୍ଲାର ଜନସାଧାରଣ ବହୁଳ ମାତ୍ରାରେ ଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଦିଲ୍ଲୀ ବିସ୍ଫୋରଣ

# ପୁଲିସର ତନାଘନା ଜାରି





ଜଗତସିଂହପୁର, ୧୨।୧୧(ସମିସ): ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ଗତ ୧୦ ତାରିଖ ବିସ୍ଫୋରଣ ପରେ ସାରା ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା ପୁଲିସ ତରଫରୁ ମଧ୍ୟ ସବୁ ଥାନାଞ୍ଚଳରେ ଚେକିଂ, ବ୍ଲକିଂ ଏବଂ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯାଇଛି। ବୁଧବାର ଜଗତସିଂହପୁର ସଦର ଥାନା ତରଫରୁ ଆଇଆଇସି ସରୋଜ କୁମାର ସାମଲଙ୍କ ନେତୃତ୍ୱରେ ଅପରାହ୍ନ ୪ଟା ସମୟରେ ପ୍ରଥମେ ଥାନା ଛକ ଏବଂ ବସଷ୍ଟାଣ୍ଡ ନିକଟରେ ତଲାସୀ ଅଭିଯାନ ଚାଲିଥିଲା। ପରେ କଲେଜ ଛକ ଏବଂ ଗାନ୍ଧୀ ଛକ ନିକଟରେ ବମ ସ୍କ୍ୱାଡ ଓ ଡଗ ସ୍କ୍ୱାଡ ସହାୟତାରେ ଯାନବାହନ ଯାଞ୍ଚ କରାଯାଇଥିଲା। ବିଶେଷ କରି ବସଷ୍ଟାଣ୍ଡ, ହୋଟେଲ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ପୁଲିସ ପକ୍ଷରୁ ଯାଞ୍ଚକୁ କଡ଼ାକଡ଼ି କରାଯାଉଛି। ଜନସାଧାରଣ ଭୟଭୀତ ନହୋଇ ସଜାଗ ରହିବା ସହିତ କୌଣସି ସନ୍ଦେହଜନକ ବ୍ୟକ୍ତି, ବସ୍ତୁ କିମ୍ବା ଦୀର୍ଘ ସମୟ ଧରି ପଡ଼ିଥିବା ବ୍ୟାଗ ନଜରକୁ ଆସିଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ୧୧୨ ନମ୍ବରରେ ଫୋନ କରି ଜଣାଇବାକୁ ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ପରାମର୍ଶ



ଦିଆଯାଇଛି। ସେହିପରି କୌଣସି ପ୍ରକାର ଗୁଜବରେ ବିଶ୍ୱାସ ଓ ପ୍ରଚାର ନକରିବାକୁ ଜିଲ୍ଲା ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ତାଳଦଣ୍ଡାକୁ ଡେଇଁ ନାବାଳିକା ନିଖୋଜ



ତିର୍ତ୍ତୋଲ, ୧୨।୧୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ବାଲିପାଟଣା ବଜାର ନିକଟ ତାଳଦଣ୍ଡା କେନାଲ ପୋଲ ଉପରୁ ବୁଧବାର ଭୋର୍ ସମୟରେ ସ୍ଥାନୀୟ ଗ୍ରାମର ଧରଣୀଧର ସାହୁଙ୍କ ଝିଅ ଲିପ୍ସା ସାହୁ (୧୭) କେନାଲ ମଧ୍ୟକୁ ପାଣିକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ତିର୍ତ୍ତୋଲ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପାୱାର ବୋଟ ମାଧ୍ୟମରେ ଆଜି ସନ୍ଧ୍ୟା ଯାଏ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ପାରି ନାହିଁ।

## ପଙ୍କପାଳ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

କୁଜଙ୍ଗ, ୧୨।୧୧(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ତଥା ପଙ୍କପାଳର ପ୍ରାକ୍ତନ ସରପଞ୍ଚ ଡ ଶରତଚନ୍ଦ୍ର ମହାପାତ୍ର ଏହାକୁ ଉଦଘାଟନ କରିଥିଲେ।




ମୁଖ୍ୟ ଆଲୋଚିକା ଭାବେ କୁଜଙ୍ଗ ଶିଶୁ ମନ୍ଦିରର ଗୁରୁମା ସୁଚିତ୍ରା ଜେନା ପିଲାଙ୍କ ମାର୍ଗଦର୍ଶନ କରାଇଥିଲେ। ପ୍ରାରମ୍ଭରେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ପ୍ରଣୟ ଚନ୍ଦ୍ରିକା ସିଂହ ଅତିଥି ପରିଚୟ ରଖିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କେଳୁଚରଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର କୋଷାଧ୍ୟକ୍ଷ ଶିବଚରଣ ପାତ୍ର କର୍ମଶାଳାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ବାଟିକା ପ୍ରମୁଖ ରଶ୍ମିତା ବେହେରା, ରିତା ପ୍ରଧାନ, ମାନିନୀ ପ୍ରଭା ନାୟକ ଓ ପ୍ରଭାସିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ଗୁରୁମା ପୁଷ୍ପଲତା ଦାସ ସଭା ସଂଯୋଜନା କରିଥିଲେ। ଏହି କର୍ମଶାଳାରେ ଶତାଧିକ ମାଆ ଭାଗ ନେଇଥିଲେ।

## ଚେଲିତୋଳ ବାଲିଯାତ୍ରା ମହୋତ୍ସବ ସପ୍ତମ ସନ୍ଧ୍ୟା



ତିର୍ତ୍ତୋଲ, ୧୨।୧୧(ସମିସ): ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଚେଲିତୋଳ ବାଲିଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟା ସାଂସ୍କୃତିକ ସଭା ମହୋତ୍ସବ କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭା ପୂର୍ବରୁ ଓ ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ ଓ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ ବର୍ଷା ପଟ୍ଟନାୟକ, ଅଭିନେତା ନିଶାନ୍ତଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ମୁଖ୍ୟଅତିଥି ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ମାଟି ମା' ଶାରଳା ଓ ଓଡ଼ିଆ ଭାଷା ସାହିତ୍ୟର ଆଦି ସ୍ରଷ୍ଟା ସାରଳା ଦାସଙ୍କ ମାଟି। ଏହି ସଂସ୍କୃତି ସମ୍ପନ୍ନ ମାଟିକୁ ବିକାଶ ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଚେଲିତୋଳ ବାଲିଯାତ୍ରା ତିର୍ତ୍ତୋଲ ମାଟିର ପରିଚୟ ଓ ଗର୍ବ ବୋଲି କହିଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ବିଜେଡି ସଂଖ୍ୟାଲଘୁ ସେଲ ଜିଲ୍ଲା ସଭାପତି ଶେଖ ଆଜମିର ଅଲ୍ଲୀ, ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ପ୍ରମୁଖ ପ୍ରାଚୀନ ଉତ୍କଳୀୟ ନୌ ବାଣିଜ୍ୟ ପରମ୍ପରାର ସ୍ମୃତି ଚାରଣ କରିଥିଲେ। ଚିତ୍ତ ରଞ୍ଜନ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବିମଳ ମହାପାତ୍ର, ଅରବିନ୍ଦ ହୋତା, ଅମରଜ୍ୟୋତି ସାହୁ, ଚିତ୍ତରଞ୍ଜନ ରଥ, ସୁବ୍ରତ ଦାଶ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ସମେତ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

## 'ସରକାରୀ ଯାତ୍ରୀବାହୀ ଯାନରେ ବରପୁତ୍ରଙ୍କ ପ୍ରତିଛବି ରହୁ'

କୁଜଙ୍ଗ, ୧୨।୧୧(ସମିସ): ରାଜ୍ୟରେ ଚଳାଚଳ କରୁଥିବା ଯାତ୍ରୀବାହୀ ଯାନଗୁଡ଼ିକରେ ଜାତିର ବରପୁତ୍ରମାନଙ୍କ ପ୍ରତିଛବି ସ୍ଥାନ ପାଇପାରିଲେ ଏହା ଓଡ଼ିଆ ଅସ୍ମିତାର ପରିଚୟ ହେବା ସହ ଜାତୀୟତାକୁ ଅଧିକ ଜାଗ୍ରତ କରାଯାଇ ପାରିବ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ଦାବି କରିଛନ୍ତି। ସହରଠୁ ଆରମ୍ଭ କରି ପୁରପଲ୍ଲୀରେ ରାଜ୍ୟ ପରିବହନ ବିଭାଗ ପରିଚାଳିତ ଶହଶହ ଯାତ୍ରୀବାହୀ ଯାନରେ ବ୍ୟବସାୟିକ ବିଜ୍ଞାପନ, ସରକାରଙ୍କ ଜନକଲ୍ୟାଣ ଯୋଜନା ପୋଷ୍ଟର ଆଦି ବଦଳରେ ସାହିତ୍ୟ, ଶିକ୍ଷା, ସଂସ୍କୃତି, କଳା, ଭାଷା, ଅର୍ଥନୀତି, ବିଜ୍ଞାନ, ସମାଜସେବା, ଭାରତୀୟ ମୁକ୍ତି ସଂଗ୍ରାମ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସ୍ୱର୍ଗତ ମହାମାନବଙ୍କ ପ୍ରତିଛବି ସ୍ଥାନ ପାଇବା ସହ କାଳଜୟୀ କବିତାରୁ ସ୍ୱଳ୍ପ ଧାଡ଼ି ଉଲ୍ଲେଖ କରାଯାଇ ପାରିଲେ ଏହା ଅଗଣିତ ଛାତ୍ରଛାତ୍ରୀ ତଥା ଆଗାମୀ ପିଢ଼ିଙ୍କୁ ଜାତିପ୍ରେମରେ ଉଦବୋଧିତ କରିବ। ମା', ମାଟି, ମାତୃଭାଷା ପ୍ରତି ନିବିଡ଼ ଭଲପାଇବା ସୃଷ୍ଟି ହେବ ବୋଲି ଶ୍ରୀ ତରାଇ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ୧୯ରେ ଏକତା ଦୌଡ଼ ପଦଯାତ୍ରା ପ୍ରସ୍ତୁତି

ଜଗତସିଂହପୁର, ୧୨।୧୧(ସମିସ): ଆସନ୍ତା ନଭେମ୍ବର ୧୯ ତାରିଖରେ ଜଗତସିଂହପୁର ଏବଂ ୨୧ ତାରିଖରେ ପାରାଦୀପଠାରେ ଅନୁଷ୍ଠିତ ହେବ ଏକତା ଦୌଡ଼ ପଦଯାତ୍ରା। ଏଥିପାଇଁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା କ୍ରୀଡ଼ା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତ ୫ ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ପାଇଁ ଆସିଥିବା ଏସଓପି ବିଷୟରେ ଆଲୋଚନା କରିଥିଲେ। ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଶତବାର୍ଷିକ ପାଳନ ହେଉଥିବାରୁ ତାଙ୍କର ଏକତାମନ୍ତ୍ର, ଦେଶପ୍ରେମ ଓ ସେବାକୁ ସ୍ମରଣୀୟ କରିବା ପାଇଁ ରାଜ୍ୟବ୍ୟାପୀ ବିଭିନ୍ନ ଉତ୍ସବ ତଥା ସମାରୋହର ଯୋଜନା କରାଯାଇଛି। ପଦଯାତ୍ରାଟି ଜଗତସିଂହପୁରଠାରେ ଆଲିପିଙ୍ଗଳରେ ଏକ ଉତ୍ସବ ଆରମ୍ଭ ହୋଇ ଅଳକା ଆଶ୍ରମ, ଏସଭିଏମ କଲେଜ ହୋଇ ଜିଲ୍ଲପାଳଙ୍କ କାର୍ଯ୍ୟାଳୟଠାରେ ଏକ ସମପାନୀ ଉତ୍ସବ ସହିତ ଶେଷ ହେବ। ଉଦଘାଟନ ଓ ଉଦଯାପନୀ ଉତ୍ସବ ସହିତ ଅନ୍ୟ ଦୁଇ ସ୍ଥାନ (ଅଳକା ଆଶ୍ରମ, ଏସ.ଭି.ଏମ. କଲେଜ)ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରଙ୍ଗୋଲି କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ଉଦଯାପନୀ ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ଶ୍ରମିକଙ୍କ ବିକ୍ଷୋଭ




ପାରାଦୀପ, ୧୨।୧୧ (ସମିସ): ଗତ ଅକ୍ଟୋବର ୯ ତାରିଖରେ ୬ଟି ପୋର୍ଟ ଆଣ୍ଡ ଡକ ଫେଡେରେସନ ଦ୍ୱାରା ଗଠିତ ନ୍ୟାସନାଲ କୋ'ର୍ଡିନେସନ କମିଟି ମର୍ମାଗୋଆ ବନ୍ଦରଠାରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ତଥା ମହାସଂଘ ଡକରାରେ ଭାରତର ୧୨ଟି ବୃହତ ବନ୍ଦରରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାରାଦୀପ ବନ୍ଦର ଅଧୀନରେ ଥିବା ୧୩ଟି ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମିକ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଠିକା ଶ୍ରମିକ ପ୍ରଶାସନିକ ଭବନ ସମ୍ମୁଖରେ ବିକ୍ଷୋଭ କରିଥିଲେ।

ବନ୍ଦର ଶ୍ରମିକ କର୍ମଚାରୀଙ୍କ ନୂତନ ବେତନ ଚୁକ୍ତିନାମାକୁ ନେଇ କର୍ତ୍ତୃପକ୍ଷ ଟାଳଟୁଳ ଓ କାଳକ୍ଷେପଣ ନୀତି ଅବଲମ୍ବନ କରି ଚାଲିଛନ୍ତି। ବାକି ଥିବା ବିଭିନ୍ନ ଚୁକ୍ତିନାମାକୁ ବନ୍ଦର କର୍ତ୍ତୃପକ୍ଷ ଲାଗୁ କରିବାକୁ ଦାବି କରାଯାଉଛି। ସେଗୁଡିକ ମଧ୍ୟରେ ଷ୍ଟାଗନେସନ ଇଂକ୍ରିମେଣ୍ଟ, ପ୍ରମୋସନ କ୍ଷେତ୍ରରେ ପେ ପ୍ରୋଟେକ୍ସନ, ଚିଲଡ୍ରେନ ଏଡୁକେସନ ଆଲାଉନ୍ସ, ସ୍ପେସାଲ ୱାସିଙ୍ଗ ଆଲାଉନ୍ସ, ବିନା ସୁଧରେ ଝିଅ ପୁଅ ବିଭାଘର ପାଇଁ ଅଗ୍ରିମ ଅର୍ଥ ପ୍ରଦାନ, ଗାଡି/ମୋଟର ସାଇକଲ କିଣିବା ପାଇଁ ଅଗ୍ରିମ ଅର୍ଥ, ହାଉସ ବିଲଡିଂ ଲୋନ ଅର୍ଥର ପରିଣାମ ବୃଦ୍ଧି, ପେନସନ ଇତ୍ୟାଦି ବହୁ ଦାବିର ସମାଧାନ ଅଦ୍ୟାବଧି ହୋଇ ପାରି ନାହିଁ। ପିଏଲଆର (ବୋନସ) ଚୁକ୍ତିନାମା ଅନୁଯାୟୀ ୨୦୨୧-୨୨ରୁ ବକେୟା, ପାର୍ଲାମେଣ୍ଟରେ ପେନସନ ଆମେଣ୍ଡମେଣ୍ଟ ବିଲ-୨୦୨୫ର ବିରୋଧ, ବନ୍ଦରର ଗଚ୍ଛିତ ଲାଭଂଶ ଅର୍ଥକୁ ପ୍ରାଇଭେଟ ବ୍ୟାଙ୍କରେ ଡିପୋଜିଟ କରିବା ଏବଂ ବନ୍ଦର ଚିକିତ୍ସାଳୟଗୁଡିକୁ ପିପିପି ମୋଡରେ ବାହାର ସଂସ୍ଥାକୁ ଚଳାଇବାକୁ ନେଇ ବିରୋଧ କରାଯାଇଛି।

ବନ୍ଦରର ନିୟମିତ ନିଯୁକ୍ତି ବନ୍ଦ ପଡ଼ିଥିବା ବେଳେ ବନ୍ଦର କର୍ତ୍ତୃପକ୍ଷ ଠିକା ଶ୍ରମିକଙ୍କୁ ସମାନ କାମକୁ ସମାନ ଦରମା ଦେବା, ସେମାନଙ୍କ ଅବସର ସମୟରେ ଗ୍ରାଚ୍ୟୁଇଟି ସେଭ ରିଟାୟାର୍ଡ଼ମେଣ୍ଟ ବେନିଫିଟ ଦେବା, ବନ୍ଦର ଚିକିତ୍ସାଳୟରେ ବିନା ଅର୍ଥ ଦେୟରେ ନିଜେ ଓ ନିଜ ପରିବାର ସଦସ୍ୟଙ୍କ ଚିକିତ୍ସା ପ୍ରଦାନ ଦାବି, ବନ୍ଦରରେ କାର୍ଯ୍ୟରତ ଠିକା ଶ୍ରମିକଙ୍କୁ ବିଭିନ୍ନ ଆର୍ଥିକ ସୁବିଧା ଓ ଗିଫ୍ଟ ଇତ୍ୟାଦିକୁ ସୀମିତ ସଂଖ୍ୟା ମଧ୍ୟରେ ନ ରଖି ସମସ୍ତଙ୍କୁ ପ୍ରଦାନ କରିବା ଆଦି ଦାବି କରଯାଇଛି। ଶ୍ରମିକ ନେତା ଯତିକାନ୍ତ ବେହେରା, ଗୁଣନିଧି ଚୌଧୁରୀ, ବିଭୁତି ମହାରଣା, କୁଶଚରଣ ସୁତାର, ମହେଶ୍ୱର ସୋରେନ, ପ୍ରସନ୍ନ ଦାସ ଏହାର ସମାଧାନ ଶୀଘ୍ର କରିବାକୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏହି ଦାବିପତ୍ର ଇଣ୍ଡିଆନ ପୋର୍ଟସ ଆସୋସିଏସନ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ଆସନ୍ତା ୧୪ ତାରିଖରେ ବନ୍ଦର ଅଧ୍ୟକ୍ଷଙ୍କ ମାଧ୍ୟମରେ ପଠାଇବାକୁ ସ୍ଥିର କରାଯାଇଛି।

# ଅଠରବାଙ୍କୀ ବସ ବିଶ୍ରାମଗୃହ ସମ୍ମୁଖରେ ପାର୍କିଂ

ପାରାଦୀପ, ୧୨।୧୧ (ସମିସ): ପାରାଦୀପ ବନ୍ଦର ମୁଖ୍ୟ ଗେଟ ନିକଟରେ ଥିବା ବସର ବିଶ୍ରାମଗୃହ ଏବେ ଟ୍ରକ ଓ ନିଶାଡ଼ିଙ୍କ କବ୍‌ଜାରେ ରହିଛି। ଏହି ବିଶ୍ରାମଗୃହରେ ବସିବାକୁ ବସ ଯାତ୍ରୀ ମୁହଁ ଫେରାଉଛନ୍ତି। ଏହି ବିଶ୍ରାମଗୃହ ସମ୍ମୁଖରେ ପ୍ରତି ଦିନ ବସ ହେଉ କିମ୍ବା ପିକଅପ ଗାଡ଼ି ହେଉ, ଷ୍ଟାଣ୍ଡ କରିଦେଲେଣି। ଯଦିବା କିଏ ତା ମଧ୍ୟରେ ଆଶ୍ରୟ ନେଉଛି, ତେବେ

## ● ସୁରକ୍ଷା କର୍ମଚାରୀ ନିଯୁକ୍ତି ଦାବି
## ● ପାଲଟିଛି ନିଶାଡ଼ିଙ୍କ ଆଡ୍ଡାସ୍ଥଳ

ବସ ଆସିଲେ ସେ ଜାଣିବା ମୁସ୍କିଲ ହୋଇ ପଡୁଛି। କାରଣ ଯେହେତୁ ସମ୍ମୁଖରେ ଟ୍ରକ ଓ ପିକଅପ ଗାଡି ଲାଇନ କରି ପାର୍କିଂ କରିଦେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବା ଜଣାପଡ଼ିଛି। ଅସାମାଜିକ ଯୁବକଙ୍କ ସମେତ ଟ୍ରକ ଡ୍ରାଇଭର ଓ ହେଲ୍ପରମାନେ ତା' ମଧ୍ୟରେ ନିଶା ସେବନ କରିବା ସହିତ ଅଡ୍ଡା ଜମାଉଥିବା ଅଭିଯୋଗ ହୋଇଛି। ଏହାସହ ରାତି ହେଲେ ଆଶ୍ରୟସ୍ଥଳ ମଧ୍ୟରେ ଅସାମାଜିକ ଯୁବକମାନେ ଗଞ୍ଜେଇ, ମଦ ଖାଇବା ଆରମ୍ଭ କରିଦେଉଛନ୍ତି। ସନ୍ଧ୍ୟା ପରେ ସେହି ବିଶ୍ରାମଗୃହ ନିକଟକୁ ଯିବା ପାଇଁ ସାଧାରଣ ଲୋକ ଭୟ କରୁଛନ୍ତି। ତା ସାଙ୍ଗକୁ ମାନସିକ ବିକୃତ ଥିବା ମଣିଷ ରାତି ଦିନ ଶୋଇ ଅପରିଷ୍କାର କରୁଛନ୍ତି। କେହି ବି ଏ ବିଶ୍ରାମସ୍ଥଳର ଯତ୍ନ ନେଉନାହାନ୍ତି।



ଯାହାଫଳରେ ବନ୍ଦର ପକ୍ଷରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଥିବା ବସ ବିଶ୍ରାମସ୍ଥଳ ଲୋକଙ୍କ କାମରେ ଆସୁନି। ମହିଳାଟିଏ ସେଠାରେ ବସକୁ ଅପେକ୍ଷା କରିବା ପାଇଁ ଆଦୌ ସୁରକ୍ଷିତ ମଣୁ ନଥିବା କୁହାଯାଉଛି। ତେବେ ଏହି ସମସ୍ୟା ପ୍ରତି ବନ୍ଦର ହେଉ ଅବା ପୌର ପ୍ରଶାସନ ହେଉ ନଜର ଦେବାର ଆବଶ୍ୟକତା ରହିଛି। ସେଠାରେ ଏକ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି କରି ତାର ସୁପରିଚାଳନା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଦରିଆପାରିରେ 'ଡଙ୍ଗା ଭସା' ଓ 'ଛାଡ଼ଖାଇ-୨୦୨୫'

କୁଜଙ୍ଗ, ୧୨।୧୧(ସମିସ): ଓଡ଼ିଆ ସାମାଜିକ-ସାଂସ୍କୃତିକ ସଂଘ ନେଦରଲ୍ୟାଣ୍ଡ (ଓଡ଼ିଆ ସୋସିଓ-କଲ୍‌ଚରାଲ ଏସୋସିଏସନ ଅଫ ନେଦର୍ଲାଣ୍ଡସ: ଓସକାନ) ପକ୍ଷରୁ ଡଙ୍ଗା ଭସା ଓ ଛାଡ଼ଖାଇର ଅଷ୍ଟମ ସଂସ୍କରଣକୁ ନେଦରଲ୍ୟାଣ୍ଡ ଆମ୍‌ଷ୍ଟେଲଭିନ ସହରରେ ଅତ୍ୟନ୍ତ ଉତ୍ସାହ ଏବଂ ଗର୍ବର ସହ ପାଳନ କରାଯାଇଛି। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଏବଂ ସାଂସ୍କୃତିକ ପରମ୍ପରାର ଏହି ଉଜ୍ଜ୍ୱଳ ଉତ୍ସବରେ ନେଦରଲ୍ୟାଣ୍ଡର ବିଭିନ୍ନ ସ୍ଥାନରୁ ଓଡ଼ିଆ ତଥା ବ୍ୟାପକ ଭାରତୀୟ ସମୁଦାୟର ଲୋକେ ଏକାଠି ହୋଇଥିଲେ। ଏହି ସ୍ଥାନକୁ ସୁନ୍ଦର ଭାବରେ ସଜାଯାଇଥିଲା। ଦିନକ ପାଇଁ ଏହା ଏକ ମନମୁଗ୍ଧକର 'ମିନି ଓଡ଼ିଶା'ରେ ପରିଣତ ହୋଇଥିଲା। ଭଗବାନ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଦୀପ ପ୍ରଜ୍ୱଳନ ସହିତ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଭାରତୀୟ ଦୂତାବାସର ଗାନ୍ଧୀ କେନ୍ଦ୍ର ନିର୍ଦ୍ଦେଶକ କୃଷ୍ଣ ଗୁପ୍ତା, ଡାକ୍ତର ତଥା ନେଦରଲ୍ୟାଣ୍ଡ ଅଗ୍ରଣୀ ରାଜନୈତିକ ଦଳର ପ୍ରାର୍ଥୀ ନୂପୁର କୋହଲିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଓସକାନର ବନ୍ଧୁମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ବିଭିନ୍ନ ସହର ମଧ୍ୟରେ ଡଙ୍ଗା ତିଆରି ପ୍ରତିଯୋଗିତା ଏବଂ ମୁହଁରେ ପାଣି ଆଣିଦେଉଥିବା ସୁସ୍ୱାଦୁ ବ୍ୟଞ୍ଜନ ସହିତ ଏକ ପାରମ୍ପରିକ ଛାଡ଼ଖାଇ ଭୋଜି ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାର ଏକ ପ୍ରମୁଖ ଘୋଷଣା ଥିଲା ନେଦରଲ୍ୟାଣ୍ଡରେ ଏକ ଜଗନ୍ନାଥ ମନ୍ଦିର ସ୍ଥାପନ କରିବା ପାଇଁ ଓସକାନର ଦୀର୍ଘମିଆଦି ପଦକ୍ଷେପ। ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ଲକ୍ଷ୍ୟ ହେଉଛି ୟୁରୋପର ଓଡ଼ିଆ ତଥା ଶ୍ରୀ ଜଗନ୍ନାଥଙ୍କ ଭକ୍ତମାନଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ସୃଷ୍ଟି କରିବା। ପୁରୀର ଗଜପତି ମହାରାଜା ଏବଂ ଭାରତୀୟ ଦୂତାବାସର ସଦସ୍ୟମାନଙ୍କ ସମେତ ପ୍ରମୁଖ ହିତାଧିକାରୀମାନଙ୍କ ସହ ଆଲୋଚନା ଆରମ୍ଭ ହୋଇସାରିଛି, ଯାହା ଆଗାମୀ ବର୍ଷଗୁଡ଼ିକରେ ରୂପ ନେବାକୁ ଥିବା ଏକ ଐତିହାସିକ ଯାତ୍ରାର ଆରମ୍ଭକୁ ଚିହ୍ନିତ କରୁଛି। ଏହି କାର୍ଯ୍ୟକ୍ରମର ନିଖୁଣ ସଂଗଠନ ଏବଂ ସଫଳତା ଓସକାନର ମୂଳ ଦଳର ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ସମ୍ଭବ ହୋଇପାରିଛି, ଯାହାର ନେତୃତ୍ୱ ଶାଶ୍ୱତ ପାଢ଼ୀ ଓ ସୁଶୀଳ ଦାସ ମହାପାତ୍ରଙ୍କ ସହିତ ବରିଷ୍ଠ ସଦସ୍ୟ ଭି.ଭି. ପାତ୍ର, ଦୀପକ ପରିଡ଼ା, ଲୋପାମୁଦ୍ରା ନାୟକ, ଔରୋଶିଷ ମହାନ୍ତି, ଦେବଦତ୍ତ ଦାସ ଏବଂ ଏକ ଉତ୍ସାହୀ ସ୍ୱେଚ୍ଛାସେବୀ ଦଳ ନେଇଥିଲେ। ଏହି ସୂଚନା ଜଗତସିଂହପୁର ଜିଲ୍ଲା କୁଜଙ୍ଗର ଯୁବକ ଔରୋଶିଷ ମହାନ୍ତି ବିଦେଶରେ ଥାଇ ପ୍ରଦାନ କରିଛନ୍ତି।



# ଅବକାରୀ ଚଢ଼ଉ; ମଦ ଜବତ, ପୋଚ ନଷ୍ଟ



ମୋହନା,୧୨।୧୧(ସମିସ): ମୋହନା ଅବକାରୀ ବିଭାଗ ବୁଧବାର କଳାମେରୀ ଏବଂ ପଥରଗଡ଼ ଗ୍ରାମରେ ଚଢ଼ଉ କରି ଦେଶୀମଦ ଜବତ କରିବା ସହ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ମହୁଲି ପୋଚ ନଷ୍ଟ କରିଛି। ମୋହନା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦଣ୍ଡ ଶବରଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଉପରୋକ୍ତ ଗ୍ରାମ ଗୁଡିକରେ ଚଢ଼ଉ କରିଥିଲେ। ଗ୍ରାମ ନିକଟସ୍ଥ ଜଙ୍ଗଲରେ ନିର୍ମାଣ ହୋଇଥିବା ଦେଶୀ ମଦ ପ୍ରସ୍ତୁତି କାରଖାନାରେ ଚଢ଼ଉ କରାଯାଇ ୨୦୦୦ ଲିଟର ପୋଚ ନଷ୍ଟ ସହ ୧୮୦ ଲିଟର ଦେଶୀମଦ ଜବତ କରାଯାଇଛି। ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

# କାର ସହ ୧.୩୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ୩ ଗିରଫ



ଫିରିଙ୍ଗିଆ,୧୨।୧୧(ସମିସ): ଫୁଲବାଣୀ ଏଫ୍‌ସିଆଇ ଛକରୁ ଅବକାରୀ ମୋବାଇଲ ଟିମ ଏକ କାର୍ ସହ ୧୩୬ କେଜି ଗଞ୍ଜେଇ ଜବତ କରିଥିବାବେଳେ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୩ ଲକ୍ଷ ୩୬ ହଜାର ହେବ ବୋଲି ଅବକାରୀ ବିଭାଗ ତରଫରୁ ସୂଚନା ମିଳିଛି। ଅବକାରୀ ଏସ୍‌ପି ସୁଶାନ୍ତ କୁମାର ପାଢ଼ିଙ୍କ ନିର୍ଦ୍ଦେଶ କ୍ରମେ ବିଭାଗର ଏକ ମୋବାଇଲ ଟିମ ଫୁଲବାଣୀ ଏଫସିଆଇ ଛକ ନିକଟରେ ଯାଞ୍ଚ କରୁଥିବା ବେଳେ ଏକ କାରକୁ ଅଟକାଇଥିଲେ। କାରରୁ ଗଞ୍ଜେଇ ମିଳିଥିଲା। ଅବକାରୀ ଟିମ୍ ଗଞ୍ଜେଇ ଓ ଗାଡ଼ି ଜବତ କରିବା ସହ ଚାଲାଣ କରୁଥିବା ଗୋଛାପଡା ପଞ୍ଚାୟତ କଡ଼ିପାରି ଗାଁର ଲମ୍ବୋଦର ମଲିକ, ପାଙ୍ଗାପାଜୁ ଗାଁର ବୃଷଭ କହଁର ଏବଂ ସୁରଥ କହଁରଙ୍କୁ ଗିରଫ କରିଥିଲା। ସମସ୍ତେ ଗୋଛାପଡା ଥାନା ଅଞ୍ଚଳର ବୋଲି ଜଣାପଡଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ନୂଆଗଡ଼,୧୨।୧୧(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ବାବା ସାହେବ ଆମ୍ବେଦକର କଲେଜ ପଡ଼ିଆରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷ ନିହିମିୟା ରଇତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାସ ଓ ଅତିରିକ୍ତ ସହକାରୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ଆସି ୨୮୬ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୪୩ଜଣ ନୂତନ ଭାବେ ନବୀକରଣ କରିଥିଲା ବେଳେ ୧୪୩ ଜଣ ନୂତନ ଭାବେ ଅନଲାଇନରେ ଆବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଅସ୍ଥିଶଲ୍ୟ, ମାନସିକ , ଚକ୍ଷୁ ଓ କର୍ଣ୍ଣ ନାସା ଗଳା ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ପରୀକ୍ଷା କରିଥିଲେ। ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ତଥା ମଙ୍ଗଳ ଅଧିକାରୀ ସତ୍ୟଜିତ ମହାନ୍ତି ପରିଚାଳନା କରିଥିବା ବେଳେ ସାମାଜିକ ସୁରକ୍ଷା କାର୍ଯ୍ୟ ସହାୟକ ଯାକସନ ଲିମା ସହଯୋଗ କରିଥିଲେ।

# ଖସୁଛି ପାରଦ: ଦାରିଙ୍ଗବାଡ଼ିରେ ୮.୫, ଜି.ଉଦୟଗିରିରେ ୮.୭

ଦାରିଙ୍ଗବାଡ଼ି/ଜି.ଉଦୟଗିରି,୧୨।୧୧(ସମିସ):

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରେ ଦିନକୁ ଦିନ ଥଣ୍ଡା ବୃଦ୍ଧି ପାଇବାରେ ଲାଗିଛି। ଆଜି ଦାରିଙ୍ଗବାଡି ସବୁଠାରୁ ଥଣ୍ଡା ସହର ହୋଇଥିବା ବେଳେ ତାପମାତ୍ରା ୮.୫ ଡିଗ୍ରୀ ହୋଇଛି। ବ୍ଲକ ତାପମାତ୍ରା ସୂଚନା କେନ୍ଦ୍ରରୁ ପ୍ରକାଶ ଯେ, ୬ ତାରିଖରେ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ଥିବାବେଳେ ୭ ତାରିଖରେ ଏହା ୨ ଡିଗ୍ରୀ ହ୍ରାସ ପାଇ ୧୩ ଡିଗ୍ରୀ ସେଲସିୟସ ହୋଇଥିଲା। ସେହିପରି ୮ ତାରିଖରେ ୧ ଡିଗ୍ରୀ ସେଲସିୟସ ହ୍ରାସ ପାଇ ୧୨ ଡିଗ୍ରୀ ସେଲସିୟସ, ୯ ତାରିଖରେ ୧୧ ଡିଗ୍ରୀ ସେଲସିୟ, ୧୦ ତାରିଖରେ ୧୦ ଡ଼ିଗ୍ରୀ, ୧୧ରେ ୯.୫ ଡ଼ିଗ୍ରୀ ତଳେ ରହିଥିଲା। ଆଜି ୮.୫ ଡ଼ିଗ୍ରୀକୁ ଖସିଥିବା ରେକର୍ଡ ହୋଇଛି। ଏଥିଯୋଗୁ ଦାରିଙ୍ଗବାଡ଼ି ଅଞ୍ଚଳରେ ଥଣ୍ଡା ବୃଦ୍ଧି ପାଇଛି।

ସେହିପରି ଜି.ଉଦୟଗିରି ଅଞ୍ଚଳରେ କଲବଲ କଲାଣି ଶୀତ। ମଙ୍ଗଳବାର ଜି.ଉଦୟଗିରିର ସର୍ବୋଚ୍ଚ ତାପମାତ୍ରା ୨୭.୬ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୦.୫ ରହିଥିଲା। ବୁଧବାର ସର୍ବୋଚ୍ଚ ତାପମାତ୍ରା ୨୬.୮ ଥିବା ବେଳେ ସର୍ବନିମ୍ନ ତାପମାତ୍ରା ୮.୭ ରହିଥିବା ରେକର୍ଡ କରିଛି କୃଷି ଗବେଷଣା କେନ୍ଦ୍ର। ଏଥିଯୋଗୁ ଅସହ୍ୟ ହୋଇଛି ଜାଡ଼। ପ୍ରଭାବିତ ହୋଇଛି ଜୀବନଜୀବିକା। ଶୀତ ଯୋଗୁ ସକାଳ ୧୦ଟା ପରେ ଦୋକାନ ବଜାର ସ୍ୱାଭାବିକ ହେଉଥିବା ବେଳେ ରାତି ୮ଟା ପରେ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି। ସକାଳୁ ଛୋଟ ଚାଷୀ, ବ୍ୟବସାୟୀ ପାରିବା ଧରି ରାସ୍ତା କଡରେ ବିକ୍ରି କରିବା କଷ୍ଟକର ହୋଇପଡିଛି। ବଣ୍ୟଜାତ ସାମଗ୍ରୀ ସଂଗ୍ରହ କରି ପେଟ ପୋଷୁଥିବା, ଅସହାୟ ଲୋକଙ୍କ ପାଇଁ ଶୀତ ଯନ୍ତ୍ରଣା ଦାୟକ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ଭିଡ ଜମିବାରେ ଲାଗିଛି। ଶୀତରେ ଲୋକେ କଲବଲ ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ଶୀତକାଳୀନ ଆଶ୍ରୟସ୍ଥଳ ପରିଷଦ ତରଫରୁ ଖୋଲା ଯାଇନାହିଁ। ଶୀଘ୍ର ଖୋଲାଯିବ ବୋଲି କୁହାଯାଇଛି। ପାଞ୍ଚବର୍ଷ ହେଲା ଜି.ଉଦୟଗିରି ରାଜ୍ୟରେ ସବୁଠାରୁ ଥଣ୍ଡା ସହର ଭାବେ ରେକର୍ଡ କରୁଥିବା ବେଳେ ଚଳିତ ବର୍ଷ ମଧ୍ୟ ସେହି ରେକର୍ଡ ରହିଛି। ଯାହାକୁ ନେଇ ବୁଦ୍ଧିଜୀବୀ ଜି.ଉଦୟଗିରିରେ ଶୀତ ମହୋତ୍ସବ କରିବାକୁ ଦାବି କରିଛନ୍ତି।



# ବାଲ୍ୟବିବାହ ଅଟକାଇଲା ଜିଲ୍ଲା ଚାଇଲ୍ଡ ଲାଇନ୍

ପାରଳାଖେମୁଣ୍ଡି,୧୨।୧୧(ସମିସ): ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସ ୭ ନଂ ୱାର୍ଡରେ ହେବାକୁ ଥିବା ବାଲ୍ୟ ବିବାହକୁ ଜିଲ୍ଲା ଚାଇଲ୍ଡ ହେଲ୍ପଲାଇନ୍ ଅଟକାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପ୍ରକଳ୍ପ ସଂଯୋଜିକା ବୈଶାଳୀ ପଟ୍ଟନାୟକ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀଙ୍କ ସମେତ କାଶୀନଗର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ କାଶୀନଗର ଆଇସିଡିଏସ୍‌ର ସୁପରଭାଇଜର୍ ପଦ୍ମାବତୀ ନାଗବଂଶ, କାଶୀନଗର ଥାନା ଏସ୍‌ଆଇ ଆଲୋକରଞ୍ଜନ ଜଗଦଳ, ସଖୀ କେନ୍ଦ୍ରର ସଦସ୍ୟା, ଆଭା ଏନଜିଓ ସଦସ୍ୟା ପ୍ରିୟଙ୍କା ପରିଡ଼ା ଏବଂ ମହିଳା ହବ୍‌ର ସଦସ୍ୟଙ୍କୁ ନେଇ ମିଳିତ ଭାବରେ ଏକଟିମ୍ ଗଠନ କରାଯାଇଥିଲା। ସେଠାକୁ ଯାଇ ବାଲ୍ୟବିବାହ କରିବାକୁ ଥିବା ପରିବାରକୁ ବାଲ୍ୟ ବିବାହ ନିରୋଧ ଆଇନ ଓ ତାର ଦଣ୍ଡ ବିଧାନ ବିଷୟରେ ବୁଝାଯାଇଥିଲା ଏବଂ ଝିଅ ବୟସ ୧୫ ବର୍ଷ ୮ ମାସ ହୋଇଥିବାରୁ ଝିଅକୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତି ଗଜପତିଙ୍କ ନିକଟରେ ଉପସ୍ଥାପନା କରାଯାଇଥିଲା। ଶିଶୁଟିର ଉଜ୍ୱଳ ଭବିଷ୍ୟତ ନିମନ୍ତେ ପରିବାରର ସଦସ୍ୟ ଆଗାମୀ ଦିନରେ ଶିଶୁକୁ ପାଠ ପଢାଇବେ ଏବଂ ବୟସ ହେଲେ ବିବାହ କରିବେ ବୋଲି ଲିଖିତ ଦେଇଥିଲେ। ଆଗାମୀ ଦିନରେ ଶିଶୁର ଭବିଷ୍ୟତ ପାଇଁ ଝିଅକୁ ପରାମର୍ଶ ଦେବା ସହ ଶିକ୍ଷାକୁ ସୁନିଶ୍ଚିତ କରିବେ ବୋଲି ଜଣାପଡିଛ।

## ମୃତ୍ତିକା ସଂରକ୍ଷଣ ବିଭାଗର ବିଚିତ୍ର ନୀତି

# କାମ କରି ମିଳୁନି ପ୍ରାପ୍ୟ; କାର୍ଯ୍ୟାଳୟକୁ ଧାଇଁ ହତାଶ ହିତାଧିକାରୀ



ରାଇକିଆ,୧୨।୧୧(ସମିସ): ଲୋକଙ୍କୁ ରୋଜଗାର ଯୋଗାଇବା ଏବଂ ବିଭିନ୍ନ ପ୍ରକାର ଚାଷ କାର୍ଯ୍ୟ ପାଇଁ ଯୋଜନା କରି ଚାଷୀଙ୍କୁ ସ୍ୱବଲମ୍ବୀ କରିବାକୁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଚାଷୀ ମଧ୍ୟ ସରକାରଙ୍କ ଯୋଜନା ଉପରେ ଭରସା କରି ଅର୍ଥ ବିନିଯୋଗ କରି ଚାଷ କାର୍ଯ୍ୟ ଆରମ୍ଭ କରୁଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ବିଭାଗ ତରଫରୁ କୌଣସି ଖର୍ଚ୍ଚ ଅର୍ଥ ଦିଆଯାଉନାହିଁ। ଫଳରେ ବ୍ୟାପକ କ୍ଷତି ସହୁଛନ୍ତି ହିତାଧିକାରୀ। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ରାଇକିଆ ମୃତ୍ତିକା ସଂରକ୍ଷଣ ବିଭାଗ ଅଧିନରେ ସିପିଏସଏଲ୍ ଯୋଜନାରେ କାମ କରିଥିବା ହିତାଧିକାରୀଙ୍କ କ୍ଷେତ୍ରରେ। ୨୦୨୫-୨୬ ବର୍ଷ ଜୁଲାଇ ମାସରେ ୮୭ ଜଣ ହିତାଧୀକାରୀଙ୍କ ମାଧ୍ୟମରେ କଫି ଚାଷକୁ ପ୍ରୋତ୍ସାହନ ପାଇଁ କାର୍ଯ୍ୟକାରୀ ହେଉଥିବା ମିଶ୍ରିତ ଛାୟା ବଗିଚା ଯୋଜନାରେ ନିଜ ଜମିରେ ପ୍ରତ୍ୟେକ ଏକର ପିଛା ପାଖାପାଖି ୫୫ହଜାରରୁ ୬୦ ହଜାର ଟଙ୍କା ଖର୍ଚ୍ଚ କରି ୨୨୦୦ ଗଛ ଲଗାଇଥିଲେ। ସମସ୍ତ ଖର୍ଚ୍ଚ ଟଙ୍କା ହିତାଧୀକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯିବା ବୋଲି ବିଭାଗ ତରଫରୁ କୁହାଯାଇଥିଲା। ଇତିମଧ୍ୟରେ ୪ମାସ ବିତି ଯାଇଥିଲେ ମଧ୍ୟ ହିତାଧିକାରୀଙ୍କ ଖାତାକୁ ଟଙ୍କାଟିଏ ଆସିନାହିଁ। ଅପରପକ୍ଷେ ଧାର ଉଧାର କରି କାମ ସଂପୂର୍ଣ୍ଣ କରିଥିବା ହିତାଧୀକାରୀ ଏବେ ଟଙ୍କା ନ ପାଇ ମୁଣ୍ଡରେ ହାତଦେଇ ବସିଛନ୍ତି। ପ୍ରତ୍ୟେକ ଦିନ ରାଇକିଆ ସ୍ଥିତ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଏହି ଟଙ୍କା ମୃତ୍ତିକା ସଂରକ୍ଷଣ ବିଭାଗର ଜିଲ୍ଲା କାର୍ଯ୍ୟାଳୟରୁ ହିଁ ମିଳିପାରିବ ବୋଲି କହିବା ସହ ଜିଲ୍ଲା କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ପାଇଁ ସ୍ଥାନୀୟ ଅଧିକାରୀ କହୁଥିବା ନେଇ ଅଭିଯୋଗ ପାଇ ଆସିଥିବା ହିତାଧିକାରୀ କହିଛନ୍ତି। ଏ ନେଇ ସେମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିଗୁଡା,୧୨।୧୧(ସମିସ): ଝୁଲନ୍ତା ଅବସ୍ଥାରେ ଜଙ୍ଗଲରୁ ଜଣେ ଯୁବତୀର ମୃତଦେହ ପୁଲିସ ଉଦ୍ଧାର କରିଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ବୁଡୁକିଆ ପଞ୍ଚାୟତର ଡାମିକିଆ ଅଞ୍ଚଳରେ ଏହି ଘଟଣା ଘଟିଛି। ବୁଧବାର ସକାଳୁ ପାଖ ଜଙ୍ଗଲର ଏକ ମହୁଲ ଗଛରେ ଜଣେ ଯୁବତୀର ଝୁଲନ୍ତା ମୃତଦେହ ଦେଖି ଗାଁ ଲୋକ ବାଲିଗୁଡ଼ା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ସେଠାରୁ ଏକ ଫୋନ୍ ପାଇଥିଲେ। ସେଥିରୁ ଯୁବତୀ ଜଣକ ଗାଁର ସହଦେବ ମଲ୍ଲିକଙ୍କ ଝିଅ ନମିତା ମଲ୍ଲିକ ବୋଲି ଜଣାପଡ଼ିଥିବା ବାଲିଗୁଡ଼ା ଥାନା ଅଧିକାରୀ ସସ୍ମିତ ସ୍ୱାଇଁ କହିଛନ୍ତି। ମୃତଦେହ ଉଦ୍ଧର କରି ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବାଲିଗୁଡ଼ା ଥାନା ଅଧିକାରୀ କହିଛନ୍ତି।

## ମାର୍ଲବା ଘାଟିରେ ଦୁର୍ଘଟଣା

# ଡ୍ରାଇଭର ମୃତ, ୨ ଗୁରୁତର

ରାୟଗଡ,୧୨।୧୧(ସମିସ): ରାୟଗଡ ଥାନା ମାର୍ଲବା ଘାଟିରେ ଏକ ହିଟାଚି ବୋଝେଇ ଟ୍ରକ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଆହତଙ୍କୁ ଖଜୁରୀପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ ଆର୍.ଉଦୟଗିରି ପଟରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ହିଟାଚି ବୋଝେଇ ଟ୍ରକ ମାର୍ଲବା ଘାଟିର ଦୁର୍ଘଟଣା ପ୍ରବଣ ଅଞ୍ଚଳର ପାହାଡ଼ରେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା। ଏଥିରେ ଟ୍ରକ ଡ୍ରାଇଭର କ୍ୟାବିନ ଉପରକୁ ହିଟାଚି ମାଡିଯାଇ ଡ୍ରାଇଭରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଟ୍ରକରେ ବସିଥିବା ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କୁ ନିକଟସ୍ଥ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାସ୍ଥଳରେ ରାୟଗଡ ପୁଲିସ, ରାୟଗଡ ଓ ଆର. ଉଦୟଗିରି ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ।

# ଗୁରାଣ୍ଡିରେ ସାଇବର ସୁରକ୍ଷା ସଚେତନତା




ଗୋଷାଣି,୧୨।୧୧(ସମିସ): ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ସମ୍ମୁଖରୁ ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ସଚେତନତା ପଦଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ମିନିଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରାରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପୁଲିସ କର୍ମଚାରୀ ସାମିଲ ହୋଇଥିଲେ। ଏହା ପରେ ମିନିଷ୍ଟାଡିୟମ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର, ସମିତିସଭ୍ୟା ପି.ମୀନାକ୍ଷୀ, ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ର, ସିଆର୍‌ସି ରଶ୍ମିତା ସାମଲ, ପୂର୍ବତନ ସରପଞ୍ଚ ପୀତବାସ ସାମଲ ଓ ଏସକେସିଜି ହାଇସ୍କୁଲର ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଧନଞ୍ଜୟ ମଞ୍ଚାସିନ ଥିଲେ। ମଞ୍ଚାସୀନ ଅତିଥିମାନେ ସାଇବର ଠକଙ୍କ କବଳରୁ କିପରି ସୁରକ୍ଷିତ ରହିବେ ସଚେତନତାମୂଳକ ବକ୍ତବ୍ୟ ରଖିଥିଲେ। ପୁଲିସ ପକ୍ଷରୁ କନ୍ଦର୍ପ ପାତ୍ରଙ୍କ ନିର୍ଦ୍ଦେଶନାରେ ପୁଲିସ୍ ଟିମ୍ ଏବଂ ଶିକ୍ଷୟିତ୍ରୀ ସସ୍ମିତା ଜେନାଙ୍କ ନିର୍ଦ୍ଦେଶନାର ଏସକେସିଜି ହାଇସ୍କୁଲର ଛାତ୍ରଛାତ୍ରୀ ପୃଥକ ଭାବେ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ।

## ଗୁମ୍ମା ପଞ୍ଚାୟତ ସମିତି ବୈଠକ

# ବ୍ଲକସ୍ତରରେ ବିକାଶ ବନ୍ଦ ନେଇ କ୍ଷୋଭ

ଗୁମ୍ମା,୧୨।୧୧(ସମିସ):



ଗଜପତି ଜିଲ୍ଲା ଗୁମ୍ମା ପଞ୍ଚାୟତ ସମିତି ସଦଭାବନା ସଭାଗୃହରେ ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତିର ନବମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାରଳା ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ବିଡ଼ିଓ ଦୁଲାରାମ ମାରାଣ୍ଡି, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ଏଇଇ ବିଭୁ ଚରଣ ପୂଜାରୀ, ଜିପିଓ ସୁରି ନାରାୟଣ, ସାଂସଦ ପ୍ରତିନିଧି ଏସ୍.ଶେଷଗିରି ରାଓ ଓ ଏସ ପ୍ରସାଦ ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଜିପିଓ ପୂର୍ବ ବୈଠକର ବିବରଣୀ ପାଠ କରି ଶୁଣାଇଥିଲେ। ଏଥିସହ ପଶୁ ସମ୍ପଦ, ମହିଳା ଓ ଶିଶୁ ବିକାଶ, ଶିଶୁ ସୁରକ୍ଷା ଉନ୍ନୟନ କାର୍ଯ୍ୟ, ସ୍ୱଚ୍ଛ ଭାରତ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ସାମାଜିକ ସୁରକ୍ଷା, ମନରେଗା ଯୋଜନା, ପଞ୍ଚଦଶ ଅର୍ଥ କମିଶନ, ଓଡ଼ିଶା ଜୀବିକା ମିଶନ ଯୋଜନା, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷୀ, ଗ୍ରାମୀୟ ଉନ୍ନୟନ, ପୂର୍ତ୍ତ ବିଭାଗ, କୃଷି ଉଦ୍ୟାନ ଯୋଜନା ଓ ଜନସାଧାରଣଙ୍କ ଅଭିଯୋଗ ଭଳି ଅନ୍ୟାନ୍ୟ ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା। ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ ଯୋଗାଣ ଓ ପଞ୍ଚାୟତ ସ୍ତରରେ ବିକାଶ ମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପଛରେ ପଡ଼ିରହି ଥିବା ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ।

## ରକ୍ଷଣାବେକ୍ଷଣ ଅଭାବ

# ଜଙ୍ଗଲ ପାଲଟିଲାଣି ବାଳିକା ଆଶ୍ରମ ଖେଳପଡ଼ିଆ

ଟିକାବାଲି,୧୨।୧୧(ସମିସ):



ପଢିବ ଓ ଖେଳିବ ଓଡ଼ିଶା' ସରକାରଙ୍କ ଏହି ସ୍ଲୋଗାନ ଟିକାବାଲି ବ୍ଲକର ବୁର୍ବିନାୟୁ ପଞ୍ଚାୟତରେ ଥିବା ବାଳିକା ଆଶ୍ରମ, ପେନାଗବେରୀ ପାଇଁ ଆଜି ମିଥ୍ୟା ପ୍ରମାଣିତ ହୋଇଛି। ଯେଉଁ ସ୍ଥାନରେ ଆଶ୍ରମର ଶତାଧିକ ଛାତ୍ରୀ ଖେଳିକୁଦି ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବେ ବୋଲି ଆଶା କରାଯାଉଥିଲା, ତାହା ଦୀର୍ଘ ଦିନର ରକ୍ଷଣାବେକ୍ଷଣା ଅଭାବରୁ ଏକ ବିଶାଳ ଜଙ୍ଗଲ ପାଲଟିଛି। ଫଳରେ ଛାତ୍ରୀମାନେ ଶାରୀରିକ କାର୍ଯ୍ୟକଳାପରୁ ସମ୍ପୂର୍ଣ୍ଣ ରୂପେ ବଞ୍ଚିତ ରହିଛନ୍ତି। ଖେଳ ପଡ଼ିଆ ସମ୍ପୂର୍ଣ୍ଣ ରୂପେ ଉଚ୍ଚ ଅନାବନା ଘାସ, ବୁଦା ଏବଂ କଣ୍ଟା ବୁଦାରେ ଆଚ୍ଛାଦିତ ହୋଇରହିଛି। ପଡ଼ିଆ ଭିତରେ କେଉଁଠି ମଧ୍ୟ ଗୋଡ଼ ରଖିବା ସମ୍ଭବ ହେଉନାହିଁ। ଦୂରରୁ ଦେଖାଯାଉଥିବା ପୁରୁଣା ଏବଂ କଳଙ୍କି ଲାଗିଯାଇଥିବା ଏକମାତ୍ର ଗୋଲ୍ ପୋଷ୍ଟର ଅଂଶ ପ୍ରଶାସନର ଖେଳ ପ୍ରତି ଥିବା ଅବହେଳାର ମୂକସାକ୍ଷୀ ପାଲଟିଛି। ଏହି ପରିତ୍ୟକ୍ତ ପରିବେଶ ହେତୁ ସାପ ଏବଂ ଅନ୍ୟାନ୍ୟ ବିଷାକ୍ତ କୀଟପତଙ୍ଗର ଭୟ ମଧ୍ୟ ବୃଦ୍ଧି ପାଇଛି, ଯାହା ଆଶ୍ରମ ପରିସରରେ ଥିବା ଛାତ୍ରୀମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି।

ସ୍ୱାସ୍ଥ୍ୟ ଏବଂ ଶିକ୍ଷାବିତ୍‌ଙ୍କ ମତରେ, ବିଦ୍ୟାଳୟସ୍ତରରେ ଖେଳକୁଦ ପିଲାମାନଙ୍କର ଏକ ମୌଳିକ ଅଧିକାର। ଖେଳ ଦ୍ୱାରା ଛାତ୍ରୀମାନଙ୍କର ଶାରୀରିକ ସୁସ୍ଥତା ବଜାୟ ରହିବା, ମାନସିକ ଚାପ ଦୂର ଏବଂ ସାମୂହିକତା ଓ ନେତୃତ୍ୱ ଭାବନା ବୃଦ୍ଧି ପାଏ। କିନ୍ତୁ ଖେଳ ପଡ଼ିଆର ଏହି ଦୂରବସ୍ଥା ଯୋଗୁ ଆଶ୍ରମ ଛାତ୍ରୀ ସେମାନଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଜନସାଧାରଣ ଶିକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦୃଢ଼ ଦାବି କରିଛନ୍ତି। ଖେଳ ପଡ଼ିଆକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରାଯାଇ ଖେଳ ଉପଯୋଗୀ କଲେ ଛାତ୍ରୀ ଉପକୃତ ହେବେ। ଏଥିସହ ମରାମତି କରାଯାଇ କିମ୍ବା ନୂତନ ଖେଳ ଉପକରଣ ସ୍ଥାପନ, ଡିଆର ନିୟମିତ ରକ୍ଷଣାବେକ୍ଷଣା ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରାଯିବାକୁ ଦାବି ହେଉଛି। ଏସମ୍ପର୍କରେ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# ବିଶ୍ୱ ନିମୋନିଆ ଦିବସ ପାଳିତ




ପାରଳାଖେମୁଣ୍ଡି,୧୨।୧୧(ସମିସ): ସେଞ୍ଚୁରିୟନ ୟୁନିଭର୍ସିଟି ଅଫ ଟେକ୍ନୋଲଜି ଏଣ୍ଡ ମ୍ୟାନେଜମେଣ୍ଟ ପାରଲାଖେମୁଣ୍ଡି କ୍ୟାମ୍ପସର ନର୍ସିଂ ବିଦ୍ୟାଳୟ ଏବଂ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଚିକିତ୍ସାଳୟର ମିଳିତ ଆନୁକୁଲ୍ୟରେ ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଛି। ଚଳିତ ବର୍ଷ "ପ୍ରତ୍ୟେକ ଶ୍ୱାସର ମୂଲ୍ୟ ଅଛି, ନିମୋନିଆକୁ ଏଠାରେ ଅଟକାନ୍ତୁ'ଥିମ୍‌କୁ ନେଇ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରୋଗୀ, ସେବାଦାତା ଏବଂ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ନିମୋନିଆ ପ୍ରତିରୋଧ, ପ୍ରାରମ୍ଭିକ ସନ୍ଧାନ ଏବଂ ପରିଚାଳନା ବିଷୟରେ ସଚେତନତା କରିବା। ନର୍ସିଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଶ୍ରୀ ପାଣିଗ୍ରାହୀ ପ୍ରାରମ୍ଭିକ ଅଭିଭୋଷଣରେ ଶ୍ୱାସକୋଷ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଟିକାକରଣ, ସୁସ୍ଥ ପୋଷଣ ଓ ନିୟମିତ ସ୍ୱଚ୍ଛତା ଭଳି ପ୍ରତିରୋଧକ ଉପାୟ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଶିକ୍ଷାମୂଳକ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମ ତୃତୀୟ ସେମିଷ୍ଟାରର ଛାତ୍ରୀ ସୋନାଲି ବେହେରାଙ୍କ ସମନ୍ୱୟରେ ଏବଂ ଶିକ୍ଷକ ମଣ୍ଡଳୀଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରର ରୋଗୀ ଓ ପରିଦର୍ଶକ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

### ଅଭିଯୋଗ ପରେ ମଧ୍ୟ ହେଉନି କାର୍ଯ୍ୟାନୁଷ୍ଠାନ

# ସ୍କୁଲ୍ ସମ୍ମୁଖରେ ଛାତ୍ର, ଅଭିଭାବକ ଓ ଗ୍ରାମବାସୀଙ୍କ ଧାରଣା




ଅମ୍ବାଦଲା,୧୨।୧୧ (ସମିସ): ଶାନ୍ତିପୂର୍ଣ୍ଣ ଧାରଣାରେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଲା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ତିନି ଛାତ୍ର ଅଭିଭାବକଙ୍କ ସହ ଗ୍ରାମବାସୀ। 'ଆମକୁ ପଢିବାକୁ ଦିଅ, ଆମ ଗ୍ରାମବାସୀଙ୍କୁ ଜାତିଆଣ ଭେଦଭାବ ଦେଖାଇଥିବା ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କର' ଦାବି ରଖାଯାଇଛି। ଶିକ୍ଷା ବର୍ଷ ମଝିରୁ ତଡା ଖାଇଲେଣି ୨୫ରୁ ଅଧିକ ଛାତ୍ର, ସେମାନଙ୍କୁ ପୁଣି ଥରେ ବିଦ୍ୟାଳୟରେ ଭର୍ତ୍ତି କରିବା, ପ୍ରଧାନ ଶିକ୍ଷକଙ୍କ ଦାଉରୁ ଆମକୁ ବଞ୍ଚାଅ ଭଳି ନାରା ଦେବା ସହ ପ୍ଲାକ କାର୍ଡ ଧରି ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକୁ ନେଇ ବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଲେ ଅଭିଭାବକ ଓ ଗ୍ରାମବାସୀ। ୪ ମାସ ମଧ୍ୟରେ ୨୦ ଜଣ ଛାତ୍ରଙ୍କୁ ବିନା କାଉନ୍ସିଲିଂରେ ବିଦ୍ୟାଳୟରୁ ବହିଷ୍କାର କରିବା ସହ ନବମ ଶ୍ରେଣୀ ପରୀକ୍ଷା ହଲରୁ ତିନି ଜଣ ପିଲାଙ୍କୁ ବାହାର କରିଦେବା ବିଭିନ୍ନ ସମୟରେ ଅଭିଭାବକ ମାନଙ୍କୁ ଦୁର୍ବ୍ୟବ୍ୟବହାର କରିବା ସହ ଜାତିଆଣ ଆକ୍ଷେପକୁ ନେଇ ପ୍ରଥମେ ଅମ୍ବାଦଲା ଥାନାରେ ଅଭିଯୋଗ ପରେ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଅନୁସୂଚିତ ଜାତି ଜନଜାତି କମିସନର, ମାନବାଧିକାର କମିଶନଙ୍କୁ ଲିଖିତ ଅଭିଯୋଗ ପରେ ଗତ ୪ ତାରିଖ ଦିନ ଜିଲ୍ଲାପାଳଙ୍କୁ ମଧ୍ୟ ଭେଟି ଲିଖିତ ଅଭିଯୋଗ ସହ ଗୁହାରି କରିଥିଲେ। ସେହିପରି ଗ୍ରାମବାସୀ କୋରାପୁଟ ସାଂସଦ ସାଂସଦ ସପ୍ତଗିରି ଉଲାକାଙ୍କୁ ୬ ତାରିଖ ଦିନ ମଧ୍ୟ ଏକ ଲିଖିତ ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପ୍ରଧାନ ଶିକ୍ଷକଙ୍କ ଦାଉରୁ ଆମକୁ ବଞ୍ଚାଅ ଆଜି ପ୍ଲାକ କାର୍ଡ ହାତରେ ଧରି ତିନି ଛାତ୍ରଙ୍କ ସହ ଅଭିଭାବକ ଗ୍ରାମର ମହିଳା ମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟରୁ ବିଦା କରିବା ପାଇଁ ଅଡି ବସିଥିଲେ। ଏ ବାବଦରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ଅନେକ ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଅଞ୍ଚଳରେ ଏକ ପ୍ରକାର ଅସନ୍ତୋଷର ବାତାବରଣ ବଢ଼ିବାରେ ଲାଗିଥିବା ବେଳେ ପ୍ରଶାସନର ଅଜବ ନୀତିକୁ ବୁଦ୍ଧିଜୀବି ମାନେ ନିନ୍ଦା କରିଛନ୍ତି। ତେବେ ଉକ୍ତ ଘଟଣାକୁ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ଆମେ କାହାକୁ ଟିସି ଦେଇ ପାରିବୁ ନାହିଁ ବରଂ ସ୍କୁଲ୍ ଛାଡ଼ି ଯାଉଥିବା ପିଲାଙ୍କୁ ଡାକି ପାଠ ପଢ଼ାଇବା ପାଇଁ ଚେଷ୍ଟା କରୁଛୁ । ଯଦି ପ୍ରଧାନ ଶିକ୍ଷକଙ୍କ କଥା କହିବା ତାଙ୍କ ବିଷୟରେ ତଦନ୍ତ ହୋଇ ସାରିଛି। ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଆମେ ଦେଇ ଦେଇଛୁ । ସେମାନେ ଯାହା କାର୍ଯ୍ୟନୁଷ୍ଠାନ ନେବେ ତାହା ହେବ ବୋଲି କହିଛନ୍ତି।

# ପଞ୍ଚାୟତର ରାଜସ୍ୱ ବୃଦ୍ଧି ପ୍ରଶିକ୍ଷଣ ଶିବିର

ମାଲକାନଗିରି,୧୨।୧୧(ସମିସ):



ସରକାରଙ୍କ ଉଦ୍ୟମରେ ସ୍ଥାନୀୟ ୭ଟି ବ୍ଲକ୍ ଯଥା କାଲିମେଳା, ପଡିଆ, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ଖଇରପୁଟ, ମାଲକାନଗିରି ଏବଂ ମାଥିଲି ବ୍ଲକ୍ ଆଦିର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓ, ଏଡିଓ ଏବଂ ଜିଆରଏସଙ୍କୁ ନେଇ ଦକ୍ଷତା ବୃଦ୍ଧି ନେତୃତ୍ୱର ଗଠନ ମାଧ୍ୟମରେ ପଞ୍ଚାୟତର ନିଜ ରାଜସ୍ୱ ବୃଦ୍ଧି ନିମନ୍ତେ ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମପଞ୍ଚାୟତର ବିକାଶ ଉଦ୍ଦେଶ୍ୟରେ ଲୋକ ପ୍ରତିନିଧି ଏବଂ ଅଫିସିଆଲ୍‌ଙ୍କୁ ନେଇ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଏକ ଦୀର୍ଘ ୪ଟି ବ୍ୟାଚ ମାଧ୍ୟମରେ ୮ ଦିନିଆ ତାଲିମ ଶିବିର ଆୟୋଜନ ପୂର୍ବକ ସମୁଦାୟ ୨୧୬ ଜଣଙ୍କୁ ପ୍ରଶିକ୍ଷଣ ଦିଆ ହୋଇଥିଲା। ଏହି ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ତତ୍ତ୍ୱାବଧାନରେ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶିକ୍ଷଣର ଉଦଯାପନୀ କାର୍ଯକ୍ରମରେ ମୂଖ୍ୟ ଅତିଥି ସିଡିଓ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମ୍ମାନୀତ ଅତିଥି ଭାବରେ ଅର୍ଥ ବିଭାଗ ଏପିଡି ମାନସ ମିଶ୍ର, ଅନ୍ୟତମ ଅତିଥି ଭାବରେ ଡିପିଏମ ଅଶୋକ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ କାର୍ଯ୍ୟକ୍ରମର ଜରୁରୀ ଦିଗ ପ୍ରତୀ ଧ୍ୟାନ ଆକର୍ଷଣ କରିଥିଲେ। ଏଥିରେ ପୋଗ୍ରାମ୍ ମ୍ୟାନେଜର ହିମାଂଶୁ ଭୂଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଶିକ୍ଷାର୍ଥିଙ୍କୁ ଅବଗତ କରାଇଥିଲେ। ଏହି ତାଲିମ ଶିବିରରେ ଆସିଥିବା ସମସ୍ତ ସରପଞ୍ଚ ଏବଂ ଅଫିସିଆଲ୍‌ଙ୍କ ନେତୃତ୍ୱ ମାଧ୍ୟମରେ ଗ୍ରାମପଞ୍ଚାୟତର ନିଜ ରାଜସ୍ୱ ବୃଦ୍ଧି ସମ୍ଭବ ଏହି ଉଦ୍ଦେଶ୍ୟରେ ବିଶେଷ ତାଲିମ ଦିଆଯାଇଥିଲା। ଶିବିରରେ ତାଲିମଦାତା ଭାବରେ କସମସ୍ ତିର୍କୀ, ବିନାଶ କୁମାର ମିଶ୍ର, ଜଗନ୍ନାଥ ମଣ୍ଡଳ, ଶୁଭଲକ୍ଷ୍ମୀ ସ୍ୱାଇଁ, ସୁଜତା ବିଶ୍ୱାସ ଆଦି ପ୍ରେରଣାଦାୟୀ ଏବଂ ତଥ୍ୟ ମୂଳକ ତାଲିମ ଦେଇଥିଲେ। ତାଲିମ୍ ଶିବିର ପରେ ଏହି ପ୍ରଶିକ୍ଷଣ ପାଇଥିବା ସମସ୍ତ ସରପଞ୍ଚ ଏବଂ ଅଫିସିଆଲ୍ ମାନେ ନିଜ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରି ଗ୍ରାମପଞ୍ଚାୟତର ନିଜ ରାଜସ୍ୱ ବିକାଶର ଦାୟିତ୍ୱ ନେବେ। ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁସଂଗଠିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ବିଷ୍ଣୁ ପ୍ରସାଦ ସାହୁ, ଏନ. ଅହଲ୍ୟା, ବିଶ୍ୱନାଥ ମଣ୍ଡଳ, ରାଜକୁମାର ଦୁରୁଆ, ନିପିନ୍ଦ୍ର ଦୂରୁଆ ଓ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ ମାନେ ସହଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

### ● ଝିଅ ଜନ୍ମ କରିବାରୁ ପତ୍ନୀକୁ ନିର୍ଯାତନା ଅଭିଯୋଗ

# ସ୍ୱାମୀଙ୍କ ବିରୋଧରେ ଥାନାରେ ଏତଲା

ଜୟପୁର, ୧୨ ।୧୧(ସମିସ): ଝିଅ ଜନ୍ମ କରିବାରୁ ପତ୍ନୀକୁ ନିର୍ଯାତନା ଦେଇଥିବା ନେଇ ପତି ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ପତ୍ନୀର ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଥିନେଇ ମହିଳା ଥାନାରେ ବିବାହ ନାରୀ ନିର୍ଯ୍ୟାତନା, ନାବାଳିକା ଉତ୍ପୀଡ଼ନା ଏବଂ ମହିଳାଙ୍କୁ ମାଡ଼ମାରିବା ଧାରା ଅନୁଯାୟୀ ସ୍ୱାମୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ କୋରାପୁଟ ଜିଲ୍ଲା ପଟଙ୍ଗୀ ଥାନା ଅଞ୍ଚଳର ଅଭିଯୋଗକାରିଣୀ ଗତ ତିନି ବର୍ଷ ପୂବେର୍ ସୁନାବେଡା ମହାବିଦ୍ୟାଳୟରେ ପଢୁଥିବା ବେଳେ ପଟାଙ୍ଗି ଥାନା କୁନ୍ଦୁଲି ଗ୍ରାମର ଯୁବକ ସାଜିତ ବାଡବୁରା (୨୫)ତାଙ୍କୁ ପ୍ରେମ ନିବେଦନ କରିବା ସହିତ ନାବାଳିକା ସମୟରେ ଜୋରଜବରଦସ୍ତ ଦୈହିକ ସମ୍ପର୍କ ରଖୁଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଉଭୟ ପରିବାର ଆପୋଷ ବୁଝାମଣା ଏବଂ ନିଜ ଧର୍ମ ଅନୁଯାୟୀ ରୀତିନୀତିରେ ବିହାର କରିଥିଲେ। ଏହିପର ଗତ ୨୦୧୪ ଫେବୃୟାରୀ ମାସରେ ଏକ କନ୍ୟା ସନ୍ତାନକୁ ଜନ୍ମ କରିଥିଲେ। କିନ୍ତୁ ଅଭିଯୁକ୍ତ ସ୍ୱାମୀ ସାଜିତ ପତ୍ନୀଙ୍କୁ କନ୍ୟା ସନ୍ତାନ ଜନ୍ମ କରିଥିବା ନେଇ ନିର୍ଯାତନ ଦେବା ସହିତ ମାଡ ମାରୁଥିଲେ। ଅନ୍ୟ ଯୁବତୀ ସହିତ ଅନୈତିକ ସମ୍ପର୍କ ରଖୁଥିବା ନେଇ ଅଭିଯୋଗ ହୋଇଥିଲା। ଶେଷରେ କିଛିମାସ ପୂର୍ବରୁ ପତ୍ନୀ ନିଜ ବାପା ଘରକୁ ଚାଲି ଆସିଥିଲା। ଏ ସମସ୍ତ ଅଭିଯୋଗ ନେଇ ପତ୍ନୀ ମହିଳା ଥାନାର ଦ୍ୱାରସ୍ତ ହେବା ପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି ଥାନା ଅଧିକାରୀ ଆଶ୍ରିତା ଲାକ୍ରା ପ୍ରକାଶ କରିଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

ନବରଙ୍ଗପୁର,୧୨।୧୧(ସମିସ): ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ୩୯ ତମ ବାର୍ଷିକ କ୍ରୀଡା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡାର ଶୁଭାରମ୍ଭ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ କରମଚାନ୍ଦ ପଣ୍ଡାଙ୍କ ଦ୍ୱାରା ହୋଇଥିଲା। ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ଭଣ୍ଡାରଘରଣୀଙ୍କ ମନ୍ଦିରରୁ ପ୍ରଥମେ ମଶାଲ ଅଣାଯାଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ବାର୍ଷିକ କ୍ରୀଡା ମହୋତ୍ସବ



କାର୍ଯ୍ୟକ୍ରମ। ଆୟୋଜିତ ଏହି ବାର୍ଷିକ କ୍ରୀଡା ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରୀୟ ସୁରକ୍ଷା ବ୍ୟାଟେଲିୟନର ୨ୟ କମାଣ୍ଡର ରାଜେଶ କୁମାର ସାଲୁଙ୍କ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆସିଷ୍ଟାଣ୍ଟ କମିଶନର କମରସିଆଲ ଟେକ୍ସ ଆଶିଷ ଗାର୍ଗଷ୍ୟ ଯୋଗ ଦେଇଥିଲେ। ଏହାପରେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ମାନେ ଘୋଷ ମାଧ୍ୟମରେ ସ୍ୱାଗତ କରିବା ସହ ଉକ୍ତ ମଶାଲକୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ଷ୍ଟାଡିୟମ୍ ପଡିଆରେ ସ୍ଥାପନ କରାଯାଇଥିଲା। ଏହା ପରେ ପ୍ୟାରେଡ ମାଧ୍ୟମରେ ପଡିଆରେ ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଶିଶୁ ମାନଙ୍କୁ କ୍ରୀଡାର ଶୁଭକାମନା ଦେଇ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ମଧ୍ୟରେ ବର୍ଗ ଅନୁସାରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ସମାପନ ପରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ପୁରସ୍କୃତ କରି ଉସାହିତ କରିଥିଲେ। ସଂକୁଳ ସଂଯୋଜକ ଓ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ବସ୍ତିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ସଭାପତି ଚନ୍ଦ୍ରକୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟର ସମସ୍ତ କର୍ମଚାରୀ, ଗୁରୁଜୀ ଗୁରୁମା ତଥା ସେବକ ସେବିକା ମାନଙ୍କ ସମ୍ପୂର୍ଣ୍ଣ ସହଯୋଗରେ ପାଳିତ ହୋଇଥିଲା।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ପାପଡାହାଣ୍ଡି,୧୨।୧୧(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଲାଲ ବହାଦୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଅନିନ୍ଦ୍ୟ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଲିଙ୍ଗରାଜ ଭତରା, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ଜିଲ୍ଲା ପରିଷଦ ଡ. ଲିପିକା ମାଝୀ, ମୋକିଆ ସରପଞ୍ଚ ଜଗତ ଜୀବନ ନାୟକ, ହରି ପାଣିଗ୍ରାହୀ, ତ୍ରିନାଥ ଅମନାତ୍ୟ, ଏଡିଭିଓ ମନୋରଞ୍ଜନ ନନ୍ଦ, ଜଗନ୍ନାଥ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବିଧାୟକ ମନୋହର ରନ୍ଧାରି ପାରମ୍ପରିକ ଚାଷ ସହ ମତ୍ସ୍ୟ ଓ ପଶୁ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଗୋପାଳନ, କୁକୁଡ଼ା ଚାଷ ଓ ମତ୍ସ୍ୟ ଚାଷ



କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଏ ନେଇ ଲୋକଙ୍କ ସଚେତନ କରିଥିଲେ। ଜିଲ୍ଲା ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ମନୋରଞ୍ଜନ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ୮ ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ୧୫ ଜଣ ଚାଷୀଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା। ଡ.ପ୍ରଜ୍ଞାନ ପଣ୍ଡା ମଞ୍ଚ ପରିଚାଳନା କରିଥଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୧୨ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ସ୍ୱରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଅନିନ୍ଦ୍ୟ ଜେନା ଓ ଡ. ଆଶିଷ ପଣ୍ଡା ପରିଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି ଓ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ତାଲିକା ପ୍ରକାଶିତ

ପଦ୍ମପୁର,୧୨।୧୧(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକର ଚଳିତ ଶିକ୍ଷା ବର୍ଷର ୩ୟ ଓ ୫ମ ଶ୍ରେଣୀର ମେଧା ବୃତ୍ତି ତାଲିକା ପଦ୍ମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ୧୭୩୫/୨୦୨୫ ଅନୁସାରେ ପ୍ରକାଶିତ ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ୫ମ ଶ୍ରେଣୀର ପରୀକ୍ଷା ଦେଇଥିବା ୭୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣ ଏବଂ ୩ୟ ଶ୍ରେଣୀର ୧୦୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କୁ ମେଧା କ୍ରମେ ଚୟନ କରାଯାଇ ଫଳାଫଳ ପ୍ରକାଶ କରାଯାଇଛି। ୫ମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନେ ହେଲେ ସରକାରୀ ପ୍ରାଥମିକ ବିଦ୍ୟାଳୟ କଦମାଗୁଡାର କିରଣ ସାହୁ, ସରକାରୀ ପ୍ରଥମିକ ବିଦ୍ୟାଳୟ ଉପରଜୁମୁରୁଗୁଡାର ଅଭିଷେକ ସାହୁ ଓ ସାଗର ସାହୁ, ସରସ୍ୱତୀ ଶିଶୁ ମନ୍ଦିର ପଦ୍ମପୁରର ସାଇ ସଂପୂର୍ଣ୍ଣା ସାହୁ, ସ୍ନେହପ୍ରଭା ସାହୁ, ଶିବାଙ୍ଗି ପାଣିଗ୍ରାହୀ, ସରସ୍ୱତୀ ଶିଶୁ ମନ୍ଦିର କେନ୍ଦୁଗୁଡାର ଯୋଶବନ୍ତି ସେନାପତି, ସେହିପରି ୩ୟ ଶ୍ରେଣୀ ମେଧାବୃତ୍ତିରେ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଦ୍ମପୁରର ରାଜେଶ୍ୱରୀ ଗୈଡ, ଜଗମଣ୍ଡା ବିଦ୍ୟାଳୟର ଆଶାରାଣୀ ସାହୁ, ଶିଶୁ ମନ୍ଦିର ପଦ୍ମପୁରର ଆରାଧ୍ୟା ପାଣିଗ୍ରାହୀ, ସରକାରୀ ଲାଡଗୁଡା ବିଦ୍ୟାଳୟର ଦିଲେଶ୍ୱର ଶବର, ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କେ ଚନ୍ଦ୍ରଶେଖର ଆଚାରୀ, ବିରିପଦର ସରକାରୀ ବିଦ୍ୟାଳୟର ପ୍ରିନ୍ସ ଲିମା, ସରକାରୀ ବିଦ୍ୟାଳୟ ଆମ୍ବାବାଡିର ଜୟଦୀପ ମାଣ୍ଡାଙ୍ଗି କୃତିତ୍ୱ ହାସଲ କରି ନିଜ ନିଜ ବିଦ୍ୟାଳୟର ସୁନାମ ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

# ସବ୍ ରେଜିଷ୍ଟ୍ରେସନ୍ ଅଫିସ୍ ଉଦ୍‌ଘାଟିତ

କାଲିମେଳା,୧୨।୧୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ କାଲିମେଳା ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦଘାଟନ ହୋଇଯାଇଛି। ଏଡିଏମ୍ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦ୍‌ଘାଟନ କରିଥିବା ବେଳେ କାଲିମେଳା ତହସିଲଦାର ରାମକୃଷ୍ଣ ସତ୍ୟ ରାଜଗୁରୁ ସବ୍ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ଯୋଗ ଦେଇଥିଲେ। କାଲିମେଳା ତହସିଲ ଅଞ୍ଚଳବାସୀ ପୂର୍ବରେ ବିଭିନ୍ନ ରେଜିଷ୍ଟ୍ରେସନ କାମ ପାଇଁ ମୋଟୁ ତହସିଲ ଉପରେ ନିର୍ଭର ଥିବା ବେଳେ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ତେବେ ବର୍ତ୍ତମାନ ତହସିଲ ସୀମା ବାହାରେ ନ ଯାଇ ନିଜ ନିଜ ତହସିଲରେ ଜମି ପଞ୍ଜିକରଣ କିମ୍ବା ଜମି କିଣାବିକା ଏବଂ ଅନ୍ୟାନ୍ୟ ରେଜିଷ୍ଟ୍ରେସନ କାମ କରାଯାଇ ପାରିବ। ଏହା ଲୋକଙ୍କ ପାଇଁ ବହୁ ସୁବିଧା ଯୋଗାଇବା ସହ ଜମି କିଣାବିକାରେ ଲୋକଙ୍କ ସୁବିଧା ହେବ। ମଙ୍ଗଳବାର ଏବଂ ବୁଧବାର ଦିନ ଏହି ରେଜିଷ୍ଟ୍ରେସନ କାମ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି।



# ମନେଇଗୁଡ଼ା-ବାରିଆପଦ ରାସ୍ତା ଶୋଚନୀୟ

କଲ୍ୟାଣସିଂହପୁର,୧୨।୧୧(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ଚାଲିଥିବା ବେଳେ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ପ୍ରୀୟାପ୍ରତି ତୋଷଣ ଓ ଠିକାଦାର ପୋଷା ନୀତି ଯୋଗୁଁ ସରକାରଙ୍କ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇ ପାରୁନାହିଁ। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରୁଛନ୍ତି ରାଜ୍ୟ ସରକାର। ହେଲେ ଅନୁଦାନ ଅର୍ଥ ଉପଯୁକ୍ତ ଭାବେ ବିନିଯୋଗ ହେଉନଥିବାରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ସାକାର ହେଉନଥିବା ଅଭିଯୋଗ ହୋଇଛି। ରାୟଗଡ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର ରାସ୍ତା ମରାମତି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟ ଚାଲୁଥିବା ବେଳେ କାର୍ଯ୍ୟ ସ୍ଥଳରେ ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ଖୋରାକ ଯୋଗାଉଥିବା ଅଭିଯୋଗ ହେଉଛି। ରାସ୍ତାର ଖାଲଖମାରେ ବଡ଼ବଡ଼ ଗାତ ହୋଇଥିବାରୁ ବାଇକ୍ ଆମ୍ବୁଲାନ୍ସ ଯିବାରେ ବହୁ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ନିମ୍ନମାନର ରାସ୍ତା ନିର୍ମାଣର ମାତ୍ର ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ମରାମତି ହୋଇ ନ ଥିବା ଅଭିଯୋଗ ହେଉଛି। ଅଟକଳ ଅନୁଯାୟୀ ମରାମତି କାର୍ଯ୍ୟ ହେଉନଥିବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ ମାନେ ଠିକାଦାର ସହ ମିଶି ନିମ୍ନମାନର କାର୍ଯ୍ୟ କରି ଆତ୍ମସାତ୍ ଉଦ୍ୟମ ଭଳି ସାଂଘାତିକ ଅଭିଯୋଗ ଆସିଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତର ମନେଇଗୁଡା ଛକ ଠାରୁ ବାରିଆପଡା ରାସ୍ତାରେ ପ୍ରାୟ ୫ କିମି ଦୀର୍ଘଦିନ ହେଲା ଉକ୍ତ ରାସ୍ତାରୁ ପିଚୁ ଉଠିଯାଇ ଏକ ପ୍ରକାର ମରଣଜନ୍ତା ପାଲଟି ଥିବା ବେଳେ ଗ୍ରାମ୍ୟ ଉନ୍ନୟନ



ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ମରାମତି କରାଯାଉନି। ରାସ୍ତା ଉପର ଦେଇ କୌଣସି ଭାରିଯାନ ଯିବା ଆସିବା କଲେ ରାସ୍ତାରେ ବ୍ୟବହାର ହୋଇଥିବା ପିଚୁ ଉଠି ଯାଉଥିବା ସହ ରାସ୍ତା ଦବି ଯାଉଛି। ସ୍ଥାନୀୟ ଗ୍ରାମବାସୀ ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ବାଲ୍ୟ ବିବାହ ମୁକ୍ତ ଗ୍ରାମପଞ୍ଚାୟତ ସମ୍ପର୍କିତ ତାଲିମ




ରାୟଗଡା,୧୨।୧୧(ସମିସ): ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଞ୍ଚାୟତ ସମ୍ପର୍କିତ ତାଲିମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦିନ ବାଲ୍ୟ ବିବାହ ଏବଂ ମଙ୍ଗଳବାର ଦିନ ଶିଶୁ ସୁଲଭ ପଞ୍ଚାୟତ ପ୍ରସ୍ତୁତି ବିଷୟରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁଚରଣ ନାୟକ, ମହିଳା ଓ ଶିଶୁ ବିକାଶ ବିଭାଗର ସଦର ସୁପରଭାଇଜର ନଳିନୀ ବେରାଗୀ, ଜିପିଡିଓ ତଥା ନୋଡାଲ ଅଧିକାରୀ ସ୍ମୃତିରେଖା ନାୟକ, ବୈଷୟିକ ସଂଯୋଜକ ଯୋଗେନ୍ଦ୍ର ନାୟକ, ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ବିପିଏମ ଯସ୍ମିନ ମୁଟିକା ପ୍ରମୁଖ ଉପସ୍ଥିତ ରହି କର୍ମଶାଳାରେ ସଚେତନ କରିଥିଲେ। ଶିଶୁଙ୍କୁ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ସହ ସୁସ୍ଥ ରହିବା ପାଇଁ ନିର୍ଦ୍ଧାରିତ ବୟସର ପରେ ବିବାହ ସୁନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଶିଶୁ ଅଧିକାର ଆଇନ ଏବଂ ବାଲ୍ୟ ବିବାହ ନିରୋଧ ଆଇନ ବିଷୟରେ ଅବଗତ କରିବା ସହ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଞ୍ଚାୟତ ପ୍ରସ୍ତୁତି ନିମନ୍ତେ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା।ମହିଳା ସୁରକ୍ଷା ୧୮୧, ଶିଶୁ ୧୦୯୮ ଟୋଲ ଫ୍ରି ନମ୍ବର ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଭୂମିକା ଆଲୋଚନାର ବିଷୟଭୁକ୍ତ ଥିଲା। ଗ୍ରାମାଞ୍ଚଳରେ ସଚେତନତାର ଅଭାବରୁ ବାଲ୍ୟ ବିବାହ ବୃଦ୍ଧି ପାଉଥିବାରୁ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିବା ନିମନ୍ତେ ଜିଲ୍ଲାପାଳଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଉଛି। ପ୍ରତି ଗ୍ରାମ ଓ ଗ୍ରାମପଞ୍ଚାୟତ ସ୍ତରରେ କମିଟି ମାନ ଗଠନ କରି ସେଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ହେବ। ରାଲି ମାନ ଆୟୋଜନ କରି ବ୍ୟାପକ ସଚେତନ କରିବାକୁ ହେବ। କିଶୋରୀ ବାଳିକାଙ୍କ ଶୋଷଣ, ଘରୋଇ ହିଂସା ଆଦି ରୋକିବା ନିମନ୍ତେ ଜୁଭେନାଇଲ ଆଇନ, ୱାନ୍ ଷ୍ଟପ ସେଣ୍ଟରର ବ୍ୟବହାର, ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ଆଲୋଚନା ହୋଇଥିଲା। ଶିଶୁର ବଞ୍ଚିବା, ଶିକ୍ଷା, ସୁରକ୍ଷା, ସହଭାଗିତା, ଅଂଶଗ୍ରହଣ ଆଦିର ଅଧିକାର ସୁନିଶ୍ଚିତ କରିବା ସହ ମହିଳା ଓ ଶିଶୁ ବିକାଶ ଯୋଜନା, ମା' ଓ ଶିଶୁଙ୍କ ମତ୍ୟୁହାର କମାଇବା, ଉତ୍ତମ ସ୍ୱାସ୍ଥ୍ୟସେବା, ଶିଶୁକନ୍ୟା ଓ ଭ୍ରୁଣହତ୍ୟା ବନ୍ଦ, ଲିଙ୍ଗଗତ ଭେଦଭାବ, ଯୌତୁକ ପ୍ରଥା, ବାଲ୍ୟ ବିବାହ, ଘରୋଇ ହିଂସା, ପୁଷ୍ଟିହୀନତା ଦୂରକରି ଟୀକାକରଣ, ଶିକ୍ଷା ଆଦି ବିଷୟମାନ ଆଲୋଚନା ପରିସରଭୁକ୍ତ ଥିଲା। ଏଥିରେ ଅଙ୍ଗନବାଡି କର୍ମୀ, ଶିକ୍ଷକ, ସିଆରସିସି, ସିଆରପି, ନିର୍ବାଚିତ ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ।

### ବିଷମକଟକ ପଞ୍ଚାୟତ ସମିତିର ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ନେଇ ଆଲୋଚନା

ବିଷମ କଟକ,୧୨।୧୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ପଞ୍ଚାୟତ ସମିତିର ୧୬ତମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି କାର୍ଯ୍ୟାଳୟ ପରିସରରେ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ପରିଚାଳନ କରିଥିଲେ। ବୈଠକରେ ବିଷମ କଟକ ବିଧାୟକ ନିଳମାଧବ ହିକକା ମୁଖ୍ୟ ଅତିଥି ଏବଂ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ବୈଠକ ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ଅଧିକାରୀ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଲୋକ ପ୍ରତିନିଧିମାନଙ୍କୁ କାର୍ଯ୍ୟାଳୟ ତରଫରୁ ସ୍ୱାଗତ କରିଥିଲେ। ବ୍ଲକର ୨୧ଗୋଟି ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ମାନେ ଉପସ୍ଥିତି ରହିଥିଲେ।




ନିଜ ନିଜ ଅଞ୍ଚଳର ରାସ୍ତା ଘାଟ, ପାନୀୟ ଜଳ ସମସ୍ୟ, ଆଲୋକିକରଣ ବ୍ୟବସ୍ଥା ନିମନ୍ତେ ଏକ୍ସନପ୍ଲାନ, ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ପୂର୍ଣ୍ଣ ଅନୁଦାନ ଆସୁନଥିବାରୁ ଠିକାଦାର ମାନେ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପରେ ମଧ୍ୟ ଟଙ୍କା ପାଇପାରୁନଥିବା ନେଇ ସରପଞ୍ଚ, ସମିତି ସଭ୍ୟ ମାନେ ଅଭିଯୋଗ ଆଣିଥିଲେ। ଅଧିକାରୀ ମାନେ ନିଜ ନିଜ ବିଭାଗର ଯୋଜନା ସମ୍ବନ୍ଧ ରେ ବୈଠକ ରେ ଉପସ୍ଥିତ ଲୋକ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ଏଥି ସହିତ ଯେଉଁ ହିତାଧିକାରୀ ମାନେ ଭତ୍ତା ପାଇବା ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇପାରୁନାହାନ୍ତି, ସେମାନଙ୍କୁ ସିଧାସଳଖ ବ୍ୟାଙ୍କ ଖାତାରେ ଭତ୍ତା ପ୍ରଦାନ ନିମନ୍ତେ ଲୋକ ପ୍ରତିନିଧି ମାନେ ପ୍ରସ୍ତାବ ଦେଇଥିଲେ। ପ୍ରଧାନ ମନ୍ତ୍ରୀ ଆବସ ଯୋଜନାରେ ପାଇଥିବା ହିତାଧିକାରୀ ମାନେ କିପରି ଠିକଣା ସମୟରେ ଗୃହ କାର୍ଯ୍ୟ ସମାପନ କରିବେ, ସେଥିପ୍ରତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜାନାର ସଫଳ ରୂପାୟନ ନିମନ୍ତେ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କ ସହଯୋଗ ଲୋଡିଥିଲେ। ବୈଠକରେ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ମାନେ ଶାନ୍ତି ଶୃଙ୍ଖଳା ଭାବେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନା କରିଥିଲେ। ବୈଠକ ଶେଷରେ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଲୋକ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଜିଦ୍‌ରେ ଅଟଳ ଚାଷୀ

## ତୃତୀୟ ଦିନରେ ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା

ବରଗଡ଼, ୧୨।୧୧(ସମିସ)

ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା ତୃତୀୟ ଦିନରେ ପହଞ୍ଚିଛି। ଧାନ କାର୍ଡ ନ ହେଲେ ଘରକୁ ଯିବୁନାହିଁ ବୋଲି ଜିଦ ଧରି ଚାଷୀ ଧାରଣାରେ ବସିଛନ୍ତି। ସରକାରଙ୍କ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଆବଶ୍ୟକ ସମସ୍ତ କାଗଜ ପତ୍ର ଦେଇଥିଲେ ମଧ୍ୟ ଧାନ କାର୍ଡ ପଞ୍ଜୀକରଣ ହେଲା ନାହିଁ। ଯଦି ଆମର କୌଣସି ଦୋଷ ନାହିଁ ତାହେଲେ ଆମେ କାହିଁକି ଦଣ୍ଡିତ ହେବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ତ୍ରୁଟି ଏବଂ ସୋସାଇଟି ମାନଙ୍କ ମନମୁଖୀ କାରଣରୁ ଆଜି ଆମେ ଧାନ କାର୍ଡ ତିଆରିରୁ ବଞ୍ଚିତ, କ୍ଷେତରେ କାମ ଛାଡି ଜିଲ୍ଲାପାଳ ଅଫିସ ସମ୍ମୁଖରେ ଶୀତ, ଥଣ୍ଡାରେ ଆମେ ଧାରଣାରେ ବସିଛୁ ବୋଲି ସେମାନେ କହିଛନ୍ତି। ସମସ୍ୟା ସମାଧାନ କରାଯାଉ ନଥିବାରୁ ଆଗାମୀ ଦିନରେ ନିଜ କଷ୍ଟ ଉପାର୍ଜିତ ଧାନକୁ ରଖି ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଆନ୍ଦୋଳନରତ ଚାଷୀ ଚେତାବନୀ ଦେଇଛନ୍ତି। ସେପଟେ ଧାରଣା




ସ୍ଥଳକୁ ବରଗଡ଼ ନାଗରିକ ମଞ୍ଚର ସଦସ୍ୟ ମାନେ ଆସି ପୂର୍ଣ୍ଣ ସମର୍ଥନ ଦେଇଥିବା ସଭାପତି ଭୀଷ୍ମଦେବ ସରାଫ ଘୋଷଣା କରିଛନ୍ତି। ସମ୍ପାଦକ ଭବାନୀ ସାହୁ ସରକାର ୮୦୦ ଟଙ୍କା ବୋନସ ନ ଦେବା ପାଇଁ ଏହି ଚକ୍ରାନ୍ତ ବୋଲି କହିଛନ୍ତି। ଶୟନ ପଣ୍ଡା ଏହି ଆନ୍ଦୋଳନ ଆହୁରି ଦୁର୍ବାର କରାଯିବ ବୋଲି ଚେତାବନୀ ଦେଇଛନ୍ତି। କଂଗ୍ରେସ ଦଳର ଅତାବିରା ବିଧାୟକ ପ୍ରାର୍ଥୀ ଅଭିଷେକ, ସମ୍ବିଧାନ ସୁରକ୍ଷା ମଞ୍ଚ ପବିତ୍ର ଦେହେରୀ, ଭେଡେନ କୃଷକ ସଂଗଠନ ଆଇନ ପରାମର୍ଶ ଦାତା ନରେନ୍ଦ୍ର ଭୋଇ, କୋଶଲ ସେନା ବୀରବଳ ମହାକୁଡ, ଗିରିଶ ତନସନା, ଟିକେଶ୍ୱର ବିଶ୍ୱାଳ, ଜଗନାଥ ମାଝୀ, କରୁଣାକର ସାହୁ, ସୁଶୀଳ ସାହୁ, ହେମନ୍ତ ଭୋଇ, ରାଜୁ ସାହୁ, ଯାଦବ ସାହୁ, ରଙ୍କ ବୁଡେକ, ଡିଲେଶ୍ୱର ଭୋଇ, ଦିବାକର ଭୋଇ, ଦିଲୀପ ସାହୁ, ସରୋଜ ସେଠ, ପିତାମ୍ବର ପଧାନ, ପ୍ରତାବ ମେହେର, ଶିବୁନ ତ୍ରିପାଠୀ ପ୍ରମୁଖଙ୍କ ସମେତ ଶହ ଶହ ଚାଷୀ ଧାରଣାରେ ଯୋଗ ଦେଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା ଚାଲିଥିବାରୁ ଜିଲ୍ଲା ପ୍ରଶାସନ ଏକ ପ୍ରକାର ଅଡୁଆ ପରିସ୍ଥିତିର ସମ୍ମୁଖିନ ହୋଇଛି। ଗତକାଲି ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଚାଷୀଙ୍କୁ ୧୫ ତାରିଖ ପର୍ଯ୍ୟନ୍ତ ସମୟ ଦେବାକୁ ଅନୁରୋଧ କରିଥିଲେ। ହେଲେ ଚାଷୀ ନିଜ ଜିଦ୍‌ରେ ଅଟଳ ରହି ଆନ୍ଦୋଳନ ଜାରି ରଖିଛନ୍ତି। ପ୍ରବଳ ଶୀତରେ ନିଆଁ ଜାଳି ବହୁ କଷ୍ଟରେ ଚାଷୀ ଧାରଣାରେ ବସିଛନ୍ତି। ଚାଷୀଙ୍କ ସମସ୍ତ ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବେଲି ଏବଂ ସେଥିପାଇଁ କେବଳ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର ଚେତାଇ ଦେଇଛନ୍ତି।

## ଭୁତମୁଣ୍ଡାକୁ ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ବିଡିଓଙ୍କୁ ଦାବିପତ୍ର

ପାଇକମାଲ, ୧୨।୧୧(ସମିସ): ପୂର୍ବ ସରକାରଙ୍କ ସମୟରୁ ଗ୍ରାମାଞ୍ଚଳ ଗୁଡିକରେ ମହିଳାଙ୍କ ସୁବିଧା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀବସ ଚଳାଇଥିଲେ। ତେବେ ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୁତମୁଣ୍ଡା ଗାଁରେ ମହିଳା ତଥା ଛାତ୍ରଛାତ୍ରୀ ଲକ୍ଷ୍ମୀବସ ଯିବା ଆସିବାରୁ ବଞ୍ଚିତ ହେଉଛନ୍ତି। ଭୁତମୁଣ୍ଡା ତଥା ଆଖପାଖ ଗାଁଗୁଡିକରେ ବହୁ ମହିଳା ତଥା ଛାତ୍ରଛାତ୍ରୀ ମାଣ୍ଡୋସିଲ ତଥା ପାଇକମାଲ, ପଦ୍ମପୁର, ବରଗଡ଼ ଓ ନୂଆପଡ଼ା, ଖରିଆରରୋଡ ଯାଉଛନ୍ତି। ବସ ସେବା ନପାଇବାରୁ ସେମାନେ ହଇରାଣ ହେଉଛନ୍ତି। ଏନେଇ ଗାଁରେ ବସ ଚଳାଚଳ ପାଇଁ ଭୁତମୁଣ୍ଡା ଗ୍ରାମବାସୀଙ୍କ ତରଫରୁ ବୁଧବାର ପାଇକମାଳ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ଗ୍ରାମ୍ୟ ସଭାପତି ଜଗଦୀଶ ନାୟକ, ସମ୍ପାଦକ ଲବ ପଟେଲ, ସୁବାଷ ଚନ୍ଦ୍ର ମହାନ୍ତି, ସନ୍ତୋଷ ପ୍ରଧାନ, ମନ୍ମଥ ମହାନ୍ତି, ଅଜିତ ପ୍ରଧାନ, କ୍ଷିରୋଦ ବଡ଼େଇ, ଅମିୟ ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ଉଜିନ୍ଦ୍ର ବରିହା, ଗୋକୁଳାନନ୍ଦ ଧରୁଆ, ସୁନିଲ ନାଗ, ବାଳମୁକୁନ୍ଦ ପ୍ରଧାନ, ଅଶୋକ ବଡ଼େଇ, ସଦାନନ୍ଦ ପ୍ରଧାନ, ଅମୂଲ୍ୟ ପ୍ରଧାନ, ନିରା ଧରୁଆ, ମନୋଜ ମହାନ୍ତି, ଶରତ ମାଝୀ, ରୂପାନନ୍ଦ ବଡ଼େଇ, ଥବିର ସାହୁ, ଦେବେନ୍ଦ୍ର ମାଝୀ, ମହେନ୍ଦ୍ର ପଟେଲ, ସତନ ପଟେଲ, ଉଷାବତୀ ମାଝୀ, କମଳା ମାଝୀ, ପରମାନନ୍ଦ ପ୍ରଧାନ, ମନବୋଧ ଦୋରା, ତ୍ରିପୁରା ପ୍ରଧାନ, ବବିତା ବଡ଼େଇ, ମିଥିଳା ଦୋରା, କୁମୁଦିନୀ ବଡ଼େଇ, ରିତା ବଡ଼େଇ, ସ୍ନେହଲତା ବଡ଼େଇ, ଦେବକି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସିଭିରମଣ କୃଷି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରାକୃତିକ ଓ ଜୈବିକ କୃଷି କ୍ଷେତ ପରିଦର୍ଶନ

ପଦ୍ମପୁର, ୧୨।୧୧(ସମିସ): ସିଭିରମଣ କୃଷି ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନ ଓ ପରିବେଶ ବିଭାଗର ଛାତ୍ରଛାତ୍ରୀ ରାଜବୋଡାସମ୍ବର ବ୍ଲକ ଅଧୀନ ସାରସମାଲ, କେନ୍ଦୁମୁଣ୍ଡା ଗାଁ ସ୍ଥିତ ପ୍ରାକୃତିକ ଓ ଜୈବିକ କୃଷି କ୍ଷେତର ପରିଦର୍ଶନ କରିଛନ୍ତି। ଛାତ୍ରଛାତ୍ରୀ ପ୍ରାକୃତିକ କୃଷି ପ୍ରଣାଳୀ, ଜୈବିକ ମୂଳକ ସାର ଓ କୀଟନାଶକ ବ୍ୟବହାର ବିଷୟରେ ପ୍ରୟୋଗିକ ଜ୍ଞାନ ଆହରଣ କରିଥିଲେ। ପରିଦର୍ଶନ ସମୟରେ ଛାତ୍ରଛାତ୍ରୀ ଜୈବିକ ଧାନ ଫସଲ ଚାଷ ପ୍ରଣାଳୀ, ମାଟିର ସୁସ୍ଥତା ବଜାୟ ରହିବା ଉପାୟ ବିଷୟରେ ଜୈବିକ ଚାଷୀ ଅଶୋକ ସାହୁଙ୍କ ସହ ଆଲୋଚନା କରିଥିଲେ। ସାର ଭଳି ବିଷ ବିହୀନ ଏ ଚାଷ ଦେଖିବାକୁ ପ୍ରତିଦିନ ଜୈବିକ ଚାଷ ପ୍ରେମୀ, ପରିବେଶବିଦ, ଛାତ୍ରଛାତ୍ରୀ ଆସୁଛନ୍ତି। କିଛି ଦିନ ପୂର୍ବରୁ ପଡୋଶୀ ଛତିଶଗଡ଼ର ଗଡ଼ଫୁଲଝର୍ ତୋଷଗାଁରୁ ଏବଂ ସୋଆ ବିଶ୍ୱ ବିଦ୍ୟାଳୟ ଓ ଓଡ଼ିଶା କୃଷି ବୈଷୟିକ ବିଦ୍ୟାଳୟ, ଯୁଯୁମୁରା ବ୍ଲକରୁ ଛାତ୍ରଛାତ୍ରୀ ମଧ୍ୟ ଆସିଥିଲେ। ଜୈବିକ ଚାଷୀ ଅଶୋକ ସାହୁଙ୍କ କହିବା ଅନୁସାରେ ବର୍ତ୍ତମାନ ପରିପ୍ରେକ୍ଷୀରେ ରାସାୟନିକ ସାର, କୀଟନାଶକ ଏବଂ ଶରୀର ପାଇଁ କ୍ଷତିକାରକ ବିଷ ଯୁକ୍ତ ଚାଷ ଚାଲିଛି। ଏହାର ପ୍ରଭାବରେ ବରଗଡ଼ ଜିଲ୍ଲା ରୋଗଗ୍ରସ୍ତ ଜିଲ୍ଲା ରୂପେ ପରିଗଣିତ ହୋଇସାରିଲାଣି। କ୍ୟାନ୍ସର ରୋଗରେ ସମଗ୍ର ଭାରତ ବର୍ଷରେ ଦ୍ୱିତୀୟ ଜିଲ୍ଲା ହେଉଛି ବରଗଡ଼ ଜିଲ୍ଲା। ତେଣୁ ସମସ୍ତେ ଜୈବିକ ଚାଷକୁ ଆପଣେଇବାକୁ ଅନୁରୋଧ କରିଛନ୍ତି।

## ପାହାଡ଼ଶ୍ରୀଗିଡ଼ା ଡିଗ୍ରୀ କଲେଜରେ ଆଲୋଚନାଚକ୍ର




ଅତାବିରା, ୧୨।୧୧(ସମିସ): ପାହାଡଶ୍ରୀଗିଡା ଡିଗ୍ରୀ କଲେଜରେ ଜାତୀୟ ଶିକ୍ଷା ଦିବସ ଅବସରରେ ଶିକ୍ଷା ବିଭାଗ ତରଫରୁ 'ମୌଲାନା ଅବୁଲ୍ କଲାମ୍ ଆଜାଦ୍ ଠାରୁ ଜାତୀୟ ଶିକ୍ଷାନୀତି ୨୦୨୦ ପର୍ଯ୍ୟନ୍ତ ଭାରତୀୟ ଶିକ୍ଷା ପ୍ରଣାଳୀର ବିକାଶ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଗଣେଶ ଚନ୍ଦ୍ର ଗିରିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷା ରାଜେଶ୍ୱରୀ ସାମନ୍ତ, ମୁଖ୍ୟବକ୍ତା ଅଧ୍ୟାପକ ଜଗଦୀଶ ଦେବତା ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଆତ୍ମଷ ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟାପକ ସ୍ୱପଜିତ୍ ଖଟୁଆ, ଜଗନ୍ନାଥ ପ୍ରଧାନ, ରେଣୁକା ମହାରଣା, ରାମ ଗୋପାଳ ସେଠ୍ ମଣିଷ ଜୀବନରେ ଶିକ୍ଷାର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। କଲେଜର ପରେଶ ଚନ୍ଦ୍ର ରଣା, ସୁନିଲ ଶର୍ମା, ବିଶ୍ୱେଶ୍ୱର ସିଂ ଦାଉ, ଶ୍ରୀକାନ୍ତ ଭୋଇ ତଥା ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ପାଠ୍ୟଦାନ ଶିବିର

ବରଗଡ଼, ୧୨।୧୧(ସମିସ): ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ ସ୍ଥାନୀୟ ନଦୀ ପଡ଼ା ଠାରେ ୧୯୫ ତମ ମାଗଣା ପାଠ୍ୟ ଦାନ ଶିବିର 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛୁଟିଦିନରେ ବସ୍ତି ପିଲାଙ୍କୁ ମାଗଣା ପାଠ୍ୟ ଦାନ କାର୍ଯ୍ୟକ୍ରମ



ପରିପ୍ରେକ୍ଷୀରେ ଅବସରପ୍ରାପ୍ତ ଶିକ୍ଷକ କପିଲ ବାଗଙ୍କ ନେତୃତ୍ୱ ଓ ଶିଶୁଶ୍ରୀ ପାଠାଗାରର ପ୍ରତିଷ୍ଠାତା ଡ.ରବିନାରାୟଣ ସାହୁଙ୍କ ସଂଯୋଜନାରେ ଏହି ଶିବିର ଆୟୋଜିତ ହେଉଛି। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବସ୍ତିର ପିଲାଙ୍କ ଘରକୁ ଘର ପରିଦର୍ଶନ କରିବା ସହ ଅଭିଭାବକଙ୍କ ସହ ଭାବ ବିନିମୟ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକତ୍ରିତ କରି ଇଂରାଜୀ, ଓଡ଼ିଆ ସାହିତ୍ୟ, ଇତିହାସ ଓ ଭୂଗୋଳ ଆଦି ବିଷୟରେ ରହିଥିବା ଦ୍ୱନ୍ଦ୍ୱ ଗୁଡିକୁ ଆଲୋଚନା କରି ଛାତ୍ରଛାତ୍ରୀଙ୍କ ସନ୍ଦେହ ମୋଚନ କରିଥିଲେ। ଏହି ଅବସରରେ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଡ.ଡୋଳାମଣି ଶତପଥୀ, କମଳ ଲୋଚନ ପଟେଲ, ଚନ୍ଦ୍ରକାନ୍ତ ସା, ଉପଦେଷ୍ଟା ଅର୍ଜୁନ ସେଟ୍ ପ୍ରମୁଖ ପାଠ୍ୟଦାନ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ବିଷୟ ସମ୍ବଳିତ ୨୫ ମାର୍କର ଲିଖିତ ପରୀକ୍ଷା କରାଇବା ପାଇଁ ସୂଚନା ପ୍ରଦାନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ'



ପଦ୍ମପୁର, ୧୨।୧୧(ସମିସ): ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି କଲ୍ୟାଣ ବିଭାଗ ଦ୍ୱାରା ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ' ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (କଲ୍ୟାଣ ବିଭାଗ) ଏବଂ ଅନ୍ୱେଷା ଖେଳ ପଡ଼ିଆ, ପଦ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅତିଶ ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମେନକା ମେହେର, କନ୍ୟାଶ୍ରମର ପ୍ରଧାନଶିକ୍ଷକ ପର୍ଶୁରାମ ଧୃରୁଆ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ ସର୍ଗିଫୁଲ ମହୋତ୍ସବର ସଭାପତି ତଥା ଜିଲ୍ଲା ମଙ୍ଗଳ ଅଧିକାରୀ ମଳୟ ଶତପଥୀ ସଭାର ସଭାପତିତ୍ୱ କରିଥିଲେ। ଅତିଥି ମାନଙ୍କ ଅଭିଭାଷଣ ପରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାକୁ ପ୍ରଦୀପ ପୁରୋହିତ ଉଦ୍‌ଘାଟନ କରିଥିଲେ। ସର୍ଗିଫୁଲ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ମାନେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ସର୍ଗିଫୁଲରେ ଅଂଶଗ୍ରହଣ କରିବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ରୂପେ ରାଜବୋଡ଼ାସମ୍ବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅତିଶ ଭୋଇ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ସଭାର ସଭାପତିତ୍ୱ ଜିଲ୍ଲା ମଙ୍ଗଳ ଅଧିକାରୀ ମଳୟ ଶତପଥୀ କରିଥିଲେ। ଏକକ ସଙ୍ଗୀତ, ଏକକ ନୃତ୍ୟ, ଏକକ ଅଭିନୟ, ଗ୍ରୁପ ଡାନ୍ସ, ସୃଜନ ଲିଖନ, ବକ୍ତୃତା, ଚିତ୍ରାଙ୍କନ, ଭଲିବଲ ଇତ୍ୟାଦି ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭାଗର ସମସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଶେଷରେ ଅନ୍ୱେଷା ହଷ୍ଟେଲ, ପଦ୍ମପୁରର ସହକାରୀ ଅଧୀକ୍ଷକ ସୁଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା




ବରଗଡ଼, ୧୨।୧୧(ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେର୍ଶୀୟସ୍ ଡୁଙ୍ଗଡୁଙ୍ଗ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା ଓ ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାଶ୍ୱତୀ ଦାସ ତଥା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସଦସ୍ୟ ଉପସ୍ଥିତ ଥିଲେ। ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାର ୧୬ଟି ପିଏମ୍‌ଶ୍ରୀ ବିଦ୍ୟାଳୟରୁ ମନୋନୀତ ହୋଇ ୮୦ଟି ଛାତ୍ରଛାତ୍ରୀ ଆସିଥିଲେ। ଛାତ୍ରଛାତ୍ରୀ ରାଷ୍ଟ୍ରପତି, ବାଚସ୍ପତି, ପ୍ରଧାନମନ୍ତ୍ରୀ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ବିରୋଧୀ ଦଳ ନେତା, ଉପନେତା ତଥା ସଞ୍ଚାର ମିଡିଆ ଭୂମିକାରେ ନିଖୁଣ ଭାବେ ଅଭିନୟ କରିଥିଲେ। ସହିଲ ସାହୁଙ୍କ ପ୍ରଧାନମନ୍ତ୍ରୀ ଭୂମିକା ପ୍ରତ୍ୟକ୍ଷ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିର ଭ୍ରମ ସୃଷ୍ଟି କରିଥିଲା। ଅଭିନୟରେ ସହିଲ ସାହୁ, ଶ୍ରଦ୍ଧା ପ୍ରଧାନ, ପାୟଲ ପଣ୍ଡା ତଥା ସଂସ୍କୃତି ଦାସ ପୁରସ୍କୃତ ହୋଇଥିଲେ। ସହିଲ୍ ଓ ପାୟଲ ଜିଲ୍ଲା ସ୍ତରୀୟ ଛାୟା ସଂସଦରୁ ମନୋନୀତ ହୋଇ ରାଜ୍ୟ ଛାୟା ସଂସଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିକାଶ ବାଘେଲ ପରିଚାଳନା କରିଥିଲେ।

## ବିଜେପୁରରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ବିଜେପୁର, ୧୨।୧୧(ସମିସ): ସମଗ୍ର ଓଡ଼ିଶାରେ ଚାଲିଥିବା ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅଭିଯାନ ପରିପ୍ରେକ୍ଷୀରେ ବିଜେପୁର ପ୍ରାଣୀ ଚିକିତ୍ସାଳୟ ପ୍ରାଙ୍ଗଣରେ ବୁଧବାର ଏହି ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଭିନ୍ନ ଗାଁର ମତ୍ସ୍ୟଜୀବୀ, ପଶୁପାଳକ ଓ କୃଷକ ଯୋଗଦେଇ ନିଜ ଉତ୍ପାଦନ, ନୂତନ ପ୍ରଯୁକ୍ତି ଓ ଅଭିଜ୍ଞତା ପ୍ରଦର୍ଶନ କରିଥିଲେ। ବିଜେପୁର ବିଡିଓ ସରୋଜ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ସନତ ଗଡ଼ତୀୟା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ଚାଷୀଙ୍କୁ ସରକାରୀ ଯୋଜନାର ଲାଭ ନେଇ ନିଜ




ଆୟ ବଢ଼ାଇବାକୁ ପ୍ରୋତ୍ସାହିତ କରିଥିଲେ। ଏହାପରେ ସେ ଷ୍ଟଲ୍ ଗୁଡିକୁ ପରିଦର୍ଶନ କରିଥିଲେ। ମେଳାରେ ବିଭିନ୍ନ ପ୍ରଜାତିର ମାଛ, ପଶୁ ପାଳନ ଯନ୍ତ୍ର, ଔଷଧ, ଚାରା ଓ ସାଇଲେଜ୍ ପ୍ରଦର୍ଶିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବିଜେପୁର ବ୍ଲକ ଅଧ୍ୟକ୍ଷ ଜୟକୃଷ୍ଣ ତନସନା, ଅଞ୍ଚଳ ପରିଷଦ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିଗମାନନ୍ଦ ପାଢ଼ୀ, ଡ.ସଞ୍ଜୀବ ପଟେଲ, ଶୁଭସ୍ମିତା ଘଡେଇ, ଡ.ସଞ୍ଜୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ.ଶ୍ରୀକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମେଳା ଅବସରରେ ଶ୍ରେଷ୍ଠ ମତ୍ସ୍ୟଜୀବୀ ଓ ପଶୁପାଳକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କର୍ଣ୍ଣାଟକ ଆଣ୍ଟିବାୟୋଟିକ୍ସ ଏଣ୍ଡ ଫାର୍ମାସିଟିକାଲ୍ସ ଲିଃ, ମହାଶକ୍ତି ଫାଉଣ୍ଡେସନ ବିଜେପୁର, ସାଇ ଏଣ୍ଟରପ୍ରାଇଜେସ, ମିଶନ ଶକ୍ତି ମହାଳୟା ସ୍ୱୟଂସହାୟିକା ଗୋଷ୍ଠୀ ପହଣ୍ଡି, ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦନ ସଂଘ ଲିଃ ସମ୍ବଲପୁର ପ୍ରମୁଖ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ଯୋଗ ଦେଇଥିଲେ।

## ୮ ବିଦେଶୀ ମହିଳାଙ୍କ ସମ୍ବଲପୁରୀ ବସ୍ତ୍ରାଳୟ ପରିଦର୍ଶନ

ବରଗଡ଼, ୧୨।୧୧(ସମିସ): ବିଦେଶ (ଇଂଲଣ୍ଡ)ରୁ ୮ ଜଣ ମହିଳା ସମ୍ବଲପୁରୀ ବସ୍ତ୍ରାଳୟର ରଙ୍ଗଘର ପରିଦର୍ଶନ କରି ସୂତାର ରଙ୍ଗ ପ୍ରଣାଳୀ ଦେଖିଛନ୍ତି। ଏହି ଅବସରରେ ବନ୍ଦେ ମାତରମ୍ ଡିଜାଇନ୍‌ର ଲୁଗା ବୁଣା ହେଉଥିବାର ଅବଲୋକନ କରିଥିଲେ। ଉକ୍ତ ଟିମ୍‌କୁ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ, ସମ୍ପାଦକ, ଓଏସ୍‌ଡି, ବାଣିଜ୍ୟ ଅଧିକାରୀ ସମିତିର ଲୁଗାର ବୈଶିଷ୍ଟ୍ୟ, ଗୁଣବତ୍ତା ଇତ୍ୟାଦି




ବିସ୍ତୃତ ଭାବେ ବୁଝାଇଥିଲେ। ଏହି ବିଷୟରେ ବିଦେଶିନୀ ମହିଳା ଦଳ ଅନୁପ୍ରାଣିତ ହୋଇ ସମ୍ବଲପୁରୀ ଲୁଗା, ଗାର୍ମେଣ୍ଟ୍ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ତେଣୁ ତାଙ୍କୁ ବରଗଡ଼ ସ୍ଥିତ ମେଗା ସୋରୁମ୍‌କୁ ପରିଦର୍ଶନରେ ନିଆ ଯାଇଥିଲା। ସେଠାରେ ସେମାନେ ପ୍ରାୟ ଲକ୍ଷାଧିକ ଟଙ୍କାର ହସ୍ତତନ୍ତ ପୋଷାକ ତଥା ଲୁଗା କିଣିଥିଲେ ଏବଂ ସମ୍ବଲପୁରୀ ହସ୍ତତନ୍ତ ଲୁଗାକୁ ଭୂୟସୀ ପ୍ରଶଂସା କରିଥିଲେ। ପରିଦର୍ଶନ ସମୟରେ ସମିତିର ସଭାପତି ସମ୍ବିତ ଆଚାର୍ଯ୍ୟ ଅଫିସରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାଦ୍ୱାରା ସମ୍ବଲପୁରୀ ବସ୍ତ୍ରାଳୟର ଉତ୍ପାଦିତ ବସ୍ତ୍ରର ବିଦେଶରେ ବହୁଳ ଭାବେ ପ୍ରଚାର ପ୍ରସାର ହେବ ବୋଲି ଆଶା କରାଯାଏ।

## ବାନ୍ଧୁଟିକ୍ରାରୁ ଘୁଲିପାଲି ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଆରମ୍ଭ

ବରଗଡ଼, ୧୨।୧୧(ସମିସ)

ବରଗଡ଼ ସହର ର ସୌନ୍ଦର୍ଯ୍ୟ କରଣ, ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ତଥା ଟ୍ରାଫିକ ବ୍ୟବସ୍ଥାକୁ ଦୂର କରିବା ପାଇଁ ସହର ମଧ୍ୟରେ ଥିବାରାସ୍ତା ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇ ଯାଇଛି।ଆଜି ବନ୍ଧୁଟିକିରା ଛକରୁ ଘୁଲିପାଲି ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି।କିଛି ଦିନ ପୂର୍ବରୁରାସ୍ତା ମାପ କଲା ପରେ ୪୮ ଘଣ୍ଟାର ସମୟ ପୌର ପ୍ରଶାସନ ପକ୍ଷରୁ ଦିଆ ଯାଇଥିଲା ଆଉ ଆଜି ବୁଲ ଡେଜର ଲଗାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନ ଏଚରୁ ସହର ମଧ୍ୟକୁ ସଂଯୋଗ କରୁଥିବା ଏହା ଏକ ମାତ୍ରରାସ୍ତା ହୋଇ ଥିବାରୁ ଦିନ



ସାରା ଖୁବ୍ ଭିଡ ହେବା ସହରାସ୍ତା ଜାମ ହେଉଛି। ତା ସହ ଡ୍ରେନେଜ୍ ଠିକ୍ ଭାବେ ନ ଥିବାରୁରାସ୍ତା ଉପରେ ସବୁବେଳେ ଡ୍ରେନ ପାଣି ଭରିରହୁଛି। ୱାର୍ଡ ନମ୍ବର ୧୮ ଓ ୱାର୍ଡ ନମ୍ବର ୯ ର ଅଧିବାସୀ ଏ ସମସ୍ୟା ସମ୍ପର୍କରେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ତଥା ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଅବଗତ କରିଥିଲେ।କିଛି ଦିନ ପୂର୍ବରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିଜେ ଆସି ସବୁ ବୁଲି ଦେଖିଥିଲେ।ପ୍ରଥମେରାସ୍ତା ଉପରକୁ ମାଡି ବସିଥିବା ଜବରଦଖଲ ଉଚ୍ଛେଦ କରି ଡ୍ରେନ ଓରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଉଭୟ ୱାର୍ଡର ଜନ ସାଧାରଣଙ୍କ ସମସ୍ୟାକୁ ଦେଖି ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଏକ କୋଟି ଟଙ୍କା ମଞ୍ଜୁର ହୋଇଥିବା ବିଷୟ ପ୍ରକାଶ କରିଛନ୍ତି।ବିଗତ ଏଗାର ବର୍ଷର ଏକ

**ଏକ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ରାସ୍ତା ଓ ଡ୍ରେନ୍**

ବହୁତ୍ ବଡ ସମସ୍ୟା ଦୂର ହେବାକୁ ଯାଉଛି ଲୋକମାନେ ପ୍ରତିଦିନ ନାହିଁନ ଥିବା ଅସୁବିଧା ଭୋଗ କରୁଥିଲେ ଏଣୁ ଜିଲ୍ଲା ପ୍ରଶାସନ ତଥା ବିଧାୟକଙ୍କୁ ବରିଷ୍ଠ ଆଇନଜୀବୀ ସନ୍ତୋଷ ଦାଶ ଧନ୍ୟବାଦ୍ ଜଣାଇଛନ୍ତି।

## ଭିନ୍ନକ୍ଷମଙ୍କ ଏକ ଦିବସୀୟ ତାଲିମ ଶିବିର

ଅତାବିରା, ୧୨।୧୧(ସମିସ): ସ୍ଥାନୀୟ ହାଇସ୍କୁଲଠାରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଫିଜିଓ ଥେରାପିଷ୍ଟ ଡ.ରତୁରାଜ ଚାନ୍ଦ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ବିଆରଟି ବଳରାମ ନାଗ ଓ ସାଇସୁଧା ପାଢ଼ୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଲିମ ଶିବିରରେ ବ୍ଲକର ୨୫ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ୫୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପିତାମାତା ଯୋଗ ଦେଇଥିଲେ। ସାଧନକର୍ମୀ ଭାବେ ସିଆରସିସି ନନ୍ଦିଘୋଷ ଭୁଏ, ନୃପ ଭୋଇ, ପ୍ରଧାନଶିକ୍ଷକ ଡାକ୍ତର ବିଶି ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ୨୧ ପ୍ରକାରର ଭିନ୍ନକ୍ଷମ, ତାଙ୍କର ସୁବିଧା ସୁଯୋଗ ଏବଂ ତାଙ୍କ ପାଇଁ ଥିବା ବିଭିନ୍ନ ଅଧିନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ ଥିବା ବ୍ଲକ ଅନ୍ତର୍ନିବେଶି ସାଧନୀ ଗୃହରେ ମଧ୍ୟ ଶାରୀରିକ ଭିନ୍ନକ୍ଷମ ଏବଂ ମସ୍ତିଷ୍କ ପକ୍ଷାଘାତ




ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ମଧ୍ୟ ୨ ଦିନିଆ ଥେରାପି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସିଆରସିସି ରାଜୀବ ବିଶ୍ୱାଳ, କୃତାର୍ଥ ଚନ୍ଦ୍ର ଭୁଏ, ଧରମ ନାୟକ, ରଞ୍ଜନ ବାଗ, ଅନ୍ତର୍ନିବେଶି ସ୍ୱେଚ୍ଛାସେବୀ ଗଣ ସହଯୋଗ କରିଥିଲେ।

## ଖାତା ପ୍ରତି ୨୫ ଟଙ୍କା, ଗସ୍ତ ଓ ରହଣି ଖର୍ଚ୍ଚ ଦାବି

# ପରୀକ୍ଷାର ମୂଲ୍ୟାୟନ ବର୍ଜନ କଲେ ପ୍ରଶିକ୍ଷକ

ଜୟପୁର,୧୨।୧୧(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଡିପ୍ଲୋମା ଏଲିମେଣ୍ଟରୀ ଶିକ୍ଷକ ପରୀକ୍ଷାର ଡିଜିଟାଲ ଉତ୍ତର ଖାତା ମୂଲ୍ୟାୟନ ବର୍ଜନ କଲେ ୫ଟି ଜିଲ୍ଲାର ନିୟୋଜିତ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା। ଆଜି ଠାରୁ ରାଜ୍ୟର ୭ଟି କେନ୍ଦ୍ର ମଧ୍ୟରୁ ଜୟପୁର ସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର (ଡିଆଇଇଟି) ଠାରେ ପୂର୍ବାହ୍ନ ୧୦ଟାରୁ ଡିଜିଟାଲ ମୂଲ୍ୟାୟନ ଆରମ୍ଭ ହେବା ରହିଥିଲା। କିନ୍ତୁ ସମୁଦାୟ ୨୧ ଜଣ ମୂଲ୍ୟାୟନ ପାଇଁ ନିୟୋଜିତ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ମୂଲ୍ୟାୟନ କକ୍ଷରେ ପ୍ରବେଶ କରିନଥିବା ବେଳେ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ପରୀକ୍ଷାଖାତା ମୂଲ୍ୟାୟନ ଦାୟୀତ୍ୱରେ ରହିଥିବା ଅଧିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଏହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଖାତାର ମୂଲ୍ୟାୟନ ବାବଦକୁ ଦୀର୍ଘ ବର୍ଷ ହେଲାଣି ମାତ୍ର ୭ଟଙ୍କା ୫୦ ପାଇସା ପ୍ରଦାନ କରୁଥିବା କୌଣସି ରହଣି ଏବଂ ଖାଇବା ବାବଦକୁ ଭତ୍ତା ପ୍ରଦାନ କରୁନାହାନ୍ତି। ଫଳରେ ମୂଲ୍ୟାୟନରେ ଯୋଗଦେବାକୁ ଆସୁଥିବା ପ୍ରଶିକ୍ଷକ ଓ ପ୍ରଶିକ୍ଷିକାମାନେ ବହୁ ସମସ୍ୟାରେ ରହୁଥିବା ବେଳେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ତୁରନ୍ତ ପ୍ରତ୍ୟେକ ଖାତାର ମୂଲ୍ୟାୟନ ପାଇଁ ୨୫ ଟଙ୍କା ଏବଂ ଖାଇବା ଓ ରହଣି ଭତ୍ତା ପ୍ରଦାନ କରିବା ନେଇ ଦାବି କରିଛନ୍ତି। ଜୟପୁର ଡିଆଇଇଟି ଠାରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ଡିଆଇଇଟି ଏବଂ ଉମରକୋଟ, ଗୁଣୁପୁରର ବିଆଇଟିର ସମୁଦାୟ ୩୦ ଜଣ ପ୍ରଶିକ୍ଷକ ଓ ପ୍ରଶିକ୍ଷିକାଙ୍କୁ ପରୀକ୍ଷାଖାତାର ମୂଲ୍ୟାୟନ ପାଇଁ ନିଯୁକ୍ତ ଦିଆଯାଇଥିଲା। କିନ୍ତୁ ଏଥିରେ ମାତ୍ର ୨୧ ଜଣ ଯୋଗଦାନ କରିଥିବା ବେଳେ ଗତ ଦୁଇଦିନ ଡିଜିଟାଲ ମାଧ୍ୟମରେ ମୂଲ୍ୟାୟନ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଏହିପରି ପ୍ରତି ଉତ୍ତର ଖାତା ମାତ୍ର ୫୯ ସେକେଣ୍ଡରେ ଡିଜିଟାଲ ମାଧ୍ୟମରେ ଯାଞ୍ଚ କରିବା ସହ ଦୈନିକ ସର୍ବାଧିକ ୨୦ଟି ଉତ୍ତର ଖାତା ମୂଲ୍ୟାୟନ କରିବା ନେଇ ସମୟଧାର୍ଯ୍ୟ କରାଯାଇଛି। ଏହିପରି ଆସନ୍ତା ୫ ଦିନ ମଧ୍ୟରେ ମୂଲ୍ୟାୟନ ଶେଷ କରିବା ନେଇ ଲକ୍ଷଧାର୍ଯ୍ୟ କରାଯାଇଛି

# ୮୫ ସଫ୍ଟ ସେଲ୍ କଇଁଛ ଜବତ, ୩ ଗିରଫ




ଏମ୍ଭି ୭୯, ୧୨।୧୧(ସମିସ): ମାଲକାନଗିରି ଜିଲ୍ଲାରେ ବେଆଇନ ଭାବେ କଇଁଛ ଚାଲାଣ ଏବଂ ବିକ୍ରୟ ବୃଦ୍ଧି ହେଉଥିବା ବେଳେ ବନ ବିଭାଗ ଏହାକୁ ଲଗାମ ଲଗାଇବାରେ ସଫଳ ହେଇଛି। ବିଗତ ଗୋଟିଏ ବର୍ଷ ମଧ୍ୟରେ ବନ ବିଭାଗ ବେଆଇନ ଭାବେ ଚାଲାଣ କରୁଥିବା ବ୍ୟବସାୟୀଙ୍କୁ ଧରି କଇଁଛ ଚାଲାଣଙ୍କୁ ରୋକିବାରେ ସଫଳ ହୋଇଛି। ଆଜି ବନ ବିଭାଗୀୟ ଅଧିକାରୀ ବିଶେଷ ସୂତ୍ର ଖବର ପାଇ କାଲିମେଳା ବ୍ଲକ ମାଲାଭରମ ପଞ୍ଚାୟତ ଅନ୍ତର୍ଗତ ଅନନ୍ତପାଲ୍ଲୀ ଠାରେ ୮୫ଟି କଇଁଛ ଜବତ କରିଛନ୍ତି। ସୂଚନା ମୁତାବକ ଫରେଷ୍ଟର ଦୀପଙ୍କର ଶିଉଲିଙ୍କ ତତ୍ତ୍ୱାବଧାନରେ ଫରେଷ୍ଟ ଗାର୍ଡ ପାର୍ଥ ସାରଥୀ ରାଉତ, ବନ ବିଭାଗ ଟିମ୍ ଏବଂ ମୋଟୁ ତହସିଲ ରାଜସ୍ୱ ନିରୀକ୍ଷକ ସୁରେଶ କୁମାର ପୂଜାରୀଙ୍କ ସହ ଏକ ଟିମ୍ ଗଠନ କରି ଯୋଜନାବଦ୍ଧ ଭାବେ ଅନନ୍ତପାଲ୍ଲୀ ଗ୍ରାମ ଅଭିମୁଖେ ଯାଇଥିଲେ। ଅନନ୍ତପାଲ୍ଲୀ ରାସ୍ତାରେ ହିଁ କଇଁଛ ବ୍ୟବସାୟୀଙ୍କୁ ଧରିବାରେ ସଫଳ ହୋଇଥିଲେ ବନବିଭାଗ। ମୋଟ ୮୫ଟି କଇଁଛ ସହ ୩ ଅଭିଯୁକ୍ତ ଏବଂ ୨ଟି ମୋଟରସାଇକଲ ଜବତ କରିଥିଲେ। ଅଭିଯୁକ୍ତ ମାନେ ହେଲେ ଏମ୍ପିଭି ୮୧ ଗ୍ରାମର ପ୍ରାନ ଗୋପାଳ ଦାସ (୫୧), ହରଧର ମଣ୍ଡଳ(୩୫) ଏବଂ ସୁଧାଂଶୁ ପାଲ୍। କଇଁଛ ଏବଂ ଅଭିଯୁକ୍ତଙ୍କୁ ଏମ୍ଭି ୭୯ ବନ ବିଭାଗ କାର୍ଯ୍ୟାଳୟରେ ଅଣାଯାଇଥିଲା। ୮୫ କଇଁଛ ମଧ୍ୟରୁ ୩୯ଟି କଇଁଛ ମୃତ ରହିଥିବା ଜଣାପଡିଛି। କଇଁଛ ଗୁଡିକୁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରି ସୁରକ୍ଷିତ ସ୍ଥାନରେ ଛାଡ଼ିଦିଆ ଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

■ କୁନ୍ଦୁରାରେ 'ପରବ' ମଶାଲକୁ ବିରୋଧ

# ବ୍ଲକ୍‌ସ୍ତରୀୟ 'ପରବ' କାର୍ଯ୍ୟକ୍ରମ ବର୍ଜନ ଚେତାବନୀ



କୁନ୍ଦୁରା,୧୨।୧୧(ସମିସ): ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ କୋରାପୁଟ ଜିଲ୍ଲାରେ ଲୋକ ମହୋତ୍ସବ 'ପରବ -୨୦୨୫'ର ମଶାଲ ଉଦ୍‌ଘାଟନ ହୋଇଯାଇଛି । ଆସନ୍ତା କାଲି ଠାରୁ ଜିଲ୍ଲାର ସମସ୍ତ ବ୍ଲକରେ ପଞ୍ଚାୟତ ସ୍ତରୀୟ ପରବ ଆରମ୍ଭ ହେବ। ଏଣୁ ଜିଲ୍ଲାର ସମସ୍ତ ବ୍ଲକ୍‌ବାସୀ କୁଟୁଣିପଦରରୁ ମଶାଲ ଗ୍ରହଣ କରି ନିଜ ନିଜ ଅଞ୍ଚଳକୁ ନେଇଛନ୍ତି। କିନ୍ତୁ ବ୍ଲକ ପ୍ରଶାସନ ଗ୍ରହଣ କରି କୁନ୍ଦୁରାକୁ ଆଣିଥିବା ମଶାଲକୁ ବିରୋଧ କରିଛି 'ପରବ' କମିଟି । କାରଣ ପରବ ବର୍ଜନ ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ମଶାଲ ଗ୍ରହଣ କରି ଆଣିଛି। ପ୍ରତି ବର୍ଷ କୁନ୍ଦୁରା ସଦର ମହକୁମାସ୍ଥିତ ଠାକୁରାଣୀ ପୀଠ ତଥା ଦୁର୍ଗା ମନ୍ଦିର ପରିସରରେ ଗ୍ରହଣ କରାଯାଇଥିବା ମଶାଲ ରାଖାଯାଏ। କିନ୍ତୁ ଚଳିତ ବର୍ଷ ମଶାଲ ରଖିବକୁ ମନ୍ଦିରରେ ସ୍ଥାନ ଦିଆଗଲା ନାହିଁ । ମଶାଲ ଗ୍ରହଣ କରି ଆସିବା ପରେ କିଛି ସମୟ ପାଇଁ ସ୍ଥାନୀୟ ବିଡ଼ିଓ ସହ 'ପରବ' କମିଟିର ସଦସ୍ୟଙ୍କ ଯୁକ୍ତିତର୍କ ହୋଇଥିଲ। ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ତହସିଲଦାର ଏବଂ ଥାନା ଅଧିକାରୀ ଅଶ୍ୱନୀ ପଟ୍ଟନାୟକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛିନ୍ତି । ଏଣୁ ବାଧ ହୋଇ ମଶାଲକୁ ମନ୍ଦିର ପରିବର୍ତ୍ତେ ବ୍ଲକ କାର୍ଯ୍ୟାଳୟ ପରିସରରେ ରଖାଯାଇଛ। ଏଥିସହ ଆଗାମୀ ଦିନରେ ପଞ୍ଚାୟତ ସ୍ତରୀୟ ଏବଂ ବ୍ଲକସ୍ତରୀୟ ପରବ ବର୍ଜନ ପାଇଁ କୁନ୍ଦୁରା ପରବ କମିଟି ଚେତାବନୀ ଦେଇଛି । ସୂଚନା ଥାଉକି, କୁନ୍ଦୁରା ବ୍ଲକରେ ଆଜି ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ପରବ ଶୁଭାରମ୍ଭ ହୋଇନାହିଁ। ଏନେଇ କୁନ୍ଦୁରା ର ପରବ ଶୁଭାରମ୍ଭ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମିତି ବୈଠକ ମଧ୍ୟ ବର୍ଜନ କରାଯାଇଛି । ଗତକାଲି ଜଗନ୍ନାଥ ମନ୍ଦିରରେ କୁନ୍ଦୁରା ପରବ କମିଟି ବୈଠକ କରାଯାଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପରବ ବର୍ଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।

● ଶ୍ରୀ ଅନ୍ନ ଅଭିଯାନର ମିଲେଟ୍ ଉତ୍କର୍ଷତା

# ଶ୍ରେଷ୍ଠ ଜିଲ୍ଲା ଭାବେ ରାୟଗଡ଼ା ପୁରସ୍କୃତ



ରାୟଗଡ଼ା,୧୨।୧୧(ସମିସ): ଚଳିତ ବର୍ଷ ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ 'ମିଲେଟ୍ ଉତ୍କର୍ଷତା' ପାଇଁ ଶ୍ରେଷ୍ଠ କାର୍ଯ୍ୟ କରୁଥିବା ଜିଲ୍ଲା ଭାବେ ରାୟଗଡା ଜିଲ୍ଲା ରାଜ୍ୟସ୍ତରରେ ସମ୍ମାନିତ ହୋଇଛି। ଏହି ପୁରସ୍କାରକୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଗ୍ରହଣ କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର କେନ୍ଦ୍ରୀୟ କୃଷି ମନ୍ତ୍ରୀ, ଓଡିଶାର ଉପ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳ ପୁରସ୍କାର ଗ୍ରହଣ କରିଥିଲେ । ଏହି ସମ୍ମାନ ରାୟଗଡ଼ା ଜିଲ୍ଲାର ମିଲେଟ୍ ଚାଷ, ପ୍ରସ୍ତୁତିକରଣ ଓ ବିପଣନ ପ୍ରକ୍ରିୟାରେ ସାର୍ବ ଉତ୍କୃଷ୍ଟ କାର୍ଯ୍ୟକୁ ଦର୍ଶାଇ ଥିଲା । ଜିଲ୍ଲାର ସାମୂହିକ ଉଦ୍ୟମରେ ବିଶେଷ କରି ମହିଳା କୃଷକମାନେ, ପାଖାପାଖି ସଂସ୍କୃତି, ମୂଲ୍ୟ ହସ୍ତକ୍ଷେପ ମାଧ୍ୟମରେ ସୁସ୍ଥ ଜୀବିକା, ସଥିକ ଚାଷିମାନ୍ୟ ଭାବନା ଓ ସୁସ୍ଥ ମୃଦା ପରିଚାଳନା ଆଦିକୁ ପ୍ରୋତ୍ସାହିତ କରାଯାଇଛି। ଏହି ପୁରସ୍କାର ରାୟଗଡା ଜିଲ୍ଲାର ସମାବେଶୀଶୀଳ ଦୃଷ୍ଟିକୋଣକୁ ପ୍ରତିବିମ୍ବିତ କରିବା, ପାରମ୍ପରିକ ଓ ଉଦ୍ଭିଦ ମିଲେଟ ଗୁଡିକୁ ଉତ୍ସାହିତ କରିବା, ମହିଳାମାନେ ଚାଷ ଓ ପରଭ-ହାରଭେଷ୍ଟ ପ୍ରକ୍ରିୟାରେ ସମର୍ଥନ ମିଳିବା, ଚାଷକମାନେ ବଜାର ସହିତ ସଂଯୋଗ ଧାରଣ କରିବା ଇତ୍ୟାଦି। ଏହା ଜିଲ୍ଲାକୁ ମିଲେଟ୍ ନିର୍ଭର ଗ୍ରାମୀଣ ପରିବର୍ତ୍ତନରେ ଏକ ମଡେଲ୍ ଭାବେ ପରିଣତ କରିବାରେ ମହତ୍ତ୍ୱପୂର୍ଣ୍ଣ ମାଇଲଷ୍ଟୋନ ଭାବେ ଦେଖାଯାଉଛି।

## ସେମିଳିଗୁଡା ଝିଅ ରୁଚିକାଙ୍କ ପୁଣି ଏକ ସଫଳତା



ସେମିଳିଗୁଡା,୧୨।୧୧(ସମିସ): ସେମିଳିଗୁଡା ଝିଅ ରୁଚିକା ଦିବ୍ୟଦର୍ଶିନୀଙ୍କ ପଞ୍ଚମ ପୁସ୍ତକ 'ଭଏସ୍ ଅଫ୍ ଚଏସ୍' ଇତିମଧ୍ୟରେ ଶ୍ରୀ ଶ୍ରୀ ୟୁନିଭର୍ସିଟି ଠାରେ ଆଧ୍ୟାତ୍ମିକ ଗୁରୁଜୀ ଶ୍ରୀ ଶ୍ରୀ ରବିଶଙ୍କର ମହାରାଜଙ୍କର କରକମଳରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର, ଡିନ୍, ବିଭାଗୀୟ ମୁଖ୍ୟ, ଇଂରାଜୀ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହି ରୁଚିକାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି। ରୁଚିକା ବର୍ତ୍ତମାନ ଶ୍ରୀ ଶ୍ରୀ ୟୁନିଭରସିଟି ରେ ଶେଷବର୍ଷ କଳା (ଇଂରାଜୀ ସମ୍ମାନ)ରେ ଅଧ୍ୟୟନରତ । ନିଜର ସଫଳତା ପାଇଁ ରୁଚିକା ନିଜର ମାତା, ପିତା, ପରିବାରର ସମସ୍ତ ଗୁରୁଜନ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ରୁଚିକାଙ୍କ ମାତା ରେଣୁବାଳା ହୋତା ଦେଓମାଳି ପବ୍ଲିକ ସ୍କୁଲରେ ଇଂରାଜୀ ବିଦ୍ୟାଳୟରେ, ଶିକ୍ଷୟିତ୍ରୀ ଏବଂ ପିତା ଡ. ବୃନ୍ଦାବନ ପଣ୍ଡା ଗୁଣୁପୁର ଜିଆଇଇଟି ୟୁନିଭର୍ସିଟିରେ ପ୍ରଶାସନ ବିଭାଗରେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଝିଅର ସଫଳତା ପାଇଁ ପରିବାରବର୍ଗ ଖୁସି ହେବା ସହ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଆଶୀର୍ବାଦ କାମନା କରିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ଗୋରୁ ବୋଝେଇ ଗାଡ଼ି ଜାଳିଦେଲେ ଦୁର୍ବୃତ୍ତ

ରାୟଗଡ଼ା,୧୨।୧୧(ସମିସ): ରାୟଗଡା-କେରଡା ମୁଖ୍ୟ ରାସ୍ତାରେ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଧକ୍କାରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଥିଲେ। ଶେଷଖାଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକରେ ଏହି ଦୁର୍ଘଟଣା ଘଟି ଜଗନ୍ନାଥପୁର ଗ୍ରାମର ମୋହନ ଉଲ୍ଲାକା(୪୭)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଗୁରୁତର ତିନି ଜଣଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଚିକିତ୍ସା ବର୍ତ୍ତମାନ ମଧ ଚାଲିଛି। ତେବେ ଗତକାଲି ବିଳମ୍ବିତ ରାତିରେ ଉକ୍ତ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଗାଡିକୁ କେହି ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଦୁର୍ଘଟଣା ପରେ ଗାଡି ପୋଡ଼ି ଦିଆଯାଇଥିବା ଆଜି ବୁଧବାର ସକାଳୁ ନଜରକୁ ଆସିଥିଲା। ଏହାପରେ ଶେଷଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ କିଏ ଏହି ଗାଡି ଜାଳି ଦେଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ॥

## ସେମିଳିଗୁଡା ମହାବିଦ୍ୟାଳୟ ଶିକ୍ଷା ବିଭାଗରେ ନବାଗତଙ୍କୁ ସ୍ୱାଗତ

ସେମିଳିଗୁଡା,୧୨।୧୧(ସମିସ): ସେମିଳିଗୁଡା ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ନେହପୂର୍ଣ୍ଣ ସ୍ୱାଗତ ଜଣାଇବା ପାଇଁ ସ୍ୱାଗତ ସମାରୋହ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ସଭାପତିତ୍ୱ କରିଥିଲେ ଅଧକ୍ଷା ଡା. ଝର୍ଣ୍ଣି ସିଂହ। ଅନ୍ୟତମ ଅତିଥି ଭାବରେ ଉପସ୍ଥିତ ଥିଲେ ମନୋବିଜ୍ଞାନର ଅଧ୍ୟାପିକା ଶ୍ରୀମତୀ ବାସନ୍ତୀ ଶ୍ରୀ ପଟ୍ଟନାୟକ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ଅଧ୍ୟାପିକା ସ୍ନିଗ୍ଧା ପଟ୍ଟନାୟକ,ଗୌରୀ ପଟ୍ଟନାୟକ, ସର୍ବେଶ୍ୱର ପ୍ରଧାନ ଏବଂ ପ୍ରଭାତ ବେହେରା ଉପସ୍ଥିତ ଥିଲେ। ନୂତନ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଶୀଳନ, ନୈତିକ ମୂଲ୍ୟବୋଧ ଓ ଶୃଙ୍ଖଳା ଅପଣେଇବାକୁ ଅଧକ୍ଷା ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଦୀପ ପ୍ରଜ୍ୱଳନ ଓ ପରମ୍ପରାଗତ ସ୍ୱାଗତ ସହ ଅତିଥିମାନଙ୍କୁ ସମ୍ମାନ ଜଣାଇ କାର୍ଯକ୍ରମର ଶୁଭାରମ୍ଭ ହୋଇଛି।

## କଣ୍ଟାଗୁଡ଼ା ଗ୍ରାମବାସୀଙ୍କ ଭରସା ବାଉଁଶ ପୋଲ



ଚିତ୍ରକୋଣ୍ଡା ,୧୨ ।୧୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଗ୍ରାମକୁ ଭରସା ବାଉଁଶରେ ନିର୍ମିତ ପୋଲ। ଏହି ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ବର୍ଷ ବର୍ଷ ଧରି ଯାତାୟାତ କରୁଛନ୍ତି ଗ୍ରାମବାସୀ। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ ନିର୍ମାଣ ହୋଇ ପାରୁନାହିଁ କଙ୍କ୍ରିଟ୍ ବ୍ରିଜ। ଗୁରୁପ୍ରିୟା ସେତୁ ନିର୍ମାଣ ହେବାପରେ ମଧ ସ୍ୱାଭିମାନ ଅଞ୍ଚଳର ଗ୍ରାମ ଗୁଡିକୁ ରାସ୍ତା ବ୍ରିଜ୍ ପହଞ୍ଚିଛି ସତ, ହେଲେ ଏବେ ମଧ୍ୟ ଅନେକ ଗ୍ରାମକୁ ବିକାଶ ଅପହଞ୍ଚ ହୋଇ ରହିଛି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ରାଲେଗଡା ପଞ୍ଚାୟତ ଅନ୍ତର୍ଗତ କଣ୍ଟାଗୁଡା ଗ୍ରାମ। ଏହି ଗ୍ରାମକୁ ଯିବାକୁ ହେଲେ ଲୋକଙ୍କୁ ପାରି ହେବାକୁ ପଡେ ବାଉଁଶ ଓ କାଠରେ ନିର୍ମିତ ପୋଲ। ବର୍ଷା ଦିନ ଆସିଲେ ନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଏହି ଗ୍ରାମ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଯାଏ। ଗ୍ରାମରେ କାହାର ଦେହ ଖରାପ ହେଲେ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଆସି ପାରେ ନାହିଁ। ଦୀର୍ଘ ୫୦ ବର୍ଷରୁ ଗ୍ରାମବାସୀ ଏଭଳି ସମସ୍ୟା ଭୋଗି ଆସୁଛନ୍ତି, ହେଲେ ନା ଶୁଣୁଛି ପ୍ରଶାସନ ନା ଶୁଣୁଛନ୍ତି ନେତା ମନ୍ତ୍ରୀ। ଏହି ଗ୍ରାମରେ ୩୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ହେଲେ ପିଲାଙ୍କ ପାଠ ପଢ଼ିବା ଲାଗି ନାହିଁ ଅଙ୍ଗନବାଡି ଗୃହ କିମ୍ବା ସ୍କୁଲ ଗୃହ। ଫଳରେ କୁନି କୁନି ପିଲାମାନେ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେବା ସହ ଗ୍ରାମରେ ଗାଈ ଚରାଇବା ସହ ଖେଳ କୁଦ କରି ସମୟ ଅତିବାହିତ କରୁଛନ୍ତି। ସେଭଳି ଗ୍ରାମରେ ଗୋଟିଏ ମଧ ପକ୍କାଘର ନଥିବା ବେଳେ ପାନୀୟଜଳ ସମସ୍ୟା ଲାଗି ରହିଛି। ଗ୍ରାମକୁ ଯିବାକୁ ରାସ୍ତା ନଥିବା ଯୋଗୁଁ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହଉଥିବା ବେଳେ ନଦୀ ଉପରେ ବ୍ରିଜ ନିର୍ମାଣ ହେଉନଥିବା ଯୋଗୁଁ ଅଧାବାଟରେ ଅଟକିଛି ବିକାଶ। ତେବେ ଦେଖିବାକୁ ବାକି ରହିଲା, କେବେ ଏହି ଗ୍ରାମକୁ ଯାତାୟାତର ସୁବିଧା ହେଉଛି, କେବେ ନଦୀ ଉପରେ ବ୍ରିଜ୍ ନିର୍ମାଣ କରି ମୌଳିକ ସୁବିଧା ପହଞ୍ଚାଉଛି ପ୍ରଶାସନ।

## କୋରୁକୋଣ୍ଡା ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ




କୋରୁକୋଣ୍ଡା,୧୨।୧୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ପକ୍ଷରୁ ଥାନା ଅଧିକାରୀ ହିମାଂସୁ ଶେଖର ବାରିକଙ୍କ ନେତୃତ୍ୱରେ କୋରୁକୋଣ୍ଡା ଠାରେ ସାଇବର ସୁରକ୍ଷା ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୋରୁକୋଣ୍ଡା ସଦର ସ୍ଥିତ ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରୁ କୋରୁକୋଣ୍ଡା ଥାନାର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଛାତ୍ର ଏବଂ ଅଞ୍ଚଳବାସୀ ଏକ ଶୋଭାଯାତ୍ରାରେ ବାହାରି କୋରୁକୋଣ୍ଡା ସଦରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସାଇବର ଠକେଇ ଏବଂ ଏଥିରୁ କିପରି ନିବୃତ୍ତ ରହିବେ ସେନେଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଏବଂ ଏଲଇଡି ଟିଭି ମାଧ୍ୟମରେ ସଚେତନ କରାଯାଇଥିଲା। ଏହା ପରେ ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଥାନା ଅଧିକାରୀ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଡୁଡାମେଟା ପଞ୍ଚାୟତର ସରପଞ୍ଚ ମାଧବ ମାଡ଼ି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶିବଦତ୍ତ ସାହୁ, କୋରୁକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନଳିନୀ କାନ୍ତ ନାୟକ, କୋରୁକୋଣ୍ଡା ସରପଞ୍ଚ ପଦ୍ମା ମାଡକାମୀ, ତାର୍ଲାକୋଟା ସରପଞ୍ଚ ସାନରୀ ଖିଲ, ତୁମସାପାଲ୍ଲୀ ସରପଞ୍ଚ ଦେବା ମାଡାକାମୀ, ଡୁଡାମେଟା ପଞ୍ଚାୟତର ସମିତି ସଭ୍ୟା ସବିତା ଦାସ, କୋରୁକୋଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟବ୍ରତ ବାରୋଇଙ୍କ ସମେତ ଏସ୍ଆଇ ପ୍ରଶାନ୍ତ କୁମାର ସାବତ ପ୍ରମୁଖ ଉପସ୍ଥିତ ଥିଲେ। ଯଦି କୌଣସି ବ୍ୟକ୍ତି ସାଇବର ଠକାମିର ଶିକାର ହେଉଛନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାରେ ଅବଗତ କରାଇବା ସହିତ ସରକାରଙ୍କ ଦ୍ୱାରା ଜାରୀ କରାଯାଇଥିବା ଟୋଲ ଫ୍ରି ନମ୍ବର ୧୯୩୦ ରେ ଫୋନ କରି ଘଟଣା ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା। ଏଥିସହ ଓଟିପି କିମ୍ବା ନିଜର କୌଣସି ବ୍ୟକ୍ତିଗତ ତଥ୍ୟ କାହାରିକୁ ନଦେବାକୁ ସଚେତନ କରାଯାଇଥିଲା। ଏହି ଅବସରରେ ସାଇବର ସଚେତନତାକୁ ନେଇ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ସଭାରେ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ଏବଂ ଅଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା।

## ମହୁଲି ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ବଦଳି ଦାବି

ବୈପାରୀଗୁଡ଼ା, ୧୨।୧୧(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତ ସଦର ମହକୁମା ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସହ ଶିକ୍ଷୟିତ୍ରୀ ପ୍ରତିଭା ପଟ୍ଟନାୟକଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ନିକଟରେ ଫେରାଦ ହେଲେ ଗ୍ରାମବାସୀ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରୁ ବଦଳି କରାଯାଉ ବୋଲି କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ଏଡିଏମ ଟପନ କୁମାର ନାୟକଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି ଗ୍ରାମବାସୀ। ଅଭିଯୋଗ ଅନୁଯାୟୀ, ଶିକ୍ଷୟିତ୍ରୀ ପ୍ରତିଭା ପଟ୍ଟନାୟକ ନିୟମିତ ସ୍କୁଲକୁ ଆସନ୍ତି ନାହିଁ। ଶ୍ରେଣୀ ଗୃହରେ ମୋବାଇଲରେ ବ୍ୟସ୍ତ ରୁହନ୍ତି। ପିଲାଙ୍କ ପାଠପଢ଼ାରେ ଗୁରୁତ୍ୱ ଦିଅନ୍ତି ନାହିଁ। ଏ ସମ୍ପର୍କରେ ଶିକ୍ଷୟିତ୍ରୀଙ୍କୁ ଅଭିଭାବକ କିମ୍ବା ଗ୍ରାମବାସୀ ଜନ ପ୍ରତିନିଧି କେହିବି ପଚାରିଲେ ତାଙ୍କୁ ଦୁର୍ବ୍ୟବହାର କରନ୍ତି ବୋଲି ଅଭିଯୋଗ ହୋଇଛି। ପରିଚାଳନା କମିଟି ଏବଂ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ କଥାକୁ ମଧ୍ୟ ଖାମୁଖିଆଲି ନିଅନ୍ତି । ଏଭଳି ସମସ୍ୟା ନେଇ ବିଦ୍ୟାଳୟର ଶିକ୍ଷାଦାନରେ ବାଧା ସୃଷ୍ଟି ହେଇଛି। ଏଣୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ଙ୍କୁ ବଦଳି ପାଇଁ ଦାବି କରିଛନ୍ତି ପରିଚାଳନା କମିଟି ସଭାପତି ଚନ୍ଦ୍ରସେନ ବେହେରା, ସମିତି ସଭ୍ୟ ଭକ୍ତରାମ ହରିଜନ, ପୂର୍ବତନ ସରପଞ୍ଚ ଧାନସାଇ ପରଜା ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ପଦ୍ମପୁର,୧୨।୧୧(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାମଣ୍ଡା ଆରଏମ୍‌ସି ପରିସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ପରିଷଦ ତରଫରୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମୃଣୀୟ କୁମାର ପଣ୍ଡା, ସଭାପତି ଭାବେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ମାଝୀ ସୁରେଶ କୁମାର, ପଦ୍ମପୁର ତହସିଲଦାର ଶୁଭାଶିଷ ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ଆଚାର୍ଯ୍ୟ, ପଦ୍ମପୁର ପ୍ରାଣୀ ଧନ ଚିକିତ୍ସାଧିକାରୀ ଡାକ୍ତର ସୁକାନ୍ତ କୁମାର ସାହୁ,, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ଼ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମେଳାରେ ବିଭାଗୀୟ ଅଧିକାରୀ ମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ୍ ଉପରେ ଅବଗତ କରାଯାଇଥିଲା। ମେଳାରେ ମିଶନ୍ ଶକ୍ତି, ମିଲେଟ୍ ମିଶନ୍, ଆଇସିଡିଏସ୍ ପ୍ରାଣୀ ବିଭାଗ ଓ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟିଲ ଗୁଡିକ ପ୍ରଦର୍ଶନ କରାଯାଇଥିଲା। ସଫଳ ପ୍ରାଣୀ ପାଳକ ଓ ମତ୍ସ୍ୟ ଚାଷୀ ମାନଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲ୍ଲାପାଳଙ୍କ ନାଁରେ ନକଲି ଫେସ୍‌ବୁକ ଆକାଉଣ୍ଟ!

▶ ଆକାଉଣ୍ଟ ମାଧ୍ୟମରେ ମାଗିଲେ ଆର୍ଥିକ ସହାୟତା
▶ ପୁଲିସକୁ ସୂଚନା ଦେଲେ ଜିଲ୍ଲାପାଳ

ରାୟଗଡ଼ା,୧୨।୧୧(ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନାମରେ ନକଲି ଫେସବୁକ୍ ଆକାଉଣ୍ଟ ଖୋଲି ଅନ୍ୟମାନଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ଆର୍ଥିକ ସହାୟତା ମାଗୁଥିବା ଭଳି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଯାହାର ସୂଚନା ଦେଇଛନ୍ତି ରାୟଗଡ଼ାସହରର ଜଣେ ଯୁବକ ଅଂଶୁମାନ ପଟନାୟକ। ଅଂଶୁମାନଙ୍କ କହିବାନୁସାରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନାମ ଓ ଫଟୋ ରହିଥିବା ଏକ ଫେସବୁକ ପ୍ରୋଫାଇଲରୁ ବନ୍ଧୁତା ପାଇଁ ଅନୁରୋଧ ଆସିଥିଲା। ଅଂଶୁମାନ ଏହା ଜିଲ୍ଲାପାଳଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଭାବି ବନ୍ଧୁତା ଅନୁରୋଧକୁ ଗ୍ରହଣ ପୂର୍ବକ ଉକ୍ତ ଆକାଉଣ୍ଟ ସହ ଯୋଡ଼ି ହୋଇଥିଲେ। ଏହାପରେ ଉକ୍ତ ଆକାଉଣ୍ଟରୁ ଫେସବୁକ ମେସେଞ୍ଜର ମାଧ୍ୟମରେ ଅଂଶୁମାନଙ୍କୁ ନମସ୍କାର ସହିତ ମୋବାଇଲ ନମ୍ବର ମାଗିଥିଲେ। ଏଥି ସହିତ ଉକ୍ତ ଆକାଉଣ୍ଟରୁ ତାଙ୍କର ଜଣେ ବନ୍ଧୁ ସିଆରପିଏଫ୍ ଅଫିସର ଏବଂ ବଦଳି କାରଣରୁ ନିଜର ସମସ୍ତ ଘରକରଣା ସାମଗ୍ରୀ ବିକ୍ରି କରିଦେବେ କହୁଛନ୍ତି। ତେଣୁ ଆପଣ ଯଦି କିଣିବାକୁ ରାଜି ତେବେ ସେ ଆପଣଙ୍କୁ ଫୋନ କରିବେ ବୋଲି ସେଥିରେ ମେସେଜରେ ଉଲେଖ କରିଛନ୍ତି। ହେଲେ ପରବର୍ତି ସମୟରେ ଅଂଶୁମାନଙ୍କୁ ସନ୍ଦେହ ହେବାରୁ ସେ ଏନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଏନେଇ ଜିଲ୍ଲାପାଳଙ୍କୁ ସୂଚନା ଦେବା ପରେ ଜିଲ୍ଲାପାଳ କୁଲକର୍ଣ୍ଣି ପୁଲିସକୁ ଏହାର ଯାଞ୍ଚ କରି ଉକ୍ତ ଆକାଉଣ୍ଟକୁ ସୋସିଆଲ ମିଡିଆରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏନେଇ ଏସ୍‌ପି ସ୍ୱାଥି ଏସ.କୁମାରଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଏନେଇ ଫେସ୍‌ବୁକକୁ ଏହାର ସୂଚନା ଦିଆଯିବା ସହିତ ତଥ୍ୟ ମଗାଯାଇଛି ବୋଲି କହିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତାକୁ ଜୋର ଦିଆଯାଉଥିବା ବେଳେ ଜିଲ୍ଲାର ମୁଖିଆ ଜିଲ୍ଲାପାଳଙ୍କ ଫୋଟୋ ଓ ନାମକୁ ବ୍ୟବହାର କରି ସାଇବର ଠକମାନେ ବହୁ ସୁବିଧାରେ ସିଧାସଳଖ ଜନତାଙ୍କୁ ଠକାମୀର ଶିକାର କରିବାକୁ ପ୍ରୟାସ କରୁଥିବାରୁ ପ୍ରଶାସନର ସଚେତନତା କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଛି।





# ରାଜଧାନୀରେ ପୁଣି ଏକ ସେକ୍ସ ରାକେଟ୍

**■ ହୋଟେଲ୍‌ରୁ ନାବାଳିକା ଉଦ୍ଧାର; ଦଲାଲ ଗିରଫ**
**■ ଅନୈତିକ କାମ ପାଇଁ ପକାଉଥିଲା ଚାପ**
**■ ବନ୍ଧୁ ଯୋଗୁଁ ବର୍ତ୍ତିଗଲେ; ଫାଶ ବସାଇ ଧରିଲା ପୁଲିସ**

ଭୁବନେଶ୍ୱର, ୧୨।୧୧ (ସମିସ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ସେକ୍ସ ରାକେଟ ଠାବ ଘଟଣାରୁ ସମ୍ପୂର୍ଣ୍ଣ ପରଦା ହଟି ନ ଥିବା ବେଳେ ଆଉ ଏକ ସମାନ ଘଟଣା ସାମ୍ନାକୁ ଆସିଛି। ନାବାଳିକାଙ୍କୁ ଅନୈତିକ କାର୍ଯ୍ୟ ପାଇଁ ଚାଲାଣ ବେଳେ ଉଦ୍ଧାର କରିଛି ଖାରବେଳ ନଗର ଥାନା ପୁଲିସ। ନାବାଳିକାଙ୍କ ଘର ଢେଙ୍କାନାଳ ଜିଲ୍ଲାରେ ବୋଲି ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତ ଦଲାଲକୁ ମଧ୍ୟ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୩ ମସଜିଦ କଲୋନୀର ମହେନ୍ଦ୍ର ପାତ୍ର (୪୭)। ଏହା ପଛରେ ମାନବ ଚାଲାଣ ଓ ସେକ୍ସ ରାକେଟ ଥିବା ପୁଲିସ ସନ୍ଦେହ କରୁଛି।

ସୂଚନା ଅନୁସାରେ, ଢେଙ୍କାନାଳ ଅଞ୍ଚଳର ନାବାଳିକା ଜଣକ ପ୍ରଥମେ କଟକରେ କାମ କରୁଥିବା ବେଳେ ୭/୮ ମାସ ଆସି ବରମୁଣ୍ଡାସ୍ଥିତ ଦାଦାଙ୍କ ଘରେ ରହୁଥିଲେ। କାମ ସନ୍ଧାନରେ ଥିବାବେଳେ ଜଣେ ସ୍ତ୍ରୀ ଲୋକଙ୍କ ସମ୍ପର୍କରେ ଆସିଥିଲେ। ସ୍ତ୍ରୀ ଲୋକ ଜଣଙ୍କ ମହେନ୍ଦ୍ର ସହ ପରିଚୟ କରାଇବା ସହ ସେ ଚାକିରି କରାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ଦ୍ୱିପହର ସମୟରେ ମହେନ୍ଦ୍ର ନାବାଳିକାଙ୍କୁ ଶୋରୁମରେ ରିସେପ୍ସନିଷ୍ଟ ଚାକିରି ଦେବା ବାହାନାରେ ୟୁନିଟ୍ ୪ ସ୍ଥିତ ହୋଟେଲ 'ଆରାଧ୍ୟା ରେସିଡେନ୍ସି' ରେ ରଖିଥିଲା। ଗୁରୁବାର ଚାକିରି କ୍ଷେତ୍ରକୁ ଯିବ ବୋଲି କିହିଥିଲେ। ସନ୍ଧ୍ୟା ବେଳକୁ ମହେନ୍ଦ୍ର ଆଉଜଣେ ବ୍ୟକ୍ତିଙ୍କୁ ଆଣି ନାବାଳିକା ସହ ଅନୈତିକ କାର୍ଯ୍ୟ କରିବାକୁ କହିଥିଲା। ଏଥିସହିତ ଅନ୍ୟ ସ୍ଥାନକୁ ନେଇ ଅନୈତିକ କାମରେ ଲିପ୍ତ କରିବାକୁ ଯୋଜନା କରିଥିଲା। ହେଲେ ନାବାଳିକା ଜଣକ ରାଜି ନ ହେବାରୁ ମହେନ୍ଦ୍ର ସମ୍ପୃକ୍ତ ବ୍ୟକ୍ତିଙ୍କୁ ନେଇ ପଳାଇଥିଲା।

ଏହାରି ଭିତରେ ନାବାଳିକା ଜଣକ ତାଙ୍କର ଜଣେ ବନ୍ଧୁଙ୍କୁ ଫୋନ୍ ଯୋଗେ ଘଟଣା ବିଷୟରେ ଜଣାଇଥିଲେ। ବନ୍ଧୁ ଜଣକ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଜଣାଇବା ପରେ ଖାରବେଳ ନଗର ଥାନା ପୁଲିସର ଟିମ୍ ହୋଟେଲ ଆରାଧ୍ୟା ରେସିଡେନ୍ସିରେ ଚଢ଼ଉ କରିଥିଲା। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଦଲାଲକୁ ପାଇ ନ ଥିଲା। ଦଲାଲ ମହେନ୍ଦ୍ରକୁ ଧରିବାକୁ ସାଦା ପୋଷାକରେ ଛକି ରହିଥିଲା ପୁଲିସ। ରାତି ପ୍ରାୟ ଗୋଟାଏ ବେଳକୁ ମହେନ୍ଦ୍ର ହୋଟେଲକୁ ଆସିବା ପରେ ତାକୁ ପୁଲିସ ମାଡ଼ି ବସିଥିଲା। ତାକୁ ଥାନାକୁ ଆଣି ପଚରାଉଚରା କରିଥିଲା।

ଖାରବେଳ ନଗର ଥାନା ପୁଲିସ ନିଜଆଡୁ ଏକ ମାମଲା ରୁଜୁ କରିବା ସହ ନାବାଳିକାଙ୍କ ଡାକ୍ତରୀ ମାଇନା କରିଥିଲା। ନାବାଳିକାଙ୍କୁ ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି)ଙ୍କ ନିକଟରେ ହାଜର କରାଇବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ମୁକ୍ତ ଆଶ୍ରୟ ସ୍ଥଳରେ ରଖାଯାଇଛି। ସନ୍ଧ୍ୟାରେ ମହେନ୍ଦ୍ରକୁ କୋର୍ଟ ଚାଲାଣ କରିଛି ପୁଲିସ।




## ମାସକରେ ଦୁଇ ନାବାଳିକା ଉଦ୍ଧାର

ମାସକ ମଧ୍ୟରେ ଭୁବନେଶ୍ୱରରେ ଠାବ ହୋଇଥିବା ଦୁଇଟି ସେକ୍ସ ରାକେଟ୍ ଘଟଣାରେ ୨ ଜଣ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ପୁଲିସ ତଦନ୍ତ ଅନୁଯାୟୀ ଚାକିରି ଲୋଭ ଦେଖାଇ ଗ୍ରାମାଞ୍ଚଳର ଗରିବ ପରିବାରର ନାବାଳିକାଙ୍କୁ ଭୁବନେଶ୍ୱର ଅଣାଯାଉଛି ଏବଂ ପରବର୍ତ୍ତୀ ସମୟରେ ସେକ୍ସ ରାକେଟ୍‌ରେ ଲଗାଯାଉଛି। କେବଳ ନାବାଳିକା ନୁହନ୍ତି ଅନେକ ଅନେକ କମ୍ ବୟସର ତରୁଣୀମାନଙ୍କୁ ଏଭଳି ଚାକିରି ଲୋଭ ଦେଖାଇ ସେକ୍ସ ରାକେଟ୍‌ରେ ଲଗାଯାଉଥିବା ପୁଲିସ ଜାଣିବାକୁ ପାଇଛି। ଅନେକ କ୍ଷେତ୍ରରେ ପରିବାର ଲୋକେ ଜାଣି ମଧ୍ୟ ପରିସ୍ଥିତିରେ ପଡ଼ି ଏହାକୁ ବିରୋଧ କରିପାରୁ ନାହାନ୍ତି କିମ୍ବା ପୁଲିସ ନିକଟରେ ଅଭିଯୋଗ କରିପାରୁ ନାହାନ୍ତି। ଫଳରେ ସେକ୍ସ ରାକେଟ୍‌ରେ ନାବାଳିକା ଏବଂ ତରୁଣୀଙ୍କ ସମେତ କଲେଜ ଛାତ୍ରୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଅପରପକ୍ଷେ ଗତ ଅକ୍ଟୋବର ୧୯ ତାରିଖରେ ଠାବ ହୋଇଥିବା ସେକ୍ସ ରାକେଟ୍ ଘଟଣାରେ ବାହାର ରାଜ୍ୟର ନାବାଳିକାଙ୍କୁ ଲଗାଯାଇଥିବା ଜଣାପଡ଼ିଥିଲା। ପରିବାର ଲୋକେ ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବାରୁ କୋର୍ଟ କଚେରି କିମ୍ବା ମାମଲା ପାଇଁ ବାରମ୍ବାର ଓଡ଼ିଶା ଆସିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ମାମଲା ଏକ ପ୍ରକାର ଶିଥିଳ ହୋଇପଡ଼ିଥିଲା। ଅପରପକ୍ଷେ ପୁଲିସର କହିବାନୁଯାୟୀ ଅଧିକାଂଶ କ୍ଷେତ୍ରରେ ପୀଡ଼ିତାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହେଉ ନ ଥିବାରୁ ପୁଲିସ ଜାଣିବା କାଠିକର ପାଠ ହୋଇପଡ଼ୁଛି।

## ଦଲାଲଙ୍କ ଟାର୍ଗେଟ୍‌ରେ ନାବାଳିକା

ଯୁବତୀ ଏବଂ ମହିଳାଙ୍କ ଅପେକ୍ଷା ଦଲାଲମାନେ ଅଧିକାଂଶ ନାବାଳିକାଙ୍କୁ ଟାର୍ଗେଟ୍ କରି ସେକ୍ସ ରାକେଟ୍‌ରେ ଲଗାଉଛନ୍ତି। ଜଣେ ପୁଲିସ ଅଧିକାରୀଙ୍କ କହିବାନୁଯାୟୀ ତରୁଣୀ ଏବଂ ଯୁବତୀ ତଥା ମହିଳାଙ୍କ ଅପେକ୍ଷା ନାବାଳିକାଙ୍କୁ ଏସବୁ କାମରେ ଲଗାଇ ଦଲାଲ୍ ଅଧିକ ଅର୍ଥ ରୋଜଗାର କରୁଛନ୍ତି। ଯୁବତୀଙ୍କ ଅପେକ୍ଷା ନାବାଳିକାଙ୍କୁ ଲଗାଇଲେ ଦୁଇଗୁଣ ଅର୍ଥ ରୋଜଗାର ହେଉଥିବାରୁ ଦଲାଲ୍ ପ୍ରଥମେ ନାବାଳିକାଙ୍କୁ ଟାର୍ଗେଟ୍ କରୁଛନ୍ତି। ଦଲାଲ୍‌ଙ୍କ ମାଧ୍ୟମରେ ପରିବାର ଲୋକଙ୍କୁ ଚାକିରି ବାହାନା କରି ଝିଅମାନଙ୍କୁ ଏଠାରେ ଆଣି କାମରେ ଲଗାଉଛନ୍ତି।

## ମୋରମ୍ ଖଣିରେ ଚଢ଼ଉ; ବାପପୁଅ ସମେତ ୩ ଗିରଫ



**ଜେସିବି ମେସିନ୍, ହାଇୱା ଓ ବାଇକ୍ ଜବତ**

ଭୁବନେଶ୍ୱର, ୧୨।୧୧(ସମିସ): ବେଆଇନ ମୋରମ୍ ଖଣିରେ ଚଢ଼ଉ କରିଛି ଚନ୍ଦକା ଥାନା ପୁଲିସ। ଖନନ ଓ ପରିବହନ କରୁଥିବା ଗାଡ଼ି ଜବତ କରିବା ସହ ବାପପୁଅ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଘାଟିକିଆର ଅଜିତ କୁମାର ମହାପାତ୍ର (୫୦), ପୁଅ ରାଜେଶ କୁମାର ମହାପାତ୍ର (୨୩) ଓ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦର ସୁଶାନ୍ତ ସେନାପତି (୩୧)।

ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ଚନ୍ଦକା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ପାଇକରାପୁର ଅଞ୍ଚଳରେ ମୋରମ୍ ଖନନ ହେଉଥିବା ଖବର ପାଇଥିଲା। ପୁଲିସ ଟିମ୍ ସେଠାରେ ପହଞ୍ଚିବା ବେଳକୁ ଜେସିବି ମେସିନ୍ ସହାୟତାରେ ହାଇୱା ଟ୍ରକରେ ମୋରମ୍ ଲୋଡିଂ ହେଉଥିଲା। ଅଭିଯୁକ୍ତମାନେ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କୁ କାବୁ କରିଥିଲା ପୁଲିସ। ସେମାନଙ୍କ ନିକଟରୁ ଗୋଟିଏ ଜେସିବି ମେସିନ୍, ହାଇୱା ଟ୍ରକ୍, ବୁଲେଟ ଓ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଥିଲା। ପଚରାଉଚରା ସମୟରେ ସେମାନେ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଏନେଇ ଚନ୍ଦକା ଥାନା ପୁଲିସ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ବେକରେ ରଶି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ବାଲିଅନ୍ତା, ୧୨।୧୧(ସମିସ): ବାଲିଅନ୍ତା ଥାନା ଅଧୀନ ରଣପୁର ଗ୍ରାମର ସନ୍ତୋଷ ମହାରଣା (୩୫) ମଙ୍ଗଳବାର ଅପରାହ୍ଣରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକ ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ସନ୍ତୋଷଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ସେଠାରେ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ବାଲକାଟି ଫାଣ୍ଡି ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଜବତ କରିଛି।

# ଠକ ଅଜିତର ଖୋଲୁଛି ଗୁମର

**■ ମିଳିଛି ବିପୁଳ ନକଲି ପରିଚୟପତ୍ର**
**■ ମୁଣ୍ଡ ନୁଆଁଉଥିଲେ ବରିଷ୍ଠ ସରକାରୀ ଅଧିକାରୀ**
**■ ପୁରୀ ଗଲେ ମିଳୁଥିଲା କଡ଼ା ସୁରକ୍ଷା**

ଭୁବନେଶ୍ୱର, ୧୨।୧୧ (ସମିସ): ସିବିଆଇ ଦ୍ୱାରା ଗିରଫ ହୋଇଥିବା ଠକ ଅଜିତ ପାତ୍ରର ଗୁମର ଖୋଲିବାରେ ଲାଗିଛି। ଶୈଳଶ୍ରୀ ବିହାରସ୍ଥିତ ଅଜିତର ଘରେ ଚଢ଼ଉ ବେଳେ ବିପୁଳ ପରିମାଣର ନକଲି ପରିଚୟପତ୍ର ପାଇଛି ସିବିଆଇ। ସିବିଆଇ, ଇଡି, ଜିଏସଟିର ବରିଷ୍ଠ ଅଧିକାରୀ ଭଳି ପରିଚୟପତ୍ର ମିଳିଛି। ଏମିତିକି ବିଚାରପତି ଆଇକାର୍ଡ ମଧ୍ୟ ଜବତ କରାଯାଇଛି। ବିପୁଳ ପରିମାଣର ନକଲି ପରିଚୟପତ୍ର ଜବତ ପରେ ଏଣ୍ଡୁଅ ରଙ୍ଗ ବଦଳାଇବା ଭଳି ଅଜିତ ପରିଚୟ ବଦଳାଉଥିଲା ବୋଲି ସ୍ପଷ୍ଟ ହୋଇଛି। କେବଳ ଏତିକି ନୁହେଁ, ପୁରୀ ଗଲେ ନକଲି ପରିଚୟ ଦେଇ କଡ଼ା ସୁରକ୍ଷା ବ୍ୟବସ୍ଥା ପାଉଥିଲା ଅଜିତ। ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡରେ କାର ପଶିବାକୁ ନେଇ ବିବାଦ ହୋଇଥିଲା। ସଂପୃକ୍ତ ଗାଡ଼ିଟି ଅଜିତର ବୋଲି ସିବିଆଇ ଜାଣିବାକୁ ପାଇଛି। ତେବେ ସେହି ସମୟରେ ଅଜିତକୁ କିଏ ପାସ୍ ଦେଇଥିଲା, ସେନେଇ ମଧ୍ୟ ତଦନ୍ତ କରୁଛି ସିବିଆଇ। ସେପଟେ ଅଜିତର ମୋବାଇଲରୁ ବିସ୍ଫୋରକ ତଥ୍ୟ ସିବିଆଇ ହାତରେ ଲାଗିଛି। ମୋବାଇଲରେ ପ୍ରାୟ ହଜାରେରୁ ଅଧିକ ଫଟୋ ଓ ୩ ଶହ ଭିଡିଓ ରହିଛି।

ଅଜିତ ସହ ଏକାଧିକ ଆଇଏଏସ୍ ଓ ଆଇପିଏସଙ୍କ ଫଟୋ ସିବିଆଇ ହାତରେ ଲାଗିବା ପରେ ଅଫିସର ଲିଙ୍କ୍ ସାମ୍ନାକୁ ଆସିଛି। ଅନେକ ଆଇଏଏସ୍ ଓ ଆଇପିଏସ୍ ଏବେ ସିବିଆଇ ସ୍କାନରକୁ ଆସିଛନ୍ତି। ସେମାନେ ଅଜିତ ସହ କିପରି ପରିଚିତ ହେଲେ ସେନେଇ ଖୋଳତାଡ଼ ଚାଲିଛି। କଥା ଏତିକିରେ ସରିନି, ଯେ କୌଣସି ସରକାରୀ ଅଫିସକୁ ଗଲେ ବଡ଼ ବଡ଼ ଅଧିକାରୀମାନେ ଅଜିତ ଆଗରେ ମୁଣ୍ଡ ନୁଆଁଇ ନମସ୍କାର ହେଉଥିବା କଥା ପଦାକୁ ଆସିଛି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ମୂଳ ବାସିନ୍ଦା ଅଜିତ କମ୍ ଦିନରେ କିପରି ଏତେ ବଡ଼ ସାମ୍ରାଜ୍ୟର ମାଲିକ ହେଲା, ସେନେଇ ମଧ୍ୟ ସିବିଆଇ ତଦନ୍ତ ଚଳାଇଛି। ସରକାରୀ ସୁବିଧା ଓ ସରକାରୀ ସ୍ତରରେ ବିଭିନ୍ନ ଅସୁବିଧାକୁ ସମାଧାନ ଯୋଗାଇବା ଆଳରେ ଅଜିତ କୋଟି କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିଛି।

# ଭୁଶୁଡ଼ିଲା ଦୟା କେନାଲ ବ୍ରିଜ୍ ଖୁଣ୍ଟ

ନନ୍ଦନକାନନ, ୧୨।୧୧(ସମିସ): ଭୁବନେଶ୍ୱର ବ୍ଲକ ଦାଡ଼ା ପଞ୍ଚାୟତର ଭଗବତୀନଗରର ଗାଁମୁଣ୍ଡ ଦୟା କେନାଲ ଉପରେ ଥିବା ବ୍ରିଜର ଖୁଣ୍ଟ ଭାଙ୍ଗି ଯାଇଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଗୋଟିଏ ଖୁଣ୍ଟ ବୁଧବାର ଭୂଷୁଡି ପଡ଼ିଛି। ଫଳରେ ଜନସାଧାରଣ ଓ ଗୃହପାଳିତ ପଶୁ ଯାତାୟତ କରିବାରେ ବିପଦ ସୃଷ୍ଟି ହୋଇଛି। ଦୀର୍ଘବର୍ଷ ହେବ ଏହାକୁ ମରାମତି କରାଯାଉ ନାହିଁ। ଗ୍ରାମବାସୀଙ୍କ ତରଫରୁ ଏନେଇ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟାଳୟରେ ବହୁବାର ଅଭିଯୋଗ କରିବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ କେହି ଏଥି ପ୍ରତି ଧ୍ୟାନ ଦେଉନାହାନ୍ତି। ଶେଷରେ ଆଜି ବିପଦସଙ୍କୁଳ ପୋଲର ଗୋଟିଏ ପଥର ଖୁଣ୍ଟ ଭୁଶୁଡି ପଡ଼ିଛି। ଦୟା କେନାଲ ଉପରେ ନିର୍ମିତ ଏହି ପୋଲଟି ଦୀର୍ଘ ୨୫ ବର୍ଷରୁ ତଳରୁ ନିର୍ମିତ ହୋଇଥିଲା। ପୋଲଟି ତିନୋଟି ପଥର ଖୁଣ୍ଟ ଉପରେ ନିର୍ମାଣ ହୋଇଥିଲା। ପୋଲର ଅନ୍ୟପଟ ପଥର ମଧ୍ୟ ଗୋଟିଏ ପାର୍ଶ୍ୱ ଦବି ଯାଇ ଆହୁରି ସଙ୍କଟ ଜନକ ଅବସ୍ଥାରେ ଅଛି। ଏପରି ସ୍ଥିତିରେ ବର୍ତ୍ତମାନ ସୁଦ୍ଧା ଏହି ପୋଲ ଉପରେ ବିପଦପୂର୍ଣ୍ଣ ଭାବେ ଲୋକେ ଓ ଗାଡ଼ିମୋଟର, ଗୋରୁ ଆଦି ଯିବା ଆସିବା କରୁଛନ୍ତି। ଏଭଳି ସ୍ଥିତି ହୋଇଛି ଯେ, କେତେବେଳେ ସମ୍ପୂର୍ଣ୍ଣ ଛାତ ଭୁଶୁଡିପାରେ କହି ହେଉନି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ନୂତନ ପୋଲ ନିର୍ମାଣ କରିବାକୁ ଗ୍ରାମର କିଶନ ନାୟକ, ୱାର୍ଡ ସଭ୍ୟ ଛବିନା ଭୋଇ, ଗ୍ରାମ ମୁରବୀ ମହେନ୍ଦ୍ର ଭୋଇ, ସରୋଜ ସାମଲ, ଅରୁଣ କାଣ୍ଡି, ଅଶୋକ ଭୋଇ, ବିଦ୍ୟୁପ ସାମଲ, ରଞ୍ଜନ ଭୋଇ, ରାଜୁ ସାମଲ ପ୍ରମୁଖ ଗ୍ରାମବାସୀ ତରଫରୁ ଦାବି କରିଛନ୍ତି।



## ମାଟି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ବାଲିଅନ୍ତା, ୧୨।୧୧(ସମିସ): ବାଲିଅନ୍ତା ଥାନା ପୁଲିସ୍ ଚୋରା ମାଟି ଚାଲାଣ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବେଣୁପୁର ଗଡ଼ ସାହିର ଅଭିଯୁକ୍ତ ରାମଚନ୍ଦ୍ର ଜେନା (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ମଧ୍ୟରାତ୍ରିରେ, ଚନ୍ଦକା ଥାନାର ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ, ଇନ୍ସପେକ୍ଟର ମାନସ ରଞ୍ଜନ ମଲ୍ଲିକ, ଅନ୍ୟାନ୍ୟ କର୍ମଚାରୀଙ୍କ ସହ ମିଶି ବାଲିଅନ୍ତା ପୋଲ ନିକଟସ୍ଥ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ବ୍ଲକିଂ ଡ୍ୟୁଟି କରୁଥିବା ବେଳେ ଏକ ହାଇୱା ଟ୍ରକ ଦ୍ରୁତ ଗତିରେ ବଇଁଚୁଆ ଗ୍ରାମ ଅଭିମୁଖେ ଆସୁଥିବାର ଦେଖିଥିଲେ। ଏହା ଦେଖି ପୋଲିସ କର୍ମଚାରୀମାନେ ବ୍ଲକିଂ ପଏଣ୍ଟ ନିକଟରେ ଉକ୍ତ ଟ୍ରକକୁ ଅଟକାଇଥିଲେ। ଗାଡ଼ି ଯାଞ୍ଚ କରିବା ପରେ ଉକ୍ତ ହାଇୱା ଗାଡ଼ିରେ ମାଟି/ବାଲି ଲୋଡ୍ ହୋଇଥିବାର ଜଣାପଡ଼ିଥିଲା।

## ପଥର ପକେଇ କାର ଭାଙ୍ଗିଲା ଦୁର୍ବୃତ୍ତ

ନନ୍ଦନକାନନ, ୧୨।୧୧ (ସମିସ): ଗଣ୍ଡରପୁର ମହାଜନ ସାହିରେ ଘର ଆଗରେ ଥୁଆ ହୋଇଥିବା ଏକ କାରକୁ କେହି ଦୁର୍ବୃତ୍ତ ପଥର ପକାଇ ପଛ କାଚ ଭାଙ୍ଗି ଦେଇଛି। ଏନେଇ କାର ମାଲିକ ଅକ୍ଷୟ ସାହୁ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଯେ ଗଣ୍ଡରପୁର ମହାଜନ ସାହିର ଅକ୍ଷୟ ସାହୁ ସବୁଦିନ ଭଳି ତାଙ୍କ ଘର ଆଗରେ ତାଙ୍କ କାର ରଖନ୍ତି। ସେହିଭଳି ଗତ ରାତିରେ କେହି ଦୁର୍ବୃତ୍ତ ତାଙ୍କ କାର ଉପରକୁ ପଥର ଫିଙ୍ଗି କାର ପଛ କାଚ ଭାଙ୍ଗିଦେଇଛି। ଆଜି ଅକ୍ଷୟ ଏହା ଦେଖିବା ପରେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣା ସ୍ଥଳକୁ ଆସି ତଦନ୍ତ କରିଥିବା ଜାଣିବାକୁ ମିଳିଛି।

# ଘରେ କଳାକନା ବୁଲାଇଲା ଜେଲ୍ ଫେରନ୍ତା

ଭୁବନେଶ୍ୱର, ୧୨।୧୧ (ସମିସ): କବାଟ ତାଲା ଭାଙ୍ଗି ଘରେ କଳାକନା ବୁଲାଇଛି ଜେଲ୍ ଫେରନ୍ତା। ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ ଫେଜ୍ ୫ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ବାପି ନାୟକ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଯଦୁପୁରର ତଶିଫ୍ ମହମ୍ମଦକୁ ଗିରଫ କରିଥିବା ବେଳେ ଜେଲ୍ ଫେରନ୍ତା ଶେଖ୍ ଔରଙ୍ଗଜେବର ପତ୍ତା ପାଇନାହିଁ।

ପୁଲିସ ସୂଚନା ଅନୁସାରେ, ଡୁମୁଡୁମା ଫେଜ୍ ୫ରେ ରହୁଥିବା ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅଞ୍ଚଳର ବାପି ନାୟକ ଗାଁକୁ ଯାଇଥିଲେ। ସେହି ସମୟରେ ଜେଲ୍ ଫେରନ୍ତା ଔରଙ୍ଗଜେବ ଓ ସହଯୋଗୀ ତଶିଫ୍ ମିଶି କବାଟ ତାଲା ଭାଙ୍ଗି ଘରେ ପଶିଥିଲେ। ଘର ଭିତରୁ ୩ଟି ରୂପା ଚେନ୍, ଗୋଟିଏ ସୁନା ଚେନ୍, ଏକ ଯୋଡ଼ା ରୂପା ପାଉଁଜି, ଗୋଟିଏ ରୂପା ବ୍ରତ ଓ ନଗଦ ଟଙ୍କା ଚୋରି କରି ନେଇଥିଲେ। ପଡ଼ୋଶୀଙ୍କ ଠାରୁ ଖବରପାଇ ବାପି ଘରେ ପହଞ୍ଚିବା ବେଳକୁ ଆସବାବପତ୍ର ଏଣେତେଣେ ପଡ଼ିଥିଲା। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତାଲିକା ଯାଞ୍ଚ ବେଳେ ରେହମତ ନଗରର ଔରଙ୍ଗଜେବ ନିକଟରେ ଜେଲରୁ ଫେରିଥିବା ପୁଲିସ ଜାଣିବାକୁ ପାଇଥିଲା। ଚୋରି ଘଟଣା ପରଠାରୁ ସେ ଫେରାର ହୋଇ ଯାଇଥିବା ମଧ୍ୟ ଜଣାପଡ଼ିଥିଲା। ଯଦୁପୁରର ତଶିଫ ମହମ୍ମଦ ଚୋରିରେ ସମ୍ପୃକ୍ତ ଥିବା ଖବରପାଇ ପୁଲିସ ତାକୁ ଉଠାଇ ଆଣିଥିଲା। ତା' ଠାରୁ ଦୁଇଟି ରୁପା ବାର୍ (ରୁପାକୁ ତରଳାଇ ପ୍ରସ୍ତୁତ) ଜବତ କରିଥିଲା। ସେ ଔରଙ୍ଗଜେବ ସହ ମିଶି ଏକାଧିକ ଚୋରି କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଗୁପ୍ତା ଡିଷ୍ଟ୍ରିବ୍ୟୁଟରରୁ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୧୨।୧୧ (ସମିସ): ଗୁପ୍ତା ଡିଷ୍ଟ୍ରିବ୍ୟୁଟରରୁ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଛତିଶଗଡ଼ ରାଇପୁରର ରାକେଶ ସିଂ (୨୫)। ପୁଲିସ ସୂଚନା ଅନୁଯାୟୀ, ସହିଦନଗରସ୍ଥିତ ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ମ୍ୟାନେଜର ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ଗତମାସ ୨୮ ତାରିଖ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ରାକେଶ ସେହିଦିନ ରାତି ପ୍ରାୟ ସାଢେ ଆଠଟାରେ ଷ୍ଟୋରରେ ପ୍ରବେଶ କରି ବେସମେଣ୍ଟରେ ଲୁଚି ରହିଥିଲା। ପରଦିନ ସକାଳେ ମୁଖ୍ୟ ପ୍ରବେଶ ଦ୍ୱାରର କାଚ ଭାଙ୍ଗି ଶୋ-କେସରୁ ୫ଟି ଆଇଫୋନ୍ ଚୋରିକରି ବେସମେଣ୍ଟର ସ୍କାଇଲାଇଟ୍ ଦେଇ ପଳାଇଥିଲା। ପରବର୍ତ୍ତୀ ଦିନ ଅର୍ଥାତ୍ ୨୯ ତାରିଖ ସକାଳେ ଦୋକାନ ଖୋଲିବା ବେଳକୁ ପ୍ରଥମ ମହଲାର ମୁଖ୍ୟ କାଚ ଦ୍ୱାରଭଙ୍ଗା ଥିଲା। ଷ୍ଟୋରରୁ ଚୋରି ହୋଇଥିବା ଜାଣି ଶ୍ରୀ ଷଡ଼ଙ୍ଗୀ ସହିଦନଗର ଥାନାରେ ଏତଲା ଦେଇଥିଲେ। ଆଜି ପୁଲିସ ରାକେଶକୁ ଗିରଫ କରିବା ସହ ୫ଟି ଆଇଫୋନ୍ ଜବତ କରିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ତରିକା ବଦଳାଉଛନ୍ତି ସାଇବର୍ ଠକ

# ପୂର୍ବରୁ ଢାଲ କରୁଥିଲେ; ଏବେ ଲୁଟୁଛନ୍ତି

ଭୁବନେଶ୍ୱର, ୧୨।୧୧(ସମିସ): ରାଜ୍ୟରେ ସାଇବର ଠକଙ୍କ ଆତଙ୍କ ଥମିବାର ନାଁ ଧରୁନାହିଁ। ପୂର୍ବରୁ ଇନଷ୍ଟାଗ୍ରାମରେ ଅଧିକ ଫଲୋର୍ସ ଥିବା କିଛି ବ୍ୟକ୍ତି ବିଶେଷ, ୟୁଟ୍ୟୁବର୍ ଓ କିଛି ଟେଲି କଳାକାରଙ୍କୁ ଢାଲ କରୁଥିଲେ ସାଇବର ଠକ। ସେମାନଙ୍କ ମାଧ୍ୟମରେ ମିଥ୍ୟା ବିଜ୍ଞାପନ ଦେଇ ସାଧାରଣ ଲୋକଙ୍କୁ ଠକୁଥିଲେ। ଏବେ ସେଇମାନଙ୍କୁ ବିଜ୍ଞାପନ ଲୋଭ ଦେଖାଇ ଆଖି ପିଛୁଳାକେ ଆକାଉଣ୍ଟ ଖାଲି କରି ଦେଉଛନ୍ତି। ଆଉ ନୈତିକତା ଭୁଲି ବିଜ୍ଞାପନ ଅର୍ଥ ଲୋଭରେ ଫସୁଛନ୍ତି ସ୍ଥାନୀୟ ୟୁଟ୍ୟୁବର୍।



ଜଗତସିଂହପୁରର ଜଣେ କଲେଜ ଛାତ୍ରୀ ୟୁଟ୍ୟୁବ ଓ ଇନ୍‌ଷ୍ଟାଗ୍ରାମରେ ଭିଡିଓ କରନ୍ତି। ନିକଟରେ ତାଙ୍କୁ ଗୋଟିଏ ଅଜଣା ଆକାଉଣ୍ଟରୁ ମେସେଜ ଆସିଲା ଓ ଏକ ଗେମିଙ୍ଗ୍ ଆପ୍ ପାଇଁ ପ୍ରମୋସନ ଭିଡିଓ କରିବାକୁ କହିଥିଲା। ଅଗ୍ରୀମ ଟଙ୍କା ପଠାଇବା ଲାଗି ଜି-ମେଲ୍, ଆଧାର କାର୍ଡ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଇଏଫ୍ଏସସି କୋଡ୍ ମାଗିବାରୁ ଯୁବତୀ ଜଣକ ଦେଇଥିଲେ। ଏସବୁ ନେବାପରେ ଅଜଣା ବ୍ୟକ୍ତି ଜଣକ ଯୁବତୀଙ୍କୁ ଏକ ଲିଙ୍କ୍ ପଠାଇବା ସହ ଲିଙ୍କରେ ଯାଇ ସବିଶେଷ ତଥ୍ୟ ଦେବାକୁ କହିଥିଲା। ପ୍ରମୋସନ ଭିଡିଓ ବଦଳରେ ଟଙ୍କା ମିଳିବା ଲୋଭରେ ଯୁବତୀ ଜଣକ ତା'ର ଗୋଟି ଗୋଟି କଥା ମାନିଥିଲେ। ସବୁକିଛି ଫିଲ୍‌ଅପ୍ କରିବା ପରେ ଉକ୍ତ ଲିଙ୍କକୁ ଇନଷ୍ଟାଗ୍ରାମ ବାୟୋରେ ରଖିବାକୁ କହିଥିଲା। ଯୁବତୀ ଜଣକ ଉକ୍ତ ଲିଙ୍କକୁ ନିଜ ଇନଷ୍ଟାଗ୍ରାମ ବାୟୋରେ ରଖିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇ ଯାଇଥିଲା। କ୍ଷଣିକ ମଧ୍ୟରେ ଆକାଉଣ୍ଟରୁ ଟଙ୍କା ନେଇ ଯାଇଥିଲେ ସାଇବର ଠକ।

**ଟାର୍ଗେଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର**

### ଟଙ୍କା ପାଇଁ ଭୁଲିଯାଉଛନ୍ତି ନୀତି ନୈତିକତା

ୟୁଟ୍ୟୁବର୍‌ମାନେ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଲୋକପ୍ରିୟ ହୋଇଥିବାରୁ ସେମାନେ ଯେଉଁସବୁ ଜିନିଷ ବ୍ୟବହାର କରନ୍ତି, ତାକୁ ସାଧାରଣ ଲୋକମାନେ ଅତି ସହଜରେ ଗ୍ରହଣ କରି ନିଅନ୍ତି। ସେଥିଲାଗି ଭିନ୍ନ ଭିନ୍ନ କମ୍ପାନୀମାନେ ୟୁଟ୍ୟୁବର ବା ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ବିପୁଳ ଅର୍ଥ ଦେଇ ବିଭିନ୍ନ ବିଜ୍ଞାପନରେ ଉପଯୋଗ କରୁଛନ୍ତି। କିନ୍ତୁ ସେମାନଙ୍କୁ କିଏ ଯୋଗାଯୋଗ କରି ବିଜ୍ଞାପନ କଥା କହିଲା? ସେମାନଙ୍କ ପାଖକୁ ଟଙ୍କା କୋଉଠୁ ଆସିଲା? ସେମାନେ ଯାହା ପାଇଁ ବିଜ୍ଞାପନ କରୁଛନ୍ତି, ସେମାନେ ଠକ ନୁହଁନ୍ତି ତ?, ଏ ବାବଦରେ ୟୁଟ୍ୟୁବରମାନେ ଖୋଳତାଡ଼ କରୁନାହାଁନ୍ତି। କେଇଟା ଟଙ୍କା ପାଇଁ ସେମାନେ ତଳ ସ୍ତରକୁ ଖସି ଯାଉଛନ୍ତି। ନୈତିକତା ଭୁଲି ଅଜଣା ଲୋକଙ୍କ କଥାରେ ଆଖି ବୁଜି ଯେ କୌଣସି ବିଜ୍ଞାପନକୁ ପ୍ରମୋଟ କରୁଛନ୍ତି। ୟୁଟ୍ୟୁବରମାନଙ୍କ ଏହି ମିଥ୍ୟା ବିଜ୍ଞାପନ ଜାଲ ସାଧାରଣ ଲୋକମାନଙ୍କୁ କ୍ଷତିରେ ପକାଉଛି। ୟୁଟ୍ୟୁବରଙ୍କ ବିଜ୍ଞାପନରେ ଲୋକମାନେ ପ୍ରଲୋଭିତ ହୋଇ ଲକ୍ଷଲକ୍ଷ ଟଙ୍କା ହରାଉଛନ୍ତି। ୟୁଟ୍ୟୁବର୍‌ଙ୍କ ପ୍ରତାରଣା ମୂଳକ ପ୍ରତିଶ୍ରୁତି ଯୋଗୁଁ ଲକ୍ଷାଧିକ ଟଙ୍କାର କ୍ଷତି ହେଉ ନ ଥିବାରୁ ଏହାର ପ୍ରଚାର ଓ ପ୍ରସାରରେ ସେମାନଙ୍କ ସମ୍ପୃକ୍ତି ନେଇ ପ୍ରଶ୍ନ ଉଠିଛି। ୟୁଟ୍ୟୁବରଙ୍କ ଭୁଲ୍ ପାଇଁ ସାଧାରଣ ଲୋକ ବାରମ୍ବାର ସାଇବର ଠକେଇର ସ୍ୱୀକାର ହେଉଛନ୍ତି, କିନ୍ତୁ କୌଣସି ଘଟଣାରେ ପୁଲିସ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରୁନାହିଁ।

### କ'ଣ ରହିଛି ନିୟମ

ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁଯାୟୀ, ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ବାରମ୍ବାର ମିଛ ବିଜ୍ଞାପନ ସେୟାର କରୁଥିଲେ ୧୦ଲକ୍ଷରୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ସାମାଜିକ ଗଣମାଧ୍ୟମ ପଲିସି-୨୦୨୧ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ସାଇବର ଠକଙ୍କ ଦ୍ୱାରା ଦିଆଯାଉଥିବା ମିଥ୍ୟା ବିଜ୍ଞାପନ ଗୁଡ଼ିକୁ ୪୮ ଘଣ୍ଟା ମଧ୍ୟରେ ପ୍ରମୋସନ କରୁଥିବା ଆକାଉଣ୍ଟ ଗୁଡ଼ିକରୁ ନ ହଟାଇଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ଏଥିସହିତ ବଢୁଥିବା ସାଇବର୍ ଠକେଇକୁ ନଜରରେ ରଖି କେନ୍ଦ୍ର ସରକାର ୨୦୨୩ରେ ମିଥ୍ୟା ବିଜ୍ଞାପନ ତଥା ସାଇବର ଠକଙ୍କ ପ୍ରତ୍ୟକ୍ଷରେ ତଥା ପରୋକ୍ଷରେ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ୩ରୁ ୬ବର୍ଷ ଜେଲ୍ ଦଣ୍ଡ ଓ ୧୦ରୁ ୩୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ନିୟମ କରିଛନ୍ତି।

# ପରିବ୍ୟାପ୍ତ ହେଉଛି ରାଇରଙ୍ଗପୁର ସହର; ବଢୁଛି ଅପରାଧିକ କାର୍ଯ୍ୟକଳାପ

ରାଇରଙ୍ଗପୁର, ୧୨।୧୧(ସମିସ): ରାଇରଙ୍ଗପୁର ସହର ଦିନକୁ ଦିନ ପରିବ୍ୟାପ୍ତ ହେବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧିକୁ ତାଳ ଦେଇ ଗୃହ, ଦୋକାନ ବଜାର ଆଦି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ସହର ପରିସୀମା ବଢ଼ିବା ସମେତ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି। ତାହାକୁ ନିୟନ୍ତ୍ରଣ କରିବାକୁ ରାଇରଙ୍ଗପୁର ଟାଉନ ଥାନା ଅଧୀନରେ ଏକ ପୁଲିସ ଫାଣ୍ଡିର ପ୍ରତିଷ୍ଠା କରିବା ଆବଶ୍ୟକତା ରହିଛି। ରାଇରଙ୍ଗପୁର ପୌରାଞ୍ଚଳର ୧୬ଟି ୱାର୍ଡ ଓ ରାଇରଙ୍ଗପୁର ବ୍ଲକର କିଛି ଅଞ୍ଚଳକୁ ନେଇ ରାଇରଙ୍ଗପୁର ଟାଉନ ଥାନା ରହିଛି; କିନ୍ତୁ ତାହା ବର୍ତ୍ତମାନ ସମୟର ପରିବ୍ୟାପ୍ତ ରାଇରଙ୍ଗପୁର ସହରବାସୀଙ୍କୁ ପୁଲିସ ସେବା ଠିକ ଭାବେ ଯୋଗାଇ ପାରୁନାହିଁ। ଯାହାକୁ ନେଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଉନ ଥାନାରେ ୨ଟି ପାଟ୍ରୋଲିଂ ଗାଡି ଥିବା ବେଳେ କର୍ମଚାରୀ ମଧ୍ୟ ଅଭାବ ରହିଛି। କୌଣସି ଅଘଟଣ ଘଟିଲେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରେ ମଧ୍ୟ ଅସୁବିଧା ହେଉଛି। ବହୁ ବର୍ଷ ପୂର୍ବେ ରାଇରଙ୍ଗପୁର ସହରର ଅଁଳାଡୁବାଠାରେ ଏକ ପୁଲିସ ଫାଣ୍ଡି ଥିଲା; ହେଲେ କାଳକ୍ରମେ ତାହା ବନ୍ଦ ହୋଇଗଲା। ସହର ପାଇଁ ଗୋଟିଏ ଟାଉନ ଥାନା ଥିବାରୁ ଲୋକେ ନାନାଦି ହଇରାଣ ହରକତ ହେଉଛନ୍ତି। ସହରରେ ନିୟମିତ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହି ସହର ଝାଡଖଣ୍ଡ ସୀମାନ୍ତବର୍ତ୍ତି ହୋଇଥିବାରୁ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଲୋକଙ୍କ ସମସ୍ୟା ତ୍ୱରିତ ସମାଧାନ ହୋଇ ପାରୁନାହିଁ। ରାଇରଙ୍ଗପୁର ଟାଉନ ଥାନାରେ ଗତ ୨୦୨୪ ମସିହା ଶେଷ ସୁଦ୍ଧା ୩୮୦ଟି ମାମଲା ରୁଜୁ ହୋଇଥିଲା। କିନ୍ତୁ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୩୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇ ସାରିଲାଣି। ସହର ଜନ ସଂଖ୍ୟା ବୃଦ୍ଧି ସମେତ ଅପରାଧିକ ମାମଲା ମଧ୍ୟ ବୃଦ୍ଧି ପାଉଛି। ତେଣୁକରି ରାଇରଙ୍ଗପୁର ସହରରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ନିହାତି ଆବଶ୍ୟକତା ରହିଛି। ଯାହା ଦ୍ୱାରା ଅପରାଧିକ ମାମଲା ତଦନ୍ତ ଖୁବଶୀଘ୍ର ହେବା ସମେତ ଲୋକେ ମଧ୍ୟ ଉପକୃତ ହୋଇପାରିବେ। ଏନେଇ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋକୁଳାନନ୍ଦ ସାହୁଙ୍କୁ ପଚାରିବାରୁ ରାଇରଙ୍ଗପୁର ସହରର ବର୍ଦ୍ଧିତ ଭୌଗୋଳିକ ସ୍ଥିତି ଦୃଷ୍ଟିରେ ରଖି ଫାଣ୍ଡି ପ୍ରତିଷ୍ଠା କରିବାକୁ ଅନୁମୋଦନ ହୋଇଛି ବୋଲି କହିଛନ୍ତି। ପୁରୁଣାଘାଟି ସ୍ଥିତ ରାଇରଙ୍ଗପୁର ମହାବିଦ୍ୟାଳୟ ନିକଟରେ ଫାଣ୍ଡି ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ତେବେ ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟି ଦେଇ ତୁରନ୍ତ ଫାଣ୍ଡି ସ୍ଥାପନ କରିବାକୁ ବିଭାଗୀୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

### ଧନପୁର କେଜିଭିବିରେ ମଧ୍ୟାହ୍ନ ଭୋଜନ ଓ ନିଯୁକ୍ତିରେ ବିଭ୍ରାଟ

# ଜିଲ୍ଲାପାଳଙ୍କୁ ମହିଳା ଅଭିଭାବକଙ୍କ ଫେରାଦ



ବାରିପଦା, ୧୨।୧୧(ସମିସ): ବେତନଟୀ ବ୍ଲକ ଧନପୁର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରିବେଷଣ ଓ ଅନ୍ୟାନ୍ୟ ନିଯୁକ୍ତିରେ ବିଭ୍ରାଟ ନେଇ ମଙ୍ଗଳବାର ମହିଳା ଅଭିଭାବକମାନେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଫେରାଦ ଜଣାଇଛନ୍ତି। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ କ୍ରମାଗତ ଅପୁଷ୍ଟିକର ଖାଦ୍ୟ ପ୍ରଦାନ ନେଇ ବିବାଦ ଲାଗି ରହିଛି। ଚୁକ୍ତି ଅବଧି ପରେ ସମ୍ପୃକ୍ତ ଗୋଷ୍ଠୀର ନବୀକରଣ ବନ୍ଦ କରି ନୂତନ ଗୋଷ୍ଠୀକୁ ଦାୟିତ୍ୱ ପ୍ରଦାନ ପାଇଁ ଦୀର୍ଘଦିନ ଧରି ଅଭିଭାବକ ଦାବି କରି ଆସୁଥିଲେ ହେଁ ବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ଗୋଷ୍ଠୀ ପ୍ରତି ଅହେତୁକ ଅନୁକମ୍ପା ଦେଖାଉଛନ୍ତି। ବିଇଓ, ସିଡିପିଓ ଓ ଡିଇଓ ନବୀକରଣ ଦାୟିତ୍ୱ ସେମାନଙ୍କର ନୁହେଁ ବୋଲି କହୁଛନ୍ତି। ଏଥିସହିତ ଛାତ୍ରୀ ନିବାସରେ ଅଣଶିକ୍ଷା କର୍ମଚାରୀ ନିଯୁକ୍ତିରେ ମଧ୍ୟ ପାତର ଅନ୍ତର ଥିବାରୁ ଯୋଗ୍ୟ ପ୍ରାର୍ଥିନୀ ଚୟନ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି ଅଭିଭାବକ। ଜିଲ୍ଲାପାଳ ଏ ସମ୍ବନ୍ଧରେ ଏକ ତଦନ୍ତ ପୂର୍ବକ ଆବଶ୍ୟକ ପଦକ୍ଷେପ ନେବାକୁ ଏସଏସ ନହଣ୍ଡାଶୋଳ ପଞ୍ଚାୟତର ଅଭିଭାବକ ନିବେଦନ କରିଛନ୍ତି।

# ନିଖିଳ ଭାରତ ସମବାୟ ସପ୍ତାହ ପାଳନ



ବଡ଼ସାହି, ୧୨।୧୧(ସମିସ): ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ବେହେରା ଓ ଖ୍ରୀତେଶ କୁମାର ପରିଡ଼ା ବାରିପଦା ଉପଖଣ୍ଡ ସ୍ତରୀୟ ସମବାୟ ଆନ୍ଦୋଳନ-ଆତ୍ମନିର୍ଭର ଭାରତ ଗଠନରେ ସମବାୟର ଭୂମିକା' ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଛନ୍ତି। ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ସମୂହ ପକ୍ଷରୁ ୭୨ ତମ ନିଖିଳ ଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ଓ ରଚନା ପ୍ରତିଯୋଗିତା ହୋଇଥିଲା। ଏଥିରେ ଉପନିବନ୍ଧକ ଅଶୋକ କୁମାର୍ ପାଣି, ବରିଷ୍ଠ ସହକାରୀ ନିବନ୍ଧକ ତୁଷାରକାନ୍ତି ମହାନ୍ତି, ସଭାପତି ମୟୂରଭଞ୍ଜ ଜିଲ୍ଲା ସମବାୟ ସଂଘ ପ୍ରଦୀପ କୁମାର ଉପାଧ୍ୟାୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ସୁଶାନ୍ତ କୁମାର ବଶା, ଡକ୍ଟର କୁଞ୍ଜବିହାରୀ ପୃଷ୍ଟି, ଅବସରପ୍ରାପ୍ତ ଉପସହକରୀ ନିବନ୍ଧକ ଚନ୍ଦ୍ରଶେଖର କର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆଗାମୀ ୧୩ ତାରିଖରେ ଜିଲ୍ଲାସ୍ତରୀୟ ପ୍ରତଯୋଗିତା ଅନୁଷ୍ଠିତ ହେବ। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ଉପସ୍ଥିତ ଥିଲେ। ଅଜିଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଇରଙ୍ଗପୁରରେ ଖୋଲିବ 'ଇଗ୍ନୁ' ଆଞ୍ଚଳିକ କେନ୍ଦ୍ର

ରାଇରଙ୍ଗପୁର, ୧୨।୧୧(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗନୁ) ଆଞ୍ଚଳିକ କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ଖୋଲିବାକୁ ଯାଉଛି। ଏନେଇ ବୁଧବାର ଏକ ପ୍ରତିନିଧି ଟିମ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। କେନ୍ଦ୍ର ସ୍ଥାପନ ନେଇ ସମସ୍ତ ପ୍ରକ୍ରିୟା ଚୂଡାନ୍ତ ହୋଇଛି। ଟିମ ପକ୍ଷରୁ ସ୍ଥାନ ଚୟନ ହେଉଥିବା ବେଳେ ବର୍ତ୍ତମାନ ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ କରାଯିବ। ବଡବଜାର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଇଗନୁ ଆଞ୍ଚଳିକ କେନ୍ଦ୍ର ଆରମ୍ଭ ହେବ। ଯାହାକୁ ନେଇ ପ୍ରତିନିଧି ଦଳ କଲ୍ୟାଣ ମଣ୍ଡପ ମଧ୍ୟ ପରିଦର୍ଶନ କରିଥିଲେ। କେନ୍ଦ୍ରରେ କିପରି ଶିକ୍ଷାଦାନ ବ୍ୟବସ୍ଥା ରହିବ ସେନେଇ ଆଲୋଚନା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରି ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ। କେନ୍ଦ୍ର ପ୍ରତିଷ୍ଠା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିପତି ଆନନ୍ଦ କୁମାର ସୋନି ବିଜ୍ଞପ୍ତି ପ୍ରକାଶ କରିଥିଲେ। ପୂର୍ବରୁ ଭୁବନେଶ୍ୱର ଠାରେ ଆଞ୍ଚଳିକ କେନ୍ଦ୍ର ଥିବା ବେଳେ ବାରିପଦା ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା; କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗନୁ ପକ୍ଷରୁ ଓଡ଼ିଶାର ୪ଟି ଜୋନରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ରାଇରଙ୍ଗପୁର ଠାରେ କେନ୍ଦ୍ର ସ୍ଥାପନ କରାଯିବ। ଏହି କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ରହିବ। ଉକ୍ତ ଜିଲ୍ଲାର ସମସ୍ତ ଇଗନୁ ପରୀକ୍ଷା କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲାର ଆଞ୍ଚଳିକ କେନ୍ଦ୍ର ଅଧିନରେ ରହିବ ବୋଲି ସୂଚନା ଦିଆଯାଇଛି।

# ଜଙ୍ଗଲରେ ବାଘ ଖାଇଗଲା ୬ ଛେଳି

ଠାକୁରମୁଣ୍ଡା, ୧୨।୧୧(ସମିସ): ଠାକୁରମୁଣ୍ଡା ଏବଂ ପୁଡାଡିହା ବନ୍ୟ ପ୍ରାଣୀ ରେଞ୍ଜ ଅଞ୍ଚଳରେ ଦୁଇଦିନ ମଧ୍ୟରେ ବାଘ ୬ଟି ଛେଳି ମାରି ଖାଇଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ କିରିକିଚିପାଳ ଗ୍ରାମର ତାରାମଣି ବଡନାୟକ ଓ ପିନି ଦାସ ରବିବାର ଗ୍ରାମ ନିକଟ ପୁଡାଡ଼ିହା ରେଞ୍ଜ ଅଧୀନ ଏସଏଲ ୧୫ର ମଝି ବଣ ଜଙ୍ଗଲ ଭିତରେ ଛେଳି ଚରିବାକୁ ଛାଡିଦେଇ ଆସିଥିଲେ। ଅପରାହ୍ନରେ ଜଙ୍ଗଲରୁ ଛେଳି ତାଙ୍କ ଘରକୁ ଦୌଡ଼ି ଆସିଥିଲେ।



ପରେ ଆଉ କିଛି ଛେଳି ଘରକୁ ନ ଫେରିବାରୁ ଜଙ୍ଗଲ ଭିତରେ ଖୋଜିଥିଲେ; ହେଲେ ଛେଳିକୁ ପାଇ ନ ଥିଲେ। ସୋମବାର ପୁଣି ଜଙ୍ଗଲକୁ ଯାଇ ଖୋଜିବା ପରେ ୩ଟି ଛେଳି ଶରୀରର କିଛି ଅଂଶକୁ ପାଇଥିଲେ। ଅନ୍ୟ ୨ଟି ଛେଳିର ସନ୍ଧାନ ପାଇ ନ ଥିଲେ। ମୃତ ଛେଳି ନିକଟରେ ବାଘର ପାଦ ଚିହ୍ନ ଦେଖିଥିଲେ। ତେଣୁ ବାଘ ଛେଳିକୁ ମାରି ଖାଇଦେଇଥିବା ପିନି ଦାସ କହିଛନ୍ତି। ସେହିପରି ଠାକୁରମୁଣ୍ଡା ରେଞ୍ଜ ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅସନକୁଦର ଗ୍ରାମର ରାମଚନ୍ଦ୍ର ସୟ ନିକଟ ଆମ୍ବୁଲାଘୁଟୁ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିବା ବେଳେ ସେଥିରୁ ଗୋଟିଏ ଛେଳିକୁ ବାଘ ଆକ୍ରମଣ କରି ଖାଇଦେଇଛି। ସମସ୍ତ ଛେଳିକୁ କଲରାପତରିଆ ବାଘ ଆକ୍ରମଣ କରି ଖାଇଦେଇଥିବା କୁହାଯାଉଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/କରଞ୍ଜିଆ, ୧୨।୧୧ (ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ କରଞ୍ଜିଆ ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ହେଲେ ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଛି। ବାଲି ଚାଲାଣ ହେଉଥିବା ଖବର ପାଇ ପୁଲିସ ବଡ଼ଦେଉଳି ଗ୍ରାମନିକଟରେ ଏକ ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ପରେ ପୁଲିସ ଗାଡିକୁ ଜବତ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି।

# ୟୁନିୟନ ବ୍ୟାଙ୍କର ପ୍ରତିଷ୍ଠା ଦିବସ



ବେତନଟୀ, ୧୨।୧୧(ସମିସ): ବେତନଟୀ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ୧୦୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ବ୍ୟାଙ୍ଗ ୧୯୧୯ ମସିହାରେ ଏଠାରେ ପ୍ରତିଷ୍ଠା କରାଯାଇଥିଲା। ଶାଖା ପରିଚାଳକ ମାନସ ରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେମୁଖ୍ୟଅତିଥିରୂପେସିଭିଲସୋସାଇଟିରଯୁଗ୍ମସାଧାରଣସମ୍ପାଦକରୋଟାରିଆନ ରବୀନ୍ଦ୍ର ନାଥ ମିଶ୍ର ଯୋଗ ଦେଇ ବ୍ୟାଙ୍କର ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନରେ ଅଗ୍ରଣୀ ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସଞ୍ଜୀବ କୁମାର ପରିଡ଼ା ଓ ନୀଳକଣ୍ଠ ବଳା ମଧ୍ୟ ବ୍ୟାଙ୍କ କର୍ମଚାରୀଙ୍କ ସେବା ସମ୍ପର୍କରେ କହିଥିଲେ। ସହ ଶାଖା ପରିଚାଳକ ବିପ୍ଳବ ମହାନ୍ତି, ସିନିଅର କ୍ଲର୍କ ସୁରେନ୍ଦ୍ର ମହାନ୍ତ, ପ୍ରିତମ କୁମାର ସର୍ଦ୍ଦାରଙ୍କ ସମେତ ସ୍ୱପ୍ନେଶ୍ୱରୀ ହେମ୍ବ୍ରମ୍ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଯୋଗେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍ ଆବାସ ଗୃହ ପରିଦର୍ଶନ କଲେ ବିଡିଓ

ମୋରଡା, ୧୨।୧୧(ସମିସ): ମୋରଡ଼ା ବ୍ଲକ ଅନ୍ତର୍ଗତ ଚିତ୍ରଡା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କୁ ଭେଟିବା ସହିତ ନିର୍ମାଣାଧୀନ ଘରଗୁଡିକ ତଦାରଖ କରିଛନ୍ତି ବିଡ଼ିଓ ଅଣାକର ନାଏକ। ବୁଧବାର ଅପରାହ୍ନରେ ସେ ଚିତ୍ରଡା ପଞ୍ଚାୟତର ୩ ନମ୍ବର ୱାର୍ଡ ମାର୍କେଟ ସାହି ଏବଂ ୬ ନମ୍ବର ୱାର୍ଡ ତଳସାହିରେ ନିର୍ମାଣ ଚାଲିଥିବା ୧୦ଟି ପ୍ରଧାନମନ୍ତ୍ରୀ ଆବାସ ଗୃହକୁ ତଦାରଖ କରିବା ସହିତ ଯଥାଶୀଘ୍ର ଘର ଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଯେଉଁ ହିତାଧିକାରୀ ଦୁଇ/ତିନି ବର୍ଷ ହେଲା ଘର ସମ୍ପୂର୍ଣ୍ଣ କରି ପାରିନାହାନ୍ତି, ସେମାନେ ତୁରନ୍ତ ଶେଷ କରିବାକୁ ତାଗିଦା କରିଥିଲେ। ଯିଏ ତୁରନ୍ତ ଶେଷ ନ କରିବ ତାଙ୍କର ଟଙ୍କା ଫେରସ୍ତ ହେବ ବୋଲି କହିଥିଲେ। ଏହାପରେ ଗ୍ରାମର ଭିନ୍ନକ୍ଷମଙ୍କୁ ବିଡ଼ିଓ ଭେଟିବା ସହିତ ସେମାନେ ସରକାରୀ ସୁବିଧା ପାଇ ପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଡ଼ିଓଙ୍କ ସହିତ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ବେହେରା, ପିଇଓ ପ୍ରଶାନ୍ତ କୁମାର ସି ମଧ୍ୟ ଉପସ୍ଥିତ ଥିଲେ।



# ସାଇବର ସୁରକ୍ଷା ସଚେତନତା

ରାଇରଙ୍ଗପୁର, ୧୨।୧୧(ସମିସ): ଯଶିପୁର ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ସଂଯୁକ୍ତା ମହାଳିକଙ୍କ ନେତୃତ୍ୱରେ ଥାନା ପରିସରରୁ ସାଇବର ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା। ଯଶିପୁର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆଲୋଚନା ସଭା କରାଯାଇ ସାଇବର ଅପରାଧରୁ ମୁକ୍ତି ପାଇଁ ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଏହି ରଥ ମହାରଦାପଳସା, ଯଶିପୁର କଲେଜ, ଭଞ୍ଜକିଆ ସ୍ଥିତ ଚୈତନ୍ୟ ପ୍ରସାଦ ମହାବିଦ୍ୟାଳୟ, ସିପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯାନକୁ ସଫଳ କରିବା ପାଇଁ ଥାନା ଅଧିକାରୀଣି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଯଶିପୁର ଗସ୍ତରେ ଥିବା ୬ ଜଣ ଆଇଏଏସ୍ ଏବଂ ଆଇପିଏସ୍ ଶିକ୍ଷାନବୀସ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ସାଇବର ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଏସପି ଦୀପକ ଗୋଛାୟତ ଓ ଡିଏସପି ସବିତା ମାଝୀ ଯୋଗଦେଇ ସାଇବର ଅପରାଧର ପୃଷ୍ଠଭୂମି, ସୋସିଆଲ ମିଡିଆ ବ୍ୟବହାର, ଅନଲାଇନ ଆର୍ଥିକ କାରବାରରେ ହେଉଥିବା ଠକେଇ ସଂକ୍ରାନ୍ତ ବିସ୍ତୃତ ଆଲୋଚନା କରିଥିଲେ।। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ମେଜର ଦେବେନ୍ଦ୍ର ନାଥ ଦାସ, ବିଡିଓ ମାଧବ ଚନ୍ଦ୍ର ବିରୁଆ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖା ପ୍ରବନ୍ଧକ ଭକ୍ତ ରାମ ମେହେର୍, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଧୂଣ୍ଡା ମୁଣ୍ଡା, ସାମ୍ବାଦିକ ବିରଞ୍ଚି ନାରାୟଣ ସାହୁ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସାମ୍ବାଦିକ ଦିଲ୍ଲୀପ କୁମାର ସାହୁ ସଭା ପରିଚାଳନା କରିଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ମହୁଲଡିହା, ୧୨।୧୧(ସମିସ): କେନ୍ଦୁଜିଆଣି ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ସପ୍ତଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାତୃ ଭାରତୀର ପୂର୍ବ ସମ୍ପାଦିକା କଳ୍ପନା ଗିରି, ମୁଖ୍ୟ ବକ୍ତା ଭାବେ ଆନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫ୍ ନର୍ସ ଭାଗ୍ୟଶ୍ରୀ ସିଂ ଯୋଗ ଦେଇ ପର୍ଯ୍ୟାବରଣର ସୁରକ୍ଷା ଓ କୁଟୁମ୍ବ ପ୍ରବୋଧନରେ ମହିଳାଙ୍କ ଭୂମିକା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମାତୃ ଭାରତୀର ସଦସ୍ୟା ରଶ୍ମିତା ମହାନ୍ତ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ସ୍ୱାଗତ ଅଭିଭାଷଣ ଦେବା ସହିତ ଅତିଥି ପରିଚୟ ଦେଇଥିଲେ। ଗୁରୁମା ଡଲିସ୍ମିତା ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ପରିଚାଳନା ସମିତିର ସଦସ୍ୟା ଅରୁନ୍ଧତୀ ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ଏକ ପ୍ରଶ୍ନ ମଞ୍ଚର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ/ଅଭିଭାବିକା ଉପସ୍ଥିତ ଥିଲେ।



# ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ



ଠାକୁରମୁଣ୍ଡା, ୧୨।୧୧ (ସମିସ): ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରୁଗୁଡିବେଡା ସମ୍ବନ୍ଧ ମା' ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀ ସଭାନେତ୍ରୀ ମିତା ନାୟକ ଓ ସମ୍ପାଦିକା ରକ୍ମଣୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅଷ୍ଟମୀ ପୂର୍ବରୁ ପୋଷାକ ଦିଆଯାଇଥିବାରୁ ଛାତ୍ରଛାତ୍ରୀ ଖୁସି ବ୍ୟକ୍ତ କରିଥିଲେ।

# ନିଖୋଜ ନାବାଳିକା ବାଲେଶ୍ୱର ଷ୍ଟେସନରୁ ଉଦ୍ଧାର

ବେତନଟୀ, ୧୨।୧୧(ସମିସ): ବେତନଟୀରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯିବାର ଉଦ୍ୟମ ହେଉଥିବାବେଳେ ଜିଆରପି ପୁଲିସ ବାଲେଶ୍ୱର ଷ୍ଟେସନରୁ ଉଦ୍ଧାର କରିଛି। ପରେ ଉକ୍ତ ନାବାଳିକାଙ୍କୁ ତାଙ୍କ ପରିବାର ଜିମା ଦେଇଛି। ସୂଚନା ମୁତାବକ, ବେତନଟୀ ଡାକ୍ତରଖାନା ପଛପଟେ ବସବାସ କରୁଥିବା କାନ୍ଦୁରୁ ସିଂ ଜଣେ ଦିନମଜୁରିଆ। ସେ ଡାକ୍ତରଖାନା ଛକରେ ଥିବା ବ୍ୟବସାୟୀ ଶଶଧର ପଣ୍ଡାଙ୍କ ସିମେଣ୍ଟ ଗୋଦାମରେ କାମ କରନ୍ତି। ସୋମବାର ସକାଳେ ହଠାତ୍ ତାଙ୍କ ନାବାଳିକା ଝିଅ ଜଣଙ୍କ ଘରୁ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ବହୁ ଖୋଜଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ରେଳଷ୍ଟେସନ ପରିସରସ୍ଥ ଜିଆରପି ଥାନା ପୁଲିସ ଉକ୍ତ ନାବାଳିକାଙ୍କୁ ଉଦ୍ଧାରକରି ପଚରାଉଚୁରା କରିଥିଲେ। ନାବାଳିକା ଜଣକ ନିଜଘର ବେତନଟୀ ଉପକଣ୍ଠ ସଠିଲୋ ଗ୍ରାମରେ ବୋଲି ଜିଆରପିକୁ କହିଥିଲା। ବାପା କାନ୍ଦୁରୁ ସିଂ ଡାକ୍ତରଖାନା ଛକରେ ଥିବା ପଣ୍ଡାବାବୁଙ୍କ ସିମେଣ୍ଟ ଗୋଦାମରେ କାମ କରନ୍ତି ବୋଲି କହିଥିଲା। ପରେ ଜିଆରପି ଶଶଧର ପଣ୍ଡାଙ୍କୁ ଯୋଗାଯୋଗ ପରେ କାନ୍ଦୁରୁ ସିଂ ନିଜର ନିଖୋଜ ଝିଅ ବାବଦରେ ଖବର ପାଇଥିଲେ। ଏହାପରେ କାନ୍ଦୁରୁ ନିଜର ସ୍ତ୍ରୀ ସହିତ ବାଲେଶ୍ୱର ଯାଇ ଜିଆରପି ଥାନାରୁ ନିଜର ନାବାଳିକା ଝିଅକୁ ସୁରକ୍ଷିତ ଭାବରେ ଉଦ୍ଧାରକରି ନିଜ ହେପାଜତରେ ନେଇ ଘରକୁ ଫେରିଛନ୍ତି।

# ବୈରାଟପୁର ପ୍ରିମିୟର ଲିଗ୍ କ୍ରିକେଟ

ଉଦଳା, ୧୨।୧୧(ସମିସ): ବୈରାଟପୁର ପ୍ରିମିୟର ଲିଗ -୨୦୨୫ ସିଜିନ-୧ ଟୁର୍ଣ୍ଣାମେଣ୍ଟର ବୁଧବାର ଥିଲା ଶେଷ ମ୍ୟାଚ। ଶେଷ ଲିଗ ମ୍ୟାଚରେ ଏଲିଟ ଇଲେଭେନ ଏବଂ ଏସଏସ ଫାଇଟର ମଧ୍ୟରେ ଖେଳ ହୋଇଥିଲା। ଏଲିଟ ଇଲେଭେନ ଟସ ଜିତି ବ୍ୟାଟିଂ କରି ୧୫ ଓଭରରେ ୧୭୫ ରନ ସଂଗ୍ରହ କରିଥିଲା। ଜବାବରେ ଏସ ଏସ ଫାଇଟର ୧୧ ଓଭର ୪ଟି ବଲରେ ଅଲ୍ଆଉଟ ହୋଇଯାଇଥିଲେ। ଫଳରେ ଏଲିଟ ଇଲେଭେନ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ମ୍ୟାନ ଅଫ ଦା ମ୍ୟାଚ ଏବଂ ସୁପର ସିକ୍ସ ପୁରସ୍କାର ଗ୍ରହଣ କରିଥିଲେ ଏଲିଟ ଇଲେଭେନର ରାହୁଲ ନାୟକ। କ୍ୟାପଟେନ ଦୀପକ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଏକ ମ୍ୟାଚରେ ରାଜ ଫାଇଟର ଏବଂ ଯଶସୀ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଯଶସୀ ଫାଇଟର ବ୍ୟାଟିଂ କରି ୧୨ଓଭରରେ ୧୦୫ ରନ କରିଥିବା ବେଳେ ରାଜ ଫାଇଟର ୭୭ରନରେ ଅଲଆଉଟ ହୋଇଯାଇଥିଲା। ଯଶସୀ ଫାଇଟର ପକ୍ଷରୁ କ୍ଷିତୀଶ ନାୟକ ମ୍ୟାନ ଅଫ ଦା ମ୍ୟାଚ ଏବଂ ସୁପର ସିକ୍ସ ପୁରସ୍କୃତ ହୋଇଥିଲେ। ଆଜିର ଏହି ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦଳା ଯୁବ ବାଥୁଡି ସମାଜର ସଭାପତି ବୀରେନ୍ଦ୍ର ନାଥ ମଢେଇ ଏବଂ ସାଗର ସିମେଣ୍ଟ ଲିମିଟେଡ଼ ମୟୂରଭଞ୍ଜ ମୁଖ୍ୟ ବିଦ୍ୟାଧର ପୋଲାର ଏବଂ ସାଗର ସିମେଣ୍ଟ ସେଲସ ଅଫିସର ସତ୍ୟପ୍ରକାଶ ମିଶ୍ର ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ସହ ଗୁରୁପ୍ରୀତ ମିଶ୍ରଙ୍କୁ ସୁପର ସିକ୍ସର ଟ୍ରଫି ପ୍ରଦାନ କରିଥିଲେ।

# ଓଭରଲୋଡ଼ିଂ ପାଇଁ ହାଇୱାକୁ ଜରିମାନା

ରାଇରଙ୍ଗପୁର, ୧୨।୧୧(ସମିସ): ଏକ ଚିପ୍ସ ବୋଝେଇ ହାଇୱାକୁ ଜରିମାନା କରାଯାଇଛି। ରାଇରଙ୍ଗପୁର ସହରର ଜଗନ୍ନାଥ ମାର୍କେଟ ସ୍ଥିତ ମୁଖ୍ୟ ରାସ୍ତାରୁ ଚିପ୍ସ ବୋଝେଇ ହାଇୱା ଜବତ କରାଯିବା ସହିତ ତହସିଲଦାର, ପରିବହନ ବିଭାଗ ଓ ପୁଲିସର ମିଳିତ ଭାବେ ଚଢଉ କରି ଫାଇନ କରାଯାଇଛି। ହାଇୱାରେ ଚିପ୍ସ ବୋଝେଇ ହୋଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ଝରଣ ଗ୍ରାମକୁ ଯାଉଥିଲା। ହାଇୱା ଯାଞ୍ଚ ସମୟରେ କାଗଜପତ୍ର ଠିକ ଥିବାବେଳେ ଓଭର ଲୋର୍ଡିଂ ଯୋଗୁଁ ଫାଇନ କରାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଗୋଚାଲାଣ ବନ୍ଦ କରିବା ଦାବି




ଯାଜପୁର,୧୨।୧୧(ସମିସ): ଯାଜପୁର ସହରରେ ଗୋଚାଲାଣକୁ ବନ୍ଦ କରିବା ପାଇଁ ଦାବି କରିଛି ଶ୍ରୀରାମ ସେବା ସମିତି। ଗତ କିଛି ଦିନ ଧରି ଯାଜପୁର ସହରରେ ଗୋଚାଲାଣ ଜାରିରହିଛି। ରାତି ଅଧରେ ଯାତ୍ରୀବାହି ବୋଲେରୋରେ ଗୋଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଯାହାକି କେତକେ ସିସିଟିଭିରେ କଏଦ ହୋଇଛି। ବିଭିନ୍ନ ଜାଗାରେ ଗୋସେବକମାନେ ବେଆଇନ ଗୋଚାଲାଣକୁ ଧରିବାରେ ପୁଲିସ ସହାୟତାରେ ସଫଳ ହୋଇଛନ୍ତି। ଯାଜପୁରର ନିର୍ଦ୍ଦିଷ୍ଟ କିଛି ଯାତ୍ରୀବାହି ବୋଲେରୋ ଗାଡ଼ିରେ ଗୋଚାଲାଣ ହେଉଛି। ଏହାର ଏକ ନଜିର ଗତ ୫ ତାରିଖ ଦିନ ଏକ ଛକ ଉପରେ ଶୋଇଥିବା କିଛି ଗୋରୁଙ୍କୁ ରାତିରେ ଏକ ବୋଲେରୋ ଗାଡ଼ିରେ ପୁରାଇ ନେଉଥିବା ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଗୋଚାଲାଣକୁ ରୋକିବା ପାଇଁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି ସମିତି। ଆଜି ସମିତିର କାର୍ଯ୍ୟକର୍ତ୍ତାମାନେ ଯାଜପୁର ଥାନା ସମ୍ମୁଖରେ ପ୍ରତିବାଦ ଜଣାଇ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ବିରୁହାଁ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

# ପ୍ରସ୍ତାବ ଦେଇ ଆସିଲେନି ୫ ୱାର୍ଡସଭ୍ୟ

**୧୩ ସଭ୍ୟରୁ ୯ ଅନୁପସ୍ଥିତ › ସ୍ଥଗିତ ରହିଲା ଭୋଟ**

ଦଶରଥପୁର/କୁୟାଁଗୋଲା,୧୨।୧୧(ସମିସ): ଗତ କିଛିଦିନ ଧରି ଲାଗିରହିଥିବା ଛକାପଞ୍ଝାର ଆଜି ଅବସାନ ଘଟିଛି। ଦଶରଥପୁର ବ୍ଲକର ଚର୍ଚ୍ଚିତ ପଞ୍ଚାୟତ ବିରୁହାଁ ପଞ୍ଚାୟତର ସରପଞ୍ଚ ସୁବାସ ଚନ୍ଦ୍ର ଦେବତାଙ୍କ ବିରୋଧରେ ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟାଙ୍କ ପକ୍ଷରୁ ଆସିଥିବା ଅନାସ୍ଥା ପ୍ରସ୍ତାବ ଆଜି କାଟ ଖାଇଯାଇଛି। ଗତ କିଛିଦିନ ଧରି ଏହି ପଞ୍ଚାୟତର ସରପଞ୍ଚଙ୍କ ବିରୁଦ୍ଧରେ ୱାର୍ଡ ସଭ୍ୟମାନଙ୍କର ବ୍ୟାପକ ଅସନ୍ତୋଷ ଲାଗିରହିଥିବା ବେଳେ ୧୩ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ୯ଜଣ ୱାର୍ଡ ସଭ୍ୟସଭ୍ୟା ସରପଞ୍ଚଙ୍କ ବିରୋଧରେ ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଯାଜପୁରର ଉପଜିଲ୍ଲାପାଳ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ୱାର୍ଡ ସଭ୍ୟସଭ୍ୟାଙ୍କ ଦସ୍ତଖତ ଯାଞ୍ଚ କରିବା ପରେ ଆଜି ଭୋଟ୍ ଗ୍ରହଣ କରିବାକୁ ଦିନ ଧାର୍ଯ୍ୟ କରିଥିଲେ। ଏଥି ପାଇଁ ପ୍ରଶାସନ ପକ୍ଷରୁ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁଙ୍କୁ ଭୋଟ୍ ପାଇଁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିଲା।

ଆଜି ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ୍ ଗ୍ରହଣ ପାଇଁ ପର୍ଯ୍ୟବେକ୍ଷକ ଶ୍ରୀ ସାହୁ ଓ ବ୍ଲକର ଏବିଡିଓ ତ୍ରିଲୋଚନ ସେଠୀ ପହଞ୍ଚିବା ପରେ ଭୋଟ୍ ଗ୍ରହଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ ୧୩ ୱାର୍ଡ ସଭ୍ୟରୁ ମାତ୍ର ୪ ଜଣ ଭୋଟିଂ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ବେଳେ ସରପଞ୍ଚଙ୍କ ସମେତ ୯ଜଣ ସଭ୍ୟ/ସଭ୍ୟା ଅନୁପସ୍ଥିତ ରହିଥିଲେ। ଏଣୁ ଏହି ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଯାଇଥିଲା। ସୂଚନା ଥାଉକି ଯେଉଁ ୯ଜଣ ୱାର୍ଡ ସଭ୍ୟ/ସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ସେମାନଙ୍କ ମଧ୍ୟରୁ ୫ଜଣ ଅନୁପସ୍ଥିତ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ କିଛିଦିନ ତଳେ ଅବିଭକ୍ତ ଗ୍ରାମନନ୍ଦିପୁର ପଞ୍ଚାୟତର ନେତା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ର ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିଲେ। ଏହା ପରଠାରୁ ପଞ୍ଚାୟତର ସରପଞ୍ଚଙ୍କ ସହ ତାଙ୍କର ରାଜନୈତିକ ଛକାପଞ୍ଝା ଲାଗିରହିଥିବା ବେଳେ ସରପଞ୍ଚଙ୍କୁ କ୍ଷମତାଚ୍ୟୁତ କରିବା ନିମନ୍ତେ ୯ଜଣ ୱାର୍ଡ ସଭ୍ୟଙ୍କୁ ଏକାଠି କରିଥିଲେ।

ପରେ ସରପଞ୍ଚଙ୍କ ବିରୋଧରେ ଏପରି ଅନସ୍ଥା ପ୍ରସ୍ତାବ ଆଣି ସରପଞ୍ଚଙ୍କୁ ହରଡଘଣାରେ ପକାଇବା ପାଇଁ ଚେଷ୍ଟା କରିଥିବା ବେଳେ ଆଜିର ଏହି ଅନୁପସ୍ଥିତ ତାଙ୍କ ପାଇଁ ଏକ ଜୋରଦାର ରାଜନୈତିକ ଧକ୍କା ସାଜିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# କଟିବ ୧୮ ହଜାରରୁ ଉର୍ଦ୍ଧ୍ୱ ରାସନ କାର୍ଡ

ବିଞ୍ଝାରପୁର,୧୨।୧୧(ସମିସ): ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଉପକୃତ ହେଉଥିବା ଚାଷୀ ରାସନ କାର୍ଡ ସୁବିଧାରୁ ବଞ୍ଚିତ ହେବେ। ଏଥିନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ସାରା ରାଜ୍ୟରେ ହିତାଧିକାରୀଙ୍କ ଚିହ୍ନଟ ଲାଗି ନିର୍ଦ୍ଦେଶ ଥିଲା ବେଳେ ବିଞ୍ଝାରପୁର ବ୍ଲକକୁ ମଧ୍ୟ ଏନେଇ ଏକ ତାଲିକା ଆସିଛି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବିଶେଷ ଯେଉଁ ଚାଷୀଙ୍କର ଅଢ଼େଇ ଏକର ଚାଷ ଜମିଥିବ ସେମାନଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗୋଟିଏ ପକ୍ଷେ ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାରେ ଚାଷୀଙ୍କୁ ସୁବିଧା ହେଉଥିଲା ବେଳେ ଅନ୍ୟ ପକ୍ଷରେ ସେମାନଙ୍କ ରାସନ କାର୍ଡ କାଟିବାର ପ୍ରୟାସ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପିଏମ୍ କିଷାନ ଯୋଜନାରେ କେନ୍ଦ୍ର ସରକାର ବର୍ଷକୁ ମାତ୍ର ୬ ହଜାର ଟଙ୍କାର ସହାୟତା ଦେଇ ଚାଷୀଙ୍କ ମୁହଁରୁ ଆହାର ଛଡ଼ାଇ ନେବା ଯୋଜନା କରୁଥିବା ଚାଷୀମାନେ ସାଧାରଣରେ ଚର୍ଚ୍ଚା କରୁଛନ୍ତି।

ସୂଚନା ଅନୁଯାୟୀ ବିଞ୍ଝାରପୁର ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ମୋଟ ୧ଲକ୍ଷ ୪୧ହଜାର ୪୦୩ ରାସନକାର୍ଡ ହିତାଧିକାରୀ ଅଛନ୍ତି। ଏଥି ମଧ୍ୟରୁ ୧୮,୪୫୯ ଜଣ ହିତାଧିକାରୀଙ୍କର ରାସନ କାର୍ଡର ଚିହ୍ନଟ ପାଇଁ ତାଲିକା ଆସିଛି। ଏମାନଙ୍କ ମଧ୍ୟରୁ ୧୫,୭୨୮ ଜଣ ପିଏମ୍ କିଷାନ ଯୋଜନା ଏବଂ ୨,୭୩୧ ଜଣ ବାର୍ଷିକ ଆୟକର ଦାଖଲ କରୁଥିବା ଓ ଚାରିଚକିଆ ଯାନ ବ୍ୟବହାର କରିବା ସହ ଅନ୍ୟ ଅଯୋଗ୍ୟ ହିତାଧିକାରୀ ମାନଦଣ୍ଡ ଅନ୍ତର୍ଭୁକ୍ତ ରହିଛନ୍ତି ବୋଲି କେନ୍ଦ୍ର ତାଲିକା ପ୍ରଦାନ କରିବା ସହ ଏହି ସମସ୍ତ ହିତାଧିକାରୀଙ୍କ ଚିହ୍ନଟ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରିଣୀ ଆନିବେଶାନ୍ତ ସାହୁଙ୍କୁ ପଚରା ଯିବାରୁ ସେ କହିଛନ୍ତି ଯେ କେନ୍ଦ୍ର ସରକାର ଦେଇଥିବା ୧୮,୪୫୯ ଜଣ ହିତାଧିକାରୀଙ୍କ ରାସନ କାର୍ଡର ଯାଞ୍ଚ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ପଞ୍ଚାୟତର ପିଇଓ ଏବଂ ଏଡିଓ ମାନଙ୍କୁ ମିଳିତ ଯାଞ୍ଚ ପାଇଁ ତାଲିକା ପ୍ରଦାନ କରାଯାଇଛି। କିନ୍ତୁ ଯେଉଁ ହିତାଧିକାରୀମାନେ ପିଏମ୍ କିଷାନ ଯୋଜନା ପାଉଛନ୍ତି; ଯଦି ସେମାନେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ୯ ଗୋଟି ଅଯୋଗ୍ୟ ହିତାଧିକାରୀ ମାନଦଣ୍ଡ ଅନ୍ତର୍ଭୁକ୍ତ ହୋଇଥିବେ ସେମାନଙ୍କ ରାସନକାର୍ଡ କଟା ଯିବ ବୋଲି ଯୋଗାଣ ଅଧିକାରିଣୀ ଶ୍ରୀମତୀ ସାହୁ କହିଛନ୍ତି।

## ନରସିଂହ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଯାଜପୁର,୧୨।୧୧(ସମିସ): ଯାଜପୁର ଟାଉନ ଏନ୍‌ସି କଲେଜ ପରିସରରେ କଲେଜର ପ୍ରାଣ ପ୍ରତିଷ୍ଠାତା ଚୌଧୁରୀ ନରସିଂହ ଚରଣ ବଡ଼ପଣ୍ଡା ମହାପାତ୍ରଙ୍କ ଏକ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଭିତ୍ତିଭୂମି ପୂଜନ କାର୍ଯ୍ୟକ୍ରମରେ ବହୁ ବିଦ୍ୱାନ, ପୁରାତନ ଛାତ୍ରଛାତ୍ରୀ, ସମାଜସେବୀ ଉପସ୍ଥିତ ରହିଥିଲେ। କମିଟିର ଆବାହକ ପୂର୍ବତନ ସାଂସଦ ଅଞ୍ଚଳ ଦାସଙ୍କ ନେତୃତ୍ୱରେ ଅନୁଷ୍ଠାନର ସଭାପତି ଚୌଧୁରୀ ପ୍ରମିଳା ମହାପାତ୍ରଙ୍କ ଉପସ୍ଥିତିରେ ଭୂମିପୂଜନ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଶିକ୍ଷାବିତ ଦାମୋଦର ବେହେରା, ଉତ୍କଳ ସାମ୍ବାଦିକ ସଂଘ ସଭାପତି ହରିହର ସ୍ୱାଇଁ, କଲେଜ ପ୍ରାକ୍ତନ ସଭାପତି ପଦ୍ମାକର ଗୁରୁ, ମନୋରଞ୍ଜନ ଦାସ, ଚୌଧୁରୀ ସୀତାକାନ୍ତ ମହାପାତ୍ର, ଚୌଧୁରୀ ସଂଗ୍ରାମ ମହାପାତ୍ର, ଚୌଧୁରୀ ସସ୍ମିତା ମହାପାତ୍ର, ପ୍ରାକ୍ତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ପ୍ରାକ୍ତନ ପ୍ରଫେସର ବଟକୃଷ୍ଣ ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଜେନା, ସୁଦୀପ୍ତ କୁମାର କର, ମାନବାଧିକାର କର୍ମୀ ଅଭିଜିତ ଦୀକ୍ଷିତ, ଚୌଧୁରୀ ସାଇ ସ୍ୱରାଜ, ଅଧାପକ ପ୍ରଦୀପ କୁମାର ବେହୁରିଆ, ଦେବଦତ୍ତ ଦାସ,ସୁବାସ ତ୍ରିପାଠୀ, ଡ. ନିତ୍ୟାନନ୍ଦ ମିଶ୍ର, ଆଇନଜୀବୀ ସମରେନ୍ଦ୍ର ଦାସ, ନାରାୟଣ ସାମନ୍ତ, ଡ. ହରିଶ ଚନ୍ଦ୍ର ମିଶ୍ର, ଗୌରାଙ୍ଗ ବାରିକ, ଅକ୍ଷୟ କୁମାର ରାଉତ, ଆଦିତ୍ୟ କୁମାର ବଳ, ଡ. ରୁଦ୍ରନାରାୟଣ ପୃଷ୍ଟି, ହିମାଂଶୁ ଶେଖର ସାମଲ, ତପନ କୁମାର ସାହୁ, ବୃନ୍ଦାବନ ମିଶ୍ର, ବିଭୁତି ଭୂଷଣ ମହାପାତ୍ର, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ରବି ପ୍ରାସାଦ ସାମଲ, ଡ. ଗିରିଶ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତି ଓ ସହଯୋଗରେ ଏ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି।

## ମା' ତାରିଣୀଙ୍କ ଯଜ୍ଞ ଉଦ୍‌ଯାପିତ

ବରୀ,୧୨।୧୧(ସମିସ): ବରୀ ବ୍ଲକ ବାଲିଆ କଲେଜ ଛକରେ ୨୮ତମ ବାର୍ଷିକ ତାରିଣୀ ଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନୀତିନିୟମ ମୁତାବକ ପ୍ରଥମ ଦିନରେ ଅଙ୍କୁରା ରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଧେନୁ ପୂଜା, ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଦ୍ୱିତୀୟ ଓ ତୃତୀୟ ଦିନରେ ମଧ୍ୟ ତାରିଣୀ ପୀଠରେ ବିଶେଷ କରି ଯଜ୍ଞର ପୂର୍ଣ୍ଣାହୁତି ଦିବସରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ମାନେ ଦୀର୍ଘ ସମୟ ଧରି ଉପସ୍ଥିତ ରହି ମା' ତାରିଣୀଙ୍କ ପୂଜାର୍ଚ୍ଚନା ଦେଖିବା ବେଳେ ସେଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଉକ୍ତ ଯଜ୍ଞ କାର୍ଯ୍ୟରେ କମିଟିର ସଭାପତି ଅନାଦି ମଲିକ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ। ଏତତ୍ ବ୍ୟତୀତ ରୋଜା ଗ୍ରୁପ୍ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା।

## ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ

ସୁକିନ୍ଦା,୧୨।୧୧(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ବୁଧବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ତିନି ବଖରା ଘର ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶ୍ରୀରାମପୁର ଗ୍ରାମର ଗଗା ଦେଓଗାମଙ୍କ ଘରେ ମଙ୍ଗଳବାର ରାତିରେ ହଠାତ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେବାରୁ ସୁକିନ୍ଦା ଅଗ୍ନିଶ୍ରମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ତିନି ବଖରା ଘର ଓ ଘରେ ଥିବା ଲୁଗାପଟା, ଧାନ ଚାଉଳ ଓ ଆସବାବ ପତ୍ର ସଂପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା।ଏହି ପରିବାର ଏବେ ବାସହରା ହୋଇପଡିଛି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ ଆବାସ ଯୋଗାଇ ଦେବାକୁ ଦାବି ହେଉଛି।

## ରେଲୱେ ବ୍ରିଜ୍ ରାସ୍ତାରେ ଦୁର୍ଘଟଣା

ସୁକିନ୍ଦା,୧୨।୧୧(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ମାଧପୁର ପାଖ ରେଲୱେ ବ୍ରିଜ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ବନ୍ଧଗାଁ ପଞ୍ଚାୟତ ମାଣତିରା ଗ୍ରାମ ଜ୍ୟୋତିରଞ୍ଜନ ମହାନ୍ତ ବାଇକ ନେଇ ଘରକୁ ଫେରୁଥିବା ସମୟରେ ସୁକିନ୍ଦା ରେଲୱେ ଓଭରବ୍ରିଜ ନିକଟରେ କବାଟ ଗ୍ରାମ ସୁଶାନ୍ତ ମହନ୍ତଙ୍କ ସହ ଦୁର୍ଘଟଣା ଘଟିଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

### ଅବହେଳିତ ମଦନମୋହନଜୀଉ ମନ୍ଦିର

# ଜରାଜୀର୍ଣ୍ଣ ଅବସ୍ଥାରେ ଅତୀତର ମୁକସାକ୍ଷୀ



ଧର୍ମଶାଳା,୧୨।୧୧(ସମିସ): ଧର୍ମଶାଳା ବ୍ଲକ କାଏମାଠାରେ ଥିବା ବହୁ ପୁରାତନ ଐତିହାସିକ ମଦନମୋହନଜୀଉ ମନ୍ଦିର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ରାଜା ରାଜୁଡ଼ା ସମୟରୁ ଦୀର୍ଘ ଚାରି ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ପୂଜା ପାଇ ଆସୁଥିବା ମଦନମୋହନଜୀଉ ମନ୍ଦିରର ଛାତ କେଉଁଠି ଭାଙ୍ଗିଯାଇଛି ତ ଆଉ କେଉଁଠି କାନ୍ଥ ଫାଟି ଯାଇଛି। ମନ୍ଦିର ତଳ ମଧ୍ୟ ଭାଙ୍ଗି ରୁଜିଯାଇଛି। ମନ୍ଦିରର ସ୍ଥିତିକୁ ଦେଖି କିଛି ଜଣ ବିଦ୍ୱାନ ବ୍ୟକ୍ତିଙ୍କ ସହଯୋଗରେ କିଛିଟା ସୁଧାର ଆସିଥିବା ବେଳେ ଆବଶ୍ୟକୀୟ ଅର୍ଥ ଅଭାବରୁ ରୋଷଘର, ନାଟମଣ୍ଡପ, ସମ୍ମୁଖ ଗୃହ ଏବଂ ଅନୁଷଙ୍ଗିକ ଗୃହ ଗୁଡ଼ିକ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଯାହା ଫଳରେ ପୂଜାର୍ଚ୍ଚନା କରିବାରେ ଭକ୍ତ ଓ ଶ୍ରଦ୍ଧାଳୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ପାଶ୍ୱର୍ରେ ରହିଛି ଏକ ବିରାଟ ପୋଖରୀ। କିନ୍ତୁ ଦଳ, ଆବର୍ଜନାରେ ଭର୍ତ୍ତି ହୋଇ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି।

ଏହି ମନ୍ଦିର କାଏମା ଗ୍ରାମର ବହୁ ଐତିହାସିକ କୀର୍ତ୍ତି ବହନ କରେ। ଏଠାରେ ପାରମ୍ପରିକ ରୀତିନୀତିରେ କାହୁଁ କେଉଁ ବର୍ଷରୁ ଠାକୁରଙ୍କ ପୂଜା ଯଥାବିଧି ହୋଇଆସୁଛି। ପାଖାପାଖି ୬ ଏକର ମନ୍ଦିରର ଜାଗା ରହିଥିବା ବେଳେ ସେଥି ମଧ୍ୟରୁ ଅଳ୍ପ କିଛି ଗୁଣ୍ଠ ସ୍ଥାନରେ ମୁଖ୍ୟମନ୍ଦିର ରହିଛି। ଏଠାରେ ମୁଖ୍ୟତଃ ଶ୍ରୀରାଧାକୃଷ୍ଣ ଓ ଆଣ୍ଠୁଆ ଗୋପାଳ ପୂଜା ପାଉଛନ୍ତି। ମନ୍ଦିରର ଚତୁଃପାଶ୍ୱର୍ରେ ମା' ସରସ୍ୱତୀ, ଶ୍ରୀ ଗଣେଶ, ଶ୍ରୀହନୁମାନଜୀ, ନୃସିଂହ, ବରାହ, ବାମନ ସମେତ ଦଶବତାରଙ୍କୁ ପ୍ରତ୍ୟେକ ଦିନ ପୂଜା କରାଯାଇଥାଏ। ମନ୍ଦିରର ନିତିକ୍ରାନ୍ତି ପାଇଁ ଜଣେ ପୂଜକ ନିୟୋଜିତ ଅଛନ୍ତି। ପ୍ରତ୍ୟେକ ଦିନ ମଙ୍ଗଳଆଳତୀ, ବାଳ ଭୋଗ, କ୍ଷୀରି ଭୋଗ ଓ ଦୁଇ ଥର ଅନ୍ନପ୍ରସାଦ ଭୋଗ ନୀତି ହୁଏ। ଏତଦ ବ୍ୟତୀତ ବର୍ଷର ବିଭିନ୍ନ ସମୟରେ ଠାକୁରଙ୍କ ପର୍ବପର୍ବାଣୀ ମଧ୍ୟରେ ହୋଲି, ମେଲଣ, ଝୁଲଣ, ରାମନବମୀ, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଚାଚିରି, ଚନ୍ଦନ ଯାତ୍ରା, ରାହାସ ଉତ୍ସବ, ଲାଖ ବିନ୍ଧା, ନୃସିଂହ ଜନ୍ମ, ବାମନ ଜନ୍ମ, ଭାଗବତ ଜନ୍ମ, ଗୀତା ଜୟନ୍ତୀ ଓ ହନୁମାନ ଜୟନ୍ତୀ ଆଦି ପାଳିତ ହୁଏ। ମାତ୍ର ସମୟକ୍ରମେ ମନ୍ଦିରଟି ଭଗ୍ନ ତଥା ଜରାଜୀର୍ଣ୍ଣ ଅବସ୍ଥାକୁ ମଧ୍ୟ ଗତି କରୁଛି। କିଛି ବଦାନ୍ୟଶୀଳ ବ୍ୟକ୍ତି ସହଯୋଗର ହାତ ବଢ଼ାଇଥିବା ବେଳେ ମାତ୍ର ଏହା ସମ୍ପୂର୍ଣ୍ଣହୋଇ ପାରି ନାହିଁ। ଅର୍ଥ ଅଭାବରୁ ପୁନଃରୁଦ୍ଧାର କାର୍ଯ୍ୟ ଅସମ୍ପୂର୍ଣ୍ଣ ପଡ଼ି ରହିଛି। ଶହେ ବର୍ଷରୁ ଅଧିକ ଦିନର ବିଭିନ୍ନ ପୂଜା ମଣ୍ଡପକୁ ସରକାର ସହାୟତା ଘୋଷଣା କରିଥିଲେ ସୁଦ୍ଧା ଏହି ମନ୍ଦିରକୁ ଅଣଦେଖା କରାଯାଇଛି। ଦୀର୍ଘ ବର୍ଷର ଆମ ସଂସ୍କୃତି ପରମ୍ପରା ଓ ଐତିହ୍ୟ ସମ୍ପନ୍ନ ମନ୍ଦିରର ଉନ୍ନତି କରଣ ଦିଗରେ ସରକାର ଦୃଷ୍ଟି ଦେବାକୁ ସ୍ଥାନୀୟ ମୁରବୀ ଓ ଆଧ୍ୟାତ୍ମିକବାଦୀମାନେ ଦାବି କରିଛନ୍ତି।

## ଶିକ୍ଷକ ସଂଘର ଆଲୋଚନାଚକ୍ର

ସୁକିନ୍ଦା,୧୨।୧୧(ସମିସ): ସୁକିନ୍ଦା ବ୍ଲକ କନିଷ୍ଠ ଶିକ୍ଷକ ସଂଘର ବନ୍ଧୁମିଳନ ଦୟଓ ଆଲୋଚନାଚକ୍ର ଡୁବୁରୀ ସ୍ଥିତ କପିଳେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ସଭାପତି ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଏବଂ ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଧର ଓଝା, କୋଷାଧ୍ୟକ୍ଷ ବିଶ୍ୱେଶ୍ୱର ପହି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁକିନ୍ଦା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ସଭାପତି ସଞ୍ଜୟ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିଲେ। ସୁକିନ୍ଦାରେ ହେବାକୁ ଥିବା ଚତୁର୍ଥ ଜିଲ୍ଲାସ୍ତରୀୟ ସଭା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ପ୍ରତି ନିଜ ନିଜର ଦାୟିତ୍ୱବୋଧ ନେଇ ଆଗ୍ରହ ପ୍ରଦର୍ଶନ କରିବା ସହ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ତଥା ସମାଜର ମଙ୍ଗଳ ସାଧନ କରିବା ବିଷୟରେ ମୂଲ୍ୟବାନ ମତାମତ ଦେଇଥିଲେ। ସଂଘ ପକ୍ଷରୁ ସୁବନ୍ଧିତା ଘଡ଼ାଇ, ସରୋଜ କାନ୍ତ ବେଜ, ଦେବିଦତ୍ତ ସ୍ୱାଇଁ, ବୈଶାଳୀ ବେହେରା, ନୀଳମଣି ବେହେରା, ପ୍ରତ୍ୟୁଷ ରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ସହଯୋଗ କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ସିଂହପୁର/ପ୍ରୀତିପୁର,୧୨।୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛନ୍ଦାମୁଣ୍ଡ ଗ୍ରାମର ଆଦର୍ଶ ଶିକ୍ଷକ ନରହରି ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଓ ଜ୍ଞାନକଳ୍ପ ଗୁରୁଜୀ ନରହରି ନାମକ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀନବନ୍ଧୁ ସାହୁ ଓ ଶ୍ରୀକାନ୍ତ ଘଡ଼ାଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ଆଟୋଇ, ମୁଖ୍ୟବକ୍ତା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ କୈଳାସ ଚନ୍ଦ୍ର ନାୟକ, ସମାଜସେବୀ ପଦ୍ମାକର ଗୁରୁ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଦାସ, ମେଘନାଥ ମହାଳିକ, ଅଶୋକ ଦାସ, ସଚ୍ଚିଦାନନ୍ଦ ଗୁରୁ, ଧରଣୀଧର ବେହେରା, ନିତ୍ୟାନନ୍ଦ ପରିଡ଼ା, ସ୍ୱାତୀପ୍ରଜ୍ଞା ଦାସ, ବାଙ୍ଗରା ସରପଞ୍ଚ ଜ୍ଞାନରଞ୍ଜନ ଜେନା, ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର, କଲ୍ୟାଣ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରା, ବ୍ରହ୍ମାନନ୍ଦ ମଲ୍ଲିକ, ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ଅବସରପ୍ରାପ୍ତ ଶିକ୍ଷକ କୁଶ ଚରଣ ସାମଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବୃଦ୍ଧାଶ୍ରମରେ ପ୍ରଥମାଷ୍ଟମୀ




ପାଣିକୋଇଲି,୧୨।୧୧(ସମିସ): ପାଣିକୋଇଲିସ୍ଥିତ ଶେଷ ପରିଚୟ ବୃଦ୍ଧାଶ୍ରମରେ ପ୍ରଥମାଷ୍ଟମୀ ପାଳିଲେ ସମାଜସେବୀ। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିଦ ଭଗତସିଂହ ଯୁବକ ସଂଘ ପକ୍ଷରୁ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ସମସ୍ତ ଅନ୍ତେବାସୀଙ୍କୁ ନୂତନ ପୋଷାକ ପରିଧାନ କରାଇଥିଲେ। ଅନ୍ତେବାସୀମାନଙ୍କୁ ପ୍ରଥମାଷ୍ଟମୀର ଶୁଭେଚ୍ଛା ସହ ସେମାନଙ୍କ ମନରେ ଖୁସି ଭରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହେମନ୍ତ କୁମାର ଧିର, ଅଶୋକ କୁମାର ଦାସ, ପ୍ରଦୀପ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

## ଉଦ୍‌ଯାପିତ ହେଲା ଶ୍ରୀଚୈତନ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



କବାଟବନ୍ଧ,୧୨।୧୧(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନସ୍ଥ ଦଇପୁର ଖେଳପଡିଆଠାରେ ୨୬ତମ ଶ୍ରୀଚୈତନ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ କାଏମା କ୍ରିକେଟ କ୍ଲବ ଏବଂ ସୁଙ୍ଗୁଡ଼ା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସୁଙ୍ଗୁଡା ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ୍ କରି ନିର୍ଦ୍ଧାରିତ ୧୮ ଓଭର୍‌ରେ ୧୫୪ ରନ କରିଥିଲା। ଜବାବରେ କାଏମା ୧୮ ଓଭର୍ ଶେଷ ସୁଦ୍ଧା ମାତ୍ର ୧୩୨ ରନ୍ କରି ପରାଜୟ ବରଣ କରିଥିଲା। ଏହି ମ୍ୟାଚକୁ ଅମ୍ପାୟାର ବସନ୍ତ ପ୍ରଧାନ ଏବଂ ତ୍ରିଲୋଚନ ସ୍ୱାଇଁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ସୀତାଂଶୁ ଶେଖର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିବା ସହିତ ଉତ୍ସାହିତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଦଇପୁର ଗ୍ରାମର ପୂର୍ବତନ ଡାକ ଅଧିକାରୀ କାହ୍ନୁ ଚରଣ ଖଟୁଆ, ଗ୍ରାମର ମୁଖିଆ ପିତବାସ ସାହୁ, ଶୀବସ୍ମ ଧୀର୍, ସନ୍ଦୀପ୍ ଜେନା, ରଞ୍ଜିତ୍ ଦୋରା ଓ ପ୍ରଭାକର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆୟୋଜକ ଟିମ ଶ୍ରୀଚୈତନ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ଦିବ୍ୟାଙ୍ଗଙ୍କୁ ମିଳୁନି ଟ୍ରାଇସାଇକଲ୍

# ବ୍ଲକ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ନୀଳମଣି



ଦାନଗଦି,୧୨।୧୧ (ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ମାଳ ମାଳ ଯୋଜନା କରିଛନ୍ତି। ହେଲେ ସରକାରଙ୍କ ଯୋଜନା ଠିକ୍ ଭାବେ ସେମାନଙ୍କ ପାଖରେ ପହଁଞ୍ଚି ପାରୁନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି ଦାନଗଦି ବ୍ଲକରେ। ଦିବ୍ୟାଙ୍ଗମାନଙ୍କୁ ସରକାରୀ ସୁବିଧା ଠିକ୍ ଭାବେ ମିଳୁ ନ ଥିବା ଅଭିଯୋଗ ଆସିଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ମାଣତିରା ପଞ୍ଚାୟତ ଅନ୍ତର୍ଗତ ଦଶମାଣିଆ ଗ୍ରାମର ୪୦ ବର୍ଷିୟ ନୀଳମଣି ପାତ୍ର ଏମିତି ଜଣେ ଦିବ୍ୟାଙ୍ଗ ଯିଏ ବର୍ଷ ବର୍ଷ ଧରି ଗୋଟିଏ ତିନିଚକିଆ ସାଇକଲ ପାଇବା ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ସାଇକଲ ଖଣ୍ଡେ ଯୋଗେଇ ଦେବାରେ ବ୍ଲକ ପ୍ରଶାସନ ବିଫଳ ହୋଇଛି । ଆଜି ଆସ କାଲି ଆସ କହି ଅଧିକାରୀମାନେ ଭଣ୍ଡେଇ ଚାଲିଛନ୍ତି। ନୀଳମଣିଙ୍କ ପରିବାର କହିଲେ ବୃଦ୍ଧ ଆଇ ମା' ଓ ସ୍ୱାମୀ ପରିତ୍ୟକ୍ତ ଜଣେ ସାନ ଭଉଣୀ। ତିନିଜଣ ମିଶି ଗୋଟିଏ ଜରାଜୀର୍ଣ୍ଣ ଘରେ ଅସହାୟ ଜୀବନ ଅତିବାହିତ କରୁଛନ୍ତି। ଦୁଇ ପାଦ ଅସକ୍ଷମ ହେବାରୁ ନୀଳମଣି ଚାଲିପାରନ୍ତିନାହିଁ। ଟ୍ରାଇ ସାଇକଲ ଖଣ୍ଡେ ପାଇଲେ ନିଜେ ନିଜ କାମ କରିବା ସହିତ ପରିବାର ଲୋକଙ୍କୁ ସାହାଯ୍ୟ କରିପାରନ୍ତା ବୋଲି ଦୁଃଖର ସହ କହିଛନ୍ତି ନୀଳମଣି। କିନ୍ତୁ ଆଶା ଆଶାରେ ରହିଯାଇଛି। ବହୁବାର ବ୍ଲକ ବିଡିଓଙ୍କ ପାଖକୁ ସାଇକଲ ଖଣ୍ଡିଏ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ନୀଳମଣି। ବିଡିଓଙ୍କୁ ବହୁବାର ଦେଖା କରିଥିଲେ ମଧ୍ୟ ଖାଲି ମିଥ୍ୟା ଆଶ୍ୱାସନା ପାଇ ଫେରିଯାଉଛନ୍ତି ନୀଳମଣି। ହେଇ ମିଳିବ ମିଳିବ ବୋଲି କହି ଚାଲିଛି ବ୍ଲକ ପ୍ରଶାସନ। ତେବେ ତାଙ୍କ ପ୍ରତି ଏଭଳି ଅବହେଳା ତାଙ୍କ ଜୀବନକୁ ଅଧିକ କଷ୍ଟମୟ ଦେଉଛି। ପେଟ ପାଇଁ ଗାଁ ମାନଙ୍କରେ ବୁଲି ବୁଲି ମାଗିବାକୁ ବାଧ୍ୟ ହେଉଛନ୍ତି। ସବୁ ଦିନ ଯାହା ମିଳେ ସେଥିରେ ତିନିଜଣଙ୍କ ପେଟ ପୂରିବା ସମ୍ଭବ ହୁଏନାହିଁ, କିନ୍ତୁ ତାଙ୍କ କଥା କେହି ଶୁଣୁନାହାଁନ୍ତି। ଅଯୋଗ୍ୟ ଲୋକଙ୍କୁ ସାହାଯ୍ୟ ମିଳୁଛି କିନ୍ତୁ ଯୋଗ୍ୟ ଲୋକ ସରକାରୀ ସୁବିଧା ପାଇପାରୁନାହିଁ। ତୁରନ୍ତ ନୀଳମଣୀଙ୍କୁ ଜିଲ୍ଲା ପ୍ରଶାସନ ତିନିଚକିଆ ଟ୍ରାଇ ସାଇକଲ ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଏବିଭିପି ପକ୍ଷରୁ କିଶୋରନଗରରେ ନଗର ସମ୍ମିଳନୀ




**କିଶୋରନଗର,୧୨।୧୧(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଅନୁଗୋଳ ଜିଲ୍ଲା କିଶୋରନଗର ନଗର ଶାଖାର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ରୂପେ କିଶୋରନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ଦାସ, ମୁଖ୍ୟବକ୍ତା ରୂପେ ଗୌରବ ଥାଟି ଯୋଗଦେଇ ସଙ୍ଘର ପଞ୍ଚ ପରିବର୍ତ୍ତନ ବିଷୟରେ କହିଥିଲେ। ଅନୁଗୋଳ ଜିଲ୍ଲା ସଂଯୋଜକ ଉମେଶ ବାଘ ସଂଗଠନର ଲକ୍ଷ୍ୟ, ଆଦର୍ଶ, ଏବଂ କ୍ୟାମ୍ପସର କାର୍ଯ୍ୟ ବିଷୟରେ ଆଲୋକପାତ କରିବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପୁରୁଣା ଟିମକୁ ଭଙ୍ଗକରି ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନଗର ସଭାପତି ଜୟକୃଷ୍ଣ ପ୍ରଧାନ, ସମ୍ପାଦକ ଧବଳେଶ୍ୱର ବେହେରା, ସହସମ୍ପାଦକ ସାଗର ସାହୁ, ଯଶୋବନ୍ତ ନାଏକ, ଆକାଶ ସାହୁଙ୍କ ସମେତ ଷ୍ଟୁଡେଣ୍ଟ ଫର ଡେଭଲପମେଣ୍ଟ ପାଇଁ ଅଙ୍କିତ ନାଏକ, ଷ୍ଟୁଡେଣ୍ଟ ଫର ସେବା ରୁଦ୍ରନାରାୟଣ ଭୋଇ, ରାଷ୍ଟ୍ରୀୟ କଳା ମଞ୍ଚ ଅଙ୍କିତ ପ୍ରଧାନ, ଖେଳ ଭାରତ ମିଡିଆ ସାହିଲ ପ୍ରଧାନ, ସୋସିଆଲ ମିଡିଆ ଯଶୋବନ୍ତ ନାଏକ, ଛାତ୍ରୀ ପ୍ରମୁଖ ତୃପ୍ତିମୟୀ ପ୍ରଧାନ, ଅର୍ପିତା ନାୟକ ପ୍ରମୁଖ ୩୦ ଜଣିଆ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ଅସିତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ୧୪ରୁ ଅନୁଗୋଳରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

**ଅନୁଗୋଳ,୧୨।୧୧(ସମିସ):**




ସ୍ଥାନୀୟ ବିଜୁ ମୈଦାନରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍ ଓ ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ ସହାୟତାରେ ପ୍ରଥମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହି ମଲ୍ଟି ସେକ୍ଟର ବି ୨ବି ଏବଂ ବି ୨ସି ପ୍ରଦର୍ଶନୀ ପୂର୍ବରୁ ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁରରେ ଆୟୋଜିତ ହୋଇ ଖୁବ୍ ପ୍ରଶଂସା ସାଉଁଟିବା ସହ ଏକ ମାଇଲଖୁଣ୍ଟ ଇଭେଣ୍ଟ ଭାବେ ଉଭା ହୋଇଛି। ଆୟୋଜିତ ଇଭେଣ୍ଟଗୁଡ଼ିକରେ ୨୨ଟି ରାଜ୍ୟ ଏବଂ ଓ ୮ଟି ଦେଶରୁ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଡିଜାଇନ୍ ହୋଇଥିବା ଆଉଟଲେଟଗୁଡ଼ିକ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନାରେ ଅନ୍ତର୍ଭୁକ୍ତ। ଏହି ମେଳାରେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଆଦି ଉତ୍ପାଦ ସହ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ସ ପରିଦର୍ଶକମାନେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟଅପ୍, ଉତ୍ପାଦନ, ବ୍ୟାଙ୍କିଙ୍ଗ୍, ନିର୍ମାଣ ସାମଗ୍ରୀ, ଆସବାବପତ୍ର, ଆଭ୍ୟନ୍ତରୀଣ ଡିଜାଇନ୍, ହୋମ ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, କଶ୍ମୀରୀ ଫର୍ଣ୍ଣିଚର୍, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ସ୍ଥାନ ପାଇବ। ବିସ୍ତୃତ ଉତ୍ପାଦ ପ୍ରଦର୍ଶନୀ ସହ ଉପସ୍ଥିତ ଲୋକେ ଖାଦ୍ୟ ଜୋନ୍‌ରେ ଉପଲବ୍ଧ ବିଭିନ୍ନ ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ମଧ୍ୟ ପାଇପାରିବେ। ସେହିଭଳି ଇଭେଣ୍ଟରେ ଦର୍ଶକମାନେ ରହସ୍ୟମୟ ଜଳପରୀର ମଜା ନେଇପାରିବେ। ଆସନ୍ତା ୧୪ ତାରିଖରେ ଇଭେଣ୍ଟର ଉଦଘାଟନ ହେବାକୁ ଥିବା ବେଳେ ଏହା ୧୧ ଦିନ ଧରି ଚାଲିବ। ଅନୁଗୋଳ ସହର ସମେତ ତାଳଚେର, ଜିଲ୍ଲା ଓ ସମଗ୍ର ମଧ୍ୟ ଓଡ଼ିଶାରୁ ପ୍ରାୟ ୧ ଲକ୍ଷ ଦର୍ଶକ ଇଭେଣ୍ଟର ଭରପୂର ଲାଭ ଉଠାଇବା ସହ ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରୁ ସୁଲଭ ମୂଲ୍ୟରେ ପାଇପାରିବ ବୋଲି ମେଳା ସଂଯୋଜକ ପର୍ଶୁରାମ ଦାଶ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା, ଆପେଲ୍ ସାଇନ୍‌ର ନିର୍ଦ୍ଦେଶକ ଦୀନେଶ ଭୋଳ ଓ ମେଳା ସହ ସଂଯୋଜକ ଜୟନ୍ତ କର ଉପସ୍ଥିତ ଥିଲେ।

# ପାଠପଢ଼ା ପାଇଁ ବାଧକ ସାଜିଛି ଶ୍ରେଣୀଗୃହ



**କିଶୋରନଗର,୧୨।୧୧(ସମିସ):** କିଶୋରନଗର ବ୍ଲକ ଫୁଲଝରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭୦ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଚାରିଜଣ ଶିକ୍ଷକ ଅଛନ୍ତି। କିନ୍ତୁ ପାଠପଢ଼ାରେ ଶ୍ରେଣୀଗୃହ ବାଧକ ସାଜିଛି। ୯ ଶ୍ରେଣୀର ଛାତ୍ରଛାତ୍ରୀ ଦୁଇଟି କୋଠରିରେ ପାଠ ପଢୁଛନ୍ତି। ଶିଶୁବାଟିକାଠାରୁ ଷଷ୍ଠ ଶ୍ରେଣୀ ଯାଏଁ ଗୋଟିଏ କୋଠରିରେ ପଢୁଥିବା ବେଳେ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟର ଅଧା ଅଫିସ କାମ ଚାଲିଥିଲା ବେଳେ ଆଉ ଅଧା କୋଠରିରେ ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲା ବସୁଛନ୍ତି। ସରକାର ଶିକ୍ଷା ଭିତ୍ତିଭୂମି ସଜାଡ଼ି ଶିକ୍ଷାର ବିକାଶ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ଫୁଲଝରି ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଗ୍ରାମବାସୀ ଓ ପ୍ରଧାନଶିକ୍ଷକ ଉପରିସ୍ଥ ଅଧିକାରୀ, ସ୍ଥାନୀୟ ବିଧାୟକ, ବିଡିଓ, ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରା ଦାବି ହେଉଛି।

# ଦିବଂଗତ କଳାକାରଙ୍କ ପରିବାରକୁ ସହାୟତା ପ୍ରଦାନ

**କଣିହାଁ,୧୨।୧୧(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ଖଜୁରିଆ ଗ୍ରାମର ସଂକୀର୍ତ୍ତନ କଳାକାର କଲ୍ୟାଣ ବିଶ୍ୱାଳଙ୍କର କିଛିଦିନ ତଳେ ପରଲୋକ ହୋଇଥିଲା। ଏ ନେଇ ଜିଲ୍ଲା କଳାକାର ସାମ୍ମୁଖ୍ୟ ଅନୁଗୋଳ ସଭାପତି ଡ. ନବଘନ ସାମଲ ଜିଲ୍ଲା ଅତିରିକ୍ତ ଶ୍ରମ ଅଧିକାରୀ ବିପୁଳ ସୁନ୍ଦର ସାହୁଙ୍କୁ ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ କଳାସଂସ୍କୃତି ବିଭାଗ ଅନୁମୋଦନ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ଅକ୍ଟୋବର ୨୮ ତାରିଖ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏ ନେଇ ଜିଲ୍ଲାର କଳାକାରମାନେ ରାଜ୍ୟ ସରକାର, ଅନୁଗୋଳ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ, ଅତିରିକ୍ତ ଶ୍ରମ ଅଧିକାରୀ ଏବଂ କଳାକାର ସାମ୍ମୁଖ୍ୟ ଜିଲ୍ଲା ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପ୍ରତି କଳାକାରଙ୍କ ପରିବାର ସଦସ୍ୟ କିପରି ନିର୍ମାଣ ଶ୍ରମିକଙ୍କ ପରି ସମାନ ସୁବିଧା ପାଇବେ ସେ ଦିଗରେ ସରକାର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ୫ ବର୍ଷ ହେବ ସରୁନି ବ୍ରିଜ୍ କାମ





**ଅନୁଗୋଳ,୧୨।୧୧(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ମଣ୍ଡାମ ଗ୍ରାମକୁ ସଂଯୋଗୀକରଣ ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ମଣ୍ଡାମ ନାଳ ନିକଟରେ ଏକ ବ୍ରିଜ ନିର୍ମାଣ କରାଯାଉଛି। ଏହି ବ୍ରିଜ କାମ ୫ ବର୍ଷ ହେବ ଚାଲୁଥିଲେ ମଧ୍ୟ ସରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଥର ଗତିରେ କାମ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବୁଧବାର ନାକିଚି ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ମଣ୍ଡାମ ନାଳ ଉପରେ ଥିବା ପୁରୁଣା ଛୋଟ ପୋଲରେ ସାମନ୍ୟ ବର୍ଷା ହେଲେ ୨ ଫୁଟ ଉଚ୍ଚ ପାଣି ଚାଲୁଛି। ଫଳରେ ବର୍ଷାଋତୁରେ ଲୋକେ ଯାତାୟାତରେ ବହୁ ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର

**■ ନିମ୍ନମାନର କାର୍ଯ୍ୟ ଅଭିଯୋଗ**
**■ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

ଉକ୍ତ ସ୍ଥାନରେ ଏକ ଉଚ୍ଚସ୍ତରୀୟ ବ୍ରିଜ ନିର୍ମାଣ ପାଇଁ ୬ କୋଟି ଟଙ୍କା ମଞ୍ଜୁର କରିଥିଲେ। ବ୍ରିଜ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୨୦ ଜାନୁଆରୀ ୧୦ରେ ଶିଳାନ୍ୟାସ କରାଯାଇ କାମ ଆରମ୍ଭ ହୋଇଥିଲା। ହେଲେ ୫ ବର୍ଷ ବିତି ଯାଇଥିଲେ ମଧ୍ୟ କାମ ସରିପାରୁନାହିଁ। ଏଥିସହ ଅତି ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ଅଧିକାରୀ ଓ ଠିକାସଂସ୍ଥାର ମଧୁଚନ୍ଦ୍ରିକା ଯୋଗୁଁ ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ବେଳେ ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ବ୍ରିଜରେ ଆବଶ୍ୟକ ରଡ୍ ଲାଗି ନାହିଁ। ଏ ପରିକି ବ୍ରିଜର ଉଭୟ ପାଶ୍ୱର୍ରେ ରାସ୍ତା ନିର୍ମାଣ ହେଉ ନାହିଁ। ଏହି ବ୍ରିଜ ଉପରେ ମଣ୍ଡାମ, କମରେଇ, କାକରପାଣି ଗ୍ରାମବାସୀ ନିର୍ଭର କରୁଛନ୍ତି। କାମ ସରୁ ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି। ଏହି ବ୍ରିଜ କାମର ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ



**ଅନୁଗୋଳ,୧୨।୧୧(ସମିସ):** ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ବୁଧବାର ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତ ନନ୍ଦପୁର ଗ୍ରାମକୁ ଯାଇ ହାତୀ ଆକ୍ରମଣରେ ମୃତ ଗ୍ରାମର ନିନୁ ସାହୁଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ସମବେଦନା ଜଣାଇଛନ୍ତି। ଏଥିସହ ଅନୁଗୋଳ ଡିଏଫଓ ନୀତୀଶ କୁମାରଙ୍କ ସହ କଥା ହୋଇ ନିନୁଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ତଥା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିନୁଙ୍କ ଭଉଣୀଙ୍କୁ କୌଣସି ଦପ୍ତରରେ ଠିକା ନିଯୁକ୍ତି ହେଉ ବା କୌଣସି ଯୋଜନାରେ ନିଯୁକ୍ତି ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟଜନ୍ତୁ ଆକ୍ରମଣରେ ଦିନକୁ ଦିନ ମୃତାହତ ସଂଖ୍ୟା ବଢୁଥିବା ବେଳେ ଏହାକୁ କିପରି ରୋକାଯାଇ ପାରିବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଅଞ୍ଚଳବାସୀ ଆଲୋକୀକରଣ କରିବା ପାଇଁ ଦାବି କରିଆସୁଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବାକୁ ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହିଡ଼ସିଂ ପ୍ରକଳ୍ପ କିପରି ତ୍ୱରାନ୍ୱିତ ହେବ ଏବଂ ସେଥିପାଇଁ ଜଙ୍ଗଲ ଏବଂ ପରିବେଶ ବିଭାଗ ଅନୁମତି ପାଇଁ ଆସିଥିବା ବୈଷୟିକ କମିଟିର ମଞ୍ଜୁରୀ ମିଳିପାରିବ ସେ ବାବଦରେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀଙ୍କ ସହ ଆଲୋଚନା ନିମନ୍ତେ ଅଞ୍ଚଳର ବୁଦ୍ଧିଜୀବୀ ସାଂସଦଙ୍କୁ ଅନୁରୋଧ କରିଥିଲେ। ଏ ଦିଗରେ ସଂସଦର ଆଗାମୀ ଶୀତକାଳୀନ ଅଧିବେଶନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାହା ଖୁବଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିବେ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସାଂସଦଙ୍କ ସହ ତାଙ୍କ ଅନୁଗୋଳ ବ୍ଲକ ପ୍ରତିନିଧି ପ୍ରଭାତ ପ୍ରଧାନ, ନନ୍ଦପୁର ସରପଞ୍ଚ ଜଗବନ୍ଧୁ ସାହୁ, ସମିତି ସଭ୍ୟା ସୀତା ନାୟକ, ବିଜେପି କୃଷକମୋର୍ଚ୍ଚା ନେତା ସରୋଜ ଜେନା, ସମାଜସେବୀ ତ୍ରିନାଥ ସାହୁ, ଦିଲୀପ ମାଝୀ, ମଣ୍ଡଳ ସଭାପତି ସୁଲଭ ଦେହୁରୀ, ମହେଶ୍ୱର ସାହୁ, ମିଟୁ ଦେହୁରୀ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଘୋଡ଼ାବାନ୍ଧୁଣି ଜଙ୍ଗଲରୁ ଶତାଧିକ ଗଛ କାଟିଦେଲେ

## ● ବନ ବିଭାଗ ନିରବ

**ବଇଣ୍ଡା,୧୨।୧୧(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ୍‌ରେ ଏବେ ଜଙ୍ଗଲ ଅସୁରକ୍ଷିତ ହୋଇପଡ଼ିଛି। ଜଙ୍ଗଲରୁ ଅବାଧରେ ଗଛ କଟାଯାଉଥିଲେ ମଧ୍ୟ ବନ ବିଭାଗର ନିରବତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାରଠାରୁ ସାନହୁଲା ପଞ୍ଚାୟତ ଘୋଡ଼ାବାନ୍ଧୁଣି ଗ୍ରାମ ଜଙ୍ଗଲରୁ ଶତାଧିକ ଗଛ କାଟି ଦିଆଯାଇଛି। ଏ ନେଇ ସାନହୁଲା ଅଞ୍ଚଳବାସୀ ବୁଧବାର ଆଠମଲ୍ଲିକ ଡିଏଫଓଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଘୋଡ଼ାବାନ୍ଧୁଣି ଜଙ୍ଗଲରେ ସରକାରଙ୍କ ପକ୍ଷରୁ ୧୯୯୭ରେ ୬୭୮୯ ଶାଗୁଆନ, ଶିଶୁ, ଶାଳ ଆଦି ବୃକ୍ଷଚାରା ରୋପଣ କରାଯାଇଥିଲା। ସେହି ଗଛଗୁଡ଼ିକ ଏବେ ବଡ଼ ହୋଇଗଲାଣି। ଗଛଗୁଡ଼ିକ ଯୋଗୁଁ ଜଙ୍ଗଲ ଘଞ୍ଚ ହୋଇଯାଇଥିବା ବେଳେ ଏହା ଉପରେ ଏବେ କାଠ ମାଫିଆଙ୍କ ନଜର ପଡ଼ିଛି। ଗଛଗୁଡ଼ିକୁ କିଛିଦିନ ହେବ କଟର ମେସିନ ସାହାଯ୍ୟରେ କାଟି ଦିଆଯାଉଛି। ଧଣ୍ଡାତୋପା ବନ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନ ଥିବା ବେଳେ କିଛି ବ୍ୟକ୍ତି ତଥା କାଠଚୋର ଅବାଧରେ ଗଛ କାଟି ଚାଲିଛନ୍ତି। ୨ଶହରୁ ଊର୍ଦ୍ଧ୍ୱ ଗଛ କାଟି ଦିଆଯାଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ



କୌଣସି ପଦକ୍ଷେପ ନିଆଯାଉନାହିଁ। ଜଙ୍ଗଲରେ ବନ ବିଭାଗ ପକ୍ଷରୁ ରାତ୍ରି ପାଟ୍ରୋଲିଂ କରାଯାଉ ନ ଥିବାରୁ ମାଫିଆମାନେ ନିର୍ଭୟରେ ଗଛ କାଟୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେଇ ଜଙ୍ଗଲକୁ ସୁରକ୍ଷା ଦେବାକୁ ଦାବି କରିଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ବଭ୍ରୁବାହାନ ସାହୁ କୁହନ୍ତି ଘୋଡ଼ାବାନ୍ଧୁଣି ଜଙ୍ଗଲ କାଟିବା ପାଇଁ କାହାକୁ ଅନୁମତି ଦିଆଯାଇ ନାହିଁ। ଗଛକଟା ସମ୍ପର୍କରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ୮ ଦଫା ଦାବି ନେଇ କର୍ମଚାରୀଙ୍କ ଧାରଣା



**ତାଳଚେର,୧୨।୧୧(ସମିସ):** ୮ ଦଫା ଦାବି ନେଇ ତାଳଚେର ଲିଙ୍ଗରାଜ କୋଇଲା ଖଣି ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏଚ୍‌ଏମ୍‌ଏସ୍ ଶ୍ରମିକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଲିଙ୍ଗରାଜ କୋଇଲା ଖଣି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। କର୍ମଚାରୀଙ୍କୁ ଉପଯୁକ୍ତ କ୍ୱାର୍ଟର୍ସ ପ୍ରଦାନ କରାଯାଉ ନାହିଁ। ଯେଉଁ କର୍ମଚାରୀଙ୍କୁ କ୍ୱାର୍ଟର୍ସ ମିଳିଛି ତାହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଏଥିସହ ସମସ୍ତ କଲୋନୀରେ ସିସିଟିଭି ଲଗାଇବା ଓ ଏମସିଏଲ୍ ହସ୍ପିଟାଲରେ କର୍ମଚାରୀଙ୍କୁ ସମସ୍ତ ପ୍ରକାର ଔଷଧ, ମେଡିକାଲ ସୁବିଧା ଯୋଗାଇଦେବା, ଯେଉଁ କର୍ମଚାରୀ ଅନେକ ଦିନ ଧରି ଗୋଟିଏ ଗ୍ରେଡ୍‌ରେ କାମ କରୁଛନ୍ତି ସେମାନଙ୍କୁ ପ୍ରୋନ୍ନତି ଦେବା, ଶ୍ରମିକ ସୁରକ୍ଷା ପ୍ରତି ଧ୍ୟାନ ଦେବା, ପିଇବା ପାଣିର ସୁବିଧା, ଦେଉଳ କଲୋନୀ ଓ ଲିଙ୍ଗରାଜ କଲୋନିରେ ଜବରଦଖଲରେ ଥିବା କ୍ୱାର୍ଟର୍ସ ଓ ଜମି ମାଫିଆଙ୍କ କବ୍‌ଜାରେ ଥିବାରୁ ଚୋରି ରାହାଜାନି ଘଟୁଛି, ଫଳରେ କଲୋନୀବାସୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି, ଏଣୁ ଏହାକୁ ତୁରନ୍ତ ଉଚ୍ଛେଦ କରିବାକୁ ଶ୍ରମିକମାନେ ଦାବି କରିଥିଲେ। ସମସ୍ତ ଦାବି ଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଖଣିବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଧାରଣାରେ ଏନ୍‌ଏସ୍‌ଏସ୍‌ର ସଙ୍ଗଠନ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ବାରିକ, କର୍ମଚାରୀ ଝରଣାମୟୀ ପ୍ରଧାନ, ଦୁଃଖୀ ସାହୁ, ଅମର ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# ବେଆଇନ ବାଲି ଟ୍ରାକ୍ଟର ଜବତ

**କଣିହାଁ,୧୨।୧୧(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ବଜ୍ରକୋଟ ନଦୀଘାଟରୁ ବେଆଇନ୍ ଭାବେ ବାଲି ଚାଲାଣ ବେଳେ ବୁଧବାର ପୁଲିସ ଚଢ଼ଉ କରି ଏକ ଟ୍ରାକ୍ଟର ଜବତ କରିଛି। ତେବେ ପୁଲିସକୁ ଦେଖି ଟ୍ରାକ୍ଟର ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଗାଡ଼ିର କାଗଜପତ୍ର ଯାଞ୍ଚ ବେଳେ ଇନ୍ସ୍ୟୁରାନ୍ସ ଓ ଫିଟିନେସ ସହ



ଅନ୍ୟାନ୍ୟ ଡକୁମେଣ୍ଟ କିଛି ନ ଥିବା ଥାନା ଆଇଆଇସି ଜୟନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି। କଣିହାଁ ଅଞ୍ଚଳରେ ଏଭଳି ଅନେକ ଟ୍ରାକ୍ଟର ବିନା କାଗଜପତ୍ରରେ ଚାଲୁଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗରିବ ନିରୀହ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କଠାରୁ ଜୁଲମ କରି ଟ୍ରାକ୍ଟର ମାଲିକମାନେ ଅଧିକ ଟଙ୍କା ଲୁଟ୍ କରୁଛନ୍ତି। ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**ଅନୁଗୋଳ,୧୨।୧୧(ସମିସ):** କରତପଟାସ୍ଥିତ ହାଡ଼ଗଡ଼ିଆଠାରେ ବୁଧବାର ବ୍ଲକସ୍ତରୀୟ ମତ୍ସ୍ୟ ଓପ୍ରାଣୀ ସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ପ୍ରଧାନ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ପ୍ରଧାନ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ଚାଷୀ ପ୍ରତିନିଧି ସରୋଜ କୁମାର ଜେନା, ନନ୍ଦପୁର ସରପଞ୍ଚ ଜଗବନ୍ଧୁ ସାହୁ, ନନ୍ଦପୁର ସମିତି ସଭ୍ୟା ସୀତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ ବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୮୦୦ରୁ ଅଧିକ ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାଣୀସମ୍ପଦ ବିକାଶ ବିଭାଗ, ମତ୍ସ୍ୟ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ, ଓମ୍‌ଫେଡ୍, ମିଶନଶକ୍ତି ଆଦି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ବନ୍ତଳା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବାଶିଷ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. କେଶବ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଏବେ ବ୍ରାହ୍ମଣୀରେ

**ତାଳଚେର,୧୨।୧୧(ସମିସ):**

ବିଗତ ବର୍ଷର ପ୍ରକୃତିଦତ୍ତ ସୌନ୍ଦର୍ଯ୍ୟମୟ ତାଳଚେର ଆଜି କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁରେ ପରିପୂର୍ଣ୍ଣ ହୋଇ ଏଠାକାର ମାଟି, ପାଣି, ପବନ ସବୁକିଛି ପ୍ରଦୂଷିତ ହେଲାଣି। ଏପରିକି ଏହି ବର୍ଜ୍ୟବସ୍ତୁ ତାଳଚେର ସହର ଦେଇ ବୋହି ଯାଇଥିବା

## ତାଳଚେରର ମାଟି, ପାଣି, ପବନ ପ୍ରଦୂଷିତ



ଚିରସ୍ରୋତା ବ୍ରାହ୍ମଣୀ ନଦୀରେ ପଡ଼ିବା ଯୋଗୁଁ ଏବେ ନଦୀର ଜଳ ଜହର ପାଲଟିଛି। ତାଳଚେର ଅଞ୍ଚଳରେ ୧୦ଟି ଖୋଲାମୁହଁ ପୋଖରିଆ ଖାଦାନ ରହିଥିବା ବେଳେ ସେହି ଅନୁପାତରେ ଭାରୀଯାନ ସହ ଛୋଟଯାନ ବୃଦ୍ଧି ପାଉଥିବାରୁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି। ଭାରତରେ ଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ଅଞ୍ଚଳ ଭାବେ ଗଣନା ହେଉଥିବା ବେଳେ ଓଡ଼ିଶା ମାଟିର ତାଳଚେର ବି ବାଦ୍ ପଡ଼ିନି। ତାଳଚେର ଅଞ୍ଚଳରେ ଯେଉଁ ମାତ୍ରାରେ ଜଙ୍ଗଲ ରହିଥିଲା, ଆଜି ତାହା ଆଉ ନାହିଁ। ବଣଜଙ୍ଗଲକୁ ସଫାକରି ସେଠାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗଢ଼ି ଉଠିଛି। ଜଙ୍ଗଲ ପଦା ହେବାପରେ ଏହି ସବୁଜବନ ଉପରେ ନିର୍ଭର କରୁଥିବା ପଶୁପକ୍ଷୀ ମଧ୍ୟ ଲୋପ ପାଉଥିବା ବେଳେ ଏଠାରେ ଖଣି ଓ କଳକାରଖାନା ଯୋଗୁଁ ଅଞ୍ଚଳରେ ଉତ୍ତାପ ବୃଦ୍ଧି ପାଇ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଏହି କମ୍ପାନୀ ଓ କଳକାରଖାନାରୁ ବିଭିନ୍ନ ମାଧ୍ୟମରେ ଉତ୍ପନ୍ନ ହେଉଥିବା ଧୂଳିଧୂଆଁ ବାୟୁମଣ୍ଡଳରେ ଘୂରିବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଲୋକେ ହୃଦରୋଗ, କିଡ୍‌ନୀ, ଯକ୍ଷ୍ମା, ଚର୍ମରୋଗ ସମେତ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ଦୁଃଖଦୁର୍ଦ୍ଦଶା ଭୋଗୁଛନ୍ତି। ଏହା ପ୍ରତି କାହାର ବି ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ ହୋଇଛି। ଅଞ୍ଚଳବାସୀ ସରଳ ଓ ନିଷ୍କପଟ ହୋଇଥିବାରୁ ଶାଗମାଛ ଦରରେ ଖଣିଖାଦାନ ପାଇଁ ନିଜ ଭିଟାମାଟି ଉତ୍ସର୍ଗ କରିଥିବା ବେଳେ ସେହି ପ୍ରକାରରେ ବିଶ୍ୱାସକରି ବିଧାନସଭା ହେଉ କି, ଲୋକସଭାକୁ ଲୋକପ୍ରତିନିଧି ମଧ୍ୟ ଚୟନ କରିଥାନ୍ତି। କିନ୍ତୁ ନିର୍ବାଚିତ ଜନ ପ୍ରତିନିଧିମାନେ ଅଞ୍ଚଳର ସମସ୍ୟା ପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ ସାଜିଛି। ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାର ପ୍ରତି ପ୍ରଶାସନ କିମ୍ବା ରାଜନେତାଙ୍କ ଦୃଷ୍ଟି ପଡୁନାହିଁ। ଏଠାରେ ସ୍ୱାଧୀନତା ପୂର୍ବରୁ ରେଳଷ୍ଟେସନ ଥିଲେ ମଧ୍ୟ ଏହି ଷ୍ଟେସନକୁ ସମସ୍ତ ଯାତ୍ରୀ ଟ୍ରେନ ଆସୁ ନ ଥିବାରୁ ଲୋକେ ଅଟୋରେ ୪ ଶହରୁ ୫ ଶହ ଟଙ୍କା ଖର୍ଚ୍ଚ କରି ଅନୁଗୋଳ ଜିଲ୍ଲା ଭୋଗବେରଣୀ ତାଳଚେର ରୋଡ୍ ଷ୍ଟେସନ ଯିବାକୁ ବାଧ୍ୟ ହେଉଛନ୍ତି। ଗୋଟିଏ ପଟେ ଦେଶର ବିକାଶରେ ତାଳଚେର ଅଞ୍ଚଳର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆଲୋକୀକରଣ ଇତ୍ୟାଦି ସମସ୍ୟା ସମାଧାନ ହେଉନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



# ଆଶ୍ରୟସ୍ଥଳୀ ଫାଙ୍କା; ରାସ୍ତାକଡ଼ରେ ବାସହରା

■ ଆଶ୍ରୟସ୍ଥଳୀ କେଉଁଠି ଜଣାପଡୁନି
■ ଫୁଟ୍‌ପାଥ୍ ଓ ରାସ୍ତାକଡ଼ ପାଲଟିଛି ଅସହାୟଙ୍କ ସାହାରା



ଭୁବନେଶ୍ୱର, ୧୨।୧୧(ସମିସ): ରାଜଧାନୀରେ ସଞ୍ଜ ହେଉ ହେଉ ଶୀତ ଅନୁଭୂତ ହେଉଥିବା ବେଳେ ରାତି ବଢ଼ି ବଢ଼ି ଚାଲିଲେ ଶୀତ ବି ବଢ଼ି ଚାଲୁଛି। ଫଳରେ ଏବେ ସମସ୍ତଙ୍କ ଦେହରେ ରାତି ହେଲେ ଶୀତ ବସ୍ତ୍ର ଦେଖିବାକୁ ମିଳୁଛି। କିନ୍ତୁ ପ୍ରଚାର, ପ୍ରସାର ଏବଂ ବିଜ୍ଞାପନ ଅଭାବରୁ ଏବେ ବି ଅନେକ ଅସହାୟ ଶ୍ରମିକ, ବଞ୍ଜାରା, ଭିକ୍ଷୁକଙ୍କ ରାସ୍ତାକଡ଼ରେ ଖୋଲା ଆକାଶ ତଳେ ରାତି କାଟୁଛନ୍ତି। ଥଇଥାନ କରିବା ପାଇଁ ବିଏମ୍‌ସି ପକ୍ଷରୁ ଆଶ୍ରୟସ୍ଥଳୀ ଥିଲେ ମଧ୍ୟ ଏହି ଅସହାୟ ଲୋକମାନେ ନିରାଶ୍ରୟ ହୋଇ ରାସ୍ତା କଡ଼ରେ ଜାଡ଼ରେ ରାତି କଟାଉଛନ୍ତି।



ଅସହାୟ ଓ ଶ୍ରମିକ ଶେଣୀର ଲୋକମାନେ ଶୀତରେ ଯେପରି ରାତି ନ କାଟିବେ ଏଥିପାଇଁ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଥିଲା। ଏହି ନିଷ୍ପତ୍ତି କ୍ରମେ ରାଜଧାନୀରେ ରାତ୍ର ଆଶ୍ରୟସ୍ଥଳ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟୁନ୍ୟ ଏହା ଆଶ୍ରୟସ୍ଥଳୀର ସଂଖ୍ୟ ୭ ରଖାଯିବା ପାଇଁ କୁହାଯାଇଥିଲା। ଏଥିସହିତ ଏ ଦିଗରେ ଅଧିକ ସଚେତନତା ପାଇଁ ବସଷ୍ଟାଣ୍ଡ, ରେଳଷ୍ଟେସନ ଏବଂ ବିଭିନ୍ନ ଜନଗହଳି ସ୍ଥାନରେ ଲୋକଙ୍କୁ ସଚେତନତା କରିବା ପାଇଁ ଅଧିକାରୀଙ୍କୁ କୁହାଯାଇଥିଲା। ଆଶ୍ରୟସ୍ଥଳରେ ଲୋକଙ୍କୁ କମ୍ବଳ, ମଶାରି, ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ପକ୍ଷରୁ ରାଜଧାନୀରେ ଚନ୍ଦ୍ରଶେଖରପୁର, ଗଙ୍ଗନଗର, ବରମୁଣ୍ଡା, ଅଶୋକନଗର, ଭୀମପୁର, ଘାଟିକିଆ ଓ ୟୁନିଟ୍ ୩ରେ ଏହି ଆଶ୍ରୟସ୍ଥଳ ରହିଛି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ଅସହାୟ ଏବଂ ବାସହରା ଲୋକେ ଆଶ୍ରୟସ୍ଥଳ ବିଷୟରେ ଜାଣିପାରୁ ନ ଥିବାରୁ ସେମାନେ ରାସ୍ତାକଡ଼ରେ ଶୀତ କାକରରେ ପଡ଼ି ରହିଛନ୍ତି।

ବିଶେଷକରି ସହରର ରାଜମହଲ, ରେଳ ଷ୍ଟେସନ, ମାଷ୍ଟର କ୍ୟାଣ୍ଟିନ୍ ସମେତ ଫ୍ଲାଏଓଭର୍ ତଳେ ଆଉ କିଏ ରିକ୍ସା ଉପରେ ଏବଂ ଦୋକାନ ପିଣ୍ଡାରେ ଆଶ୍ରୟ ନେଉଛନ୍ତି। ଏହି ନିରାଶ୍ରୟ ଲୋକଙ୍କ ପାଇଁ ଆଶ୍ରୟସ୍ଥଳର ବ୍ୟବସ୍ଥା ଥିଲେ ମଧ୍ୟ ଏବେ ଏହି ସୁବିଧା ଧିମେଇ ପଡ଼ିଛି। ନା ନିରାଶ୍ରୟ ଲୋକମାନେ ଜାଣିପାରୁଛନ୍ତି ନା ତାଙ୍କୁ କେହି ଆଶ୍ରୟସ୍ଥଳ ବିଷୟରେ କହିବା ପାଇଁ ଅଛନ୍ତି। ଯେଉଁଥିପାଇଁ ଆଶ୍ରୟସ୍ଥଳଗୁଡ଼ିକରେ ଯେଉଁ ଲୋକମାନଙ୍କୁ ଆଶ୍ରୟସ୍ଥଳ ଦରକାର ନାହିଁ ସେହି ଲୋକମାନେ ରହୁଛନ୍ତି। ଯାହାଦ୍ୱାରା ଯେଉଁ ଲୋକମାନଙ୍କୁ ଆଶ୍ରୟସ୍ଥଳ ଦରକାର ସେହିମାନେ ରାତି ହେଲେ ରାସ୍ତା କଡ଼ ଓ ଭଗବାନଙ୍କ ଭରସାରେ ଜାଡ଼ରେ ଶୋଉଛନ୍ତି। ଆମକୁ କିଏ କହିବ କେଉଁଠି ଆମପାଇଁ ଆଶ୍ରୟସ୍ଥଳ ଅଛି। ଦିନ ସାରା କାମ କରିବା ପରେ ରାତି ହେଲେ ଯେଉଁଠି ନାଇଁ ସେଇଠି ଆଶ୍ରୟ ନେଇଗଲେ ଗଲା। ଶୀତ ହେଲେ ବି କାହାକୁ କହିବୁ। ଦେହରେ ଗାମୁଛା ପକାଇ ଶୋଇପଡ଼ିବା କଥା ବୋଲି ରସୁଲଗଡ଼ ଓଭରବ୍ରିଜ୍ ତଳେ ଆଶ୍ରୟ ନେଇଥିବା ନୟାଗଡ଼ର ସଦାଶିବ ବାରିକ କହିଛନ୍ତି।



ଜାଡ଼ରେ କଟୁଛି ସାରାରାତି

## ବିଜେଡି ପକ୍ଷରୁ ବାଳକୃଷ୍ଣ ଦାସଙ୍କର ଶ୍ରାଦ୍ଧଦିବସ



ଭୁବନେଶ୍ୱର, ୧୨।୧୧(ସମିସ): ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ବୁଧବାର ପୂର୍ବାହ୍ନ ସାଢ଼େ ଆଠଟାରେ ରବୀନ୍ଦ୍ର ମଣ୍ଡପ ନିକଟରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସମାଜସେବୀ ମନୋରଞ୍ଜନ ମହାନ୍ତି, କୈଳାସ ପାଣିଗ୍ରାହୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଦେବାଶିଷ ମହଲା, ସୁବାସ ପରିଡ଼ା, ଧନଞ୍ଜୟ ମୁଣ୍ଡ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରିଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୧୭ରେ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୨।୧୧(ସମିସ): ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତିକମିଟି ପକ୍ଷରୁ ବକ୍ସିପାତ୍ରଙ୍କ ୯୨ ତମ ଜୟନ୍ତୀ ପାଇଁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘଡ଼େଇଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୭ ତାରିଖ ସୋମବାର ଦିନ ସନ୍ଧ୍ୟା ୬ଟା ସମୟରେ ଜୟଦେବ ଭବନ ଠାରେ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦୁଶ୍ୟନ୍ତ ଦାଭେ ଉତ୍ସବରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। ଏହି ଉତ୍ସବରେ ସମାଜସେବୀ ପ୍ରଫୁଲ୍ଲ ସାମନ୍ତରା ଏବଂ ସାମ୍ବାଦିକ ପ୍ରିୟରଞ୍ଜନ ସାହୁଙ୍କୁ ସମ୍ମାନୀତ କରାଯିବ। ରାଜ୍ୟପାଳ ହରି ବାବୁ କମ୍ଭମ୍ ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଥିବାବେଳେ ଲେଖକ ଦାଶ ବେନହୁର୍ ଯୋଗଦେବେ ବୋଲି ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର ସୂଚନା ଦେଇଛନ୍ତି। ପାକ୍ଷିକ ପତ୍ରିକା 'ଲୋକନୀତି'ର ବିଶେଷ ସଂସ୍କରଣ ସହିତ ହରିଶ୍ଚନ୍ଦ୍ର ବକ୍ସପାତ୍ରଙ୍କ ଉପରେ ଏକ ପୁସ୍ତକ ସଂକଳନ ଉନ୍ମୋଚନ କରାଯିବ। ଶତାୟୁ ପୁରୁଷ ପଦ୍ମଚରଣ ନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସୁବ୍ରତ ନନ୍ଦ, ସୁବାସ ଦାସ, ଦିଲ୍ଲୀପ ଦାଶଶର୍ମା, ଅମର ପ୍ରସାଦ ମିଶ୍ର, ଉପେନ୍ଦ୍ର ପାଢ଼ୀ, ପ୍ରଫୁଲ୍ଲ ଦାସ, ରାଇମୋହନ ପଟ୍ଟନାୟକ, ସୁଧେନ୍ଦୁ ରାଉତରାୟ, ବିକାଶ ଗିରି, ଚିତ୍ତରଞ୍ଜନ କର, ରବି ନାହାକ, ସିରାଜୁଦ୍ଦିନ ଅଲ୍ଲୀ, ଦୟାନିଧି ରାଉତ, ରାମମୂର୍ତ୍ତି ପାତ୍ର, ଗନ୍ଧର୍ବ ନାୟକ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦିକା ଡ. ଲୋପାମୁଦ୍ରା ବକ୍ସିପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସରିଲା ସୁଭଦ୍ରା ଶକ୍ତି ମେଳା

ଭୁବନେଶ୍ୱର,୧୨।୧୧(ସମିସ): ସ୍ଥାନୀୟ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ୧୨ ଦିନ ଧରି ଚାଲିଥିବା ସୁଭଦ୍ରା ଶକ୍ତି ମେଳା ଶେଷ ହୋଇଛି। ଏହି ଉତ୍ସବରେ ରାଜ୍ୟର ୩୦ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୩୦୦ରୁ ଅଧିକ ଷ୍ଟଲ ଖୋଲିଥିଲା। ଏହି ୧୨ ଦିନ ମଧ୍ୟରେ ଏଠାରେ ୧୨ କୋଟିରୁ ଅଧିକ ବ୍ୟବସାୟ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ବର୍ଷ ମେଳାରେ ୬୯ ଟି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ମେଳାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ସୁଭଦ୍ରା ଶକ୍ତି ମେଳାର ଉଦ୍‌ଯାପନୀ ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କ ଉଦ୍ୟୋଗୀ ପରାକାଷ୍ଠାର ଭୂୟସୀ ପ୍ରଶଂଶା କରିଥିଲେ। ଲୋକାଲରୁ ଗ୍ଲୋବାଲ ଅଭିମୁଖେ ଅଭିଯାନ ଆରମ୍ଭ କରିବାକୁ ଏହା ଏକ ଉତ୍କୃଷ୍ଟ ମଞ୍ଚ ବୋଲି ସେ କହିଥିଲେ। ଚଳିତ ବର୍ଷ ୧୨ କୋଟିରୁ ଊର୍ଦ୍ଧ୍ୱ ବେପାର ହୋଇଛି ଯାହା ଗତବର୍ଷ ତୁଳନାରେ ଦୁଇ ଗୁଣ ବୋଲି ସେ କହିଥିଲେ। ସେହିଭଳି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ମହିଳା ମାନଙ୍କ ଆର୍ଥିକ ସଶକ୍ତିକରଣ ନିମନ୍ତେ ସରକାର ପ୍ରୟାସ ଜାରି ରଖିଥିବା କହିଥିଲେ।

## ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଉଦ୍‌ଯାପିତ

ଭୁବନେଶ୍ୱର, ୧୨।୧୧(ସମିସ): ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଉଦଯାପିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଓ ରାଜ୍ୟ ଶିଶୁ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଦୁଇଦିନ ଧରି ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଶିଶୁ ଯନି ଅନୁଷ୍ଠାନର ପିଲାମାନେ ଯୋଗଦେଇ ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତାରେ ସେମାନଙ୍କର ପାରଦର୍ଶିତା ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଉତ୍ସବରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ସମାଜକଲ୍ୟାଣ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତିବାସ ରାଉତ, ୟୁନିସେଫ୍‌ର ରାଜ୍ୟ ମୁଖ୍ୟ କ୍ଷେତ୍ର ଅଧିକାରୀ ୱିଲିୟମ୍ ହଲୋନ୍ ଜୁନିୟର ପ୍ରମୁଖ ଯୋଗ ଦେଇଥିଲେ।

## ସୋଆ ଆଇଏଏସ୍‌ରେ ମାଣ୍ଡିଆ ଦିବସ

ଭୁବନେଶ୍ୱର, ୧୨।୧୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ଡ. ଚକ୍ରଧର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କ୍ଷେତ୍ରବିଜ୍ଞାନୀ ବିଦ୍ୟାଧର ମହାରଣା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଜିତେନ୍ଦ୍ର କୁମାର ନାୟକ ଲଘୁ ଶସ୍ୟ ଗବେଷଣାରେ ସୋଆ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ 'ବୈଜ୍ଞାନିକ ପ୍ରଣାଳୀରେ ଲଘୁଶସ୍ୟ ଚାଷ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ଶ୍ୱେତା ରଥ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ଡ. ବାସୁଦେବ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଡ. ମନମୋହନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଗୁରୁ ରଘୁନାଥ ପାତ୍ରଙ୍କୁ ସୂର୍ଯ୍ୟମଣି ସ୍ମୃତି ସମ୍ମାନ




ଭୁବନେଶ୍ୱର, ୧୨।୧୧(ସମିସ): ଓଡ଼ିଶୀ କଣ୍ଠ ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆଶାବରୀ' ଅନୁଷ୍ଠାନର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କଳିଙ୍ଗ ହସ୍ପିଟାଲ୍‌ର ଚେୟାରମ୍ୟାନ ଡ. ଶୀତକଣ୍ଠ ଦାଶ, ସମ୍ମାନିତ ଅତିଥିଭାବରେ ଇଂ ପ୍ରଜେଶ ନନ୍ଦିନୀ ଦାଶ, ଇଂ ପ୍ରବୀର କୁମାର ଦାଶ, ଡ. ଅରୁଣ କୁମାର ମହାପାତ୍ର, ଡ. ଚନ୍ଦ୍ରମୌଳି ମିତ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଓଡ଼ିଶୀ ସଙ୍ଗୀତ ଗୁରୁ ରଘୁନାଥ ପାତ୍ରଙ୍କୁ ୨୦୨୫ର ସମ୍ମାନଜନକ ସୂର୍ଯ୍ୟମଣି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁ ଶରତ କୁମାର ରଥ, ସଙ୍ଗୀତା ପଣ୍ଡା, ଡ. ସନ୍ତୋଷ କୁମାର ଲେଙ୍କା, ଶରତ ଚନ୍ଦ୍ର ବାରିକ, ନିରଞ୍ଜନ ମିଶ୍ରଙ୍କୁ ମନୋରମା-କଇଁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଶର୍ମିଳା ସାମନ୍ତରା, ଡ. ଚନ୍ଦନ ଗନ୍ତାୟତ, ପ୍ରଭାସ କୁମାର ମଙ୍ଗରାଜ ପ୍ରମୁଖଙ୍କୁ ଶାରଳା-ତାରାମଣି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ, ଗୀତଗୋବିନ୍ଦ, ଛାନ୍ଦ, ଚମ୍ପୂ, ଭଜନ, ଜଣାଣ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଉମେଶ ଚନ୍ଦ୍ର ଦାସ ସଭାରେ ପୌରୋହିତ୍ୟ କରିଥିବାବେଳେ ସଭାପତି ଅନିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଉପସଭାପତି ପ୍ରତିମା ମହାପାତ୍ର ଏବଂ ସମ୍ପାଦିକା ସ୍ୱନ୍ଦନିକା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଆଇସିସି ପକ୍ଷରୁ '୫ମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ'

## ଖଣିଜ ଶିଳ୍ପ ପାଇଁ ବଢୁଛି ବାୟୁ ପ୍ରଦୂଷଣ

ଭୁବନେଶ୍ୱର, ୧୨।୧୧(ସମିସ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓଡ଼ିଶାର ମିଳିତ ଆନୁକୂଲ୍ୟରେ 'ଜଳବାୟୁ ପରିବର୍ତ୍ତନ ଉପରେ ସମ୍ମିଳନୀର ୫ମ ସଂସ୍କରଣ ରାଜଧାନୀର ଏକ ତାରକା ହୋଟେଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ 'ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ: ପରସ୍ପର ସଂଯୋଗ, ପ୍ରଭାବ ଏବଂ ସମନ୍ୱିତ ସମାଧାନ ଅନୁସନ୍ଧାନ' ଏହାର ଶୀର୍ଷକ ରହିଥିଲା।




ଆଇସିସି ପୂର୍ବତନ ଅଧ୍ୟକ୍ଷ ଜେବି ପାଣି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ ଯେ ଓଡ଼ିଶାରେ ଅଧିକ ଖଣିଜ ଶିଳ୍ପାଞ୍ଚଳ ରହିଛି। ଯେଉଁଥିପାଇଁ ଅଧିକ ବାୟୁପ୍ରଦୂଷଣ ହେଉଛି। ଆମକୁ ନ୍ୟୁକ୍ଲିୟର ଓ ନବୀକରଣ ଯୁକ୍ତ ଶକ୍ତି ଉପରେ ଫୋକସ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ସଚିବ ଭୁପିନ୍ଦର ସିଂ ପୁନିଆ କହିଥିଲେ ଯେ ସଚେତନତା ହିଁ ପ୍ରଦୂଷଣକୁ କମାଇ ପାରିବ ବୋଲି ସେ ମତ ଦେଇଥିଲେ। ଏମଏସଏମଇ ନିର୍ଦ୍ଦେଶକ ବୋଲି ସୁନିଲ ନାରାଭାନେ ପ୍ରଦୁଷଣ ସମାଧାନ କ୍ଷେତ୍ରରେ ପଦକ୍ଷେପ ନେଇ ଆମେ ଦୃଷ୍ଟି ଦେବା ଆବଶ୍ୟକ। କାର୍ଯ୍ୟକ୍ରମରେ ସହ ଆବାହକ ଇଂ ରାଜେଶ କାନୁନଗୋ, ରାଜ୍ୟ କାରଖାନା ଓ ବାଷ୍ପିୟ ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଡ.ମଳୟ କୁମାର ପ୍ରଧାନ, ଓପିଜିସି ର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ ଜଳବାୟୁ ପରିବର୍ତ୍ତନ ଉପରେମତ ରଖିଥିଲେ। ଶେଷରେ ଆବାହକ ଇଏସ୍‌ଏଚ୍ କମିଟି ଆଇସିସି ରାଜ୍ୟ ପରିଷଦ ଡ଼. ଏନ୍.ଆର୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିସି ରାଜ୍ୟ ପରିଷଦର ଯୁଗ୍ମ ନିର୍ଦ୍ଦେଶକ ଜେ ପି ପାଲ ଉପସ୍ଥିତ ରହିଥିଲେ।

## ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୧୧(ସମିସ): ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ୨୫ତମ ଅନ୍ତର୍ଜାତୀୟ 'ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବ' ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବର ଥିମ୍ ରହିଛି 'କିମ୍ବଦନ୍ତୀ ପୌରାଣିକ କଥା, ଗଳ୍ପ ଓ ପୁରାଣ ସାହିତ୍ୟ'। ଉତ୍ସବରେ ଓଡ଼ିଶା ସମେତ ୧୮ ଟି ରାଜ୍ୟରୁ ହଜାର ହଜାର ଶିଶୁ-ଯୁବ ଅଂଶଗ୍ରହଣ କରିଥିବା ବେଳେ ଶ୍ରୀଲଙ୍କାରୁ ମଧ୍ୟ ପ୍ରତିଯୋଗୀମାନେ ଆସିଛନ୍ତି। ଏଥିରେ ବିଭିନ୍ନ କର୍ମଶାଳା ଓ ପ୍ରତିଯୋଗିତା ଆୟୋଜିତ ହେଉଛି। ୧୨ରୁ ୧୬ ନଭେମ୍ବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଦି, ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ, ସିୱାଇଏସଡି ପ୍ରତିଷ୍ଠାତା ଜଗଦାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏହାର ପ୍ରତିଷ୍ଠାନା ଡ. ଶ୍ରୁତି ମହାପାତ୍ର ନିଜ ୨୫ ବର୍ଷର ଗୌରବମୟ ଯାତ୍ରାର ସଂଘର୍ଷ ଓ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସାହସିକତା ପାଇଁ ସୁରେଶ ଚୌଧୁରୀଙ୍କୁ ସମ୍ମାନୀତ କରାଯିବା ସହ ସୁଲେଖା ବଡ଼ାଇଙ୍କୁ ଅଞ୍ଜଳି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା।




ଓଡ଼ିଶା ବେସରକାରୀ ଶିକ୍ଷକ ଓ କର୍ମଚାରୀ ସଂଘର ସମ୍ମିଳନୀରେ ସଂଘ ତରଫରୁ ଏହାର ସଭାପତି ଡ଼ଃ ନିରଞ୍ଜନ ଶତପଥୀ ଓଡ଼ିଶାର ପ୍ରାକ୍ତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଭାରତୀୟ ଶିଶୁ ଶଲ୍ୟ ଚିକିତ୍ସକ ସଂଘର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, ୧୨।୧୧ (ସମିସ): ଭାରତୀୟ ଶିଶୁ ଶଲ୍ୟ ଚିକିତ୍ସକ ସଂଘ (ଆଇଏପିଏସ୍ତ୍ୱଓଏନ୍ ୨୦୨୫)ର ୫୧ତମ ବାର୍ଷିକ ସମ୍ମିଳନୀ ଓ ୬୦ତମ ହୀରକ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ପୁରୀ ଭାରତୀୟ ଶିଶୁ ଶଲ୍ୟ ଚିକିତ୍ସକ ସଂଘ, ଓଡ଼ିଶା ଚାପ୍ଟରର ସହଯୋଗରେ ଶିଶୁ ଚିକିତ୍ସକ ବିଭାଗ ଓ ଏମ୍‌ସ ଭୁବନେଶ୍ୱର ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଦେଶ ଏବଂ ବିଦେଶରୁ ୫ଶହ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ସମ୍ମିଳନୀର ବିଷୟବସ୍ତୁ ଥିଲା 'ଜନ୍ମ ତ୍ରୁଟି ପାଇଁ ଶିଶୁ ସର୍ଜନ; ବିକଶିତ ରାଷ୍ଟ୍ର ଦିଗରେ ଏକ ରାସ୍ତା'। ଏମ୍‌ସ ଭୁବନେଶ୍ୱର ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ମୁଖ୍ୟ ତଥା ଆୟୋଜନ କମିଟି ଅଧ୍ୟକ୍ଷ ଡ. ମନୋଜ କୁମାର ମହାନ୍ତି, ସଂଗଠନ ସମ୍ପାଦକ ଡ. ବିକାଶ ବିହାରୀ ତ୍ରିପାଠୀ, ସହ-ସଂଗଠନ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଡ. ସୁବ୍ରତ ସାହୁ, ଡ. ଆକାଶ ବିହାରୀ ପତି, ଡ. ସନ୍ତୋଷ ମହାଳିକ, ଡ. ଆଦିତ୍ୟ ଅରବିନ୍ଦ ମାନେକରଙ୍କୁ ନେଇ ଗଠିତ ଆୟୋଜନ କମିଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା। କାର୍ଯ୍ୟକ୍ରମ ଆଇଏପିଏସର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା, ଯାହାର ନେତୃତ୍ୱ ସଭାପତି ଡ. ସୁମିତ୍ରା କୁମାର ବିଶ୍ୱାସ ଓ ମହାସଚିବ ଡ. ବିକେଶ ଅଗ୍ରୱାଲ।

## ସର୍ବଭାରତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ୭ ପ୍ରତିନିଧି

ଭୁବନେଶ୍ୱର, ୧୨।୧୧(ସମିସ): ମଧ୍ୟପ୍ରଦେଶର ଉଜ୍ଜୟନି ଠାରେ ଭାରତର ସର୍ବଭାରତୀୟ ଉଠାଦୋକାନୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେଠାରେ ରାଷ୍ଟ୍ରୀୟ ଉଠାଦୋକାନୀ ମହାସଂଘର ସାଧାରଣ ସମ୍ପାଦକ ଶକ୍ତିମାନ ଘୋଷ ଯୋଗଦେଇ ଉଠାଦୋକାନୀ ଆଇନ ୨୦୧୪ କାର୍ଯ୍ୟକାରୀ କରିବା ଟାଉନ ଭେଣ୍ଡିଂ କମିଟି ଉପରେ ଗୁରୁତ୍ୱ ଦେବା, ଫୁଟଖପାଥର ଏକ ତୃତୀୟାଂଶ ଜାଗାରେ ଉଠାଦୋକାନୀମାନେ ବସି ବେପାର କରିବା, ଉଠାଦୋକାନୀଙ୍କୁ ଦଲାଲ ମୁକ୍ତ କରିବା, ଉଚ୍ଛେଦ ସମ୍ପୂର୍ଣ୍ଣ ବନ୍ଦ କରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯାଇଥିଲା। ଏଠାରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟସଭାପତି ପ୍ରତାପ କୁମାର ସାହୁଙ୍କ ସହ ଉପସଭାପତି ନିରଞ୍ଜନ ପାଣ୍ଡେ, ସସ୍ମିତା ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ଶରତ ସାହୁ, ପ୍ରଶାନ୍ତ କୁମାର ନାୟକ ଭୁବେନେଶ୍ୱରୁ ଆଣିଥିବା ୨୬୮ ସଂଘର ସରକାରୀ ମୋହର ଥିବା ତାଲିକା ରାଷ୍ଟ୍ରୀୟ ଉଠାଦୋକାନୀ ମହାସଂଘକୁ ପ୍ରଦାନ କରିଥିଲେ।

ଶୀତ ଋତୁରେ ବି ହିନସ୍ତା

# ସର୍ଭିସ ରୋଡ୍‌ରେ ପାଣି କାଦୁଅ ଭର୍ତ୍ତି

ଭୁବନେଶ୍ୱର, ୧୨।୧୧(ସମିସ): ଶୀତ ଋତୁରେ ବି ରାସ୍ତାରେ ଜମୁଛି ପାଣି। ଶୀତୁଆ ସକାଳରୁ ସନ୍ଧ୍ୟା ଯାଏ ଚାରିଆଡ଼େ ଖରା ହେଉଥିଲେ ବି ଲୋକଙ୍କର ପାଣି ଚିନ୍ତା ଯାଉନି। କାରଣ ବର୍ଷକ ବାରମାସ ରାସ୍ତା ଉପରେ କାଦୁଅ ଜମି ରହିବା ସାଙ୍ଗକୁ ଡ୍ରେନ୍ ପାଣି ଲହଡ଼ି ଭାଙ୍ଗୁଛି। କେବଳ ସେତିକି ନୁହେଁ ଆଉ କେତେକ ସ୍ଥାନରେ ଧୂଳି ମଧ୍ୟ ଚିନ୍ତା ବଢ଼ାଉଛି। ଏଭଳି ସମସ୍ୟାକୁ ରାତି ପାହିଲେ ସାମ୍ନା କରୁଛନ୍ତି ପାହାଳ ନିକଟସ୍ଥ ମିଲେନିୟମ ସିଟି ନିକଟରେ ରହିଥିବା ସର୍ଭିସ୍ ରାସ୍ତାରେ। ଏଠାରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ନିର୍ମାଣ ହୋଇଥିବା ଡ୍ରେନ୍ ଜାମ୍ ହୋଇ ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ପ୍ରବାହିତ ହେବା ସହ ନିକଟରେ ନିର୍ମାଣଧିନ ଆପାର୍ଟମେଣ୍ଟ ପ୍ରକଳ୍ପରୁ ମଧ୍ୟ ପାଣି ପ୍ରବାହିତ ହୋଇ ରାସ୍ତାରେ ଲହଡ଼ି ଭାଙ୍ଗୁଥିବାରୁ ସାଧାରଣ ଲୋକମାନେ ଯାତାୟତ କରିବାରେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୪ ଅଧିନରେ ରହିଛି ଏହି ଅଞ୍ଚଳ। କିନ୍ତୁ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ରହିଥିବା ସର୍ଭିସ୍ ରାସ୍ତା ମଧ୍ୟ ଏନଏଚ୍‌ଏଆଇ ଅଧିନରେ ରହିଛି। ହେଲେ ଉଭୟ ରାସ୍ତା କଡ଼ରେ ଏନଏଚଏଆଇ ପକ୍ଷରୁ ନିର୍ମାଣ ହୋଇଥିବା ଡ୍ରେନ୍ ରାସ୍ତର ଉଚ୍ଚତା ଠାରୁ ଅଧିକ ରହିଥିବାରୁ ବର୍ଷା ସମୟରେ ଏହି ରାସ୍ତା ଓ ଅଣ୍ଡରପାସ୍ ଦେଇ ଯିବାଆସିବା ଏକପ୍ରକାର ଅସମ୍ଭବ ହୋଇପଡୁଛି। ତେବେ ବର୍ତ୍ତମାନ ଶୀତ ଋତୁରେ ମଧ୍ୟ ଏଠାରେ ବର୍ଷା ଋତୁ ଭଳି ସମସ୍ୟା ଭୋଗୁଛନ୍ତି ଲୋକେ। କାରଣ ରାସ୍ତା ଉପରେ ପ୍ରବାହିତ ହେଉଛି ଡ୍ରେନ୍ ପାଣି। ତା ସାଙ୍ଗକୁ ନକିଟରେ ଦୀର୍ଘଦିନ ହେବ ନିର୍ମାଣ ହେଉଥିବା ଆପାର୍ଟମେଣ୍ଟ ପ୍ରକଳ୍ପ କାର୍ଯ୍ୟରୁ ପାଣି ଆସି ରାସ୍ତାରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ତେବେ ରାସ୍ତା ଡ୍ରେନ୍ ଠାରୁ କମ୍ ଉଚ୍ଚତାରେ ରହିଥିବାରୁ ପାଣି ସବୁ ଜମି ରହି ରାସ୍ତାକୁ ନଷ୍ଟ କରୁଛି। ଏହି ଅଞ୍ଚଳରେ ରହିଥିବା ବିଭିନ୍ନ ଆପାର୍ଟମେଣ୍ଟ, ଘରୋଇ ଅନୁଷ୍ଠାନ, କାର୍ଯ୍ୟାଳୟ ଆଦିକୁ ଯିବା ଆସିବା କରିବାକୁ ନାକେଦମ୍ ହେଉଥିବା କହିଛନ୍ତି। ତେବେ ଏଠାରେ କେବଳ ପାଣି ଚିନ୍ତା ନୁହେଁ ବରଂ କିଛି ରାସ୍ତାରେ ମାଟି ଜମା ହୋଇଥିବାରୁ କୌଣସି ଗାଡ଼ିଟିଏ ଯିବାମାତ୍ରେ ଧୂଳିରେ ରାସ୍ତା ଦିଶୁ ନଥିବାରୁ ଅନେକ ସମୟରେ ସାଧାରଣ ଲୋକେ ମଧ୍ୟ ରାସ୍ତାରେ ଯାତାୟତ କରୁନାହାନ୍ତି। ଏହି ଅଞ୍ଚଳଟି ଖାଲୁଆ ଅଞ୍ଚଳ ହୋଇଥିବା ବେଳେ ବର୍ଷା ଜଳ ନିକଟସ୍ଥ ଜମି ମଧ୍ୟକୁ ଯାଇଥାଏ। ରାସ୍ତା କଡ଼ରେ ରହିଥିବା ଡ୍ରେନେଜ୍ ଉଚ୍ଛୁଳି ପାଣି ସବୁ ଜମି ମଧ୍ୟରୁ ଯାଉଥିବା ବେଳେ ବର୍ତ୍ତମାନ ଜମି ଗୁଡ଼ିକରେ ଘର ତିଆରି ଆରମ୍ଭ ହୋଇଛି। ଫଳରେ ଜମି ମାଲିକମାନେ ଜମିକୁ ପାଣି ଛାଡ଼ିବାକୁ ବାରଣ କରିବା ସହ ବାଟ ବନ୍ଦ କରିଦେଇଥିବାରୁ ବର୍ଷା ପାଣି ରାସ୍ତା ଉପରେ ଜମି ରହୁଛି। ତେବେ ଏହି ଅଣ୍ଡରପାସ୍ ତଳେ ପୂର୍ବରୁ ପିଚୁ ରାସ୍ତା ରହିଥିଲା। ଫଳରେ ବର୍ଷା ହେଲେ ଖାଲଖମାରେ ପାଣି ଭର୍ତ୍ତି ହୋଇ ଅନେକ ଦୁର୍ଘଟଣା ଘଟୁଥିଲା। ତେଣୁ ଏହାକୁ କଂକ୍ରିଟ ବା ଢ଼ଲେଇ କରାଯାଇଥିଲେ ବି ଅବସ୍ଥାରେ କୌଣସି ସୁଧାର ଆସି ନାହିଁ। ରାସ୍ତା ଉପରେ ପୂର୍ବଭଳି ପାଣି ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏନେଇ ୱାର୍ଡର କର୍ପୋରେଟର ସୁକୁମାର ସାହୁ କହିଛନ୍ତି ଯେ, ଏହି ସମସ୍ୟା ବର୍ଷବର୍ଷ ଧରି ଲାଗି ରହିଛି। ଏଥିପାଇଁ ବାରମ୍ବାର ଏନଏଚ୍‌ଏଆଇକୁ ଅଭିଯୋଗ କରାଯିବା ପରେ ମଧ୍ୟ ସମାଧାନ ହେଉନାହିଁ। ଏମିତିକି ବର୍ଷା ସମୟରେ ପମ୍ପ ଯୋଗେ ପାଣି ଶୁଖାଇବା ବ୍ୟବସ୍ଥା କରାଯାଉଛି।



# ଇଡ୍‌କୋର ଜମି ଅଧିଗ୍ରହଣ ନେଇ ଅସନ୍ତୋଷ



ଢେଙ୍କାନାଳ,୧୨।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଗଣ୍ଡାନାଳୀ ପଞ୍ଚାୟତ ଚିଲତଇଳା ଗ୍ରାମରେ ଥିବା ଆଶ୍ରମ ସହ ଖେଳପଡ଼ିଆ, ବିଦ୍ୟାଳୟ, ଗୋଚର ଜମିକୁ ମିଶାଇ ୫୨ ଏକର ଜାଗାକୁ ଇଡକୋ ଅଧିଗ୍ରହଣ କରିବ ବୋଲି ନୋଟିସ ଜାରି କରିଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିଛନ୍ତି। ଚିଲତଇଳା ଗ୍ରାମ ସଭାପତି ବସନ୍ତ ସାହୁ, ଗ୍ରାମ୍ୟ ପରିଚାଳନା କମିଟି ସମ୍ପାଦକ ବଳରାମ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ଗ୍ରାମରେ ଗୋରୁଗାଈଙ୍କ ଚଳପ୍ରଚଳ ନିମନ୍ତେ ରହିଥିବା ଜାଗା ଯଥେଷ୍ଟ ନୁହେଁ। ଏହି ଜାଗାକୁ ଇଡକୋ ଏକ ଶିଳ୍ପପ୍ରତିଷ୍ଠା ନିମନ୍ତେ ଅଧିଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ନୋଟିସ ଜାରି କରିଛି। ଏହି ଜାଗାକୁ ଇଡକୋ ଅଧିଗ୍ରହଣ କଲେ ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ସ୍ମାର୍ଟ ମିଟରକୁ ବିରୋଧ; ପ୍ରଶାସନ ସହ ଆଲୋଚନା

ଢେଙ୍କାନାଳ,୧୨।୧୧(ସମିସ):



ଢେଙ୍କାନାଳ ଜିଲ୍ଲାରେ ସ୍ମାର୍ଟ ମିଟର ପ୍ରଚଳନକୁ ବିରୋଧ କରି ବିଭିନ୍ନ ସଂଗଠନ ପକ୍ଷରୁ କର୍ମକର୍ତ୍ତାମାନେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବୁଧବାର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲାରେ ସ୍ମାର୍ଟ ମିଟର ପ୍ରଚଳନକୁ ତୀବ୍ର ବିରୋଧ କରିବା ବାରଣ କରିଥିଲେ। ଟିପିଡିଓସିଏଲର ମନମୁଖି କାର୍ଯ୍ୟ ଓ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଧମକ ଚମକ ଦେଇ ଅଯଥାରେ ଜରିମାନା କରିବା ଓ ବିଦ୍ୟୁତ ସଂଯୋଗ କାଟି ଦେଉଥିବା ସମ୍ପର୍କରେ ଅବଗତ କରିଥିଲେ। ଏ ନେଇ ଗ୍ରାହକମାନେ ଅକଥନୀୟର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱର, କଟକ ଅଞ୍ଚଳରେ ସ୍ମାର୍ଟ ମିଟର ପ୍ରଚଳନ ହୋଇ ନ ଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ଜୋରଜବରଦସ୍ତ ସ୍ମାର୍ଟ ମିଟର ସଂଯୋଗ କରାଯାଇ ଢେଙ୍କାନାଳ ଜିଲ୍ଲା ପରୀକ୍ଷଣର କେନ୍ଦ୍ର ପାଲଟିଛି ବୋଲି ଅଭିଯୋଗ କରିଥିଲେ। ଢେଙ୍କାନାଳ ଆକାଂକ୍ଷା ଜିଲ୍ଲା ହୋଇଥିବା ବେଳେ ଏଠାରେ ସ୍ମାର୍ଟ ମିଟର ସଂଯୋଗ କରିବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସ୍ମାର୍ଟ ମିଟର ସଂଯୋଗକୁ ନେଇ ଟିପିଡିଓସିଏଲର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ କ୍ରିୟାନୁଷ୍ଠାନ କମିଟିର ଆଲୋଚନା ନିମନ୍ତେ ଜିଲ୍ଲାପାଳ ପାଟିଲ ହସ୍ତକ୍ଷେପ କରିବା ପାଇଁ ପୌରାଧକ୍ଷା ଜୟନ୍ତୀ ପାତ୍ର ଅନୁରୋଧ କରିଥିଲେ। ଏହି ଆଲୋଚନାରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନରାୟଣ ଦାସ, ଆଇନଜୀବୀ ନବକିଶୋର ଗୁରୁ, ପୂର୍ବତନ ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ପଦ୍ମାବତୀ ନୃତ୍ୟ ମନ୍ଦିରର ନୂତନ ଶାଖା ଉଦ୍‌ଘାଟିତ

# 'ସାଂସ୍କୃତିକ ପୁନରୁଦ୍ଧାର ପାଇଁ ନୂତନ ପଦକ୍ଷେପ'



ଖଜୁରିଆକଟା,୧୨।୧୧(ସମିସ): ପ୍ରଥମାଷ୍ଟମୀରେ କୁନି କୁନି ପିଲାମାନେ ଆରମ୍ଭ କରିଛନ୍ତି ଓଡ଼ିଶୀ ନୃତ୍ୟ ଶିକ୍ଷା। ଓଡ଼ିଶୀ ନୃତ୍ୟକଳା ଓ ସାଂସ୍କୃତିକ ଐତିହ୍ୟକୁ ଗ୍ରାମ୍ୟ ସ୍ତରରେ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ଓଡ଼ିଶାର ଆଗ୍ରଣୀ ନୃତ୍ୟାନୁଷ୍ଠାନ ପଦ୍ମାବତୀ ନୃତ୍ୟ ମନ୍ଦିର ହିନ୍ଦୋଳ ବ୍ଲକ ବାଲିମିଠାରେ ପ୍ରଥମାଷ୍ଟମୀରେ ଏହାର ଶାଖା ଉଦଘାଟନ କରିଛି। ଏହି ଅଞ୍ଚଳରେ ଏକ ନୂତନ ସାଂସ୍କୃତିକ ଅଭିଯାନ ଆରମ୍ଭ କରିବା ସହ ଏହା ଗ୍ରାମ ଏବଂ ଅନୁନ୍ନତ ଅଞ୍ଚଳର ପ୍ରତିଭାମାନଙ୍କୁ ଚୟନ କରି ଏଠାରେ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ ଦେବା ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା କରିବା ଦିଗରେ କାର୍ଯ୍ୟ କରିବ। ଏହି ନୂତନ ଶାଖା ଦ୍ୱାରା ହିନ୍ଦୋଳ ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ପିଲାମାନେ ଓଡ଼ିଶୀ ନୃତ୍ୟ, ଗୀତ ଓ ସଂସ୍କୃତି ଶିକ୍ଷା ପାଇପାରିବେ ବୋଲି ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ରତ୍ନପଦ୍ମା ଆରସ୍ମିତା କହିଥିଲେ। ଗ୍ରାମୀଣ ଅଞ୍ଚଳର ଛାତ୍ରଛାତ୍ରୀମାନେ ଖୁବ ପ୍ରତିଭାବାନ। ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ନୃତ୍ୟ ପରିବେଷଣ ପାଇଁ ସେହିପରି ସ୍ଥାନର ଆବଶ୍ୟକତା ରହିଛି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଯେପରି ହଜି ନ ଯାଉ, ଏ ଅଞ୍ଚଳ ଯେପରି ସାଂସ୍କୃତିକ କ୍ଷେତ୍ରରେ ବିକାଶ କରୁ, ଶିକ୍ଷା ସହ ନୃତ୍ୟ ସଙ୍ଗୀତର ଧାରା ଯେପରି ସେମାନଙ୍କ ଭବିଷ୍ୟତ ସହ ଯୋଡ଼ି ହେଉ ତାହା ହିଁ ପ୍ରୟାସ। ସମୟକ୍ରମେ ଏଠାରେ ସେମିନାର, ସାଂସ୍କୃତିକ ଉତ୍ସବ, ୱାର୍କସପ ଇତ୍ୟାଦି କରାଯିବ ଯାହା ଏ ଅଞ୍ଚଳର ପରିଚୟକୁ ସୁଦୂରପ୍ରସାରି କରିବ ବୋଲି ସେ କହିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫାଉ୍ଡର ମୁଖ୍ୟ କାର୍ତ୍ତିକେଶ୍ୱର ସାମଲ ଉଦଘାଟକ ଏବଂ ସୁନା ଶଗଡ଼, ସୁଷମା ଅନୁଷ୍ଠାନର ନିର୍ଦ୍ଦେଶିକା ସୁଷମା ସାମଲ ବିଶେଷ ଅତିଥି ଭାବେ ଯୋଗଦେଇ ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳ ପାଇଁ ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ଓ ସାମ୍ବାଦିକ ପ୍ରଶାନ୍ତ ଜେନାମଣି ଉପସ୍ଥିତ ଥିଲେ। ଅନୁଷ୍ଠାନର କୋଷାଧକ୍ଷା ସ୍ମିତି ସୌମ୍ୟା ରାଉତ ଧନ୍ୟବାଦ ଜଣାଇଥିଲେ।

# ନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଭୁବନ,୧୨।୧୧(ସମିସ): ଭୁବନ ଥାନା ସୁରପ୍ରତାପପୁର ପ୍ରଧାନସାହିର ବୁଦ୍ଧିମନ୍ତ ସାହୁଙ୍କ ସାନ ପୁଅ ନିରାକାର ସାହୁ (୪୨)ଙ୍କ ମୃତଦେହ ବୁଧବାର ରାମିଆଳ ନଦୀରୁ ଉଦ୍ଧାର କରାଯାଇଛି। ସୋମବାର ପୂର୍ବାହ୍ନ ୧୧ଟାରେ ନିରାକାର ଗାଁ ନିକଟ ବିଲକୁ ବାଦାମ ଚାଷ ତଦାରଖ କରିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ କେତେକ ଯୁବକଙ୍କ ସହ ସେ ରାମିଆଳ ନଦୀକୁ ଗାଧେଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ଅସାବଧାନତା ଯୋଗୁଁ ଗଭୀର ପାଣିରେ ବୁଡ଼ିଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନିରାକାରଙ୍କୁ ନ ପାଇ ଭୁବନ ଥାନାରେ



ଲିଖିତ ଅଭିଯୋଗ କରିଥିଲେ। ୩ ଦିନ ପରେ ଭୁବନ ଅଗ୍ନିଶମ ବାହିନୀ ବୁଧବାର ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରିଛି। ଭୁବନ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁକରି ପୁଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ସୂଚନାଯୋଗ୍ୟ, ନିରାକାର ବିବାହିତ ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ ରହିଛି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଢେଙ୍କାନାଳ,୧୨।୧୧(ସମିସ): ଢେଙ୍କାନାଳ ଜିଲ୍ଲା ପୁଲିସ ପକ୍ଷରୁ କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା ଅଧିକାରିଣୀ ମନସ୍ୱିନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ତୁମୁସିଙ୍ଗା ପଞ୍ଚସଖା ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ରଜନୀକାନ୍ତ ସାମଲ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ପ୍ରମୋଦ ପ୍ରସାଦ ନନ୍ଦ, ମୀନକେତନ ନାୟକ, ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ଅକ୍ଷୟ କୁମାର ସାହୁ, ତୁମୁସିଙ୍ଗା ଗ୍ରାମ କମିଟି ସଭାପତି ସଲିଳ ନାୟକ, ପଞ୍ଚସଖା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସାଲାନି ମୁର୍ମୁ, ପୂର୍ବତନ କୋଟଗଡ଼ା ସରପଞ୍ଚ ଅଶ୍ୱିନୀ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଥମାଷ୍ଟମୀରେ ବଳରାମଜିଉଙ୍କ ବିଶେଷ ପୂଜାର୍ଚ୍ଚନା



ଢେଙ୍କାନାଳ,୧୨।୧୧(ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜିଉଙ୍କ ମନ୍ଦିରରେ ପ୍ରଥମାଷ୍ଟମୀ ଅବସରରେ ବିଶେଷ ପୂଜାର୍ଚ୍ଚନା କରାଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ତୁଳସୀ ହାର, ଫୁଲ ହାର ଲାଗି କରାଯାଇଥିଲା। ପରେ ବଲ୍ଲଭ ଭୋଗ ଲାଗି ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ମଙ୍ଗଳାର୍ପଣ ପୂଜା, ଚକା, ପୁଳି, ଅନ୍ନଧୂପ, ସନ୍ଧ୍ୟାରେ ଆଳତି, ରାତ୍ରଧୂପ ପରେ ପହଡ଼ ପଡ଼ିଥିଲା। ପୂଜକ ମନସୁମନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ୍ ବେହେରା, ମନ୍ଦିର ଜିମାଦର ଶ୍ୟାମସୁନ୍ଦର ପାଣଗ୍ରାହୀଙ୍କ ଉପସ୍ଥିତିରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା।

# ମାଣବସା ଦ୍ୱିତୀୟ ଗୁରୁବାର ନିମନ୍ତେ ପୂଜା ସାମଗ୍ରୀ ବିକ୍ରି



ଢେଙ୍କାନାଳ,୧୨।୧୧(ସମିସ): ମାଣବସା ଦ୍ୱିତୀୟ ଗୁରୁବାର ପାଇଁ ବିକ୍ରି ହେଉଛି ଦୁବ, ବରକୋଳି ପତ୍ର, ଆମ୍ବଡାଳ, ଆଖୁଗଛ, ଅଁଳାଡାଳ, ନୂଆଧାନ, ଧାନ ବେଣ୍ଟି ଆଦି ପୂଜା ସାମଗ୍ରୀ। ଧାନବେଣ୍ଟି ଗୋଟାକ ୪୦ ଟଙ୍କା, ପଦ୍ମଫୁଲ ଗୋଟାକ ୫୦ ଟଙ୍କା, ଗେଣ୍ଡୁମାଳ ୨୦ ଟଙ୍କା, ଗୋଲାପ ଫୁଲ ଗୋଟାକ ୨୦ ଟଙ୍କାରେ ବିକ୍ରି ହେଉଛି। ପଦ୍ମଫୁଲ କୋଲକାତାରୁ ଆସିଥିବା ଦୋକାନ ମାଲିକ ପ୍ରକାଶ କରିଛନ୍ତି। ସ୍ଥାନୀୟ କୈବଲ୍ୟ ବଜାର ଫୁଲ ବ୍ୟବସାୟୀ ରାମଚନ୍ଦ୍ର ମହାପାତ୍ର ୪୦ ବର୍ଷ ଧରି ଏହି ବ୍ୟବସାୟ କରିଆସୁଛନ୍ତି।

# ଅଧପନ୍ତରିଆ ଭାବେ ପଡ଼ିରହିଛି ଓଡ଼ାପଡ଼ା କଲ୍ୟାଣମଣ୍ଡପ



ଖଜୁରିଆକଟା,୧୨।୧୧(ସମିସ): ସରକାରୀ ସ୍ତରରେ ବିଭିନ୍ନ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ବ୍ଲକ ଓଡ଼ାପଡ଼ା ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ଆରମ୍ଭ ହୋଇଥିଲା। ଅଗ୍ରାଧିକାର ଭିତ୍ତିରେ ଓଡ଼ାପଡ଼ା ପଞ୍ଚାୟତକୁ ଚୟନ କରାଯାଇ ବିଭାଗୀୟ ଅଧିକାରୀଙ୍କ ଅନୁମୋଦନ ପରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ୩୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଠିକାଦାର ଗୃହକାର୍ଯ୍ୟ ଆରମ୍ଭ କରି ଛାତ ପଉନ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ କରିବା ପରେ ତାହା ବନ୍ଦ ହୋଇଯାଇଛି। ଦୀର୍ଘ ୭ ବର୍ଷରୁ ଅଧିକ ସମୟ ଧରି କଲ୍ୟାଣ ମଣ୍ଡପ ଅଧପନ୍ତରିଆ ହୋଇ ପଡ଼ି ରହିଛି। ଓଡ଼ାପଡ଼ା ପଞ୍ଚାୟତ ବ୍ଲକ ମୁଖ୍ୟାଳୟ ନିକଟରେ ରହିଥିବାବେଳେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଓଡ଼ାପଡ଼ା ସରପଞ୍ଚ ସୁଭଦ୍ରା ସାହୁଙ୍କୁ ପଚାରିବାରୁ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସରପଞ୍ଚଙ୍କୁ କାର୍ଯ୍ୟ କରିବା ପାଇଁ ବାରମ୍ବାର କହିବା ସତ୍ତ୍ୱେ ସେ ଗୁରୁତ୍ୱ ଦେଉ ନ ଥିବା ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ କହିଛନ୍ତି। ତେବେ ତୁରନ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଛନ୍ତି।

# ସୁନ୍ଦରବନରେ ପାହାଡ଼ରୁ ଗୋଡ଼ି ଗଡ଼ାଇଲେ ମନସ୍କାମନା ପୂର୍ଣ୍ଣହୁଏ

ଭୁବନ,୧୨।୧୧(ସମିସ): ସୁନ୍ଦରବନରେ ପାହାଡ଼ରୁ ଗୋଡ଼ି ଗଡ଼ାଇଲେ ମନସ୍କାମନା ପୂର୍ଣ୍ଣହୁଏ ବୋଲି ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି। ଏହି ବିଶ୍ୱାସ ଆଜିର ନୁହେଁ ପ୍ରାୟ ଶହେ ବର୍ଷ ପୂର୍ବର। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତର ସୁନ୍ଦରବନଠାରେ କାଠିଆ ବାବାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଏହି ବନର ଶୋଭାକୁ ଆହୁରି ଆକର୍ଷିତ କରିଛି ବଜରଙ୍ଗବାଲିଙ୍କ ମନ୍ଦିର। ହଜାର ହଜାର ଶ୍ରଦ୍ଧାଳୁ ପାହାଚ ଚଢ଼ି ଗୋଡ଼ି ଗଡ଼ାଇବାକୁ ଆସନ୍ତି। ଚଳିତବର୍ଷ ସ୍ୱାମୀ ସନ୍ତୋଷ ଚୈତନ୍ୟ ମହାରାଜଙ୍କ ଦ୍ୱାରା ରାମଚରିତ ମାନସ ପ୍ରବଚନ ହୋଇଥିଲା। ଗୋବିନ୍ଦଚନ୍ଦ୍ର ଭଞ୍ଜ, ସରୋଜ ସାହୁ, ବୁବୁନା ରାଉତ, ଚିନୁ ସାମଲ, ବିଷ୍ଣୁ ସାମଲ, ରଞ୍ଜନ ସାମଲ, ଲକ୍ଷ୍ମୀଧର ବେହେରା, ଲିପୁ ସାହୁ, ଦେବାଶିଷ ବେହେରା, ଶେଷଦେବ ଭଞ୍ଜ, ଜିତନ ରାଉତ, ନାରାୟଣ ସାହୁ, ଦିଲୀପ କୁମାର ସାହୁ, କିରଣ ରାଉତ, ବାବୁରାମ ରାଉତ, କପିଳେଶ୍ୱର ପାତ୍ର, ମନମୋହନ ଘୋଷ, ଅମର ମଲିକ, ବାପୁରାମ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ନୃତ୍ୟ ସଙ୍ଗୀତ ଓ ପୁରାଣ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



# ୫୩ ବର୍ଷର ଆୟୁର୍ବେଦ ଚିକିତ୍ସାଳୟ ଏବେ ଭୂତକୋଠି

ଗଁଦିଆ,୧୨।୧୧(ସମିସ):

ଢେଙ୍କାନାଳ ଜିଲ୍ଲା ସୀମାନ୍ତ ଲାଉଲଇ ଗ୍ରାମରେ ଥିବା ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ଦୀର୍ଘଦିନ ଧରି ତାଲା ପଡ଼ି ରହିଥିବାରୁ ଏବେ ଭୂତକୋଠିରେ

**୪ ପଞ୍ଚାୟତବାସୀ ଚିକିତ୍ସା ସେବାରୁ ବଞ୍ଚିତ**

ପରିଣତ ହୋଇଛି। ୧୯୭୨ ମସିହାରେ ପ୍ରତିଷ୍ଠିତ ଏହି ଚିକିତ୍ସାଳୟ ଉପରେ ସ୍ଥାନୀୟ ଖଙ୍କିରା, ବେଗା, ଲେଥକା, ଲାଉଲଇ ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିଲେ। ମାତ୍ର ଦୀର୍ଘ ୫ ବର୍ଷ ହେଲା ଏହି ଚିକିତ୍ସାଳୟରେ ତାଲା ଝୁଲୁଛି। ଏଠାରେ କେହି ଜଣେ ହେଲେ କର୍ମଚାରୀ ନାହାନ୍ତି। ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁର୍ବେଦକୁ ଗୁରୁତ୍ୱ ଦେଉଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହିବା ସରକାରଙ୍କ ଉଦାସୀନତାକୁ ସୂଚାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ଡାକ୍ତରଖାନା ଗୃହ ବନ୍ଦ ପଡ଼ିଥିବାରୁ ଭାଙ୍ଗିରୁଜି ଗଲାଣି। ଏ ନେଇ ବହୁବାର ଜିଲ୍ଲା ମୁଖ୍ୟ ଆୟୁର୍ବେଦ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।




# କବି ବୁଦ୍ଧଦେବ ନାୟକଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ,୧୨।୧୧(ସମିସ): ସ୍ଥାନୀୟ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ସଭାଗୃହରେ କବି ବୁଦ୍ଧଦେବ ନାୟକ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ କବି ବୁଦ୍ଧଦେବ ନାୟକଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ପ୍ରଥମ ଅଧିବେଶନରେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ କବି ବାହାଦୁର ପାଟସାହାଣୀ ଓ ସମ୍ମାନିତ ଅତିଥି ଭାବେ ଉତ୍ପଳ ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଯୋଗଦେଇ କବିତା ଓ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କବି ମମତା ମହନ୍ତ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ୪୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ବୁଦ୍ଧଦେବଙ୍କ ବ୍ୟକ୍ତିତ୍ୱ ଓ ଓଡ଼ିଆ ସାହିତ୍ୟକୁ ତାଙ୍କ ଅବଦାନ ଓ ତାଙ୍କ ରଚନାବଳୀ ଉପରେ ଆଲୋଚନା ହୋଇଥିଲା। ଏଥିରେ ପ୍ରଶାସକ ଓ ଗବେଷକ ତପନ କୁମାର ଶତପଥୀ ମୁଖ୍ୟଅତିଥି ଓ ସାହିତ୍ୟିକ ଆର୍ଯ୍ୟରତ୍ନ ଚକ୍ରଧର ମୁଖ୍ୟବକ୍ତା ଭାବେ ଯୋଗଦେଇ ବୁଦ୍ଧଦେବଙ୍କ ସାହିତ୍ୟ କୃତୀର ସମୀକ୍ଷା କରିଥିଲେ। ଶିଳ୍ପୀ ପରେଶ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କବି ବୁଦ୍ଧଦେବ ନାୟକଙ୍କ ପୁଅ ତଥା ପ୍ରାକ୍ତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ସାହିତ୍ୟିକ ଡ. ପ୍ରମୋଦ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି କ୍ଷୀରୋଦ ନାୟକ, ଲଳିତ ମୋହନ ବେହେରା, ଆଲୋକ ଦାସ, ନନ୍ଦିକେଶ୍ୱରୀ ନାଥ, ସଞ୍ଜୁକ୍ତା ଶରଣ, ତଅପୋଇ ସାହୁ, ଯୁଧିଷ୍ଠିର ସାହୁ, ବିନାୟକ ଶତପଥୀ, ନଳିନୀ ପ୍ରଭା ନାୟକ, ସତ୍ୟରଞ୍ଜନ ଜେନା, ଲୋକନାଥ ମହାପାତ୍ର ଓ ନିର୍ମଳା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ଶଙ୍ଖେଇ'ର ଉନ୍ମୋଚନ ହୋଇଥିଲା। ଆଇନଜୀବୀ ଚିତ୍ରସେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ସରୁନି କଲଭର୍ଟ ନିର୍ମାଣ, ହନ୍ତସନ୍ତ କରୁଛି ପୂର୍ତ୍ତବିଭାଗ

**ସମ୍ବଲପୁର, ୧୨।୧୧ (ସମିସ)**

ପ୍ରାୟ ୬ ମାସ ହେଲା ଚର୍ଚ୍ଚ ଛକରେ କଲଭର୍ଟ ତିଆରି କରୁଛି ପୂର୍ତ୍ତ ବିଭାଗ। କଲଭର୍ଟ ଅହେତୁକ ଭାବେ ଉଚ୍ଚ କରିବାପରେ ଫ୍ଲାଏଆସ୍ ପକାଯାଇଥିବାରୁ ପ୍ରଚଣ୍ଡ ଧୂଳି ଉଡୁଛି। ଏହି ରାସ୍ତା ଦେଇ ଆର୍‌ଡିସି, ଜିଲ୍ଲାପାଳ, ଏସ୍‌ପି ଆଦି ବିଭିନ୍ନ କାର୍ଯ୍ୟାଳୟ ତଥା ସହରକୁ ଯିବା ମୁଖ୍ୟ ରାସ୍ତା ହେବାସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଛି। ଏହା ନିକଟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରହିଥିବାରୁ ହଜାର ହଜାର ଛାତ୍ରଛାତ୍ରୀ ଧୂଳିମୟ ପରିବେଶରେ ଯିବାଆସିବା କରୁଛନ୍ତି। ପୁଣି ବର୍ଷ ବର୍ଷ ଧରି ଏହାତଳେ ଯାଇଥିବା ପାନୀୟ ଜଳସଂଯୋଗ ପାଇପ୍ ଫାଟି ମଝିରେ ମଝିରେ ଭାସୁଛି ଚର୍ଚ୍ଚ ଛକ। ଏଥିପାଇଁ ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାସ୍ତା ମଝିରେ ଖୋଳି ଦିଆଯାଇଥିଲା। ଏହାପରେ ଭଲଭାବେ ଫିଲିଂ କରିନଥିବାରୁ ପୁଣି ମାଟି ଧସିଗଲା। ଦି'ଚକିଆ, ତିନିଚକିଆ ଗାଡ଼ି ଫସିବା ପରେ ଟ୍ରାଫିକ୍ ପକ୍ଷରୁ ଗତକାଲି ଏଠାରେ ବ୍ୟାରିକେଡ୍ ଲଗାଗଲା। ଛଅ ମାସ ହେଲା ଲୋକେ ହନ୍ତସନ୍ତ ହେଉଥିବାବେଳେ ପୂର୍ତ୍ତ ବିଭାଗ ଉଦାସୀନ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ତାଗିଦ କରାଯାଉ ନାହିଁ।



ଗତ ବର୍ଷା ପୂର୍ବରୁ ଜୁନ୍ ପ୍ରଥମ ସପ୍ତାହରେ ସମ୍ବଲପୁରର ବ୍ୟସ୍ତବହୁଳ ଚର୍ଚ୍ଚ ଛକରେ ସଦର ଡାକ୍ତରଖାନା ପଟକୁ ସଂଯୋଗ କରୁଥିବା ରାସ୍ତାରେ କଲଭର୍ଟ କାମ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। କିଛିବର୍ଷ ତଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ /ଫାଟକ ଅଞ୍ଚଳର ବର୍ଷାଜଳ ନିଷ୍କାସନ ପାଇଁ କଲଭର୍ଟ ତିଆରି କରାଯାଇଥିଲା ହେଁ ପୁଣିଥରେ ତାହାକୁ ଭାଙ୍ଗି କଲଭର୍ଟ ନିର୍ମାଣ କରାଗଲା। ଏଥିଯୋଗୁଁ ପ୍ରାୟ ସବୁ ସମୟରେ ଚର୍ଚ୍ଚ ଛକକୁ ସଂଯୋଗ କରୁଥିବା ଫାଟକ ଓଭରବ୍ରିଜ ଉପରେ ଏବଂ ଧୂରୁରାପଡ଼ା ଛକ ପର୍ଯ୍ୟନ୍ତ ସକାଳୁ ରାତି ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ହେଉଛି। ଏହି ଜାମ୍‌ରେ ଡାକ୍ତରଖାନାକୁ ଯାଉଥିବା କିମ୍ବା ଡାକ୍ତରଖାନାରୁ ବୁର୍ଲା ବା ଅନ୍ୟ ସହରକୁ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଫସି ରହିବା ଦେଖାଯାଉଛି। ଏହି କଲଭର୍ଟ ଏତେ ଉଚ୍ଚ କରାଗଲା ଯେ, ରାସ୍ତା ସହିତ ତାହାକୁ ସମତୁଲ କରିବା ପାଇଁ ଉଭୟ ପଟେ କେଇ ଫୁଟ୍ ପୋତିବାକୁ ପଡ଼ିବ। ପୁଣି ସେଠାରେ ଗେଟି ପକାଗଲା। ଗେଟିପଥର ଗୁଡ଼ିକରେ ଦୁଇଚକିଆ ଗାଡ଼ି ଖସିବାସହ ଛୋଟବଡ଼ ଦୁର୍ଘଟଣା ଘଟିଲା। ଏହାସତ୍ତ୍ୱେ ପୂର୍ତ୍ତ ବିଭାଗର ନିଦ ଭାଙ୍ଗିଲା ନାହିଁ। ଧୂଳି ଉଡ଼ିବା ଅଭିଯୋଗ ହେଲେ ଦିନେଅଧେ ପାଣି ପକାଇଦେଇ ପୁଣି ଭୁଲି ଯାଉଛନ୍ତି। ଧୂଳି ଉଡ଼ି ପ୍ରଦୂଷଣରେ ଯିବାଆସିବା ଲୋକେ, ଛାତ୍ରଛାତ୍ରୀ ତଥା ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଏନେଇ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଫୋନ କଲେ ସେମାନେ ଉଠାଉ ନାହାନ୍ତି। ଗୋଟିଏ କଲଭର୍ଟ ତିଆରି ପାଇଁ ଛଅମାସ ନେବାପରେ ବି ତାହା ସମ୍ପୂର୍ଣ୍ଣ ହେବାର ନାମ ନେଉନଥିବାରୁ ସାମାଜିକ ଗଣମାଧ୍ୟମରେ ପୂର୍ତ୍ତ ବିଭାଗକୁ ଏଥିପାଇଁ ଭାରତରତ୍ନ ଦେବାକଥା ବୋଲି ସମାଲୋଚନା ଜୋର୍ ଧରିଛି। ଅନ୍ୟପକ୍ଷରେ ସମ୍ବଲପୁରର ଚାରୋଟି ଛକକୁ ଗୋଲେଇ ଛକ (ରୋଟାରୀ) କରିବା ପାଇଁ ରାଜ୍ୟ ସରକାରଙ୍କ ମଞ୍ଜୁରୀ ମିଳିବାସହ ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ତନ୍ମଧ୍ୟରେ ରହିଛି ସମ୍ବଲପୁରର ଚର୍ଚ୍ଚ ଛକ। ତେଣୁ ଏଠାରେ ଯେକୌଣସି ନିର୍ମାଣ ହେବ ତାହା ପୁଣିଥରେ ଭାଙ୍ଗିବା ଦ୍ୱାରା ଅର୍ଥଶ୍ରାଦ୍ଧ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

**୬ ମାସ ପରେ ବି ସରୁନି କାମ**
**ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ**
**ଅତ୍ୟଧିକ ଉଚ୍ଚତା କରାଗଲା**
**ଉଡୁଛି ଧୂଳି, ପ୍ରଦୂଷିତ ବାତାବରଣ**



ବୁଢ଼ାରଜା ରାସ୍ତାରେ ରିଲାଏନ୍ସ ମାର୍ଟର ଅପରପାର୍ଶ୍ୱରେ ରାସ୍ତା ଦବି ଗାତ ହୋଇଯାଇଛି।

## ରାସ୍ତା ଚଉଡ଼ା ପାଇଁ ପୁଣି କଟିଲା ଗଛ



**ସମ୍ବଲପୁର, ୧୨।୧୧ (ସମିସ)** : ରାସ୍ତା ଚଉଡ଼ା କରିବା ପାଇଁ ପୁଣି କଟାହେଲା ଗଛ। ମୁଦିପଡ଼ା ଛକରୁ ରେଳଷ୍ଟେସନ ପର୍ଯ୍ୟନ୍ତ ରାସ୍ତାରେ ପ୍ରାୟ ୮ରୁ ଊର୍ଦ୍ଧ୍ୱ ରାସ୍ତାକଡ଼ର ବଡ଼ ବଡ଼ ଗଛ କାଟି ଦିଆଯାଇଛି। ଉଭୟ ପାର୍ଶ୍ୱର ଏହି ପୁରାତନ ଗଛ ଗୁଡ଼ିକ ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ରହିଥିଲା। ଟ୍ରାଫିକ୍‌ର ଧଳା ଲାଇନ୍ ବାହାରେ ଗଛ ଗୁଡ଼ିକ ଥିବାବେଳେ ତାହାକୁ କାହିଁକି କଟାଯାଉଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି। ପୁଣି ଫାଟକ ଓଭରବ୍ରିଜରୁ ଅଇଁଠାପାଲି ଛକ ପର୍ଯ୍ୟନ୍ତ ରାସ୍ତା କଡ଼ର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗଛ ରାସ୍ତା ସମ୍ପ୍ରସାରଣ ସକାଶେ କଟାଯାଇଥିଲା। ତେବେ, ଗଛ କାଟିବାପରେ ରାସ୍ତାକୁ ସମ୍ପ୍ରସାରଣ କରାଗଲା ନାହିଁ କିମ୍ବା ରାସ୍ତାକଡ଼ ବ୍ୟବହାର ହେଲାନାହିଁ। ମୁଦିପଡ଼ା ରାସ୍ତାରେ ପୁଣି ପୂର୍ତ୍ତ ବିଭାଗ ସେହିଭଳି କାର୍ଯ୍ୟର ପୁନରାବୃତ୍ତି ନକରୁ ବୋଲି ସଚେତନ ମହଲରେ ମତପ୍ରକାଶ ପାଉଛି। ମିଳିଥିବା ସୂଚନା ଅନୁଯାୟୀ, ମୁଦିପଡ଼ା ଛକରୁ ରେଳଷ୍ଟେସନ ପର୍ଯ୍ୟନ୍ତ ରାସ୍ତାକୁ ଚଉଡ଼ାକରି ଚାରିଥାକିଆ କରାଯିବ। ମିଡିଆନର ଉଭୟ ପାର୍ଶ୍ୱରେ ୧୦ ମିଟର ଲେଖାଏଁ ରାସ୍ତା ରହିବ। ଏହାସହ ମିଡିଆନ ୧ ମିଟର ଏବଂ ଉଭୟ ପାର୍ଶ୍ୱରେ ନାଳ ଦେଢ଼ ମିଟର ଲେଖାଏ ରହିବ।

**ନିୟମ କାନୁନ ଭୁଲିଗଲେ**

## ପୁଲିସ ବୋଲି ବିଚ୍ ରାସ୍ତାରେ ନିର୍ଦ୍ଧୁମ ପିଟିଲେ

**ସମ୍ବଲପୁର, ୧୨।୧୧(ସମିସ):** ପୁଲିସ ବୋଲି ନିୟମ କାନୁନ କାହାକୁ ଡରନାହିଁ। ରାସ୍ତା ଉପରେ ଜଣକୁ ନିର୍ଦ୍ଧୁମ ପିଟିଲେ। ଏପରି ମାଡ଼ ମାରିଲେ, ମାଡ଼ ଖାଇଥିବା ବ୍ୟକ୍ତି ଜଣଙ୍କର କାନରୁ ରକ୍ତ ବାହାରି ଚିକିତ୍ସିତ ହେଉଛନ୍ତି। ଘଟଣାଟି ଧନୁପାଲି ଥାନା ଅଞ୍ଚଳରେ ଘଟିଯାଇଛି। ରିଜର୍ଭରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିବା ଜଣେ ବ୍ୟକ୍ତି ଏପରି କାଣ୍ଡ ଭିଆଇଛନ୍ତି। ଚାରଭାଟିର ଶୁଭମ କୁମାର ହୋତାଙ୍କୁ କାର୍ଯ୍ୟରତ କନଷ୍ଟେବଳ ରାଜେଶ ରାଉତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଗତ ମାସ ୧୫ ତାରିଖରେ ଶୁଭମର ବାଇକ୍ ଧକ୍କାରେ ରାଜେଶଙ୍କ ବାପା ଆହତ ହୋଇଥିଲେ। ଏ ନେଇ ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା। ଆଇନ ଅନୁସାରେ ଗାଡ଼ି ଜବତ ହେବା ସହ ଶୁଭମ ଦଣ୍ଡିତ ହୋଇଥିଲେ। ବାପାଙ୍କ ଚିକିତ୍ସା ବାବଦକୁ ରାଜେଶ ଟଙ୍କା ମାଗିଥିଲେ। କିନ୍ତୁ ଶୁଭମ ଦେବା ପାଇଁ ମନା କରିଥିଲେ। ଏହାକୁ କେନ୍ଦ୍ର କରି ଅନେକ ଥର ବିବାଦ ମଧ୍ୟ ହୋଇଥିଲା। ଆଜି ଧନୁପାଲି ଚାରଭାଟି ଭି-ମାର୍ଟ ସମ୍ମୁଖରେ ଏହି ଘଟଣାକୁ ନେଇ ଶୁଭମ ଓ ରାଜେଶଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ରାଜେଶଙ୍କ ସହ ଅନ୍ୟ ଜଣେ କନଷ୍ଟେବଳ ମଧ୍ୟ ଆସିଥିଲେ। ରାଜେଶ ଟଙ୍କା ମାଗିବା ସହ ଝଗଡ଼ା କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ଶୁଭମକୁ ମାଡ଼ ମାରିଥିଲେ। ଫଳରେ ଶୁଭମଙ୍କ କାନ ଫାଟିବା ସହ ଅନ୍ୟସ୍ଥାନରୁ ରକ୍ତସ୍ରାବ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଆଇନ ଅନୁସାରେ ଶୁଭମ ଦଣ୍ଡିତ ହେବା ପରେ କେଉଁ ଅଧିକାରରେ ରାଜେଶ ଏପରି କାଣ୍ଡ ଭିଆଇଛନ୍ତି ସେ ପ୍ରଶ୍ନ କରିଛନ୍ତି। ଯେହେତୁ ସେ ଜଣେ କାର୍ଯ୍ୟରତ କନେଷ୍ଟବଳ ତେଣୁ ନିର୍ଭୟରେ ଏପରି କରିଥିବା ଶୁଭମ ଅଭିଯୋଗ କରିଛନ୍ତି। ତେଣୁ ଆଇନ ଅନୁସାରେ ପୁଲିସ ତାଙ୍କ ନ୍ୟାୟ ଦେବାକୁ ସେ ଅନୁରୋଧ କରିଛନ୍ତି। ଉଭୟ ପକ୍ଷରୁ ଧନୁପାଲି ଥାନାରେ ଅଭିଯୋଗ ହୋଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।



## ଗାଡ଼ିଚାଳକ ଓ ସହାୟକଙ୍କ ଦରମା ନିୟମିତ ପ୍ରଦାନ ଦାବି



**ସମ୍ବଲପୁର, ୧୨।୧୧ (ସମିସ) :** ସମ୍ବଲପୁର ମହାନଗର ନିଗମର ଗାଡ଼ିଚାଳକ ଓ ସହାୟକ (ଲୋଡର) ମାନଙ୍କ ଦରମା ନିୟମିତ ପ୍ରଦାନ କରିବାକୁ ବୁଧବାର ମହାନଗର ନିଗମ ଆୟୁକ୍ତଙ୍କଠାରେ ଦାବି ଜଣାଇଛନ୍ତି। ସେମାନଙ୍କ ଦାବିପତ୍ର ଅନୁଯାୟୀ ତିନିମାସରେ ଥରେ ଗୋଟିଏ ମାସର ଦରମା ଦିଆଯାଉଛି। ସେମାନେ ଗରିବ, ଖଟିଖିଆ ପରିବାରର ହୋଇଥିବାରୁ ଏହାଦ୍ୱାରା ପରିବାର ପ୍ରତିପୋଷଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେମାନଙ୍କୁ ନିୟମିତ ପ୍ରତିମାସରେ ଦରମା ପ୍ରଦାନ ସହ ସ୍ଥାୟୀ କର୍ମଚାରୀ ଭାବେ ନିୟୋଜିତ କରିବାକୁ ଦାବି ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗାଡ଼ିଚାଳକ ଓ ସହାୟକ (ଲୋଡର) ମାନେ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଥିବାବେଳେ ସେମାନେ ମହାନଗର ନିଗମର ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଛନ୍ତି ଏବଂ ସେହି ସଂସ୍ଥା ସେମାନଙ୍କୁ ମାସିକ ଦରମା ଦେଇଥାଏ।

## କଫସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର, ୧୨।୧୧(ସମିସ):** କଫସିରପ କାରବାର ଅଭିଯୋଗରେ ବୁର୍ଲା ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ବୁର୍ଲା ଥାନା ଗୌଡ଼ପାଲିର ଚାନ୍ଦ ବଞ୍ଜୋର(୨୩)। ତାଙ୍କ ନିକଟରୁ ପୁଲିସ ୨୫ ବୋତଲ କଫସିରପ୍, ୫ଟି ବୋତଲ କ୍ୟାପ, ୨୦ଟି ଦେଶି ପାଉଚମଦ ଓ ନିଶା ଟ୍ୟାବଲେଟ ଜବତ କରିଛି। ଗତକାଲି ପାଟ୍ରୋଲିଂ ସମୟରେ ବେଆଇନ ନିଶା କାରବାର ହେଉଥିବା ନେଇ ପୁଲିସ ଖବର ପାଇଥିଲା। ପରେ ତଦନ୍ତ କରି ଗୌଡ଼ପାଲି ଓସିବି ସ୍ୱାସ୍ଥ୍ୟସେଣ୍ଟର ପାଖରେ ଚଢ଼ଉ କରିବା ସମୟରେ ଏହି ସମସ୍ତ ସାମଗ୍ରୀ ପୁଲିସ ପାଇଥିଲା। ଅଭିଯୁକ୍ତକୁ ଗିରଫପରେ ପୁଲିସ କୋର୍ଟ ଚାଲାଣ କରିଛି।

## ଆଇଆଇଏମ୍ ଓ ଆରଏଆଇ ମଧ୍ୟରେ ଚୁକ୍ତି

**ସମ୍ବଲପୁର, ୧୨।୧୧(ସମିସ):** ଆଇଆଇଏମ୍ ସମ୍ବଲପୁର ଓ ରିଟେଲର୍ସ ଅସୋସିଏସନ୍ ଅଫ୍ ଇଣ୍ଡିଆ(ଆରଏଆଇ) ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ରିଟେଲ୍ ଶିକ୍ଷା, କୌଶଳ ଉନ୍ନୟନ ଓ ଗବେଷଣାକୁ ଶିଳ୍ପ-ଶିକ୍ଷା ସହଯୋଗ ମାଧ୍ୟମରେ ଆଗେଇ ନେବାକୁ ଲକ୍ଷ ରଖି ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ଆଧୁନିକ ରିଟେଲ୍ ପରିଦୃଶ୍ୟ ବୁଝିବା, ବ୍ୟବହାରିକ ଅନୁଭବ ଓ ଶିଳ୍ପ ଆବଶ୍ୟକତା ସହିତ ସମନ୍ୱୟ ରଖି ସମ୍ପର୍କିତ କ୍ଷମତା ଗଠନ କରିବା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସୱାଲ କହିଛନ୍ତି, ଏହି ସହଯୋଗ ଭାରତୀୟ ପ୍ରବନ୍ଧନ ଶିକ୍ଷାରେ 'ବ୍ରାଣ୍ଡ ଇନ୍ ଇଣ୍ଡିଆ' ଧାରଣାକୁ ଏକ ନୂତନ ଯୁଗକୁ ନେଇଯାଉଛି। ଏହା ଦାୟିତ୍ୱଶୀଳ, କୌଶଳ-ମୁଖୀ ଓ ନବୀନ ଅନୁଭବ ସହିତ ଶିଳ୍ପ-ସମ୍ପୃକ୍ତ ଶିକ୍ଷାକୁ ଉତ୍ସାହିତ କରିବ। ରିଟେଲର୍ସ ଅସୋସିଏସନ୍ ଅଫ୍ ଇଣ୍ଡିଆର ସିଇଓ କୁମାର ରାଜଗୋପାଳନ କହିଛନ୍ତି, ଆଇଆଇଏମ୍ ସମ୍ବଲପୁର ସହ ଏହି ସହଯୋଗ ମାଧ୍ୟମରେ ଆରଏଆଇ ଶିଳ୍ପ ଓ ଶିକ୍ଷାର ମଧ୍ୟରେ ସେତୁ ଗଠନର ମିଶନ୍‌କୁ ଆଗେଇ ନେଉଛି। ଏହି ସହଯୋଗ କେବଳ ଶିକ୍ଷା ନୁହେଁ ବରଂ ଏହା ଭାରତର ରିଟେଲ ଇକୋସିଷ୍ଟମକୁ ଆଗାମୀ ପିଢ଼ୀ ପାଇଁ ସୁସଜ୍ଜିତ କରିବ ବୋଲି ସେ କହିଛନ୍ତି।




## ବ୍ରାଉନସୁଗର ଜବତ, ଜଣେ ଗିରଫ

**ସମ୍ବଲପୁର, ୧୨।୧୧(ସମିସ):** ଧନୁପାଲି ପୁଲିସ ବ୍ରାଉନସୁଗର କାରବାରରେ ଜଣକୁ ଗିରଫ କରିଛି। ସେ ହେଉଛି ମୋତିଝରଣର ଏମଡି ସାହିଲ(୨୧)। ପୁଲିସ ତା ନିକଟରୁ ୩୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ସୂଚନା ଅନୁସାରେ ଏମଡି ସାହିଲ କଲିକତାରୁ ବ୍ରାଉନସୁଗର ଆଣି ସମ୍ବଲପୁରରେ ବିକ୍ରି କରିବା ପାଇଁ ଆଣିଥିଲା। ଡିଅର ପାର୍କ ପାଖରେ ଏହି କାରବାର ଚାଲୁଥିବା ବେଳେ ଧନୁପାଲି ପୁଲିସ ଖବର ପାଇଥିଲା। ଟିମ ଗଠନ କରି ଚଢ଼ଉ ବେଳେ ଅଭିଯୁକ୍ତକୁ ଗିରଫ କରିଥିଲା।

## ଉତ୍ସର୍ଗ ପକ୍ଷରୁ ଶୋକସଭା

**ସମ୍ବଲପୁର, ୧୨।୧୧ (ସମିସ) :** 'ଉତ୍ସର୍ଗ' କାର୍ଯ୍ୟାଳୟରେ ବୁଧବାର ବରିଷ୍ଠ ସଭ୍ୟ ଚିତ୍ତରଞ୍ଜନ ବେହେରାଙ୍କ ବିୟୋଗରେ ସଂଯୋଜକ ପ୍ରଶାନ୍ତ କୁମାର ପାଟ୍ଟଯୋଶୀଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ବେହେରା ଅନୁଷ୍ଠାନର ଓ-ପଜିଟିଭ ରକ୍ତଦାତା ଥିଲେ। ଅସହାୟ ରୋଗୀଙ୍କୁ ଅନେକଥର ରକ୍ତଦାନ କରି ରୋଗୀଙ୍କ ମୁହଁରେ ହସ ଫୁଟାଇ ପାରିଥିଲେ। ଶୋକସଭାରେ ଶ୍ୟାମସୁନ୍ଦର ଅଗ୍ରୱାଲ, ଇନ୍ଦ୍ରଭୂଷଣ ପୃଷେଠ, ଲମ୍ବୋଦର ମିଶ୍ର, ଉମାଶଙ୍କର ଯୋଶୀ, ଲକ୍ଷ୍ମଣ କୁମାର ପାଣିଗ୍ରାହୀ, ସଞ୍ଜିବ ମିଶ୍ର, ମହେନ୍ଦ୍ର ମିଶ୍ର, ଲୋକନାଥ ପାଣ୍ଡେ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୦୬ ବର୍ଷ ପୂର୍ତ୍ତି

**ସମ୍ବଲପୁର, ୧୨।୧୧ (ସମିସ) :** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆଙ୍କ ନେତୃତ୍ୱରେ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାହକ, କ୍ଷେତ୍ରୀୟ କାର୍ଯ୍ୟାଳୟ କର୍ମଚାରୀ, ଶାଖା ମୁଖ୍ୟ, ବ୍ୟାଙ୍କର ପୂର୍ବତନ କର୍ମଚାରୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଆଶିଷ ପାଣ୍ଡେ, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦ୍ରୀୟ କାର୍ଯ୍ୟାଳୟ, ମୁମ୍ବାଇରୁ ଭର୍ଚୁଆଲ ମାଧ୍ୟମରେ ସମସ୍ତ ଗ୍ରାହକ ଓ କର୍ମଚାରୀଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ୧୦୬ ବର୍ଷ ପୂରଣ କରି ୧୦୭ତମ ବର୍ଷରେ ପ୍ରବେଶ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବିତ୍ତୀୟ ଅଧିକାରୀ (ଟିପିଓଡ଼ବ୍ଲ୍ୟୁଓଡିଏଲ୍) ମୋହିତ ଭି ଜୈନ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ (ଅର୍ଥ) ଭାଗବତ ନାୟକ, ମହାନଦୀ କୋଲଫିଲ୍ଡସ ଲିମିଟେଡ୍ ମହାପ୍ରବନ୍ଧକ (ଅର୍ଥ) ସଞ୍ଜିବ କୁମାର ମହାପାତ୍ର, ଏମସିଏଲ ମହାପ୍ରବନ୍ଧକ(ଅର୍ଥ) ସଞ୍ଜୟ କୁମାର ସାହୁ, ଏମସିଏଲ ଉପମହାପ୍ରବନ୍ଧକ (ଅର୍ଥ) ବିକେ ପରିଡ଼ା ଉପସ୍ଥିତ ଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଓଡ଼ିଶୀ ଏବଂ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସମ୍ବଲପୁରର ଉପକ୍ଷେତ୍ରୀୟ ମୁଖ୍ୟ ପବନ କୁମାର କୋଲୁ ମଧ୍ୟ ଉପସ୍ଥିତ ଥିଲେ।



## ସାଂସଦ ପ୍ରତିନିଧିଙ୍କ ମାତୃ ବିୟୋଗ

**ଜମନକିରା, ୧୨।୧୧(ସମିସ):** ଜମନକିରା ବ୍ଲକ ସାଂସଦ ପ୍ରତିନିଧି ରମେଶ ସାହୁଙ୍କ ମା' ସରୋଜିନୀ ସାହୁ (୭୯)ଙ୍କ ସୋମବାର ରାତିରେ ତାଙ୍କ ବାସଭବନରେ ହୃଦ୍‌ଘାତରେ ଦେହାନ୍ତ ଘଟିଛି। ରାତି ପ୍ରାୟ ୯ଟାବେଳେ ପରିବାର ଲୋକଙ୍କ ସହିତ ବସି ଟିଭି ଦେଖୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କଲେ। ପରିବାର ଲୋକ କ'ଣ ହେଉଛି ଜାଣିବା ବେଳକୁ ପ୍ରାଣବାୟୁ ଚାଲିଯାଇଥିଲା। ମୃତଶ୍ୟ ବେଳକୁ ସ୍ୱାମୀ ପ୍ରଫୁଲ୍ଲ ସାହୁ, ବଡପୁଅ ରମେଶ, ବୋହୁ ସବିତା, ସାନପୁଅ ସୁବାସ, ବୋହୂ ନମିତା, ନାତି ନିପୁନ ବୋହୁ ସଙ୍ଗୀତା, ନାତୁଣୀ ନିତୁ ଲିସ୍ତୁ, ଲିତୁ ଓ ଅଭିଦେବ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟନ ଓ ପରଉପକାରୀ ମହିଳା ଥିଲେ। ତାଙ୍କ ଦେହାନ୍ତ ଖବର ଶୁଣି ଝିଅ ଜ୍ୱାଇଁ, ବନ୍ଧୁ ବାନ୍ଧବ, ଅଞ୍ଚଳର ବହୁ ଜନପ୍ରତିନିଧି ସହ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମଧୁବନ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ରମେଶ ମୁଖାଗ୍ନି ଦେଇଥିଲେ।



## ଅସହାୟଙ୍କୁ ଥଇଥାନ କଲା ଏମ୍ସ ଫାଉଣ୍ଡେସନ

**ସମ୍ବଲପୁର, ୧୨।୧୧(ସମିସ):** ଏମ୍ସ ଫାଉଣ୍ଡେସନ ପକ୍ଷରୁ ଶ୍ରୀମନ୍ତ ପାତ୍ର ଏକ ଅସହାୟକୁ ପରିଚୟ ସହଯୋଗରେ ଥଇଥାନ କରିଛନ୍ତି। ଅସହାୟ ଜଣଙ୍କ ଦୁର୍ଘଟଣାରେ ଡାହାଣ ଗୋଡ଼ ହରାଇ ଦୀର୍ଘମାସ ହେବ ଭିମସାରରେ ଚିକିତ୍ସିତ ହୋଇ ଅସହାୟ ୱାର୍ଡରେ ଥିଲେ। ଏହି ଘଟଣା ଜାଣିବା ପରେ ଏମ୍‌ସ ଫାଉଣ୍ଡେସନ ତାଙ୍କୁ କୃତ୍ରିମ ଗୋଡ଼ ଲଗେଇବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ବିଏନଏସରେ ପହଞ୍ଚାଇବା ପାଇଁ ସହଯୋଗ କରିଥିଲା। ଏଥିରେ ବିପିନ ବିହାରୀ ପଣ୍ଡା, ସୁବ୍ରତ ବିଶ୍ୱାଳ, ହେମାନନ୍ଦ ଦେହୁରୀ, ନାରାୟଣ ପ୍ରଧାନ, ମଧୁରଞ୍ଜନ ଛତ୍ରିଆ ଏବଂ ମେଡିକାଲ ଷ୍ଟାଫ୍ ଅଜିତ ନାଏକ, ଅଞ୍ଜଳି ସାହୁ, ଭିମସାର କର୍ତ୍ତୃପକ୍ଷ ସହଯୋଗ କରିଥିଲେ।



# ବୁର୍ଲା ମାର୍କେଟ କମ୍ପ୍ଲେକ୍ସ ଆବଣ୍ଟନ ପ୍ରକ୍ରିୟାରେ ଅନିୟମିତତା

**ସମ୍ବଲପୁର, ୧୨।୧୧(ସମିସ)**

ବୁର୍ଲାରେ ସରକାରଙ୍କ ପକ୍ଷରୁ ନିର୍ମିତ ମାର୍କେଟ କମ୍ପ୍ଲେକ୍ସର ଆବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ହେଉଥିବା ନେଇ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଦାବି କରିଛନ୍ତି। ସେ କହିଛନ୍ତି, ଦୋକାନ ହରାଇଥିବା ବ୍ୟବସାୟୀମାନଙ୍କ ସ୍ଥାୟୀ ସମାଧାନ ନିମନ୍ତେ ବିଜେଡିର ଏକ ପ୍ରତିନିଧି ଦଳ ବୁର୍ଲା ବ୍ୟବସାୟୀମାନଙ୍କ ସହ ମିଶି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ବିଷୟରେ ଅବଗତ କରିଥିଲେ। ଏଥି ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ କରିଥିଲେ ଯେ ବୁର୍ଲାଠାରେ ବ୍ୟବସାୟୀମାନଙ୍କ ସୁବିଧା ନିମନ୍ତେ ବିରାଟ ନୂତନ ଭେଣ୍ଡିଂଜୋନ୍ ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ପ୍ରାଥମିକତା ଦିଆଯାଇ ସେହି ଭେଣ୍ଡିଂଜୋନ ଏବଂ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରାଯିବ ଏବଂ ପରେ ଅନ୍ୟମାନଙ୍କୁ ଆବଣ୍ଟନ କରାଯିବ। ଏହାକୁ ଦୃଷ୍ଟିରେରେ ରଖି ବୁର୍ଲାରେ ଦୁଇଟି ନୂତନ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ପାଇଁ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ପ୍ରକ୍ରିୟାରେ ପୂର୍ବ ସରକାର ସମୟରେ ଦିନଦୟାଲ ମାର୍କେଟ କମ୍ପ୍ଲେକ୍ସ ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ବସିଥିବା ବେଳେ ଅନ୍ୟ ଏକ ମାର୍କେଟ କମ୍ପ୍ଲେକ୍ସ ଯାହା କି ଭାରତୀ କ୍ଲବ ପଡ଼ିଆ ନିକଟରେ ଅବସ୍ଥିତ ତାହା ନିର୍ମାଣାଧୀନ ରହିଥିଲା। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଖାଯାଉଛି ଯେ ଯେଉଁ ଦିନଦୟାଲ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ ଆବଣ୍ଟନ ହେଲା ସେଥିରେ ପ୍ରବଳ ଦୁର୍ନୀତି ସାମ୍ନାକୁ ଆସିଛି। ଏହି ପ୍ରକ୍ରିୟାରେ ପୂର୍ବରୁ ଦିନଦୟାଲ ମାର୍କେଟ କମ୍ପ୍ଲେକ୍ସରେ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ନୂତନ ଦିନଦୟାଲ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ଆବଣ୍ଟନ କରାଯାଉ ନାହିଁ। ଏହା ବଦଳରେ ପ୍ରକୃତ ହିତାଧିକାରୀ ବଦଳରେ ବିଜେପି କର୍ମୀ ଏବଂ ନେତୃବୃନ୍ଦଙ୍କୁ ବଣ୍ଟନ କରାଯିବା ଘଟଣା ସମ୍ପର୍କରେ ଆଲୋଚିତ ହେଉଛି। ଅନ୍ୟପକ୍ଷରେ ଭାରତୀ କ୍ଲବ୍ ନିକଟରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ଆବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଯୋଗୁଁ ଯୋଗ୍ୟ ହିତାଧିକାରୀ ତଥା ବ୍ୟବସାୟୀ ଏବଂ ଜନସାଧାରଣଙ୍କ ତୀବ୍ର ବିରୋଧ ଯୋଗୁଁ ବର୍ତ୍ତମାନ ପର୍ଯ୍ୟନ୍ତ ତିନି ଥର ଏହି ଆବଣ୍ଟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି। ଯଦି ବିଜେପି ସରକାର ଏବଂ ସ୍ଥାନୀୟ ବିଧାୟକ ଏହି ଦିଗରେ ବିଶେଷ ଦୃଷ୍ଟି ନ ଦେଇ ଯଦି ସଚେତନ ନ ହୁଅନ୍ତି ତେବେ ଆଗାମୀ ଦିନରେ ସରକାର ଏବଂ ପ୍ରଶାସନ କୁ ତୀବ୍ର ଜନଆନ୍ଦୋଳନର ସାମ୍ନା କରିବାକୁ ପଡ଼ିବ ବୋଲି ଇଂ ପୂଜାରୀ ସଜାଗ କରିଛନ୍ତି। ସମସ୍ୟା ଘେରରେ ରହିଥିବା ପ୍ରକୃତ ବ୍ୟବସାୟୀ ମାନଙ୍କୁ ଆବଣ୍ଟନ କରା ନ ଯାଏ ତେବେ ବିଜୁ ଜନତା ଦଳ ପକ୍ଷରୁ ଏକ ବ୍ୟାପକ ଘେରାଉ କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

**ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ ରୋହିତ**

## ୧୬ରେ ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା ପ୍ରତିଯୋଗିତା

**ସମ୍ବଲପୁର, ୧୨।୧୧ (ସମିସ) :** ଆସନ୍ତା ୧୬ ତାରିଖ ରଙ୍ଗୋଲି ମ୍ୟୁଜିକ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା ପ୍ରତିଯୋଗିତାର ୧୫ତମ ସଂସ୍କରଣ ଆୟୋଜିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆଜି ପୂର୍ବାହ୍ଣରେ ଅନୁଷ୍ଠାନର ସଭାପତି ପବିତ୍ର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ଓଡ଼ିଶା ସାଂସ୍କୃତିକ ସମାଜଠାରେ ଦିନ ୧୦ଟା ଆରମ୍ଭ ହେବ। ଏଥିରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ପ୍ରଥମେ ଯୋଗ୍ୟତା ପର୍ଯ୍ୟାୟ ଅନୁଷ୍ଠିତ ହେବ ଏବଂ ପରେ ଚୟନ ହୋଇଥିବା ପ୍ରତିଯୋଗୀଙ୍କୁ ନେଇ ସେମିଫାଇନାଲ ଓ ଫାଇନାଲ ପ୍ରତିଯୋଗିତା ହେବ। ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୧୧ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବାକୁ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ଉପବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯିବ। ଏହାସହ ସ୍ୱତନ୍ତ୍ର ଜୁରୀ ଆୱାଡ୍ ଏବଂ ଅଡିଏନ୍ସ ଚଏସ୍ ଆୱାଡ୍ ମଧ୍ୟ ପ୍ରଦାନ କରାଯିବ। ଏଯାବତ୍ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୦ରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ହସ୍ତଗତ ହେଲାଣି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ତ୍ରିପାଠୀଙ୍କ ସମେତ ସମ୍ପାଦକ ଭାଗିରଥି ସିଂଦେଓ, ସଂଯୋଜକ ତ୍ରିଲୋଚନ ତ୍ରିପାଠୀ ଓ ଉପଦେଷ୍ଟା ବେଦଶ୍ରୁତି ମହାପାତ୍ର ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ୨୦୨୪ ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା ପ୍ରତିଯୋଗିତାରେ ଟିଟିଲାଗଡ଼ର ଗୋବିନ୍ଦ ଚନ୍ଦ୍ର ବାଗ ଚାମ୍ପିଅନ ହୋଇଥିଲେ।

## କୋକସୁର ଗାଁରେ ଅପହଞ୍ଚ ମୌଳିକ ସୁବିଧା

# ରାସ୍ତା, ବିଜୁଳି ଓ ପାଣିର ସଂକଟ

**ଲାଞ୍ଜିଗଡ଼, ୧୨।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ଅଧୀନ କୋକସୁର ବାସିନ୍ଦାଙ୍କ ପାଇଁ ଆଜିବି ଅପହଞ୍ଚ ମୌଳିକ ସୁବିଧା। ଗାଁରେ ରହନ୍ତି ୨୨ଟି ଆଦିବାସୀ ପରିବାର, ହେଲେ ଗାଁରେ ପାନୀୟଜଳ ପାଇଁ ଭଲ ବ୍ୟବସ୍ଥା ନାହିଁ। ଯାତାୟାତ ପାଇଁ ଭଲ ରାସ୍ତା ନାହିଁ। ବିଦ୍ୟାଳୟ ନାହିଁ, ଅଙ୍ଗନବାଡ଼ି କେନ୍ଦ୍ର ନାହିଁ କି ସ୍ୱାସ୍ଥ୍ୟସେବା ବି ନାହିଁ। ସତେ ଯେମିତି ନାହିଁ ନାହିଁରେ ବନ୍ଧା ପଡ଼ିଛି କୋକସୁର ଗାଁର ଭାଗ୍ୟ। ପ୍ରଶାସନ ପକ୍ଷରୁ କାମ ନ ମିଳିବା ଯୋଗୁଁ ଲୋକଙ୍କ ଆର୍ଥିକ ଅବସ୍ଥା ସବୁବେଳେ ଦୟନୀୟ। ବହୁବର୍ଷ ପରେ ନୂତନ ଭାବେ ଆଦିବାସୀ ବୋଲି ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘରଖଣ୍ଡେ ଗତବର୍ଷ ୭ ପରିବାରଙ୍କୁ ମିଳିଥିବା ବେଳେ ଚଳିତବର୍ଷ ୧୦ ଜଣଙ୍କୁ ମିଳିଛି। କିନ୍ତୁ ରାସ୍ତା ନ ଥିବା ଯୋଗୁଁ ଘର କରିବା କଷ୍ଟକର ହୋଇ ପଡ଼ିଛି। ଗାଁରେ ଗୋଟିଏ ନଳକୂଅ ଥିବାବେଳେ ବହୁବର୍ଷ ହେଲା ତାହା ଅଚଳ ହୋଇପଡ଼ିଛି। ତେଣୁ ଗାଁ ଠାରୁ ଅଧା କିମି ଦୂରରେ ଥିବା ଚାଷ ଜମିରେ କୁଣ୍ଡକରି ଖୋଲା ଆକାଶ ତଳେ ଥିବା ସେହି ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଗତ ୧୧ ବର୍ଷ ତଳୁ ବିଜୁଳି ସଂଯୋଗ ପାଇଁ ଖୁଣ୍ଟ ପୋତାଯାଇ ତାର ଟଣାଯାଇଛି। ହେଲେ ସଂଯୋଗ ନ ଥିବାରୁ ଏବେ ବି ଅନ୍ଧାରରେ ରହୁଛି ଗାଁ। ସେହିପରି ଆଜି ପର୍ଯ୍ୟନ୍ତ କୌଣସି ପରିବାରଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିନାହିଁ। ଏସବୁ ସମସ୍ୟା ନେଇ ଗାଁ ଲୋକେ ଗତ ୨୦୨୦ ମସିହାରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।





ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଲାଞ୍ଜିଗଡ଼ର ତତ୍କାଳୀନ ତହସିଲଦାର ମୁନୀନ୍ଦ୍ର ହୋନ୍ନାଙ୍ଗା ଓ ଏହାପରେ ଲାଞ୍ଜିଗଡ଼ ତତ୍କାଳୀନ ବିଡିଓ ଜିତେନ୍ଦ୍ର ମିଶ୍ର ଗାଁକୁ ଯାଇ ଗାଁର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଗାଁର ଯୁବକଙ୍କୁ ମନରେଗା ଯୋଜନାରେ କାମ ଯୋଗାଇବା ସାଙ୍ଗକୁ ଅନ୍ୟ ମୌଳିକ ସୁବିଧା ଉପଲବ୍ଧ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ରାସ୍ତା ନିର୍ମାଣ ହୋଇଥିଲା। ପାନୀୟଜଳ ଯୋଗାଣ ପାଇଁ ଗାଁରେ ଦୁଇଟି ଗଭୀର ନଳକୂଅ ଖନନ କରାଗଲା। ବିଦ୍ୟୁତ ବିଭାଗ କର୍ମଚାରୀମାନେ ମଧ୍ୟ ପହଞ୍ଚି ଥିଲେ। ହେଲେ ସତେ ଯେମିତି ସେତିକିରେ ହିଁ ଉନ୍ନୟନ ମୂଳକ କାମ ଠପ୍ ହୋଇଗଲା। ଗାଁକୁ ଯାଇଥିବା କଚା ରାସ୍ତାଟି ବର୍ଷା ପାଣିରେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବାଇକ୍ ଯିବା ବି କଷ୍ଟକର ହୋଇପଡ଼ିଛି। ଗ୍ରାମବାସୀଙ୍କୁ ଏଯାଏଁ ଜଙ୍ଗଲ ଜମି ପଟ୍ଟା କିମ୍ବା ପରିବାର ପ୍ରତିପୋଷଣ ପାଇଁ କାମ ମିଳିନାହିଁ। କେବଳ ପୋଡୁ ଚାଷ ଉପରେ ନିର୍ଭର କରିଥାନ୍ତି ଏହି ଆଦିବାସୀ। ଏନେଇ ସରପଞ୍ଚ ପୁରାଣା ମାଝୀଙ୍କ କହିବା ଅନୁଯାୟୀ, କୋକସୁର ଗାଁର ସମସ୍ୟା ନେଇ ସେ ପଞ୍ଚାୟତ ସମିତି ବୈଠକ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ ଓ ଲାଞ୍ଜିଗଡ଼ ବିଧାୟକଙ୍କ ସହିତ ଆଲୋଚନା କରିବା ପରେ ଗତ ଜାନୁଆରୀ ମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ଗାଁକୁ ଆସି ରାସ୍ତା ନିର୍ମାଣ ପାଇଁ ଦେଖିକି ଯାଇଥିଲେ। ଖୁବଶୀଘ୍ର ଗାଁକୁ ରାସ୍ତା କାମ ଆରମ୍ଭ ହେବ ବୋଲି କହିଥିଲେ। କିନ୍ତୁ ଇତିମଧ୍ୟରେ ୧୦ ମାସ ବିତି ଯାଇଥିଲେ ମଧ୍ୟ ରାସ୍ତା କାମ ହୋଇ ପାରିଲା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଜିଲ୍ଲା ଓ ବ୍ଲକ ପ୍ରଶାସନ ଏହି ଗାଁ ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଗାଁର ୱାଡମେମ୍ବର ଡମେ ମାଝୀ, ଚିତ୍ର ମାଝୀ, ରାଜୀବ ମାଝୀ, ଘାସି ମାଝୀ, କାଡ଼ମେ ମାଝୀ, ସାବି ମାଝୀ, ରାଜିଙ୍ଗ ମାଝୀ, ଶିବ ମାଝୀଙ୍କ ସମେତ ଗ୍ରାମବାସୀ କହିଛନ୍ତି।

## ଅମାନିଆଙ୍କ ଯୋଗୁଁ ବଢୁଛି ଦୁର୍ଘଟଣା

# ଦୁର୍ଘଟଣାଗ୍ରସ୍ତ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷଙ୍କ ପରଲୋକ

**କେସିଙ୍ଗା, ୧୨।୧୧(ସମିସ):** ସ୍ଥାନୀୟ ରିଲାଏନ୍ସ ପେଟ୍ରୋଲ ପମ୍ପ ପାଖରେ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଥିବା ପୂର୍ବତନ କେସିଙ୍ଗା ବ୍ଲକ ଉପାଧ୍ୟକ୍ଷ ତଥା ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ରଜନୀ ପୋଡ଼ ବୁର୍ଲା ମେଡିକାଲରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏମିତି ଅନେକ ଦୁର୍ଘଟଣା କେସିଙ୍ଗାରେ ନିତିଦିଆ କଥା ହେଲାଣି କିଛି ଦୁର୍ଘଟଣା ଖବର ଗଣମାଧ୍ୟମରେ ପ୍ରକାଶ ପାଇଲେ ଲୋକେ ଜାଣୁଛନ୍ତି ନହେଲେ ଦୁର୍ଘଟଣା ଦୁର୍ଘଟଣା ରେ ରହିଯାଇ ପଦାକୁ ଆସିପାରୁନାହି। ସେପଟେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ କେସିଙ୍ଗା ଏନ୍ଏସି ପକ୍ଷରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଛକଠାରେ କମ୍ପ୍ୟୁଟରୀକରଣ ସିଗ୍ନାଲ ବ୍ୟବସ୍ଥା କରି ନିଜ କାମ ସାରିଦେଲା। ସିଗ୍ନାଲ ତା ବାଟରେ ଜଳୁଛି, ଅମାନିଆ ନିଜ ବାଟରେ ଯାଉଛନ୍ତି। ସହରରେ ନୋ- ଏଣ୍ଟ୍ରି ବ୍ୟବସ୍ଥା ଥିଲେ ମଧ୍ୟ ନ ଥିଲା ସଙ୍ଗେ ସମାନ। ନୋ ଏଣ୍ଟ୍ରି ଖୋଲିଲେ ବଡ଼ ବଡ଼ ଗାଡ଼ି ଦୃତ ଗତିରେ ଯାଉଛନ୍ତି। ସେମାନଙ୍କୁ କହିବାକୁ କେହି ନାହାନ୍ତି। କିଛି ମାସ ତଳେ ସହରର ସ୍ଥାନେ ସ୍ଥାନେ କେସିଙ୍ଗା ପୁଲିସ ପକ୍ଷରୁ ବ୍ୟାରିକେଟ ଲଗାଯାଇ ବଡ଼ ବଡ଼ ଭାରୀଜାନ ମାନଙ୍କର ଗତି କମ୍ କରିବାରେ ସଫଳ ହୋଇଥିଲେ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ ସେହି ବ୍ୟାରିକେଟ୍ ଗୁଡ଼ାକୁ ପୁଲିସ ପକ୍ଷରୁ ହଟାଇ ଦିଆଯାଇଛି। ପୁଲିସ ଦିନକୁ ୫୦ ଥର ପାଟ୍ରୋଲିଂ କରିଥିଲେ ମଧ୍ୟ ରାସ୍ତା କଡ଼ରେ ଗାଡ଼ି ପାର୍କିଂ କରୁଥିବା ଚାଳକ କିମ୍ବା ଗାଡ଼ି ମାଲିକଙ୍କୁ ତାଗିଦ୍ କରୁନାହିଁ। ସେଥିପାଇଁ ଅମାନିଆଙ୍କ ଡର ପୁଲିସ ଉପରୁ ଉଠିଯାଉଛି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା




**କଳମପୁର, ୧୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜିତ ହୋଇଯାଇଛି। କଳମପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ସୁକାନ୍ତ କୁମାର ଶିଆଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ. ମଧୁସୂଦନ ଦାସ, ସମ୍ମାନିତ ଅତିଥିଭାବେ କଳମପୁର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଘନଶ୍ୟାମ ନାଏକ, ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି, ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ହଂସ, ଦୁହିତା ମାଝୀ, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ନିରଦ ଚନ୍ଦ୍ର କହଁର, ଜିଲ୍ଲା ମତ୍ସ୍ୟ ଚିକିତ୍ସାଧିକାରୀ ଜ୍ଞାନରଞ୍ଜନ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମେଳାରେ ୧୨୦ଜଣ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକ ଯୋଗଦାନ କରିଥିବାବେଳେ ମିଶନ ଶକ୍ତି, ଓମ୍ଫେଡ, କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ ଭଳି ବିଭିନ୍ନ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ନୀଳକଣ୍ଠ ନାଏକ ଓ ସୁଧୀର ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ମତ୍ସ୍ୟ ଅଧିକାରୀ ମାନବେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡ. ରଞ୍ଜିତ ସାମନ୍ତ ସିଂହାର, ଗୌରିଶଙ୍କର ବେହେରା, କ୍ଷିତିଶ ମୁଣ୍ଡ, ପଦ୍ମକିଶୋର ରଣା, ଡମ୍ବରୁଧର ହାତୀ, ପବନ ନାଏକ, ନୀଲାଞ୍ଚଳ ନାଏକ, ଗଜୀନ୍ଦ୍ର ମାଝୀ, ଦୁରମନ ବାଗ, ରାଜୀବ ବାଗ, ଯଶୋବନ୍ତ ନିଆଲ, ଦୁର୍ଯୋଧନ ନିଆଲ ପ୍ରମୁଖ ସହଯୋଗ କରିଥିଲେ।

## କଳାହାଣ୍ଡିର ଲୋକସାହିତ୍ୟ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର

# ଲୋକହିତରେ ଲୋକସାହିତ୍ୟର ସୃଷ୍ଟି ଓ ଦୃଷ୍ଟି

**ଭବାନୀପାଟଣା, ୧୨।୧୧(ସମିସ):** ଲୋକଗୀତ, ଲୋକକାହାଣୀ ଆଦିର ସୁସମୃଦ୍ଧ ଆଦିଭୂମି କଳାହାଣ୍ଡି। ଏ ମାଟିରେ ଗୀତକୁଡ଼ିଆ, ଗୀତକୁଡ଼ିଆଣୀର କଣ୍ଠରେ ଝରୁଥିବା ସୁମଧୁର ରାଗ ଓ ସଙ୍ଗୀତ ଜୀବନ ଜୀଇଁବାର କଳା କୌଶଳ ଶିଖାଏ। ଏ ମାଟିର ପ୍ରତିଟି ମଣିଷ ନିଜ ଜୀବନରେ ପ୍ରତିଟି ମୁହୂର୍ତ୍ତରେ ନିଜ ମନର ଭାବଭଙ୍ଗୀ, ସ୍ଥିତି, ଅବସ୍ଥିତି ଓ ପରିସ୍ଥିତିର କୌଣସି ନା କୌଣସି ପ୍ରସଙ୍ଗରେ କଳାହାଣ୍ଡିଆ ଢଗଢମାଳି, ଲୋକବୋଲି, ଲୋକଗାଳି, ଲୋକଗୀତ, ଛଇ, ଛଟକର ସାହାରା ନେଇଥାଏ। ଏଠାକାର ସୁସମୃଦ୍ଧ ଲୋକସାହିତ୍ୟ କଳାହାଣ୍ଡିର ପ୍ରତିଟି ମଣିଷ, ଏପରିକି ଜନଜୀବନର ଏକ ଓ ଅଭିନ୍ନ ଅଙ୍ଗ ବୋଲି ଆଜି ୬୧ତମ ମହାବୀର ମହୋତ୍ସବ ୪ର୍ଥ ଦିବସ ଅବସରରେ ଆୟୋଜିତ କଳାହାଣ୍ଡିର ଲୋକସାହିତ୍ୟ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ୬୧ତମ ମହାବୀର ମହୋତ୍ସବର ୪ର୍ଥ ଦିବସରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ତଥା ବିଶିଷ୍ଟ ଲେଖକ ଓ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା ଯୋଗଦେଇ କଳାହାଣ୍ଡିର କବି, ଲେଖକ ଓ ସାହିତ୍ୟିକଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ କବି, ଲେଖକ ଓ ଗବେଷକ ଡ. ପରମେଶ୍ୱର ମୁଣ୍ଡ କଳାହାଣ୍ଡିର ଲୋକସାହିତ୍ୟ ଶୀର୍ଷକ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିବା ସହିତ କଳାହାଣ୍ଡିର ଲୋକସାହିତ୍ୟ ଓ ପ୍ରାଣପ୍ରାଚୁର୍ଯ୍ୟର ଲେଖାଯୋଖା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡୋଳାମଣି ଧରୁଆଙ୍କ ସହିତ ଅନୁଷ୍ଠାନର ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ, ଶାନ୍ତନୁ ବେହେରା, ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।




# କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ସିନାପାଲି, ୧୨। ୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଗୋଡାଳ ଛକ ଫୋରୱେ ରାସ୍ତାରେ ଏକ ଚାରି ଚକିଆ ଗାଡ଼ି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ଧର୍ମଗଡ଼ ଥାନା ଛିଲିପା ଗ୍ରାମର ହୃଷିକେଶ ସା ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ବୁଧବାର ହୃଷିକେଶ ଏକ ବାଇକ୍ରେ ନିଜ ସମ୍ପର୍କିୟ ଗାଁ ଫୁରସୁଣକୁ ଦଶାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିଲେ। ଗୋଡ଼ାଳ ଛକ ଫୋରୱେ ରାସ୍ତା ରେ ଏକ ଚାରି ଚକିଆ ଗାଡ଼ି ଧକ୍କା ଦେଇଥିଲା। ହୃଷିକେଶ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିବାବେଳେ ତୁରନ୍ତ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ନୂଆପଡ଼ା ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଭେଲାଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**କର୍ଲାମୁଣ୍ଡା, ୧୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜି ମିନିଷ୍ଟାଡିୟମଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କର୍ଲାମୁଣ୍ଡା ବିଡିଓ ସୁଚରିତା ମୁଗ୍ରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ତହସିଲଦାର ଅରୁଣ ବର୍ଗେ, ଓମଫେଡ୍ ସାଧାରଣ ପ୍ରବନ୍ଧକ ରଜନୀକାନ୍ତ ପଣ୍ଡା, ଭବାନୀପାଟଣା ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ପ୍ରଭାତ କୁମାର ପରିଡ଼ା, କର୍ଲାମୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ କେଦାର ନାଥ ଖମାରୀ, ସହକାରୀ ମତ୍ସ୍ୟ ଅଧିକାରୀ ଶକ୍ତିକାନ୍ତ ବେହେରା, କଳାହାଣ୍ଡି ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ, ରିଷିଡ଼ା ସରପଞ୍ଚ ସେବତୀ ରଣା, ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇ ସଫଳତା ଅର୍ଜନ କରିଥିବା ପୁରୁଷ ଓ ମହିଳା ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମେଳାରେ ବିଭିନ୍ନ ବିଭାଗରୁ ଷ୍ଟଲ୍ ଲଗେଇବା ସହ ବ୍ଲକ ସଂସ୍କୃତିକ ସଂଘ ପକ୍ଷରୁ ନାଚ ଗୀତ ମାଧ୍ୟମରେ ଯୋଜନା ଉପରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ଲାପଡ଼ା ପ୍ରାଣୀ ଚିକିତ୍ସକ ସୁଦେଭି ଭଞ୍ଜ ସଂଯୋଜନା କରିଥିଲେ। କେଦାର ନାଥ ଖମାରୀ ସ୍ୱାଗତଭାଷଣ ଦେଇଥିବାବେଳେ ଶକ୍ତିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ୪ର୍ଥ ଦିନରେ ମହାବୀର ମହୋତ୍ସବ

# ମୁଖପତ୍ର 'ଗିରିଝର' ଉନ୍ମୋଚିତ

**ଭବାନୀପାଟଣା, ୧୨।୧୧(ସମିସ):** ମହାବୀର ମହୋତ୍ସବର ଚତୁର୍ଥ ଦିବସ ଅପରାହ୍ନରେ ମୁଖ୍ୟ ଆକର୍ଷଣ ଥିଲା ଶାନ୍ତି, ମୈତ୍ରୀ ଓ ସଂହତି ଭଳି ମହତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଅନୁଷ୍ଠିତ ମଶାଲ ଶୋଭାଯାତ୍ରା। ସିଂ ବାଜା, ଘୁମୁରା ଓ ସଂକୀର୍ତ୍ତନର ତାଳେ ତାଳେ ଶହଶହ କଳାକାର ସାମିଲ ହୋଇଥିବାବେଳେ ସହର ପରିକ୍ରମାପରେ ଏହା ମହୋତ୍ସବସ୍ଥଳରେ ପହଞ୍ଚିଥିଲା। ସନ୍ଧ୍ୟାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଯୋଗଦେଇ ଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟର ଅନେକ କବି, ଲେଖକ ଓ ସାହିତ୍ୟିକମାନଙ୍କ ଲେଖାକୁ ନେଇ ସମୃଦ୍ଧ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଗିରିଝର' ଉନ୍ମୋଚିତ ହୋଇଥିଲା। ମୁଖପତ୍ରର ମୁଖ୍ୟ ସମ୍ପାଦକ ଶାନ୍ତନୁ ବେହେରା, ସମ୍ପାଦକ ସଞ୍ଜୟ କୁମାର, ପରିଚାଳନା ସମ୍ପାଦକ ସତ୍ୟନାରାୟଣ ସିଂହ, ସହ ସମ୍ପାଦକ ପଣ୍ଡିତ ମଙ୍ଗଳୁ ମିଶ୍ର, ପ୍ରତାପଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତାଙ୍କୁ ରାଜ୍ୟସ୍ତରୀୟ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ସମାଜସେବାରେ ସ୍ୱେଚ୍ଛାସେବୀ ସଂଗଠନ ସେବା ଜଗତର ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ, ଅରମାନ ଖାଁ ସ୍ମୃତି ଯୁବ କଳାକାର ସମ୍ମାନରେ ଉଷାରାଣୀ ବଡ଼ତ୍ୟା, ସ୍ୱତନ୍ତ୍ର ସମ୍ମାନରେ ଗୋରଚାନ୍ଦ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରମେଶ୍ୱର ମୁଣ୍ଡ, ପ୍ରଦୀପ ସିଂହ, ମଙ୍ଗଳୁ ମିଶ୍ର, ଆଲୋକ ସାହୁ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂହ ସଭା ପରିଚାଳନା କରିଥିବାବେଳେ ଉପସଭାପତି ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ପରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କଲେଜ ରାସ୍ତା ସଫା ପାଇଁ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରସଙ୍ଗ

# ଖବର ପ୍ରକାଶ ପରେ ଲାଗିଲା ଜେସିବି



**କଳମପୁର, ୧୨।୧୧(ସମିସ):** କଳମପୁର ଅମୋହମଣୀ କଲେଜ ଓ କସ୍ତୁରବା ମୋଦିନୀ ଦେବୀ କଲେଜର ଛାତ୍ରଛାତ୍ରୀମାନେ ଗତ ସୋମବାର ବିଡିଓଙ୍କ କାର୍ଯ୍ୟାଳୟକୁ ଘେରଉ କରିଥିଲେ। ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କ ହସ୍ତକ୍ଷେପ ପରେ ବିଭାଗୀୟ ଯନ୍ତ୍ରୀ କେଦାର ଦାସ ରାତିକଭିତରେ ସବୁ ସଫା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଖବର 'ସକାଳ'ରେ ପ୍ରକାଶିତ ହେବ ପରେ ବିଭାଗ ପକ୍ଷରୁ ଆଜି ଜେସିବି ମେସିନ ଲଗାଇ ସଫା କରାଯାଉଛି। ଦୀର୍ଘ ବର୍ଷ ହେଲା ଏହି ରାସ୍ତା ପାଇଁ ଛାତ୍ରଛାତ୍ରୀମାନେ ଆନ୍ଦୋଳନ କରି ଆସୁଛନ୍ତି, କେବଳ ପ୍ରତିଶ୍ରୁତିରେ ସୀମିତ ହୋଇ ରହି ଯାଉଛି ପ୍ରକୃତ କାମ। ପ୍ରକାଶ ଯେ ଏହି କଲେଜ ରାସ୍ତାରେ କେବଳ କଲେଜ ଛାତ୍ରଛାତ୍ରୀ ଯିବା ଆସିବା କରୁଛନ୍ତି ତାହା ନୁହେଁ, ଏହି ରାସ୍ତା ବଡକୁଟ୍ଟ ବିଜମରା ପଞ୍ଚାୟତ ସହିତ କଳମପୁରକୁ ସଂଯୋଗ କରୁଥିବା ବେଳେ ନିକଟସ୍ଥ ବ୍ଲକ ଜୟପାଟଣା ସହିତ ମଧ୍ୟ ସଂଯୋଗ କରୁଛି। ଏହି ରାସ୍ତା ପ୍ରଶସ୍ତୀକରଣ ଓ ସୁଗମରେ ଯାତାୟାତ ପାଇଁ ତତ୍କାଳୀନ ସରକାର ହାତୀ ନଦୀ ବିରିପୁର ଘାଟରେ ଏକ ସୁଉଚ୍ଚ ପୋଲ ନିର୍ମାଣ କରିଦେଲେ କିନ୍ତୁ ରାସ୍ତା ନିର୍ମାଣ ଆଉ ହୋଇ ପାରୁନାହିଁ। କଳମପୁର ଡାକ୍ତରଖାନା ନିକଟରୁ ବର୍ଚ୍ଛିଛକ ପର୍ଯ୍ୟନ୍ତ ଏହି ରାସ୍ତା ଦୀର୍ଘ ବର୍ଷ ହେଲା ଭଗବାନଙ୍କ ଭରସାରେ ପଡ଼ି ରହିଛି। ଏହି ରାସ୍ତା ନିର୍ମାଣ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ପଦକ୍ଷେପ ନ ନେଲେ ଏକ ବଡ଼ ଧରଣର ଛାତ୍ର ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ।

# ଦାସିଗାଁରେ ନୂତନ ଯାଦବ ଭବନ ପ୍ରତିଷ୍ଠା



**ଜୁନାଗଡ଼, ୧୨।୧୧ (ସମିସ):** ଜୁନାଗଡ଼ ବ୍ଲକ ଦାସିଗାଁଠାରେ ଯାଦଭ୍ବନ ପ୍ରତିଷ୍ଠା ଉତ୍ସବ ସୋମବାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭବାନୀ ଶଙ୍କର ଖଡ଼ିକାର, କର୍ତ୍ତା କୈଳାସ ନାଗ, ଧର୍ମପତ୍ନୀ ସିଣ୍ଡ୍ରେ ନାଗ, ଯାଦବଭବନ ପ୍ରତିଷ୍ଠା ଉତ୍ସବରେ ରାଜ୍ୟ ସଭାନେତ୍ରୀ ସଂଯୁକ୍ତା ବେହେରା, ପୀତବାସ ବେହେରା, ଦାସିଗାଁ ଆଞ୍ଚଳିକର ସଭାପତି ମଧୁସୁଦନ ଖର୍ସେଲ, ଉପସଭାପତି ଗଜ ବାଗ, ସମ୍ପାଦକ, ରାଧାକାନ୍ତ ଠେଲା, ପଞ୍ଚାନନ ଲହଜଲ, ଜୁନାଗଡ଼ ବ୍ଲକ ସଭାପତି ଗୌରହରି ବାଗ, ଜିଲ୍ଲା ସଭାପତି ନୃପରାଜ ଯାଦବ, ପୂର୍ବତନ ଜିଲ୍ଲା ସଭାପତି ଟିକଚନ ନାଗ, ଜିଲ୍ଲା ପରିଷଦ ସଂଗୀତା ଖର୍ସେଲ, ସିମାଞ୍ଚଳ ନାଗ, ଗୋଲାମୁଣ୍ଡା ବ୍ଲକ ସଭାପତି ଗିରିଧାରୀ ତେଜି, ଉପସଭାପତି ରେବା କଟା, ଧର୍ମଗଡ଼ ବ୍ଲକ ସଭାପତି ଶଙ୍କର ଜୁଏଡ, କଳମପୁର ବ୍ଲକ ସଭାପତି କୃଷ୍ଣ ସିଂ ଲହଜଳ, ସୁରେନ୍ଦ୍ର ବାଗ, ପିକି ବାଗ, ଦିନବନ୍ଧୁ ନାଗ, ଏହି କ୍ରମରେ ଜମିଦାନ କରିଥିବା ବଙ୍କାପଳାର ସ୍ୱର୍ଗତ ଶାନ୍ତି ବାଗ, ପୁଅ କୈଳାସ ବାଗ। କମଳ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ସାହିତ୍ୟ ଦର୍ପଣ ନୁହେଁ, ସମର୍ପଣର ଅର୍ଘ୍ୟ

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଷ୍ଟ୍ରୀୟ ଅଧିବେଶନ
## କଳାହାଣ୍ଡିରୁ ୬ ପ୍ରତିନିଧିଙ୍କ ଯୋଗଦାନ

**ଭବାନୀପାଟଣା, ୧୨।୧୧(ସମିସ)**

ଆମେବାଧରୁ ବିଶ୍ୱବୋଧ ଆଡ଼କୁ ଅଗ୍ରସର ହେବାର ଲକ୍ଷ୍ୟ ନେଇ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଲକ୍ଷ୍ୟକୁ ଚରିତାର୍ଥ କରିବା ପାଇଁ ଚଳିତବର୍ଷ ମଧ୍ୟପ୍ରଦେଶର ରେବା ଠାରେ ପରିଷଦର ତ୍ରିଦିବସୀୟ ୧୭ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ସୁଶୀଲ ଚନ୍ଦ୍ର ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ପ୍ରସିଦ୍ଧ ସାହିତ୍ୟିକ ବିଶ୍ୱାସ ମହୀପତି ପାଟିଲ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମଧ୍ୟପ୍ରଦେଶ ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଳା, ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଶ୍ରୀଧର ଗୋବିନ୍ଦ ପରାଡ଼କର, ସାଧାରଣ ସମ୍ପାଦକ ଋଷି କୁମାର ମିଶ୍ର, ଯୁଗ୍ମସାଧାରଣ ସମ୍ପାଦକ ପବନ ପୁତ୍ର ବାଦଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଶାଖା ଅଧ୍ୟକ୍ଷ ଜଗଦିଶ୍ୱର ମୁଣ୍ଡ, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ସମ୍ପାଦିକା ସୁଦେଷ୍ଣା ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ବିରଞ୍ଚି ନାରାୟଣ ମୁଣ୍ଡ, ଦୀପ୍ତି ମୁଣ୍ଡ ଓ ସଂଯୋଜକ ମନୋଜ କୁମାର ନାୟକ ଯୋଗଦାନ କରିଥିଲେ। ପ୍ରଦର୍ଶନୀରେ ସମଗ୍ର ଭାରତବର୍ଷର ବିଶିଷ୍ଟ ସାହିତ୍ୟିକଙ୍କ କଳାକୃତି ପ୍ରଦର୍ଶିତ ହୋଇଥିବାବେଳେ କଳାହାଣ୍ଡି ଶାଖାପକ୍ଷରୁ ପ୍ରଫେସର ଭୁବନେଶ୍ୱର ବେହେରାଙ୍କ କୃତୀ ଚିତ୍ର ପ୍ରଦର୍ଶିତ ହୋଇଥିଲା।



**୨୭ ବର୍ଷପରେ ଉପନିର୍ବାଚନ**

# ମତଦାତାଙ୍କ ପାଇଁ ଅନୁଭୂତି ଥିଲା ନିଆରା

**ନୂଆପଡ଼ା, ୧୨।୧୧(ସମିସ)**

ଆଜିକୁ ୨୭ ବର୍ଷତଳେ ସ୍ୱର୍ଗୀୟ ଘାସିରାମ ମାଝୀଙ୍କ ପରଲୋକ ପରେ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହୋଇଥିଲା। ଚଳିତବର୍ଷ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅନ୍ତେ

**ନିର୍ବାଚନ ସକାଶେ ଉତ୍ତମ ଶୀତୁଆ ଦିନ**

ଉପନିର୍ବାଚନ ହୋଇଛି। ଏହାରି ଭିତରେ ନୂଆପଡ଼ା ଜିଲ୍ଲାର ବିକାଶ କାହିଁ କେତେ ଦୂରକୁ ଚାଲିଯାଇଛି। ନିର୍ବାଚନରେ ପ୍ରଚାର ଶୈଳୀ ହେଉ କିମ୍ବା ଲୋକଙ୍କ ସମସ୍ୟାକୁ ନେଇ, ରାଜନୀତି ସବୁଥିରେ ପରିବର୍ତ୍ତନ ହୋଇଥିବା ପରିଲକ୍ଷିତ ହୋଇଛି। ନୂଆପଡ଼ା ଭଳି ଏକ ସହଜ ସରଳ ବନବାସୀ ଆଦିବାସୀ ବହୁଳ ନିର୍ବାଚନମଣ୍ଡଳୀରେ ହାଇପ୍ରୋଫାଇଲ୍ ପ୍ରଚାରପ୍ରସାର ଭିତରେ ନିର୍ବାଚନ ଶେଷ ହୋଇଛି।

**ବୁଦ୍ଧିଜୀବୀ ଏବଂ ମତଦାତାମାନଙ୍କ ପ୍ରତିକ୍ରିୟାକୁ ଉପସ୍ଥାପନା**



୧୯୯୭ ପରେ ୨୦୨୫ ନୂଆପଡ଼ା ଉପନିର୍ବାଚନ ଏକ ରାଜନୈତିକ ମହାକୁମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରମୁଖ ରାଜନୈତିକ ଦଳର ପ୍ରାୟତଃ ନେତା, ମନ୍ତ୍ରୀ, ବିଧାୟକ, ସାଂସଦ ପ୍ରଚାରପ୍ରସାର ପାଇଁ ଆସିଥିଲେ। ଯାହା ପ୍ରକାଶ କଲେ, ସେମାନେ ଏ ଅଞ୍ଚଳର ସୁଃଖଦ ଅନୁଭୂତି ତଥା ସମସ୍ୟା ହୃଦୟଙ୍ଗମ କରିପାରିଲେ। ଏଥର ମତଦାନରୁ ଏହା ସ୍ପଷ୍ଟ ଅନୁମେୟ ଯେ ପ୍ରାୟତଃ ମତଦାତା ତାଙ୍କର ମୌଳିକ ଅଧିକାରକୁ ନେଇ ବିଶେଷ ସଚେତନ ଅଛନ୍ତି, ଯାହା ଗଣତନ୍ତ୍ର ପାଇଁ ଏକ ଶୁଭ ସଂକେତ। ପ୍ରାୟତଃ ବୁଥ୍ ବ୍ୟବସ୍ଥିତ, ଶୃଙ୍ଖଳିତ ଓ ସୁଚାରୁରୂପେ ପରିଚାଳିତ ହେଇଥିଲା। କାଁ ଭାଁ ଅସୁବିଧାକୁ ଛାଡ଼ିଦେଲେ ମୋଟାମୋଟି ମତଦାନ ଶାନ୍ତିପୂର୍ଣ୍ଣ ଥିଲା। ପ୍ରଶାସନ, ନିର୍ବାଚନ ଆୟୋଗ ଏବଂ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ହେଲେ, କେତେକାଂଶରେ ବିଭିନ୍ନ ୱାର୍ଡର ମତଦାତା ନିଜ ପାଖ ଥିବା ବୁଥ୍ ଠାରୁ ଦୂରରେ ଥିବା ବୁଥ୍‌କୁ ଭୋଟ ଦେବା ପାଇଁ ଯାଇଥିଲେ ଯେଉଁଥିରେ ସଂଶୋଧନର ଆବଶ୍ୟକତା ଅଛି।

**ଡ. କମଳ କିଶୋର ପଣ୍ଡା, ସମାଜସେବୀ, ନୂଆପଡ଼ା**

ଏ ନିର୍ବାଚନ ଥିଲା ମୁଦ୍ଦାବିହୀନ। ନିର୍ବାଚନ ପ୍ରଚାରରେ ପ୍ରାର୍ଥୀ କିମ୍ବା ନେତାମାନେ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ୟା ଉପରେ ଗୁରୁତ୍ୱ ନ ଦେଇ ବ୍ୟକ୍ତିଗତ ଚରିତ୍ର ଉପରେ ଆକ୍ଷେପରେ ସୀମିତ ରହିଥିଲା। ଏହା କିଛିଦିନ ବିଜେପି - ବିଜେଡି ମଧ୍ୟରେ ବାକ ଯୁଦ୍ଧ ଚାଲିଲା। ସ୍ନେହାଙ୍ଗିନୀ ଛୁରିଆଙ୍କୁ ଜିଲ୍ଲା ବାହାର ପ୍ରାର୍ଥୀ, ଘାସିରାମଙ୍କୁ ଆଦିବାସୀ କଲ୍ୟାଣ ସଂଘର ବାସନ୍ଦ ବି ଚର୍ଚ୍ଚାରେ ଥିଲା। କିଛିଦିନ ପରେ ଆରମ୍ଭ ହେଲା ବେଇମାନ ଝଡ଼। ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ବାପପୁଅ ବସନ୍ତ ପଣ୍ଡା ଓ ଅଭିନନ୍ଦନ ପଣ୍ଡା ପ୍ରଚାର କରିଥିବା ବେଳ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଭକ୍ତଚରଣ ଦାସ ଓ ସାଗର ଦାସ ନିର୍ବାଚନ ପ୍ରଚାର କରିଥିଲେ। କିନ୍ତୁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ପ୍ରଚାର କରୁ ଥିଲେ ବାପା ସୁରରାଉତ ରାୟ ଓ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାରକରୁ ଥିଲେ ପୁଅ ମନ୍ମଥ ରାଉତ ରାୟ। ନିର୍ବାଚନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିଲା। କିଛି ଜିଲ୍ଲା ବାହାରୁ ଆସିଥିବା ଅତିଥି ସାମ୍ବାଦିକମାନେ ଟିଆର୍‌ପି ପାଇଁ ହଟଚମଟ ଖବର ପ୍ରସାରଣ କରି ନୂଆପଡ଼ା ନିର୍ବାଚନକୁ ଚର୍ଚ୍ଚାରେ ରଖିଥିଲେ। ଚ୍ୟାନେଲ ଚ୍ୟାନେଲ ମଧ୍ୟରେ ଯୁଦ୍ଧ, ବାସ୍ତବରେ ଶାନ୍ତିପୂର୍ଣ୍ଣ ଥିଲା ଉପ ନିର୍ବାଚନ।



**ମାୟାଧର ସରାଫ, ବରିଷ୍ଠ ସାମ୍ବାଦିକ**

ନୂଆପଡ଼ା ଉପ ନିର୍ବାଚନ ପରିପ୍ରେକ୍ଷୀରେ ବିଚାରକଲେ ମୋ ମତରେ ପୂର୍ବ ନିର୍ବାଚନ ମାନଙ୍କରେ ଜିଲ୍ଲାର ସମସ୍ୟା, ବିକାଶର କଥା ଦେଖିବାକୁ ମିଳିଥିବା ବେଳେ ବର୍ତ୍ତମାନ ବ୍ୟକ୍ତିଗତ ଆରୋପ ପ୍ରତ୍ୟାରୋପ ଛଡ଼ା ସମସ୍ୟାର କଥା କମ୍। ଉନିର୍ବାଚନରେ ମାଳମାଳ ବ୍ୟାନର, ପୋଷ୍ଟର, ଶୋଭାଯାତ୍ରାରେ ଅଜସ୍ର ଅର୍ଥଶ୍ରାଦ୍ଧ, ତଥା ଓଡ଼ିଶା, ଛତିଶଗଡ଼, ଉତ୍ତରପ୍ରଦେଶ, କେନ୍ଦ୍ରରୁ ନେତାମନ୍ତ୍ରୀ ଓ କର୍ମକର୍ତ୍ତାଙ୍କ ଅସମ୍ଭାଳ ଭିଡ଼ ଦେଖାଯାଇଥିଲା। ଆଗ ନିର୍ବାଚନରେ ସ୍ଥାନୀୟ କର୍ମକର୍ତ୍ତା ପ୍ରଚାର କରୁଥିଲେ। ଚଳିତ ଉପନିର୍ବାଚନରେ ଐତିହାସିକ ମତଦାତା ଭୋଟ ଦେଇ ଗଣତନ୍ତ୍ରର ମହାନ ପର୍ବକୁ ଏକ ନୂତନ ସନ୍ଦେଶ ଦେଇଛନ୍ତି। ପ୍ରଶାସନ ଓ ପୁଲିସ ଶାନ୍ତି ଶୃଙ୍ଖଳା ଭାବେ ନିର୍ବାଚନ ପରିଚାଳନା ଅନୁମିତ ହୋଇଥିଲା।



**ଡ. ମେଜର ରାମଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ**

ଏହି ନୂଆପଡ଼ା ଉପ ନିର୍ବାଚନ ଆମର ନୂଆପଡ଼ା ଅଧିବାସୀଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ଅନୁଭୂତି ଥିଲା। ନିର୍ବାଚନ ପ୍ରଚାର ଖୁବ ଚାକଚକ୍ୟ ଥିଲା। କେବଳ ଏକ ଉପ ନିର୍ବାଚନ ପାଇଁ ଏତେ ଅଧିକ ସଂଖ୍ୟକ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଜନେତା, ରାଜନୈତିକ କାର୍ଯ୍ୟକର୍ତ୍ତ, ଗଣମାଧ୍ୟମ କାର୍ଯ୍ୟକର୍ତ୍ତା ଆସିବା ଅସାମାନ୍ୟ ଥିଲା। ମହିଳାବର୍ଗଙ୍କୁ ଅଣଦେଖା ହେଇଥିଲେ ମଧ୍ୟ ତାଙ୍କର ଭୋଟ ପ୍ରତିଶତ ଅଧିକ ହେବା ରାଜନେତାଙ୍କୁ ସଚେତନ କରିବ ନିଶ୍ଚୟ। ସାଧାରଣ ଜନତାଙ୍କ ଆକାଂକ୍ଷ୍ୟା ଓ ସମସ୍ୟା ଉପରେ ଅଧିକ ଧ୍ୟାନ ଦେଇଥିଲେ ବହୁତ ଭଲ ହେଇ ଥାନ୍ତା। ଆମ ନୂଆପଡ଼ା ଏ ପର୍ଯ୍ୟନ୍ତ ଏକ ଜିଲ୍ଲା ମୁଖ୍ୟାଳୟ ପରି ବିକାଶ ଅନୁଭବ କରି ନାହିଁ। ଆମର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରାଧାନ୍ୟ ଅଟେ। ତାହା ପୂରଣ ହେବ ବୋଲି ଆଶା ପୋଷଣ କରୁଛୁ ଆମେ।



**ସ୍ୱରୂପାରାଣୀ ହୋତା, ଗୃହିଣୀ, ନୂଆପଡ଼ା**

# ତିନିବର୍ଷ ପରେ ଗାଁକୁ ଫେରିଲେ ଦାଦନ ଶ୍ରମିକ



**ଜୟପାଟଣା, ୧୨।୧୧(ସମିସ):** ଦୀର୍ଘ ୩ ବର୍ଷ ପରେ ଜଣେ ନିଖୋଜ ଦାଦନ ଶ୍ରମିକ ଗାଁ ଫେରିଛନ୍ତି। ସେ ନିଖୋଜ ହେଲାପରେ ଘରଲୋକ ସବୁଦିନ ପାଇଁ ତାଙ୍କୁ ପାଶୋରି ଦେଇଥିଲେ। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଧନସୁଲି ପଞ୍ଚାୟତରେ ଏହି ଘଟଣା ଘଟିଛି। ଗାଁର ଭୋଳା ମାଝୀ ଗତ ତିନି ବର୍ଷତଳେ ଗାଁ ଲୋକଙ୍କ ସହ କେରଳକୁ ଦାଦନ ଖଟି ଯାଇଥିଲେ। କିଛି ମାସ କାମ କରି ଘରକୁ ଫେରିବା ବାଟରେ ନିଖୋଜ ହୋଇ ଯାଇଥିଲେ। ତାଙ୍କର କୌଣସି ଖୋଜଖବର ମିଳି ନ ଥିଲା। ଏ ନେଇ ଜୟପାଟଣା ଥାନାରେ ନିଖୋଜ ରିପୋର୍ଟ ପରିବାର ପକ୍ଷରୁ ଜରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଘରଲୋକେ ତାଙ୍କୁ ପାଶୋରି ଦେଇଥିଲେ। କିନ୍ତୁ ଗତ ୧୧ ଅକ୍ଟୋବରରେ ସ୍ଥାନୀୟ ସରପଞ୍ଚ କୈଳାସ ସାହୁଙ୍କୁ ରାୟପୁରର 'ଆମ ସେବା ଆଶ୍ରମ'ରୁ ଏକ ଫୋନ କଲ ଆସିଥିଲା। ତାଙ୍କୁ ଭିଡିଓ କଲ୍ ମାଧ୍ୟମରେ ନିଖୋଜ ଥିବା ଭୋଳାକୁ ଦେଖାଯାଇଥିଲା। ସରପଞ୍ଚ ଶ୍ରୀ ସାହୁ ଭୋଳାଙ୍କୁ ଚିହ୍ନିବା ସହ ତାଙ୍କ ଘର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ପରେ ନିଜସ୍ୱ ଖର୍ଚ୍ଚରେ ରାୟପୁର ଯାଇ ଭୋଳାକୁ ଗାଁ କୁ ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏଭଳି ଘଟଣା ଯାହାର ପରିବାର ପାଇଁ ଏକ ଖୁସିର ଲହରୀ ଆଣିଥାଏ। ଏହି ମୁହୂର୍ତ୍ତ ସମସ୍ତଙ୍କ ପାଇଁ ଅଭୁଲା ରହେ। କିନ୍ତୁ ଏଠି ଖୁସି ହେବାକୁ କିଏ ନାହିଁ। ପାଖରେ ଆଉ ଭୋଳାର ସ୍ତ୍ରୀ ନାହିଁ। ଅଛନ୍ତି ଆଖିକୁ ଭଲ ଦିଶୁନଥିବା ୭୫ ବର୍ଷୀୟ ମା'। ତିନି ପୁଅରୁ ଜଣକର ମୃତ୍ୟୁ ଘଟିଥିବାବେଳେ ଜଣେ ପୁଅ ମାନସିକ ଅବସାଦ ଅଛନ୍ତି। ଚାରି ଝିଅରୁ ତିନି ଝିଅ ବିବାହ କରିଛନ୍ତି। ଜଣେ ୯ ବର୍ଷ ଝିଅ ଓ ୧୨ ବର୍ଷର ପୁଅ ତାଙ୍କ ଭିଣେଇ ଘର ଗାଁ ପୋଟେସରେ ରହୁଛନ୍ତି। ଗାଁରେ ବିବାହ ଦେଇଥିବା ଭୋଳାଙ୍କ ଭଉଣୀ ଘରେ ଭୋଳା ଆଶ୍ରୟ ନେଇଛନ୍ତି। ସେ ମଧ୍ୟ ମାନସିକ ଅବସାଦରେ ଗତି କରୁଛନ୍ତି। ତାଙ୍କ ଭଉଣୀ ମଧ୍ୟ ଅତି ଗରିବ ଶ୍ରେଣୀର ହୋଇଥିବାବେଳେ ଆଗରୁ ମା'ଙ୍କୁ ଯତ୍ନ ନେଉଥିବା ବେଳେ ବର୍ତ୍ତମାନ ଭୋଳାଙ୍କ କଥା ବୁଝିବା ତାଙ୍କ ପାଇଁ କଷ୍ଟସାଧ ହୋଇ ପଡ଼ିଛି। ଏଭଳି ସ୍ଥିତିରେ ଉକ୍ତ ପରିବାରକୁ ସରକାରୀ ସହାୟତା ଦାବି ହୋଇଛି।

# ୧ କୁଇଣ୍ଟାଲ ୩୮ କେଜି ଗଞ୍ଜେଇ ଜବତ; ୪ ଗିରଫ

**ସୁବର୍ଣ୍ଣପୁର, ୧୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ପୁଲିସ ନାଇକେନପାଲି ପଞ୍ଚାୟତ ଶଙ୍କରଟିକ୍ରା ଗାଁରୁ ବୁଧବାର ୪ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଗବାନ ସାହୁ (୩୫), ସଂଗ୍ରାମ ପତ୍ର (୩୫), ବାବୁଲି ପାତ୍ର (୧୬) ଓ ଦେବନ ରାଜପୁତ (୩୦)। ଏମାନଙ୍କଠାରୁ ୧ କୁଇଣ୍ଟାଲ ୩୮ କେଜି ଗଞ୍ଜେଇ ଜବତ ହୋଇଛି। ପୁଲିସ ଅଧିକାରୀ ପ୍ରକାଶ ନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା। ପୁଲିସ ଏକ କଳା ରଙ୍ଗର ମହିନ୍ଦ୍ରା ଥାର ଓ ଗୋଟିଏ ଧଳା ମାରୁତି ସୁଜୁକି କାର ଉପରେ ସନ୍ଦେହ କରି ଅଟକାଇଥିଲା। ଅଭିଯୁକ୍ତମାନେ କିନ୍ତୁ ଗାଡି ରୋକିବା ପରିବର୍ତ୍ତେ ଖସିଯିବାକୁ ଚେଷ୍ଟା କରିଥିଲେ। ପୁଲିସ ପିଛା କରି ଭଗବାନ ସାହୁ ଘର ନିକଟରୁ ଗାଡି ଧରିଥିଲା। ଗାଡିରୁ ପ୍ୟାକେଟ ହୋଇଥିବା ପୁଳା ପୁଳା ଗଞ୍ଜେଇ ଜବତ ହୋଇଥିଲା। ପୁଲିସ ତଦନ୍ତରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ଯେ ସେମାନେ ଏହି ଗଞ୍ଜେଇ ରାମପୁରରୁ ମଧ୍ୟପ୍ରଦେଶ ନେଉଥିଲେ।



**ଦୁଇ କାର୍ ଜବତ**






# ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଲେ ମନମୋହନ



**ନୂଆପଡ଼ା, ୧୨।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନର ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ ସଂଧ୍ୟା ୫ଟା ସୁଦ୍ଧା ରେକର୍ଡ ସଂଖ୍ୟାରେ ଭୋଟଦାନ ହୋଇଛି। ସଚେତନ ନାଗରିକ ଭାବେ ଗଣତନ୍ତ୍ରର ମହାନ ପର୍ବରେ ନିଜକୁ ସାମିଲ କରି ରେକର୍ଡ ପରିମାଣର ମତଦାନ କରିଥିବାରୁ ନୂଆପଡ଼ାବସୀଙ୍କୁ ଅନେକ ଅନେକ ଶୁଭେଚ୍ଛା। ଏଥିସହ ଶାନ୍ତିଶୃଙ୍ଖଳା ସହ ନିରପେକ୍ଷ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ପୁଲିଂ ଅଫିସର, ପ୍ରିଜାଇଡିଂ ଅଫିସର, ନିର୍ବାଚନ ଅଧିକାରୀ, ସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ପୁଲିସକର୍ମୀ ଓ ଅଧିକାରୀ ଏବଂ ଗଣମାଧ୍ୟମକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠନେତା ବସନ୍ତ ପଣ୍ଡା, ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ପ୍ରସନ୍ନ ପାଢ଼ୀ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲ୍ଲା ସଭାପତି କମଳେଶ ଦିକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ଓ ନିରପେକ୍ଷତାକୁ ଜାତୀୟ ସୂଚନା ବିଜ୍ଞାନକେନ୍ଦ୍ର ସୁଦୃଢ଼ କରୁଛି: ଜିଲ୍ଲାପାଳ

**ନୂଆପଡ଼ା, ୧୨।୧୧(ସମିସ):** ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଏନଆଇସି (ନ୍ୟାସନାଲ ଇନଫର୍ମେଟିକ୍ସ ସେଣ୍ଟର) ଏହାର ଦୃଢ଼ ପ୍ରଯୁକ୍ତି ବିଦ୍ୟା ସହାୟତାରେ ନିର୍ବାଚନ ମତଦାନ ଓ ଗଣନା ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟଗଣନା କର୍ମଚାରୀଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡୋମାଇଜେସନ୍ ୧୩ ନଭେମ୍ବରରେ ଗଣନା ଦିନର ୨୪ ଘଣ୍ଟା ପୂର୍ବରୁ ଅନୁଷ୍ଠିତ ହେବ। ଶେଷରେ ତୃତୀୟ ପର୍ଯ୍ୟାୟ ଗଣତି ଦିନ ସକାଳେ ଟେବୁଲ ଆବଣ୍ଟନର ମାତ୍ର ତିନି ଘଣ୍ଟା ପୂର୍ବରୁ ଅନୁଷ୍ଠିତ ହେବ। ଏହାଦ୍ୱାରା କେଉଁ କେଉଁ କାଉଣ୍ଟିଂ ଅଫିସର୍ କେଉଁ ଟେବୁଲ୍‌ରେ ପଡ଼ିବେ, ତାହା ଆଗରୁ କେହି କହି ପାରିବେ ନାହିଁ। ରେଣ୍ଡମ୍ ଭାବରେ ଏହା ଏନ୍‌ଆଇସି ସଫ୍ଟୱେରରେ କମ୍ପ୍ୟୁଟର ସ୍ଥିର କରିବ। ଏହାଦ୍ୱାରା ପକ୍ଷପାତ ଭଳି ଆଶଙ୍କାକୁ ସମ୍ପୂର୍ଣ୍ଣ ଦୂରେଇ ଦିଆଯିବ। ସାଧାରଣ ପର୍ଯ୍ୟବେକ୍ଷକ, ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ଣ୍ଣିଂ ଅଫିସରଙ୍କ ଉପସ୍ଥିତିରେ କରାଯାଇଥିବା ଏହି ପ୍ରକ୍ରିୟାଗୁଡ଼ିକ ପ୍ରତ୍ୟେକ ପର୍ଯ୍ୟାୟରେ ଦାୟିତ୍ୱ ଏବଂ ନିରପେକ୍ଷତାକୁ ନିଶ୍ଚିତ ଭାବରେ ବଜାୟ ରଖେ। ଜିଲ୍ଲା ଅଧିକାରୀ ବିନୟ ତିୱାରିଙ୍କ ନେତୃତ୍ୱରେ ଏନ୍‌ଆଇସି ଦଳ ନିର୍ବାଚନ ପ୍ରଣାଳୀକୁ ଦକ୍ଷତାର ସହିତ ପରିଚାଳନା କରୁଛି। ସୁଗମ, ସଠିକ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ କାର୍ଯ୍ୟ ପ୍ରଣାଳୀରେ ମଣିଷକୃତ ହସ୍ତକ୍ଷେପ ନ ଥିବାରୁ ନିରପେକ୍ଷତା ସୁନିଶ୍ଚିତ କରିଛି। ସମଗ୍ର ନିର୍ବାଚନ ପ୍ରକ୍ରିୟା, ମତଦାନ ବୁଥ୍ ପାଇଁ ଅଧିକାରୀ ଚୟନ ହେଉ କି ଭୋଟଗଣତି ପାଇଁ ହେଉ, ଏହାଦ୍ୱାରା ସ୍ୱଚ୍ଛତା, ଦକ୍ଷତା ଏବଂ ନିରପେକ୍ଷତା ବଜାୟ ରଖା ଯାଇପାରୁଛି। ନିର୍ବାଚନ ସମୟରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଏନଆଇସିର ଉଦ୍ୟମକୁ ଜିଲ୍ଲାପାଳ ପ୍ରଶଂସା କରିଛନ୍ତି।

**■ ଦେଓଗାଁରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା**

# ଜୈବିକ ପଦ୍ଧତିରେ କୃଷି ପାଇଁ ଗୋ-ପାଳନ ନିହାତି ଜରୁରୀ

**ଦେଓଗାଁ, ୧୨।୧୧(ସମିସ):** ଦେଓଗାଁ ବ୍ଲକ ପଡ଼ିଆଠାରେ ବୁଧବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ କଟକ ପ୍ରାଣୀପାଳନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡା. ଗିରିଧାରୀ ଯୋଗଦେଇ ଭୋଇଥିଲେ। ଗୋ-ପାଳନର ମହତ୍ୱ ତଥା ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ସମ୍ପର୍କରେ ଡା. ଗିରିଧାରୀ ଅବଗତ କରିଥିଲେ। ଏହାସହ ଜୈବିକ ପଦ୍ଧତିରେ କୃଷିପାଇଁ ଗୋ-ପାଳନ ନିହାତି ଜରୁରୀ ବୋଲି କହିଥିଲେ। ଏହାସହ ସରକାରଙ୍କ କାମଧେନୁ ଯୋଜନା ଉପରେ ଅବଗତ କରିଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ୧୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ୧୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠ, ଏମପିଙ୍କ ବ୍ଲକ ପ୍ରତିନିଧି ଶଶି ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନିରୁଦ୍ଧ ବିଶ୍ୱାଳ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମୋହନ ମାଣିଆ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ବଲାଙ୍ଗିର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମୋନାଲି ଦାଶ ଏଥିରେ ସଂଯୋଜନା କରିଥିବାବେଳେ ସ୍ଥାନୀୟ ବିଡିଓ ପ୍ରିୟରଞ୍ଜନ କୁମାର ସଭାପତିତ୍ୱ କରିଥିଲେ। ଦେଓଗାଁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁନୀତା ବେହେରା ମେଳା ପରିଚାଳନା କରିଥିଲେ। ଏହି ଅବସରରେ ବଡବନ୍ଧର ଅଗ୍ରଣୀ ଗୋପାଳକ ଭାବେ ଜିଳିପ ପଧାନ, ମୁରସିଂର ଛେଳି ଓ ମେଣ୍ଢା ପାଳକ ସୁଶାନ୍ତ ପଧାନ, ଖଗସିକନା ଗାଁର କୁକୁଡା ପାଳକ ପ୍ରଶାନ୍ତ ପାତ୍ର, ବଡବାହାଲର ମତ୍ସ୍ୟ ପାଳକ ଭାବେ ମାଁ ବୃନ୍ଦାବତୀ ସ୍ୱୟଂ ସହାୟକ ଦଳ, ରାଧାକୃଷ୍ଣ ସ୍ୱୟଂ ସହାୟକ ଦଳ ତଥା ପରୁଆଭାଡିର ନବମୀ ପଟେଲ, ସୁଷମା ପାଣିଗ୍ରାହୀ, ସପୁରୀ କ୍ଷେତୀ ପ୍ରମୁଖ ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଳାରେ ବ୍ଲକର ସମସ୍ତ ପଞ୍ଚାୟତର ୫ଶହରୁ ଅଧିକ ମତ୍ସ୍ୟଜୀବୀ, ପ୍ରାଣୀପାଳକମାନଙ୍କ ସମେତ ଜନପ୍ରତିନିଧି, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ, ଏଫଇଏସ ସଂସ୍ଥା ସହଯୋଗରେ ଜୈବିକ ସାର ବିକ୍ରୟ କେନ୍ଦ୍ର, ଓଡ଼ିଶା ଜୀବିକା ମିଶନ, ଗୋଷ୍ଠୀ ଚିକିତ୍ସାଳୟ ତରଫରୁ ବିଭିନ୍ନ ଷ୍ଟଲ ଲଗାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ୨ ଜଣ ମତ୍ସ୍ୟ ଚାଷୀଙ୍କୁ କାର୍ଯ୍ୟାଦେଶ ଦେବାସହ ପ୍ରାଣୀସମ୍ପଦ ବିଭାଗରୁ ୨ଜଣଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପରେ କୃଷକ ବିଶେଷଜ୍ଞ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମତ୍ସ୍ୟ ବିଶେଷଜ୍ଞ ଭାବେ ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ତୃପ୍ତିମୟୀ ନେଗୀ, ଦେଓଗାଁ ସହକାରୀ ମତ୍ସ୍ୟ ଅଧିକାରୀ ସ୍ନିଗ୍ଧାରାଣୀ କହଁର ଓ ପ୍ରାଣୀସମ୍ପଦ ବିଶେଷଜ୍ଞ ଭାବେ ପୁଇଁନ୍ତଲା ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସ୍ପନ୍ଦନ ଶାଶ୍ୱତ ଦାଶ, ନର୍ଲାର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅବିନାଶ ପଟେଲ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉପରେ ଅନେକ ଉପାଦେୟତା ପ୍ରଦାନ କରିଥିଲେ। ଆମ୍ବଘାଟର ବାବା ସ୍ୱପ୍ନେଶ୍ୱର କଳାପରିଷଦ ତରଫରୁ ସଞ୍ଚାର ଓ ଲକ୍ଷ୍ମୀନାରାୟଣ ପାଲା ସଂସଦ ତରଫରୁ ପାଲା ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନ କାରଯାଇଥିଲା। ଡା. ରାକେଶ ବେଦବାକ, ଡା. ଓମ୍ କୁମାର ସାହୁ ତଥା ପ୍ରାଣୀଧନ ନୀରିକ୍ଷକ ଓ ପ୍ରାଣୀମିତ୍ର ସହାୟକମାନେ ସହଯୋଗ କରିଥିଲେ।

# ପଣ୍ଡକିଟାଲ ଚାରିଛକରେ ଜବରଦଖଲ ଉଚ୍ଛେଦ

**ଡୁଙ୍ଗୁରିପାଲି, ୧୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ତହସିଲ ପଣ୍ଡକିଟାଲ ଚାରିଛକରେ ଜବଦଖଲ ଉଚ୍ଛେଦ କରାଯାଇଛି। ପ୍ରଶାସନ ପକ୍ଷରୁ ପଣ୍ଡକିଟାଲ ଛକଠାରେ ରାସ୍ତା ପ୍ରଶସ୍ତୀକରଣ ଯୋଗୁଁ କେନାଲ ଏକୁଆର ଜାଗାରେ ବେଆଇ ଭାବେ ଘର, ଦୋକାନ କରିଥିବା ଜାଗାକୁ ପ୍ରଶାସନ ପକ୍ଷରୁ ଜେସିବି ସାହାଯ୍ୟରେ ଭଙ୍ଗା ଯାଇଛି। ଉଚ୍ଛେଦ ସ୍ଥାନରେ ରାମପୁର ମାଜିଷ୍ଟ୍ରେଟଙ୍କ ସମେତ ପୁଲିସ ଫୋର୍ସ ମୁତୟନ ଥିଲେ। ବର୍ତ୍ତମାନର ଶୀତଦିନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପରିବାରଙ୍କ ପାଇଁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।



**ପଞ୍ଚମ ଦିନରେ ୬୧ତମ ମହାବୀର ମହୋତ୍ସବ**

# 'ଜନନାୟକ ମହେଶ୍ୱର ନାୟକ' ପୁସ୍ତକ ଉନ୍ମୋଚିତ

**ଭବାନୀପାଟଣା, ୧୨।୧୧(ସମିସ):** ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ୬୧ତମ ମହାବୀର ମହୋତ୍ସବ ବୁଧବାର ପଞ୍ଚମ ଦିନରେ ପହଞ୍ଚିଛି। ପୂର୍ବାହ୍ନରେ କଳାହାଣ୍ଡି ଆର୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଥିଲା ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ। ପ୍ରଦର୍ଶନୀକୁ କଳାହାଣ୍ଡି ଜିଲ୍ଲା ବାଣିଜ୍ୟ, ଦ୍ରବ୍ୟ ଓ ସେବାକର ବିଭାଗର ସହକାରୀ କମିସନର ପ୍ରଦୋଷ କୁମାର ଦିଗାଲ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଖଲିକୋଟସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାଶଙ୍କର ପଣ୍ଡା, ବରିଷ୍ଠ ଚିତ୍ରଶିଳ୍ପୀ ବିଦ୍ୟୁତଲତା ପାଟଯୋଶୀ, ଚିତ୍ରଶିଳ୍ପୀ ଶଶଧର ପତି ଯୋଗଦେଇଥିଲେ। ପିଏମଶ୍ରୀ ସରକାରୀ ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଇଲାରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଭାଗୀଙ୍କୁ ପୁରସ୍କାର ବିତରଣ ପରେ ରଙ୍ଗୀନ କ୍ୟାଟଲଗ୍ ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ସଭାରେ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗ ଦେଇଥିବାବେଳେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା, ଉପସଭାପତି ସଞ୍ଜୟ କୁମାର, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ମହେଶ୍ୱର ନାୟକ ସ୍ମୃତି କମିଟି ଦ୍ୱାରା ପ୍ରକାଶିତ 'ଜନନାୟକ ମହେଶ୍ୱର ନାୟକ' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏଥିରେ ପୁସ୍ତକର ଲେଖକ ସୀମାଞ୍ଚଳ ନାଗଙ୍କ ସହିତ ସ୍ମୃତି କମିଟିର ସଭାପତି ଅଶୋକ ପାତ୍ର, ଆବାହକ ସକିତ ରତେ, ଶୁଭଲକ୍ଷ୍ମୀ ନାୟକ, କୀର୍ତ୍ତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ପାତ୍ର ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। ଏହାପରେ ପୁରସ୍କାର ବିତରଣୀ ଓ ସମ୍ବର୍ଦ୍ଧନା ସମାରୋହରେ ସାହିତ୍ୟ କ୍ଷେତ୍ରରେ କବି ରବୀନ୍ଦ୍ର ଖମାରୀ, କ୍ରୀଡ଼ାକ୍ଷେତ୍ରରେ ପ୍ରକାଶ ରାଉତ, ଲୋକକଳା କ୍ଷେତ୍ରରେ ଗୌରାଙ୍ଗ ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋକ ସାହୁ, ପ୍ରଦୀପ ସିଂହ ଓ ବୁରହାନ ମହମ୍ମଦ ମାନପତ୍ର ପାଠ କରିଥିଲେ। ସେହିପରି ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସଞ୍ଜୀବ ସିଂହ ପରିଚାଳନା କରିଥିଲେ। ଏହାପରେ ଜୁନାଗଡ଼ କଳା ବିକାଶ କେନ୍ଦ୍ର ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ଶିଶୁ ନୃତ୍ୟ ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରିୟଲିଟି ସୋ ଭଏସ୍ ଅଫ୍ କଳାହାଣ୍ଡିର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହୋଇଥିଲା।




**ବିଭାଗକୁ ହସ୍ତାନ୍ତର ହେଉନି ଅଙ୍ଗନବାଡ଼ି**

# ବାରଣ୍ଡାରେ ବସି ପଢୁଛନ୍ତି ପିଲା

**ଲାଞ୍ଜିଗଡ଼, ୧୨।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ଠାରେ ୨୦୧୫ରେ ଆରମ୍ଭ ହୋଇଥିଲା ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୃହନିର୍ମାଣ କାର୍ଯ୍ୟ। କିନ୍ତୁ ଏହି ନୂତନ ଅଙ୍ଗବାଡ଼ିକେନ୍ଦ୍ରଟି ନିର୍ମାଣ ଆରମ୍ଭ ହେବା ୧୦ ବର୍ଷ ଓ ସମ୍ପୂର୍ଣ୍ଣ ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ପ୍ରଶାସନ ପାଖରେ ହସ୍ତାନ୍ତର ହୋଇନାହିଁ। ଯାହାଫଳରେ ବିପଦସଂକୁଳ ସ୍କୁଲ ବାରଣ୍ଡାରେ କୋମଳମତି ଶିଶୁ ମାନେ ବସିବାକୁ ବାଧ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସହରସ୍ଥିତ ୧ ନମ୍ବର ୱାର୍ଡ ମହାଦେବପଡ଼ା ଓ ପ୍ରଧାନୀପଡ଼ାରେ ୧୯୮୧ରୁ ଅଙ୍ଗନବାଡି କେନ୍ଦ୍ର ନଥିବା ଯୋଗୁଁ ଲୋକଙ୍କ ଘର ବାରଣ୍ଡାରେ କେନ୍ଦ୍ର ଚାଲିଥିଲା। ଏକ ଅଙ୍ଗନବାଡ଼ି କେନ୍ଦ୍ରର ଆବଶ୍ୟକତା ଉପଲବ୍ଧି କରି ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ୨୦୧୫ରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ କାମ ଆରମ୍ଭ ହୋଇଥିଲା। କିନ୍ତୁ ଗୃହ କାମଟି ମନ୍ଥର ଗତିରେ ଚାଲିଥିଲା। ୨୦୨୧ରେ ଅଙ୍ଗନବାଡ଼ି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଆରମ୍ଭରୁ ବର୍ଷକୁ ହିସାବକୁ ନେଲେ ବିତି ଯାଇଛି ୧୦ ବର୍ଷ। ତଥାପି ଗୃହ ନିର୍ମାଣ ହୋଇ ହସ୍ତାନ୍ତର ହୋଇ ନ ଥିବାରୁ ଲୋକଙ୍କ ଘର ଉଚ୍ଛୁଣା ତଳେ, ବିଭିନ୍ନ ଅନୁଷ୍ଠିତ ମାନଙ୍କ ବାରଣ୍ଡାରେ ଏଭଳି ବିଭିନ୍ନ ସ୍ଥାନରେ ଅସ୍ଥାୟୀ ରୂପେ ଚାଲିଆସୁଛି କେନ୍ଦ୍ର। କେନ୍ଦ୍ର ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୮ ଟି ସ୍ଥାନ ବଦଳାଇଥିବା ପରେ ଶେଷରେ ରାଜାରାଜୁଡା ଅମଳରୁ ରହିଥିବା ଲାଞ୍ଜିଗଡ଼ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାରଣ୍ଡାରେ ଚଲାଇ ଛନ୍ତି କେନ୍ଦ୍ର। ଏହି ବିଦ୍ୟାଳୟଟି ୧୮୯୧ରେ ସ୍ଥାପନ ହୋଇଥିବା ବେଳେ ବର୍ତ୍ତମାନ ସ୍କୁଲର ସ୍ଥିତି ଠିକ ନାହିଁ, ମଝିରେ ମଝିରେ କାଠ ଖଣ୍ଡ ଖସୁଛି। କୋମଳମତି ଶିଶୁଙ୍କ ଉପରେ ସବୁବେଳେ ଝୁଲୁଛି ବିପଦ। କାରଣ ଭଙ୍ଗାଦଦରା ସ୍କୁଲ ବାରଣ୍ଡାରେ ଲେଖାଯାଇଛି ୨୭ ଛୁଆଙ୍କ ଭବିଷ୍ୟତ। ଅନ୍ୟପକ୍ଷରେ ନୂତନ ଅଙ୍ଗବାଡି କେନ୍ଦ୍ର ଗୃହ ୪ ବର୍ଷ ହେଲା ଶେଷ ହୋଇଛି। କିନ୍ତୁ ସମ୍ପୃକ୍ତ ଠିକାଦାରଙ୍କୁ ଏଯାଏ ପ୍ରାପ୍ୟ ମିଳିନାହିଁ। ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ନୂଆ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି ଠିକାଦାର। ଯାହାଫଳରେ ଏତେ ସଂଖ୍ୟକ ଶିଶୁ ଭଙ୍ଗାଦଦରା ସ୍କୁଲ ବାରଣ୍ଡାରେ ବସିବାକୁ ବାଧ ହେଉଛନ୍ତି। ଏଣୁ ଏଥିପ୍ରତି ବ୍ଲକ ପ୍ରଶାସନ, ବ୍ଲକ ଶିଶୁମଙ୍ଗଳ ବିଭାଗ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଏନେଇ ସିଡିପିଓ ନିରୁପମା ପଟ୍ଟନାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।



# ଖତ ଖାଉଛି ଅଚଳ ପ୍ରକଳ୍ପ



ଦୋଳସାହି,୧୨।୧୧(ସମିସ): ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ମାଣ ହୋଇଥିବା ପାଣିଟାଙ୍କି ଏବେ ଖତ ଖାଉଛି। ନିମ୍ନମାନର କାର୍ଯ୍ୟ କରି ସରକାରୀ ଅର୍ଥ ଆତ୍ମସାତ କରିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯୋଗ୍ୟ, ଗୁଆମାଳ ପଞ୍ଚାୟତରେ ଅବସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ନିର୍ମାଣ ହୋଇଥିବା ଏକ ବିଶାଳ ପାଣି ଟାଙ୍କି ଦୀର୍ଘବର୍ଷ ଧରି ଅଚଳ ହୋଇ ପଡି ରହିଛି। ସେହିପରି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗତ ଏକ ବର୍ଷ ନିର୍ମାଣ ହୋଇଥିବା ତିନୋଟି ପାଣି କଳ ମଧ୍ୟରୁ ଦୁଇଟି ସମ୍ପୂର୍ଣ୍ଣ ଅଚଳାବସ୍ଥା ଥିବା ବେଳେ ଗୋଟିଏରୁ ନିର୍ଗତ ପାଣି ପିଇବା ପାଇଁ ଅନୁପୋଯୁକ୍ତ ପାଣି ବାହାରିବା ନେଇ କେହି ବ୍ୟବହାର କରୁନଥିବା ଜଣାଯାଇଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଷ୍ଟାଫ୍‌ଙ୍କ ରହିବା ପାଇଁ ନିର୍ମାଣ ହୋଇଥିବା ବାସଗୃହ କେହି ରହୁନଥିବା ନେଇ ଖତ ଖାଉଥୁବା ଦେଖିବାକୁ ମିଳୁଛି। ସେହିପରି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଜଣେ ଫାର୍ମାସିଷ୍ଟ ଓ ଦୁଇ ଜଣ ଷ୍ଟାଫ୍ ନର୍ସ ପଦବୀ ଖାଲି ପଡିଥିବା ଜଣାଯାଇଛି।

# ୧୬ରେ ଜାତୀୟ ପ୍ରେସ୍ ଦିବସ ଓ ଆଲୋଚନାଚକ୍ର



ଦାନଗଦି,୧୨।୧୧(ସମିସ): ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ)ଯାଜପୁର ଜିଲ୍ଲା ଶାଖା ଓ ଦାନଗଦି ୟୁନିଟ୍ ପକ୍ଷରୁ ଆସନ୍ତା ୧୬ ତାରିଖ ରବିବାର ସ୍ଥାନୀୟ ଦାନଗଦି ଭବନଠାରେ ଜାତୀୟ ପ୍ରେସ୍ ଦିବସ, ଆଲୋଚନାଚକ୍ର ଓ ଆଞ୍ଚଳିକ ସାମ୍ବାଦିକ ସମାବେଶ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦.୩୦ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ "ପ୍ରଦୂଷଣ ପାଇଁ ଅକାଳରେ ଝଡ଼ି ପଡୁଛି ଜୀବନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଦାନଗଦି ଭବନ ପରିସରରେ ଜିଲ୍ଲା ସଭାପତି ସୁବାସ ଧଳଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ରାଜ୍ୟ ସମବାୟ, ହସ୍ତଶିଳ୍ପ, ବୟନ ଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେବେ। ମୁଖ୍ୟବକ୍ତା ଭାବେ ସତ୍ୟପାଠ ସମ୍ପାଦକ ସତ୍ୟପ୍ରକାଶ ନାୟକ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଆଯୁକ୍ତ ଭୂଲେଖ ଓ ବନ୍ଦୋବସ୍ତ ଅକ୍ଷୟ କୁମାର ମଲ୍ଲିକ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ, ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ଏନ୍‌ୟୁଜେ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ଦାନଗଦି ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ, ବରିଷ୍ଠ ସ୍ତମ୍ଭକାର ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଯୋଗଦେବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ଆଜିର ଏହି ପ୍ରସ୍ତୁତି ବୈଠକରେ ଅକ୍ଷୟ କୁମାର ଧଳ, ଦିଲ୍ଲୀପ କୁମାର ପରିଡା, ଅନୁଜ କୁମାର ମଲ୍ଲିକ, ମଳୟ କୁମାର ରାଉତ, ସେକ୍ ଅବତାର ଅଲ୍ଲୀ, ନରୋତ୍ତମ ବେହେରା, ସ୍ୱରାଜ କୁମାର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

**ଶକ୍ତିପୀଠ କୋଚିଲା ନାୟକାଣୀ ପୀଠ**

# ପର୍ଯ୍ୟଟନସ୍ଥଳ ମାନ୍ୟତା ଦାବି ଜୋର୍ ଧରିଲା

ଅସୁରାଳି,୧୨।୧୧(ସମିସ)

ଧାମନଗରର ବ୍ଲକ୍ ଅନ୍ତର୍ଗତ ନଦୀଗାଁ ପଂଚାୟତ ତିନିଘରିଆ ଗାଁ ନିକଟରେ ରହିଛି ଶକ୍ତିପୀଠ କୋଚିଲା ନାୟକାଣୀଙ୍କ ବିଜେସ୍ଥଳୀ। ଏହି ପୀଠ ଧର୍ମୀୟ ମହତ୍ତ୍ୱ ବହନ କରେ। କିମ୍ବଦନ୍ତୀ ଅନୁସାରେ ପ୍ରାୟ ୨୦୦ ବର୍ଷ ହେବ ଠାକୁରାଣୀ ସେଠାରେ ପୂଜା ପାଇ ଆସୁଛନ୍ତି। ଇଂରେଜ ଶାସନ ସମୟରେ ୧୮୮୫ ମସିହାରେ ଓଡ଼ିଶାର ପ୍ରଥମ ବନ୍ଦୋବସ୍ତ ହେବା ପୂର୍ବରୁ ପ୍ରାୟ ୧୮୬୬ ମସିହାରେ ତତ୍କାଳୀନ ନଦୀଗାଁ ଜମିଦାର ସ୍ୱର୍ଗତ କୃଷ୍ଣଚନ୍ଦ୍ର ରାଏ ମହାପାତ୍ରଙ୍କ ସୁପୁତ୍ର କାନନଗୋ ଚୌଧୁରୀ ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ରାଏ ମହାପାତ୍ର ପ୍ରଜାଙ୍କ ଜଳକଷ୍ଟ ଦୂର ତଥା ଚାଷ କାର୍ଯ୍ୟ ପାଇଁ ନଦୀ ଖନନ କରାଇଥିଲେ। ପୁଣ୍ୟତୋୟା ବୈତରଣୀ ନଦୀର ଆଠଘରିଆଠାରୁ ଏକ ଶାଖା ନଦୀ ପରିକଳ୍ପନା କରି ନଦୀ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏକ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ସଂପନ୍ନ ହୋଇ ଏବେର ଗାନ୍ଧୀଘାଟଠାରେ ବେ?ତରଣୀ ନଦୀରେ ସଂଯୋଗ କରାଇଥିଲେ। ନଦୀ ଖନନ ହୋଇ ଆସୁଥିବା ରାସ୍ତାରେ ଏକ କୋଚିଲା ବୃକ୍ଷ ମୂଳରେ ଠାକୁରାଣୀ ପୂଜା ପାଉଥିଲେ। ଉକ୍ତ ଠାକୁରାଣୀଙ୍କୁ ଆଖପାଖର ଲୋକମାନେ ଗ୍ରାମଦେବୀ ରୂପେ ପୂଜାର୍ଚ୍ଚନା କରି ଆସୁଥିଲେ। କୋଚିଲା ବୃକ୍ଷ ମୂଳରେ ପୂଜା ପାଉଥିବା ଗ୍ରାମଦେବୀଙ୍କୁ ଲୋକମାନେ 'କୋଚିଲା ନାୟକାଣୀ' ରୂପେ ନାମିତ କରିଥିଲେ। ଉକ୍ତ ଠାକୁରାଣୀଙ୍କ ନାମାନୁସାରେ ଖନନ କରାଯାଇଥିବା ନଦୀର ନାମ କୋଚିଲା ନଦୀ ରଖାଯାଇଥିଲା। ପରବର୍ତୀ ସମୟରେ କାଳକ୍ରମେ ବନ୍ୟାର ପ୍ରକୋପରେ ଖନନ ହୋଇଥିବା ନଦୀର ଓସାର ବୃଦ୍ଧି ପାଇବାକୁ ଲାଗିଲା। କିନ୍ତୁ ଠାକୁରାଣୀଙ୍କ ଅଧିଷ୍ଠାନରେ କୌଣସି କ୍ଷତି ହୋଇନଥିଲା। ସମୟକ୍ରମେ କୋଚିଲା ଗଛଟି ବୃଦ୍ଧାବସ୍ଥା ପ୍ରାପ୍ତ ହୋଇ ମୃତ ହୋଇଯାଇଥିଲା। ଉକ୍ତ ସ୍ଥାନରେ ଏକ ବରଗଛ ତାହାର ସ୍ଥାନ ପୂରଣ କରିଆସୁଛି। ଅଦ୍ୟାବଧି କୋଚିଲା ନାୟକାଣୀ ଉକ୍ତ ବରଗଛ ମୂଳରେ ପୂଜା ପାଇ ଆସୁଛନ୍ତି। ତିନିଘରିଆ, ନଦୀଗାଁ, ଅର୍ଜୁନପୁର, ପଙ୍ଗଟା, ବାଲିପାଟଣା, ସଇଲୋ, ପଧାନୀ, ଫଳପୁର ଓ ଆଖପାଖ ଅଂଚଳ ତଥା ଦୂରଦୂରାନ୍ତରରୁ ଭକ୍ତମାନେ ଏହି ପୀଠକୁ ପ୍ରତ୍ୟେକ ପର୍ବପର୍ବାଣିରେ ଆସି ନିଜ ନିଜର ମନସ୍କାମନା ପୂରଣ ପାଇଁ ମାନସିକ ରଖିଥାଆନ୍ତି। ଲୋକମାନଙ୍କର ବିଶ୍ୱାସ ଯେ ଭକ୍ତିର ସହିତ ମା'ଙ୍କ ପାଖରେ ମାନସିକ ରଖି ଠାକୁରାଣୀଙ୍କୁ ସ୍ନାନ କରାଇଲେ ମନସ୍କାମନା ନିଶ୍ଚିତ ଭାବରେ ଫଳପ୍ରାପ୍ତି ହୋଇଥାଏ। ଆଧ୍ୟାତ୍ମିକ ଓ ପ୍ରାକୃତିକ ଶୋଭା ବହନ କରୁଥିବା ଏହି ପୀଠର ଅବସ୍ଥିତି ଉଭୟ ଭଦ୍ରକ ଓ ଯାଜପୁର ଜିଲ୍ଲା ସୀମାନ୍ତରେ ଥିବା ଯୋଗୁଁ ଏହାର ମହତ୍ତ୍ୱ ବିଭିନ୍ନ ଦୃଷ୍ଟିରୁ ଅଧିକ ପ୍ରାସଙ୍ଗିକତା ବହନ କରେ। ଏହା ମଧ୍ୟ ପ୍ରିୟ ପିକ୍‌ନିକ୍ ସ୍ପଟ୍ ଭାବେ



ଉଭୟ ଜିଲ୍ଲାବାସୀଙ୍କ ପ୍ରଥମ ପସନ୍ଦ ମଧ୍ୟରେ ଅନ୍ୟତମ। ଶୀତଦିନେ ପର୍ଯ୍ୟଟକମାନେ ବଣଭୋଜି କରିବାକୁ ଏଠାରେ ବେଶ ଭିଡ଼ ଜମାନ୍ତି। ଏହି ସ୍ଥାନକୁ ଆସିବାକୁ ହେଲେ ଭଦ୍ରକ ଓ ଯାଜପୁର ସହରଠାରୁ ପ୍ରାୟ ୨୫ କିମି ପଡ଼ିଥାଏ। ଭଦ୍ରକ ଜିଲ୍ଲା ଧୂଷୁରୀ ଓ ଯାଜପୁର ଜିଲ୍ଲା ଅହିୟାସଠାରୁ ଏହି ସ୍ଥାନ ପ୍ରାୟ ୫ କିମି। ଏହି ପୀଠର ଉନ୍ନତି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଗଲେ ଏହି ସ୍ଥାନର ଗୁରୁତ୍ୱ ଆହୁରି ବୃଦ୍ଧି ପାଆନ୍ତା। ଏହି ଶକ୍ତିପୀଠର ପ୍ରସିଦ୍ଧି ରହିଛି ସତ, ହେଲେ ଏହା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି। ରାଜ୍ୟର ବିଭିନ୍ନ ପ୍ରସିଦ୍ଧ ଦେବଦେବୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟୀକରଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଭଦ୍ରକ ଜିଲ୍ଲାର ଏହି ପ୍ରସିଦ୍ଧ ଶକ୍ତିପୀଠ ଏହିସବୁ ସୁବିଧାରୁ ବଂଚିତ ରହିଛି। ରାଜ୍ୟ ସରକାର ଏହି ପୀଠର ଉନ୍ନତୀକରଣ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଉଭୟ ଭଦ୍ରକ ଓ ଯାଜପୁର ଜିଲ୍ଲାର ପର୍ଯ୍ୟଟକମାନେ ଏଠାକୁ ଆସି ମନଲୋଭା ସୌନ୍ଦର୍ଯ୍ୟ ପରିବେଶକୁ ଉପଭୋଗ କରିପାରନ୍ତେ।

## ସେମାନେ ଯାହା କୁହନ୍ତି...



ଈଶ୍ୱର ହିଁ ମଣିଷର କ୍ରମବିକାଶ ବ୍ୟାପାରରେ ନେତୃତ୍ୱ ନେଇ ଅଜ୍ଞାନ ଅନ୍ଧାରରୁ ତାହାକୁ ଆଲୋକ ଆଡ଼କୁ ଗତିଶୀଳ କରାଇଥାନ୍ତି। ତେଣୁ ଶେଷ ପର୍ଯ୍ୟନ୍ତ ହତାଶ ହେବାର ନାହିଁ। ସେହି ଆଶା ଓ ବିଶ୍ୱାସ ସତ୍ତ୍ୱେ ଏକଦା ନୌବାଣିଜ୍ୟର କେନ୍ଦ୍ରରୂପେ ଚାନ୍ଦବାଲି ବନ୍ଦର ସହିତ ସଂଯୁକ୍ତ ଥିବା କୋଚିଲା ତଟର ଉନ୍ନତି ଆଶା ଜନମାନସରୁ ମଉଳି ଯାଉଥିବା ଦୁଃଖର ବିଷୟ। ସରକାର, ଜନସାଧାରଣ ଓ ପରିଚାଳନା କମିଟି ଏଥିପ୍ରତି ଗୁରୁତ୍ୱ ଦେଇ ମାଁ କୋଚିଲା ନାୟକାଣୀ ଶକ୍ତିପୀଠ ପ୍ରତି ଯତ୍ନବାନ ହେଲେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା।

ଡ. ରାମଚନ୍ଦ୍ର ପଣ୍ଡା, ଶିକ୍ଷାବିତ



ମା' ଭଦ୍ରକାଳୀଙ୍କ ପୀଠ, ଭଦ୍ରକରୁ ଆରମ୍ଭ କରି ମାଁ ବିରଜାଙ୍କ ପୀଠ, ଯାଜପୁର ପର୍ଯ୍ୟନ୍ତ ମାଁ କୋଚିଲା ନାୟକାଣୀଙ୍କ କରୁଣା ବ୍ୟାପ୍ତ। ଯେପରି ଗୋଟିଏ ଗୃହକୁ ସୁନ୍ଦର ସୁଦୃଢ଼ କରିବା ପାଇଁ ସୁନ୍ଦର ସ୍ତମ୍ଭର ଆବଶ୍ୟକତା ଥାଏ, ଠିକ୍ ସେହିପରି ଏ ସମାଜକୁ ସୁନ୍ଦର, ସୁଦୃଢ଼ କରିବାକୁ ହେଲେ ମାଁ କୋଚିଲା ନାୟକାଣୀଙ୍କ ପରି ଦର୍ଶନୀୟ ସ୍ଥାନ ଯାହାକି ଆସ୍ଥା ଓ ବିଶ୍ୱାସର ସ୍ତମ୍ଭର ମଧ୍ୟ ଆବଶ୍ୟକତା ଅଛି।

ଅଜୟ ମଲ୍ଲିକ, ସରପଞ୍ଚ, ହସନାବାଦ



ମା' କୋଚିଲା ନାୟକାଣୀଙ୍କ ମହିମା ସର୍ବଜନବିଦିତ। ପ୍ରକୃତି ତା'ର ନିରବତା ଭିତରେ କେବଳ ତାଙ୍କୁ ହିଁ ଆରାଧନା କରୁଥାଏ। ତାଙ୍କରି ଶକ୍ତି ଆମକୁ ଚୁମ୍ବକ ଭଳି ଟାଣି ନେଇଥାଏ। ସେ ହେଉଛନ୍ତି ଆଲୋକର ଆଲୋକସ୍ୱରୂପା। ଯାହାକି ଦିବ୍ୟଶକ୍ତି ଆଡ଼କୁ ନିର୍ଦ୍ଦେଶିତ। ସାର୍ବଜନୀନ ସିଦ୍ଧି ଓ ସାଧନାର ପୀଠକୁ ଅବହେଳା ନକରି ଏହାରି ଉନ୍ନତିକଳ୍ପେ ସରକାର ଆଦର୍ଶ ନିଷ୍ପତ୍ତି ସ୍ୱରୂପ ଏହାକୁ ଏକ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ବିନମ୍ର ଅନୁରୋଧ।

ପଣ୍ଡିତ ଦୟାନିଧି ମିଶ୍ର

**ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା**

# ମାନବ ସମାଜର ପୋଥି ହିଁ ଯଥାର୍ଥ ଗୁରୁ

ଭଦ୍ରକ,୧୨।୧୧(ସମିସ): ପୋଥି ଓ ପୁରାଣ ଆମର ଗୁରୁ ଭଳି ଆମକୁ ପ୍ରେରଣା ଦିଏ ଏବଂ ପୁସ୍ତକ ହିଁ ମଣିଷର ପ୍ରକୃତ ବନ୍ଧୁ ଓ ଦାର୍ଶନିକ। ଉତ୍ତମ ପୁସ୍ତକ ସଚ୍ଚରିତ୍ର ବ୍ୟକ୍ତିତ୍ୱ ଗଠନ କରେ। ଏଣୁ ପୁସ୍ତକ ପଠନ ପ୍ରତ୍ୟେକ ମଣିଷ ପାଇଁ ନିତାନ୍ତ ଜରୁରୀ। ଭଲ ବହିଟିଏ ପାଇବା ପାଇଁ ପୁସ୍ତକ ମେଳାର ସମ୍ପ୍ରତି ଆବଶ୍ୟକ ରହିଛି ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା




ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କବି ବଂଶୀ ବଲ୍ଲଭ ଗୋସ୍ୱାମୀ ସ୍ମୃତିରେ ଉତ୍ସର୍ଗୀତ ମହୋତ୍ସବର ତୃତୀୟ ସଂନ୍ଧ୍ୟାରେ "ଜ୍ଞାନର ସାରଥି: ପୁସ୍ତକ ଓ ପୋଥି' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲ। ମହୋତ୍ସବର ଉପଦେଷ୍ଟା ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତିକନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକ ଜିଲ୍ଲା ଉପନିବନ୍ଧକ ଗୁରୁ ଚରଣ ମଲ୍ଲ ଓ ବିଶିଷ୍ଟ ଚିକିତ୍ସାବିତ୍ ତଥା ସଂଗଠକ ଡାକ୍ତର ପ୍ରଦୀପ କୁମାର ନାୟକ ବିଶିଷ୍ଟ ଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟ ବକ୍ତା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ବରେଣ୍ୟ ଅତିଥି ଏବଂ ପ୍ରକୃତିବନ୍ଧୁ ତଥା ଶିକ୍ଷକ ସରୋଜ କୁମାର ଓଝା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବର ଉପସଭାପତି ତଥା ଶିକ୍ଷକ ନେତା ପ୍ରଭାକର ପରିଡ଼ା ଅତିଥି ପରିଚୟ, ଟ୍ରଷ୍ଟ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ,ଓ ସମ୍ପାଦକ ରବିନାରାୟଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଅଧିବେଶନ ପୂର୍ବରୁ ଶିକ୍ଷକ ସମୀର କୁମାର ଜେନା, ଦମୟନ୍ତୀ ରାଉତ ଓ ମମତା ବଳଙ୍କ ପରିଚାଳନାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦମୟନ୍ତୀ ରାଉତ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ, ସାଂସ୍କୃତିକ ସଂପାଦକ ରାମନାରାୟଣ ମହାନ୍ତି, ଜାନକୀ ପାଢ଼ୀ, ମନୋରମା ରାୟ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର, ମିଡିଆ ସେଲ୍ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଉପଦେଷ୍ଟା ବାବୁଲାଲ ଦାସ,ଡା. ଅନିଲ କୁମାର ଦାଶ, ସୁଶ୍ରୀ ଅଞ୍ଜନା ମିଶ୍ର, କଳ୍ପନା ଜେନା ପ୍ରମୁଖ ମଞ୍ଚ ଓ ଉତ୍ସବ ପରିଚାଳନା କରିଥିଲେ। ଲଳିତ କଳା ଏକାଡେମୀ, ଚରମ୍ପାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସତ୍ୟସାଇଙ୍କ ଅଖଣ୍ଡ ଭଜନ ସମାରୋହ

ଧର୍ମଶାଳା,୧୨।୧୧(ସମିସ): ବିଶ୍ୱକଲ୍ୟାଣ ପାଇଁ ସତ୍ୟସାଇ ସେବା ସମିତି ଜାରକା ପକ୍ଷରୁ ମନ୍ଦିର ପରିସରରେ ଅଖଣ୍ଡ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରୁ ଏହି ଅଖଣ୍ଡ ଭଜନ ଆରମ୍ଭ ହୋଇ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଆବାହକ ଅର୍ଜୁନ ଚରଣ ରାଉତ ପରିଚାଳନାରେ ଅନୁଷ୍ଠିତ ଭଜନ କାର୍ଯ୍ୟକ୍ରମରେ ସାଇ ଆରୋଗ୍ୟମ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସତ୍ୟସାଇ ସେବା ସଂଗଠନ ସଦସ୍ୟ ରଶ୍ମୀରଞ୍ଜନ ରାୟ, ବରିଷ୍ଠ ସାଇସେବକ ଗୋବିନ୍ଦ ଚନ୍ଦ୍ର ସାହୁ, ଯତୀନ୍ଦ୍ର ମୋହନ ଦାସ, ବିଦ୍ୟାଧର ସାହୁ, ନରେନ୍ଦ୍ର ନାଥ ଶତପଥୀ, ରଞ୍ଜନ କୁମାର ସାହୁ, ଭାଜନାନନ୍ଦ ସାମଲ, ବଟକୃଷ୍ଣ ମଲ୍ଲିକ, ସୁଶାନ୍ତ କୁମାର ନାୟକ, ବିଭୁପ୍ରସାଦ ସାହୁ, ସୁମନ୍ତ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ଜେନା, ବିକ୍ରମ କେଶରୀ ମହାନ୍ତି, ଗଗନ ବିହାରୀ ଦତ୍ତ, ନିରଞ୍ଜନ ଶାନ୍ତି, ବାଳବିକାଶ ଗୁରୁମା ପ୍ରମୋଦିନୀ ସାମଲ, ଅରୁନ୍ଧତୀ ସାହୁ, ନମିତା ଶାନ୍ତି, ସାଗରିକା ଶାନ୍ତି, ସୀମା ଦତ, ପ୍ରତିମା ସାହୁ, ସନ୍ଧ୍ୟାରାଣୀ କର ସମେତ କଣ୍ଟିଗଡ଼ିଆ ଭଜନ ମଣ୍ଡଳୀ ଓ ଚିତ୍ରପଦା ଭଜନ ମଣ୍ଡଳୀ ଶ୍ରଦ୍ଧାଳୁମାନେ ଏହି ଅଖଣ୍ଡ ଭଜନରେ ସାମିଲ ହୋଇଥିଲେ। ସେହିପରି ନୀଳକଣ୍ଠପୁର ସତ୍ୟ ସାଇ ସେବା ସମିତି ପକ୍ଷରୁ ଅଖଣ୍ଡ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଜାତୀୟ ଶିକ୍ଷା ଦିବସ ପାଳିତ

ଯାଜପୁର,୧୨।୧୧(ସମିସ): ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଡ. ଦାମୋଦର ବେହେରା, ସମ୍ମାନିତ ଅତିଥି ରସାୟନ ବିଭାଗ ଅଧ୍ୟାପକ ଡ. ଦିବ୍ୟଲୋଚନ ସିଂହ, ମୁଖ୍ୟବକ୍ତା ଶିକ୍ଷା ବିଭାଗ ଅଧ୍ୟାପିକା ଡ. ଲୋପାମୁଦ୍ରା ଦାସ ପ୍ରମୁଖ ଯୋଗଦେଇ ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଭାଗ୍ୟଶ୍ରୀ ପାଣିଗ୍ରାହୀ, ରଶ୍ମିତା ମଲ୍ଲିକ, ପାୟଲ ସୋନି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିବା ବେଳେ କରିସ୍ମା, ପ୍ରଜ୍ଞା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦିବସର ଗୁରୁତ୍ୱ ସମ୍ବନ୍ଧୀୟ ଅଭିଭାଷଣ ପ୍ରଦାନ କରିଥିଲେ। ସୋନାଲୀ, କିସିସ୍, ନିଶାନ୍, ପ୍ରିୟତମା, ନାରାୟଣ, ଲିଜାରାଣୀ, ନାଇଫା, ଇତିଶ୍ରୀ, ଲକ୍ଷ୍ମୀପ୍ରିୟା, ପୂଜା, ମୋନାଲିସା ପ୍ରମୁଖ କବିତା ଆବୃତ୍ତି କରିଥିଲେ। କୁଇଜ ପ୍ରତିଯୋଗିତା, କବିତା ଆବୃତ୍ତି, ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**କାଣୀ ନଦୀ ବନ୍ଧ କାର୍ଯ୍ୟରେ ଅନିୟମିତତା**

# ପାଣି ମାଡ଼ରେ ପଥରପ୍ୟାକିଂ କ୍ଷତିଗ୍ରସ୍ତ

ପ୍ରୀତିପୁର,୧୨।୧୧(ସମିସ)

ବିଞ୍ଝାରପୁର ବ୍ଲକ ସଂଲଗ୍ନ ତଥା ବରୀ ବ୍ଲକର ଅଙ୍ଗାଲୋ ପଞ୍ଚାୟତ ଅନ୍ତର୍ଗତ ଅରିଲୋ ଗ୍ରାମ ଦେଇ ପ୍ରବାହିତ ହେଉଥିବା କାଣୀ ନଦୀବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ଦ୍ୱାରା ଏକ ପ୍ରକଳ୍ପ କାର୍ଯ୍ୟ କରାଯାଇଥିଲା। ତାହା ଏବେ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ନଦୀବନ୍ଧ ସମ୍ପ୍ରସାରଣ ଓ ପଥର ପ୍ୟାକିଂକୁ ନେଇ ଏକ ବଡ଼ଧରଣର ଅନିୟମିତତା ହେଉଥିବା ଜଣାପଡିଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଦୁଇକୋଟି ପାଖାପାଖି ସରକାରୀ ଅର୍ଥ ପାଣିରେ ପଡ଼ିଲା ବୋଲି କହିଛନ୍ତି ଅଞ୍ଚଳବାସୀ।

ବିଞ୍ଝାରପୁର ବ୍ଲକର କଣ୍ଟିପୁର ଓ ବରୀ ବ୍ଲକର ଅଙ୍ଗାଲୋ ପଞ୍ଚାୟତ ଅନ୍ତର୍ଗତ ଅରିଲୋ ଗ୍ରାମ ସଂଲଗ୍ନ କାଣୀ ନଦୀର ନଦୀବନ୍ଧର ବିକାଶ ତଥା ସମ୍ପ୍ରସାରଣ ସହିତ ପଥର ପ୍ୟାକିଂ କାର୍ଯ୍ୟ କରାଯାଇଥିଲା। ଏହି ପ୍ରକଳ୍ପଟିର ନାମ ରହିଥିଲା "ଅରିଲୋ କଣ୍ଟିପୁର ଟିଆର୍‌ଇ ସମ୍ପ୍ରସାରଣ ଓ ସୁଦୃଢ଼ୀକରଣ ଏବଂ ଯେନା ସାହି, ବଳସାହି, ବ୍ରାହ୍ମଣ ସାହି, ସାମଲ ସାହି ନିକଟରେ କାଣୀ ନଦୀ ଦକ୍ଷିଣ ପାର୍ଶ୍ୱ ତଟବନ୍ଧ ସୁରକ୍ଷା'।

ପ୍ରକାଶ ଯେ ଆଳି ଜଳସମ୍ପଦ ଡିଭିଜନ ଅଧୀନ ମଧୁସୂଦନପୁରଠାରେ ଥିବା ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ। ଏହି ପ୍ରକଳ୍ପଟିର କାର୍ଯ୍ୟ କରାଯାଇଥିଲା। ଏହାର ଠିକାଦାର ଭାବରେ ସମ୍ବିତ ତ୍ରିପାଠୀ ରହିଥିବା କଥା ସରକାରୀ କାଗଜପତ୍ରରେ ଜଣା ଯାଇଥିବା ବେଳେ ଏହାକୁ ଏକାଧିକ ଯୁବକ ସବ୍‌ଲେଟ ଭାବରେ ନେଇ କାମ କରଥିଲେ। ପ୍ରକଳ୍ପଟିର ଅଟକଳ ମୂଲ୍ୟ ୧କୋଟି୯୮ଲକ୍ଷ ୫୬ହଜାର ୭୯୨ଟଙ୍କା



ବୋଲି ଜଣାଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ରିଭାଇଜ କରାଯାଇଛି ବୋଲି କୁହାଯାଇଛି। ସୂଚନା ଫଳକରେ ନଦୀ ବନ୍ଧର ସମ୍ପ୍ରସାରଣ ଓ ନଦୀତଟର ସୁରକ୍ଷା ନିମନ୍ତେ ନିର୍ମାଣର ସ୍ତର (କନଷ୍ଟ୍ରକସନ ଡିଟେଲ୍ସ) ସମ୍ପର୍କରେ କୌଣସି ସୂଚନା ସର୍ବସାଧାରଣ କରାଯାଇନଥିଲା। କାଳେ ଲୋକେ ଜାଣିଲେ ଠିକାଦାର ମନଇଚ୍ଛା କାମ କରିବାରେ ଅସୁବିଧା ହେବ; ସେଥିପାଇଁ ସୂଚନା ଫଳକଟିକୁ ପ୍ରକଳ୍ପ ନିକଟରେ ନ ଲଗାଇ ଏହାକୁ ଲୁଚାଇ ରଖାଯାଇଥିବା କଥା କହିଛନ୍ତି ଅଭିଯୋଗକାରୀମାନେ।। ବିନା ଫଳକରେ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ବାରମ୍ବାର ସେତେବେଳେ ଭାରପ୍ରାପ୍ତ ଜେଇଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ଏଷ୍ଟିମେଟକୁ ଆଖି ବୁଜି ଦେଇ ମନଇଚ୍ଛା କାମଟିକୁ କରାଯାଇଥିଲା। ସେତେବେଳେ ଅଭିଯୋଗ ହୋଇଥିଲା ଯେଉଁ କାର୍ଯ୍ୟ ସମ୍ପୃକ୍ତ ଠିକାଦାର ସବ୍‌ଲେଟ ମାଧ୍ୟମରେ କରାଉଛନ୍ତି ତାହା ନଈରେ ପାଣି ଆସିଲେ ପ୍ୟାକିଂ ପଥର ସହ ନଦୀ ଭିତରକୁ ଖସି ପଡିବା ସହିତ ନଦୀବନ୍ଧ ସମ୍ପ୍ରସାରଣ କାର୍ଯ୍ୟଟି ବର୍ଷା ପାଣିରେ କ୍ଷତିଗ୍ରସ୍ତ ହେବ। ଏହି ଅଭିଯୋଗ ଏବେ ସତ୍ୟରେ ପରିଣତ ହୋଇଛି।

ସୂଚନା ଯୋଗ୍ୟ ଯେ ଅରିଲୋ ତଥା ନିମ୍ନ କଣ୍ଟିପୁର ଅଞ୍ଚଳଟି ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଏଠାରେ ଯେଉଁ କାର୍ଯ୍ୟ କରାଯିବ ତାହାର ସଠିକ୍ ଅନୁସନ୍ଧାନ ଭାରପ୍ରାପ୍ତ ଜେଇ କରିବା କଥା। ଠିକାଦାରଙ୍କ ସବଲେଟ ଅନିୟମିତ ଭାବରେ କାମଟି କରି ଚାଲିଥିବା ବେଳେ, କାର୍ଯ୍ୟ ସମୟରେ ଅନୁସରଣ କରିବାକୁ ଥିବା ସମସ୍ତ ନିୟମକୁ ଉଲ୍ଲଙ୍ଘନ କରିଥିଲେ। ମାତ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଜେଇ ଏହାର ନିରାକରଣ ପରିବର୍ତ୍ତେ ଠିକାଦାରଙ୍କୁ ସମର୍ଥନ କଲା ଭଳି କାର୍ଯ୍ୟକଳାପ କରିଥିଲେ। ନିଜକୁ ସଚ୍ଚୋଟ ବୋଲି ଆତ୍ମପ୍ରଚାର କରୁଥିବା ଏହି ସ୍ଥାନୀୟ ଜେଇଙ୍କର ଭୂମିକା ଓ ପ୍ରଚ୍ଛନ୍ନ ସହଯୋଗ ଏହି ଅନିୟମିତତତା ପଛରେ ରହିଛି ବୋଲି ବହୁ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଦ୍ୱାରା ଅଭିଯୋଗ କରାଯାଇଛି। ଘଟଣାସମ୍ପର୍କରେ ମଧୁସୂଦନପୁର ଜଳସମ୍ପଦ ସେକ୍ସନର ଜେଇ ଇଂ.ଚିତ୍ତରଞ୍ଜନ ପଣ୍ଡାଙ୍କୁ ପ୍ରକଳ୍ପ ସମ୍ପର୍କରେ ସେତେବେଳେ ପଚାରାଯାଇଥିଲା ସେ ପ୍ରକଳ୍ପଟିରେ କୌଣସି ଅନିୟମିତତା ହୋଇ ନଥିବା କଥା ସେତେବେଳେ କହିଥିଲେ। ପୂର୍ବତନ ବିଧାୟକ ସୁନନ୍ଦା ଦାସଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ ପ୍ରକଳ୍ପରମାନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ପ୍ରକଳ୍ପ କ୍ଷତିଗ୍ରସ୍ତ ହେବାକୁ ନେଇ ଜେଇଙ୍କର ଅପାରଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ପୂର୍ବତନ ସରପଞ୍ଚ କୁଞ୍ଜ ବିହାରୀ ସାମଲ ମଧୁସୂଦନପୁର ସେକ୍ସନରେ କାର୍ଯ୍ୟରତ ଜେଇଙ୍କର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି କାର୍ଯ୍ୟ କ୍ଷେତ୍ରରେ ତଦାରଖ କାମ ନକରୁଥିବା ବ୍ୟକ୍ତି କେତେଦକ୍ଷ ତାହା ସହଜରେ ଅନୁମେୟ। ତେବେ କାଣୀ ନଦୀ ବନ୍ଧ ଓ ପଥରପ୍ୟାକିଂର କ୍ଷତିଗ୍ରସ୍ତ ଅଂଶର ମରାମତି କରାଯିବା ସହିତ ଦୀର୍ଘଦିନ ଧରି ଏଠାରେ ନିଯୁକ୍ତ ଜେଇଙ୍କୁ ଏଠାରୁ ବଦଳି କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

**● ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ୍**

# ଦଳରେ କେନ୍ଦୁଝରର ସାର୍ଥକ ସ୍ୱୟଂପ୍ରକାଶ

କେନ୍ଦୁଝର, ୧୨।୧୧(ସମିସ): କେନ୍ଦୁଝରର ଉଦୀୟମାନ ତରୁଣ କ୍ରିକେଟ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଘୋଷିତ ୧୯ ବର୍ଷରୁ କମ ଦଳରେ ସାର୍ଥକ ସ୍ଥାନ ହାସଲ କରିବା ସହ ବିସିସିଆଇ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ଆନୁକୂଲ୍ୟରେ ଚଳିତ ନଭେମ୍ବର ୧୬ ତାରିଖରୁ ମହାରାଷ୍ଟ୍ରରେ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା କୁଚବିହାର ଟ୍ରଫି ମ୍ୟାଚରେ ରାଜ୍ୟ ତରଫରୁ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗତ ବର୍ଷ ମଧ୍ୟ ସେ ଓଡ଼ିଶା ରାଜ୍ୟ ଟିମ୍‌ରେ ସାମିଲ୍ ହୋଇ କୁଚବିହାର ଟ୍ରଫି ପାଇଁ ଖେଳିଥିଲେ। ନିର୍ମଳା କନଭେଣ୍ଟ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ କରିବା ପରେ ରେଭେନସା ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ। ବର୍ତ୍ତମାନ ରେଭେନସା ୟୁନିଭରସିଟି କଟକରେ +୩ ପ୍ରଥମ ବର୍ଷ କଳାରେ ଅଧ୍ୟୟନରତ ସାର୍ଥକ। ବରିଷ୍ଠ ପ୍ରଶିକ୍ଷକ ଗିରୀଶଚନ୍ଦ୍ର ହୋତା ଏବଂ ବୋଦାପଳସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦ୍ୱାରା ଓଡ଼ିଶା ଦଳରେ ପୁନର୍ବାର ସ୍ଥାନ ପାଇ ବେଶ୍ ଖୁସି ଅଛନ୍ତି। ୨୦୨୧ ମସିହା ୧୬ ବର୍ଷରୁ କମ କ୍ରିକେଟ ଦଳରେ ବିଜୟ ମର୍ଚ୍ଚେଣ୍ଟ ଟ୍ରଫି ପାଇଁ ମଧ୍ୟ ସାର୍ଥକ ଚୟନ ହୋଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ଏବଂ ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



## ଛାତ୍ରୀଙ୍କୁ ଅସଦାଚରଣ; ଅଧ୍ୟାପକ ନିଲମ୍ବିତ

**କଣ୍ଟାପଡା,୧୨।୧୧(ସମିସ):** କଟକ ଜିଲ୍ଲା ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁରଠାରେ ଥିବା ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ଲକ୍ଷ୍ମୀଧର ସାହୁ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ନିଲମ୍ବିତ ହୋଇଛନ୍ତି। ଛାତ୍ରୀ ଜଣଙ୍କ ନିଆଳି ଥାନା ଅଞ୍ଚଳର ହୋଇଥିବା ବେଳେ ବାଣିଜ୍ୟ ବିଭାଗ ଏଚ୍‌ଓଡି ଶ୍ରୀ ସାହୁ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଛାତ୍ରୀ ଜଣକ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଅଭିଯୋଗ ପାଇ କଲେଜ କର୍ତ୍ତୃପକ୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ କଟକ ଉପଜିଲ୍ଲାପାଳଙ୍କୁ ଏବିଷୟରେ ଜଣାଇଥିଲେ। ପରେ ଅଧ୍ୟାପକଙ୍କୁ ନିଲମ୍ବିତ କରାଯାଇଥିବା ସୂଚନା ମିଳିଛି। ଏବିଷୟରେ ଓଲଟପୁର ଥାନାରେ ଅଭିଯୋଗ ହୋଇ ନଥିଲେ ମଧ୍ୟ ଅଧ୍ୟାପକ ଜଣଙ୍କ ଛାତ୍ରୀଙ୍କ ଘରକୁ ଯାଇ ଭୁଲ ମାଗିବା ଘଟଣା ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମଧ୍ୟରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି।

## ଦେଶୀ ବନ୍ଧୁକ ଓ ଗୁଳି ଜବତ; ଜଣେ ଗିରଫ

**କଟକ,୧୨।୧୧(ସମିସ):** ଶଙ୍କରପୁରରେ ବାଦମବାଡ଼ି ଥାନା ପୁଲିସ ଜଣେ ବ୍ୟକ୍ତିଙ୍କ ଘରୁ ଦୁଇଟି ଦେଶୀ ବନ୍ଧୁକ ଓ ଗୁଳି ଜବତ କରିଛି। ଦୀର୍ଘ ଦିନ ହେବ ଏହି ବନ୍ଧୁକ ବେଆଇନ ଭାବେ ଘରେ ଗଚ୍ଛିତ କରି ରଖିଥିବା ସଂକ୍ରାନ୍ତ ସୂଚନା ଆଧାରରେ ପୁଲିସ ଚଢ଼ଉ କରିଥିଲା। ଅଭିଯୁକ୍ତ ଜଣକ ଗଜିଆ ଓରଫ ସୁରେଶ କୁମାର ପରିଡ଼ା(୫୮)। ଘଟଣାରୁ ପ୍ରକାଶ ଯେ, ଶଙ୍କରପୁର ପରିଡ଼ାସାହିରେ ରହୁଥିବା ଗଜିଆ ଓରଫ ସୁରେଶ କୁମାର ପରିଡ଼ା ଘରେ ଦେଶୀ ବନ୍ଧୁକ ରଖିଥିବା ବାଦାମବାଡ଼ି ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହି ଖବର ଆଧାରରେ ମଙ୍ଗଳବାର ରାତିରେ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ସୁରେଶ ଘରୁ ଦୁଇଟି ଦେଶୀ ବନ୍ଧୁକ, ୫ଟି ଜୀବନ୍ତ ଗୁଳି, ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଥିଲା। ଏ ନେଇ ବାଦାମବାଡ଼ି ଥାନା ପୁଲିସ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ-୧୯୫୯ ବଳରେ ଏକ ମାମଲା(୨୫(୧-ଏ)) ରୁଜୁ କରି ସୁରେଶଙ୍କୁ ଗିରଫ କରିଛି। ସୁରେଶ ବିରୋଧରେ ପୂର୍ବରୁ ଦୁଇଟି ଅପରାଧିକ ମାମଲା ରହିଛି।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କିଶୋରନଗର,୧୨।୧୧(ସମିସ):** କଟକ ସଦର ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତରେ ଆଜି ବୁଧବାର ଦିନ କଟକ ଗ୍ରାମାଞ୍ଚଳ ପୁଲିସ ସଦର ମହକୁମା ଡିଏସପି ନିରଞ୍ଜନ ସୱରଙ୍କ ତତ୍ତ୍ୱାବଧାନରେ ଏକ ସାଇବର ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶନନଗର ଥାନାର ନିରୀକ୍ଷିକା ଜୟଶ୍ରୀ ସାହୁ, ଏଏସଆଇ ଶୁଭ୍ରାନ୍ତ ଭୋଇଙ୍କ ସମେତ ସରପଞ୍ଚ ଅବଦୁଲ ୱାହିଦ୍ ଖାଁ ସମିତି ସଭ୍ୟ ଲିୟାକତ୍ ଅଲ୍ଲୀ ଖାନ ଅଂଶଗ୍ରହଣ କରିଥିବା ବେଳେ ଆସିଫ୍ ଖାନ୍, ତାଜ ଉଦ୍ଦିଷ୍ଟ ଖାନ୍, ସେକ୍ ଏଜାଜ, ୟୁସୁଫ ଅଲ୍ଲୀ ଖାନ, ଏଶାକତ୍ ଅଲ୍ଲୀ ଖାନ, ଇସମାଇଲ୍ ଖାନ୍, ଲତିଫ୍ ଖାନ୍, ନାକିମୁନ ନୋମାନ ତାତାରୀ, ଅଶୋକ ସାହୁ, ଶିଶିର ନାୟକ, ଅଜୟ ସାହୁ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ଜାତୀୟ ଶିକ୍ଷା ଦିବସରେ ଆଲୋଚନାଚକ୍ର

**ନିଶ୍ଚିନ୍ତକୋଇଲି,୧୨।୧୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟ ଶିକ୍ଷା ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରତାପ କୁମାର ସାହୁଙ୍କ ସଂଯୋଜନାରେ 'ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷକ ସଶକ୍ତୀକରଣ' ଶୀର୍ଷକ ଏକ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷା ଡ. ସୁପ୍ରଭା ପରିଡା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ. ରତ୍ନମଞ୍ଜରୀ ଦାଶ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ରଂଜନ ସେଠୀ, ଅଧ୍ୟାପକ ମନମୋହନ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାବିଭାଗର ଅଧ୍ୟାପକ ସୁଧୀର କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅନୁସୂୟା ରାଉତରାୟ ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ଡ. ନରୋତ୍ତମ ବଳ, ଅଧ୍ୟାପକ ସୂର୍ଯ୍ୟକାନ୍ତ ମଲିକ, ବିଜୟ ପରିଡା, ଶିକ୍ଷାବିଭାଗର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ରମାକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



**ବଡମ୍ବା,୧୨।୧୧(ସମିସ):** ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ଛାତ୍ର-ଛାତ୍ରୀ ଉକ୍ତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ପଚିଶଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ତିଆରି କରି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମିନାକ୍ଷୀ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀରେ, ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ, ଭାରତ ସରକାରଙ୍କ ସେବା ନିବୃତ୍ତ ପୂର୍ବତନ ବୈଜ୍ଞାନିକ ସୁରେନ୍ଦ୍ରନାଥ ଦଳେଇ ମୁଖ୍ୟଅତିଥି, ବ୍ଲକ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା ମୁଖ୍ୟବକ୍ତା, କଟକ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଭାପତି କଳିଙ୍ଗ କେଶରୀ ପ୍ରଧାନ ସମ୍ମାନିତ ଅତିଥି ଓ ଗଙ୍ଗାଧର ଉଚ୍ଚ ବିଦ୍ୟାଳୟ, ଦାଶରଥିପୁରର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ମଞ୍ଜରୀ ସେଠୀ ବିଚାରକ ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପରେ ଅଂଶଗ୍ରହଣ କରିଥିବା ବାଲ ବୈଜ୍ଞାନିକଙ୍କୁ ପ୍ରେରଣା ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଧଳ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଶିକ୍ଷୟିତ୍ରୀ ନୀଳିମା ମଞ୍ଜରୀ ମହାପାତ୍ର, ମନୋରମା ବେହେରା, ପଙ୍କଜିନୀ ଭୋଇ, ଶୁଭସ୍ମିତା ସାହୁ, ସାରଳା ମାହେଶ୍ୱରୀ ବିଶୋଇ, ଶିକ୍ଷା କର୍ମଚାରୀ ରମେଶ ଚନ୍ଦ୍ର ସାମନ୍ତରା, ଜଗବନ୍ଧୁ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟରେ ଝୁଲିଛି ତାଲା

# ଆଇନ୍ ଆଶ୍ରାରେ ଦୋଷ ଖସାଉଛି ସ୍ୱାସ୍ଥ୍ୟ ବିଭାଗ

**କଟକ,୧୨।୧୧(ସମିସ)**

- ଆଲୋଚନା, ସତ୍ୟପାଠ ଭିତରେ ଗଡ଼ି ଚାଲିଛି ଦିନ
- ଏଯାଏଁ ଗଠନ ହେଲାନି ଅଭିଜ୍ଞ ଡାକ୍ତରୀ ଦଳ
- ଯକୃତ ରୋଗୀଙ୍କ ଜୀବନ ପ୍ରତି ନିଘା ନାହିଁ



ଗତବର୍ଷ ସେପ୍ଟେମ୍ବର ମାସରେ ଏସ୍‌ସିବି ମେଡିକାଲରେ ଶେଷଥର ଯକୃତ ପ୍ରତିରୋପଣ ହୋଇଥିଲା। ଏହା ଭିତରେ ପ୍ରତିରୋପଣଅପେକ୍ଷାରେଥିବା ରୋଗୀ ଜଣକ ପରେ ଜଣେ ଆଖି ବୁଜିଲେ। ବଡ଼ ମେଡିକାଲର ଯକୃତ ପ୍ରତିରୋପଣ ୟୁନିଟରେ ତାଲା ଝୁଲିଲା। ସ୍ୱତନ୍ତ୍ର ଓପିଡି ବନ୍ଦ ରଖାଗଲା। ପରେ ହାଇକୋର୍ଟ ଏହି ଘଟଣାରେ ହସ୍ତକ୍ଷେପ କରି କଡା ତାଗିଦ୍ କରିବା ପରେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିଲା। ପ୍ରତିରୋପଣ ପୁନର୍ବାର ଆରମ୍ଭ କରାଯିବାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇ ଗୋଟିଏ ପରେ ଗୋଟିଏ ସତ୍ୟପାଠ ଅଦାଲତରେ ଦାଖଲ କରି ଚାଲିଛି। ହେଲେ ଜଣେ ହେଲେ ରୋଗୀ ଏ ପର୍ଯ୍ୟନ୍ତ ଉପକୃତ ହୋଇନାହାନ୍ତି। ଏପରିକି ପ୍ରତିରୋପଣ କରୁଥିବା ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି(ଏଆଇଜି) ସହ ଏମଓୟୁ ସ୍ୱାକ୍ଷର ହୋଇ ପାରିନାହିଁ। ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ବଡ ମେଡିକାଲରେ ଯକୃତ ପ୍ରତିରୋପଣ ସ୍ୱପ୍ନ ମଧ୍ୟ ଦୂରେଇ ଯିବାରେ ଲାଗିଛି। ଆଇନ୍‌କୁ ଆଶ୍ରୟ କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଠକୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ତୀବ୍ର ହୋଇଛି।

ଯକୃତ ପ୍ରତିରୋପଣ ଏକ ଦୀର୍ଘମିଆଦି ଚିକିତ୍ସା ପଦ୍ଧତି। ସ୍କ୍ରିନିଂଠାରୁ ଆରମ୍ଭ କରି ପ୍ରତିରୋପଣ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ରୋଗୀକୁ ନିରୀକ୍ଷଣରେ ରଖିଥାଏ। ହେଲେ ବଡ ମେଡିକାଲରେ ଏବେ ସେଭଳି ଡାକ୍ତରୀ ଦଳ ହିଁ ନାହିଁ। ଯେଉଁ ଡାକ୍ତରୀ ଦଳକୁ ଯକୃତ ପ୍ରତିରୋପଣ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା, ସେହି ଦଳ ମଧ୍ୟ ନିଷ୍କ୍ରିୟ। ବିଶେଷକରି ସ୍ଥାୟୀ ଏବଂ ଅଭିଜ୍ଞ ଡାକ୍ତରୀ ଦଳର ଆବଶ୍ୟକତା ଥିଲେ ସୁଦ୍ଧା ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏପରିକି ପ୍ରତିରୋପଣ ନିମନ୍ତେ ଏକ ସ୍ୱତନ୍ତ୍ର ଦଳ ଗଠନ କରି ପ୍ରଶିକ୍ଷଣ ଦେବା ପାଇଁ ପ୍ରତ୍ୟେକବର୍ଷ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ଏହାର ସଦୁପଯୋଗ ହେଉନାହିଁ। କିଛି ମାସ ଧରି ଯକୃତ ପ୍ରତିରୋପଣ ନେଇ ମାମଲା ହାଇକୋର୍ଟରେ ବିଚାରାଧୀନ ଅଛି। ମାମଲାର ଶୁଣାଣି ହେବା ସମୟରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଡିଏମଇଟିଙ୍କ ପକ୍ଷରୁ ପ୍ରତିରୋପଣ ନେଇ ପ୍ରସ୍ତୁତି ଚାଲିଥିବା କୁହାଯାଇଥିଲା। ଏନେଇ ସତ୍ୟପାଠ ମଧ୍ୟ ଦାଖଲ ହୋଇଥିଲା। ହେଲେ ସ୍ଥିତାବସ୍ଥାରୁ ଏହା ସ୍ପଷ୍ଟ ଭାବେ ଜଣାପଡୁଛି ଯେ ସ୍ୱାସ୍ଥ୍ୟ ବିଭାଗ ଢେଳିକି ଦେଖାଇ ଏହି ବ୍ୟବସ୍ଥାକୁ ପୁଣି କାର୍ଯ୍ୟକ୍ଷମ କରିବାରେ ବିଳମ୍ବ କରୁଛି। ଗତ ୧୦ ତାରିଖରେ ଏଆଇଜିକୁ ଏକ ଚିଠି ଲେଖଥିଲା ଡିଏମଇଟିଙ୍କ କାର୍ଯ୍ୟାଳୟ। ଯକୃତ ପ୍ରତିରୋପଣ ଆରମ୍ଭ କରିବାକୁ ଚିଠିରେ ଦର୍ଶା ଯାଇଥିଲା। ହେଲେ ଏଆଇଜି ସହିତ ଏମଓୟୁ କରିବା ପାଇଁ ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ଏହା ହୋଇ ପାରିନାହିଁ। ବଦଳରେ ହାଇକୋର୍ଟ ଶୁଣାଣି ତାରିଖ ପୂର୍ବରୁ କିଛି ଚିଠି ଲେଖି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ସ୍ୱାସ୍ଥ୍ୟ ବିଭାଗ ଓ ଡିଏମଇଟି ଅପଚେଷ୍ଟା କରୁଥିବା କୁହାଯାଉଛି।

## ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ; ମହିଳା ଗୁରୁତର

**ନିଶ୍ଚିନ୍ତକୋଇଲି, ୧୨।୧୧(ସମିସ):** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ନତକାଇ ପଞ୍ଚାୟତ ୩ନଂ ୱାର୍ଡ ମୁକୁନ୍ଦପୁର ଗ୍ରାମରେ ଏକ ବେଆଇନ ବାଣ ତିଆରି କରାଯିବା ସମୟରେ ବିସ୍ଫୋରଣ ହେବାରୁ ଜଣେ ମହିଳା ଗୁରୁତର ହୋଇଥିବା ଜଣାଯାଇଛି। ବିସ୍ଫୋରଣ ସମୟରେ ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଭୟଭୀତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗୁରୁତର ହୋଇଥିବା ମହିଳାଙ୍କୁ ଉଦ୍ଧାର କରି ପୁଲିସ ଭ୍ୟାନ୍ ଯୋଗେ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମହିଳାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ପଠାଇଛନ୍ତି। ଏହା ପରେ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିସ୍ଫୋରଣରେ ଲାଗିଥିବା ନିଆଁକୁ ଆୟତ କରିଥିଲେ। ଖବରରୁ ଜଣାଯାଏ ଏହି ଗ୍ରାମର ଭାଗ୍ୟଧର ମଲିକ ଦୀର୍ଘ ବର୍ଷ ହେବ ବେଆଇନ ଭାବେ ବାଣ ତିଆରି କରି ବିକ୍ରି କରିଆସୁଥିଲେ। ଏ ସଂକ୍ରାନ୍ତରେ ପୁଲିସ ଭଲ ଭାବେ ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା। ବୁଧବାର ମଧ୍ୟାହ୍ନରେ ଭାଗ୍ୟଧରଙ୍କ କନ୍ୟା ପ୍ରଭାସିନୀ ମଲିକ (୩୩) ବାଣ ତିଆରି କରୁଥିଲା ବେଳେ ଏହା ହଠାତ୍ ବିସ୍ଫୋରଣ ହୋଇଥିଲା। ଏହାର ପ୍ରଭାବରେ ସଂପୃକ୍ତ ମହିଳାଙ୍କର ଶରୀରର ବିଭିନ୍ନ ଅଂଶର ୭୦ ଭାଗ ପୋଡିଯାଇଥିବା ଦେଖାଯାଇଛି। ଏହାଛଡା ବାଣ ତିଆରି ହେଉଥିବା ଘରଟି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ନିଶ୍ଚିନ୍ତକୋଇଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ କିଲୋ ବାଣ ବାରୁଦ ଜବତ କରିଥିଲା ବେଳେ ଭାଗ୍ୟଧରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଖୁବ୍‌ଶୀଘ୍ର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନଖି କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ଯୁଗଳକିଶୋର ଦାସ ପ୍ରକାଶ କରିଛନ୍ତି। କେବଳ ନତକାଇ ପଞ୍ଚାୟତ ନୁହେଁ ଏହି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ବେଳେ ନିଶ୍ଚିନ୍ତକୋଇଲି ବଜାରରେ ବିଭିନ୍ନ ପର୍ବପର୍ବାଣୀ ପାଇଁ ବିନା ଲାଇସେନ୍‌ସରେ ଚୋରାରେ ବାଣ ବିକ୍ରି କରାଯାଉଥିବା ଜଣାଯାଇଛି। ପୁଲିସ ପ୍ରଶାସନର ବିନା ଅନୁମତିରେ ବାଣ ଫୁଟିବାର ନିୟମ ନ ଥିବା ବେଳେ ଭସାଣୀ, ବିବାହ, ଶୋଭାଯାତ୍ରା, ମେଳଣ ତଥା ବିଭିନ୍ନ ଉତ୍ସବମାନଙ୍କରେ ବାଣ ଫୁଟୁଥିଲେ ମଧ୍ୟ ପୁଲିସ ଚୁପ୍ ରହୁଥିବା ଦେଖାଯାଇଛି। ଏହି ବାଣ ବିସ୍ଫୋରଣ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭଗତପୁର କାର୍ତ୍ତିକେଶ୍ୱର ମହୋତ୍ସବ ଉଦଯାପିତ



**ଟାଙ୍ଗୀ,୧୨।୧୧(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଭଗତପୁର ଗ୍ରାମରେ ଆୟୋଜିତ ତ୍ରୟଦିବସୀୟ କାର୍ତ୍ତିକେଶ୍ୱର ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ରବିବାର ଉଦଘାଟନ ଉତ୍ସବରେ ଭଗତପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଥାନପତି ପ୍ରତିମା ଓ ସୋମବାର ଭଗତପୁର ସମେତ ତେଲିଆପଡ଼ା ଏବଂ ଗୁଆଳିଡ଼ିହକୁ ମିଶାଇ ମୋଟ ୧୨ଟି ପ୍ରତିମା ଶୋଭାଯାତ୍ରାରେ ଯାତ୍ରା ପଡ଼ିଆକୁ ବିଜେ କରିଥିଲେ। ମାତ୍ର କନମିରା ଠାରେ ହରିବାବାଙ୍କ ଦ୍ୱାରା ପୂଜା ପାଇଥିବା ଶ୍ରୀ ନୃସିଂହଙ୍କ ପ୍ରତିମା ଭସାଣିରେ ଭାଗ ନେଇଥିଲେ ହେଁ ଯାତ୍ରା ପଡ଼ିଆକୁ ବିଜେ ନ କରିବା ଆଲୋଚ୍ୟ ପାଲଟିଥିଲା। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ଓ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ସହସ୍ରାଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଟାଙ୍ଗୀ ଥାନା ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିବା ଦେଖିବାକୁ ମିଳିଛି।

## ଜଗତପୁରରୁ ୫୨ଟି ସିଲିଣ୍ଡର ଜବତ

- ଲାଇସେନ୍ସ ନ ଥାଇ ଚାଲୁଛି ବେଆଇନ ରନ୍ଧନ ଗ୍ୟାସ ସିଲିଣ୍ଡର କାରବାର



**କଟକ,୧୨।୧୧(ସମିସ):** କଟକ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢଉ କରାଯାଇ ଆଜି ବିପୁଳ ପରିମାଣର ଚୋରା ଘରୋଇ ଗ୍ୟାସ ସିଲିଣ୍ଡରକୁ ଜବତ କରାଯାଇଛି। କଟକ ଜଗତପୁର ଷ୍ଟେସନବଜାର ଅଞ୍ଚଳର ଶଙ୍କର୍ଷଣ ମହାରଣାଙ୍କ ଘରୁ ୫୨ଗୋଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଏଥି ମଧ୍ୟରେ ଗ୍ୟାସ ଭର୍ତ୍ତି ହୋଇଥିବା ସିଲିଣ୍ଡର ରହିଥିବା ଜଣାପଡିଛି। ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଠାରେ ଚଢଉ କରିଥିଲେ। ଏହି ଚଢଉରେ କଟକ ମହାନଗର ନିଗମର ଯୋଗାଣ ନୀରିକ୍ଷକ କେଦାରନାଥ ପ୍ରଧାନୀ, ଏସିଏସଓ ଇତିଶ୍ରୀ ଜେନା, କଟକ ସଦରର ଯୋଗାଣ ଅଧିକାରୀ ଦିପ୍ତିରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ପ୍ରକାଶଥାଉକି ଲାଇସେନ୍ସ ନ ଥାଇ ଜଣେ ବ୍ୟକ୍ତି କିଭଳି ଏତେ ପରିମାଣରେ ସିଲିଣ୍ଡର ମହଜୁଦ ରଖି ବେପାର ଚଳାଇଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରନ୍ଧନ ଗ୍ୟାସ କାରବାର ପାଇଁ ଯୋଗାଣ ବିଭାଗ ସମେତ ତୈଳ କମ୍ପାନୀର ଲାଇସେନ୍ସ, ଅଗ୍ନିଶମ ବିଭାଗର ଏନଓସି ଆଦି ଦରକାର। ହେଲେ ଏହା ନ ଥାଇ ଉକ୍ତ କାରବାର ଚାଲୁଥିବା ଚଢଉ ବେଳେ ଜଣାପଡିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କୁହାଯାଇଛି। କେବଳ ଜଗତପୁର ନୁହେଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି କାରବାର ଦେଖିବାକୁ ମିଳୁଛି। ଖାଉଟି ମାନଙ୍କର ଅତିରିକ୍ତ କାର୍ଡ ଓ ସିଲିଣ୍ଡର ସଂଗ୍ରହ କରି ଖୋଲାବଜାରରେ ଅଧିକ ଦରରେ ବିକ୍ରି କରାଯାଉଥିବା ଜଣାପଡିଛି। ସେହିଭଳି କମର୍ସିଆଲ ସିଲିଣ୍ଡର ଗୁଡିକ ୧୯କେଜି ବିଶିଷ୍ଟ ହୋଇଥିଲା ବେଳେ ଘରୋଇ ସିଲିଣ୍ଡର ତୁଳନାରେ ଏହାର ଦର ଅଧିକ। ଏଣୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ସିଲିଣ୍ଡର ଗୁଡିକ ବହୁଳ ବ୍ୟବହାର ହେଉଥିବା ଜଣାପଡିଛି। ଏଥିପାଇଁ ଚୋରାରେ ଘରୋଇ ସିଲିଣ୍ଡର କାରବାର ହେଉଥିବା ଜଣାପଡିଛି। ତେବେ ଜବତ ହୋଇଥିବା ସିଲିଣ୍ଡର ଗୁଡିକ କେଉଁ ଖାଉଟିଙ୍କ ନାମରେ ରହିଛି ନା ନାହିଁ ତାହାର ବିଭାଗ ଅଧିକ ଖୋଳତାଡ କରୁଛି।

## ଜାତୀୟସ୍ତରୀୟ କୁଡ଼ୋ ପ୍ରତିଯୋଗିତା

- ଚୌଦ୍ୱାର କୁଡ଼ୋ ଏକାଡେମୀର ପ୍ରତିଯୋଗୀଙ୍କୁ ୨୧ ପଦକ

**ଚୌଦ୍ୱାର,୧୨।୧୧(ସମିସ):** ଜାତୀୟସ୍ତରୀୟ କୁଡ଼ୋ ପ୍ରତିଯୋଗିତାରେ ଚୌଦ୍ୱାର କୁଡ଼ୋ ଏକାଡେମୀର ପ୍ରତିଯୋଗୀମାନେ ୨୧ଟି ପଦକ ହାସଲକରି ଓଡ଼ିଶା ପାଇଁ ଉଲ୍ଲେଖନୀୟ ଗୌରବ ଆଣିବାରେ ସଫଳ ହୋଇଛନ୍ତି। ଗୁଜୁରାଟର ସୁରଟ ଠାରେ ଆୟୋଜିତ ଷଷ୍ଠ ଦିବସୀୟ ଜାତୀୟ କୁଡ଼ୋ ଫେଡେରେସନ କପ୍ ଏବଂ ଅକ୍ଷୟ କୁମାର ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଚୌଦ୍ୱାର କୁଡ଼ୋ ଏକାଡେମୀର ୯ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୩ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୧୦ଟି ତାମ୍ର ପଦକ ହାସଲ କରିଛନ୍ତି। ଚୌଦ୍ୱାର ଏକାଡେ଼ମୀର ମୁଖ୍ୟ କୋଚ୍ ମୃତ୍ୟୁଞ୍ଜୟ ଯାଦବଙ୍କ ନେତୃତ୍ୱରେ ତଥା ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଯାଇ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ଏସ୍‌କେ ଇରଫାନ୍, ସତ୍ୟ ସଂଗ୍ରାମ ଖୁଣ୍ଟିଆ, ସୁଲଗ୍ନା ଲେଙ୍କା, ରିୟାଂସ ପ୍ରଧାନ, ଏସ୍‌କେ ସମସେର ଅଲ୍ଲୀ, ଆୟଶ ଲେଙ୍କା, ସାଇସ୍ମିତା ନାୟକ, ଅଂଶୁମାନ ସେନାପତି ଏବଂ ରିତିକା ସ୍ୱାଇଁ । ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ କୁଡ଼ୋ ଇଣ୍ଡିଆର ଅଧ୍ୟକ୍ଷ ତଥା ମେଗା ଷ୍ଟାର ଅକ୍ଷୟ କୁମାର, ଅଭିନେତା ପରେଶ ରାୱଲ, ସୁନୀଲ ସେଟ୍ଟୀ, ଜ୍ୟାକି ସ୍ରଫ, ଡିମ୍ପଲ କାପାଡ଼ିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜେତାଙ୍କୁ ସମ୍ମାନିତ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ଏହି ସଫଳତା ପାଇଁ କୁଡ଼ୋ ଇଣ୍ଡିଆର ସହସମ୍ପାଦକ ତଥା କୁଡ଼ୋ ଓଡ଼ିଶା ସଂଘର ମୁଖ୍ୟ ନିତାଇ ଶଙ୍କର ଗୁଇଁ ସମସ୍ତ ପ୍ରତିଯୋଗୀ, କୋଚ୍, କୁଡ଼ୋ ଏକାଡେମୀ ସହିତ ସଂପୃକ୍ତ ସମସ୍ତ ଅଧିକାରୀ ଏବଂ ପ୍ରତିଯୋଗୀଙ୍କ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।




## ଜହ୍ନିଆ-ଛୁଆଳିଆ କେନାଲ ରାସ୍ତା ବିଳମ୍ବ ନେଇ ଜନଅସନ୍ତୋଷ



**ନିଶ୍ଚିନ୍ତକୋଇଲି,୧୨।୧୧(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅନୁଦାନରେ ନିର୍ମାଣ ଆରମ୍ଭ ହୋଇଥିବା ଜହ୍ନିଆଠାରୁ ଛୁଆଳିଆ ଆଖଣ୍ଡଳମଣୀ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ବହୁ ବିଳମ୍ବ ଦେଖାଦେଇଛି। ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ମନମାନୀରେ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଦୀର୍ଘମାସ ହେବ ବନ୍ଦ୍ ହୋଇ ରହିଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଛି। ଉକ୍ତ ରାସ୍ତାଟି କଟକ-ଚାନ୍ଦବାଲି ରାସ୍ତାକୁ ଜହ୍ନିଆ ଛକଠାରେ ସଂଯୋଗ କରୁଥିବାରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଯାନବାହନ ଓ ଲୋକମାନେ ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାଆନ୍ତି। ଏହାଛଡା ଉକ୍ତ ରାସ୍ତାଟି ଜିଗ୍ନିପୁର ପଞ୍ଚାୟତର ମହାଜନପୁର, ମାତକତପୁର ଓ ଛୁଆଳିଆ ଗ୍ରାମର ଏକ ପ୍ରମୁଖ ରାସ୍ତା ଅଟେ। ବର୍ତ୍ତମାନ ଏହି ରାସ୍ତାଟିରେ ଠିକାଦାର ଦୁଇ ପାଶ୍ୱର୍ରେ ମାଟି ଓ ମଝିରେ କ୍ରସର ଗୁଣ୍ଡ ପକାଇ ଦେଇ କାର୍ଯ୍ୟ ବନ୍ଦ କରିଛନ୍ତି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ ସମୟରେ ପ୍ରବଳମାତ୍ରାରେ କ୍ରସରଗୁଣ୍ଡ ଗୁଡିକ ଉଡି ପଥିକ ତଥା ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଅଣନିଶ୍ୱାସୀ କରିଦେଉଛି। ଅତ୍ୟଧିକ କ୍ରସରଗୁଣ୍ଡ ଉଡିବା ଦ୍ୱାରା ବାୟୁମଣ୍ଡଳ ଦୂଷିତ ହେଉଛି। ଦୀର୍ଘଦିନ ହେବ ଠିକାଦାର ଉକ୍ତ ରାସ୍ତାର ନିର୍ମାଣ କାମକୁ ବନ୍ଦ୍ କରିଦେଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ କାର୍ଯ୍ୟ ଆରମ୍ଭ ପୂର୍ବର ଏହାର ସଂପୂର୍ଣ୍ଣ ସୂଚନା ବିବରଣୀ ଫଳକ ଲଗାଯିବାର ନିୟମ ରହିଥିବା ବେଳେ କୌଣସି ଫଳକ ନ ଲଗାଇ ଠିକାଦାର କୋଟି କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ କରୁଥିବା ଦେଖାଯାଇଛି। ରାସ୍ତା କାର୍ଯ୍ୟର ସୂଚନା ଫଳକ ନ ଥିବାରୁ ଏହାର ଅବଧି ଶେଷ ହୋଇଛି କି ନାହିଁ ସେ ସଂକ୍ରାନ୍ତରେ ଲୋକମାନେ ଜାଣି ପାରୁନାହାନ୍ତି। ଏ ସଂକ୍ରାନ୍ତରେ ଗ୍ରାମ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ପଚାରି ବୁଝିବା ପାଇଁ ଫୋନ୍ କରାଯାଉଥିଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିବା ମଧ୍ୟ ଲୋକମାନେ ଅଭିଯୋଗ କରିଛନ୍ତି। କ'ଣ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ବିଳମ୍ବ ହେଉଛି ସେ ନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହିତ ଉକ୍ତ ରାସ୍ତା କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ମାତକତପୁର, ମହାଜନପୁର ଓ ଛୁଆଳିଆ ଗ୍ରାମବାସୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

## ଡ୍ରିମ୍‌ସରେ ଜାତୀୟ ଶିକ୍ଷା ଦିବସ




**କଟକ,୧୨।୧୧(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି। ଇନଷ୍ଟିଚ୍ୟୁସନ୍ ଇନୋଭେସନ କାଉନସିଲ (ଆଇଆଇସି) ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ରାଷ୍ଟ୍ରନିର୍ମାତା ଡ. ମୋ÷ଲାନା ଅବୁଲ କଲାମ ଆଜାଦ୍‌ଙ୍କ ଜନ୍ମଦିନକୁ ଜାତୀୟ ଶିକ୍ଷା ଦିବସ ଭାବରେ ପାଳନ କରାଯିବା ପରିପ୍ରେକ୍ଷୀରେ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପ୍ରାରମ୍ଭରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇ ଶିକ୍ଷା ହିଁ ରାଷ୍ଟ୍ର ବିକାଶର ଚାବିକାଠି ବୋଲି ବର୍ଣ୍ଣନା କରିଥିଲେ। ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଜାତୀୟ ଶିକ୍ଷା ନୀତି ଉପରେ ବକ୍ତାମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୋ÷ରହିତ୍ୟ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଦେଶର ଶିକ୍ଷା ବ୍ୟବସ୍ଥା ଓ 'ଜାତୀୟ ଶିକ୍ଷା ନୀତି ୨୦୨୦' ବିଭିନ୍ନ ଦିଗ ଏବଂ ଗ୍ରାମାଞ୍ଚଳରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ବିସ୍ତାର କ୍ଷେତ୍ରରେ 'ଡ୍ରିମ୍‌ସ'ର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରିଥିଲେ। ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ ଦାସ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ବିଭାଗୀୟ ମୁଖ୍ୟ ଓ ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇଆଇସି ସଂଯୋଜକ ଡ. ଦୀପକ ରଞ୍ଜନ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଓ ଡିନ୍ (ରିସର୍ଚ୍ଚ) ଡ. ବିଶ୍ୱରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଆକ୍ରମଣ

**ଖଲ୍ଲିକୋଟ/ପୁରୁଷୋତ୍ତମପୁର,୧୨ ।୧୧(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବେଢ଼ ଦେଉଳପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଆକ୍ରମଣ କରାଯାଇଛି । ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ମହିଳା ଜଣଙ୍କ ହେଲେ ଦେଉଳପଲ୍ଲୀ ଗ୍ରାମର ରଞ୍ଜନ ମହାନ୍ତିଙ୍କ ସ୍ତ୍ରୀ କୁନି ମହାନ୍ତି । ରଞ୍ଜନ ଜଣେ ଭିନ୍ନକ୍ଷମ ହୋଇଥିବାବେଳେ ସେ ସୁରତରେ ରହନ୍ତି । ଘରେ ତାଙ୍କ ସ୍ତ୍ରୀ କୁନି ଏକୁଟିଆ ରହିନ୍ତି । ସୂଚନା ଅନୁଯାୟୀ ପଡୋଶୀଙ୍କ ସହିତ ଦୀର୍ଘ ଦିନ ହେଲା ଜାଗା ବାଡ଼ିକୁ ନେଇ କୁନିଙ୍କ ଶତ୍ରୁତା ଲାଗି ରହିଥିଲା । ଏନେଇ ମହିଳା ଜଣକ ଆଗରୁ ୩ ଥର ଥାନାରେ ଏତଲା ଦେବା ପରେ ମଧ ପୁରୁଷୋତ୍ତମପୁର ଥାନା ପୁଲିସ କିଛି ବୁଝି ନଥିବା ଅଭିଯୋଗ ହୋଇଛି । ତେବେ ଗତକାଲି ବିଳମ୍ବିତ ରାତିରେ ପୁଣି କୌଣସି ଏକ କାରଣକୁ ନେଇ କୁନି ଓ ତାଙ୍କ ପଡୋଶୀଙ୍କ ମଧ୍ୟରେ ଝଗଡା ହୋଇଥିଲା । ଝଗଡା ଉଗ୍ର ରୂପ ଧାରଣ କରିବା ପରେ ପଡୋଶୀ ଧାରୁଆ ଅସ୍ତ୍ରରେ କୁନିଙ୍କୁ ଆକ୍ରମଣ କରିଥିଲେ । ଫଳରେ କୁନି ଗୁରୁତର ଆହତ ହୋଇଥିଲେ । କୁନିଙ୍କ ହାତ, ବେକ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ଆସିକା,୧୨ ।୧୧(ସମିସ):** ଆସିକା ଥାନା ଅନ୍ତର୍ଗତ ମାମୁଢ଼ିଅ ଗ୍ରାମରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି । ଆକ୍ରମଣ ଶିକାର ହୋଇଥିବା ଯୁବକ ଜଣକ ସେହି ଗ୍ରାମର ମୁନା ନାୟକ(୨୪) । ଆକ୍ରମଣର କାରଣ ଅସ୍ପଷ୍ଟ ଥିବା ବେଳେ ଖବର ପାଇ ପୁଲିସ ଗୁରୁତର ଯୁବକ ସହ ଆଲୋଚନା କରି ତଦନ୍ତ ଜାରି ରଖିଛି । ସୂଚନା ଥାଉକି, ମାମୁଁଢ଼ିଅ ଗାଁକୁ ମଙ୍ଗଳବାର ଅପରାହ୍ନରେ ଏକ ଧଳା ରଙ୍ଗର ବଲେରୋ ଗାଡ଼ିରେ ଆସି ଖାକି ପୋଷାକ ପିନ୍ଧିଥିବା ବ୍ୟକ୍ତି ଗାଡ଼ିରୁ ଓହ୍ଲାଇ ସେହି ଗାଁର ଜଣେ ଯୁବକର ଘର କେଉଁଠି ପଚାରି ଥିବାବେଳେ ମୁନା ସେହି ଯୁବକର ଘର ଦେଖାଇଥିଲେ । ଏହାପରେ ସେମାନେ ତିନି ଜଣ ପଳାଇଥିଲେ । ସନ୍ଧ୍ୟାରେ ମୁନା ନିକଟସ୍ଥ ଗାଁରେ ନାଚ ଦେଖିବାକୁ ଯାଇଥିବା ବେଳେ ରାତି ପ୍ରାୟ ୮ ଟାରେ ୪ରୁ ୫ ଜଣ ଯୁବକ ଏକ ବାଇକରେ ମୁନାକୁ ଆଣି ଗାଁର ଏକ ମନ୍ଦିର ଭିତରେ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ହେଲେ କିଏ ଓ କାହିଁକି ଆକ୍ରମଣ କରିଛି ତାହା ସ୍ପଷ୍ଟ ହୋଇନାହିଁ । ଏନେଇ ଆସିକା ଥାନା ଅଧିକାରୀ କହିଛନ୍ତି, ଯେ ଆମର କୌଣସି ଷ୍ଟାଫ୍ ମାମୁଁଢ଼ିଅ ଗାଁକୁ ଯାଇନାହାନ୍ତି ତଥାପି ଏଭଳି ଘଟଣାକୁ ନେଇ ଗାଁର ସିସିଟିଭିକୁ ଯାଞ୍ଚ କରିବା ସହ ତଦନ୍ତ ଚାଲିଛି, ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇନାହିଁ ।

# ଜେଲ ଫେରନ୍ତା ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଜଗନ୍ନାଥପ୍ରସାଦ,୧୨ ।୧୧(ସମିସ):** ଜଗନ୍ନାଥପ୍ରସାଦ ଥାନା ଅଧୀନ କୁମ୍ପାପଡା ଛକ ନିକଟରେ ଜଣେ ଜେଲ୍ ଫେରନ୍ତା ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେ ହେଲେ କୁମ୍ପାପଡା ଗ୍ରାମର ଲକ୍ଷ୍ମୀକାନ୍ତ ଶତପଥୀ (୪୦) । ଲକ୍ଷ୍ମୀକାନ୍ତ ଗତ କିଛି ମାସ ପୂର୍ବେ ଜେଲରୁ ଜାମିନରେ ଆସିଥିଲେ । ସେ ଗାଁ ବାହାରେ ରହି ଡ୍ରାଇଭର ଭାବେ କାମ କରନ୍ତି । କୌଣସି କାମରେ ବୁଧବାର ନିଜ ଗ୍ରାମକୁ ଆସିଥିବା ବେଳେ ଗାଁ ଛକରେ ଠିଆ ହୋଇଥିଲେ । ଅପରାହ୍ନରେ ଦୁଇଜଣ ଯୁବକ ବାଇକରେ ଆସି ଧାରୁଆ ଅସ୍ତ୍ରରେ ଲକ୍ଷ୍ମୀକାନ୍ତକୁ ଅତର୍କିତ ଆକ୍ରମଣ କରିଥିଲେ । ଗ୍ରାମବାସୀ ଦମକଳ ବାହିନୀକୁ ଖବର ଦେଇଥିଲେ । ଲକ୍ଷ୍ମୀକାନ୍ତଙ୍କ ମୁଣ୍ଡ, ଗୋଡ଼ ଓ ଅଣ୍ଟାରେ ଗଭୀର ଆଘାତ ଲାଗିବା ଯୋଗୁ ତାକୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ପୁଲିସ ଘଟଣାସ୍ଥଳକୁ ଯାଇ ଛାନଭିନ ଜାରି ରଖିଥିବା ଏସଆଇ ଜ୍ୟୋତିରଞ୍ଜନ ସାହୁ ସୂଚନା ଦେଇଛନ୍ତି ।

## ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ବ୍ରହ୍ମପୁର ଗସ୍ତ

# ଉତ୍କଳ ବାଳାଶ୍ରମରୁ ଅନ୍ତେବାସୀ ଚମ୍ପଟ ଘଟଣାର କଲେ ତଦନ୍ତ

**ବ୍ରହ୍ମପୁର,୧୨ ।୧୧(ସମିସ):**

ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ପ୍ରଥମେ ଗୋଷାଣିନୂଆଗାଁ ସ୍ଥିତ ଉତ୍କଳ ବାଳାଶ୍ରମ ପରିଦର୍ଶନ କରି ନିକଟରେ ଆଶ୍ରମରୁ ଚମ୍ପଟ ମାରିଥିବା ଦୁଇ ଅନ୍ତେବାସୀଙ୍କ ସମ୍ପର୍କରେ ତଦନ୍ତ କରିଥିଲେ । ପୂର୍ବରୁ ଆୟୋଗଙ୍କ ପକ୍ଷରୁ ରିପୋର୍ଟ ତଲବ କରାଯାଇଥିଲା । ତେବେ ଏହାର କୌଣସି ଉତ୍ତର ଦିଆଯାଇନଥିଲା । ଫଳରେ ଆୟୋଗ ନିଜେ ଗସ୍ତ କରି ସରଜମିନ ତଦନ୍ତ କରିବା ସହିତ ସ୍ଥିତି ଅନୁଧ୍ୟାନ କରିଥିଲେ । ପରେ କମିଶନ ଅଧ୍ୟକ୍ଷା ଓ ପ୍ରଶାସନିକ ଟିମ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଆବାସ ଉଭୟ ବାଳକ ଓ ବାଳିକା ପରିଦର୍ଶନ କରିଥିଲେ । ସ୍ୱତନ୍ତ୍ର



ବାଳିକା ପର୍ଯ୍ୟବେକ୍ଷଣ ଆବାସରୁ ମଧ୍ୟ ଅନୁରୂପ ଭାବେ ଦୁଇଜଣ ନାବାଳିକା ଅନ୍ତେବାସିନୀ ପାଚେରି ଡେଇଁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ । ଅବଶ୍ୟ ପରବର୍ତ୍ତି ସମୟରେ ଉଭୟଙ୍କୁ କାବୁ କରାଯାଇଥିଲା । ଉଭୟ ପର୍ଯ୍ୟବେକ୍ଷଣ ଆବାସର ସୁରକ୍ଷା ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରିଥିଲେ ଆୟୋଗ ଅଧ୍ୟକ୍ଷା ।

ଅନ୍ତେବାସୀଙ୍କ ଅପେକ୍ଷା କର୍ମଚାରୀଙ୍କ ସଂଖ୍ୟା ଅଧିକ ଥିବା ବେଳେ କିଭଳି ସେମାନେ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ ଏବଂ ଏହାର ଯେଭଳି ପୁନଃରାବୃତ୍ତି ନହେବ ସେଦିଗରେ ଧ୍ୟାନ ଦେବାକୁ ସମସ୍ତଙ୍କୁ ତାଗିଦ କରିଥିଲେ । ବିଭିନ୍ନ ପ୍ରମୁଖ ସହରରେ

### ସ୍ୱତନ୍ତ୍ର ବାଳିକା ପର୍ଯ୍ୟବେକ୍ଷଣ ଆବାସର ସୁରକ୍ଷା ଯାଞ୍ଚ

### ନାବାଳିକା ଦୁଷ୍କର୍ମ ଓ ଶିଶୁଙ୍କ ଦ୍ୱାରା ଭିକ୍ଷାବୃତ୍ତିକୁ ନେଇ ଉଦ୍‌ବେଗ

ଛୋଟଛୋଟ ପିଲାଙ୍କୁ ଭିକ୍ଷାବୃତ୍ତିରେ ନିୟୋଜିତ କରାଯିବା ଘଟଣାକୁ ନେଇ କମିଶନ ଅଧ୍ୟକ୍ଷା ଚିନ୍ତା ପ୍ରକଟ କରିଥିଲେ । ଏସମସ୍ତେ ରାଜ୍ୟ ବାହାରୁ ଅର୍ଥାତ ଅନ୍ୟ ରାଜ୍ୟରୁ ଆସି ଏଭଳି କାର୍ଯ୍ୟରେ ଲିପ୍ତ ରହୁଥିବାରୁ ପୂର୍ବରୁ ସେମାନଙ୍କୁ ଚିହ୍ନଟ କରାଯାଇ ନିଜନିଜ ରାଜ୍ୟକୁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା । ତେବେ ପୁନଃ ସେମାନେ ଓଡିଶାର ବିଭିନ୍ନ ସହରାଞ୍ଚଳକୁ ଆସି ଏଭଳି କାର୍ଯ୍ୟରେ ଲିପ୍ତ ରହୁଥିବା କହିଛନ୍ତି । ଶିଶୁଙ୍କ ଦ୍ୱାରା ଭିକ୍ଷାବୃତ୍ତି କରାଇବା ଦ୍ୱାରା ସମାଜରେ ଅନ୍ୟମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବାରୁ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ସେହିଭଳି ନାବାଳିକାଙ୍କ ପ୍ରତି ହେଉଥିବା ଯୌନଶୋଷଣ ଉପରେ ରୋକ ଲଗାଇବାକୁ ସମାଜର ସବୁ ବର୍ଗର ଲୋକଙ୍କୁ ଆଗେଇ ଆସିବାକୁ ହେବ ବୋଲି କହିଛନ୍ତି ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର । ଅଧ୍ୟକ୍ଷାଙ୍କ ଗସ୍ତ ସମୟରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବ୍ଲକସ୍ତରୀୟ ମେଳା



**କବିସୂର୍ଯ୍ୟନଗର, ୧୨ ।୧୧ (ସମିସ):** କବିସୂର୍ଯ୍ୟନଗର ବ୍ଲକ ଅଞ୍ଚଳରେ ଗୋପାଳନ, ମତ୍ସ୍ୟପାଳନ, କୁକୁଡ଼ା ପାଳନ, ସ୍ୱଉପାର୍ଜନ ପାଇଁ ବ୍ଲକସ୍ତରୀୟ ମେଳାର ଆୟୋଜନ କରାଯାଇଛି । ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମତ୍ସ୍ୟଚାଷ ପ୍ରତି ରହିଥିବା ବିଭିନ୍ନ ଯୋଜନା ଓ ସହାୟତା ଋଣ ଓ ମତ୍ସ୍ୟପାଳନ କରିବାର ଉପାୟ ସମ୍ପର୍କରେ କୁହାଯାଇଥିଲା । ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ଶୁଭକାନ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡାକ୍ତର ଶାନ୍ତସ୍ୱରୂପ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଆସିକା ଲୋକସଭା ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି କବିସୂର୍ଯ୍ୟନଗର ବିଧାୟକ ସରୋଜ କୁମାର ପାଢ଼ୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଅଞ୍ଜନ କୁମାର ଦାଶ, ସହକାରୀ ମତ୍ସ ବିଭାଗ ଅଧିକାରୀ ପ୍ରିୟବ୍ରତ ଦାଶ, ତହସିଲଦାର ଡ଼ଃ.ରବୀନ ଚର୍ଚ୍ଚିଲ ମିଶ୍ର, ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ମଂଚାସୀନ ଅତିଥି ଥିଲେ ।

# ୧୯ରେ ଶିବାନୀ ଦିଦିଙ୍କ ପ୍ରବଚନ

**ବ୍ରହ୍ମପୁର,୧୨ ।୧୧(ସମିସ):** ଗିରିରୋଡ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ପକ୍ଷରୁ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସମ୍ମିଳନୀରେ ବ୍ରହ୍ମପୁର ସବ୍‌ଜୋନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗ୍ନୀ ମାଳା, ଭଗ୍ନୀ ଶିବାନୀ ଦିଦି ବ୍ୟକ୍ତିତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଶ୍ୱପ୍ରଖ୍ୟାତ ରାଜଯୋଗ ପ୍ରଶିକ୍ଷକା ଶିବାନୀ ଦିଦି ଚଳିତ ମାସ ୧୯ରେ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ 'ଆଧୁନିକ ଜଗତରେ ଭାବନାତ୍ମକ ବ୍ୟକ୍ତିତ୍ୱ' ଶୀର୍ଷକରେ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିବେ । ତତପୂର୍ବରୁ ବରିଷ୍ଠ ପ୍ଲେବ୍ୟାକ ସିଙ୍ଗର ହରିଶ୍ ମୋୟାଲ୍ ଏକ ଅଦ୍ଭୁତ ସଙ୍ଗୀତମୟ କାର୍ଯ୍ୟକ୍ରମରେ



ଯୋଗ ଦବେ । ପରେ ନଭେମ୍ବର ୨୦ରୁ ୨୨ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ମାଇଣ୍ଡ ଟ୍ରେନର ମାଉଣ୍ଟ ଆବୁସ୍ଥ ଭ୍ରାତା ରାଜଯୋଗୀ ବ୍ରହ୍ମାକୁମାର ଶକ୍ତିରାଜ ରାଜଯୋଗ ମେଡିଟେସନ୍ ଶିବିର କାର୍ଯ୍ୟକ୍ରମରେ ଯୋଗଦବେ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା । ବ୍ରହ୍ମପୁର ସହରର ଆଧ୍ୟାତ୍ମିକପ୍ରେମୀ ଜନସାଧାରଣ ପଞ୍ଜିକରଣ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଲାଭାନ୍ୱିତ ହେବା ସକାଶେ ଭଗ୍ନୀ ମାଳା ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ରାଜଯୋଗ ଶିକ୍ଷିକା ବ୍ରହ୍ମାକୁମାରୀ ଲକ୍ଷ୍ମୀ ପରିଚାଳନା ପୂର୍ବକ ବର୍ତ୍ତମାନ ସମଗ୍ର ବିଶ୍ୱରେ ଅଶାନ୍ତି, କଳହ, ଈର୍ଷା, ଦ୍ୱେଷ, ଦ୍ୱନ୍ଦ ତଥା ଯୁଦ୍ଧମୟ ପରିସ୍ଥିତି ସମୟରେ ବ୍ରହ୍ମାକୁମାରୀ ସଂଗଠନ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନେକ ଆତ୍ମାଙ୍କୁ ନିଶ୍ଚିତ ଭାବେ ଅନୁପ୍ରାଣୀତ କରିପାରିବ ବୋଲି କହିଥିଲେ ।

## ମାଛ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ

# ଜେଲ ଗଲେ ଅଭିଯୁକ୍ତ

**ଦିଗପହଣ୍ଡି,୧୨।୧୧(ସମିସ):** ଦିଗପହଣ୍ଡି ବସଷ୍ଟାଣ୍ଡ - ପୁଞ୍ଜିକଂୟା ଛକ ମୁଖ୍ୟରାସ୍ତା କଡ଼ରେ ଥିବା ମାଛ ଦୋକାନରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧ ଟାରେ କିଛି ଅସାମାଜିକ ଯୁବକ ପହଞ୍ଚି ମାଛ ବ୍ୟବସାୟୀ ଗଣେଶ ବେହେରା ଙ୍କୁ ମରଣାନ୍ତକ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ ।ଏହି ଘଟଣାରେ ଦିଗପହଣ୍ଡି ଥାନା ଏଏସଆଇ ଦିଲ୍ଲୀପ କୁମାର ଗୋରଡ଼ା ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି ସାହାଣୀ ସାହିର ସୁରେଶ ଓରଫ ସୁରଜ ଦାସ । ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି । ଘଟଣାଦିନ ତିଳେଶ୍ୱର ଗ୍ରାମର ଏସ.ଜଗନ୍ନାଥ ଦୋରା ମାଛ ଦୋକାନ ପାଖରେ ଠିଆ ହୋଇଥିବା ବେଳେ ଅଭିଯୁକ୍ତ ଏବଂ ତାଙ୍କ କିଛି ସହଯୋଗୀ ତାଙ୍କୁ ୧ ହଜାର ଟଙ୍କା ଦାଦା ବଟି ମାଗିଥିଲେ । ସେ ମନା କରିବାରୁ ତାଙ୍କୁ ସେମାନେ ମାଡ଼ ମାରିଥିଲେ । ମାଛ ବ୍ୟବସାୟୀ ପ୍ରତିବାଦ କରିବାରୁ ସେମାନେ ପଳାଇଥିଲେ ।କିଛି ସମୟ ପରେ ସୁରେଶ ଓ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ମାଛ ବ୍ୟବସାୟୀଙ୍କ ସମେତ ସେଠାରେ ଥିବା ଆଦି ପାଣିଗ୍ରାହୀ, ଜଗନ୍ନାଥ ଦୋରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ।

## ■ ବ୍ରହ୍ମପୁରରେ ଠକେଇର ଶିକାର ଖାଉଟି

# ସମେସ୍ତ ବିକୁଛନ୍ତି ଛେଳିମାଂସ; ମେଣ୍ଢା ଯାଉଛି କୁଆଡ଼େ

**ବ୍ରହ୍ମପୁର,୧୨ ।୧୧(ସମିସ):** ବ୍ରହ୍ମପୁର ସହରରେ ବିଭିନ୍ନ ବଜାର ଓ ରାସ୍ତାଘାଟରେ ବିକ୍ରି ହେଉଥିବା ମାଂସକୁ ନେଇ ଉଠିଛି ପ୍ରଶ୍ନ । ଚାରିଆଡ଼େ ଛେଳିମାଂସ ବିକ୍ରି ହେଉଛି । ମାତ୍ର ପଲ ପଲ ମେଣ୍ଢା ଯାଉଛି କୁଆଡ଼େ ବୋଲି ଏବେ ପ୍ରଶ୍ନ ଉଠିଛି । ଛେଳି ମାଂସ ସ୍ଥାନରେ ମେଣ୍ଢା ମାଂସ ବିକ୍ରି ହେଉଥିବା ସନ୍ଦେହ ଘନୀଭୂତ ହୋଇଛି । ଏନେଇ ସହରର ଜଣେ ଯୁବ ଆଇନଜୀବୀ ତଥା ସୂଚନା ଅଧିକାର ସୁରକ୍ଷା କର୍ମୀ ଅନନ୍ତ ନାରାୟଣ ମହାନ୍ତି ତଦନ୍ତ ଦାବି କରିଛନ୍ତି ।

ପ୍ରକାଶ ଯୋଗ୍ୟ ଯେ' ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ମାଂସ ଛେଳି ମାଂସ ବୋଲି ମାଂସ ବିକ୍ରେତା ଦାବି କରି କିଲୋ ପିଛା ୭ ଶହ ଟଙ୍କାରୁ ଆରମ୍ଭ କରି ଖାସି ମାଂସ ୧୧ଶହ ଟଙ୍କା ପର୍ଯ୍ୟନ୍ତ ଗ୍ରାହକଙ୍କଠାରୁ ନେଉଛନ୍ତି । କେଉଁଠି ଗ୍ରାହକଙ୍କ ସମ୍ମୁଖରେ ଛେଳି କଟାଯାଉଛି ତ ଆଉ କେଉଁଠି ପୂର୍ବରୁ କଂସେଇ ଖାନାରେ ଅଥବା ଅନ୍ୟ କେଉଁଠି କଟାଯାଇ ମାଂସକୁ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି । ହେଲେ

### ଟ୍ୱିଟ୍ କରି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିକଲେ ଆଇନଜୀବୀ

### ବିଏମ୍‌ସି, ଜନସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ଯୋଗାଣ ଓ ମାପ ଓଜନ ବିଭାଗ ଚୁପ୍

ସହରରେ ତଥା ଉପକଣ୍ଠରେ ବୁଲୁଥିବା ପଲ ପଲ ମେଣ୍ଢାଙ୍କ ମାଂସ କୁଆଡ଼େ ଯାଉଛି ଓ ଏହାର କିଲୋପିଛା ଦର କେତେ ତାହା କାହାକୁ ଜଣାନାହିଁ । ଫଳରେ ଛେଳି ସ୍ଥାନରେ ଖାଉଟିଙ୍କୁ ମେଣ୍ଢା ମାଂସ ଦିଆଯାଉଥିବା ସନ୍ଦେହ କରି ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ବିଏମସି ପକ୍ଷରୁ ସହରରେ ଥିବା ସ୍ଲଟର ହାଉସ ବା କଂସେଇ ଖାନାରେ ଛେଳି କଟାଯିବାର ବ୍ୟବସ୍ଥା ରହିଥିଲେ ହେଁ ସର୍ବସମ୍ମୁଖରେ ତାହାର ଖିଲାପ ହେଉଛି । ତଥାପି ଏଥିପ୍ରତି କାହାରି ନିଘା ନାହିଁ । ବିଭିନ୍ନ ସମୟରେ ଲୋକ ଦେଖାଣିଆ ଭାବେ ବିଏମସି ପକ୍ଷରୁ ମାଂସ ଦୋକାନୀଙ୍କୁ ରାସ୍ତା କଡରେ ଛେଳି କାଟିବାକୁ କେବଳ ତାଗିଦ କରାଯିବାର ନଜିର ରହିଛି । ଏକ୍ଷେତ୍ରରେ ପ୍ରାଣୀଚିକିତ୍ସା ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଥିବା ବେଳେ ଖାଉଟି ଠକେଇର ଶିକାର ହେଉଥିବାରୁ ଯୋଗାଣ ଓ ମାପଓଜନ ବିଭାଗ ସହିତ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ମଧ୍ୟ କିଛି କମ୍ ନୁହେଁ । ତେବେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବରୁ ବର୍ଷ ବର୍ଷ ଧରି ସହରରେ ଚାଲି ଆସିଥିବା ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇ ତଦନ୍ତ ଓ ଅଭିଯୋଗର ସତ୍ୟତା ପ୍ରତିପାଦିତ ହେଲେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

## ଖାଉଟିଙ୍କ ମଧ୍ୟରେ ଭାଳେଣି

# ପୁନଃଯାଞ୍ଚ ହେବ ୯୦,୬୧୧ ରାସନ କାର୍ଡ

**ଭଞ୍ଜନଗର,୧୨ ।୧୧(ସମିସ):**

ଭଞ୍ଜନଗର ଉପଖଣ୍ଡରେ ୯୦ ହଜାର ୬୧୧ ଏପରି ସନ୍ଦିଗ୍ଧ ରାସନ କାର୍ଡ ଚିହ୍ନଟ ହୋଇଥିବା ସରକାରୀ ରିପୋର୍ଟରେ କୁହାଯାଇଛି । ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଆଧାରରେ ମିଳିଥିବା ଏହି ତଥ୍ୟକୁ ନେଇ ଉପଖଣ୍ଡ ପ୍ରଶାସନର ଚିନ୍ତା ବଢ଼ିଯାଇଛି । ରିପୋର୍ଟରେ କେତେ ସତ୍ୟତା ରହିଛି ସେନେଇ ତଦନ୍ତ ଆରମ୍ଭ ହୋଇଛି । ଆଉ ତଦନ୍ତ ପରେ ଅଯୋଗ୍ୟ ହିତାଧୀକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି ।

ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମର(ଆରସିଏମଏସ୍) ତଥ୍ୟ ଅନୁଯାୟୀ ଯେଉଁମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ୨.୪୭ ଏକରରୁ ଊର୍ଦ୍ଧ୍ୱ ଜମି ଦର୍ଶାଇଥିବେ, ଆୟକର ଦେଉଥିବେ, ୪ ଚକିଆ ଗାଡ଼ି ଥିବ, ୩ ବଖରାରୁ ଅଧିକ ଘର ଥିବ, ପେନସନଧାରୀ ହୋଇଥିବେ ଏହିପରି ୨୫ଟି ନିୟମ ଆଧାରରେ ଜଣେ ରାସନକାର୍ଡ ପାଇବା ପାଇଁ ଅଯୋଗ୍ୟ । ଉପରୋକ୍ତ ନିୟମ ଅନୁସାରେ ଭଞ୍ଜନଗର ଉପଖଣ୍ଡର ୯୦ ହଜାର ୬୧୧ଟି ସନ୍ଦିଗ୍ଧ ରାସନ କାର୍ଡ ଚିହ୍ନଟ ହୋଇଛି । ଯେଉଁଥିରେ ଆସିକା ବ୍ଲକର ୧୨,୫୨୮ଟି ଓ ଏନଏସିର ୨୯୯ଟି, ବେଲଗୁଣ୍ଠା ବ୍ଲକର ୯,୨୯୫ଟି ଓ ଏନଏସିର ୧୪୧ଟି, ଭଞ୍ଜନଗର ବ୍ଲକର ୯,୧୯୫ଟି ଓ ଏନଏସିର ୮୯ଟି, ବୁଗୁଡ଼ା ବ୍ଲକର ୧୦,୧୦୭ଟି ଓ ଏନଏସିର ୨୧୧ଟି, ଧରାକୋଟ ବ୍ଲକର ୯,୫୩୧ଟି, ଜଗନ୍ନାଥପ୍ରସାଦ ବ୍ଲକର ୧୨,୦୦୦ ଟି, ଶେରଗଡ଼ ବ୍ଲକର ୧୨,୮୮୨ ଟି, ସୋରଡ଼ା ବ୍ଲକର ୧୩,୮୯୧ଟି ଓ ଏନଏସିର ୪୪୨ଟି ସନ୍ଦିଗ୍ଧ କାର୍ଡ ରହିଛି । ଉପଖଣ୍ଡରେ ମୋଟ ୨ ଲକ୍ଷ ୪୯ ହଜାର ୩୯ କାର୍ଡଧାରୀ ଥିବାବେଳେ ସେଥିରୁ ୩୬ ପ୍ରତିଶତ ସନ୍ଦିଗ୍ଧ କାର୍ଡକୁ ନେଇ ତଦନ୍ତ ହେବା ଚର୍ଚ୍ଚାର ବିଷୟ ହୋଇଛି । ଏମାନେ ସରକାରୀ ମାନଦଣ୍ଡ ବାହାରେ ଥାଇ ବି ବର୍ଷ ବର୍ଷ ଧରି ରାସନ ନେଉଛନ୍ତି । ଏବେ ଉପଖଣ୍ଡର ୮ଟି ବ୍ଲକ ଓ ୫ଟି ଏନଏସିର ୯୦,୬୧୧ଟି ସନ୍ଦିଗ୍ଧ ରାସନକାର୍ଡର ପୁନଃ ଯାଞ୍ଚ ହେବାକୁ ଯାଉଥିବାରୁ ଏହି ତାଲିକା ପ୍ରଘଟ ହେବା ପରେ ଅଯୋଗ୍ୟ ହିତାଧୀକାରୀଙ୍କ ନିଦ ହଜିଯାଇଛି । ତେବେ ଉକ୍ତ ସନ୍ଦିଗ୍ଧ କାର୍ଡ ମଧ୍ୟରୁ ଅଧିକାଂଶ ହେଉଛନ୍ତି ପିଏମ୍ କିଷାନ ଟଙ୍କା ପାଉଥିବା ହିତାଧିକାରୀ । ଆଉ କିଛି ଗାଡ଼ି ମାଲିକ ଓ ଆୟକରଦାତା ମଧ୍ୟ ରହିଛନ୍ତି । ତେଣୁ ରିପୋର୍ଟ ପ୍ରକାଶ ପାଇବା ପରେ ପିଏମ୍ କିଷାନ ଯୋଜନା ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଭଞ୍ଜନଗର ଉପଖଣ୍ଡର ଲକ୍ଷାଧିକ ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନାମରେ ଚାଷ ଜମି ରହିଛି । ଚାଷ କରି ବର୍ଷକ ପାଇଁ ଖାଦ୍ୟ ମହଜୁଦ ରଖିବା ସହ ବଳକା ଶସ୍ୟକୁ ସେମାନେ ମଣ୍ଡିରେ ବିକ୍ରି କରିଥାନ୍ତି ଓ ମଣ୍ଡିରେ ଧାନ ବିକୁଥିବା ଚାଷୀଙ୍କୁ ଟାର୍ଗେଟ କରିବା ସରକାରଙ୍କ ବ୍ୟବସ୍ଥା ପ୍ରତି ସାଧାରଣରେ ପ୍ରଶ୍ନ ଉଠିଛି । ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ପୂର୍ବ ସରକାର ଲୋକଙ୍କ ଆସ୍ଥାଭାଜନ ହୋଇଥିବା ବେଳେ ଚାଷୀଙ୍କ ରାସନ କାର୍ଡ କାଟିବା ପାଇଁ ପ୍ରସ୍ତୁତି କରିଥିବା ସରକାରଙ୍କୁ ଚାଷୀ ଉଚିତ୍ ଜବାବ ଦେବେ ବୋଲି ମତ ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କ ଏଭଳି ନିୟମ ଦ୍ୱାରା ଚାଷୀ ଆଉ ମଣ୍ଡିରେ ଧାନ ବିକ୍ରି କରିବାକୁ ସାହାସ ଜୁଟାଇ ପାରିବେ ନାହିଁ । ଦଲାଲ ଜରିଆରେ ନିଜ ଧାନକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେବେ । ଚାଷୀ ପରିବାର ପାଇଁ ରାସନକାର୍ଡ ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ ସରକାର ଲଗାଇଥିବା ଅଙ୍କୁଶ ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି ଉପରେ ରୋକ ଲଗାଇବାକୁ ଏକ ଷଡ଼ଯନ୍ତ୍ର ବୋଲି ଆଲୋଚନା ହେଉଛି । ଯଦିଓ ଏହି ତାଲିକାର କେତେ ସତ୍ୟତା ରହିଛି, ତାହା ଯାଞ୍ଚ ପରେ ଜଣାପଡ଼ିବ । ହେଲେ ଏବେଠୁ କାର୍ଡଧାରୀ ଛାନିଆଁ ହୋଇଗଲେଣି ।

# ଜିଲ୍ଲାପାଳଙ୍କ ପୁରୁଷୋତ୍ତମପୁର ତହସିଲ ପରିଦର୍ଶନ

**ପୁରୁଷୋତ୍ତମପୁର,୧୨ ।୧୧(ସମିସ):** ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟକୁ ବୁଧବାର ଆସି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଛନ୍ତି । ତହସିଲଦାର ବିନୋଦ କୁମାର ବେହେରା ଓ ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀଙ୍କ ସହ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ତହସିଲ ଅଧିନରେ ରହିଥିବା ୧୧ଟି ରାଜସ୍ୱ ସର୍କଲର ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ । ଏହି ସମୟରେ ସମସ୍ତ ରେକର୍ଡପତ୍ର ଠିକ୍ ଭାବେ ରହିଥିବା ନେଇ ଖୁସି ପ୍ରକଟ କରିଛନ୍ତି । ସମସ୍ତ ରେକର୍ଡପତ୍ର ସଠିକ୍ ଭାବରେ ରଖିବା ଲାଗି ରାଜସ୍ୱ ନିରୀକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ ।



ଏହାସହ ଜନସାଧାରଣ ସେମାନଙ୍କ ବିଭିନ୍ନ କାମରେ କାର୍ଯ୍ୟାଳୟକୁ ଆସୁଥିବା ବେଳେ ସେଥିପ୍ରତି ଗୁରୁତ୍ୱ ଦେଇ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ କରିବା ଓ ଅନ୍‌ଲାଇନ୍ ସେବାଗୁଡ଼ିକୁ ଠିକ୍ ସମୟରେ ଅପଡେଟ କରିବା, ଜନସାଧାରଣଙ୍କ ନିକଟତର ହୋଇ କାର୍ଯ୍ୟ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ତହସିଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ୧୨ ଦିନ ପରେ ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବାଲିଗୁଡା,୧୨।୧୧(ସମିସ):** ନିଖୋଜର ବାର ଦିନ ପରେ ନଦୀରୁ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସ । ମୃତକ କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଥାନା ଅନ୍ତର୍ଗତ ଗୁଟିଙ୍ଗିଆ ପଞ୍ଚାୟତ ତରାପିଡ଼ା ଗ୍ରାମର ଦିବାକର ଦିଗାଳ(୬୭) । ଗତ ୨୯ ତାରିଖ ଦିନ ବାଲିଗୁଡ଼ା ସ୍ଥିତ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟକୁ ଦିବାକର ଚିକିତ୍ସା ପାଇଁ ଆସି ନିଖୋଜ ହୋଇଯାଇଥିଲେ । ପରିବାର ପକ୍ଷରୁ ସାରଙ୍ଗଗଡ଼ ଥାନାରେ ଓ ହସ୍ପିଟାଲ ପକ୍ଷରୁ ଦିବାକରଙ୍କ ନିଖୋଜ ନେଇ ବାଲିଗୁଡ଼ା ଥାନାରେ ଏତଲା ଦିଆଯାଇଥିଲା । ଗତକାଲି ବାଲିଗୁଡ଼ା ଦଣ୍ଡପଦର ନିକଟସ୍ଥ ଖଡଗ ନଦୀରୁ ବାଲିଗୁଡ଼ା ପୁଲିସ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରିବା ପରେ ଚିହ୍ନଟ ହୋଇଥିଲା । ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି ପୁଲିସ୍ । ବାପାଙ୍କ ମୃତ୍ୟୁ ପାଇଁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଦାୟୀ ବୋଲି ମୃତ ଦିବାକରଙ୍କ ପୁଅ ଉତ୍ସବ ଦିଗାଳ କହିଛନ୍ତି ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ରାସ୍ତାକଡ଼ରେ ପଡି ରହୁଛି ଡ୍ରେନ୍ ଅଳିଆ

ବାଲେଶ୍ୱର,୧୨।୧୧(ସମିସ): ବାଲେଶ୍ୱର ସହରକୁ ସରସ ସୁନ୍ଦର କରିବା ପାଇଁ ପୌରପରିଷଦର ବିଭିନ୍ନ ୱାର୍ଡରେ ସରକାରୀ ଅନୁଦାନରେ କାର୍ଯ୍ୟ କରାଯାଉଛି। ସହରର



ବିଭିନ୍ନ ୱାର୍ଡରେ ଡ୍ରେନ କରାଯିବା ସହ ରାସ୍ତାଘାଟର ଉନ୍ନତି କରଣ କରାଯାଉଛି। ଅନ୍ୟପଟେ ସହରରେ ଡ୍ରେନ ସମସ୍ୟା ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ରାସ୍ତାରେ ଲହଡି ମାରିଥାଏ। ଏହି ଡ୍ରେନକୁ ମଧ୍ୟ ସଫା କରାଯାଉଛି। ହେଲେ ଡ୍ରେନ ସଫା ହେବା ପରେ ସେଥିରୁ ବାହାରୁଥିବା ଆବର୍ଜନା ରାସ୍ତା କଡରେ ପଡିରହୁଛି ଯାହାକି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମଠସାହି ଅଂଚଳରେ। ମଠସାହି ଛକ ଠାରୁ ମୀରାମ୍ବିକା ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଦୁଇ କଡରେ ରହିଛି ଡ୍ରେନ। ଏହି ଡ୍ରେନକୁ ଲାଗି ଲୋକମାନଙ୍କ ଘର ମଧ୍ୟ ରହିଛି। ତେବେ ପୌରପ୍ରଶାସନ ପକ୍ଷରୁ ଏହି ଡ୍ରେନକୁ ସଫା କରିଛି। ହେଲେ ଡ୍ରେନ ମଧ୍ୟରୁ ବାହାରିଥିବା ଅଳିଆ ଓ ମାଟି ଡ୍ରେନ କଡରେ ରଖା ଯାଇଛି। ସେଇ ମାଟିରୁ ଦୁର୍ଗନ୍ଧ ବାହାରୁଥିବା ବେଳେ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡିଛନ୍ତି। ଅଳିଆ ଆବର୍ଜନା ଗୁଡିକୁ ତୁରନ୍ତ ଉଠାଇନେବାକୁ ଦାବି କରାଯାଇଛି। ଏ ନେଇ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ କହିଛନ୍ତି ଯେ, ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବ।

# କୁଆଁ ଓ ଅନିମେଶଙ୍କ ଦୁଇ ସହଯୋଗୀ ଗିରଫ

ବାଲେଶ୍ୱର,୧୨।୧୧(ସମିସ)

ବାଲେଶ୍ୱରରେ କୁଖ୍ୟାତ ଅପରାଧୀ ଭାବେ ଜଣାଶୁଣା କୁଆଁ ଓ ଅନିମେଶ ଗିରଫ ହେବାର ୨୪ଘଣ୍ଟା ନ ପୂରୁଣୁ ଆଜି ସଦର ଥାନା ପୁଲିସ ସେମାନଙ୍କ ଗ୍ୟାଙ୍ଗର ଅନ୍ୟ ଦୁଇ ଜଣ ସହଯୋଗୀକୁ ଗିରଫ କରିବାରେ ସଫଳ ହୋଇଛି। ଏ ନେଇ ସଦର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଦୁଇ ସହଯୋଗୀ ହେଲେ ଟାଉନ ଥାନା ଅଞ୍ଚଳର ଅଭିଜିତ ସେଠି(୩୭) ଏବଂ ଭୋଇସାହି ଅଞ୍ଚଳର ମୃଣ୍ମୟ ସିଂ(୪୧)। ଏ ନେଇ ସଦର ଥାନାରେ ୫୧୨/୨୫ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ଏସଡିପିଓଙ୍କ ସୂଚନା ଅନୁସାରେ,



**ବନ୍ଧୁକ ସହ ତେଲେଙ୍ଗା କଟୁରି ଜବତ**

ସଦର ଥାନା ପକ୍ଷରୁ ଗତକାଲି ରାତ୍ରୀକାଳୀନ ପାଟ୍ରୋଲିଂ କରାଯାଉଥିଲା। ଆଜି ଭୋର ସମୟରେ ମେଘଡମ୍ବରୁ ଛକ ଠାରେ ଦୁଇ ଜଣ ବ୍ୟକ୍ତି ଏଣେତେଣେ ବୁଲୁଥିବା ଦେଖି ପାଟ୍ରୋଲିଂ ପୁଲିସର ସନ୍ଦେହ ବଢ଼ିଥିଲା। ତେବେ ପୁଲିସ ସେମାନଙ୍କ ପାଖକୁ ଯିବା ସମୟରେ ଉଭୟ ଦୌଡିବାକୁ ଆରମ୍ଭ କରିଥିଲେ। ତେବେ ପୁଲିସ ସେମାନଙ୍କୁ ପିଛା କରି କାବୁ କରିବା ପରେ ଘଟଣା ସ୍ଥଳରୁ ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ ସହ ଗୋଟିଏ ମାଗାଜିନ ଓ ଏକ ତେଲେଙ୍ଗା କଟୁରୀ ମିଳିଥିଲା। ତେବେ ପୁଲିସ ସେମାନଙ୍କୁ ଅଧିକ ପଚରା ଉଚରା କରିବା ପରେ ସେମାନେ କୁଆଁ ଓ ଅନିମେଶ ଗ୍ୟାଙ୍ଗର ସଦସ୍ୟ ବୋଲି ଜାଣିବାକୁ ପାଇଥିଲା। ତେବେ ଦୀର୍ଘ ବର୍ଷ ପରେ ଦୁଇ କୁଖ୍ୟାତ ଅପରାଧି ବାଲେଶ୍ୱରକୁ ଫେରି ପୁଣିଥରେ ସେମାନଙ୍କ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି କରିବାକୁ ଉଦ୍ୟମ କରୁଥିଲେ। ତେବେ ସେମାନେ ତାଙ୍କର ଗ୍ୟାଙ୍ଗର ଏହି ଦୁଇଜଣଙ୍କୁ ବନ୍ଧୁକ ଦେବା ସହ ଠିକାଦାର ଓ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ କରିବାକୁ ଯୋଜନା କରିଥିଲେ। ସେମାନଙ୍କ ଗ୍ୟାଙ୍ଗରେ ପାଖାପାଖି ୨୫ରୁ ୩୦ଜଣ ସଦସ୍ୟ ରହିଥିବା ପୁଲିସ ଜାଣିବାକୁ ପାଇଛି। ପୁଲିସ ମୃଣ୍ମୟ ସିଂଙ୍କ ଘରେ ଚଢ଼ଉ କରିବା ପରେ ତାଙ୍କ ଘରୁ ୩ଟି ଖାଲି ପିସ୍ତଲ, ମାଗାଜିନ ସହ ଗୋଟିଏ କଟୁରୀ ଜବତ କରିଛି ବୋଲି ଏସଡିପିଓ ନାୟକ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ଉପସ୍ଥିତ ଥିଲେ।

## କମ୍ପ୍ୟୁଟର ଶିକ୍ଷା ପ୍ରମାଣପତ୍ର ସମ୍ପର୍କିତ କର୍ମଶାଳା



ବାଲେଶ୍ୱର,୧୨।୧୧(ସମିସ): ସ୍ଥାନୀୟ ବାଲେଶ୍ୱର ଚାମ୍ବର ଅଫ କମର୍ସ ଭବନ ପରିସରରେ ଭାରତ ସରକାରଙ୍କ ପ୍ରଯୁକ୍ତି ମନ୍ତ୍ରାଳୟ ଏବଂ ବାଲେଶ୍ୱର ସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆସୋସିଏଟର ସହଭାଗିତାରେ ବର୍ତମାନ ସମୟରେ ନିଯୁକ୍ତି କ୍ଷେତ୍ରରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କମ୍ପ୍ୟୁଟର ଶିକ୍ଷା ଏବଂ ସରକାରୀ ପ୍ରମାଣପତ୍ରର ଗୁରୁତ୍ୱ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ନାସକାମ ନୂଆ ଦିଲ୍ଲୀ ପକ୍ଷରୁ ଏହାର ସିନିୟର ଆସୋସିଏଟ ବିଶାଳ ଛତ୍ରିଆ ଯୋଗଦେଇ ବର୍ତମାନ ଭାରତ ସରକାରଙ୍କ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ପାଇଁ ଉକ୍ତ ବିଭାଗର ପ୍ରଦତ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଶା କମ୍ପୁଟର ଆସୋସିଏଟ କିପରି ଚାକିରି ଆଶାୟୀଙ୍କୁ ସରକାରୀ ପାଠ୍ୟକ୍ରମ ଓ ପ୍ରମାଣପତ୍ର କରାଇପାରିଛି ତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଓସିଏ ପରିଚାଳନା ଅଧ୍ୟକ୍ଷ ସୁବ୍ରତ କୁମାର ପତ୍ରୀ ଏସଏସସି ନାସକାମ ଓ ଭାରତ ସରକାରଙ୍କ ବିଭିନ୍ନ ପାଠ୍ୟକ୍ରମ ଓ ଉଦ୍ୟମ ସମ୍ପର୍କରେ ଆଲୋଚନା କରିଥିଲେ।

## ଘରେ ଘରେ ପାଳିଲେ ପ୍ରଥମାଷ୍ଟମୀ

ବାଲେଶ୍ୱର,୧୨।୧୧(ସମିସ): ଓଡ଼ିଆ ପରମ୍ପରାରେ ଅନନ୍ୟ ପର୍ବ ପ୍ରଥମାଷ୍ଟମୀ ଆଜି ବାଲେଶ୍ୱର ସହର ସମେତ ଗାଁ ଗହଳିରେ ଘରେ ଘରେ ପାଳିତ ହୋଇଯାଇଛି। ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହି ପର୍ବ ପାଳନ କରାଯାଇଥାଏ। ଘରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପ୍ରତ୍ୟେକ ଓଡ଼ିଆ ଘରେ ବେଶ ହର୍ଷ ଉଲ୍ଲାସରେ ଏହି ପର୍ବ ପାଳନ କରିଥିଲେ। ନୂଆ ଲୁଗାକୁ ଲକ୍ଷ୍ମୀ ଠାକୁରାଣୀଙ୍କ ନିକଟରେ ପୂଜା କରିବା ସହିତ ପଢୁଆଁ ପିଲାଙ୍କୁ ପିନ୍ଧାଇ ବନ୍ଦାପନା କରିବା ସହ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ଏହି ଦିନ ସମସ୍ତଙ୍କ ଘରେ ପୁରଦିଆ ମଣ୍ଡା ଓ ହଳଦୀ ପତ୍ରରେ ଏଣ୍ଡୁରି ପିଠା ତିଆରି କରିବାରର ପରମ୍ପରା ରହିଛି।

## ୧୬ରେ ବାଲେଶ୍ୱର ଆସିବେ ସୋମନାଥଙ୍କ ଦିବ୍ୟ ଜ୍ୟୋର୍ତିଲିଙ୍ଗ

ବାଲେଶ୍ୱର,୧୨।୧୧(ସମିସ): ଆସନ୍ତା ୧୬ତାରିଖ ରବିବାର ଦିନ ବାଲେଶ୍ୱରକୁ ଆସିବେ ସୋମନାଥ ଜ୍ୟୋର୍ତିଲିଙ୍ଗ। ଆଉ ଏଠାରେ ହେବ ରୁଦ୍ରାଭିଷେକ ସହ ସାମୁହିକ ଦର୍ଶନ। ଏନେଇଆଜି ଆର୍ଟ ଅଫ ଲିଭିଂ ପକ୍ଷରୁ ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ଆର୍ଟ ଅଫ ଲିଭିଂର ସଞ୍ଜୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏକ ହଜାର ବର୍ଷର ପୁରୁଣା ସୋମନାଥ ମନ୍ଦିର ଉପରେ ମୋଗଲ ଆକ୍ରମଣ କରି ଖଣ୍ଡ ବିଖଣ୍ଡିତ କରିଦେଇଥିଲେ। ତେବେ ସେଇ ଖଣ୍ଡ ବିଖଣ୍ଡିତ ଜ୍ୟୋର୍ତିଲିଙ୍ଗକୁ କେହି ଜଣେ ଲୁଚାଇ ରଖି ପୂଜା ଅର୍ଚ୍ଚନା କରୁଥିଲେ। ଏବେ ତାହା ସର୍ବ ସମ୍ମୁଖ ହୋଇଥିବା ବେଳେ ସେଇ ଜ୍ୟୋର୍ତିଲିଙ୍ଗ ଭାରତ ଭ୍ରମଣ କରୁଛି। ଏହି କ୍ରମରେ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଛି। ଆସନ୍ତା




**ଆର୍ଟ ଅଫ ଲିଭିଂ ପକ୍ଷରୁ ପ୍ରସ୍ତୁତି**

୧୬ତାରିଖରେ ସେଇ ଦିବ୍ୟ ଜ୍ୟୋର୍ତିଲିଙ୍ଗ ବାଲେଶ୍ୱର ପହଁଚିବା ପରେ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ସ୍ୱାଗତ କରାଯିବା ସହ ସ୍ଥାନୀୟ ହୋଟେଲ ହରିପ୍ଲାଜାରେ ରୁଦ୍ରାମହାଭିଷେକ କରାଯିବା ସହ ସାମୁହିକ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ଏହା ଅପରାହଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସମୟ ରହିଛି ବୋଲି କୁହାଯାଇଛି। ଏହାପରେ ସେଠାରୁ ଜ୍ୟୋର୍ତି ଲିଙ୍ଗ ଅନ୍ୟ ଜିଲ୍ଲାକୁ ଯିବା ପରେ ସାରା ଭାରତ ଭ୍ରମଣ କରି ପୁନର୍ବାର ସୋମନାଥ ମନ୍ଦିରରେ ସ୍ଥାପନା ହେବେ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆର୍ଟ ଅଫ ଲିଭିଙ୍ଗର ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରକାଶ ଦାସ, ଭଗବାନ ଗୁପ୍ତା, ଅଞ୍ଜୁ ଦିଦି ପ୍ରମୁଖ ଉପସ୍ଥିତ ଥିଲେ।

## ଜଳେଶ୍ୱର ପୌରପାଳିକା ଆଗରେ ବିକ୍ଷୋଭ



ଜଳେଶ୍ୱର ବ୍ଲକ, ୧୨।୧୧ (ସମିସ): ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୧୬ ଅଲାଲପୁରଠାରେ ଜଳେଶ୍ୱର ପୌରପାଳିକା ତରଫରୁ ଗୋଟିଏ ରାସ୍ତା ଏବଂ ଗୋଟିଏ ଗାର୍ଡୱାଲ କାର୍ଯ୍ୟ ପାଇଁ ଠିକାଦାର ପୌରପାଳିକା ଠାରୁ କାର୍ଯ୍ୟାଦେଶ ନେଇଥିଲେ। କିନ୍ତୁ କାର୍ଯ୍ୟାଦେଶ ନେବା ପରେ ଗୋଟିଏ ବର୍ଷରୁ ଅଧିକ ହେବ ଠିକାଦାର ସେହି କାର୍ଯ୍ୟ କରୁ ନ ଥିବା ଅଭିଯୋଗ ବାରମ୍ବାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୱାର୍ଡ ନମ୍ବର ୧୬ର ଯୁବ କାଉନସିଲର ଲକ୍ଷ୍ମଣ ସରେନ କରି ଆସୁଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ଏ ନେଇ କୌଣସି ସମାଧାନ ହୋଇପାରୁ ନ ଥିଲା। ଯାହା ଫଳରେ ୱାର୍ଡ କାଉନସିଲର ଏବଂ ତାଙ୍କର ସମର୍ଥକ ମାନଙ୍କୁ ନେଇ ଜଳେଶ୍ୱର ପୌରପାଳିକା ଅଫିସ ଗୃହ ସମ୍ମୁଖରେ ଆନ୍ଦୋଳନରେ ବସିବା ପାଇଁ ବାଧ୍ୟ ହୋଇଥିଲେ। ଏହା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଯଥାଶୀଘ୍ର ଠିକାଦାରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତା ଏବଂ ଗାର୍ଡୱାଲର କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଆନ୍ଦୋଳନକୁ ସମର୍ଥନ କରି ୱାର୍ଡ ନମ୍ବର ୧ କାଉନସିଲର ଶେଖ୍ ସୈଫୁଦିନ, ୱାର୍ଡ ନମ୍ବର ୨ କାଉନସିଲର ସୁରଜ୍ ଚୌରାଶିଆ, ୱାର୍ଡ ନମ୍ବର ୭ କାଉନସିଲର ମିର ଆବାସ ଅଲ୍ଲୀ, ବିଜୟ କାମିଲା, ସଞ୍ଜୀବ ପାଳ, ରାଜେଶ ଦେ, ଆନନ୍ଦ କର, ଭାରତ ଦତ୍ତ, ସତ୍ୟରଞ୍ଜନ ଦାସ ମହାପାତ୍ର ଏବଂ ଅର୍ଚ୍ଚନା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟିର ଶୋକସଭା

ବାଲେଶ୍ୱର,୧୨।୧୧(ସମିସ): ସାହିତ୍ୟିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଚାନ୍ଦିପୁର ବେଳାଭୂମୀ ମହୋତ୍ସବ କମିଟିର ଉପସଭାପତି ଡ. ପ୍ରହଲ୍ଲାଦ ଚରଣ ମହାନ୍ତିଙ୍କ ବିୟୋଗରେ କମିଟି ପକ୍ଷରୁ ସ୍ଥାନୀୟ ଝାଡେଶ୍ୱର ମନ୍ଦିର ନିକଟସ୍ଥ ମହୋତ୍ସବ କମିଟି କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କମିଟିର ସଭାପତି ଜୀବନ ପ୍ରଦୀପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ତାଙ୍କ



ଗୁଣାବଳୀ ଓ ସାହିତ୍ୟ ସାଧନା ଉପରେ ସ୍ମୃତି ଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପସଭାପତି ବିପ୍ଳବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ହରେକୃଷ୍ଣ ଦାସ, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ କିଶୋର ଦାସ, ଶ୍ରୀମାନ ଶ୍ରୀଚନ୍ଦନ, ଭାଗବତ ସାହୁଙ୍କ ସମେତ ସଦସ୍ୟ ସତ୍ୟନାରାୟଣ ନନ୍ଦ, ଶଙ୍କର କୁମାର ଦିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା କଡ଼ରେ ଆବର୍ଜନା ପକାଇ ଡଣ୍ଡ ଗଣିଲେ

ସୋର, ୧୨।୧୧(ସମିସ): ଗତ କିଛି ଦିନ ପୂର୍ବରୁ ପୌରପାଳିକା କର୍ମଚାରୀ ମାନେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଅଳିଆ ପକାଉଥିବାରୁ ଏହାର ପରିଚାଳକଙ୍କୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଫଳରେ ଚାରିଦିନ ହେବ ସେଠାରେ କୌଣସି ଅଳିଆ ଆବର୍ଜନା ପଡୁନଥିଲା। ଆଜି ମଧ୍ୟାହ୍ନରେ ଏକ ମାଲବାହୀ ଅଟୋ ଉକ୍ତ ସ୍ଥାନରେ କଦଳୀ ପତ୍ର ସମେତ ଅନ୍ୟ ଆବର୍ଜନା ପକାଉଥିବା ବେଳେ ଖବର ପାଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଗାଡିକୁ ଅଟକ ରଖିବା ସହିତ ୧ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ପରେ ପରବର୍ତ୍ତୀ ସମୟରେ ଏପରି କାର୍ଯ୍ୟ ନ କରିବାକୁ ଲିଖିତ ଦେବା ପରେ ତାଙ୍କୁ ଛଡ଼ାଯାଇଥିଲା। ଆଗାମୀ ଦିନରେ ଏଠାରେ ଯେ କୌଣସି ବ୍ୟକ୍ତି ଅଳିଆ ଆବର୍ଜନା ପକାଇବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ କହିଛନ୍ତି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସଚେତନତା ଶିବିର

ବାଲେଶ୍ୱର,୧୨।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଆନୁକୁଲ୍ୟରେ ଉତ୍କଳ ବାଳାଶ୍ରମ ପରିସରରେ ଅଧାରୁ ବିଦ୍ୟାଳୟ ପରିତ୍ୟାଗ କରୁଥିବା ଛାତ୍ରମାନେ କିପରି ଭାବରେ ପୁନଃ ନାମ ଲେଖାଇ ପାରିବେ ସେ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର



ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ଶିକ୍ଷା ଅଧିକାର ଅଧିନିୟମ, ଜାତୀୟ ଶିକ୍ଷାନୀତିର ବିଭିନ୍ନ ପ୍ରାବଧାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ନଟଗୋପାଳ ପଣ୍ଡା, ଆସିଷ୍ଟାଣ୍ଟ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ ସୌମ୍ୟା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ଥିଲେ।

## ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଚୋରି ଅଭିଯୋଗ

ସୋର, ୧୨।୧୧(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଆଶ୍ରମଛକରେ ଥିବା ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତକାଲି ସନ୍ଧ୍ୟାରେ ସୋର ଥାନା କେଦାରପୁର ଗ୍ରାମର ଅଭିଷେକ ବାରିକ କୌଣସି କାମରେ ଆସି ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରେ ନିଜ ବାଇକଟିକୁ ରଖି ବ୍ୟାଙ୍କକୁ ଯାଇ ଥିଲେ। ବ୍ୟାଙ୍କରୁ ଫେରି ବାଇକଟିକୁ ରଖିଥିବା ସ୍ଥାନରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ନିରାଶ ହୋଇ ବାଇକ ଚୋରି ହୋଇଥିବା ଜାଣିବା ପରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସ୍ତ୍ରୀର ଶେଷ ଦର୍ଶନ କରିବାକୁ ଆସି ସ୍ୱାମୀ ଅଟକ

ବାଲେଶ୍ୱର,୧୨।୧୧(ସମିସ)

ବାଲେଶ୍ୱର ପୌରପାଳିକାର ୧୮ ନମ୍ବର ୱାର୍ଡ ଅରଡବଜାରଠାରେ ଆଜି ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କ ଠାରୁ ଅଲଗା ରହୁଥିଲେ। ଗତ ରବିବାର ତାଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଯାଇଥିଲା। ଖବରପାଇ ସୋମବାର ସେ ପତ୍ନୀଙ୍କ ଶେଷ ଦର୍ଶନ କରିବାକୁ ଆସିଥିବା ବେଳେ ଏବେ ଅଟକ ରହିଛନ୍ତି। ଗାଁଲୋକେ ତାଙ୍କୁ ଛାଡୁନଥିବା ବେଳେ ଅନ୍ତିମ ସଂସ୍କାର ପରେ ଛଡ଼ାଯିବ ବୋଲି ଅଡ଼ି ବସିଛନ୍ତି। ଅନ୍ୟପଟେ ଗାଁ ଲୋକେ ମହିଳାଙ୍କ ମୃତଦେହକୁ ଏକ ଡିପ୍ ଫ୍ରିଜରରେ ରଖିଥିବାବେଳେ କାନାଡାରୁ ପୁଅ ଆସିଲେ ଯାଇ ଅନ୍ତିମ ସଂସ୍କାର ହେବ ବୋଲି ଜଣାଯାଇଛି।

ବସ୍ତା ବ୍ଲକ ଅର୍ନ୍ତଗତ ରାଜୁଆପଡା ଗ୍ରାମର ସୃଷ୍ଟିଧର ଦେ ବାଲିଆପାଳ ବ୍ଲକର ପାରୁଳିଆ ଗ୍ରାମର ଛବିରାଣୀ ଦେଙ୍କୁ ୧୯୭୭ମସିହାରେ ବିବାହ କରିଥିଲେ। ସେମାନଙ୍କ ବିବାହକୁ ୪୮ ବର୍ଷ ହୋଇଥିବା ବେଳେ ସେମାନଙ୍କର ଗୋଟିଏ ପୁଅ





ସଞ୍ଜୀବ ଦେ ରହିଛନ୍ତି। ପୁଅ ନିଜ ପରିବାର ନେଇ କାନାଡାରେ ବସବାସ କରନ୍ତି। ଅନ୍ୟପଟେ ସୃଷ୍ଟିଧର ୟୁକୋ ବ୍ୟାଙ୍କରୁ ସିନିୟର ବ୍ରାଞ୍ଚ ମ୍ୟାନେଜର ଭାବେ ଅବସର ଗ୍ରହଣ କରିଥିବା ବେଳେ ସେ ୧୮ ନମ୍ବର ୱାର୍ଡର ଅରଡବଜାର ଅଞ୍ଚଳରେ ଏକ ଘର କରି ରହୁଥିଲେ। ସେଇ ଘରେ ତାଙ୍କ ପତ୍ନୀ ଛବିରାଣୀ ଏକୁଟିଆ ରହୁଥିବାବେଳେ ସେଠାରେ ଦୁଇଟି ପରିବାର ଭଡ଼ା ଆକାରରେ ରହୁଥିଲେ। ଦୀର୍ଘ ୮ବର୍ଷରୁ ଅଧିକ ହେବ ସୃଷ୍ଟିଧର ପତ୍ନୀଙ୍କ ନିକଟକୁ ଆସୁନଥିବା ବେଳେ ଗତ ରବିବାର ତାଙ୍କ ପତ୍ନୀ ଛବିରାଣୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ସୃଷ୍ଟିଧର ତାଙ୍କର ଜଣେ ସମ୍ପର୍କୀୟଙ୍କଠାରୁ ପତ୍ନୀଙ୍କ ଦେହାନ୍ତ ହୋଇଯାଇଥିବା ଖବର ପାଇ ଗତ ସୋମବାର ଅରଡବଜାରସ୍ଥିତ ଘରକୁ ଆସିଥିଲେ। ତାଙ୍କ ସାଙ୍ଗରେ ଅନ୍ୟଜଣେ ମହିଳା ଏବଂ ପୁରୁଷ ମଧ୍ୟ ଥିଲେ। ସେ ଦୀର୍ଘଦିନ ଧରି ସେଠାକୁ ଆସୁନଥିବାବେଳେ ହଠାତ ପତ୍ନୀଙ୍କ ମୃତ୍ୟୁ ଖବର ପାଇ ସୃଷ୍ଟିଧର ଆସିଥିବା ବେଳେ ଗାଁ ଲୋକଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ଏପରିକି ତାଙ୍କ ସାଙ୍ଗରେ ଥିବା ଅନ୍ୟଜଣେ ମହିଳାଙ୍କୁ ଦେଖି ଅଧିକ ଭାବେ ସନ୍ଦେହ ସୃଷ୍ଟି ହୋଇଥିଲା। ସୃଷ୍ଟିଧର ସେଠାରେ ଗୋଟିଏ ଦିନ ରହିବା ପରେ ମଙ୍ଗଳବାର ପଳାଇଯିବାକୁ ଚେଷ୍ଟା କରୁଥିବାବେଳେ ଗାଁ ଲୋକମାନେ ତାଙ୍କୁ ଛାଡି ନ ଥିଲେ। ଏପରିକି ପୁଲିସ ମଧ୍ୟ ଖବର ପାଇ ସେଠାକୁ ଆସିବା ପରେ ମଧ୍ୟ ଗାଁ ଲୋକେ ସୃଷ୍ଟିଧରଙ୍କୁ ଛାଡି ନଥିଲେ। ଗାଁ ଲୋକେ ମହିଳାଙ୍କ ମରଶରୀରକୁ ଏକ ଡିପ ଫ୍ରିଜର ମଧ୍ୟରେ ରଖି ତାଙ୍କ ପୁଅର ଫେରିବାକୁ ଚାହିଁ ରହିଛନ୍ତି। ପୁଅ ଆସିଲେ ହିଁ ତାଙ୍କର ଅନ୍ତିମ ସଂସ୍କାର କରାଯିବ ଏବଂ ତାଙ୍କ ସ୍ୱାମୀ ଏହି ଅନ୍ତିମ ସଂସ୍କାର କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି ଗ୍ରାମବାସୀ ଅଡ଼ି ବସିଛନ୍ତି।

ଘଟଣା ସୃଷ୍ଟିଧର କହିଛନ୍ତି ଯେ ପତ୍ନୀଙ୍କୁ ଦୀର୍ଘ ବର୍ଷ ହେବ ଛାଡପତ୍ର ଦେଇଛନ୍ତି। ଦୀର୍ଘ ୬ରୁ ୭ବର୍ଷ ହେବ ସେ ଏଠାକୁ ଆସୁନଥିଲେ। ଗାଁରେ ନିଜର ପୈତୃକ ଘରେ ରହୁଥିଲେ। କେବଳ ନିଜ ପତ୍ନୀଙ୍କ ଶେଷ ଦର୍ଶନ କରିବାକୁ ଆସିଥିଲେ ବୋଲି କହିବା ସହ ତାଙ୍କ ସାଙ୍ଗରେ ଆସିଥିବା ମହିଳାଙ୍କୁ ସେ ତାଙ୍କର ଝିଅ ବୋଲି କହିଛନ୍ତି। ଏ ନେଇ ମୃତ ମହିଳାଙ୍କ ବଡ ଭାଇ ବିଦ୍ୟାପତି ପାତ୍ରଙ୍କ କହିବା ଅନୁସାରେ, ଭଉଣୀକୁ ସୃଷ୍ଟିଧର ଛାଡପତ୍ର ଦେଇ ନାହାନ୍ତି। ସେ ଅନ୍ୟ ଜଣେ ମହିଳାଙ୍କ ସହ ରହୁଛନ୍ତି। ଅନ୍ୟପଟେ ସୃଷ୍ଟିଧରଙ୍କ ସାଙ୍ଗରେ ଆସିଥିବା ମହିଳା ଜଣଙ୍କ ସହଦେବଖୁଂଟା ଥାନାରେ ଜଣାଇବା ପରେ ପୁଲିସ ସୋମବାର ଦିନ ସେଠାକୁ ଆସି ସୃଷ୍ଟିଧରଙ୍କୁ ଛାଡିବା ପାଇଁ କହିଥିଲେ। ହେଲେ ଗାଁ ଲୋକେ ତାଙ୍କୁ ଛାଡି ନଥିଲେ। ଗ୍ରାମବାସୀ ତାଙ୍କ ପୁଅଙ୍କ ଆସିବା ପର୍ଯ୍ୟନ୍ତ ସୃଷ୍ଟିଧରଙ୍କୁ ଅଟକ ରଖିବା ସହ ଶୁଦ୍ଧିକ୍ରିୟା ସରିବା ପରେ ଏଠାକାର ସମସ୍ତ ସମ୍ପତ୍ତି ପୁଅ ନାମରେ କରିବାକୁ ଦାବି କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ, ୩ ଗୁରୁତର

ଭୋଗରାଇ,୧୨।୧୧(ସମିସ): ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ଠାକୁର ଭଉଁରୀ ଗ୍ରାମର ଭଣ୍ଡାରିଆ ପୋଲ ପାଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ବାଲିଆପାଳ ଥାନା ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ପଞ୍ଚରୁଖୀ ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ କମଳାକାନ୍ତ ଜେନା। ବୁଧବାର ସନ୍ଧ୍ୟା ସମୟରେ ଠାକୁର ଭଉଁରୀ ଗ୍ରାମର ଭୁଆଁ ବନ୍ଧ ଉପରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକରେ ବସ୍ତା ଥାନା ଅଞ୍ଚଳର ସତ୍ୟରଞ୍ଜନ ପଣ୍ଡା ଓ ପବିତ୍ର ପ୍ରାମାଣିକ ବସିଥିବା ବେଳେ ଅନ୍ୟ ବାଇକରେ ମଧୁପୁରା ପଞ୍ଚାୟତର ପଞ୍ଚରୁଖୀ ଗ୍ରାମର କମଳାକାନ୍ତ ଜେନା ଓ ରାଜେନ୍ଦ୍ର ଜେନା ବସିଥିଲେ। ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ କମଳାକାନ୍ତ ଜେନା ତଳେ ପଡ଼ି ଯାଇଥିଲା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଅନ୍ୟ ୩ ଜଣ ଗୁରୁତର ଅବସ୍ଥାରେ ସେଠାରୁ ଲୋକମାନେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଭୋଗରାଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଥିବା ବେଳେ କମଳାକାନ୍ତଙ୍କ ଶବ ବ୍ୟବଚ୍ଛେଦ ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।



**ରାଜନଗର-ତାଳଚୁଆ ପୂର୍ତ୍ତ ବିଭାଗ ରାସ୍ତା**

# ସାନଓରରୁ ଜରିମୂଳ ୫ କିମି ରାସ୍ତା କାମ ନିମ୍ନମାନର

ରାଜନଗର,୧୨।୧୧(ସମିସ)



ରାଜନଗର-ତାଳଚୁଆ ରାସ୍ତାର ସାନଓରଠାରୁ ଜାରିମୂଳ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା କାମ ପାଇଁ କୋଟିଏ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଅର୍ଥରେ କେବଳ ବଜୁରିରେ ରାସ୍ତାରେ ପ୍ୟାଚ୍ ପକାଇ କୋଟିଏ ଟଙ୍କା ଲୁଟିନେବାକୁ ମସୁଧା ହୋଇଛି। ଯନ୍ତ୍ରୀଙ୍କ ବଦଳରେ କାମ କ'ଣ ହେବ ଜାଣି ନ ଥିବା ଜଣେ କର୍ମଚାରୀଙ୍କୁ ଛିଡ଼ା କରି କାମ କରାଯାଉଛି। ଦୁର୍ଗାପୂଜା ସମୟରେ ଏହି ଖାଲ ମରାମତି କରିବା ନାଁରେ ପ୍ରାୟ କୋଟିଏ ଟଙ୍କା ବିଲ କରାଯାଇଥିବା ନେଇ ଅଭିଯୋଗ ରହିଛି। ଏବେ ରାସ୍ତାରେ ସ୍ଥାୟୀ କାମ ପରିବର୍ତ୍ତେ କେବଳ ବଜୁରିରେ ପ୍ୟାଚ୍ ପକାଇବା ପାଇଁ କୋଟିଏ ଟଙ୍କା ଦିଆଯିବ ଘଟଣା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗରେ ଚାଲିଥିବା ଦୁର୍ନୀତିକୁ ସାମ୍ନାକୁ ଆଣିଛି।

ରାଜନଗର-ତାଳଚୁଆ ମୁଖ୍ୟରାସ୍ତା ୧୪ ପଞ୍ଚାୟତର ଲୋକଙ୍କ ସମେତ ଭିତରକନିକା ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ଏକମାତ୍ର ଗମନାଗମନ ରାସ୍ତା। ଏହି ରାସ୍ତା ମରାମତି ନାଁରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସରକାରୀ ଅର୍ଥ ଲୁଟ୍ ଅଭିଯୋଗ ହୋଇଆସୁଥିଲା। ରାସ୍ତାରେ ଖାଲ ଯୋଗୁଁ ଯାତାୟାତରେ ଅଞ୍ଚଳବାସୀଙ୍କ ସମେତ ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୁର୍ଗାପୂଜା ସମୟରେ ମେଣ୍ଟାଲ ଓ ଡଷ୍ଟ ପକାଇ ଖାଲ ପୂରଣ କରାଯାଇଥିଲା। ଏବେ ସେହି ସ୍ଥାନରେ ପିୱାନ ଏଗ୍ରିମେଣ୍ଟରେ ବଳରେ କେବଳ ପିଚୁ ଘଷାଯାଉଛି। ପୁରୁଣା ପିଚୁ ଓ ଦୁର୍ଗାପୂଜା ସମୟରେ ହୋଇଥିବା ଖାଲ ପୂରଣ ସ୍ଥାନରେ ବଜୁରିକୁ ପିଚୁରେ ଗୋଳାଇ କେବଳ ଘଷି ଦିଆଯାଉଛି। ସାନଓରଠାରୁ ଜରିମୂଳ ପର୍ଯ୍ୟନ୍ତ ୫ କିମି ରାସ୍ତାର ୨୦ଟି ସ୍ଥାନରେ କେବଳ ପିଚୁ ଘଷି କୋଟିଏ ଟଙ୍କା ଲୁଟି ନେବାକୁ ମସୁଧା ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ସ୍ଥଳରେ ଉପସ୍ଥିତ ଥିବା ପୂର୍ତ୍ତ ବିଭାଗ କର୍ମଚାରୀ ଶ୍ରୀ ପାତ୍ରଙ୍କ କହିବା କଥା ହେଲା ଏସଡିଓ କହିଛନ୍ତି କେବଳ ଖାଲ ପୂରଣ ହେବ। ସବୁ ସ୍ଥାନରେ କାର୍ପେଟିଂ ହେବାର ନାହିଁ କି ନିର୍ଦ୍ଦିଷ୍ଟ ମୋଟେଇର ପିଚୁ କାହିଁକି ହେବ ବୋଲି ଆମକୁ ପାଲଟା ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କୁ ପଚାରିବାରୁ ପିଚୁର ଥିକନେସ (ମୋଟେଇ) ଠିକ୍ ଭାବେ କରାଯିବ। ଏସ୍‌ଡିଓଙ୍କୁ କାମ ପାଖକୁ ପଠାଇଛି। କାମ ଭୁଲ ହେଲେ ନିଜେ ପହଞ୍ଚି କାମର ଥିକନେସ ମାପିବି ବୋଲି କହିଛନ୍ତି।

## ମା' ଛେଉଣ୍ଡ ୪ ଶିଶୁଙ୍କୁ ସହାୟତା କଲା କଳିଙ୍ଗ ଆବାସିକ ବିଦ୍ୟାଳୟ

ଡେରାବିଶ,୧୨।୧୧(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ବୁଧବାର ମା' ଛେଉଣ୍ଡ ୪ ଶିଶୁଙ୍କୁ ସହାୟତା ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍ ବାରଡିଆ ପଞ୍ଚାୟତ ଶିଆଳିଆ ଗ୍ରାମର ଗୌରାଙ୍ଗ ମଳିକ (୪୦)ଙ୍କ ପତ୍ନୀଙ୍କର ଗତ ତିନିବର୍ଷ ହେବ ମୃତ୍ୟୁ ହୋଇଯିବା ପରେ ତାଙ୍କର କୁନିକୁନି ଚାରୋଟି ଝିଅ ଏବେ ବୁଢ଼ୀ ମା' ପାଖରେ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ଦିନମଜୁରିଆ ଗୌରାଙ୍ଗ ମୂଲଲାଗି ପରିବାର ପ୍ରତିପୋଷଣ କରୁଥିବାବେଳେ ୪ ଶିଶୁ ଓ ବୁଢ଼ୀମା'ଙ୍କର ଖାଦ୍ୟ, ପୋଷାକ ଓ ଶିକ୍ଷା ଇତ୍ୟାଦି ପାଇଁ ଅର୍ଥ ଯୋଗାଡ଼ କରିପାରୁନାହାନ୍ତି। ଏପରିକି ରହୁଥିବା ଚାଳ ଘରଟି ଅର୍ଥାଭାବରୁ ଛପର କରି ନ ପାରିବାରୁ ଗତ ଲଗାଣ ବର୍ଷାରେ ଏହା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଏବେ ଏକ ପାଲ ଟାଙ୍ଗି ସାରା ପରିବାର ସେଠାରେ ମୁଣ୍ଡ ଗୁଞ୍ଜିଛନ୍ତି। ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏହି ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ ସେଠାରେ ପହଞ୍ଚି ଏହି ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ପ୍ରଧାନଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା ଓ ଶୁଭଙ୍କର ସିହ୍ନା ଉପସ୍ଥିତ ଥିଲେ। ସହୃଦୟ ବ୍ୟକ୍ତିମାନେ ଏହି ଦୁଃସ୍ଥ ପରିବାରକୁ ସହଯୋଗ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି।



## କୁମ୍ଭୀରକୁ ପାଇଲାନି; ନିରାଶ ହୋଇ ଫେରିଲା ବନ ବିଭାଗ

- ମଙ୍ଗଳବାର ରାତିରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ଭାସୁଥିଲା
- ଆତଙ୍କିତ ଅବସ୍ଥାରେ ଅଛନ୍ତି ସହରବାସୀ

ପଟ୍ଟାମୁଣ୍ଡାଇ,୧୨।୧୧(ସମିସ): ମଙ୍ଗଳବାର ରାତି ସାଢ଼େ ୮ଟା ସମୟରେ ପଟ୍ଟାମୁଣ୍ଡାଇ ନୂତନ ବାଇପାସ୍ ବିଜୁ ପଟ୍ଟନାୟକ ଛକ ନିକଟ କଟକ-ଚାନ୍ଦବାଲି ରାସ୍ତା ପାଶ୍ୱର୍ କେନାଲ ପୋଲ ନିକଟରେ ଏକ ବିରାଟକାୟ କୁମ୍ଭୀର ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କୁମ୍ଭୀର ଭାସୁଥିବାରୁ ବିପଦର ଆଶଙ୍କା କରି ଲୋକମାନେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ଖବର ଦେଇଥିଲେ। ଥାନା ପକ୍ଷରୁ ମଧ୍ୟ କୁମ୍ଭୀରକୁ ଖୋଜାଯାଇଥିଲା। କିନ୍ତୁ କୁମ୍ଭୀର ପାଣିରେ ବୁଡ଼ି ରହିଥିବାରୁ କୌଣସି ସନ୍ଧାନ ମିଳିନଥିଲା। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ସହର ମଧ୍ୟ ଦେଇ ଯାଇଥିବାରୁ ସହରର ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉକ୍ତ କୁମ୍ଭୀରଟି ବ୍ରାହ୍ମଣୀ ବନ୍ୟା ବନ୍ଧ ଆରପଟୁ ରାସ୍ତା ପାର୍ ହୋଇ କେନାଲ ମଧ୍ୟରେ ପ୍ରବେଶ କରିଛି। ଏହି ବଉଳା କୁମ୍ଭୀରଟିର ଲମ୍ବ ୧୦/ ୧୨ ଫୁଟ୍ ହେବ ବୋଲି ଅନୁମାନ କରାଯାଉଛି। ମଙ୍ଗଳବାର କୁମ୍ଭୀରଟି କେନାଲରେ ପ୍ରବେଶ କରିଥିବା ଦେଖିଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗତ ୩୧ ତାରିଖ ଦିନ ପୌରପରିଷଦ ଅଧୀନ ଅଳଭା ଗ୍ରାମର ବିଶ୍ୱନାଥ ନାୟକଙ୍କ ପୋଖରୀରୁ ମଧ୍ୟ ଏକ ୧୨ ଫୁଟ୍ ଲମ୍ବର କୁମ୍ଭୀରକୁ ମହାକାଳପଡ଼ା ବନ ବିଭାଗ ଉଦ୍ଧାର କରିଥିଲା। ଏହି କୁମ୍ଭୀରଟି ମଧ୍ୟ ବନ୍ୟା ବନ୍ଧ ପାର୍ ହୋଇ ପୋଖରୀରେ ପ୍ରବେଶ କରିଥିବା ସ୍ଥାନୀୟ ଲୋକେ କହିଥିଲେ। ଏହା ପୂର୍ବରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଡା, ବଳଦେବ ନଗର, ତଳ ବାଲିପଡ଼ା ଗ୍ରାମର ପାଟନାଳିରେ ସଂଖ୍ୟାଧିକ କୁମ୍ଭୀର ବଂଶବିସ୍ତାର କରି ଚାଲିଥିବା ସହରବାସୀଙ୍କୁ ଭୟଭୀତ କରିଛି। ଗତ ବନ୍ୟା ସମୟରେ ମଧ୍ୟ କୁମ୍ଭୀର ମୁଖ୍ୟ ରାସ୍ତା ଉପରକୁ ଚାଲି ଆସିବା ଦ୍ୱାରା ଲୋକମାନେ ଭୟଭୀତ ହୋଇ ପଡ଼ିଥିଲେ। ପଟ୍ଟାମୁଣ୍ଡାଇ ନୂତନ ବାଇପାସ୍ କେନାଲ ପୋଲଠାରୁ ପଟ୍ଟାମୁଣ୍ଡାଇ ପୁରାତନ କେନାଲ ପୋଲ ମଧ୍ୟରେ ପରିବା ମାର୍କେଟ, ମାଛ, ମାଂସ ମାର୍କେଟ ରହିଛି। ମାଛ, ମାଂସ ବ୍ୟବସାୟୀମାନେ ବର୍ଜ୍ୟବସ୍ତୁକୁ ଏଣେତେଣେ ଫିଙ୍ଗୁଥିବାରୁ ହୁଏତ କୁମ୍ଭୀର ଖାଦ୍ୟ ଆଶାରେ ବନ୍ୟା ବନ୍ଧ ଆରପଟୁ କେନାଲ ମଧ୍ୟକୁ ଆସିଥାଇପାରେ ବୋଲି ଆଇଆଇସି ବନ୍ଦନା ପାତ୍ର କହିଛନ୍ତି। ତେବେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲଟି ସହରର ମଧ୍ୟ ଦେଇ ଯାଇଥିବାବେଳେ ଏହି ଅଞ୍ଚଳ ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ରହିଛି। ବନ ବିଭାଗ କୁମ୍ଭୀରର ସନ୍ଧାନ କରି କେନାଲ ମଧ୍ୟରୁ କୁମ୍ଭୀରକୁ ଉଦ୍ଧାର କରି ତୁରନ୍ତ ନେବା ପାଇଁ ପଟ୍ଟାମୁଣ୍ଡାଇ ସହରାଞ୍ଚଳବାସୀ ଦାବି କରିଛନ୍ତି। ମହାକାଳପଡ଼ା ବନ ବିଭାଗର କର୍ମଚାରୀମାନେ ବୁଧବାର ଦିନତମାମ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ କୁମ୍ଭୀରଟିକୁ ଖୋଜାଖୋଜି କରିଥିଲେ ମଧ୍ୟ କେନାଲରେ ପାଣି ଭର୍ତ୍ତି ହୋଇ ରହିଥିବାରୁ କୁମ୍ଭୀରର ସନ୍ଧାନ ମିଳିପାରି ନାହିଁ।

**● ମହିଳାଙ୍କୁ ଅସଦାଚରଣ ଓ ମାଡ଼ ମାରିବା ଘଟଣା**

## କୁଦାନଗରୀ ଥାନା ପୂର୍ବତନ କନେଷ୍ଟବଳ ଗିରଫ

 କେନ୍ଦ୍ରାପଡ଼ା,୧୨।୧୧(ସମିସ): ଜଣେ ମହିଳାଙ୍କୁ ଅସଦାଚରଣ ଓ ମାଡ଼ ମାରିଥିବା ଅଭିଯୋଗରେ କୁଦାନଗରୀ ଥାନାର ପୂର୍ବତନ କନେଷ୍ଟବଳ ଅଜୟ ସାହୁଙ୍କୁ ମାର୍ଶାଘାଇ ପୁଲିସ ବୁଧବାର ଗିରଫ କରିଛି। ଗତ ଅଗଷ୍ଟ ୨୩ ତାରିଖରେ ମାର୍ଶାଘାଇ ଥାନାରେ ଦାଖଲ ହୋଇଥିବା ଏତଲା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଥମେ ମହିଳାଙ୍କ ଏତଲାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଏନେଇ ମହିଳା ଜଣକ ଗତ ଅଗଷ୍ଟ ୨୫ ତାରିଖରେ ମାର୍ଶାଘାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣିରେ ସମ୍ପୃକ୍ତ କନେଷ୍ଟବଳଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ମାର୍ଶାଘାଇ ଥାନା କଷୋଟିପାଲି ଅଞ୍ଚଳର ଜନୈକା ମହିଳା ଅଭିଯୋଗ କରିଛନ୍ତି ଯେ, କନେଷ୍ଟବଳ ଅଜୟ ସାହୁ ତାଙ୍କୁ ଫୋନ୍‌ରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ରାସ୍ତାରେ ଅଟକାଇ ମାଡ଼ ମାରିଥିଲେ। ତେବେ ସେ ତାଙ୍କ ଅସହାୟତାର ଫାଇଦା ନେବାକୁ ଚେଷ୍ଟା କରିବା ସହ ପୁଲିସ ବର୍ଦ୍ଦି ଓ ଟଙ୍କା ବଳର ଭୟ ଦେଖାଇ ଅନେକ ପ୍ରକାରର ହଇରାଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୁଲିସ ତଦନ୍ତ କରି କନେଷ୍ଟବଳ ଅଜୟ ସାହୁଙ୍କୁ ଗିରଫ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାରିମୂଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ମହିଳାଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇ ତାଙ୍କୁ ପ୍ରଥମେ ନିଲମ୍ବନ ଓ ପରେ ଗିରଫ କରାଯାଇଛି।



## ଆବାସ ଯୋଜନାରୁ ବଞ୍ଚିତ ନିରଞ୍ଜନ

ପଞ୍ଚୁପାଣ୍ଡବ,୧୨।୧୧(ସମିସ): ନିର୍ବାଚନ ସମୟରେ ବର୍ତ୍ତମାନର ସରକାର ସମସ୍ତ ଚାଳ ଘର ଥିବା ହିତାଧିକାରୀଙ୍କୁ ଆବାସ ଯୋଗାଇ ଦିଆଯିବାକୁ କହିଥିଲେ। ଦୁଇବର୍ଷ ପୂରିବାକୁ ବସିଲାଣି, କିନ୍ତୁ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ମିଳିନି। ନୂଆ ସରକାର ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଥିବା ଆଲୋଚନା ହେଉଛି। ସରକାର ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଲୋଭ ଦେଖାଇ ଥିବାବେଳେ ଏବେ ନିରାଶ ହେବାରେ ଲାଗିଲେଣି ଲୋକେ। ଘର ଦେବାକୁ ପଞ୍ଚାୟତ ସ୍ତରରେ ଘର ଘର ବୁଲି ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିବାବେଳେ ଚାଳ ଛପର ଘରର ସର୍ଭେ କରି ଫଟୋ ଉଠାଇନେଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଏ ପର୍ଯ୍ୟନ୍ତ ଘର ମିଳିଲା ନାହିଁ। କେତେକ ହାତଗଣତି ଦିବ୍ୟାଙ୍ଗଙ୍କୁ ଘର ଦେଇଥିଲେ ମଧ୍ୟ କେତେକ ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ନିରଞ୍ଜନ ବାସୁଳୀଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ନିରଞ୍ଜନଙ୍କ ମାନଦଣ୍ଡ ଯୋଗ୍ୟ ହିତାଧିକାରୀ ଥାଇ ମଧ୍ୟ ଆବାସ ପାଇଁ ପଞ୍ଚାୟତରୁ ବ୍ଲକ୍ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହେଲେଣି। ବର୍ଷାଦିନେ ମାଟି କାନ୍ଥ ଧୋଇ ହୋଇଯାଇଥିଲା। ପୁଣି ମାଟିରେ ଲେସି ଘର ସଜାଡ଼ିଛନ୍ତି। ସେ ଚାଷ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଅର୍ଥାଭାବରୁ ପକ୍କାଘର କରିପାରୁନାହାନ୍ତି। ଆବାସ ଯୋଜନାରୁ ଘର ପାଇଁ ସରପଞ୍ଚଙ୍କଠାରୁ ବ୍ଲକ୍ ପ୍ରଶାସନିକ ଅଧିକାରୀଙ୍କୁ ଗୁହାରି କରିଥିଲେ ସୁଦ୍ଧା ନିରାଶ ହେବାକୁ ପଡ଼ିଛି ବୋଲି କହିଛନ୍ତି ନିରଞ୍ଜନ। ଯଥାଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଘର ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଅଢ଼ାଖଣ୍ଡ-ମଠସାହି କାର୍ତ୍ତିକେଶ୍ୱର ପୂଜା କମିଟିର ଶହେ ବର୍ଷ ପୂର୍ତ୍ତି

ପଟ୍ଟାମୁଣ୍ଡାଇ,୧୨।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଅଢ଼ାଖଣ୍ଡ-ମଠସାହି କାର୍ତ୍ତିକେଶ୍ୱର ପୂଜା କମିଟି ଶହେ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ କରାଯିବା ସହିତ ସ୍ୱତନ୍ତ୍ର ଭାବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ପୂଜା କମିଟିର ସଭାପତି ପ୍ରସନ୍ନଜିତ୍ ଦାଶଙ୍କ ପରିଚାଳନାରେ ଭଜନ ସମାରୋହ, ନାମସଙ୍କୀର୍ତ୍ତନ ଓ ବିଭିନ୍ନ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତ୍ୟହ ଅନୁଷ୍ଠିତ ହୋଇଥିଲା। ଭସାଣି ଉତ୍ସବରେ ପାରମ୍ପରିକ ବାଜା, ବାଣ, ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ପୂଜା କମିଟିର ସମ୍ପାଦକ ଶିବାନୀ ଶଙ୍କର ପରିଡ଼ା ଓ ସଭ୍ୟ ଆନିଶ୍ ବାରିକ, ଦେବାଶିଷ ଦାଶ, ବିକାଶ ପରିଡ଼ା, ବିଭୂତି ରଞ୍ଜନ ବାରିକ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଢ଼ାଖଣ୍ଡ-ମଠସାହି ଗ୍ରାମ ସମେତ ପାଖ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଶ୍ରୀବଳଦେବଜୀଉଙ୍କ ପ୍ରଥମାଷ୍ଟମୀ ନୀତି

 କେନ୍ଦ୍ରାପଡ଼ା,୧୨।୧୧(ସମିସ): ଶ୍ରଦ୍ଧା ଓ ଭକ୍ତିଭାବରେ ବୁଧବାର ପାଳନ କରାଯାଇଛି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ପବିତ୍ର ପ୍ରଥମାଷ୍ଟମୀ ନୀତି। ପ୍ରଭାତ ସମୟରେ ଧୂପ ନୀତି ସମ୍ପନ୍ନ ପରେ ପୂଜାପଣ୍ଡାଙ୍କ ଦ୍ୱାରା ପ୍ରଭୁଙ୍କୁ ନୂତନ ପାଟବସ୍ତ୍ର ପରିଧାନ କରାଯାଇ ମଙ୍ଗଳାର୍ପଣ ଓ ଘଟସ୍ଥାପନ ପୂଜା ବିଧିପୂର୍ବକ ସମ୍ପନ୍ନ ହୋଇଥିଲା। ଏହାପରେ ପ୍ରଭୁଙ୍କୁ ପିଠା ଭୋଗ ଲାଗିଥିଲା ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଭୋଗ ନିବେଦନ କରାଯାଇଥିଲା। ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା।



## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ପଟ୍ଟାମୁଣ୍ଡାଇ,୧୨।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବିଲିକଣା ପଞ୍ଚାୟତ ସଂକୃପା ଗ୍ରାମର ସମାଜସେବୀ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ ରାଉତ, ବିଦ୍ୟାଧର ରାଉତଙ୍କ ବାପା ରଘୁନାଥ ରାଉତଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ଓ ଯୁବନେତା ତ୍ରିଲୋଚନ ସ୍ୱାଇଁ, ବିଦ୍ୟାଧର ରାଉତ, ଧ୍ରୁବ ଅନ୍ନପୂର୍ଣ୍ଣା ସେବା ଓ କଳା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଭୁଶୁଡ଼ିଲା ଲୁଣାନଦୀ ପଠା; ଲୋକେ ଭୟଭୀତ

ଡେରାବିଶ,୧୨।୧୧(ସମିସ)

ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଲୁଣାନଦୀର ବିଲ୍ୱମାଳ ମଠ ନିକଟରେ ଲୁଣାନଦୀର ବାମପାଶ୍ୱର୍ ୭୦ ଫୁଟ୍ ଲମ୍ବର ନଦୀପଠା ନଦୀ ଗର୍ଭକୁ ମଙ୍ଗଳବାର ରାତିରେ ଭୁଶୁଡ଼ିଯାଇଛି। ତେବେ ଏହି ପଠାଟି କିଛିଦିନ ହେବ ଧୀରେ ଧୀରେ ଫାଟୁଥିବାବେଳେ ରାତିରେ ହଠାତ୍ ୭୦ ଫୁଟ୍ ଲମ୍ବ ଓ ୧୦ ଫୁଟ୍ ଚଉଡ଼ାରେ ନଦୀ ଗର୍ଭକୁ ଧସିଯିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିସହିତ ଏହି ସ୍ଥାନରେ ନଦୀବନ୍ଧ ନିକଟରୁ ମାତ୍ର ୧୦ ମିଟର ଦୂରରେ ନଦୀର ଗର୍ଭ ଓ ଏଠାରେ ଅଥଳ ପାଣି। ଯେଉଁଥିପାଇଁ ନଦୀର ବାମପାଶ୍ୱର୍ ବନ୍ଧ ପ୍ରତି ଏବେ ଘୋର୍ ବିପଦ ଦେଖାଦେଇଛି।

ଗତ କିଛି ବର୍ଷ ହେଲା ନଦୀରେ ପୂର୍ବ ବର୍ଷମାନଙ୍କ ପରି ବଡ଼ ବନ୍ୟାର ପ୍ରକୋପ ଦେଖାଯାଇ ନାହିଁ। ଚଳିତ ବର୍ଷ ବି ନଦୀରେ ବନ୍ୟାପାଣି ସେଭଳି ଆସି ନ ଥିଲା। କିନ୍ତୁ ମଙ୍ଗଳବାର ହଠାତ୍ ନଦୀପଠାରୁ ଅତଡ଼ା ଖସିବା ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଥିବାକୁ ନେଇ ସ୍ଥାନୀୟ ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ବିଲ୍ୱମାଳ ମଠର ଅପରପାଶ୍ୱର୍ ତଥା ନଦୀର ଦକ୍ଷିଣ ବନ୍ଧ ପଠାରେ ରହିଥିବା ପାଣିଓଳା ଗ୍ରାମ ପଟରେ ଲୁଣାନଦୀ ବନ୍ଧରେ ପଥର ପ୍ୟାକିଂ ଓ ନଦୀ ମଧ୍ୟକୁ ସ୍ପର୍ କରାଯାଇଛି। ଯାହା ଫଳରେ ପାଣିର ସ୍ରୋତ ବିଲ୍ୱମାଳ ମଠପଟରେ ମାଡ଼ ହେବା ସହ ସେହି ସ୍ଥାନକୁ ପାଣିର ତୀବ୍ର ସ୍ରୋତ ନଦୀର ଶଯ୍ୟାକୁ ଗଭୀର କରିଛି। ତେବେ ନଦୀର ଅପର ପାଶ୍ୱର୍ରେ ପଥର ସ୍ପର୍ ନିର୍ମାଣ ହେବାବେଳେ ବିଲ୍ୱମାଳ ମଠ ପାଶ୍ୱର୍ ବନ୍ଧକୁ ବିପଦ ହେବା ନେଇ ଅଭିଯୋଗ ହୋଇଥିଲା। ପରେ ସରକାର ନଦୀର ବାମପାଶ୍ୱର୍ ପଠାରେ ମଧ୍ୟ କିଛିବାଟ ପଥରପ୍ୟାକିଂ କରିଥିଲେ। ତେବେ ଏହି ପ୍ୟାକିଂ ନଦୀର ଉପର ପଟକୁ ଆଉକିଛି ଦୂର କରିବାର ଆବଶ୍ୟକତା ଥିଲା। ଯେହେତୁ ନଦୀର ସ୍ରୋତ ବାମପଟେ ହିଁ ରହିଥିଲା, ଆଜି ତା'ର ପ୍ରଭାବରେ ବନ୍ଧ ଭୁଶୁଡ଼ିବା ନେଇ ଲୋକେ ଅଭିଯୋଗ କରିବା ସହିତ ନଦୀ ବନ୍ଧର ସୁରକ୍ଷା ନେଇ ତୁରନ୍ତ ପଥର ପ୍ୟାକିଂ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଘଟଣାର ଖବର ପାଇ ଜଳସେଚନ ବିଭାଗର ଛତା ଉପଖଣ୍ଡ ଅଧିକାରୀ ଇଂ ପ୍ରମୋଦ କୁମାର ରାୟ ଗୁରୁବାର ଘଟଣାସ୍ଥଳକୁ ଆସିବେ ବୋଲି କହିବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟାର ସମାଧାନ ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି।



## କବିତା ସଂକଳନ 'ଗଛ ସହ କଥା ହେବା' ଉନ୍ମୋଚିତ



ପଟ୍ଟାମୁଣ୍ଡାଇ,୧୨।୧୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ କବି ଡ. ମନୋରଞ୍ଜନ ଦାଶଙ୍କ ଦଶମ କବିତା ସଂକଳନ "ଗଛ ସହ କଥା ହେବା' ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉନ୍ମୋଚନ ଉତ୍ସବରେ କଥାକାର ତଥା ପ୍ରାବନ୍ଧିକ ଅଧ୍ୟାପକ ଡ. ନୀଳମଣି ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ହିଁ ଆମର ଅମୂଲ୍ୟ ସମ୍ପତ୍ତି, ତା'ର ସୁରକ୍ଷା ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ରମେଶ ଚନ୍ଦ୍ର ମାଝୀ ଓ କବି ଗୌରହରି ବିଶ୍ୱାଳ ଯୋଗଦେଇ ଗଛ ସହ ଆତ୍ମୀୟତା ଯୋଡ଼ି ଦେଇ କବି ଡ. ଦାଶଙ୍କ ଭଳି ଗଛ ସହ କଥା ହେବାକୁ ପଡ଼ିବ ବୋଲି ଭାବାତ୍ମକ ଓ ମାର୍ମିକ ମତବ୍ୟକ୍ତ କରିଥିଲେ। ପରିବେଶବିତ୍ ଗୀତାଞ୍ଜଳି ଦାଶ ଉକ୍ତ ପୁସ୍ତକର ସମୀକ୍ଷା କରିଥିଲେ। ଏହାପରେ ପରିବେଶଭିତ୍ତିକ ଏକ ମନୋଜ୍ଞ କବିତା ପାଠୋତ୍ସବରେ କବି ସମ୍ବିତ୍ ମହାପାତ୍ର, ଆକାଶ ପଟ୍ଟନାୟକ, ଅଧ୍ୟାପିକା ରାଜଶ୍ରୀ ପାଲ୍, ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତାପାଠ କରିଥିଲେ। ଅଭିରାମ ରାୟ ସ୍ୱାଗତ ସୂଚନା ଓ ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗ ଆବାସିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଡେରାବିଶ,୧୨।୧୧(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଚାନ୍ଦୋଳ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରବଚକ ହୃଷୀକେଶ ରଥ, ମୁଖ୍ୟବକ୍ତା ଭାବେ ଡେରାବିଶ ବିଡିଓ ନମିତା ବାରିକ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ୩ ଓ ୪ କ୍ୟାମ୍ପସର ଅଧ୍ୟକ୍ଷ ଅନୀଲ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ଠାକୁର ଅଭିରାମ ପରମହଂସଙ୍କ ଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି

ରାଜନଗର,୧୨।୧୧(ସମିସ): ରାଜନଗର ତହସିଲ୍ କଲୋନୀରେ ଥିବା ଠାକୁର ଅଭିରାମ ପରମହଂସ ଦେବଙ୍କ ଆଶ୍ରମରେ ଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବାଜୀ ହରେକୃଷ୍ଣ ଦାସ ମହାରାଜଙ୍କ ପୌରୋହିତ୍ୟରେ ଭକ୍ତମାନଙ୍କୁ ନେଇ ବୈଠକ ବସିଥିଲା। ଆସନ୍ତା ବର୍ଷ ଫେବୃଆରୀ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜନଗର ବ୍ଲକ୍‌ର ମହୁଲିଆ ଖେଳ ପଡ଼ିଆରେ ଠାକୁର ଅଭିରାମ ପରମହଂସ ଦେବଙ୍କ ଭକ୍ତ ମିଳନ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବ। ବୈଠକରେ ବାବାଜୀ ବନବିହାରୀ ଦାସ ମହାରାଜ, ବାବାଜୀ ଅଦ୍ୱୈତ୍ୟ ଦାସ ମହାରାଜ, ବାବାଜୀ ଭୀମସେନ ଦାସ ମହାରାଜ, ବାବାଜୀ ଦିବ୍ୟ ଚୈତନ୍ୟ ଦାସ ମହାରାଜ ଯୋଗଦେଇ ଠାକୁରଙ୍କ ଲୀଳା ଉପରେ କହିବା ସହିତ ସମ୍ମିଳନୀ ପାଇଁ ମାର୍ଗଦର୍ଶନ କରିଥିଲେ। ବୈଠକରେ ଆଞ୍ଚଳିକ ଭକ୍ତ ଗୋଷ୍ଠୀର ବିଶ୍ୱନାଥ ରାଉତ, ବୈକୁଣ୍ଠ ଦାସ, ଗଙ୍ଗାଧର ଦାସ, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ଶତ୍ରୁଘ୍ନ ପରିଡ଼ା, ସୁବାସ ଚନ୍ଦ୍ର ସାମଲ, ରମଣୀ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ



ଡେରାବିଶ,୧୨।୧୧(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ମୁଖ୍ୟ କାର୍ଯ୍ୟାଳୟରେ ଆଜି ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପ୍ରତିଷ୍ଠାତା ତଥା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ବିଷୟରେ କହିଥିଲେ। ବହୁ ମହିଳା ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବା ପାଇଁ ଅପେକ୍ଷା କରିଥିଲେ ମଧ୍ୟ ପାଇପାରୁନାହାଁନ୍ତି। ଏ ସମ୍ପର୍କରେ ସଂଘ ପକ୍ଷରୁ କର୍ତ୍ତୃପକ୍ଷଙ୍କ ସହିତ ବହୁବାର ଆଲୋଚନା କରାଯାଇଥିଲେ ହେଁ କିଛି ସୁଫଳ ମିଳିପାରୁନାହିଁ। ଫଳରେ ନିର୍ମାଣ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶ୍ରମ ବିଭାଗ କର୍ତ୍ତୃପକ୍ଷ ନିର୍ମାଣ ଶ୍ରମିକଙ୍କ ସମସ୍ୟାର ଯଦି ତୁରନ୍ତ ସମାଧାନ ନ କରନ୍ତି, ତେବେ ଶ୍ରମିକମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିରୁଦ୍ଧ ପୃଷ୍ଟି, ହରି ମାହାଳି, ମହେଶ୍ୱର ନାୟକ, ପ୍ରଦୀପ୍ତ ସାମଲ, ଧିରେନ ସାହୁ, ଜଗଦୀଶ କଟାଳ, କାର୍ତ୍ତିକ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବାପାଙ୍କୁ ହତ୍ୟାକଲା ପୁଅ

କେନ୍ଦୁଝର,୧୨।୧୧(ସମିସ): ପ୍ରଥମାଷ୍ଟମୀରେ କେନ୍ଦୁଝର ଜିଲ୍ଲା ଶିରିଷପାଳ ଗାଁରେ ଘଟିଛି ଅଘଟଣ। ପାରିବାରିକ କଳହକୁ କେନ୍ଦ୍ରକରି ବାପାଙ୍କୁ କଟାଡି ମାରିଛି ପୁଅ। ମୃତକ ହେଲେ ଟାଉନ ଥାନା ଅନ୍ତର୍ଗତ ଶିରିଷପାଳ ନାଏକ ସାହିର ତରଣୀସେନ ନାଏକ (୬୨)। ଖବର ପାଇ ଇନସପେକ୍ଟର ସୂର୍ଯ୍ୟସ୍ନାତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ପୁଅ ତ୍ରିନାଥ ନାଏକ (୩୧)ଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ଚାଲିଛି। ଆଜି କଳହ ହେବା ଯୋଗୁଁ ତ୍ରିନାଥ ବାପା ତରଣୀସେନଙ୍କୁ ପ୍ରଥମେ ଖଟରେ ମୁଣ୍ଡକୁ ବାଡେଇ ଦେଇଥିଲା। ପରେ କଟାଡି ଦେବାରୁ ତାଙ୍କ ମୃତ୍ୟୁ ଘଟିଛି। ଶବ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

## ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା,୧୨।୧୧(ସମିସ):କେନ୍ଦୁଝରଜିଲ୍ଲାତୁରୁମୁଙ୍ଗାଥାନାଞ୍ଚଳରେଜଣେ୧୬ବର୍ଷୀୟ ନାବାଳିକା ଦୁଷ୍କର୍ମର ଶିକାର ହୋଇଛନ୍ତି। ଗାଁ ପୋଖରୀରେ ଗାଧୋଉଥିବା ସମୟରେ ସେହି ଗ୍ରାମର ଜଣେ ବିବାହିତା ଯୁବକ ତାଙ୍କୁ ଏକୁଟିଆ ଦେଖି ପ୍ରଥମେ ସାବୁନ ମାଗିବା ପରେ ପୋଖରୀ ହୁଡ଼ାକୁ ଟେକି ନେଇଥିଲା। ପୀଡ଼ିତା ଦୁଷ୍କର୍ମର ଶିକାର ହୋଇଥିବା ନେଇ ଯୁବକ ଜଡ଼ିଚାତର ଗାଁର ସୁରେନ୍ଦ୍ର ବେହେରା (୨୫) ନାମରେ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ପରିବାର ସହଯୋଗରେ ହୋଇଥିବା ଅଭିଯୋଗ ପରେ ପୁଲିସ ପୋକସୋ ଆକ୍ଟରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ସୁରେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏସଆଇ ସୁରେଶଚନ୍ଦ୍ର ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ସ୍କୁଲ ପିଲାଙ୍କୁ ମିଳୁଛି ମାଣ୍ଡିଆ ବଦଳରେ ଖସା ଲଡୁ

ହାଟଡ଼ିହୀ,୧୨।୧୧(ସମିସ): ସରକାରଙ୍କ ପକ୍ଷରୁ ଏପ୍ରିଲରୁ ଛାତ୍ରଛାତ୍ରୀଙ୍କୁ ସପ୍ତାହକୁ ତିନିଦିନ ମାଣ୍ଡିଆ ଲଡୁ ପ୍ରଦାନ ବ୍ୟବସ୍ଥା କରାଯାଇଛି। ତେବେ, ହାଟଡ଼ିହୀ ବ୍ଲକ୍‌ର ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାଣ୍ଡିଆ ଲଡୁ କ'ଣ ଜାଣି ନଥିବା ଅଭିଯୋଗ ହେଉଛି। ପ୍ରଧାନଶିକ୍ଷକଙ୍କ ମନମୁଖୀ କାମ ଯୋଗୁଁ ସରକାରଙ୍କ ଏହି ଯୋଜନା ସଫଳ ହୋଇପାରୁ ନାହିଁ। କେଉଁଠି ଆଦୌ ମାଣ୍ଡିଆ ଲଡୁ ଦିଆଯାଉ ନାହିଁ ତ କେଉଁଠି ସପ୍ତାହକୁ ଦିନେ କିମ୍ବା ଦୁଇଦିନ ଦିଆଯାଉଛି। କିଛି ସ୍କୁଲରେ ମାଣ୍ଡିଆ ଲଡୁ ବଦଳରେ ଖସା ଲଡୁ ଦିଆଯାଉଛି। ମାସେ ତଳେ ମାଣ୍ଡିଆ ଲଡୁ ପ୍ରଦାନ କରୁ ନଥିବାରୁ ଶାଳକଣିଆଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲା। ସେହିପରି ବାରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏଥିରେ ଅବହେଳା କରିବାରୁ ତାଙ୍କୁ ଆମ୍ବୋ ହାଇସ୍କୁଲକୁ ବଦଳି କରାଯାଇଛି। ତଥାପି ପ୍ରଧାନଶିକ୍ଷକମାନେ ଚେତୁନାହାନ୍ତି। ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍କୁଲରେ ମାଣ୍ଡିଆ ଲଡୁ ବଦଳରେ ଖସା ଲଡୁ ଦିଆଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏବିଇଓ ପ୍ରମୋଦ ନାୟକ କହିଛନ୍ତି, ମଣ୍ଡିଆ ଲଡୁ ଦିଆଯିବାର ପ୍ରାବଧାନ ରହିଛି। ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆ ଲଡୁ ବଦଳରେ ଖସା ଲଡୁ ଦିଆଯାଉଥିଲେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବ୍ଲକ ଉପାଧ୍ୟକ୍ଷ ସମ୍ବର୍ଦ୍ଧିତ



ହାଟଡ଼ିହୀ,୧୨।୧୧(ସମିସ): ଜଗନ୍ନାଥ ଭକ୍ତ ସମାଜ ଗୋପୀନାଥପୁର କଟକ ପକ୍ଷରୁ ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଗୋପୀନାଥପୁରଠାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର ମହୋତ୍ସବ ଅବସରରେ ଝାରସୁଗୁଡାର ପୂର୍ବତନ ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ, ଜଗନ୍ନାଥ ଭକ୍ତ ସମାଜର ସମ୍ପାଦକ ନବକିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ଗୋପୀନାଥପୁର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ, ସମାଜସେବୀ ତଥା ହାଟଡ଼ିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବ୍ୟବସାୟୀଙ୍କ ରବୀନ୍ଦ୍ର ରାମଙ୍କ ପରଲୋକ



ଆନନ୍ଦପୁର, ୧୨।୧୧ (ସମିସ): ଆନନ୍ଦପୁର ୪ ନମ୍ବର ୱାର୍ଡ ବଡ଼ବଜାର ନିବାସୀ ତଥା ପାନ ବ୍ୟବସାୟୀ ରବୀନ୍ଦ୍ର କୁମାର ରାମଙ୍କ ୬୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ ତିନିପୁରୁଷ ଧରି ପାନ ବରଜ କରି ଆନନ୍ଦପୁର ଅଞ୍ଚଳରେ ନିଜର କୌଳିକ ବ୍ୟବସାୟକୁ ବଞ୍ଚାଇ ରଖିଥିବା ରବୀନ୍ଦ୍ର ଅସୁସ୍ଥ ହୋଇ ଘରେ ଚିକିତ୍ସା ହେଉଥିଲେ। ବୁଧବାର ସକାଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଦେହାନ୍ତ ହୋଇଥିଲା। ମୃତ୍ୟୁ ଖବର ପାଇ ସ୍ଥାନୀୟ ପଡୋଶୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ସହପାଠୀ ବିଜେପି ନେତା ମହେଶ୍ୱର ସାହୁ ପ୍ରାଣନାଥ ସାହୁ ଆଇନଜୀବୀ ମନୋଜ କୁମାର ମିଶ୍ର ସମାଜସେବୀ ନାରାୟଣ ହୋତାଙ୍କ ସମେତ ଅନେକ ନେତୃସ୍ଥାନୀୟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଶ୍ରୁମନ ଅର୍ପଣ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

### କଣ୍ଡରା ଟୋଲ୍‌ପ୍ଲାଜା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ୫୨୦ ନଂ ଏନ୍‌ଏଚ୍‌ରେ ୮ ଘଣ୍ଟା ଅବାଧ ଯାତାୟାତ




ଯୋଡ଼ା, ୧୨।୧୧(ସମିସ): ରିମୁଳିଠାରୁ ରାଜାମୁଣ୍ଡା ଯାଇଥିବା ୫୨୦ ନଂ ଜାତୀୟ ରାଜପଥସ୍ଥିତ କଣ୍ଡରା ଟୋଲ ପ୍ଲାଜା କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଦୀର୍ଘ ୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଟୋଲ ପ୍ଲାଜା ଖୋଲା ରହିଥିଲା। ଫଳରେ ସମସ୍ତ ଯାନବାହନ ନିଶୁଳ୍କ ଯାତାୟାତ କରୁଥିଲେ। କର୍ମଚାରୀଙ୍କ ସହ ଆଲୋଚନା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହେବା ସହ ଟୋଲ ପ୍ଲାଜା ସ୍ୱାଭାବିକ ଭାବେ କାର୍ଯ୍ୟ କରିଥିଲା। ଏହି ଟୋଲ ପ୍ଲାଜାଟିରେ ସ୍ଥାନୀୟ ଅଞ୍ଚଳର ୩୯ ଜଣ କର୍ମଚାରୀ ଥିବା ବେଳେ ଟୋଲ ପ୍ଲାଜାଟିକୁ ଠିକାରେ ନେଇଥିବା ଠିକାଦାର ଶଶିକାନ୍ତ ଜେନାଙ୍କ ପକ୍ଷରୁ ୨୫ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏହି ଟୋଲ ପ୍ଲାଜାଟିକୁ ପୂର୍ବରୁ ସ୍କାଇଲାର୍କ କମ୍ପାନୀ ଠିକାରେ ନେଇଥିବା ବେଳେ ଏହାର ମିଆଦ ସରିବା ପରେ ଶଶିକାନ୍ତ ଜେନା ନୂତନ ଠିକାଦାର ଭାବେ ନିୟୋଜିତ ହୋଇଥିଲେ। ପୂର୍ବରୁ ଏଥିରେ କାର୍ଯ୍ୟରତ କର୍ମଚାରୀମାନେ ୧୪୫୦୦ ଟଙ୍କା ମାସିକ ଦରମା ପାଉଥିଲେ। ସେମାନଙ୍କୁ ନୂତନ କମ୍ପାନୀ ଆଉ ୫ ଶହ ଟଙ୍କା ଅଧିକା ଦେଇ ୧୫ ହଜାର ଟଙ୍କା ମାସିକ ଦେବା ପାଇଁ ଚୁକ୍ତି କରିଥିଲା। ତେବେ ପ୍ରଥମ ଦରମା ଦେବା ସମୟରେ କର୍ମଚାରୀମାନଙ୍କୁ ୧୩୭୦୦ଟଙ୍କା ପ୍ରଦାନ କରିବାରୁ କର୍ମଚାରୀମାନେ ଏହାକୁ ଗ୍ରହଣ କରି ନଥିଲେ। ଏହାସହ କର୍ମଚାରୀମାନେ ଅଭିଯୋଗ କରିଥିଲେ ଯେ ଦୈନିକ ୮ ଘଣ୍ଟା ବଦଳରେ ସେମାନଙ୍କୁ ୧୨ ଘଣ୍ଟା କାମ କରିବାକୁ ବାଧ କରାଯାଉଛି। ସେହିପରି ସେମାନଙ୍କ ୯ମାସର ପିଏଫ ପୂର୍ବ କମ୍ପାନୀ ଜମା କରି ନଥିବା ମଧ୍ୟ ମଜଦୁର ସଂଘର ଅର୍ଜୁନଚନ୍ଦ୍ର ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟବନ୍ଦ ପରେ ଟୋଲ ପ୍ଲାଜାର ମ୍ୟାନେଜର ଚନ୍ଦ୍ରଶେଖର ସାମଲ ଠିକାଦାରଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିଥିବା ଜଣାପଡ଼ିଛି। ଫଳରେ ଟୋଲ ପ୍ଲାଜାର କାର୍ଯ୍ୟ ପୁଣି ସ୍ୱାଭାବିକ ହୋଇଛି।

## ବିଲେଇପଦା ମୁର୍ଗା ରାସ୍ତା ତିଆରି କରିବ ଟାଟା କମ୍ପାନୀ



ଯୋଡ଼ା, ୧୨।୧୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବିଲେଇପଦାଠାରୁ ମୁର୍ଗା ଦେଇ ନୂଆମୁଣ୍ଡି ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ପାଇଁ କମ୍ପାନୀ ଓ ପ୍ରଶାସନ ମଧ୍ୟରେ ତୁହାକୁ ତୁହା ବୈଠକ ପରେ କେବଳ କାମଚଳା କାର୍ଯ୍ୟ ହୋଇଆସୁଥିଲା। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଦୀର୍ଘ ଦିନରୁ ଟ୍ରକ ମାଲିକ ସଂଘ ଏବଂ ସ୍ଥାନୀୟ ବାସିନ୍ଦା ଦାବି କରିଆସୁଥିବା ବେଳେ ମଙ୍ଗଳବାର ବିଲେଇପଦାସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ ସଭାଗୃହରେ ଆୟୋଜିତ ବୈଠକରେ ଟାଟା କମ୍ପାନୀ ଏହି ରାସ୍ତାକୁ ଶହେ ଦିନ ମଧ୍ୟରେ ନିର୍ମାଣ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିବା ଜଣାପଡିଛି। ଏହି ରାସ୍ତାଟି ଭାରୀଯାନ ଚଳାଚଳ ଯୋଗୁଁ କେତେକ ସ୍ଥାନରେ ଆଣ୍ଠୁଏ ଗଭୀର ଗର୍ତ୍ତ ମାନ ସୃଷ୍ଟି ହୋଇ ସାଧାରଣରେ ଯାତାୟାତରେ ବ୍ୟାଘାତ ସୃଷ୍ଟି କରୁଥିଲା। ଏହି ରାସ୍ତା ଦେଇ ଟାଟା କମ୍ପାନୀ ତାର କାଟାମାଟି ଖଣିରୁ ଭାରୀଯାନ ମାଧ୍ୟମରେ ଲୁହାପଥର ପରିବହନ କରୁଥିବା ବେଳେ ଏହାକୁ ଜିନ୍ଦଲ କାରଖାନା, ଡିଆର ପଟ୍ଟନାୟକ ଖଣି କମ୍ପାନୀ ଏବଂ କ୍ରାକର୍ସ ଇଣ୍ଡିଆ କାରଖାନା ଦୀର୍ଘ ବର୍ଷ ଧରି ବ୍ୟବହାର କରିଆସୁଛନ୍ତି। ବାରମ୍ବାର ଦାବି, ଧାରଣା ସତ୍ତ୍ୱେ କୌଣସି କମ୍ପାନୀ ଏହାକୁ ନିର୍ମାଣ କରିବା ପାଇଁ ଦାୟିତ୍ୱ ବହନ କରୁ ନଥିଲେ। ଫଳରେ ଟ୍ରକ ମାଲିକ ସଂଘ ଏବଂ ସାଧାରଣ ଗ୍ରାମବାସୀଙ୍କ ମଧ୍ୟରେ ଏକ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଥିଲା। ଏନେଇ ବାରମ୍ବାର ବୈଠକ ବିଫଳ ହେଉଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇ ଟାଟା ଅଧିକାରୀ, ଜିନ୍ଦଲ ଅଧିକାରୀ, ଡିଆର ପଟ୍ଟନାୟକଙ୍କ ଖଣି ଠିକାଦାର ତ୍ରିବେଣୀ ଅଧିକାରୀ, କ୍ରାକର୍ସ ଇଣ୍ଡିଆ ଅଧିକାରୀ, ବିଲେଇପଦା ଫାଣ୍ଡି ଅଧିକାରୀ ରାକେଶ ମହାରଣାଙ୍କୁ ନେଇ ବଡବିଲ ତହସିଲଦାର ରାକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ବାସିନ୍ଦା ଲକ୍ଷଣ ବାରିକ, ଯୁଧିଷ୍ଠିର ପଲେଇ, ପୂର୍ବତନ ସରପଞ୍ଚ ମଙ୍ଗଲ ମୁଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ବୀର ନାଏକ, ବିରିକଳା ସମିତିସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ଆଞ୍ଚଳିକ ଟ୍ରକ ମାଲିକ ସଂଘର ଉପସଭାପତି ଅର୍ଜୁନ ମୁଣ୍ଡା, ଖଣି ଅଞ୍ଚଳ ଟ୍ରକ ମାଲିକ ସଂଘର କୋଷାଧ୍ୟକ୍ଷ ସୁରେଶ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତାର ସ୍ଥାୟୀ ସମାଧାନ ନିମନ୍ତେ ଢଳେଇ କରିବା ପାଇଁ ସହମତି ପ୍ରକାଶ ପାଇଛି। କାଟାମାଟିରୁ ବିଲେଇପଦା ପ୍ରାୟ ୧୦ କିମି ଢଳେଇ ରାସ୍ତା କାମ ଶହେ ଦିନ ମଧ୍ୟରେ ସାରିବା ପାଇଁ ଟାଟା କମ୍ପାନୀ ପ୍ରତିଶ୍ରୁତି ପ୍ରଦାନ କରିଥିବା ଜଣାପଡିଛି। ଏହି ରାସ୍ତା ନିର୍ମାଣ ସମୟରେ ଗାଡି ଚଳାଚଳ ଯେପରି ସ୍ୱାଭାବିକ ରହିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି ବଡବିଲ ତହସିଲଦାର ରାକେଶ ପଣ୍ଡା ସୂଚନା ଦେଇଛନ୍ତି। ତ୍ରିବେଣୀ, ଜିନ୍ଦଲ ଏବଂ ଟାଟା କମ୍ପାନୀ ଉକ୍ତ ରାସ୍ତାରେ ସୁରକ୍ଷା କର୍ମୀ ନିୟୋଜିତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ନେଇ ଗାଡ଼ି ମାଲିକ ଓ ଉକ୍ତ ରାସ୍ତା ଉପରେ ନିର୍ଭର କରିଆସୁଥିବା ତିନୋଟି ପଞ୍ଚାୟତର ବାସିନ୍ଦା ଉତ୍ସାହିତ ଥିବା ଜଣାପଡ଼ିଛି।

## ଫସଲ ବୀମା ଶସ୍ୟ କାଟ୍ ସମ୍ପର୍କିତ ତାଲିମ ଶିବିର

କେନ୍ଦୁଝର, ୧୨।୧୧(ସମିସ): ୨୦୨୫-୨୬ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଶସ୍ୟ କାଟ ପରୀକ୍ଷଣ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଦରବାର୍ ହଲରେ ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ମଙ୍ଗଳବାର ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସମସ୍ତ ବ୍ଲକର ସଂପୃକ୍ତ ୧୦୨ ଜଣ କୃଷି ଓଭରସିୟର, ଭିଏଡବ୍ଲୁ ଏବଂ ସମସ୍ତ ବ୍ଲକର ୨୯ ଜଣ ବରିଷ୍ଠ ପରିସଂଖ୍ୟାନ କ୍ଷେତ୍ର ନିରୀକ୍ଷକ, ପରିସଂଖ୍ୟାନ କ୍ଷେତ୍ର ନିରୀକ୍ଷକ ଓ ସର୍ଭେୟର ଯୋଗ ଦେଇଥିଲେ। ହରିଚନ୍ଦନପୁର ବଚଲକର ଦଇତାରି ଓ ଗଜେନ୍ଦ୍ର କୁମାର ବେହେରା, ଡିଆର୍‌ସିଏସ୍ ପର୍ଶୁରାମ ପାତ୍ର ସମସ୍ତ ପ୍ରକ୍ରିୟା ସମ୍ପାଦନରେ ସହଯୋଗ କରିଥିଲେ। ଓଡିଶା ସରକାରଙ୍କ ଅର୍ଥନୀତି ଓ ପରିସଙ୍ଖ୍ୟାନ ନିର୍ଦ୍ଦେଶାଳୟ, ଜିଲ୍ଲା ପ୍ରଶାସନ ଓ ମୁଖ୍ୟ କୃଷି ଅଧିକାରୀଙ୍କ ସହଯୋଗ ଓ କେନ୍ଦୁଝରସ୍ଥ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ତାଲିକ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସ୍କିମ୍ ଅଧିକାରୀ ତଥା ହରିଚନ୍ଦନପୁର ଗୋଷ୍ଠୀ କୃଷି ଅଧିକାରୀ ପ୍ରବୋଧ କୁମାର ବିଶ୍ୱାଳ, ପରିସଙ୍ଖ୍ୟାନ ଅଧିକାରୀ ଅନୁପମା ପାତ୍ର, ଫ୍ୟୁଚର ଜେନେରାଲି ଇନ୍‌ସୁରାନସ ଜିଲ୍ଲା ସଂଯୋଜକ ସୌଭାଗ୍ୟ କୁମାର ଦାସ, ଆନନ୍ଦପୁର ବ୍ଲକର ପରିସଙ୍ଖ୍ୟାନ କ୍ଷେତ୍ର ସର୍ଭେୟର ମଳୟ ରଞ୍ଜନ ପରିଡା ତାଲିମଦାତା ଭାବେ ପରିଚାଳନା କରିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅନୁସନ୍ଧାନକାରୀ ବିନ୍ଦିଆ ମୁଣ୍ଡା, ବରିଷ୍ଠ ଅର୍ଥନିତୀ ଅନୁସନ୍ଧାନ କାରୀ ମାଧୁରୀପ୍ରିୟା ହନାଗା, ପୃଥ୍ୱୀରାଜ ସୋରେନ୍, ପ୍ରଶାନ୍ତ ପ୍ରଧାନ, ଦୋଳମଣି ହଂସ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ଆନନ୍ଦପୁର, ବାଂଶପାଳ, ଚମ୍ପୁଆ, ଝୁମ୍ପୁରା, ଯୋଡା, ହରିଚନ୍ଦନପୁର, ତେଲକୋଇ ବ୍ଲକ ଏବଂ ତହସିଲର ୯୫ ଜଣ, ଦ୍ୱିତୀୟ ଦିନ ବୁଧବାର ଘଟଗାଁ, ଘଷିପୁରା, ହାଟଡିହି, କେନ୍ଦୁଝର ସଦର ପାଟଣା ଓ ସାହରପଡା ବ୍ଲକ ଏବଂ ତହସିଲର ୯୫ ଜଣ, ଏହିପରି ସର୍ବମୋଟ ୧୯୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ଶସ୍ୟ କାଟ ପରୀକ୍ଷା ନିମନ୍ତେ ନିୟୋଜିତ ହେଇଥିବା ଜିଲ୍ଲାର ସମସ୍ତ ତହସିଲର ସଂପୃକ୍ତ ୫୯ ଜଣ ରାଜସ୍ୱ ଯୋଡ଼ା ବ୍ଲକର ଜୁରୁଡି ପଞ୍ଚାୟତକୁ ଛାଡି ଜିଲ୍ଲାର ସମସ୍ତ ବ୍ଲକର ୨୯୫ ପଞ୍ଚାୟତ ଏବଂ ସମସ୍ତ ମ୍ୟୁନିସିପାଲିଟି ଏବଂ ଏନଏସିରେ ଚଳିତ କୃଷି ବର୍ଷରେ ମୋବାଇଲ ଆପ ମାଧ୍ୟମରେ ଶସ୍ୟ କାଟ ହୋଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ, ଯୋଜନା ଓ ପରିସଙ୍ଖ୍ୟାନର ଉପନିର୍ଦ୍ଦେଶକ

### ବାଲି ଚୋରା ଚାଲାଣ

## ୩୬ ହାଇୱା ମାଲିକଙ୍କ ନାମରେ ମାମଲା



**୧୪ ଗାଡ଼ି ଚାଳକଙ୍କୁ ନୋଟିସ**

ଆନନ୍ଦପୁର, ୧୨।୧୧ (ସମିସ): ବିଳମ୍ବିତ ରାତିରେ କେନ୍ଦୁଝର ପୁଲିସର ସ୍ପେସାଲ ସ୍କ୍ୱାଡ୍ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବାଲିଘାଟରେ ଅଚାନକ ଚଢ଼ଉ କରି ୩୬ଟି ବାଲି ବୋଝେଇ ହାଇୱା ଜବତ କରିବା ପରେ ୬ଟି ମାମଲା ରୁଜୁ କରିଛି। ଡଙ୍କୁରୀ ରାସ୍ତାରୁ ପୁଲିସ ଗାଡ଼ି ଦେଖି ଡ୍ରାଇଭରମାନେ ଫେରାର ହୋଇଯାଇଥିବା ବେଳେ ରାମଚନ୍ଦ୍ରପୁର ପୁଲିସ ଇନସ୍ପେକ୍ଟର ମନୋଜ କୁମାର ସ୍ୱାଇଁ ଅଟକ ରଖିଥିବା ୧୪ ଜଣ ଡ୍ରାଇଭରଙ୍କୁ ନୋଟିସ କରି ଛାଡ଼ି ଦେଇଛନ୍ତି। ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀର ବିଭିନ୍ନ ବାଲି ଘାଟରୁ ବିନା କାଗଜପତ୍ରରେ ବାଲି ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ପରେ ଆକ୍ସନ ମୋଡକୁ ଆସିଛି ପୁଲିସ। ପୁଲିସ୍ ତରଫରୁ ୨ଟି ଟିମ୍ ଗଠନ କରାଯାଇ ରାମଚନ୍ଦ୍ରପୁର ଥାନା ଓ ନନ୍ଦିପଦା ଥନା ଅଞ୍ଚଳରେ ବାଲି ଗାଡ଼ି ଉପରେ ଚଢ଼ଉ କରିଥିଲା। ବାଲି ବୋଝେଇ କରି ଆସୁଥିବା ସମୟରେ ରାମଚନ୍ଦ୍ରପୁର ଥାନାଞ୍ଚଳରୁ ୧୭ଟି ଓ ନନ୍ଦିପଦା ଥାନାଞ୍ଚଳରୁ ୧୯ଟି ମୋଟ ୩୬ଟି ବାଲି ବୋଝେଇ ହାଇୱାକୁ ଜବତ କରି ଥାନାରେ ଅଟକ ରଖିବା ପରେ ବୁଧବାର ସମସ୍ତ ଗାଡ଼ିର ମାଲିକଙ୍କ ନାମରେ ମାମଲା ରୁଜୁ କରିଛି ପୁଲିସ। ଏହି ମାମଲାଗୁଡ଼ିକର ତଦନ୍ତ ଜାରି ରହିଥିବା ବେଳେ ଆଗାମୀ ଦିନରେ ବାଲି ଚଢ଼ଉକୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଛି। ବେଆଇନ ବାଲି ଚାଲାଣ ଉପରେ ଏହା କେତେ ମାତ୍ରାରେ ଅଙ୍କୁଶ ଲଗାଇପାରୁଛି ତାକୁ ନେଇ ବିଭିନ୍ନ ମହଲରେ ଉତ୍କଣ୍ଠା ରହିଛି।

### ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ୍

# ଦଳରେ କେନ୍ଦୁଝରର ସାର୍ଥକ ସ୍ୱୟଂପ୍ରକାଶ

କେନ୍ଦୁଝର, ୧୨।୧୧(ସମିସ)



କେନ୍ଦୁଝରର ଉଦୀୟମାନ ତରୁଣ କ୍ରିକେଟ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଘୋଷିତ ୧୯ ବର୍ଷରୁ କମ ଦଳରେ ସାର୍ଥକ ସ୍ଥାନ ହାସଲ କରିବା ସହ ବିସିସିଆଇ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ଆନୁକୂଲ୍ୟରେ ଚଳିତ ନଭେମ୍ବର ୧୬ ତାରିଖରୁ ମହାରାଷ୍ଟ୍ରରେ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା କୁଚବିହାର ଟ୍ରଫି ମ୍ୟାଚରେ ରାଜ୍ୟ ତରଫରୁ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗତ ବର୍ଷ ମଧ୍ୟ ସେ ଓଡ଼ିଶା ରାଜ୍ୟ ଟିମ୍‌ରେ ସାମିଲ୍ ହୋଇ କୁଚବିହାର ଟ୍ରଫି ପାଇଁ ଖେଳିଥିଲେ। ନିର୍ମଳା କନଭେଣ୍ଟ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ କରିବା ପରେ ରେଭେନସା ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ। ବର୍ତ୍ତମାନ ରେଭେନସା ୟୁନିଭରସିଟି କଟକରେ +୩ ପ୍ରଥମ ବର୍ଷ କଳାରେ ଅଧ୍ୟୟନରତ ସାର୍ଥକ। ବରିଷ୍ଠ ପ୍ରଶିକ୍ଷକ ଗିରୀଶଚନ୍ଦ୍ର ହୋତା ଏବଂ ବୋଦାପଳସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦ୍ୱାରା ଓଡ଼ିଶା ଦଳରେ ପୁନର୍ବାର ସ୍ଥାନ ପାଇ ବେଶ୍ ଖୁସି ଅଛନ୍ତି। ୨୦୨୧ ମସିହା ୧୬ ବର୍ଷରୁ କମ କ୍ରିକେଟ ଦଳରେ ବିଜୟ ମର୍ଚ୍ଚେଣ୍ଟ ଟ୍ରଫି ପାଇଁ ମଧ୍ୟ ସାର୍ଥକ ଚୟନ ହୋଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ଏବଂ ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ବାଂଶପାଳ ପଞ୍ଚାୟତରେ ମିଳିତ ସଚେତନତା ଶିବିର

କେନ୍ଦୁଝର,୧୨।୧୧(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ପଞ୍ଚାୟତରେ କେନ୍ଦୁଝର ବନଖଣ୍ଡ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ଏକ ଦକ୍ଷତା ବିକାଶ, ନିଯୁକ୍ତି, ଶ୍ରମ କାର୍ଡ ଏବଂ ବନାଗ୍ନି ନିରାକରଣ ତଥା ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜିତ ହୋଇଛି। ପଞ୍ଚାୟତ ଅଧୀନସ୍ଥ ୬ଟି ବନ ସୁରକ୍ଷା ସମିତି ବାଂଶପାଳ, ଶଙ୍କରେଇ, କୁମୁଣ୍ଡି, ଟୁଲଡିହି, ପଦାକସଡା, ସାହାରପୁର, ଖୁଣ୍ଟାକଟା, ବରଗୋଡା, ସାପକଣ୍ଟା ଗ୍ରାମରୁ ପାଖାପାଖି ୧ ହଜାର ଲୋକ ସମାଗମ ହୋଇଥିଲେ। କେନ୍ଦୁଝର ଶ୍ରମ କାର୍ଯ୍ୟାଳୟରୁ ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡା ଓ ସହଯୋଗୀ ଚନ୍ଦ୍ରକାନ୍ତ ତ୍ରିପାଠୀ ଶ୍ରମ କାର୍ଡର ପଞ୍ଜୀକରଣ ଓ ସୁବିଧା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରୁ ନିର୍ମଳ କୁମାର ସାହୁ ବନ୍ୟଜନ୍ତୁ ସଂରକ୍ଷଣ ଓ ବନାଗ୍ନି ନିବାରଣ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରୁ ବିଶାଳ ଜୟସ୍ୱାଲ ସରକାରୀ ଉପଲବ୍ଧ ବିଭିନ୍ନ ମାଗଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଭୂୟାଁ ଜୁଆଙ୍ଗ ପୀଢ ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ, ସୁଆକାଟି ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବାଂଶପାଳ ବିଟ ବନରକ୍ଷୀ ମିଲିରାଣୀ ଦାଶ, କେନ୍ଦୁଝର ବନଖଣ୍ଡ ସମାଜବିତ୍ ଜୟପ୍ରକାଶ ପୃଷ୍ଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ବେହେରା ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ସହଜରେ କେମିତି ଲାଭବାନ ହୋଇପାରିବେ ଏବଂ ତାଙ୍କର ଆର୍ଥିକ ଉନ୍ନତି ହେବା ସଙ୍ଗେ ସଙ୍ଗେ ଜଙ୍ଗଲର ନିର୍ଭଶୀଳତା କମିବା ସହ ଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଟିମ୍ ଲିଡର ସୁଶାନ୍ତ ବେହେରା, ଉନ୍ନୟନ ଅଧିକାରୀ ହେମନ୍ତ ଦାସ, ସୁନିଆ ଦେହୁରୀ, ସୁବାସ ବେହେରା ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ।



# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଫଟୋଗ୍ରାଫରଙ୍କୁ ସମ୍ବର୍ଦ୍ଧନା



ରୂପସା, ୧୨।୧୧ (ସମିସ): ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଫଟୋଗ୍ରାଫର ପ୍ରଶାନ୍ତନୁ ମହାପାତ୍ରଙ୍କୁ ବାଲେଶ୍ୱର ଜିଲା ରୂପସା ସ୍ଥିତ ବାସଭବନରେ ମଙ୍ଗଳବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଉତପଡା ସମବାୟ ସଭାପତି ଦେବାଶିଷ ମହାପାତ୍ର ଏହି ସଭାରେ ସଭାପତିତ୍ୱ କରିଥିଲେ। “ଦି କେରଲା ଷ୍ଟୋରୀ’ ଚଳଚିତ୍ର ପାଇଁ ପ୍ରଶାନ୍ତନୁଙ୍କୁ ଶ୍ରେଷ୍ଠ ଫୋଟୋଗ୍ରାଫର ଭାବେ ବିବେଚିତ କରାଯାଇଥିଲା। ଚଳିତ ବର୍ଷ ରାଷ୍ଟ୍ରପତିଙ୍କ ଠାରୁ ସେ ପୁରସ୍କାର ଗ୍ରହଣ କରି ରୂପସା ସମେତ ସମଗ୍ର ବାଲେଶ୍ୱର ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ସ୍ୱର୍ଗତ ହରିପଦ ମହାପାତ୍ରଙ୍କର ସାନ ପୁଅ। ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ପରିଡା, ଭାଜପା ନେତା ହରେନ୍ଦ୍ର ଦାସ, ଶୁଭେଶ ନାୟକ, ଅଞ୍ଜନ ବେହେରା ଓ ଅଭିମନ୍ୟୁ ବର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର ଓ ମଦନ ଜେନା, ବରିଷ୍ଠ ନାଗରିକ ପର୍ଶୁରାମ ପରିଡା, ରାଜକିଶୋର ମହାପାତ୍ର, ସନ୍ୟାସୀ ପଲାଇ, ଭାଗିରଥି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଶାନ୍ତନୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବଢୁଛି ଦନ୍ତାର ଦୌରାତ୍ମ୍ୟ, ଭାଙ୍ଗିଲା ଘର

ନୀଳଗିରି, ୧୨।୧୧ (ସମିସ)

ଝାଡ଼ଖଣ୍ଡୀ ଦନ୍ତା ବଣସୀମା ଅଞ୍ଚଳରେ ପଶିବା ଫଳରେ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜିଯାଇଛି। ଦିନକୁଦିନ ଦନ୍ତାର ଦୌରାତ୍ମ୍ୟ ବଢ଼ି ଚାଲିଛି। ଏପରିକି ସନ୍ଧ୍ୟାହେଲେ ଦନ୍ତା ଭୟରେ ଗାଁ ଗଣ୍ଡାରେ ତାଟିକବାଟ ପଡିଯାଉଥିବାର ଦେଖିବାକୁ ମିଳୁଛି। ସନ୍ଧ୍ୟାହେଲେ ଧାନକ୍ଷେତରେ ପଶି ଧାନ ଖାଇବା ସହିତ ଦଳିମକଚି ନଷ୍ଟକରୁଥିବା ବେଳେ ଅଧରାତିରେ ଗାଁ ଗଣ୍ଡାରେ ପଶି ଘର ଭାଙ୍ଗୁଥିବାର ଦେଖିବାକୁ ମିଳିଛି। ଚାରିଦିନ ଧରି ଦନ୍ତାହାତୀଟି ଧାନକ୍ଷେତରେ



ବ୍ୟାପକ ଫସଲ ନଷ୍ଟକରିଥିବା ମଙ୍ଗଳବାର ମଧ୍ୟରାତ୍ରୀରେ ଦନ୍ତାହାତୀଟି ନରଣପୁର ପଞ୍ଚାୟତର ସନ୍ତିଆଶୋଳ ଗାଁରେ ପଶି ରତ୍ନାକର ପଥିରିଆ ଓ ରାଇବାରି ପଥିରିଆଙ୍କ ଘରେ ପଶି କାନ୍ଥଭାଙ୍ଗି ଘରଭିତରକୁ ପଶିଥିବା ବେଳେ ଶବ୍ଦ ପାଇ ପରିବାର ଲୋକ ଜୀବନବିକଳରେ ବାହାରକୁ ପଳାଇଯିବାରୁ ଅଳ୍ପକେ ଜୀବନରକ୍ଷା ପାଇଯାଇଛି। ଦନ୍ତାହାତୀଟିର ଦୌରାତ୍ମ୍ୟ ବଢୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡୁଛନ୍ତି। ବନବିଭାଗ ଗାଁଗାଁରେ ସଚେତନ କରାଉଥିବା ବେଳେ ସାଧାରଣଜନତା ଦନ୍ତାହାତୀ ଦାଉରୁ ରକ୍ଷାପାଇବା ପାଇଁ ଢେଲା, ପଥର ମାଡ଼ କରୁଥିବାରୁ ହାତୀଟି ହିଂସ୍ରହୋଇ ଆକ୍ରମଣ କରୁଥିବାର କୁହାଯାଉଛି। ହାତୀ ଓ ସାଧାରଣ ଲୋକଙ୍କ ଧନଜୀବନକୁ ସୁରକ୍ଷାଦେବା ପାଇଁ ସାଧାରଣରେ ଦାବି ହେଉଛି।

# ନବଜାତ ଶିଶୁର ମୃତଦେହ ଉଦ୍ଧାର

ରାଜଘାଟ, ୧୨।୧୧ (ସମିସ): ଦକ୍ଷିଣ ପୂର୍ବ ରେଳପଥ ଅଧୀନସ୍ଥ ଅମର୍ଦ୍ଦାରୋଡ ରେଳ ଷ୍ଟେସନ ସମ୍ମୁଖରୁ ଆଜି ରାତିରେ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁକୁ କେହି ଜନ୍ମ ପରେ ଏକ ଲୁଗାରେ ଗୁଡ଼ାଇ ଅତି ଅମାନବୀୟ ଭାବେ ଷ୍ଟେସନ ସମ୍ମୁଖରେ ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବୁଲା କୁକୁର ଶିଶୁର ଶରୀରକୁ ଝୁଣି ଖାଉଥିବା ଦେଖି ଲୁଗା ଭିତରେ ନବଜାତ ଶିଶୁଥିବା ଲୋକେ ଜାଣିବାକୁ ପାଇଥିଲେ। ତେବେ ଶିଶୁଟି କାହାର, କିଏ ଏବଂ କାହିଁକି ଫିଙ୍ଗି ଦେଇ ଗଲେ ତାହାର ସବିଶେଷ ତଥ୍ୟ ମିଳିପାରି ନାହିଁ। ଖବର ପଇ ରୂପସା ଆରପିଏଫ୍ ଓ ଜିଆରପି ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

# ସାଇବର ସୁରକ୍ଷା ସଚେତନତା

ରାଇରଙ୍ଗପୁର, ୧୨।୧୧(ସମିସ): ଯଶିପୁର ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ସଂଯୁକ୍ତା ମହାଲିକଙ୍କ ନେତୃତ୍ୱରେ ଥାନା ପରିସରରୁ ସାଇବର ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା। ଯଶିପୁର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆଲୋଚନା ସଭା କରାଯାଇ ସାଇବର ଅପରାଧରୁ ମୁକ୍ତି ପାଇଁ ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଏହି ରଥ ମହାରଦାପଳସା, ଯଶିପୁର କଲେଜ, ଭଞ୍ଜକିଆ ସ୍ଥିତ ଚୈତନ୍ୟ ପ୍ରସାଦ ମହାବିଦ୍ୟାଳୟ, ସିପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯାନକୁ ସଫଳ କରିବା ପାଇଁ ଥାନା ଅଧିକାରୀଣି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଯଶିପୁର ଗସ୍ତରେ ଥିବା ୬ ଜଣ ଆଇଏଏସ୍ ଏବଂ ଆଇପିଏସ୍ ଶିକ୍ଷାନବୀସ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ସାଇବର ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଏସପି ଦୀପକ ଗୋଛାୟତ ଓ ଡିଏସପି ସବିତା ମାଝୀ ଯୋଗଦେଇ ସାଇବର ଅପରାଧର ପୃଷ୍ଠଭୂମି, ସୋସିଆଲ ମିଡିଆ ବ୍ୟବହାର, ଅନଲାଇନ ଆର୍ଥିକ କାରବାରରେ ହେଉଥିବା ଠକେଇ ସଂକ୍ରାନ୍ତ ବିସ୍ତୃତ ଆଲୋଚନା କରିଥିଲେ।। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ମେଜର ଦେବେନ୍ଦ୍ର ନାଥ ଦାସ, ବିଡିଓ ମାଧବ ଚନ୍ଦ୍ର ବିରୁଆ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖା ପ୍ରବନ୍ଧକ ଭକ୍ତ ରାମ ମେହେର୍, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଧୂଣ୍ଡା ମୁଣ୍ଡା, ସାମ୍ବାଦିକ ବିରଞ୍ଚି ନାରାୟଣ ସାହୁ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସାମ୍ବାଦିକ ଦିଲ୍ଲୀପ କୁମାର ସାହୁ ସଭା ପରିଚାଳନା କରିଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୀଳଗିରି ଗସ୍ତ

ନୀଳଗିରି, ୧୨।୧୧ (ସମିସ): ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ନଭେମ୍ବର ୧୩ ଉପଲକ୍ଷେ ସମଗ୍ର ଭାରତବର୍ଷରେ ଏକତା ପଦଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ମଧ୍ୟ ୩ଟି ସ୍ଥାନରେ ଏହି ପଦଯାତ୍ରା ଅନୁଷ୍ଠିତ ହେବ। ନୀଳଗିରି ଗଡଜାତ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣହୋଇ ଏକ ଉଦାହରଣ ପାଲଟିଥିବା ବେଳେ ଅନ୍ୟ ଗଡଜାତ ମାନଙ୍କ ପାଇଁ ପଥପ୍ରଦର୍ଶକ ସାଜିଥିଲା। ତେଣୁ ଏଭଳି ମହାନମାଟିରୁ ଓଡ଼ିଶାରୁ ପ୍ରଥମେ ଏକତା ପଦଯାତ୍ରା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ହେଲିକପ୍ଟରରେ ଆସି ସକାଳ ୮ଟାରେ ନୀଳଗିରି ପୁଲିସ ପଡିଆରେ ଆୟୋଜିତ ଏକତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନୀଳଗିରିକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଥିବାବେଳେ ମଙ୍ଗଳବାର ନୀଳଗିରି ଡାକବଙ୍ଗଳା ପରିସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଏବଂ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା।

# ଜଙ୍ଗଲରେ ବାଘ ଖାଇଗଲା ୬ ଛେଳି

ଠାକୁରମୁଣ୍ଡା, ୧୨।୧୧(ସମିସ): ଠାକୁରମୁଣ୍ଡା ଏବଂ ପୁଡାଡିହା ବନ୍ୟ ପ୍ରାଣୀ ରେଞ୍ଜ ଅଞ୍ଚଳରେ ଦୁଇଦିନ ମଧ୍ୟରେ ବାଘ ୬ଟି ଛେଳି ମାରି



ଖାଇଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ କିରିକିଚିପାଳ ଗ୍ରାମର ତାରାମଣି ବଡନାୟକ ଓ ପିନି ଦାସ ରବିବାର ଗ୍ରାମ ନିକଟ ପୁଡାଡ଼ିହା ରେଞ୍ଜ ଅଧୀନ ଏସଏଲ ୧୫ର ମଝି ବଣ ଜଙ୍ଗଲ ଭିତରେ ଛେଳି ଚରିବାକୁ ଛାଡିଦେଇ ଆସିଥିଲେ। ଅପରାହ୍ନରେ ଜଙ୍ଗଲରୁ ଛେଳି ତାଙ୍କ ଘରକୁ ଦୌଡ଼ି ଆସିଥିଲେ। ପରେ ଆଉ କିଛି ଛେଳି ଘରକୁ ନ ଫେରିବାରୁ ଜଙ୍ଗଲ ଭିତରେ ଖୋଜିଥିଲେ; ହେଲେ ଛେଳିକୁ ପାଇ ନ ଥିଲେ। ସୋମବାର ପୁଣି ଜଙ୍ଗଲକୁ ଯାଇ ଖୋଜିବା ପରେ ୩ଟି ଛେଳି ଶରୀରର କିଛି ଅଂଶକୁ ପାଇଥିଲେ। ଅନ୍ୟ ୨ଟି ଛେଳିର ସନ୍ଧାନ ପାଇ ନ ଥିଲେ। ମୃତ ଛେଳି ନିକଟରେ ବାଘର ପାଦ ଚିହ୍ନ ଦେଖିଥିଲେ। ତେଣୁ ବାଘ ଛେଳିକୁ ମାରି ଖାଇଦେଇଥିବା ପିନି ଦାସ କହିଛନ୍ତି। ସେହିପରି ଠାକୁରମୁଣ୍ଡା ରେଞ୍ଜ ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅସନକୁଦର ଗ୍ରାମର ରାମଚନ୍ଦ୍ର ସୟ ନିକଟ ଆମ୍ବୁଲାଘୁଟୁ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିବା ବେଳେ ସେଥିରୁ ଗୋଟିଏ ଛେଳିକୁ ବାଘ ଆକ୍ରମଣ କରି ଖାଇଦେଇଛି। ସମସ୍ତ ଛେଳିକୁ କଲରାପତରିଆ ବାଘ ଆକ୍ରମଣ କରି ଖାଇଦେଇଥିବା କୁହାଯାଉଛି।

# ରାଇରଙ୍ଗପୁରରେ ଖୋଲିବ ‘ଇଗ୍ନୁ’ ଆଞ୍ଚଳିକ କେନ୍ଦ୍ର

ରାଇରଙ୍ଗପୁର, ୧୨।୧୧(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗନୁ) ଆଞ୍ଚଳିକ କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ଖୋଲିବାକୁ ଯାଉଛି। ଏନେଇ ବୁଧବାର ଏକ ପ୍ରତିନିଧି ଟିମ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। କେନ୍ଦ୍ର ସ୍ଥାପନ ନେଇ ସମସ୍ତ ପ୍ରକ୍ରିୟା ଚୂଡାନ୍ତ ହୋଇଛି। ଟିମ ପକ୍ଷରୁ ସ୍ଥାନ ଚୟନ ହେଉଥିବା ବେଳେ ବର୍ତ୍ତମାନ ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ କରାଯିବ। ବଡବଜାର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଇଗନୁ ଆଞ୍ଚଳିକ କେନ୍ଦ୍ର ଆରମ୍ଭ ହେବ। ଯାହାକୁ ନେଇ ପ୍ରତିନିଧି ଦଳ କଲ୍ୟାଣ ମଣ୍ଡପ ମଧ୍ୟ ପରିଦର୍ଶନ କରିଥିଲେ। କେନ୍ଦ୍ରରେ କିପରି ଶିକ୍ଷାଦାନ ବ୍ୟବସ୍ଥା ରହିବ ସେନେଇ ଆଲୋଚନା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରି ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ। କେନ୍ଦ୍ର ପ୍ରତିଷ୍ଠା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିପତି ଆନନ୍ଦ କୁମାର ସୋନି ବିଜ୍ଞପ୍ତି ପ୍ରକାଶ କରିଥିଲେ। ପୂର୍ବରୁ ଭୁବନେଶ୍ୱର ଠାରେ ଆଞ୍ଚଳିକ କେନ୍ଦ୍ର ଥିବା ବେଳେ ବାରିପଦା ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା; କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗନୁ ପକ୍ଷରୁ ଓଡ଼ିଶାର ୪ଟି ଜୋନରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ରାଇରଙ୍ଗପୁର ଠାରେ କେନ୍ଦ୍ର ସ୍ଥାପନ କରାଯିବ। ଏହି କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ରହିବ। ଉକ୍ତ ଜିଲ୍ଲାର ସମସ୍ତ ଇଗନୁ ପରୀକ୍ଷା କେନ୍ଦ୍ର ମୟୂରଭଞ୍ଜ ଜିଲ୍ଲାର ଆଞ୍ଚଳିକ କେନ୍ଦ୍ର ଅଧିନରେ ରହିବ ବୋଲି ସୂଚନା ଦିଆଯାଇଛି।

# ନିଖୋଜ ନାବାଳିକା ବାଲେଶ୍ୱର ଷ୍ଟେସନରୁ ଉଦ୍ଧାର

ବେତନଟୀ, ୧୨।୧୧(ସମିସ): ବେତନଟୀରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯିବାର ଉଦ୍ୟମ ହେଉଥିବାବେଳେ ଜିଆରପି ପୁଲିସ ବାଲେଶ୍ୱର ଷ୍ଟେସନରୁ ଉଦ୍ଧାର କରିଛି। ପରେ ଉକ୍ତ ନାବାଳିକାଙ୍କୁ ତାଙ୍କ ପରିବାର ଜିମା ଦେଇଛି। ସୂଚନା ମୁତାବକ, ବେତନଟୀ ଡାକ୍ତରଖାନା ପଛପଟେ ବସବାସ କରୁଥିବା କାନ୍ଦୁରୁ ସିଂ ଜଣେ ଦିନମଜୁରିଆ। ସେ ଡାକ୍ତରଖାନା ଛକରେ ଥିବା ବ୍ୟବସାୟୀ ଶଶଧର ପଣ୍ଡାଙ୍କ ସିମେଣ୍ଟ ଗୋଦାମରେ କାମ କରନ୍ତି। ସୋମବାର ସକାଳେ ହଠାତ୍ ତାଙ୍କ ନାବାଳିକା ଝିଅ ଜଣଙ୍କ ଘରୁ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ବହୁ ଖୋଜଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ରେଳଷ୍ଟେସନ ପରିସରସ୍ଥ ଜିଆରପି ଥାନା ପୁଲିସ ଉକ୍ତ ନାବାଳିକାଙ୍କୁ ଉଦ୍ଧାରକରି ପଚରାଉଚୁରା କରିଥିଲେ। ନାବାଳିକା ଜଣକ ନିଜଘର ବେତନଟୀ ଉପକଣ୍ଠ ସଠିଲୋ ଗ୍ରାମରେ ବୋଲି ଜିଆରପିକୁ କହିଥିଲା। ବାପା କାନ୍ଦୁରୁ ସିଂ ଡାକ୍ତରଖାନା ଛକରେ ଥିବା ପଣ୍ଡାବାବୁଙ୍କ ସିମେଣ୍ଟ ଗୋଦାମରେ କାମ କରନ୍ତି ବୋଲି କହିଥିଲା। ପରେ ଜିଆରପି ଶଶଧର ପଣ୍ଡାଙ୍କୁ ଯୋଗାଯୋଗ ପରେ କାନ୍ଦୁରୁ ସିଂ ନିଜର ନିଖୋଜ ଝିଅ ବାବଦରେ ଖବର ପାଇଥିଲେ। ଏହାପରେ କାନ୍ଦୁରୁ ନିଜର ସ୍ତ୍ରୀ ସହିତ ବାଲେଶ୍ୱର ଯାଇ ଜିଆରପି ଥାନାରୁ ନିଜର ନାବାଳିକା ଝିଅକୁ ସୁରକ୍ଷିତ ଭାବରେ ଉଦ୍ଧାରକରି ନିଜ ହେପାଜତରେ ନେଇ ଘରକୁ ଫେରିଛନ୍ତି।

# ପରିବ୍ୟାପ୍ତ ହେଉଛି ରାଇରଙ୍ଗପୁର ସହର

## ବଢୁଛି ଅପରାଧିକ କାର୍ଯ୍ୟକଳାପ

ରାଇରଙ୍ଗପୁର, ୧୨।୧୧(ସମିସ):

ରାଇରଙ୍ଗପୁର ସହର ଦିନକୁ ଦିନ ପରିବ୍ୟାପ୍ତ ହେବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧିକୁ ତାଳ ଦେଇ ଗୃହ, ଦୋକାନ ବଜାର ଆଦି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ସହର ପରିସୀମା ବଢ଼ିବା ସମେତ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି। ତାହାକୁ ନିୟନ୍ତ୍ରଣ କରିବାକୁ ରାଇରଙ୍ଗପୁର ଟାଉନ ଥାନା ଅଧୀନରେ ଏକ ପୁଲିସ ଫାଣ୍ଡିର ପ୍ରତିଷ୍ଠା କରିବା ଆବଶ୍ୟକତା ରହିଛି। ରାଇରଙ୍ଗପୁର ପୌରାଞ୍ଚଳର ୧୬ଟି ୱାର୍ଡ ଓ ରାଇରଙ୍ଗପୁର ବ୍ଲକର କିଛି ଅଞ୍ଚଳକୁ ନେଇ ରାଇରଙ୍ଗପୁର ଟାଉନ ଥାନା ରହିଛି; କିନ୍ତୁ ତାହା ବର୍ତ୍ତମାନ ସମୟର ପରିବ୍ୟାପ୍ତ ରାଇରଙ୍ଗପୁର ସହରବାସୀଙ୍କୁ ପୁଲିସ ସେବା ଠିକ ଭାବେ ଯୋଗାଇ ପାରୁନାହିଁ। ଯାହାକୁ ନେଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଉନ ଥାନାରେ ୨ଟି ପାଟ୍ରୋଲିଂ ଗାଡି ଥିବା ବେଳେ କର୍ମଚାରୀ ମଧ୍ୟ ଅଭାବ ରହିଛି। କୌଣସି ଅଘଟଣ ଘଟିଲେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରେ ମଧ୍ୟ ଅସୁବିଧା ହେଉଛି। ବହୁ ବର୍ଷ ପୂର୍ବେ ରାଇରଙ୍ଗପୁର ସହରର ଅଁଳାଡୁବାଠାରେ ଏକ ପୁଲିସ ଫାଣ୍ଡି ଥିଲା; ହେଲେ କାଳକ୍ରମେ ତାହା ବନ୍ଦ ହୋଇଗଲା। ସହର ପାଇଁ ଗୋଟିଏ ଟାଉନ ଥାନା ଥିବାରୁ ଲୋକେ ନାନାଦି ହଇରାଣ ହରକତ ହେଉଛନ୍ତି। ସହରରେ ନିୟମିତ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହି ସହର ଝାରଖଣ୍ଡ ସୀମାନ୍ତବର୍ତ୍ତି ହୋଇଥିବାରୁ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଲୋକଙ୍କ ସମସ୍ୟା ତ୍ୱରିତ ସମାଧାନ ହୋଇ ପାରୁନାହିଁ। ରାଇରଙ୍ଗପୁର ଟାଉନ ଥାନାରେ ଗତ ୨୦୨୪ ମସିହା ଶେଷ ସୁଦ୍ଧା ୩୮୦ଟି ମାମଲା ରୁଜୁ ହୋଇଥିଲା। କିନ୍ତୁ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୩୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇ ସାରିଲାଣି। ସହର ଜନ ସଂଖ୍ୟା ବୃଦ୍ଧି ସମେତ ଅପରାଧିକ ମାମଲା ମଧ୍ୟ ବୃଦ୍ଧି ପାଉଛି। ତେଣୁକରି ରାଇରଙ୍ଗପୁର ସହରରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ନିହାତି ଆବଶ୍ୟକତା ରହିଛି। ଯାହା ଦ୍ୱାରା ଅପରାଧିକ ମାମଲା ତଦନ୍ତ ଖୁବଶୀଘ୍ର ହେବା ସମେତ ଲୋକେ ମଧ୍ୟ ଉପକୃତ ହୋଇପାରିବେ। ଏନେଇ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋକୁଳାନନ୍ଦ ସାହୁଙ୍କୁ ପଚାରିବାରୁ ରାଇରଙ୍ଗପୁର ସହରର ବର୍ଦ୍ଧିତ ଭୌଗୋଳିକ ସ୍ଥିତି ଦୃଷ୍ଟିରେ ରଖି ଫାଣ୍ଡି ପ୍ରତିଷ୍ଠା କରିବାକୁ ଅନୁମୋଦନ ହୋଇଛି ବୋଲି କହିଛନ୍ତି। ପୁରୁଣାଘାଟି ସ୍ଥିତ ରାଇରଙ୍ଗପୁର ମହାବିଦ୍ୟାଳୟ ନିକଟରେ ଫାଣ୍ଡି ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ତେବେ ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟି ଦେଇ ତୁରନ୍ତ ଫାଣ୍ଡି ସ୍ଥାପନ କରିବାକୁ ବିଭାଗୀୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# ଓଭରଲୋଡ଼ିଂ ପାଇଁ ହାଇୱାକୁ ଜରିମାନା

ରାଇରଙ୍ଗପୁର, ୧୨।୧୧(ସମିସ): ଏକ ଚିପ୍ସ ବୋଝେଇ ହାଇୱାକୁ ଜରିମାନା କରାଯାଇଛି। ରାଇରଙ୍ଗପୁର ସହରର ଜଗନ୍ନାଥ ମାର୍କେଟ ସ୍ଥିତ ମୁଖ୍ୟ ରାସ୍ତାରୁ ଚିପ୍ସ ବୋଝେଇ ହାଇୱା ଜବତ କରାଯିବା ସହିତ ତହସିଲଦାର, ପରିବହନ ବିଭାଗ ଓ ପୁଲିସର ମିଳିତ ଭାବେ ଚଢଉ କରି ଫାଇନ କରାଯାଇଛି। ହାଇୱାରେ ଚିପ୍ସ ବୋଝେଇ ହୋଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ଝରଣ ଗ୍ରାମକୁ ଯାଉଥିଲା। ହାଇୱା ଯାଞ୍ଚ ସମୟରେ କାଗଜପତ୍ର ଠିକ ଥିବାବେଳେ ଓଭର ଲୋର୍ଡିଂ ଯୋଗୁଁ ଫାଇନ କରାଯାଇଛି।

# ଅଲଇତୁନ ଆଶ୍ଳାର ଛାତ୍ରଛାତ୍ରୀଙ୍କ ଦାଣ୍ଡବୋଷ ପରିଦର୍ଶନ

ବହଳଦା, ୧୨।୧୧ (ସମିସ): ଝାରଖଣ୍ଡ ରାଜ୍ୟର ଟାଟାନଗର ଛଲାଗୋଡା ସ୍ଥିତ ବିର୍ସା ମେମୋରିଆଲ ଅଲଇତୁନ୍ ଆଶ୍ଳାର ୩୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଅଲଚିକି ଲିପିର ଉଦଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୈତୃକ ଗ୍ରାମ ଦାଣ୍ଡବୋଷ ପରିଦର୍ଶନ କରିଛନ୍ତି। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଚୁନିୟନ ରଘୁନ ମୁର୍ମୁ, ମୁଚିରାମ ମାଝୀ, ବୀର ବିକ୍ରମ ହେମ୍ବ୍ରମ ଏବଂ ସଲମା ମୁର୍ମୁ ପ୍ରମୁଖ ଗୁରୁଗୋମକେଙ୍କ କ୍ଷୁଦ୍ର ସଂଗ୍ରହାଳୟ, ଐତିହାସିକ କାହାଣୀ ଏବଂ କାପିବୁରୁର ରହସ୍ୟମୟ କାହାଣୀ ସହିତ ପରିଚିତ କରାଇବା ଏବଂ ଗୁରୁଗୋମକେଙ୍କ ସାଧନା ପୀଠ ଓ ସମାଧୀ ସ୍ଥଳ ପରିଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ଗୁରୁଗୋମକେଙ୍କ ସହ ଜଡିତ ଅନେକ ରୋଚକ ତଥ୍ୟ ସହିତ ଅବଗତ ହୋଇଥିଲେ।

# ପ୍ରୀତିପ୍ରଜ୍ଞା ଗୁରୁ, ଧୀରଜ କୁମାର ରାଉତ ମିସ୍ ଓ ମିଷ୍ଟର ଫ୍ରେସର

ବାରିପଦା, ୧୨।୧୧(ସମିସ): ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇଟିଇପି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ‘ଏହେସାସ’ ଉଦଯାପିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସହ ଅନ୍ୟବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉଦଯାପନୀ ସଭାରେ ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. ବିଦ୍ୟୁତ ପ୍ରଭା ଦାସ, ସହକାରୀ ପ୍ରଫେସର ଡ ସରୋଜ ନାୟକ, ଡ. ସଦାନନ୍ଦ ମେହେର, ଡ ନିରୁପମା ନାୟକ, ରାଜେନ୍ଦ୍ର ବେହେରା, ସବିତା ଶୋଭା ପ୍ରଧାନ, ସୁଶାନ୍ତ କୁମାର ରଣା, ମାନସ ରଞ୍ଜନ ବେହେରା, ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ



ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରତିଭା ଅନ୍ୱେଷଣରେ ଶେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଯଥାକ୍ରମେ ଧୀରଜ କୁମାର ରାଉତ ଓ ପ୍ରତିଜ୍ଞା ଗୁରୁଙ୍କୁ ଡ. ସରୋଜ ନାୟକ ମିଷ୍ଟର ଫ୍ରେସର ଓ ମିସ ଫ୍ରେସର ଭାବେ ସମ୍ବର୍ଦ୍ଧିତ କରିଥିଲେ।

## ମୟୂରଭଞ୍ଜରେ ବିନା ଲାଇସେନ୍ସରେ ଚାଲିଛି ମାଲମାଲ ପାଣି କମ୍ପାନୀ

# ବିଶୁଦ୍ଧ ନାଁରେ ଲୋକେ ପିଉଛନ୍ତି ବିଷ

ବାରିପଦା, ୧୨।୧୧ (ସମିସ):

ମୟୂରଭଞ୍ଜରେ ବିନା ଲାଇସେନ୍ସରେ ଚାଲିଛି ମାଲ ମାଲ ପାଣି କମ୍ପାନୀ। ଫଳରେ ଉକ୍ତ କମ୍ପାନୀଗୁଡିକ ବାରିପଦା ସହରବାସୀଙ୍କୁ ଶୁଦ୍ଧ ଜଳ ନାମରେ ବିଷ ପିଆଉଛନ୍ତି। ମୁନାଫା ଖୋର ବ୍ୟବସାୟୀ ସହର ସାରା ବିନା ଲାଇସେନ୍ସରେ ମାଲ ମାଲ ମିନେରାଲ

**● ଖାଦ୍ୟ ବିଭାଗ ପକ୍ଷରୁ କାରଖାନାରେ ଚଢ଼ଉ**

ପିଇବା ପାଣି କମ୍ପାନୀ ଖୋଲିଛନ୍ତି। ଏହି ସଂସ୍ଥା ଗୁଡ଼ିକ ଉପରେ କୌଣସି ବିଭାଗୀୟ ଅଙ୍କୁଶ ରହୁନାହିଁ। ତେଣୁ ଲୋକେ ଟଙ୍କା ଦେଇ ନିମ୍ନମାନର ପାଣି ପିଉଛନ୍ତି। ଏନେଇ ଅଭିଯୋଗ ହେବା ପରେ ବୁଧବାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପାଣି କମ୍ପାନୀରେ ଚଢ଼ଉ କରାଯାଇଥିଲା। ଷ୍ଟେସନ ବଜାରର ହେମିଲଟନ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ପାଣି କମ୍ପାନୀରେ ଚଢ଼ଉ ପରେ ଅନିୟମିତତା ହେଉଥିବା ନେଇ ଜଣାପଡିବା ପରେ ସଂପୃକ୍ତ ମାଲିକଙ୍କୁ ନୋଟିସ କରାଯାଇଛି।



ବିନା ବିଧିବଦ୍ଧ ଲାଇସେନ୍ସ ଓ ଲ୍ୟାବରେ ଏହାକୁ ସେ ଚଳାଉଥିଲେ। ସମସ୍ତ ବିଧିବଦ୍ଧ କାଗଜପତ୍ର ଆଇନଗତ ପ୍ରସ୍ତୁତ ପାଇଁ ନୋଟିସ ଜାରି କରିଛନ୍ତି। ତେବେ ବିଭାଗ ପକ୍ଷରୁ ନିୟମିତ ଏପରି ଦୃଢ ପଦକ୍ଷେପ ଗ୍ରହଣ କରାଗଲେ ନିମ୍ନମାନର ପିଇବା ପାଣି ବ୍ୟବସାୟ ଉପରେ ଅଙ୍କୁଶ ଆସିପାରନ୍ତା। ଏବେ ପ୍ରତି ହୋଟେଲ, ଉଠା ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲ, ସାମୂହିକ କାର୍ଯ୍ୟକ୍ରମ ଆଦିରେ ଏପରି ଶୁଦ୍ଧ ମିନେରାଲ ପିଇବା ପାଣି ଜାର ଓ ବୋତଲର ବେଶ ଚାହିଦା ଦେଖିବାକୁ ମିଳୁଛି। ସହରସାରା ଛତୁ ଫୁଟିଲା ଭଳି ବିଭିନ୍ନ ନାମରେ ଜଳ ଯୋଗାଣ ସଂସ୍ଥା ମାନ ଖୋଲିଛି। କିନ୍ତୁ ଶୁଦ୍ଧ, ଗୁଣବତ୍ତା ନିର୍ଦ୍ଧାରଣ ନାହିଁ। ଯାହାକି ଗ୍ରାହକ ଶୁଦ୍ଧ ପାଣି ନାମରେ ବିଷ ପିଉଛନ୍ତି। ଜଳର ଶୁଦ୍ଧତା ପାଇଁ ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକୁ ପାଳନ କରୁନାହାଁନ୍ତି। ଆଉ, ଡିଟିଏସ ଏବଂ ଫିଲଟରିଂ ଆଦି ଠିକ ଭାବେ ମଧ୍ୟ ହେଉନାହିଁ। ପାଣି ଫିଲଟର ଗୁଡ଼ିକ ଏକ୍ସପାୟାରି ହେବା ପରେ ମଧ୍ୟ ବିନା ଶୁଦ୍ଧିକରଣରେ ବ୍ୟବସାୟୀ କରୁଛନ୍ତି। ପ୍ଲାଷ୍ଟିକ ଜାର ଗୁଡ଼ିକ ଦୁର୍ଗନ୍ଧ ମଧ୍ୟ ହେଉଛି ବୋଲି ଅନେକ ଗ୍ରାହକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ପାଣି ବ୍ୟବହାର କରି ବହୁ ଲୋକ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ଲଗାମ ନ ରହିବାରୁ ଏହି କାରବାର ବଢିଚାଲିଛି। ସେହିପରି କିଛି ମୁନାଫାଖୋର ବ୍ୟବସାୟୀ ପଡୋଶୀ ପଶ୍ଚିମବଙ୍ଗରୁ ଅନୁରୂପ କମ୍ପାନୀର ପିଇବା ପାଣି ବୋତଲ ଓ ଜାର ଆଣି ବ୍ୟବସାୟ ଚଳାଉଛନ୍ତି। ଏଥିପ୍ରତି ମଧ୍ୟ ଯାଞ୍ଚ ଜରୁରୀ।

ସକାଳ
THE SAKALA



# ସଚେତନ ହେଲେ ସାଇବର ଅପରାଧ ରୋକାଯାଇ ପାରିବ






ଦେବଗଡ଼,୧୨।୧୧(ସମିସ)

ଏକମାସ ବ୍ୟାପୀ ପାଳିତ ହେଉଥିବା ସାଇବର ସୁରକ୍ଷା ଅଭିଯାନ ଅବସରରେ ଏହି ବାର୍ତ୍ତା ନେଇ ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ବୁଧବାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳେ ଦେବଗଡ଼ ଇନଡୋର ଷ୍ଟାଡିୟମରୁ ପଦଯାତ୍ରା ବାହାରିଥିଲା। ଅତିଥିଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏସ୍‌ପି ଶ୍ରୀ ମିଶ୍ର ସଚେତନ ହେଲେ ସାଇବର ଅପରାଧ ରୋକାଯାଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଏଣୁ କୌଣସି ବ୍ୟକ୍ତିଙ୍କୁ ଓଟିପି, ପାସୱାର୍ଡ, ବ୍ୟକ୍ତିଗତ ତଥ୍ୟ କିମ୍ବା କୌଣସି ଡକ୍ୟୁମେଣ୍ଟ ନ ଦେବା ପାଇଁ ସଚେତନ କରିଥିଲେ। କୌଣସି ସନ୍ଦେହ ହେଲେ ତୁରନ୍ତ ପୁଲିସର ସହାୟତା ନେବାକୁ ସେ ଆହ୍ୱାନ ଦେଇଥିଲେ। ସଚେତନତା ପାଇଁ ପୁଲିସ ପକ୍ଷରୁ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ଛକ ଏବଂ ସାହି ଗଳିରେ ପାଲା, ଦାସକାଠିଆ ଓ ଦଣ୍ଡନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଲୋକଙ୍କୁ ସଚେତନ କରାଯାଉଛି। ସେହିପରି ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜନସାଧାରଣଙ୍କୁ ଲିଫ୍‌ଲେଟ୍ ବଣ୍ଟନ କରି ସଚେତନ କରାଯାଉଥିବା ଏସ୍‌ପି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମକୁ ଡିଆଇବି ଡିଏସପି ପବିତ୍ର କିଷାନ ସଂଯୋଜନା କରିଥିଲେ। ଏସ୍‌ଡିପିଓ ରମେଶ ମାହାନା, ଏଚ୍‌ଆର୍‌ପିସି ଡିଏସ୍‌ପି ଅମୂଲ୍ୟ ପୂନମ ଲାକ୍ରା, ଭାରତୀୟ ଷ୍ଟେଟବ୍ୟାଙ୍କ, ଦେବଗଡ଼ ଶାଖାର ମୁଖ୍ୟ ପରିଚାଳକ ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖା ପରିଚାଳକଙ୍କ ସମେତ ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ରିଜର୍ଭ ଇନ୍ସପେକ୍ଟର, ଗୃହରକ୍ଷୀ, ବିଭିନ୍ନ ବିଭାଗର ଅଧିକାରୀ, ପୁଲିସ କର୍ମଚାରୀ ଏବଂ ସ୍କୁଲ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି ସନ୍ଧ୍ୟାରେ ପୌରାଞ୍ଚଳର ବିଭିନ୍ନ ଜନଗହଳି ପୂର୍ଣ୍ଣ ଛକ ମାନଙ୍କରେ ଜିଲ୍ଲା ପୁଲିସ ପକ୍ଷରୁ ଭିଡିଓ ମାଧ୍ୟମରେ ସାଇବର ସଚେତନତା ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା।

## ପୁଲିସ ପକ୍ଷରୁ ସାଇବର୍ କ୍ରାଇମ ସଚେତନତା

ଝାରସୁଗୁଡ଼ା/ଲଇକେରା/କିର୍ମିରା: ଓଡ଼ିଶା ପୁଲିସ ଓ ଝାରସୁଗୁଡ଼ା ପୁଲିସର ସହଯୋଗରେ ଲଇକେରା ଥାନା ପକ୍ଷରୁ ବୁଧବାର ସାଇବର ସଚେତନତା ରଥ ପହଁଞ୍ଚି ଏକ ବିରାଟ ରାଲି ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଛି। ଥାନାଧିକାରୀ ଦିଲୀପ ବେହେରାଙ୍କର ନେତୃତ୍ୱରେ ଝାରସୁଗୁଡ଼ା ସାଇବର ସେଲର ଇନ୍ସପେକ୍ଟର ବନ୍ଦନା ନାଏକ ଏଥିରେ ଯୋଗ ଦେଇଥିଲେ। ଓପିଏମପି ବାଳିକା ବିଦ୍ୟାଳୟ ଓଡ଼ିଆ ପାଲିର ଶତାଧିକ ଛାତ୍ରୀ, ଲଇକେରା ଗାଁର ସଚେତନ ନାଗରିକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଏସଏଚଜି ଗ୍ରୁପ୍‌ର ମହିଳା, ସାମ୍ବାଦିକ, ଓକିଲ ମାନଙ୍କୁ ନେଇ ଲଇକେରା ଥାନା ପରିସରରୁ ଏକ ବିରାଟ ରାଲି ବାହାରି ଗୋପାଳ ଛକ ପର୍ଯ୍ୟନ୍ତ ଯାଇଥିଲା। ପୁଣି ଲଇକେରା ଜଗନ୍ନାଥ ମନ୍ଦିର ଦେଇ ଗାଁ ପରିକ୍ରମା କରି ଥାନାରେ ଶେଷ ହୋଇଥିଲା। ଥାନା ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଓପିଏମପି ବାଳିକା ବିଦ୍ୟାଳୟ ଓଡ଼ିଆ ପାଲିର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଇନ୍ସପେକ୍ଟର ଶିବରଣବିଡା, ସବ ଇନ୍ସପେକ୍ଟର ଲକ୍ଷ୍ମୀ ପ୍ରିୟା ମଲ୍ଲିକ, ଭୁପାଳ ଚନ୍ଦ୍ର ବେହେରା, ମନୋଜ ବେହେରା, ରାମୁରଞ୍ଜନ ମିଶ୍ର, ରମେଶ ମେହେଣା, ଦୟାକରଣ ଅଗ୍ରୱାଲ, ଅର୍ଜୁନ ମେହେର, ଦିଲିପ ବେହେରା, ଗଣ୍ଡାରାମ ବେହେରା, ସୌଭାଗ୍ୟ ପଟେଲ, ବୈରାଗୀ ପଟେଲ, କାର୍ତ୍ତିକ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଥାନାଧିକାରୀ ଶ୍ରୀ ବେହେରା ସମାଜର ବର୍ତ୍ତମାନ ଚାଲିଥିବା ବିଭିନ୍ନ ସାଇବର ଠକେଇ, ଅନ୍ଧ ବିଶ୍ୱାସ, କୁ-ସଂସ୍କାର, ନାବାଳିକା ବିବାହ, ନିଶା ନିବାରଣ, ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ସହିତ ଭାରତୀୟ ନ୍ୟାୟ ସଂହିତା ଓ ଆଇନ ବିଷୟରେ ବୁଝାଇଥିଲେ। ସାହାସପୁର ଓ ବାଗଡିହି ଫାଣ୍ଡି ଅଧିକାରୀଙ୍କ ସହିତ ଲଇକେରା ଥାନାର ସମସ୍ତ ପୁଲିସ, ସାମ୍ବାଦିକ ଭରତ ପାତ୍ର, ଦେବେନ୍ଦ୍ର ବେହେରା, ରଞ୍ଜନ ମେହେର, ଚିରଞ୍ଜିବି ଅଗ୍ରୱାଲ, ଅଜୟ ଶର୍ମା, କୁଞ୍ଜ ବିହାରୀ ପଟେଲ, ଡିଲେଶ୍ୱର ବାଗ ସହଯୋଗ କରିଥିଲେ। ସମ୍ବାଦ ସାହିତ୍ୟ ଘରର ସଦସ୍ୟ ଅନିରୁଦ୍ଧ ଜୟପୁରିଆ କବିତା ମାଧ୍ୟମରେ ସାଇବର କ୍ରାଇମ ଉପରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

## ବାଗଡିହି ବନାଞ୍ଚଳ ତରଫରୁ ଗଜସାଥୀ ତାଲିମ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୨।୧୧(ସମିସ): ଝାରସୁଗୁଡ଼ା ବନଖଣ୍ଡ ବାଗଡିହି ବନାଞ୍ଚଳ ତରଫରୁ ବାଗଡିହି କାର୍ଯ୍ୟାଳୟଠାରେ ଗଜସାଥୀଙ୍କ ଦିନିକିଆ ଦକ୍ଷତାବୃଦ୍ଧି ତାଲିମ ଶିବିର ବାଗଡିହି ବନାଞ୍ଚଳ ଅଧିକାରୀ ବନ୍ଦନା ପସାୟତଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହଲ୍ଲାଦ ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିବେଶ ସମିତିର ମେମ୍ବର ତାପସ ରାୟ ଚୌଧୁରୀ, ବେଣୁଧର ଚୌଧୁରୀ, ପ୍ରେମ ଚୌହାନ ପ୍ରମୁଖ ଯୋଗ ଦେଇଥିଲେ। ବାଗଡିହି ବନାଞ୍ଚଳରେ ପ୍ରାୟ ସମୟରେ ହାତୀ ଚଳପ୍ରଚଳ କରିଥାନ୍ତି। ହାତୀଙ୍କ ସୁରକ୍ଷା ସହ ଧନଜୀବନ ସୁରକ୍ଷା ପାଇଁ ଗଜସାଥୀଙ୍କ କର୍ତ୍ତବ୍ୟ ଉପରେ ଶିବିରରେ ତାଲିମ ପ୍ରଦାନ କରାଯାଇଥିଲା। ବିଗତ ଦିନରେ ଗଜ ସୁରକ୍ଷା ପ୍ରତି ନିଃସ୍ୱାର୍ଥ ଅବଦାନ ଯୋଗୁ ଭୀମଯୋର ବନ ସୁରକ୍ଷା ସମିତିର କୋଷାଧ୍ୟକ୍ଷ ସନାତନ ପିଙ୍ଗଙ୍କୁ କାର୍ଯ୍ୟକ୍ରମରେ ବାଗଡିହି ବନାଞ୍ଚଳ ତରଫରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଗଡିହି ବନାଞ୍ଚଳ ଅନ୍ତର୍ଗତ ୧୫ଟି ବନ ସୁରକ୍ଷା ସମିତିର ସମୁଦାୟ ୭୫ଜଣ ଗଜସାଥୀ ତାଲିମରେ ଅଂଶଗ୍ରହଣ କରିଥିଲେ। ବାଗଡିହି ବନାଞ୍ଚଳର ଉଭୟ ଫରେଷ୍ଟର ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ୱାକାଥନ ଓ ସ୍ୱାସ୍ଥ୍ୟ ପରୀକ୍ଷା




ଝାରସୁଗୁଡ଼ା,୧୨।୧୧(ସମିସ): ଟିଆରଏଲ କ୍ରୋସାକି ପକ୍ଷରୁ ଆସନ୍ତା ୧୪ ତାରିଖରେ ବିଶ୍ୱ ମଧୁମେହ ଦିବସ ପାଳନ କରାଯିବ। ଟିଆରଏଲ ମେଡିକାଲ ଏବଂ କିମ୍ସର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ୧୩ ତାରିଖ ସନ୍ଧ୍ୟାରେ ବିଶେଷଜ୍ଞ ଡାକ୍ତର ମାନଙ୍କୁ ନେଇ ଡାଏବେଟିସ ମ୍ୟାନେଜମେଣ୍ଟ ବିଷୟରେ ଏକ ଆଲୋଚନାଚକ୍ର କରାଯିବ। ୧୪ ତାରିଖ ସକାଳେ ଅଟଳ ଛକରୁ ଜୁବିଲି ହଲ ଯାଏଁ ଏକ ୱାକାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାପରେ ଜୁବିଲି ହଲରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ ଅନୁଷ୍ଠିତ ହେବ। ଏଥିରେ ଟିଆରଏଲ ଏବଂ କିମ୍ସ ଭୁବନେଶ୍ୱରର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଚିକିତ୍ସା ଯୋଗାଇଦେବେ। ମଧୁମେୟ, ରକ୍ତଚାପ, ଥାଇରଏଡ, ବିଏମଡି, ଇସିଜି ପରୀକ୍ଷା ସହ ଡାକ୍ତରୀ ପରାମର୍ଶ ଦିଆଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ତୁଷାରକାନ୍ତି ଦାସ ସୂଚନା ଦେଇଛନ୍ତି। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ ଅନିରୁଦ୍ଧ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କମଳା ରସ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ



ଦେବଗଡ଼,୧୨।୧୧(ସମିସ): ରିଆମାଳ ବ୍ଲକ୍ ଅଧୀନ ବୁଢ଼ାପାଳ ଠାରେ କମଳାରସ ପ୍ରକ୍ରିୟା କରଣ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଓରମାସ ଡେପୁଟି ସିଓ ରବୀନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ କୃଷି ବୈଜ୍ଞାନିକ କ୍ଷିରୋଦ ବିଶ୍ୱାଳ, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶିଶିର ଷଡଙ୍ଗୀ ଓ ବୁଢ଼ାପାଳ ସରପଞ୍ଚ ପ୍ରମୁଖ କମଳାରସ ପ୍ରକ୍ରିୟା କରଣ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। କମଳାରସ ପ୍ରକ୍ରିୟା କରଣ ସ୍ଥାପନ କରାଯିବା ଫଳରେ ଅଞ୍ଚଳର କମଳା ଚାଷୀଙ୍କ ଠାରୁ କମଳା ସଂଗ୍ରହ କରାଯାଇ କମଳାରସ ବାହାର କରି ବଟଲିଂ କରାଯାଇ ବିକ୍ରୟ କରାଯାଇପାରିବ। ଏହାଦ୍ୱାରା ଅଞ୍ଚଳର କମଳା ଚାଷୀ ଅଭାବୀ ବିକ୍ରିରୁ ମୁକ୍ତି ପାଇବା ସହ ଆର୍ଥିକ ଲାଭବାନ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି।

## ଅୱଦ କିଶୋର ପାଣ୍ଡେ ହେଲେ ଏମ୍‌ସିଏଲ୍ ନିର୍ଦ୍ଦେଶକ



ଇବଥର୍ମାଲ,୧୨।୧୧(ସମିସ): ଏମସିଏଲ୍ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ ମହାନଦୀ କୋଲଫିଲ୍ଡ୍ସ ଲିମିଟେଡ (ଏମସିଏଲ)ର ଡାଇରେକ୍ଟର (ଟେକ୍ନିକାଲ, ପ୍ରୋଜେକ୍ଟ ଓ ପ୍ଲାନିଂ) ପଦବୀ ସକାଶେ ଯୋଗ୍ୟତା ହାସଲ କରିଛନ୍ତି। ଏ ସକ୍ରାନ୍ତରେ ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଚୟନ ବୋର୍ଡ ପକ୍ଷରୁ ଗତକାଲି ୧୧ ତାରିଖ ଚୟନ ପ୍ରକ୍ରିୟା ହୋଇଥିଲା। ଭାରତବର୍ଷର ବିଭିନ୍ନ କୋଲଫିଲ୍ଡ୍ସରେ କାର୍ଯ୍ୟରତ ମହାପ୍ରବନ୍ଧକ, ମୁଖ୍ୟ ମହାପ୍ରବନ୍ଧକ, ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ପଦ ପଦବୀରେ ଥିବା ମୋଟ ୯ ଜଣ ବରିଷ୍ଠ ଅଧିକାରୀ ଆବେଦନକାରୀ ଥିଲେ। ହେଲେ କମିଟି ଶ୍ରୀ ପାଣ୍ଡେଙ୍କୁ ଏହି ପଦବୀ ସକାଶେ ଚୟନ କରିଥିଲା। ଗତକାଲି ରାତିରେ ଏହାର ଫଳାଫଳ ହସ୍ତଗତ ହୋଇଥିଲା। ଫଳରେ ଆଜି ସକାଳେ ସମଗ୍ର ଲଖନପୁର କୋଇଲା କ୍ଷେତ୍ରର ସମସ୍ତ ଅଧିକାରୀ ଓ ଶ୍ରମିକ ସଂଗଠନ ଗୁଡିକର ନେତୃମଣ୍ଡଳୀ ମହାପ୍ରବନ୍ଧକ କାର୍ଯ୍ୟାଳୟ ଯାଇ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଶ୍ରୀ ପାଣ୍ଡେଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପାଣ୍ଡେ ଅଳ୍ପଦିନ ହେଲା ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଭାବେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ ଇବ୍ ଭ୍ୟାଲି ଏରିଆ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧ ନଭେମ୍ବରରେ କୋଲ୍ ଇଣ୍ଡିଆ ଲିମିଟେଡ ମୁଖ୍ୟ କାର୍ଯ୍ୟାଳୟ କଲିକତା ଠାରେ ଶ୍ରେଷ୍ଠ ମହାପ୍ରବନ୍ଧକ ୨୦୨୪-୨୫ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଯେଉଁଠି କାମ କଲେବି ସମାଜ ଓ ଦେଶ ପାଇଁ ମନଦେଇ ନିଷ୍ଠାର ସହ କାର୍ଯ୍ୟ କରିବା ମୋର ଲକ୍ଷ ବୋଲି 'ସକାଳ'କୁ ଶ୍ରୀ ପାଣ୍ଡେ ତାଙ୍କ ସାକ୍ଷାତକାରରେ କହିଛନ୍ତି।

## ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଇବଥର୍ମାଲ,୧୨।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ବଜାରପଡା ଠାରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ଆସନ୍ତା ୧୪ ତାରିଖ ଦିନ ସମ୍ପନ୍ନ ହେବ। ଗତକାଲି ସମ୍ବଲପୁର ସମଲେଶ୍ୱରୀଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଗୁମାଡେରା ଗୌରୀ ଶଙ୍କର ମନ୍ଦିରରୁ ବାହାରି ବେଲପାହାଡ ସମଲେଇ ମନ୍ଦିରରେ ପହଞ୍ଚିଥିଲା। ଆଜି ଦ୍ୱିତୀୟ ଦିନରେ ସକାଳେ ସୂର୍ଯ୍ୟପୂଜା, ଧାନ୍ୟାଭିଷେକ, ଅନ୍ନଭିଷେକ, ସ୍ନାନ ମଣ୍ଡପରେ ଦେବତା ସ୍ନାନ କାର୍ଯ୍ୟ ସମ୍ପନ୍ନ କରାଯାଇ ଚଣ୍ଡୀ ପାଠ କରାଯାଇଥିଲା। ପରେ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା ହେବାସହ ପାଶ୍ୱର୍ ଦେବତା ଆବାହନ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶିବ ପ୍ରସାଦ ଶତପଥୀ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ଡ.ପ୍ରଦୀପ ମିଶ୍ର ଓ ତାଙ୍କ ସହଯୋଗୀ ମାନେ ପୂଜାର୍ଚ୍ଚନା କରୁଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ୧୬ ବର୍ଷର ନିରନ୍ତର ପ୍ରଚେଷ୍ଟା ତଥା ମାଁ ସମଲେଇଙ୍କ ଅପାର କରୁଣା ବଳରେ ମନ୍ଦିର କାର୍ଯ୍ୟ ସମ୍ପନ୍ନ ହୋଇପାରିଛି। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟପ୍ରକାଶ ମହାନ୍ତି, ପ୍ରତିଷ୍ଠା କମିଟି ସଭାପତି ମନୋଜ ଅଗ୍ରୱାଲ, ସାଧାରଣ ସମ୍ପାଦକ ବିଜ୍ଞାନ ସ୍ୱାଇଁ, ସମ୍ପାଦକ ପ୍ରଫୁଲ୍ଲ ରଥ, ଉପସଭାପତି ମକରଧ୍ୱଜ ଖମାରୀ, ପ୍ରଚଣ୍ଡ ଜୟସ୍ୱାଲ, କୋଷାଧ୍ୟକ୍ଷ ବଂଶୀଧର ପାଣିଗ୍ରାହୀ, ଉପଦେଷ୍ଟା ଗୋପୀନାଥ ବେହେରା, ରମେଶ ଚନ୍ଦ୍ର ଢୋଲ, ଶିବ ପ୍ରସାଦ ଶତପଥୀ, ଜଗଦୀଶ ମେହେର, ନିରଞ୍ଜନ ରଥ, ଲିଙ୍ଗରାଜ ସାହୁ, ଧର୍ମେନ୍ଦ୍ର ମେହେର, ଧର୍ମେନ୍ଦ୍ର ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ଦେବଗଡ଼,୧୨।୧୧(ସମିସ): ତିଲେଇବଣି ବ୍ଲକ୍ ଅଞ୍ଚଳର ଚାଷୀଙ୍କ ଅଭିବୃଦ୍ଧି ଓ ସମୃଦ୍ଧି ନେଇ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ବୁଧବାର ତିଲେଇବଣି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଅରୁଣ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର, ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଉପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ହେଲେ ଜିଲ୍ଲା ତଥା ରାଜ୍ୟର ବିକାଶ ହେବ; ଏଣୁ ଚାଷୀ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଉପକୃତ ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗର ୧୨ଟି ଷ୍ଟଲ୍ ଖୋଲା ଯାଇଥିଲା।



## ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୨।୧୧(ସମିସ): ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର କାର୍ଯ୍ୟକ୍ରମ ବୁଧବାର ୱାର୍ଡ ନଂ ୨ ସ୍ଥିତ ପୌରପରିଷଦ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଯାଇଛି। ପୌର ପରିଷଦ ପକ୍ଷରୁ ପୌର କଲ୍ୟାଣ ମଣ୍ଡପ ଠାରେ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଚକ୍ଷୁ ବିଶେଷଜ୍ଞ ଡ.ଅରୁଣ ପ୍ରସାଦ ଭୋଇଁଆ, ଔଷଧ ବିଶେଷଜ୍ଞ ଡ.ବି.ଡି ମହାନ୍ତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ସତ୍ୟଜିତ ବେରୁଆ, କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ଡ.ଶଙ୍କର ପ୍ରସାଦ ପଣ୍ଡା, ଶ୍ରବଣ ବିଶେଷଜ୍ଞ ଡ.ଗୋପବନ୍ଧୁ ମହାନ୍ତି, ଶାରୀରିକ ବିଶେଷଜ୍ଞ ଡ.ସରୋଜ ମହାପାତ୍ର ଓ ଡ.ଅର୍ଚ୍ଚନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସୁନିଲ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଆଦିତ୍ୟ ବାଦୀଙ୍କ ସହ ପରିଷଦର ସଭ୍ୟ କହାଇଁ ଚରଣ ଶେଠ୍, ବିଭୀଷଣ ରାଉତଙ୍କ ସହିତ ପରିଷଦ ବିରେନ ମିତ୍ର ବେହେରା, ପରମେଶ୍ୱର ପଟେଲ, ଡ.ଦିଲୀପ ନାୟକ, ବିନୋଦ ଜେନା, ଆଦିତ୍ୟ ପତ୍ର, ଦିଲୀପ ଜେନା, ପଙ୍କଜ ଲୋଚନ ସାହୁ ତପନ ମିଶ୍ର, ନିତ୍ୟନନ୍ଦ ରଥ, ରବୀନ୍ଦ୍ର ଦରଡିଆଙ୍କ ସମେତ ଅନ୍ୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶିବିରରେ ୬୧ ହିତାଧିକାରୀଙ୍କୁ ପରୀକ୍ଷା ସହ ଚିହ୍ନଟ କରାଯାଇଥିଲା। ଶିବିରକୁ ଶୈଳେଶ ବହିଦାର, ଗୁରୁଦେବ ପ୍ରଧାନ, ବାସନ୍ତୀ ପ୍ରଧାନ, ଅଲିଭା ତାଣ୍ଡି, ନବୀନକୁଲୁ, ଅମନ ପଟେଲ, କ୍ଷୀରୋଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ସଞ୍ଚାର ଲୋକବାଦ୍ୟ ପୁନରୁଦ୍ଧାର ନିମନ୍ତେ ଦୀକ୍ଷାନ୍ତ କାର୍ଯ୍ୟକ୍ରମ

ଝାରବନ୍ଧ,୧୨।୧୧(ସମିସ): ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଦ୍ୱାରା ଆୟୋଜିତ 'ଦୀକ୍ଷାନ୍ତ' କାର୍ଯ୍ୟକ୍ରମ ଝାରବନ୍ଧ ବ୍ଲକ୍ ବୈତାଳି ଗାଁରେ ଅନୁଷ୍ଠିତ ହୋଇଯାଇଛି। ଏହାଦ୍ୱାରା ଲୁପ୍ତ ପ୍ରାୟ ଲୋକବାଦ୍ୟ ସଞ୍ଚାରର ପୁନରୁଦ୍ଧାର ନିମନ୍ତେ ଗୁରୁ ଶିଷ୍ୟ ପରମ୍ପରା ମାଧ୍ୟମରେ ଦୀର୍ଘ ପାଞ୍ଚ ମାସ ଧରି ଶିକ୍ଷା ଦେବା ଯୋଜନା ରହିଛି। ଲୋକକଳା ବିଶେଷଜ୍ଞ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଭ୍ୟରଞ୍ଜନ ସାହୁ ସମ୍ବଲପୁରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଅଶୋକ ବହିଦାର, ଅମଠି ଗ୍ରାପ ସରପଞ୍ଚ ଶାନ୍ତି ଥପା, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ମୋତିଲାଲ ବାଗ, କଳାକାର ଯୋଗେଶ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସମାଜରେ ସଞ୍ଚାର କଳାର ସ୍ଥିତି ଏବଂ ତାହାର ରକ୍ଷଣାବେକ୍ଷଣା ସହିତ ତାଲିମର ଆବଶ୍ୟକତା ବିଷୟରେ ମତାମତ ପ୍ରଦାନ କରିଥିଲେ। ଏହି ସଞ୍ଚାର ପ୍ରଶିକ୍ଷଣ ଶିବିରରେ ଗୁରୁ ଚକ୍ରପାଣି ସେଠଙ୍କ ସହିତ ଶିଷ୍ୟ କଳାକାର ଘନଶ୍ୟାମ ନାଗ, ରୋହିତ ତାଣ୍ଡି, ମଣି ଛତର, କୃପାସିନ୍ଧୁ ଦିପ, ବ୍ରହ୍ମା ବନଛୋର, ଆଦି ମୁନା, କପୁର ଚନ୍ଦ ଛତର, ଡୋଳାମଣୀ କୁମ୍ଭାର, ଗଣେଶ କୁମ୍ଭାର ଏବଂ କମ୍ପପାଣି ସେଠ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଚାର କଳା ପ୍ରତି ଆଗ୍ରହୀ ଯୁବ କଳାକାରଙ୍କୁ ସାମିଲ କରିବା ସହିତ ସଞ୍ଚାର କଳାର ସମସ୍ତ ଦିଗ ଉପରେ ତାଲିମ ପ୍ରଦାନ କରାଯିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିବା ସୂଚନା ରହିଛି।

## ବିକାଶ ନର୍ସିଂ କଲେଜ ଦ୍ୱାରା ବିଶ୍ୱ ନିମୋନିଆ ଦିବସ

ବରଗଡ଼,୧୨।୧୧(ସମିସ): ବିକାଶ ନର୍ସିଂ କଲେଜ ଦ୍ୱାରା ବୁଧବାର ତୋରା ଅଞ୍ଚଳର ଟାଙ୍ଗରପଡା ଠାରେ ବିଶ୍ୱ ନିମୋନିଆ ଦିବସ ପାଳନ କରାଯାଇଛି। ଶିଶୁ ମାନଙ୍କୁ ନିମୋନିଆରୁ ରକ୍ଷା କରିବା ଏହାର ଉଦ୍ଦେଶ୍ୟ ରହିଥିଲା। ବିକାଶ ନର୍ସିଂ କଲେଜର ଅଧକ୍ଷା ଦୀପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ଏବଂ ଅଧ୍ୟାପିକା ନିର୍ମଳା ବିରୋ ଓ ଅଧ୍ୟାପକ ପ୍ରତ୍ୟୁଷ ପଣ୍ଡାଙ୍କ ସମର୍ଥନରେ କାର୍ଯ୍ୟକ୍ରମ ଅନିଷ୍ଠିତ ହୋଇଥିଲା। ନାଗେନପାଲି ସ୍ଥିତ ଗୋଷ୍ଠୀ ସାସ୍ଥ୍ୟ ଅଧିକାରୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ବିକାଶ ନର୍ସିଂ କଲେଜର ବିଏସ୍‌ସି ନର୍ସିଂ ଦ୍ୱିତୀୟ ସେମିଷ୍ଟାରର ଛାତ୍ରଛାତ୍ରୀ ନିମୋନିଆର ନିରାକରଣ ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ସ୍ଥାନୀୟ ଲୋକମାନଙ୍କୁ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ସଚେତନ ବାର୍ତ୍ତା ପ୍ରଦାନ କରାଯାଇଥିଲା।

## ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼,୧୨।୧୧(ସମିସ): ଅତାବିରା ବ୍ଲକ୍ ଜାଙ୍ଗେଡ ପଞ୍ଚାୟତ ଅଧୀନ ସୋଡ଼ାପାଲି ଗାଁରେ ବାବା ବୈଦ୍ୟନାଥ ଶିବ ମନ୍ଦିର ଓ ମାଁ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଧା ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ତଥା ଗାଁର ଗୌନ୍ତିଆ ଦଧିବାମନ ଶତପଥୀ, ପ୍ରମେୟର ବରଗଡ଼ ଜିଲ୍ଲା ପ୍ରସାର ମୁଖ୍ୟ ନିହାରରଞ୍ଜନ ପ୍ରଧାନ, ପ୍ରତିଦିନର ଜିଲ୍ଲା ପ୍ରତିନିଧି ତୁଳସୀ ଚରଣ ଦାଶ, ପଣ୍ଡିତ ହରିରାମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାନୁଆରୀ ୧୯ରୁ ୨୩ ତାରିଖ ୫ ଦିନ ବ୍ୟାପୀ ପ୍ରତିଷ୍ଠା ଉତ୍ସବରେ ଗୌନ୍ତିଆ ଦଧିବାମନ ଶତପଥୀ ଓ ତାଙ୍କ ଧର୍ମପତ୍ନୀ ସୌଦାମିନୀ ଶତପଥୀ କର୍ତ୍ତା ଭାବେ ପୂଜା କାର୍ଯ୍ୟନିର୍ବାହ କରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଫୁଲୁ ସାହୁ, ଛାଲୁ ବୁଡେକ, ରାମାୟଣ ସାହୁ, ସୀତାରାମ ବାରିକ, ମକରଧ୍ୱଜ ସାହୁ, ମୁରଲୀ ସାହୁ, ବିକାଶ ଗଡତିଆ, ଭାଗିରଥି ବିଶ୍ୱାଳ, କୁମ୍ଭକର୍ଣ୍ଣ ମିର୍ଦ୍ଧା, ବାବୁଲୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ରାଜପୁରର ପ୍ରସିଦ୍ଧ ଗୋକୁଳାଷ୍ଟମୀ ଯାତ୍ରା ଧୁମଧାମରେ ପାଳିତ

ଝାରସୁଗୁଡ଼ା,୧୨।୧୧(ସମିସ)



ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ରାଜପୁର ଗାଁରେ ପ୍ରଥମାଷ୍ଟମୀ ଯାତ୍ରା ତଥା ଗୋକୁଳାଷ୍ଟମୀ ଯାତ୍ରା ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ଦିନ ପାଳନ କରାଯାଇଥାଏ। ଆଜିର ଦିନରେ ମା' ମାନେ ଜ୍ୟେଷ୍ଠ ସନ୍ତାନକୁ ବନ୍ଦାପନା କରିବା ସହିତ ତାର ସୁଖସମୃଦ୍ଧି ଓ ଦୀର୍ଘ ଜୀବନ କାମନା ପାଇଁ ପୂଜା ଆରାଧନା କରିଥାନ୍ତି। ହେଲେ ବହୁ ବର୍ଷ ପୂର୍ବରୁ ରାଜପୁର ଗାଁରେ ପ୍ରଥମାଷ୍ଟମୀରେ ଗୋ ଆରାଧନାର ପର୍ବ ଗୋକୁଳାଷ୍ଟମୀ ଯାତ୍ରା ପାରମ୍ପରିକ ଭାବେ ପାଳିତ ହୋଇଆସୁଛି। ଚାଷକୁ ଗୁରୁତ୍ୱ ପ୍ରଦାନ କରିବା ସହିତ ଗୋ ସମ୍ପଦର ସୁରକ୍ଷା ନେଇ ରାଜପୁର ଜମିଦାର ରାୟ ବାହାଦୂର ମଧୁକର ସାଏଙ୍କ ଅମଳରେ ଏହି ପରମ୍ପରା ଆରମ୍ଭ ହୋଇଥିବା ଲୋକେ କୁହନ୍ତି। ସମଗ୍ର ପଶ୍ଚିମ ଓଡ଼ିଶାରେ ରାଜପୁର ଗାଁର ଗୋକୁଳାଷ୍ଟମୀ ଯାତ୍ରାର ବେଶ ସୁଖ୍ୟାତି ରହିଛି। ପ୍ରଥମାଷ୍ଟମୀ ଅବସରରେ ବୁଧବାର ସକାଳୁ ରାଜପୁର ଜଗନ୍ନାଥ ମନ୍ଦିରରେ ଥିବା ରାଧାକୃଷ୍ଣ ବିଗ୍ରହଙ୍କୁ ରାଜପୁରୋହିତ ପ୍ରଦୀପ ପାଟଯୋଶୀ ଶୃଙ୍ଗାର ବେଶ କରିଥିଲେ। ପରେ ଅଖଣ୍ଡ ଦୀପ ସ୍ଥାପନ, ହୋମ, ଆଳତି ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ପଣ୍ଡିତ ସଞ୍ଜୀବ ମିଶ୍ର, ରାମ ପ୍ରସାଦ ମିଶ୍ର, ମନୋଜ ମିଶ୍ର, ମୋତିଲାଲ ମିଶ୍ର, ବାସୁଦେବ ଦାସ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଜମିଦାର ବଂଶଜ ଗିରୀଶ ସାଏ, ପ୍ରମୋଦ ସାଏ, ପୂର୍ବତନ ବିଧାୟକ ଅନୁପ ସାଏଙ୍କ ସମେତ ସାଏ ପରିବାର ସାମିଲ ଥିଲେ। ଅପରାହ୍ନରେ ଭକ୍ତ ମାନେ ରାଧାକୃଷ୍ଣ ବିଗ୍ରହଙ୍କୁ ମନ୍ଦିରରୁ ସୁସଜ୍ଜିତ ବିମାନରେ ନଗର ଭ୍ରମଣ କରିଥିଲେ। ଗଉଡ ବାଡି, ଝାଞ୍ଜର ନୃତ୍ୟ, ସମ୍ପ୍ରଦା ମଣ୍ଡଳୀ ଶୋଭାଯାତ୍ରାରେ ସାମିଲ ଥିଲା। ସନ୍ଧ୍ୟାରେ ପ୍ରବଳ ଥଣ୍ଡା ପାଗ ସତ୍ତ୍ୱେ ରାଜପୁର ଉପକଣ୍ଠ ବଡ କଟାଠାରେ ଯାତ୍ରା ଦେଖିବାକୁ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଧାକୃଷ୍ଣଙ୍କ ବିଗ୍ରହ ସେହି ସ୍ଥାନରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ଏବଂ ଆଳତି କରାଯାଇଥିଲା। ପରେ ଗାଇଗୋରୁଙ୍କୁ ଖେଚୁଡି ଭୋଗ ଲାଗି କରାଯାଇଥିଲା। ସେଠାରୁ ପୁଣି ରାଧାକୃଷ୍ଣଙ୍କ ବିଗ୍ରହ ଗୋଧନ ପଡିଆରୁ ଦେଓଗାଁ, ରୁଗୁଡିଡ଼ିପା, ମଝିଆପଡା, ରାଜପୁର ସମଲେଇ ମନ୍ଦିର ଦେଇ ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହା ସହିତ ରାତ୍ରିରେ ରାଜପୁର ଗାଁରେ ସଞ୍ଚାର ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ନିଃଶୁଳ୍କରେ ୦ରୁ ୧୭ ବର୍ଷ ଯାଏଁ ପିଲାଙ୍କ 'ଆଧାର' ନୂଆ କରିବା ଅପେକ୍ଷାରେ ଲୋକେ**

# ଅଦ୍ୟାବଧି ହୋଇନାହିଁ ସଫ୍ଟୱେର୍ ଅପ୍‌ଡେଟ୍

ନିରାକାରପୁର,୧୨।୧୧(ସମିସ)

ଭାରତୀୟ ଏକକ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏକ ଲୋକାଭିମୁଖୀ ପଦକ୍ଷେପକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ୫ ବର୍ଷରୁ କମ୍ ପିଲାଙ୍କ ଫଟୋ, ନାମ, ଜନ୍ମ ତାରିଖ, ଲିଙ୍ଗ, ଜନ୍ମ ତାରିଖ, ଠିକଣା ଏବଂ ଜନ୍ମ ପ୍ରମାଣପତ୍ର ଦେଇ ଆଧାର ପଞ୍ଜୀକରଣ କରିବାର ବ୍ୟବସ୍ଥା ରଖାଯାଇଛି। ଆଧାର ଏକ ନିହାତି ଆବଶ୍ୟକୀୟ ଡକ୍ୟୁମେଣ୍ଟ ଯାହାକି ପ୍ରତ୍ୟେକ କାର୍ଯ୍ୟରେ ତଥା ସ୍କୁଲ ନାମଲେଖା, ପ୍ରବେଶିକା ପରୀକ୍ଷା, ଛାତ୍ରବୃତ୍ତି, ଡିବିଟି (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର) ଯୋଜନା ପାଇବାରେ ସୁଗମ ବ୍ୟବହାର ସୁନିଶ୍ଚିତ କରିଥାଏ। ୦ରୁ ୫ ବର୍ଷର ପିଲାଙ୍କର ଆଧାର ନୂଆ କରିବା ପାଇଁ ୭୫ ଟଙ୍କା ଥିବାବେଳେ ବର୍ତ୍ତମାନ ୟୁଆଇଡିଏଆଇ ବିଭାଗ ତରଫରୁ ନିଃଶୁଳ୍କ କରାଯାଇଛି। ୫ ବର୍ଷରୁ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କର ଆଧାର ଜେନେରସନ ପାଇଁ ୧୨୫ ଟଙ୍କା ଥିବାବେଳେ ବର୍ତ୍ତମାନ ନିଃଶୁଳ୍କ କରାଯାଇଛି। ୫-୭ ବର୍ଷ ଏବଂ ୧୫ରୁ ୧୭




ବର୍ଷ ବ୍ୟକ୍ତିଙ୍କ ବାୟୋମେଟ୍ରିକ୍ ଅପ୍‌ଡେଟ୍ ନିଃଶୁଳ୍କ ଥିବାବେଳେ ୭-୧୫ ବର୍ଷ ଏବଂ ୧୭ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ୧୨୫ ଟଙ୍କା ଦେଇ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍ କରିପାରିବେ ଏବଂ ଯଦି ଖାଲି ରହୁଥିବା ସ୍ଥାନ ବା ଠିକଣା ଅପ୍‌ଡେଟ୍ କରିବାକୁ ଚାହୁଁଛନ୍ତି ତାହେଲେ କେବଳ ୭୫ ଟଙ୍କା ଦେବା ପାଇଁ ଗତ ସେପ୍ଟେମ୍ବର ୧୯ ତାରିଖରେ ଜଣାଇ ଦିଆଯାଇଛି; ଯାହାକି ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୨୦୨୮ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାକୁ ଆଖି ଆଗରେ ରଖି ଖୋର୍ଦ୍ଧା ଜିଲ୍ଲାପାଳ ଚିଠି ନମ୍ବର- ୧୫୮୪୨ ତା ୪.୯.୨୦୨୫ରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀମାନଙ୍କୁ ଆଧାର କ୍ୟାମ୍ପ୍ ମାଧ୍ୟମରେ ୦-୫ ବର୍ଷ ଏବଂ ୬-୧୮ ବର୍ଷ ପିଲାଙ୍କର ଆଧାର ନୂଆ କରିବା ଏବଂ ଆଧାର ଅପ୍‌ଡେଟ୍ କରିବା ପାଇଁ ଆଦେଶ ଦେଇଛନ୍ତି। କୌଣସି ପିଲା ଯେମିତି କେହି ରହି ନ ଯାଆନ୍ତି ଏବଂ ସ୍କୁଲ, ଅଙ୍ଗନବାଡ଼ି, ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଆଧାର କ୍ୟାମ୍ପ୍ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧ରୁ ଏହି ନିଃଶୁଳ୍କ ବ୍ୟବସ୍ଥା ପାଇଁ ବ୍ୟବସ୍ଥା ହେବ ବୋଲି କୁହାଯାଇଥିଲେ ମଧ୍ୟ ଅଦ୍ୟାବଧି ଏହାର ସଫ୍ଟୱେର୍ ଅପ୍‌ଡେଟ୍ ହୋଇ ନ ଥିବା ଆଇଡିଧାରୀମାନେ କହିଛନ୍ତି।

ଖୋର୍ଦ୍ଧା ଜିଲ୍ଲାର ୨୫ ଜଣଙ୍କୁ ଆଧାର କାମ କରିବା ପାଇଁ ଆଇଡି ପ୍ରଦାନ କରାଯାଇଛି। ପୂର୍ବରୁ ଜନ ସେବା କେନ୍ଦ୍ର ହେଉ ବା ମୋ ସେବା କେନ୍ଦ୍ରର ମାଲିକମାନେ ଆଧାର ନୂଆ ହେଉ ବା ଅପ୍‌ଡେଟ୍ ପାଇଁ କୋଉଠି ୨୫୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ନେଉଥିବାର ଅଭିଯୋଗ ଆସୁଛି, ଯାହାକି ସୁଭଦ୍ରା ଅନ୍‌ଲାଇନ୍ ଆବେଦନବେଳେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ନିଃଶୁଳ୍କରେ ୦-୧୭ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ନିଃଶୁଳ୍କ ହୋଇଥିବାରୁ ଏଥିରେ ଅନେକ ଲୋକ ଉପକୃତ ହେବେ ବୋଲି ଜିଲ୍ଲାରେ ଆଲୋଚନା ହେଉଛି। କିନ୍ତୁ ଜିଲ୍ଲାରେ କେଉଁ ବିଦ୍ୟାଳୟରେ କେବେ କେଉଁଠି କ୍ୟାମ୍ପ୍ କରାଯିବ ସେଥିପାଇଁ ଖୋର୍ଦ୍ଧା ଜିଲ୍ଲା ଡିଇଜିଏମ୍ ମାନସ ମୋହନ ବ୍ରହ୍ମାଙ୍କୁ ପଚାରିବାରୁ ସେ କହିଲେ ଏ ନେଇ ତୁରନ୍ତ ପଦକ୍ଷେପ ନେଇ ଆଇଡି ପାଇଥିବା ବ୍ୟକ୍ତିମାନଙ୍କୁ ଡାକି ମିଟିଂ କରିବା ସହିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ କ୍ୟାମ୍ପ୍ କରିବା ପାଇଁ ବିଦ୍ୟାଳୟ ଲିଷ୍ଟ ଦେବାକୁ କହିବେ ବୋଲି କହିଥିଲେ। ଅକ୍ଟୋବର ୧ରୁ ନିଃଶୁଳ୍କ ବ୍ୟବସ୍ଥା କରିବାକୁ ଚିଠି ହୋଇଥିବାବେଳେ ଏପର୍ଯ୍ୟନ୍ତ ସଠିକ୍ ସମ୍ପୂର୍ଣ୍ଣ ଭାବେ ସଫ୍ଟୱେର୍ ଅପ୍‌ଡେଟ୍ ହୋଇନାହିଁ ବୋଲି କିଛି ଆଇଡିଧାରୀଙ୍କଠାରୁ ଜଣାପଡ଼ିଛି। ତେଣୁ ସେମାନେ ବିଭିନ୍ନ ପ୍ରଶ୍ନବାଚୀର ଶିକାର ହେଉଛନ୍ତି। କେନ୍ଦ୍ର ସରକାର ଦୈନନ୍ଦିନ ଆଧାର ଅପ୍‌ଡେଟ୍‌ରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବାବେଳେ ଏବେ ଜିଏସ୍‌ଟି କମାଇ ଆଧାର ଅପ୍‌ଡେଟ୍‌ରେ ମୂଲ୍ୟ ବୃଦ୍ଧି କରିଥିବାରୁ ସାଧାରଣରେ ନାପସନ୍ଦ କରାଯାଇଛି।

## ପତୁଆଁ ହେଲେ ମା' ଭଗବତୀ

ବାଲୁଗାଁ,୧୨।୧୧(ସମିସ): ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ପ୍ରଥମାଷ୍ଟମୀରେ ପତୁଆଁ ହୋଇଥିବା ଭଳି ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ଆରାଧ ଦେବୀ ମା' ଭଗବତୀ ମଧ୍ୟ ପ୍ରଥମାଷ୍ଟମୀରେ ପତୁଆଁ ହୋଇଛନ୍ତି। ଏହି ଅବସରରେ ପିତ୍ରାଳୟରୁ ଆସିଥିବା ନବ ପାଟବସ୍ତ୍ର ପରିଧାନ କରି ନୂଆ ବିରି, ନଡ଼ିଆ, ଗୁଡ଼ରେ ପ୍ରସ୍ତୁତ ଏଣ୍ଡୁରି ପିଠା ସହ ନାନାଦି ନୈବେଦ୍ୟ ଗ୍ରହଣ କରିବାର ଏକ ଅନନ୍ୟ ପରମ୍ପରା କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଛି। ଓଡ଼ିଆ ଘରର ପ୍ରତ୍ୟେକ ପର୍ବପର୍ବାଣୀ ଭଳି ପ୍ରଥମାଷ୍ଟମୀରେ ଇଷ୍ଟ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ଘରର ବଡ଼ ପୁଅ ବା ବଡ଼ଝିଅ ମାମୁ ଘରୁ ଆସିଥିବା ନବବସ୍ତ୍ର ପରିଧାନ କରି ବନ୍ଦାପନା କରାଯାଇ ବିଭିନ୍ନ ସ୍ୱାଦିଷ୍ଟ ପିଠାପଣା ଖାଇବା ପରମ୍ପରା ଓଡ଼ିଶାରେ ଏକ ପ୍ରମୁଖ ପରମ୍ପରା। ଦେବୀଙ୍କର ମାନବୀୟ ଲୀଳାର ଏହି ପରମ୍ପରା ଦେବୀ ଭଗବତୀ ପୀଠରେ ଶନିବାର ପ୍ରଥମାଷ୍ଟମୀ ପାଳନ ଅବସରରେ ପ୍ରତ୍ୟୁଷରୁ ମା'ଙ୍କ ଦ୍ୱାରଫିଟା, ଅଙ୍ଗରାଗ, ମାଜଣା ହୋଇ ମହାପ୍ରସାଦ ଅର୍ପଣ ପରେ ମଙ୍ଗଳ ଆଳତି ବଲ୍ଲଭ କରାଯାଇ ପିତା ଦକ୍ଷପ୍ରଜାପତିଙ୍କ ମନ୍ଦିରରୁ ପତୁଆଁ ଭାର ସହିତ ନୂତନ ବସ୍ତ୍ର ମା'ଙ୍କ ଛତିଶା ସେବକ ଦଣ୍ଡସେଣା ଆଣିଥିବା ନବ ପାଟବସ୍ତ୍ରରେ ମା'ଙ୍କୁ ବେଶ କରାଯାଇଥିଲା। ପରେ ଖେଚୁଡ଼ି, ଡାଲି, ଏଣ୍ଡୁରି ପିଠାରେ ଧୂପ କରାଯାଇ ଆଳତି କରାଯାଇଥିଲା। ପରେ ମା' ଭଗବତୀ



ଅପରୂପ ବେଶରେ ସର୍ବସାଧାରଣରେ ଦର୍ଶନ ଦେବାରେ ମା'ଙ୍କ ଏହି ପତୁଆଁ ବେଶ ଦର୍ଶନ ନିମନ୍ତେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ବାଣପୁରର ପ୍ରତ୍ୟକ୍ଷ ଦେବତା ଶ୍ରୀରଙ୍ଗନାଥ ଦେବ ଓ ଶ୍ରୀଚରଣ ଚକାଦେବଙ୍କ ପୀଠରେ ପ୍ରଥମାଷ୍ଟମୀରେ ପତୁଆଁ ଉତ୍ସବ ପାଳିତ ହୋଇଯାଇଛି।

**● ସଠିକ୍ ପରିଚାଳନା ହେଉନି ଇ-ଡେସ୍ପାଚ୍**

## ବିଭାଗୀୟ ସୂଚନା ପାଇବାରୁ ଲୋକେ ବଞ୍ଚିତ

ନିରାକାରପୁର,୧୨।୧୧(ସମିସ): ଇ-ଡେସ୍ପାଚ୍ ଓଡ଼ିଶାରେ ୨୦୦୯ରୁ ପ୍ରଣୟନ କରାଯାଇଛି। ଯାହାକି ସରକାରୀ ଚିଠି ଗ୍ରହଣ ଏବଂ ପ୍ରେରଣ ପାଇଁ ଉଦ୍ଦିଷ୍ଟ। ଯେଉଁଥିରେ ଜଣେ ସାଧାରଣ ଜନତାଠାରୁ ବିଭାଗୀୟ ଅଧିକାରୀ ଘରେ ବସି ଗ୍ରାମାଞ୍ଚଳ, ବ୍ଲକ୍, ଜିଲ୍ଲା ତଥା ରାଜ୍ୟରେ କ'ଣ ଘଟୁଛି ସମ୍ପୂର୍ଣ୍ଣ ବିଭାଗୀୟ ଖବର ମିଳିବାର ସୁବିଧା କରାଯାଇଛି। କିନ୍ତୁ ବର୍ତ୍ତମାନ ଏହାକୁ କମ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଇ-ଡେସ୍ପାଚ୍‌ରେ ଇ-ସ୍ପେସ୍‌ର ସୁବିଧା ମଧ୍ୟ ଅଛି, ଯେଉଁଥିରେ ଡାଟା ରଖିବା ପାଇଁ ପ୍ରଚୁର ସ୍ପେସ୍ ଥାଏ। ଜଣେ ସାଧାରଣ ଲୋକଠାରୁ ଆରମ୍ଭ କରି ଜିଲ୍ଲା ତଥା ବ୍ଲକ୍‌ର ଅଧିକାରୀ ଯେତେବେଳେ ଯୋଉ ମୁହୂର୍ତ୍ତରେ ଚାହିଁବେ ଚିଠି ନମ୍ବର ମାରି ଚିଠି ଡାଉନ୍‌ଲୋଡ୍ କରି କାଢ଼ିପାରିବେ। କେଉଁ ବିଭାଗର କ'ଣ କ'ଣ ସରକାରଙ୍କ ଯୋଜନା କେଉଁ ତାରିଖ ପର୍ଯ୍ୟନ୍ତ ମଧ୍ୟରେ ସାଧାରଣ ଲୋକେ ତା'ର ସୁବିଧା ଉଠେଇ ପାରିବେ ତାହା ହାତପାଆନ୍ତାରେ ଜାଣିପାରନ୍ତେ। ଜଣେ ଯଦି ଅଭିଯୋଗ ଦେଇଥାଏ ବିଭାଗୀୟ ଅଧିକାରୀ କ'ଣ ତା' ଉପରେ ପଦକ୍ଷେପ ନେଉଛନ୍ତି ତାହା ମଧ୍ୟ ଅଫିସକୁ ନ ଯାଇ ଜାଣି ହୋଇପାରନ୍ତା। ସଠିକ୍ ସମୟରେ ସଠିକ୍ ତଥ୍ୟ ନ ମିଳିବା ଫଳରେ ବିଭିନ୍ନ ବିଭାଗର ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଯାହାକି ବିଭିନ୍ନ ଅଧିକାରୀଙ୍କ ମଧ୍ୟରେ ସ୍ୱଚ୍ଛତା, ଆକାଉଣ୍ଟିବିଲିଟି, ରେକର୍ଡ କିପିଙ୍ଗ୍, ଟ୍ରାକିଂ ହୋଇପାରନ୍ତା। ଇ-ଡେସ୍ପାଚ୍ ଇ-ଡେସ୍କଟପ୍ ଆପ୍ଲିକେସନ ଏବଂ ଇ-ଡେସ୍ପାଚ୍ ସିଟିଜେନ୍ ମୋବାଇଲ୍ ଆପ୍ ଜରିଆରେ ଏସବୁ ସୁବିଧା ମିଳିପାରିବାର ଅଛି। କିନ୍ତୁ ଏହାକୁ ଜିଲ୍ଲା ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ଏହା ସଫଳ ରୂପାୟଣ ହୋଇପାରୁନି। ଯାହାକି ସରକାରଙ୍କଠାରୁ ଜନସାଧାରଣଙ୍କ ମଧ୍ୟରେ ଅଧିକ ଦୂରତା ସୃଷ୍ଟି କରୁଛି। ଖୋର୍ଦ୍ଧା ଜିଲ୍ଲାରେ କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ବାଣିଜ୍ୟ ଓ ପରିବହନ ବିଭାଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ଶକ୍ତି ବିଭାଗ, ଅବକାରୀ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ, ଜଙ୍ଗଲ , ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ସାଧାରଣ ପ୍ରଶାସନ ଏବଂ ସାର୍ବଜନୀନ ଅଭିଯୋଗ ବିଭାଗ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବର କଲ୍ୟାଣ, ଉଚ୍ଚଶିକ୍ଷା ବିଭାଗ ଆଦି ପ୍ରାୟ ୪୦ଟି ବିଭାଗ ଜିଲ୍ଲାପାଳଙ୍କ ଅଧୀନରେ କାର୍ଯ୍ୟ କରୁଛି। ପ୍ରତ୍ୟେକ ବିଭାଗକୁ ଆଇଡି, ପାସ୍‌ୱାର୍ଡ ଦିଆଯାଇଛି। ଯଦି ଅଧିକାରୀମାନେ ଏହାର ସଠିକ୍ ପରିଚାଳନା କରନ୍ତେ, ତାହେଲେ ସମସ୍ତେ ଏହାର ଲାଭ ପାଇପାରନ୍ତେ। କିନ୍ତୁ କେଉଁ ବିଭାଗରେ କ'ଣ ହେଉଛି ଲୋକେ ଜାଣିବାରେ ଅକ୍ଷମ ହେଉଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଉଛି।

**ପ୍ରଶାସନ ଓ ସାଧାରଣ ଲୋକଙ୍କୁ ଯୋଡ଼ିବାରେ ଇ-ଡେସ୍ପାଚ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ**

## ୧୪ରେ 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ସଚେତନତା ଶିବିର

ଖୋର୍ଦ୍ଧା,୧୨।୧୧(ସମିସ): ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାରଜନିତ ଏକ ସଚେତନତା ଶିବିର ଆସନ୍ତା ୧୪ ତାରିଖରେ ଜୟୀରାଜଗୁରୁ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହେବ। ଏହି ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କଗୁଡ଼ିକରେ ଦାବିହୀନ ଖାତା ସମ୍ବନ୍ଧୀୟ ବିସ୍ତୃତ ସୂଚନା ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବ। ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ୟାଙ୍କ ଓ ଅର୍ଥ ଲଗାଣକାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ଅଧିକାର ସଚେତନତା ଶିବିର ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶମତେ ଆୟୋଜନ କରାଯାଉଛି ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଭଗତ ବେହେରା ଓ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଅଜୟ ବେହେରା ସୂଚନା ଦେଇଛନ୍ତି।

## ପିଏନ୍ କଲେଜ ପଡ଼ିଆରେ ଅଣଛାତ୍ରଙ୍କ ବିପଦପୂର୍ଣ୍ଣ ଷ୍ଟଣ୍ଟ

ଖୋର୍ଦ୍ଧା,୧୨।୧୧(ସମିସ): ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ୍ ଏବେ ପାଲଟିଛି ଅଣଛାତ୍ରଙ୍କ ଆତଙ୍କ। ବିଭିନ୍ନ ସମୟରେ କଲେଜ ପରିସରରେ ପଶି ଅଣଛାତ୍ର ଆତଙ୍କ ଖେଳାଉଥିବାବେଳେ କେତେବେଳେ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କଲେଣି ତ ଆଉ କେତେବେଳେ କଲେଜ କର୍ତ୍ତୃପକ୍ଷ ଆକ୍ରମଣର ଶିକାର ହେଲେଣି। ଫଳରେ ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷ ଏନେଇ ବିରୋଧ କଲେ କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ କେତେକ ଯୁବକ ଓ କିଛି ଛାତ୍ର ସଂଗଠନର ପୂର୍ବତନ ଛାତ୍ରନେତାମାନେ ପଶି ଗାଳିଗୁଲଜ କରୁଥିବା ନଜିର୍ ରହିଛି। ସେହିପରି କଲେଜର ଜାତୀୟ ରାଜପଥ ସମ୍ମୁଖ କ୍ୟାମ୍ପସ୍ ମୁକୁଳା ପଡ଼ିଛି। ପଛପଟ ଗେଟ୍ ଦେଇ ସର୍ବସାଧାରଣ ଯାତାୟାତ ପାଇଁ ରାସ୍ତା ରହିଛି। ଫଳରେ ଏହାର କ୍ୟାମ୍ପସ୍ ଗେଟ୍ ଅହରହ ଖୋଲା ରହୁଛି। ଏହି ଗେଟ୍ ଦେଇ ଅଣଛାତ୍ରମାନେ ପ୍ରବେଶ କରି ଆତଙ୍କ ସୃଷ୍ଟି କରୁଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ସମୟରେ କେତେଜଣ ଅଣଛାତ୍ର ୨ଟି କାର୍ ଏବଂ ୨ଟି ବାଇକ୍ ଧରି ମହାବିଦ୍ୟାଳୟ ମୁକୁନ୍ଦପ୍ରସାଦ ପଟୁ



**କର୍ତ୍ତୃପକ୍ଷ ଓ ଅଣଛାତ୍ର ମୁହାଁମୁହିଁ; ଜଣେ ଅଟକ**

କ୍ୟାମ୍ପସ୍ ପଛପଟ ଗେଟ୍ ଦେଇ କ୍ୟାମ୍ପସ୍ ପରିସରକୁ ପ୍ରବେଶ କରି ଖେଳପଡ଼ିଆରେ ଓପନ କାର୍ ଓ ବାଇକ୍‌ରେ ଷ୍ଟଣ୍ଟ କରିଥିଲେ। ସେହି ସମୟରେ ଖେଳପଡ଼ିଆରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନେ ସେଠାରୁ ଭୟରେ ପଳାଇଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଏବଂ କେତେଜଣ ଛାତ୍ର ଏହାର ବିରୋଧ କରିଥିଲେ। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ଏବଂ ଅଣଛାତ୍ର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପୁଲିସ ପହଞ୍ଚିବା ଦେଖି ଅଣଛାତ୍ରମାନେ ଘଟଣାସ୍ଥଳରୁ ପଳାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ଅଭିଯୋଗ କ୍ରମେ ଶିଳ୍ପାଞ୍ଚଳ ପୁଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ଏନେଇ ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁଙ୍କୁ ପଚାରିବାରେ କଲେଜ କର୍ତ୍ତୃପକ୍ଷଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇଛୁ। ଖେଳପଡ଼ିଆରେ ବେଆଇନ ଷ୍ଟଣ୍ଟ କରୁଥିବା କାର୍ ଏବଂ ବାଇକ୍‌ଗୁଡ଼ିକର ନମ୍ବରକୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣକୁ ଧରାଯାଇଛି। ଖୁବ୍‌ଶୀଘ୍ର ବେଆଇନ ଷ୍ଟଣ୍ଟ କରିବା ଏବଂ କଲେଜ କର୍ତ୍ତୃପକ୍ଷଙ୍କୁ ଧମକ ଦେଇଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ।

## ନିଖୋଜ ବୃଦ୍ଧଙ୍କ ଗଳିତ ଶବ କୂଅରୁ ଉଦ୍ଧାର

ବେଗୁନିଆ,୧୨।୧୧(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଦାମୋଦର ସାହୁ(୬୫) ଗତ ରବିବାର ବଡ଼ି ଭୋର୍‌ରୁ କେଉଁଆଡ଼େ ଚାଲି ଯାଇଥିଲେ। ଏ ନେଇ ପୁଅ ଦିନବନ୍ଧୁ ପୁଲିସ ନିକଟରେ ଅଭିଯୋଗ କରିଥିବାବେଳେ ବୁଧବାର ବଡ଼ି ଭୋର୍‌ରୁ କୂଅରେ ଏକ ଶବ ଭାସୁଥିବାର ଦେଖିବାକୁ ମିଳିଥିଲା। ଏଥିରେ ବେଗୁନିଆ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଶବକୁ ଉଦ୍ଧାର କରି ପୁଲିସ ଜିମା ଦେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ବେଗୁନିଆ,୧୨।୧୧(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ



ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ନେତୃତ୍ୱ ଓ ବିଜ୍ଞାନ ଶିକ୍ଷକ ଅମୀୟ ରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଚାରକ ଭାବେ ରମାମଣି ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଶୈଳ ଝା, ବଡ଼ବେରଣା ଡିକେଏସ୍‌ଏନ୍ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ମହାରଣା ଓ ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଏହି ମେଳାରେ ୭୦ଟି ପ୍ରକଳ୍ପ ମଧ୍ୟରୁ ୬ଟି ପ୍ରକଳ୍ପକୁ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ନାରାୟଣ ମାନସିଂହ ଓ ଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

## ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା

ଖୋର୍ଦ୍ଧା,୧୨।୧୧(ସମିସ): ସ୍ଥାନୀୟ ଶିଆଳିଆସ୍ଥିତ ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ମୋଟ୍ ୩୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଚକ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ତଥା ବିଚାରକ ଭାବେ ପ୍ରାଣନାଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ବିଚାରକ ଭାବେ ବିଜେବି ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତା ଦାସ ଯୋଗଦେଇଥିଲେ। ବାଲ୍ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀରେ ଏକାଦଶ ଶ୍ରେଣୀର ଲକ୍ଷ୍ମୀପ୍ରିୟା ସୁବୁଦ୍ଧି (ମନୋରଞ୍ଜନ ଗାଣିତିକ ପ୍ରତିରୂପ)ରେ ପ୍ରଥମ, ଅଷ୍ଟମ ଶ୍ରେଣୀର ରିତେଶ ଭୂଜବଳ (ଉନ୍ନତ ଚାଷ)ରେ ଦ୍ୱିତୀୟ ଓ ସପ୍ତମ ଶ୍ରେଣୀର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ (ସବୁଜ ଶକ୍ତି)ରେ ତୃତୀୟ ହୋଇଥିଲେ। ଠିକ୍ ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ପ୍ରଥମରେ ଅଷ୍ଟମ ଶ୍ରେଣୀର ଶିବପ୍ରସାଦ ମହାନ୍ତି, ଦ୍ୱିତୀୟରେ ସପ୍ତମ ଶ୍ରେଣୀର ଶ୍ରୀୟାଂଶ ପାଣିଗ୍ରାହୀ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଅଂଶୁମାନ ବଳିଆରସିଂହ। ଜୀବ ବିଜ୍ଞାନ ଶିକ୍ଷୟିତ୍ରୀ ଅନିନ୍ଦିତା ସାହୁ ମାର୍ଗଦର୍ଶକ ଭାବେ ଦାୟିତ୍ୱ ତୁଲାଇଥିଲେ। ଶିବ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ସମସ୍ତ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା



ବେଗୁନିଆ,୧୨।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ସାଇବର ସେଲର ଇନ୍ସପେକ୍ଟର ସୁଚିତ୍ରାଙ୍କ ନେତୃତ୍ୱରେ ବାଘମାରୀ ପୁଲିସ ପକ୍ଷରୁ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପ ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜନସାଧାରଣ କିଭଳି ସାଇବର ଠକେଇର ଶିକାର ହେଉଛନ୍ତି ପୁଲିସ ପକ୍ଷରୁ ନାଚଗୀତ ଓ ସଙ୍ଗୀତ ମାଧ୍ୟମରେ ଅଭିନବ ପ୍ରୟାସରେ ସଚେତନତା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସମାଜସେବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି। ଏହାଦ୍ୱାରା ଜନସାଧାରଣ ସଚେତନ ରହିଲେ ସାଇବର ଠକେଇର ଶିକାର ହୋଇପାରିବ ନାହିଁ। ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ପୁଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

## ଗାଁରେ ପଶିଲେ ଦୁଇ ବଣୁଆ ହାତୀ; ଲୋକେ ଭୟଭୀତ

ବେଗୁନିଆ,୧୨।୧୧(ସମିସ): ବେଗୁନିଆ ବ୍ଲକ୍‌ରେ ୨ ଟିକିଆ ବଣୁଆ ହାତୀ ଚନ୍ଦକା ଜଙ୍ଗଲ ଅଞ୍ଚଳରୁ ଆସି ବିଚରଣ କରୁଥିବା ଯୋଗୁଁ ଜନସାଧାରଣରେ ଭୟ ସୃଷ୍ଟି ହୋଇଛି। ଯାହାକି ହାତୀ ଦୁଇଟି ମଙ୍ଗଳବାର ସରଧାପୁର, ବାମଡିହ ଓ ଚଣ୍ଡିଆପଲା ଗ୍ରାମରେ ବୁଲୁଥିବାର ଦେଖି ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟର ବନପାଳ ପ୍ରିୟଦର୍ଶିନୀ ସେଠୀ ଓ ସ୍କ୍ୱାଡ୍ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମେତ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେବେ ବୁଧବାର ସନ୍ଧ୍ୟାରେ ଖବର ଲେଖା ହେଲା ବେଳକୁ ହାତୀ ଦୁଇଟି ଛିଆମ ଗ୍ରାମ ନିକଟରେ ରହିଛନ୍ତି ବୋଲି ବନପାଳ ଶ୍ରୀମତୀ ସେଠୀ କହିଛନ୍ତି।

## ଦୀନବନ୍ଧୁ ମାର୍ଥାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା,୧୨।୧୧(ସମିସ): ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଉପଦେଷ୍ଟା ତଥା ଶିକ୍ଷାବିତ୍ ଦୀନବନ୍ଧୁ ମାର୍ଥାଙ୍କ ଏକାଦଶାହ ତିଥିରେ ଏକ ସ୍ମୃତିଚାରଣ ସଭା ଜନ୍ମସ୍ଥାନ କାୟାଠାରେ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମାର୍ଥା ପ୍ରଥମେ ତାପଙ୍ଗ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ପରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ଓ ପଦୋନ୍ନତି ପାଇ ଖୋର୍ଦ୍ଧା ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ପଦରୁ ଅବସର ନେଇଥିଲେ। ଜଣେ ଦକ୍ଷ ଗଣିତ ଶିକ୍ଷକ ଓ ସଂଗଠକ ଭାବରେ ତାଙ୍କର ସୁନାମ ଥିଲା। ତାଙ୍କ ସ୍ମୃତିଚାରଣ ସଭାରେ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରାକ୍ତନ ପ୍ରଧାନଶିକ୍ଷକ ବାମଦେବ ରାୟସିଂହ, ପଣ୍ଡିତ ହାଡ଼ିବନ୍ଧୁ ପଣ୍ଡା, ଜ୍ୟେଷ୍ଠ ଭ୍ରାତା ଦୈତାରୀ ମାର୍ଥା, ଦଳବେହେରା ସ୍ମୃତି ପରିଷଦର ସମ୍ପାଦକ ସଂଗ୍ରାମ କେଶରୀ ଜଗଦ୍ଦେବ ମଞ୍ଚାସୀନ ଥାଇ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଦାସ, କୁମର ବରିସଲ, ଦେବଶ୍ରୀ ମାର୍ଥା, ଶୁଭଶ୍ରୀ ମାର୍ଥା, ଲକ୍ଷ୍ମୀଧର ପଲେଇ, ଅଞ୍ଜନ କୁମାର ମାର୍ଥା, ରଞ୍ଜନ ପ୍ରଧାନ, ଦୀପକ ଜୟସିଂହ, ସୁନୀଲ କୁମାର ବୈରୀଗଞ୍ଜନ, ପ୍ରସନ୍ନ କୁମାର ଆଚାର୍ଯ୍ୟ, ଅଜାତ ପ୍ରସାଦ ବଡ଼ାଇ କରଣ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଦେବାଶିଷ ମାର୍ଥା, ଦିଲ୍ଲୀପ ଖଟୁଆ, ଶୁଭସ୍ମିତା ସ୍ୱାଇଁ କାର୍ଯ୍ୟ ପରିଚାଳନା କରିଥିବାବେଳେ ଅଞ୍ଜନ ବଳିଆରସିଂହ ଧନ୍ୟବାଦ ଦେଇଥିଲେ।



## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା


ଟାଙ୍ଗୀ


ବେଗୁନିଆ

ଟାଙ୍ଗୀ,୧୨।୧୧(ସମିସ)

ମତ୍ସ୍ୟ ଓ ପଶୁସମ୍ପଦର ବିକାଶ ସହିତ କୃଷିର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରାଷ୍ଟ୍ରର ବିକାଶ ପାଇଁ ଏଥିପ୍ରତି ଧ୍ୟାନଦେବାର ଆବଶ୍ୟକତାକୁ ଗୁରୁତ୍ୱର ଭାବେ ଗ୍ରହଣ କରିବା ଉଚିତ୍ ବୋଲି ବୁଧବାର ପଶୁଧନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମତବ୍ୟକ୍ତ କରିଛନ୍ତି। ଟାଙ୍ଗୀ ପଶୁ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଏହି ମେଳାରେ ଅନ୍ୟତମ ଅତିଥି ଭାବେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିମ୍ପା ମାନ୍‌ଧାତା, ମଣ୍ଡଳ ଉନ୍ନୟନ ଅଧିକାରୀ ରୁମାନା ଜାଫ୍ରି, ଭାଇସ୍ ଚେୟାରମ୍ୟାନ୍ ଦୁର୍ଗା ପ୍ରସାଦ ନାଥଶର୍ମା, ଟାଙ୍ଗୀ ପଞ୍ଚାୟତ ସରପଞ୍ଚ କିଶୋର କୁମାର ବେହେରା, ସହ ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର କାଣ୍ଡି, ଖୋର୍ଦ୍ଧା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀ ସଦାଶିବ ମହାପାତ୍ର, ପ୍ରାଣୀ ଚିକିତ୍ସା ଅଧିକାରୀ ଚନ୍ଦ୍ରମଣି ସାହୁ, ବ୍ଲକ୍ ମତ୍ସ୍ୟ ଅଧିକାରୀ ଆଲୋକ ସେଠୀ ଯୋଗଦେଇଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବ୍ଲକ୍ କୃଷି ଅଧିକାରୀ ସୌମେନ୍ଦ୍ର କୁମାର ବେହେରା, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ। ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା, କୃଷକ ଓ ମହିଳା ଗୋଷ୍ଠୀ ସଭ୍ୟାମାନେ ଭିନ୍ନ ଭିନ୍ନ ଷ୍ଟଲ୍‌ରେ ପୁଷ୍ଟି ଶସ୍ୟ ଖାଦ୍ୟମେଳା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ସୂଚନା ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ବିଧାୟକ ଶ୍ରୀ ଜଗଦ୍ଦେବ କାମଧେନୁର ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

**ବେଗୁନିଆ:** ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ପରିସରରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତା ଓ ବ୍ଲକ୍ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବନ୍ଦିତା ବେହେରାଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବିଡିଓ ସନ୍ତୋଷ କୁମାର ଜେନା, ତହସିଲ୍‌ଦାର ତାପସ ବିଶି, ଜିଲ୍ଲା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନରସିଂହ ମୁଣ୍ଡୁ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମୋନାଲିସା ଖଟୁଆ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ବୈଜ୍ଞାନିକ (ସୋଆ) ପ୍ରଫେସର ଭଗବାନ ଦାସ ଓ ନବକୃଷ୍ଣ ପ୍ରହରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରିବା ସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରୀତିଶ କୁମାର ରଥ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବ୍ଲକ୍ ମତ୍ସ୍ୟ ସହାୟକ ଅଧିକାରୀ ଚିନ୍ମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସହକାରୀ ଉଦ୍ୟାନ କୃଷି ବିଭାଗ ଓ କୃଷି କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କିସମର ପନିପରିବା ଏବଂ ଧାନ ସଂଗ୍ରହ ହୋଇଥିବା ଷ୍ଟଲ୍‌କୁ ବିଧାୟକ ଶ୍ରୀ ସାହୁଙ୍କ ସମେତ ଅତିଥିମାନେ ପରିଦର୍ଶନ କରିଥିଲେ।

ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ

# ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ପ୍ରବଳ ହଟ୍ଟଗୋଳ

ନୟାଗଡ଼,୧୨।୧୧(ସମିସ)




ନୟାଗଡ଼ ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଶେଷ ହୋଇଛି। ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ.ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ବୈଠକ ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଗତ ବୈଠକରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା, ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକର ନିଷ୍ପତ୍ତି କାର୍ଯ୍ୟକାରିତା ସମ୍ପର୍କରେ ପ୍ରଥମେ ସଦସ୍ୟମାନେ ଆଲୋଚନା କରିଥିଲେ। ଜିଲ୍ଲାପାଳ ବୈଠକରେ ଅନୁପସ୍ଥିତ ରହିଥିବା ଏବଂ କୌଣସି ପ୍ରତିନିଧିଙ୍କୁ ବୈଠକକୁ ପଠାଇ ନଥିବା ନେଇ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଆଲୋଚନା ନକରିବାକୁ ଅଡ଼ି ବସିବା ସହ ହୋହାଲ୍ଲା କରିଥିଲେ। କିଛି ସମୟ ଧରି ବୈଠକରେ ପ୍ରବଳ କଥା କଟାକଟି ପରିସ୍ଥିତି ସୃଷ୍ଟି ହୋଇଥିଲା। ବହୁ ବିଳମ୍ବରେ ଜିଲ୍ଲାପାଳ କିଛି ସମୟ ପାଇଁ ବୈଠକକୁ ଆସିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଜିଲ୍ଲାପାଳ ପୁଣି ଅନ୍ୟ କାମରେ ଯାଇ ବୈଠକକୁ ଫେରିଥିଲେ। ଏହି ବୈଠକରେ ବନବିଭାଗ ପ୍ରସଙ୍ଗ ଆଲୋଚନା ସମୟରେ ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି 'ମୋ ଖତ' କିଣାକୁ ନେଇ ଡିଏଫ୍‌ଓଙ୍କୁ ପ୍ରଶ୍ନ କରିବା ସହ ଗାଇଡ୍ ଲାଇନ୍ କ'ଣ ଅଛି ବୋଲି ପ୍ରଶ୍ନ କରିଥିଲେ। ଡିଏଫ୍‌ଓ ଉତ୍ତର ନରଖି ପାରିବାରୁ ନିଜେ ସଦସ୍ୟ ଗାଇଡ୍ ଲାଇନ୍ ପାଠ କରିବା ସହ କାହିଁକି ନୟାଗଡ଼ ଜିଲ୍ଲାର ପୌର ପରିଷଦ କିମ୍ବା ଏନ୍‌ଏସିରୁ ଖତ କିଣା ଗଲା ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ବନବିଭାଗ ଆଲୋଚନାକୁ ସ୍ୱତନ୍ତ୍ର ଭାବେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ କୃଷି ବିଭାଗ ସମ୍ପର୍କରେ ଆଲୋଚନା ବେଳେ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏହା ସହିତ ପିଏମ୍ କିଷାନ, ସିଏମ୍ କିଷାନ ସମ୍ପର୍କରେ ଆଲୋଚନା ହୋଇଥିଲା। କାଡ଼ା ନାଳ ନିର୍ମାଣରେ ଅନିୟମିତତା ଆଶଙ୍କା କରି ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର ପ୍ରଶ୍ନ କରିଥିଲେ। କେଉଁ ଭଳି ଭାବେ ପାଣିପୋଇଲା କାଡ଼ା ନାଳ ନିର୍ମାଣ କରାଯାଇଛି ବୋଲି ପ୍ରଶ୍ନ କରିବା ସହ ଏହା ଚାଷ ଜମିକୁ ଜଳସେଚନ କରି ପାରିବ ନାହିଁ ବୋଲି କହିଥିଲେ। ଏହା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ୍ ୧ ଓ ୨ ଅଧିନରେ ରହିଥିବା ବିଭିନ୍ନ ରାସ୍ତା କାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଦ୍ୟାନ କୃଷି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆଜିର ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

## ମାଣ୍ଡିଆ କେଳେଙ୍କାରୀ ତଦନ୍ତ ପାଇଁ କମିଟି ଗଠନ

ନୟାଗଡ଼: ନୟାଗଡ଼ ଜିଲ୍ଲାର ଓଡ଼ଗାଁ, ନୂଆଗାଁ, ଦଶପଲ୍ଲା, ଗଣିଆ ଓ ଭାପୁର ବ୍ଲକରେ ଶ୍ରୀଅନ୍ନ ଅଭିଯାନ ଜରିଆରେ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏହି କାର୍ଯ୍ୟରେ ୫ଟି ଏନ୍‌ଜିଓ ନିୟୋଜିତ ଅଛନ୍ତି। ଏନଜିଓ ଗୁଡ଼ିକ ଜାଲିଆତି କରିବା ଦ୍ୱାରା ମାଣ୍ଡିଆ ଚାଷ ପ୍ରଭାବଶାଳୀ ହେଉ ପାରୁନାହିଁ। ଯାହାକୁ ନେଇ ବୈଠକରେ ଆଜି ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଅନେକ ସଦସ୍ୟ ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଘାଇଲା କରିଥିଲେ। ଏନେଇ ୭ ଦିନ ମଧ୍ୟରେ ଚାଷୀ ତାଲିକା ସହ ଅନ୍ୟାନ କାଗଜପତ୍ର ଅଧ୍ୟକ୍ଷଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ଅଧ୍ୟକ୍ଷଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଯେଉଁ କମିଟିରେ ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି, ସୁବାସ ଚନ୍ଦ୍ର କହଁର, ପ୍ରତିମା ଦଳବେହେରା, ସଂଯୁକ୍ତା ପଡ଼ିଆରୀ ରହିଛନ୍ତି। ଏହି କମିଟି ସିଧାସଳଖ ଚାଷୀଙ୍କ ପାଖକୁ ଯାଇ ତଦନ୍ତ କରିବ ବୋଲି ନିଷ୍ପତ୍ତି ହୋଇଛି।

## ଯୋଗ ଦେଲେନି ୮ ବ୍ଲକ୍ ଅଧ୍ୟକ୍ଷ

ନୟାଗଡ଼: ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଆଜି ଜିଲ୍ଲା ପରିଷଦ ବୈଠକକୁ ଆସିନାହାନ୍ତି। ଜିଲ୍ଲାରେ ଚାଲିଥିବା ପ୍ରଶାସନିକ ଅବ୍ୟବସ୍ଥା ତଥା ବିଡିଓମାନଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳଙ୍କୁ ବାରମ୍ବାର ଅବଗତ କରାଯିବା ପରେ ବି ପରିସ୍ଥିତିରେ କୌଣସି ସୁଧାର ନଆସିବା ସେମାନଙ୍କୁ ବ୍ୟଥିତ କରିଛି। ଯାହାକୁ ନେଇ ସମସ୍ତ ବ୍ଲକ ଅଧ୍ୟକ୍ଷା/ଅଧ୍ୟକ୍ଷ ବୈଠକକୁ ଆସି ନଥିବା ସୂଚନା ମିଳିଛି। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଜିଲ୍ଲାରେ ଗୌଣ କରାଯିବା ଏବଂ ଅଫିସର୍ ରାଜ ଚାଲିବାକୁ ନେଇ ସମସ୍ତେ ଅସନ୍ତୋଷ ଅବସ୍ଥାରେ ରହିଥିବା ସୂଚନା ମିଳିଛି।

## ନେପାଳକୁ ରାସ୍ତା ନିର୍ମାଣ ପାଇଁ ଅଧ୍ୟକ୍ଷଙ୍କ ପ୍ରସ୍ତାବ

ନୟାଗଡ଼: ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ନେପାଳ ଗାଁକୁ ନିକଟରେ ଜିଲ୍ଲାପାଳ ଗସ୍ତ କରିଥିବା ବିଷୟ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଉପସ୍ଥାପନ କରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ କରିବା ଉପରେ ପ୍ରସ୍ତାବ ଦେଇଥିଲେ। ଉକ୍ତ ଗାଁକୁ ରାସ୍ତା ନିର୍ମାଣ ଦ୍ୱାରା ସେମାନଙ୍କ ଜୀବନ ଜୀବିକାରେ ଉନ୍ନତି ଘଟିବ ବୋଲି କହିଥିଲେ। ଏନେଇ ପୂର୍ବରୁ ବାରମ୍ବାର ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରସ୍ତାବ ଦେଇ ଆସିଛନ୍ତି। ସମସ୍ତ ବିଭାଗ ସହଯୋଗରେ କିଭଳି ରାସ୍ତା ନିର୍ମାଣ କରାଯାଇପାରିବ ବୋଲି ଅଧ୍ୟକ୍ଷ ଗୁରୁତ୍ୱ ଦେଇଛନ୍ତି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଖଣ୍ଡପଡ଼ା, ୧୨।୧୧ (ସମିସ): ଖଣ୍ଡପଡ଼ା ଥାନା ରାଣୀପଡ଼ା ଗାଁ ତଳସାହିର ଯୁବକ ଦିଲୁ ମହାପାତ୍ର(୩୫) ଗତ ୮ ତାରିଖ ରାତିରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆଶୁଚିକିତ୍ସା ନିମନ୍ତେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ପ୍ରକାଶଥାଉକି ଦିଲୁ ଗତ ୮ ତାରିଖ ରାତିରେ ଗ୍ରାମକୁ ଫେରୁଥିବା ବେଳେ ଯୋଗୀଆପଲ୍ଲୀ ଗ୍ରାମର ମା'ତାରିଣୀ ମନ୍ଦିର ନିକଟ ବୁଲାଣି ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ଦୁର୍ଘଟଣାରେ ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ରାଣୀପଡା ଗ୍ରାମବାସୀ ଦାବି କରିଛନ୍ତି।

## ଶ୍ରୀରଘୁନାଥଜୀଉ ପୂଜକଙ୍କ ପରଲୋକ

ଓଡ଼ଗାଁ,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ଶ୍ରୀରଘୁନାଥଜୀଉଙ୍କ ବରିଷ୍ଠ ପୂଜକ, ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାପୀଠ ଅବସରପ୍ରାପ୍ତ ହିନ୍ଦି ଶିକ୍ଷକ ତଥା ଦୁର୍ମୁଖ ଖବରଦାତା ଭାବେ କାର୍ଯ୍ୟ କରିଥିବା ବ୍ରଜକିଶୋର ନନ୍ଦଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇଥିଲା ବେଳେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ପରେ ତାଙ୍କର ପରଲୋକ ଘଟିଥିଲା। ବୁଧବାର ସକାଳେ ଆଦର୍ଶ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ବଡ଼ପୁଅ ବିଭୁପ୍ରସାଦ ମୁଖାଗ୍ନି ପ୍ରଦାନ କରିଥିବା ବେଳେ ବହୁ ସଂଖ୍ୟାରେ ପୁରାତନ ଛାତ୍ର, ପୂଜକ ପରିଷଦ ସଦସ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବୀ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ବରିଷ୍ଠ ପୂଜକ ସୁବେଦାର ବିଜୟ କୁମାର ଦାଶ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର ଓ ସାରସ କୁମାର ମିଶ୍ରଙ୍କ ସହିତ ବହୁ ଛାତ୍ର ଓ ବୁଦ୍ଧିଜୀବୀମାନେ ଶୋକବ୍ୟକ୍ତ କରିଛନ୍ତି।

## ସଦାଶିବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି




ଭାପୁର,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ନାଳିସାଗର ଖେଳପଡିଆରେ ୧୬ ତମ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ମାସ ୧୪ ତାରିଖରୁ ଆରମ୍ଭ ହେବ। ଏ ନେଇ ବୁଧବାର ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଖେଳର ଆୟୋଜକ ଫତେଗଡ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ନାଳିସାଗର ଖେଳପଡିଆରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଟୁର୍ଣ୍ଣାମେଣ୍ଟ ଉପଦେଷ୍ଟା ସୁଧାଂଶୁ କରଙ୍କ ସଂଯୋଜନାରେ ସଂଘର ସମ୍ପାଦକ ମନୋଜ କୁମାର ପ୍ରଧାନ, ଓସିଏର ସୁନାମ ଧନ୍ୟ ଅମ୍ପାୟାର ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ, ସୁନାମ ଧନ୍ୟ ଭାଷ୍ୟକାର ବୁବୁ ସିହ୍ନା ଓ ମନୋଜ କୁମାର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ସ୍କୋରର ପବିତ୍ର କୁମାର ସାହୁ ଓ କ୍ଲବର ଶତାଧିକ ସଭ୍ୟ ଯୋଗ ଦେଇଥିଲେ। ସଂଖ୍ୟାଧିକ ଦର୍ଶକ ଓ ଆଡମ୍ବର ପୂର୍ଣ୍ଣ ଆୟୋଜନ ଦୃଷ୍ଟିରୁ ଏହା ବର୍ତ୍ତମାନ ରାଜ୍ୟର ଏକ ନମ୍ବର ଟୁର୍ଣ୍ଣାମେଣ୍ଟ ବୋଲି କୁହାଯାଉଥିଲା ବେଳେ ସବୁବର୍ଷଠାରୁ ଏହାକୁ ଆହୁରି ଉତ୍କୃଷ୍ଟତା ସହ ଅଧିକ ସଫଳ କରିବା ପାଇଁ ସମସ୍ତେ ସୁଚିନ୍ତିତ ମତାମତ ଦେଇଥିଲେ। ରାଜ୍ୟ ବାହାରର ୪ ଟି ନାମି ଦଳ ଉତ୍ତର ପ୍ରଦେଶ ଟାଇଗର, ଆନ୍ଧ୍ରପ୍ରଦେଶ ଭାଇଜାକ ଦଳ, ରକେଟ ଇଣ୍ଟେର ନ୍ୟାସନାଲ ମୁମ୍ବାଇ, ଏ ଆଣ୍ଡ ସି କୋଲକାତା ଦଳ ସହ ଓଡ଼ିଶାର ଏମ୍‌ଏମସିସି ସମ୍ବଲପୁର, ସାଇ ଇଲେଭେନ ଭୁବନେଶ୍ୱର, କେସିସି କଳାହାଣ୍ଡି, ଟିସିସି ଭୁବନେଶ୍ୱର ଦଳ ଭାଗ ନେବେ। ଡିଜିଟାଲ ସ୍କୋର ବୋର୍ଡ, ତୃତୀୟ ଆମ୍ପାୟର, ଚିୟର ଗାର୍ଲ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପୂର୍ବ ବର୍ଷ ଭଳି ଆୟୋଜନ ପାଇଁ ନିଷ୍ପତ୍ତି କରାଯାଇଛି।

## ପୋକ ଖାଇଗଲେ ଧାନ ଫସଲ; ଚାଷୀ ହତାସ

ଶରଣକୁଳ,୧୨।୧୧(ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଗ୍ରାମରେ ଥିବା ବିଭିନ୍ନ ଗହୀରରେ ହୋଇଥିବା ଧାନ ଗଛରେ ଚକଡା ପୋକ ଲାଗିବାରୁ ଧାନ ଫସଲ ସଂପୂର୍ଣ୍ଣ ଭାବରେ ନଷ୍ଟ କରି ଦେଇଛନ୍ତି। ତୋରାଣିଆ, ଘୋଡାମାଇ ଓ ଦହିଖିଆ ଗହୀରର ପ୍ରାୟ ଏକର ଏକର ଜମିରେ ପୋକ ଲାଗିବାରୁ ଫସଲ ଜଳି ଯାଇଛି। ଫସଲ ଅମଳ କରିବା ପୂର୍ବରୁ ଏପରି ଦୟନୀୟ ଅବସ୍ଥା ଯୋଗୁଁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏ ନେଇ ନନ୍ଦିଘୋର ଗ୍ରାମର ନିବାସୀ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ରାଜକିଶୋର ଡାକୁଆଙ୍କ ସମେତ ୧୧ ଜଣ ଚାଷୀ ବ୍ଲକ କୃଷି ଅଧିକାରୀଙ୍କୁ ପତ୍ର ଲେଖି ନିଜ ନିଜର ଦୁଃଖକୁ ଜଣାଇଛନ୍ତି। ଫସଲ କ୍ଷତି ଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ତହସିଲ କାର୍ଯ୍ୟାଳୟରୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାପାଇଁ ଅନୁରୋଧ କରିଛନ୍ତି।

● ବିକାଶ ଅପେକ୍ଷାରେ ମା' କଳାପାଟ ପୀଠ

## ରାସ୍ତା, ଆଲୋକୀକରଣ ଓ ପାନୀୟ ଜଳ ମୁଖ୍ୟ ସମସ୍ୟା

ଗଣିଆ,୧୨।୧୧(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କୁହାଯାଉଥିବା ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ହେଉଛି ମା' କଳାପାଟ ଠାକୁରାଣୀଙ୍କ ପୀଠ। ଏହାର ଦକ୍ଷିଣ ଦିଗରେ ପ୍ରସିଦ୍ଧ ମଣିଭଦ୍ରା ପାହାଡ଼ ରହିଥିବା ବେଳେ ପୂର୍ବ ଦିଗରେ ଗଣପତିଶ୍ୱର ପୀଠ, ପଶ୍ଚିମରେ ଗୁପ୍ତେଶ୍ୱର ମହାଦେବଙ୍କ ବିଜେସ୍ଥଳୀ ଏବଂ ପାଦଦେଶରେ ମା'ଙ୍କ ପୀଠ ରହିଛି। ଉତ୍ତର ଦିଗରେ ବଡ଼ମୂଳ ସାତକୋଶିଆ ଗଣ୍ଡ ଓ ପୁରୁଣା ଜଗନ୍ନାଥ ସଡ଼କକୁ ଲାଗି ମହାନଦୀର ନୀଳ ଜଳରାଶି କୁଳୁକୁଳୁ ନାଦକରି ପ୍ରବାହିତ ହେଉଛି। ମହାଭାରତରେ ମଣିଭଦ୍ରାର କିମ୍ବଦନ୍ତୀ ଓ ମଣିନାଗ ସାପ ପାଇଁ ଏହି ପର୍ବତ ଓଡ଼ିଶା ପର୍ଯ୍ୟଟନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ସେହିପରି ମଣିଭଦ୍ରା ପର୍ବତ ଶିଖରରେ ନୀଳ




କଇଁ ଫୁଟିବା ସହିତ ମହାଭାରତରେ ବାକି ଥିବା ଏକ ଓଳି ଯୁଦ୍ଧ ଏହିଠାରେ ସମାପ୍ତ ହେବ ବୋଲି ମାଳିକାରେ ଉଲ୍ଲେଖଅଛି। ପୁରାତନ କଥାନୁଯାୟୀ ପାଣ୍ଡବ ବୀର ଅର୍ଜୁନ ଏହି ସ୍ଥାନରେ ଅଜ୍ଞାତବାସ କରୁଥିଲେ। ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ଏହି ପୀଠର ସ୍ୱତନ୍ତ୍ରତା ରହିଥିଲେ ସୁଦ୍ଧା ସରକାରୀ ଅବହେଳାରୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ଚର୍ଚ୍ଚା ହେଉଛି। ପୀଠର ଉନ୍ନତିକରଣ ନିମନ୍ତେ କୌଣସି ଉଦ୍ୟମ କରାଯାଉନଥିବା ଅଭିଯୋଗ ହେଉଛି। ପ୍ରାଥମିକତା ଦୃଷ୍ଟିରୁ ଏଠାରେ ଏକ ବହୁମୁଖୀ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ସହିତ ଆଲୋକୀକରଣ , ପକ୍କା ରାସ୍ତା ଏବଂ ପାନୀୟ ଜଳ ବ୍ୟବସ୍ଥା କରିବା ଜରୁରୀ ହୋଇପଡିଛି। ଏହି ପୀଠକୁ ଯିବାକୁ ସଂଯୋଗ କରୁଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇପଡିଛି। ଏହି ରାସ୍ତାରେ ଗାଡି ମଟର ଦୂରର କଥା ଚାଲିକରି ଯିବା ବି ଅସମ୍ଭବ। ବର୍ଷତମାମ ଏଠାରେ ଭୋଜିଭାତ, ସଭାସମିତି ଅନୁଷ୍ଠିତ ହୋଇଥାଏ। ବିଶେଷକରି ପୌଷମାସ ଓଢଣୀ ଷଷ୍ଠୀ ଅବସରରେ ଏଠାରେ ୪ ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୁଏ। ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ, ଇକୋ ଭିଲେଜ ମୁଦୁଲିଗାଡିଆ, ମହାନଦୀରେ ନୌକାବିହାର କରିବାକୁ ଆସୁଥିବା ପର୍ଯ୍ୟଟକ ଏହି ବାଟ ଦେଇ ମା'ଙ୍କୁ ପୂଜା କରିଥାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ମଣିଭଦ୍ରା ପର୍ବତ ଓଡ଼ିଶା ପର୍ଯ୍ୟଟନରେ ସ୍ୱତନ୍ତ୍ର ମାନ୍ୟତା ପାଇଥିଲେ ମଧ୍ୟ ଏହାର ଉନ୍ନତିକରଣ ନିମନ୍ତେ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରକୃତିର ସବୁଜିମା ଭରା ପୁରାତନ ଏହି ଶକ୍ତିପୀଠକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ ବାକି ରହିଛି। ପର୍ଯ୍ୟଟନ ଋତୁ ପାଦ ଥାପି ଥିବାବେଳେ ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଗୋଷ୍ଠୀ କନ୍ଦଳ ଓ ଆକ୍ରମଣ ଘଟଣା

## ସଦରଥାନା ଘେରିଲା ବିଜେପି

■ ନୟାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ■ ପ୍ରାୟୋଜିତ ହିଂସା କାଣ୍ଡ ଘଟାଯାଉଛି

ନୟାଗଡ଼,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ଗାଁରେ କିଛି ଦିନ ହେବ କୁହୁଳୁଥିବା ରାଜନୈତିକ ଉଷ୍ମତା ଉଗ୍ରରୂପ ଧାରଣ କରିଛି। ବିଜେପି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିଗତ ଦିନରେ ବାଦବିବାଦ



ସୃଷ୍ଟି ହୋଇଥିଲା। ମୂଳ ବିଜେପି ଗୋଷ୍ଠୀ ଏବଂ ଦଳଡିଆଁ ବିଜେପି ଗୋଷ୍ଠୀ ମଧ୍ୟରେ କୁହୁଳୁଥିବା ଉଷ୍ମତା ଗତକାଲି ଭିନ୍ନ ପରିସ୍ଥିତି ସୃଷ୍ଟି କରିଥିଲା। ଉକ୍ତ ଗାଁର ବିଜେପି କର୍ମୀ ଅଶୋକ କୁମାର ଭଞ୍ଜ ଗାଁରୁ ନୟାଗଡ଼ ଅଭିମୁଖେ ଯିବା ସମୟରେ ଉକ୍ତ ଗାଁର ଅନ୍ୟ ଗୋଷ୍ଠୀ ସମର୍ଥିତ ଦିଗାମ୍ବର ସ୍ୱାଇଁ, ଗୋପାଳ ମହାପାତ୍ର, ଚନ୍ଦନ ମହାପାତ୍ର, ସୁଶାନ୍ତ କୁମାର ଭଞ୍ଜ ତାଙ୍କୁ ରାସ୍ତାରେ ଅଟକାଇ ନିର୍ଦ୍ଦୁମ ମାଡ଼ ମାରିଛନ୍ତି। ଅଶୋକଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ତାଙ୍କୁ ତୁରନ୍ତ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଛି। ଏନେଇ ଅଶୋକଙ୍କ ଭାଇ ସଦରଥାନାରେ ଅଭିଯୋଗ କରିବା ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନାହିଁ। ଗାଁରେ ଚାଲିଥିବା କିଛି ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଅଶୋକ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ମାଗିଥିଲେ। ମୁଖ୍ୟତଃ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ଗାଁରେ ଚାଲିଥିବା କାମ ସମ୍ପର୍କରେ ଅଶୋକ ତଥ୍ୟ ମାଗିଥିଲେ। ଯାହାକୁ ନେଇ ପୂର୍ବ ଯୋଜନା ଅନୁସାରେ, ତାଙ୍କୁ ଆକ୍ରମଣ କରାଯାଇଥିଲା। ଅଶୋକ ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ସମର୍ଥକ ହୋଇଥିବାରୁ ଏହି କାଣ୍ଡ ଘଟା ଯାଇଥିଲା। ଯାହାକୁ ନେଇ ଆଜି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ସଦରଥାନା ଘେରଉ କରାଯାଇଛି। ସଦରଥାନା ଆଗରେ ଅନେକ ବିଜେପି ନେତା ପାଲ ପକାଇ ଧାରଣା ଦେଇଛନ୍ତି। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନୟାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ବୋଲି ବିଜେପି ନେତା ସନ୍ତୋଷ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତ। କିଛି ବ୍ୟକ୍ତି ନିଜ ଆଧିପତ୍ୟ ବିସ୍ତାର କରିବା ପାଇଁ ହିଂସାକାଣ୍ଡ ଘଟାଉଥିବା ଅଭିଯୋଗ ହେଉଛି।

ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା

## ଭାଗ ନେବେ ଜିଲ୍ଲାର ୧୬ ଜଣିଆ ଦଳ

ଭାପୁର,୧୨।୧୧(ସମିସ): ରାଜ୍ୟ ହାଣ୍ଡବଲ ଆସୋସିଏସନ ଆନୁକୂଲ୍ୟରେ ପୁରୀଠାରେ ୩୮ତମ ରାଜ୍ୟସ୍ତରୀୟ ବରିଷ୍ଠ ବିଭାଗରେ ହାଣ୍ଡବଲ ପ୍ରତିଯୋଗିତା ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ନୟାଗଡ଼ ଜିଲ୍ଲାରୁ ୧୬ ଜଣିଆ ବାଳକ ଦଳ ଭାଗ ନେବ। ଜିଲ୍ଲା ହାଣ୍ଡବଲ ଆସୋସିଏସନ ସମ୍ପାଦକ ତଥା ଭାପୁର ବ୍ଲକ ଓଳାସ ସରକାରୀ ହାଇସ୍କୁଲର ଖେଳ ଶିକ୍ଷକ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦଳ ଭାଗନେବ। ତିନି ତିନି ଥର ଜାତୀୟ ସ୍ତରରେ ଖେଳିଥିବା କାହ୍ନାଚରଣ ମହାରଣାଙ୍କ ନେତୃତ୍ୱରେ ଯାଉଥିବା ଦଳର କୋଚ ଭାବେ ଆସୋସିଏସନ କୋଷାଧ୍ୟକ୍ଷ ତଥା ତନ୍ତୁବାୟ ସହଯୋଗ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଓ ମ୍ୟାନେଜର ଭାବେ ବରିଷ୍ଠ ଖେଳାଳି ସମୀର କୁମାର ସେଠୀ କାର୍ଯ୍ୟ ସମ୍ପାଦନ କରିବେ। ଦଳ ଗୁରୁବାର ଦିନ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିବ।

ବିଦ୍ୟାଳୟ ନାମକରଣକୁ ନେଇ ହାଇକୋର୍ଟରେ ମାମଲା

## ଦୁଇସପ୍ତାହ ମଧ୍ୟରେ ନାମ ପରିବର୍ତ୍ତନ ନିର୍ଦ୍ଦେଶ

ଖଣ୍ଡପଡ଼ା, ୧୨।୧୧(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ରାଜସ୍ୱ ଗ୍ରାମ କନାସିଙ୍ଗରେ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ଏହି ବିଦ୍ୟାଳୟକୁ ରାଜକିଆରୀ ପ୍ରାଥମିକ ବିଦ୍ୟାଳୟ ନାମରେ ଲେଖାଯାଇଛି। ଏହାର ନାମକୁ ବଦଳାଇ କନାସିଙ୍ଗ ବିଦ୍ୟାଳୟ ଲେଖିବା ଦାବି ନେଇ କନାସିଙ୍ଗ ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ପୂର୍ବରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଉକ୍ତ ଜନସ୍ୱାର୍ଥ ମାମଲାକୁ ଭିତ୍ତି କରି ହାଇକୋର୍ଟ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଗ୍ରାମବାସୀଙ୍କ ଅଭିଯୋଗକୁ ଅଣଦେଖା ଓ କାର୍ଯ୍ୟରେ ଅବହେଳା କରିଥିବା ନୟାଗଡ଼ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅର୍ଥଦଣ୍ଡ ସହ ଦୁଇ ସପ୍ତାହ ମଧ୍ୟରେ ରାଜକିଆରୀ ନାମ ପରିବର୍ତ୍ତନ କରି କନାସିଙ୍ଗ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିବା ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି। ଏଥିସହ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଦ୍ୟାଳୟ ନାମ ପରିବର୍ତ୍ତନ କରାନଗଲେ ପିଟିସନରଙ୍କୁ ଦିନକୁ ୧ ହଜାର ଟଙ୍କା ଜୋରିମାନା ପ୍ରଦାନ କରିବା ପାଇଁ ଚିଠି ମାଧ୍ୟମରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅଛି। ପ୍ରକାଶ ଥାଉକି ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ଉପସଭାପତି ନିରଞ୍ଜନ ଦାସ, ରାଜ୍ୟ ଯୁବ ସଭାପତି ସୁନିତା ପଟ୍ଟନାୟକ ପ୍ରମୁଖ ଗତ ଅଗଷ୍ଟ ମାସ ୧୧ ତାରିଖରେ ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ସ୍ଥାନୀୟ ଅଂଚଳରେ ରାଜନୈତିକ ଚାପାରେ ପ୍ରଭାବିତ ହୋଇ ସମସ୍ତ ଅଧିକାରୀ ମାନେ ଚୁପ ରହିଥିବା ଉପସଭାପତି ନିରଞ୍ଜନ ଦାସ ଜଣାଇଛନ୍ତି।

ଚୋରି କରିବାକୁ ଆସି ଧରା ପଡ଼ିଗଲେ

# ନିର୍ଦ୍ଧୂମ୍ ଛେଚା ଖାଇଲା ଚୋର, ଜଣେ ଅଟକ

ନୟାଗଡ଼,୧୨।୧୧(ସମିସ)



ନୟାଗଡ଼ ଟାଉନଥାନା ଅନ୍ତର୍ଗତ ଶୁଳିଆ ଗାଁକୁ ଚୋରି କରିବାକୁ ଆସିଥିବା ଏକ ଡକାୟତ ଦଳ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଗ୍ରାମବାସୀଙ୍କୁ ହାବୁଡ଼ରେ ପଡ଼ି ଯିବାରୁ ଡକାୟତମାନେ ବୋମାମାଡ଼ କରିଛନ୍ତି। ଡକାୟତଙ୍କ ବୋମାମାଡରେ ୩ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଜଣେ ଡକାୟତକୁ ଗ୍ରାମବାସୀ ଧରି ଉତ୍ତମ ମଧ୍ୟମ ଦେଇଥିବା ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଶୁଳିଆ ଗାଁରେ ରାସ୍ତା କାମ ଚାଲୁଥିବାରୁ ଦୁଇଜଣ ଯୁବକ ସିମେଣ୍ଟ ଜଗିବାକୁ ରାସ୍ତା ପାଖରେ ରହିଥିଲେ। ୬ ଜଣ ଲୋକ ରାତି ପ୍ରାୟ ସାଢ଼େ ବାରଟା ସମୟରେ ଶୁଳିଆ ଗାଁ ନିକଟରେ ବିଭିନ୍ନ ମାରଣାସ୍ତ୍ର ଧରି ବୁଲୁଥିବା ଦେଖି ଯୁବକ ଦୁଇଜଣ ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ପଳାଇ ଆସିବା ଦେଖି ଦୁର୍ବୃତ୍ତମାନେ ଗ୍ରାମବାସୀଙ୍କ ଉପରକୁ ୩ଟି ବୋମା ଫୋପାଡି ଦେଇଥିଲେ। ବୋମାମାଡ଼ରେ ଗାଁର ଉପେନ୍ଦ୍ର ଖଟେଇ, ସୁମନ୍ତ ବାରିକ ଏବଂ ଶତ୍ରୁଘ୍ନ ବାରିକ ଗୁରୁତର ଆହତ ହୋଇ ନୟାଗଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୪ ଜଣ ଦୁର୍ବୃତ୍ତ ବୋମାମାଡ଼ କରି ଫେରାର୍ ହୋଇଯାଇଥିବା ବେଳେ କଇଥଗାଡ଼ିଆ ଗ୍ରାମର ଅକ୍ରୁର ପ୍ରଧାନକୁ ଧରି ଗ୍ରାମବାସୀ ଉତ୍ତମ ମଧ୍ୟମ ଦେଇଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳକୁ ଯାଇ ଅକ୍ରୁରକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଅକ୍ରୁରକୁ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ସେଠାରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା। ଆହତଙ୍କ ସମ୍ପର୍କୀୟମାନେ ଅକ୍ରୁରକୁ ମେଡିକାଲରେ ମଧ୍ୟ ପ୍ରବଳ ମାଡ଼ ମାରିଥିଲେ। ଦୁର୍ବୃତ୍ତମାନେ ଡକାୟତି କରିବା ପାଇଁ ଯାଇଥିବା ଶୂଳିଆ ଗ୍ରାମବାସୀ କହୁଥିବା ବେଳେ ସେମାନେ କାଠ ଚୋରି କରିବାକୁ ଯାଇଥିଲେ ବୋଲି ଧରାପଡିଥିବା ଅକ୍ରୁର କହିଛି। ଖସିଯାଇଥିବା ସମସ୍ତ ଲୋକ କଇଥଗାଡ଼ିଆ ଗ୍ରାମର ବୋଲି ଅକ୍ରୁର କହିଛି। ଗ୍ରାମବାସୀ ଜବତ କରିଥିବା ଡକାୟତଙ୍କ ଦୁଇଟି ବାଇକ୍‌କୁ ପୁଲିସ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି। ପୁଲିସ ଏହି ଘଟଣାରେ ସାଇଣ୍ଟିଫିକ୍ ଟିମ୍ ଜରିଆରେ ତଦନ୍ତ ଆରମ୍ଭ କରିଛି। ପୁଲିସ ଟିମ୍ ଚୋରଙ୍କୁ ଧରିବାକୁ ଚଢ଼ଉ ଜାରି ରଖିଥିବା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କଠାରୁ ସୂଚନା ମିଳିଛି।

ଡକାୟତଙ୍କ ବୋମାମାଡ଼ରେ ୩ ଗୁରୁତର

## ନୂତନ ତହସିଲଦାରଙ୍କୁ ସ୍ୱାଗତ

ଭାପୁର,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ତହସିଲରେ ନୂତନ ତହସିଲଦାର ଭାବେ ଲୋପାମୁଦ୍ରା ରଥ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କୁ ବୁଧବାର ଅପରାହ୍ନରେ ଭାପୁର ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ ପ୍ରଭାକର ସାହୁଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ମହାପାତ୍ର, ଗଙ୍ଗାଧର ବାରିକ, ଗଦାଧର ବେହେରା, ଜୟକୃଷ୍ଣ ବାରିକ ଓ ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଭାତ କୁମାର ବରାଡ ଓ ଜନ୍ମେଜୟ ଦଳେଇ ଭାପୁର ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଭେଟି ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ନୂତନ ତହସିଲଦାର ଲୋପାମୁଦ୍ରା ରଥ ଗଞ୍ଜାମ ଜିଲ୍ଲା ଛତ୍ରପୁର ସବକଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ ଓ ଭାପୁରରେ ଥିବା ପୂର୍ବତନ ତହସିଲଦାର ଅର୍ଜୁନ ପ୍ରଧାନ ମାଲକାନଗିରି ଜିଲ୍ଲା ମୋଟୁକୁ ତହସିଲଦାର ଭାବେ ବଦଳି ହୋଇଛି।